# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଡିସେମ୍ବର ୨୧/୨୦୧୯ (୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Bhubaneswar, Saturday, December 21/2019 | ★★★★★★

୪୭ଶ ଭାଗ ୨୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-




**ଝିଲ୍ଲୀଙ୍କୁ ଏକଲବ୍ୟ**

ଓଡ଼ିଶାର ପ୍ରତିଭା ସମ୍ପନ୍ନ ଭାରୋତ୍ତୋଳିକା ଝିଲ୍ଲୀ ଦଳବେହେରାଙ୍କୁ ଶୁକ୍ରବାର ସମ୍ମାନଜନକ ଏକଲବ୍ୟ ପୁରସ୍କାର ପ୍ରଦାନ କରାଯାଇଛି।

୧୯

୦୯

**ଫ୍ରାଇଡେ ରିଲିଜ୍‌ରେ 'ଦବଙ୍ଗ-୩'**

ରିଲିଜ୍ ହୋଇଛି ସଲ୍‌ମାନ ଖାନ୍‌ଙ୍କ ଫିଲ୍ମ 'ଦବଙ୍ଗ-୩'। ରିଲିଜ୍‌ର ପ୍ରଥମ ଦିନରେ ହିଁ ଏହାକୁ ଭରପୂର ରେସ୍‌ପନ୍ସ ମିଳିଛି। ଫିଲ୍ମରେ ସୋନାକ୍ଷୀ ଏବଂ ସାଇଙ୍କ ସହ ରୋମାନ୍ସ କରୁଛନ୍ତି ସଲ୍‌ମାନ।



**ଶେଷ ହେଲା ଝାଡ଼ଖଣ୍ଡ ନିର୍ବାଚନ**

## ଜେଏମ୍‌ଏମ୍-କଂଗ୍ରେସ ମେଣ୍ଟ ସପକ୍ଷରେ ଏକ୍‌ଜିଟ୍ ପୋଲ

**ନୂଆଦିଲ୍ଲୀ/ରାଞ୍ଚି,୨୦।୧୨:** ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନ ଶୁକ୍ରବାର ଶେଷ ହେବା ପରେ ବିଭିନ୍ନ ସର୍ବେକ୍ଷଣ ସଂସ୍ଥା ପକ୍ଷରୁ ଫଳାଫଳ ନେଇ ସମ୍ଭାବ୍ୟ ଗଣିତ ପ୍ରକାଶ ପାଇଛି। ଜେଏମ୍‌ଏମ୍ ନେତୃତ୍ୱାଧୀନ ବିରୋଧୀ ମେଣ୍ଟ ୩୮ ଆସନରେ ସଫଳତା ପାଇ ଅନ୍ୟ ବିଧାୟକଙ୍କ ସହଯୋଗରେ ସରକାର ଗଠନ ଦିଗରେ ଅଗ୍ରସର ହେବ ଏବଂ ଶାସକ ଭାଜପାକୁ ୨୨ରୁ ୩୨ ଆସନରେ ସନ୍ତୁଷ୍ଟ ହେବାକୁ ପଡ଼ିବ ବୋଲି ଏକ୍‌ଜିଟ୍ ପୋଲ୍‌ରୁ ଜଣାପଡ଼ିଛି। ଏହି ଭବିଷ୍ୟବାଣୀ ସତ ପ୍ରମାଣିତ ହେଲେ ଜେଏମ୍‌ଏମ୍ କାର୍ଯ୍ୟକାରୀ ଅଧ୍ୟକ୍ଷ ହେମନ୍ତ ସୋରେନ ମୁଖ୍ୟମନ୍ତ୍ରୀ ହୋଇପାରନ୍ତି। (ରିପୋର୍ଟ:ପୃଷ୍ଠା-୨)


## ପରିବହନ ଆୟୁକ୍ତଙ୍କ କାର୍ଯ୍ୟାଳୟ, ଓଡିଶା, କଟକ

### ବସ୍ ମାଳିକଙ୍କ ପାଇଁ ବିଶେଷ ସୂଚନା

**ଭୁବନେଶ୍ୱର/କଟକ-ଆଖୁଆପଦା-ଭଦ୍ରକ- ସୋର - ବାଲେଶ୍ୱର-ବେତନଟି-ବାରିପଦା ମାର୍ଗରେ ସଂଶୋଧିତ ସୁବ୍ୟବସ୍ଥାକରଣ ସମୟ ସାରଣୀ (Rectified Rationalized Timing)**

ଏତଦ୍‌ଦ୍ୱାରା ଭୁବନେଶ୍ୱର/କଟକ-ଆଖୁଆପଦା-ଭଦ୍ରକ- ସୋର - ବାଲେଶ୍ୱର-ବେତନଟି-ବାରିପଦା ମାର୍ଗରେ ଚଳାଚଳ କରୁଥିବା ସମସ୍ତ ଯାତ୍ରୀବାହୀ ଯାନର ମାଲିକମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ଉକ୍ତ ମାର୍ଗରେ ଚଳାଚଳ କରୁଥିବା ସମସ୍ତ ଯାତ୍ରୀବାହୀ ଯାନମାନଙ୍କର ପ୍ରଥମ ପ୍ରସ୍ତାବିତ ସୁବ୍ୟବସ୍ଥାକରଣ ସମୟସାରଣୀ (1st Draft Rationalized Timing) ପ୍ରସ୍ତୁତ କରାଯାଇ ଦୈନିକ ଖବର କାଗଜ "ସମାଜ" ଓ "ସମ୍ବାଦ" ତା ୧୨.୦୭.୨୦୧୫ ରିଖରେ ପ୍ରକାଶିତ କରାଯାଇ ଅଭିଯୋଗ ପତ୍ର ଆହ୍ୱାନ କରାଯାଇଥିଲା । ଅଭିଯୋଗ ପତ୍ରଗୁଡିକୁ ତର୍ଜମା କରାଯାଇ ଦ୍ୱିତୀୟ ପ୍ରସ୍ତାବିତ ସୁବ୍ୟବସ୍ଥାକରଣ ସମୟ ସାରଣୀ (2nd Draft Rationalized Timing) ପୁନଶ୍ଚ ଦୈନିକ ଖବର କାଗଜ "ସମାଜ", "ସମ୍ବାଦ" ଓ "ଧରିତ୍ରୀ" ତା ୨୦.୦୧.୨୦୧୮ ରିଖରେ ପ୍ରକାଶିତ କରାଯାଇଥିଲା । ଅଭିଯୋଗ ତଥା ଆବେଦନ ଗୁଡିକୁ ବିଚାରକୁ ନିଆଯାଇ ମାନଦଣ୍ଡରେ ପରିବର୍ତ୍ତନ କରାଯାଇ ଚୁଡାନ୍ତ/ପୂର୍ଣ୍ଣାଙ୍ଗ ସୁବ୍ୟବସ୍ଥାକରଣ ସମୟ ସାରଣୀ (Final Rationalized Timing) ପ୍ରସ୍ତୁତ କରାଯାଇ ପୁନଃ ଦୈନିକ ଖବରକାଗଜ ସମାଜ, ସମ୍ବାଦ ଓ ଧରିତ୍ରୀରେ ତା ୧୯.୦୭.୨୦୧୮ ରିଖରେ ପ୍ରକାଶିତ କରାଯାଇଥିଲା କିନ୍ତୁ କାର୍ଯ୍ୟକାରୀ କରାଯାଇନଥିଲା । ଇତି ମଧ୍ୟରେ ମାନ ଦଣ୍ଡରେ ପରିବର୍ତ୍ତନ କରାଯାଇ ସଂଶୋଧିତ ସୁବ୍ୟବସ୍ଥାକରଣ ସମୟସାରଣୀ (Rectified Rationalized Timing) କୁ ଶେଷଥର ପାଇଁ ଅଭିଯୋଗ ଦାଖଲ ନିମନ୍ତେ ପ୍ରକାଶ କରାଗଲା । ଯାହାକି STA Website www.orissatransport.nic.in/ www.odishatransport.gov.in ଉପଲବ୍ଧ ଅଟେ ।

ବି.ଦ୍ର : ସଂଶୋଧିତ ସୁବ୍ୟବସ୍ଥାକରଣ ସମୟସାରଣୀ (Rationalized Timing) ରେ ଯଦି କୌଣସି ତ୍ରୁଟି ପରିଲିଖିତ ହୁଏ ତେବେ ତ୍ରୁଟି ଥିବା ଯାତ୍ରୀବାହି ଯାନର ମାଲିକମାନେ ୩୧.୧୨.୨୦୧୯ ସୁଦ୍ଧା ଉକ୍ତ କାର୍ଯ୍ୟାଳୟରେ ଅଭିଯୋଗ କରିପାରିବେ । ଅଭିଯୋଗ ପତ୍ର ଗୁଡିକୁ Case to Case ଭିତିରେ ତର୍ଜମା କରି ବିଚାରକୁ ନିଆଯିବ । ଉକ୍ତ ସମୟ ପରେ ଆବେଦନ ପତ୍ର ଗ୍ରହଣ କରାଯିବ ନାହିଁ ।

ସଚିବ
ରାଜ୍ୟ ପରିବହନ ପ୍ରାଧିକାରୀ
ଓଡିଶା, କଟକ


**■ ବ୍ୟାପୁଛି ସିଏଏ ବିରୋଧୀ ଆନ୍ଦୋଳନ ନିଆଁ**

# ୟୁପିରେ ହିଂସା: ୬ ମୃତ

ଲକ୍ଷ୍ନୌ/କାନପୁର,୨୦।୧୨

ଉତ୍ତରପ୍ରଦେଶରେ ଶୁକ୍ରବାର ସଂଶୋଧିତ ନାଗରିକତ୍ୱ ଆଇନ (ସିଏଏ) ବିରୋଧରେ ଆନ୍ଦୋଳନ ବିଭିନ୍ନ ସ୍ଥାନରେ ହିଂସାର ରୂପ ନେଇଛି। ଏଥିରେ ୬ ଜଣଙ୍କ ମୃତ୍ୟୁ ଘଟିଥିବା ପୋଲିସ ସ୍ପଷ୍ଟ କରିଛି। ଏହାକୁ ମିଶାଇ ଉତ୍ତରପ୍ରଦେଶରେ ବିକ୍ଷୋଭଜନିତ ମୃତ୍ୟୁସଂଖ୍ୟା ୭ରେ ପହଞ୍ଚିଛି। ତେବେ ପୋଲିସ ଗୋଟିଏ ହେଲେ ଗୁଳି ଚଳାଇ ନ ଥିବା ୟୁପି ପୋଲିସ ମହାନିର୍ଦ୍ଦେଶକ ଓ.ପି. ସିଂ କହିଛନ୍ତି। ଯଦି ଫାୟାରିଂ ହୋଇଥାଏ ତେବେ ବିକ୍ଷୋଭକାରୀ କରିଥିବେ ବୋଲି ଅନ୍ୟ ଜଣେ ପୋଲିସ ଅଧିକାରୀ କହିଛନ୍ତି।

ପୋଲିସ ସୂଚନା ଅନୁଯାୟୀ ବିଜ୍‌ନୋରରେ ୨ ଜଣ, ସମ୍ଭାଲ, ଫିରୋଜାବାଦ, ମିରଟ ଓ କାନପୁରରେ ଜଣେ ଲେଖାଏ ବିକ୍ଷୋଭକାରୀ ପ୍ରାଣ ହରାଇଛନ୍ତି। ଶୁକ୍ରବାର ନମାଜ ପାଠ ପରେ ଉତ୍ତରପ୍ରଦେଶର ୧୩ଟି ଜିଲାରେ ସିଏଏ ବିରୋଧରେ ଜୋର୍‌ଦାର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ୧୪୪ ଧାରାକୁ ଉଲ୍ଲଂଘନ କରି ବିକ୍ଷୋଭକାରୀ ରାଜରାସ୍ତାକୁ ଓହ୍ଲାଇବା ସହ ବିଭିନ୍ନ ସ୍ଥାନରେ ହିଂସାକାଣ୍ଡ ଘଟାଇଥିଲେ। କାନପୁରରେ ଗୁଳିମାଡ଼ରେ ୧୨ ଜଣ ଆହତ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ଜଣକର ମୃତ୍ୟୁ ଘଟିଛି। ବିଭିନ୍ନ ସ୍ଥାନରେ ପୋଲିସ ଓ ବିକ୍ଷୋଭକାରୀଙ୍କ ମଧ୍ୟରେ ସଂଘର୍ଷ ଘଟିଥିଲା। ଗୁଳିମାଡ଼ରେ ଆହତ ଆସିଫ (୨୦)ଙ୍କର ମୃତ୍ୟୁ ଘଟିଥିବା ବେଳେ ଗୁରୁତର ଆହତ ସଲିମ ମିରଟର ଆନନ୍ଦ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ୯ ଜଣଙ୍କୁ କାନପୁରର ଲାଲା ଲଜପତ୍ ରାୟ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେମାନଙ୍କ ମଧ୍ୟରୁ ୩ ଜଣଙ୍କ ପେଟରେ, ଜଣକ ଛାତିରେ ଓ ଅନ୍ୟମାନଙ୍କ ଗୋଡ଼ରେ ଗୁଳି ବାଜିଥିବା ଡାକ୍ତର ସଞ୍ଜୟ କାଲା କହିଛନ୍ତି। ତେବେ ପୋଲିସ ଗୁଳି ଚଳାଇ ନ ଥିବା କାନପୁର ଜୋନ୍ ଏଡିଜି ପ୍ରେମ୍ ପ୍ରକାଶ କହିଛନ୍ତି। ୟୁପିର ଗୋରଖପୁର, ଦେଓବନ୍ଦ, ମୁଜାଫରନଗର, ହାପୁର, ଶାମ୍‌ଲି, ପ୍ରୟାଗରାଜ୍, ବୁଲନ୍ଦସହର, ମିରଟ, ଫିରୋଜାବାଦ, ବାରାଣସୀ, ଫାରୁକାବାଦ, ବିଜ୍‌ନୋର, ଭାଦୋଇ ଏବଂ ହମିରପୁରରେ ହିଂସାକାଣ୍ଡ ଘଟିଛି। ବିଭିନ୍ନ ଜିଲାରେ ଉତ୍ତେଜନା ଲାଗି ରହିଥିବାରୁ ପରିସ୍ଥିତିକୁ ନିୟନ୍ତ୍ରଣ କରିବା ଲାଗି ପର୍ଯ୍ୟାପ୍ତ ପୋଲିସ ମୁତୟନ କରାଯାଇଛି। କାନପୁରର ବାବୁପୁରୱାରେ ଶୁକ୍ରବାର ନମାଜପାଠ ପରେ ହଜାର ହଜାର ଲୋକ ୧୪୪ ଧାରାକୁ ଉଲ୍ଲଂଘନ କରି ଆନ୍ଦୋଳନରେ ସାମିଲ ହୋଇଥିଲେ। ହଲିମ ମୁସ୍‌ଲିମ କଲେଜରୁ ଫୁଲବାଗ ପର୍ଯ୍ୟନ୍ତ ସେମାନେ ☞ପୃଷ୍ଠା-୪



ଉତ୍ତରପ୍ରଦେଶ ଗୋରଖପୁରରେ ପୋଲିସ ବିକ୍ଷୋଭକାରୀ ପରସ୍ପରକୁ ଟେକାମାଡ଼ କରୁଛନ୍ତି।

- ■ ମହାରାଷ୍ଟ୍ରରେ ୧୩ ସରକାରୀ ଗାଡ଼ି ଭାଙ୍ଗିଲେ
- ■ ବିଭିନ୍ନ ସ୍ଥାନରେ ପୋଲିସ-ବିକ୍ଷୋଭକାରୀ ସଂଘର୍ଷ
- ■ ଅଟକ ପୂର୍ବରୁ ଖସିଗଲେ ଭୀମ ଆର୍ମି ମୁଖ୍ୟ

**■ ଗୁରୁତର ଭାବେ ହ୍ରାସପାଉଛି ଭୂତଳ ଜଳସ୍ତର**

## ସଙ୍କଟ ଟାଳିବ ବର୍ଷାଜଳ ସଂରକ୍ଷଣ

- ■ ୪୯ ବ୍ଲକ, ୨୭ ସହରାଞ୍ଚଳରେ କାର୍ଯ୍ୟକାରୀ ହେବ ଯୋଜନା
- ■ ଖର୍ଚ୍ଚ ହେବ ୨୪୭ କୋଟି
- ■ ଗ୍ରାମାଞ୍ଚଳରେ ସରକାରୀ କୋଠା, ସହରାଞ୍ଚଳରେ ସରକାରୀ ଓ ଘରୋଇ କୋଠାରେ ହେବ ଏହି ବ୍ୟବସ୍ଥା

ଭୁବନେଶ୍ୱର,୨୦।୧୨(ବ୍ୟୁରୋ)

ରାଜ୍ୟରେ ଭୂତଳ ଜଳ ସ୍ତର ଗୁରୁତର ଭାବେ ହ୍ରାସ ପାଇବାରେ ଲାଗିଛି। ୨୦୫୦ ବେଳକୁ ରାଜ୍ୟରେ ଜଳ ସଙ୍କଟ ସଙ୍ଗିନ ହେବ ବୋଲି ଆକଳନ କରାଯାଇଛି। ଜଳସମ୍ପଦ ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ ରାଜ୍ୟର ୫ଟି ବ୍ଲକରେ ଭୂତଳ ଜଳସ୍ତର ଭୟଙ୍କର ଭାବେ ହ୍ରାସ ପାଉଥିବାବେଳେ ୪୪ଟି ବ୍ଲକରେ ପରିସ୍ଥିତି ସଙ୍ଗିନ ହେଲାଣି। କେବଳ ଗ୍ରାମାଞ୍ଚଳ ନୁହେଁ ସହରାଞ୍ଚଳରେ ମଧ୍ୟ ଜଳ ସମସ୍ୟା ଉତ୍କଟ ହେବାରେ ଲାଗିଲାଣି। ବର୍ଷା ହ୍ରାସ ପାଇବା ସହ ଭୂତଳ ଜଳ ଉପରେ ଚାପ ବଢ଼ିବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଭୂତଳ ଜଳ ସଂରକ୍ଷଣ ଉପରେ ଗୁରୁତ୍ୱ ଦେବାକୁ ନିଷ୍ପତ୍ତି ନେଇଛନ୍ତି। ତଦନୁଯାୟୀ ଆସନ୍ତା ବର୍ଷରୁ ସରକାର ରାଜ୍ୟରେ ଛାତ ଉପର ବର୍ଷା ଜଳ ସଂରକ୍ଷଣ(ରୁଫ୍ ଟପ୍ ୱାଟର ହାର୍ଭେଷ୍ଟିଂ) ଯୋଜନା ଆରମ୍ଭ କରିବାକୁ ଯାଉଛନ୍ତି।

ପ୍ରଥମ ପର୍ଯ୍ୟାୟରେ ୪୯ ବ୍ଲକ ଏବଂ ୨୭ ସହରାଞ୍ଚଳରେ ବର୍ଷାଜଳ ସଂରକ୍ଷଣ ଯୋଜନା ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

## ଗୁଜରାଟ ସିଣ୍ଡ୍ରୋମ୍


Vencobb Fresh Chicken — Taste the difference!

20.12.2019

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 89 | 144 | 154 |
| CTC | 88 | 142 | 152 |
| DKL | 91 | 146 | 156 |
| BDK | 84 | 137 | 147 |
| BLS | 84 | 137 | 147 |
| ANG | 92 | 148 | 158 |
| BHM | 92 | 148 | 158 |

*Conditions Apply

Issued in the Interest of Consumers










ସିଏଏ ସମ୍ପର୍କରେ ଜାତିସଂଘ ତତ୍ତ୍ୱାବଧାନରେ ଗଣଭୋଟ ଲାଗି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଦାବିକରି ୧୩୦ କୋଟି ଭାରତୀୟଙ୍କୁ ଅପମାନିତ କରିଛନ୍ତି, ସେ କ୍ଷମା ମାଗିବା ଦରକାର।

-ପ୍ରକାଶ ଜାଭଡେକର,କେନ୍ଦ୍ରମନ୍ତ୍ରୀ



## ଏକ୍‌ଜିଟ୍ ପୋଲ୍ ଭବିଷ୍ୟବାଣୀ

# ଝାଡ଼ଖଣ୍ଡରେ ଝୁଲା ବିଧାନସଭା

**ନୂଆଦିଲ୍ଲୀ/ରାଞ୍ଚି,୨୦।୧୨**

ଝାଡ଼ଖଣ୍ଡରେ ମୁଖ୍ୟମନ୍ତ୍ରୀ ରଘୁବର ଦାସଙ୍କ ପୁନଃ କ୍ଷମତାସୀନ ହେବା ଆଶା ଧୂଳିସାତ୍ ହୋଇଛି। କାରଣ ଶୁକ୍ରବାର ଚୂଡ଼ାନ୍ତ ପର୍ଯ୍ୟାୟ ନିର୍ବାଚନ ଶେଷ ହେବା ପରେ ସନ୍ଧ୍ୟାରେ ଝୁଲା ବିଧାନସଭାର ଭବିଷ୍ୟବାଣୀ କରିଛନ୍ତି ଅଧିକାଂଶ ଜନମତ ସର୍ବେକ୍ଷଣ ସଂସ୍ଥା। ବୁଥ୍ ଫେରନ୍ତା ମତଦାତାଙ୍କଠାରୁ ସଂଗୃହୀତ ତଥ୍ୟାନୁସାରେ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମ୍‌ଏମ୍) ନେତୃତ୍ୱାଧୀନ ବିରୋଧୀ ମେଣ୍ଟ ନିରଙ୍କୁଶ ସଂଖ୍ୟାଗରିଷ୍ଠତା ଲାଭ ନ କଲେ ବି ୩୮ରୁ ଊର୍ଦ୍ଧ୍ୱ ଆସନ ଦଖଲ କରିବ। ଏହି ମେଣ୍ଟ ୪ରୁ ୭ ସ୍ୱାଧୀନ ବିଧାୟକଙ୍କୁ ନେଇ ସରକାର ଗଠନ ଦିଗରେ ଅଗ୍ରସର ହେବ। ଭାଜପା କ୍ଷମତାଚ୍ୟୁତ ହେବା ସହ ଜେଏମ୍‌ଏମ୍ କାର୍ଯ୍ୟକାରୀ ଅଧ୍ୟକ୍ଷ ହେମନ୍ତ ସୋରେନ ମୁଖ୍ୟମନ୍ତ୍ରୀ ଆସନ ଅଳଙ୍କୃତ କରିବେ। ଶାସକ ଭାଜପା ୨୨ରୁ ୩୨ ଆସନରେ ସୀମିତ ରହିବ ଏବଂ ଏହାର ପୂର୍ବତନ ସହଯୋଗୀ ତଥା ସୁଦେଶ ମହାତୋଙ୍କ ନେତୃତ୍ୱାଧୀନ ଅଲ୍ ଝାଡ଼ଖଣ୍ଡ ଷ୍ଟୁଡେଣ୍ଟସ୍ ୟୁନିୟନ୍ (ଏଜେଏସ୍‌ୟୁ)କୁ ୩ରୁ ୫ ଆସନରେ ସନ୍ତୁଷ୍ଟ ହେବାକୁ ପଡ଼ିବ। ଝାଡ଼ଖଣ୍ଡ ବିକାଶ ମୋର୍ଚ୍ଚା (ଜେଭିଏମ୍) ୨ରୁ ୪ ଆସନରେ ବିଜୟୀ ହୋଇପାରେ। ତେଣୁ ଜେଭିଏମ୍ ଅଧ୍ୟକ୍ଷ ବାବୁଲାଲ ମାଣ୍ଡି କିଙ୍ଗ୍ ମେକର ଭୂମିକାରେ ଅବତୀର୍ଣ୍ଣ ହେବେ ବୋଲି ଅଧିକାଂଶ ଏକ୍‌ଜିଟ୍ ପୋଲ ପୂର୍ବାନୁମାନ କରିଛନ୍ତି।

୮୧ ସଦସ୍ୟତା ବିଶିଷ୍ଟ ଝାଡ଼ଖଣ୍ଡ ବିଧାନସଭାର ୬୫ ଆସନରେ ନଭେମ୍ବର ୩୦ରୁ ଡିସେମ୍ବର ୧୬ ମଧ୍ୟରେ ୪ଟି ପର୍ଯ୍ୟାୟରେ ଭୋଟଗ୍ରହଣ କରାଯାଇଥିଲା। ଅବଶିଷ୍ଟ ୧୬ ଆସନରେ ଶୁକ୍ରବାର ଚୂଡ଼ାନ୍ତ ପର୍ଯ୍ୟାୟ ମତଦାନ ହୋଇଛି। ଆଇଏଏନ୍‌ଏସ୍-ସିଭୋଟର-ଏବିପି ଏକ୍‌ଜିଟ୍ ପୋଲ ଅନୁସାରେ ଜେଏମ୍‌ଏମ୍-କଂଗ୍ରେସ-ଆର୍‌ଜେଡି (ଲାଲୁ ଯାଦବଙ୍କ ରାଷ୍ଟ୍ରୀୟ ଜନତା ଦଳ) ମେଣ୍ଟକୁ ସରକାର ଗଠନ ସକାଶେ କୁହୁକ ସଂଖ୍ୟା ୪୧ ହାସଲ ଲାଗି ବେଶି କସରତ କରିବାକୁ ପଡ଼ିବ ନାହିଁ। ଏହି ମେଣ୍ଟକୁ ୩୫ ଆସନ ମିଳିବାକୁ ଥିବାବେଳେ ଭାଜପାକୁ ୩୨, ଏଜେଏସ୍‌ୟୁକୁ ୫ ଓ ଅନ୍ୟଙ୍କୁ ୯ ଆସନରେ ସଫଳତା ମିଳିବ। ତେଣୁ ଭାଜପା ପାଇଁ କ୍ଷମତାକୁ ଫେରିବା କଷ୍ଟକର ହେବ। ଇଣ୍ଡିଆ ଟୁଡେ-ଆକ୍ସିସ୍ ମାଇଁ ଇଣ୍ଡିଆ ଅନୁସାରେ ଭାଜପା ୩୪% ଭୋଟ ପାଇବାକୁ ଥିବାବେଳେ କଂଗ୍ରେସ-ଜେଏମ୍‌ଏମ୍ ୩୭%, ଏଜେଏସ୍‌ୟୁ ୯%, ଜେଭିଏମ୍ ୬% ଓ ଅନ୍ୟ ୧୪% ଭୋଟ ପାଇବେ। ଏହି ଭୋଟ ହାର ଅନୁସାରେ ଭାଜପା ୨୨ରୁ ୩୨ ଆସନ ଦଖଲ କରିବ। କଂଗ୍ରେସ-ଜେଏମ୍‌ଏମ୍ ମେଣ୍ଟ ୩୮-୫୦, ଏଜେଏସ୍‌ୟୁ ୩-୫ ଏବଂ ଅନ୍ୟମାନେ ୬ରୁ ୧୧ ଆସନରେ ବିଜୟୀ ହେବେ। ସେହିପରି କସିସ୍ ନ୍ୟୁଜର ଆକଳନ ହେଉଛି ଭାଜପା ୨୫ରୁ ୩୦ ଆସନ ଦଖଲ କରିବ। ବିରୋଧୀ ମେଣ୍ଟକୁ ୩୭ରୁ ୪୯ ଆସନରେ ସଫଳତା ମିଳିବ। ଏଜେଏସ୍‌ୟୁ ଏବଂ ଅନ୍ୟ ୨ରୁ ୪ ଲେଖାଏ ଆସନରେ ସନ୍ତୁଷ୍ଟ ହେବେ। ଏନ୍‌ଡିଟିଭିର ଆକଳନ ଅନୁସାରେ ଜେଏମ୍‌ଏମ୍ ନେତୃତ୍ୱାଧୀନ ମେଣ୍ଟକୁ ୪୦ ଆସନରେ ସଫଳତା ମିଳିପାରେ। ଭାଜପାକୁ ୨୯ ଏବଂ ଅନ୍ୟ ଦଳ ତଥା ସ୍ୱାଧୀନ ପ୍ରାର୍ଥୀ ୧୨ ଆସନରେ ବିଜୟୀ ହେବେ। ତେବେ ଏହି ଏକ୍‌ଜିଟ୍ ପୋଲଗୁଡ଼ିକର ଭବିଷ୍ୟବାଣୀ କେତେ ସତ ତାହା ଆସନ୍ତା ସୋମବାର ଭୋଟ ଗଣତି ପରେ ସ୍ପଷ୍ଟ ହେବ।

ସୂଚନାଯୋଗ୍ୟ, ୨୦୧୪ ବିଧାନସଭା ନିର୍ବାଚନରେ ଭାଜପାକୁ ୩୭ ଆସନରେ ସଫଳତା ମିଳିଥିଲା। ଏଜେଏସ୍‌ୟୁର ୫ ବିଧାୟକଙ୍କ ସମର୍ଥନରେ ଡିସେମ୍ବର ୨୮ରେ ରଘୁବର ଦାସ ଝାଡ଼ଖଣ୍ଡର ଦଶମ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିଲେ। ଜେଏମ୍‌ଏମ୍ ୧୯ ଓ କଂଗ୍ରେସ ୬ ଆସନରେ ବିଜୟୀ ହୋଇଥିଲେ। ୨୦୧୫ ଫେବୃୟାରୀ ୧୧ରେ ଜେଭିଏମ୍ (ପ୍ରଜାତାନ୍ତ୍ରିକ)ର ସମସ୍ତ ୬ ବିଧାୟକ ଭାଜପାରେ ସାମିଲ ହେବା ପରେ ରଘୁବର ଦାସ ସରକାରଙ୍କ ଶକ୍ତି ବୃଦ୍ଧି ହୋଇଥିଲା। ସଦ୍ୟ ଅନୁଷ୍ଠିତ ନିର୍ବାଚନରେ ଆସନ ବୁଝାମଣାକୁ ନେଇ ଭାଗବଣ୍ଟା ନ ଛିଣ୍ଡିବାରୁ ଏଜେଏସ୍‌ୟୁ ଅଲଗା ଲଢ଼ିଥିଲା।



ରଘୁବର ଦାସ



ହେମନ୍ତ ସୋରେନ

| ସର୍ବେକ୍ଷଣ ସଂସ୍ଥା | ଭାଜପା | କଂଗ୍ରେସ+ | ଏଜେଏସ୍‌ୟୁ | ଅନ୍ୟ |
|---|---|---|---|---|
| ଆଇଏଏନ୍‌ଏସ୍-ସି ଭୋଟର-ଏବିପି | ୩୨ | ୩୫ | ୫ | ୯ |
| ଇଣ୍ଡିଆ ଟୁଡେ-ଆକ୍ସିସ୍ ମାଇଁ ଇଣ୍ଡିଆ | ୨୨-୩୨ | ୩୮-୫୦ | ୩-୫ | ୬-୧୧ |
| କସିସ୍ ନ୍ୟୁଜ୍ | ୨୫-୩୦ | ୩୭-୪୯ | ୨-୪ | ୨-୪ |
| ଏନ୍‌ଡିଟିଭି | ୨୯ | ୪୦ | ୧୨ | |

### ଭାଜପାକୁ ଶକ୍ତ ଝଟକା




- ଧରାଶାୟୀ ହେବେ ରଘୁବର ସରକାର
- ମୁଖ୍ୟମନ୍ତ୍ରୀ ଆସନରେ ବସିପାରନ୍ତି ହେମନ୍ତ ସୋରେନ
- କିଙ୍ଗ୍ ମେକର ଭୂମିକାରେ ବାବୁଲାଲ ମାଣ୍ଡି
- ସୋମବାର ଭୋଟ ଗଣତି ପରେ ସ୍ପଷ୍ଟ ହେବ ସ୍ଥିତି

### ଶେଷ ପର୍ଯ୍ୟାୟରେ ୭୧% ମତଦାନ

ଝାଡ଼ଖଣ୍ଡ ବିଧାନସଭାର ପଞ୍ଚମ ତଥା ଚୂଡ଼ାନ୍ତ ପର୍ଯ୍ୟାୟ ନିର୍ବାଚନ ଶୁକ୍ରବାର ଶେଷ ହୋଇଛି। ଏହି ପର୍ଯ୍ୟାୟରେ ୧୬ ଆସନରେ ଶାନ୍ତିପୂର୍ଣ୍ଣ ଭାବେ ପ୍ରାୟ ୭୧% ମତଦାନ ହୋଇଥିବା ନିର୍ବାଚନ କମିଶନଙ୍କ ପକ୍ଷରୁ କୁହାଯାଇଛି। ସକାଳ ୭ଟାରେ ଭୋଟଗ୍ରହଣ ଆରମ୍ଭ ହୋଇଥିଲା। ଅପରାହ୍ଣ ୫ଟା ସୁଦ୍ଧା ୪୦.୦୫ ଲକ୍ଷ ମତଦାତାଙ୍କ ମଧ୍ୟରୁ ୭୦.୮୩% ମତଦାନ କରିଛନ୍ତି। ମାଓବାଦୀ ପ୍ରଭାବିତ ଆସନଗୁଡ଼ିକରେ ଅପରାହ୍ଣ ୩ଟା ପର୍ଯ୍ୟନ୍ତ ଭୋଟଗ୍ରହଣ କରାଯାଇଥିଲା। ୨୯ ମହିଳାଙ୍କ ସମେତ ୨୩୭ ପ୍ରାର୍ଥୀ ମଇଦାନରେ ଥିଲେ। ଭାଜପା ପ୍ରାର୍ଥୀ ତଥା ରାଜ୍ୟର କୃଷିମନ୍ତ୍ରୀ ରଣଧୀର ସିଂ ସରଥ ଆସନରୁ ନିର୍ବାଚନ ଲଢ଼ିଥିବାବେଳେ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଲୁଇସ୍ ମାଣ୍ଡି ଡୁମ୍କା ଆସନରେ ଜେଏମ୍‌ଏମ୍ କାର୍ଯ୍ୟକାରୀ ଅଧ୍ୟକ୍ଷ ହେମନ୍ତ ସୋରେନଙ୍କ ବିରୋଧରେ ପ୍ରାର୍ଥୀ ହୋଇଥିଲେ। ଲୁଇସ୍ ୨୦୧୪ରେ ଏହି ଆସନରେ ହେମନ୍ତଙ୍କୁ ହରାଇଥିଲେ।

# ଜୈଶ୍ ଟାର୍ଗେଟ୍‌ରେ ମୋଦି

**ନୂଆଦିଲ୍ଲୀ,୨୦।୧୨(ଆଇଏଏନ୍‌ଏସ୍)**



**ରାମଲୀଳା ମୈଦାନରେ ଆକ୍ରମଣ କରିପାରନ୍ତି ଆତଙ୍କବାଦୀ: ଗୋଇନ୍ଦା ରିପୋର୍ଟ**

ପାକିସ୍ତାନୀ ଆତଙ୍କବାଦୀ ସଂଗଠନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଟାର୍ଗେଟ କରିବା ଲାଗି ଯୋଜନା କରିଛନ୍ତି। ଆସନ୍ତା ୨୨ରେ ମୋଦି ରାମଲୀଳା ମଇଦାନରେ ଭାଜପାର ଏକ ବିଶାଳ ରାଲିକୁ ସମ୍ବୋଧିତ କରିବା କାର୍ଯ୍ୟକ୍ରମ ରହିଛି। ସେଠାରେ ଜୈଶ-ଇ-ମହମ୍ମଦ (ଜେଇଏମ୍)ର ଆତଙ୍କବାଦୀ ମୋଦିଙ୍କୁ ଟାର୍ଗେଟ କରିପାରନ୍ତି ବୋଲି ଗୋଇନ୍ଦା ସଂସ୍ଥା ସ୍ୱତନ୍ତ୍ର ସୁରକ୍ଷା ଗ୍ରୁପ୍ (ଏସ୍‌ପିଜି) ଏବଂ ଦିଲ୍ଲୀ ପୋଲିସକୁ ସତର୍କ କରାଇଛି। ତେଣୁ ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷା ଦିଗରେ ସମସ୍ତ ପଦକ୍ଷେପ ଗ୍ରହଣ କରିବା ଲାଗି ଗୋଇନ୍ଦା ବିଭାଗ ପରାମର୍ଶ ଦେଇଛି।

ରାମଲୀଳା ମଇଦାନରେ ହେବାକୁ ଥିବା ରାଲିରେ ପ୍ରଧାନମନ୍ତ୍ରୀଙ୍କ ସମେତ ଏନ୍‌ଡିଏ ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ଯୋଗଦେବେ। ସେଠାରେ ସୁରକ୍ଷା ଦାୟିତ୍ୱରେ ଥିବା ଏସ୍‌ପିଜି ଏବଂ ଦିଲ୍ଲୀ ପୋଲିସକୁ 'ଗଣତାନ୍ତ୍ରିକ ରାଷ୍ଟ୍ରରେ ସୁରକ୍ଷା ବ୍ୟବସ୍ଥା' ପୁସ୍ତକ (ବ୍ଲୁ ବୁକ୍)ର ଅନୁଚ୍ଛେଦ ୧୦ରେ ଥିବା ମାର୍ଗଦର୍ଶିକା ଅନୁଯାୟୀ ପଦକ୍ଷେପ ନେବାକୁ କୁହାଯାଇଛି।

# ୪ ଆତଙ୍କବାଦୀଙ୍କୁ ମୃତ୍ୟୁ ଦଣ୍ଡାଦେଶ

**ଜୟପୁର, ୨୦।୧୨(ପି.ଟି.)**



**ଜୟପୁର ବିସ୍ଫୋରଣ ମାମଲା**

ରାଜସ୍ଥାନର ଜୟପୁରରେ ୨୦୦୮ ମେ ୧୩ରେ ହୋଇଥିବା ସିରିଜ୍ ବୋମା ବିସ୍ଫୋରଣ ମାମଲାରେ ସ୍ୱତନ୍ତ୍ର କୋର୍ଟ ପକ୍ଷରୁ ୪ ଦୋଷୀସାବ୍ୟସ୍ତ ଆତଙ୍କବାଦୀଙ୍କୁ ଶୁକ୍ରବାର ମୃତ୍ୟୁ ଦଣ୍ଡାଦେଶ ମିଳିଛି। ଏହି ଆତଙ୍କବାଦୀ ବିସ୍ଫୋରଣରେ ୭୧ ଜଣଙ୍କ ପ୍ରାଣହାନି ଘଟିଥିବାବେଳେ ୧୮୫ ଜଣ ଆହତ ହୋଇଥିଲେ। ୮ଟି ଭୟଙ୍କର ବିସ୍ଫୋରଣ ସହରକୁ ସ୍ତବ୍ଧ କରିପକାଇଥିଲା। ଗତ ବୁଧବାର ସ୍ୱତନ୍ତ୍ର ବିଚାରପତି ଅଜୟ କୁମାର ଶର୍ମା ମାମଲାର ଶୁଣାଣି କରି ୪ ଅଭିଯୁକ୍ତ ମହମ୍ମଦ ସୈଫ୍, ଶାହ୍‌ଫର ରହମାନ, ସର୍‌ୱାର ଆଜ୍‌ମି ଓ ମହମ୍ମଦ ସଲ୍‌ମାନଙ୍କୁ ଆଇପିସିର ବିଭିନ୍ନ ଦଫାରେ ଦୋଷୀ ସାବ୍ୟସ୍ତ କରିଥିଲେ। ଅନ୍ୟତମ ଅଭିଯୁକ୍ତ ଶାହବାଜ୍‌ଙ୍କୁ ପ୍ରମାଣ ଅଭାବରୁ ଖଲାସ୍ କରିଥିଲେ। ଦଣ୍ଡବିଧାନ ଲାଗି କୋର୍ଟ ଶୁକ୍ରବାରକୁ ଦିନ ଧାର୍ଯ୍ୟ କରିଥିବା ବେଳେ ୪ ଦୋଷୀ ଆତଙ୍କବାଦୀଙ୍କୁ ମୃତ୍ୟୁଦଣ୍ଡାଦେଶ ଦେଇଛନ୍ତି।

### ଇତିହାସର ଆଇନାରେ — ଡିସେମ୍ବର ୨୧ର ପ୍ରମୁଖ ଘଟଣା

୧୯୯୨ ଡିସେମ୍ବର ୨୧ରେ ପର୍ତ୍ତୁଗାଲର ଫଂଗୋ ବିମାନବନ୍ଦରରେ ଡ଼ିସି-୧୦ ବିମାନ ଦୁର୍ଘଟଣାଗ୍ରସ୍ତ ହେବାରୁ ଏଥିରେ ଥିବା ୯୫ ଯାତ୍ରୀ ପ୍ରାଣ ହରାଇଥିଲେ। ଶତାଧିକ ଆହତ ହୋଇଥିଲେ। ଖରାପ ପାଗ ଯୋଗୁ ଏଭଳି ଦୁର୍ଘଟଣା ହୋଇଥିବା ଜଣାପଡ଼ିଥିଲା।

୨୦୦୪ ଡିସେମ୍ବର ୨୧ରେ ଇରାକର ମୋସୁଲରେ ଭୟଙ୍କର ଆତ୍ମଘାତୀ ବିସ୍ଫୋରଣ କରାଯାଇଥିଲା। ଆମେରିକା ସେନାକୁ ଲକ୍ଷ୍ୟ କରି ଏଭଳି ବିସ୍ଫୋରଣ କରାଯାଇଥିଲା। ଏଥିରେ ୨୨ଜଣଙ୍କ ମୃତ୍ୟୁ ହୋଇଥିଲା।

## ସିଏଏ ନିଆଁରେ ଜଳୁଛି ଦେଶ

# କେନ୍ଦ୍ର ଜାରି କଲା ୫ ସର୍ତ୍ତ

**ନୂଆଦିଲ୍ଲୀ,୨୦।୧୨(ଆଇଏଏନ୍‌ଏସ୍)**

**ଭାରତୀୟ ନାଗରିକଙ୍କୁ ଦାଖଲ କରିବାକୁ ପଡ଼ିବନି ପୂର୍ବ ବଂଶାବଳୀ ଦସ୍ତାବିଜ୍**

ସଂଶୋଧିତ ନାଗରିକତ୍ୱ ଆଇନ (ସିଏଏ)କୁ ବିରୋଧ କରି ଦେଶବ୍ୟାପୀ ଆନ୍ଦୋଳନ ଜାରି ରହିଥିବାବେଳେ ଶୁକ୍ରବାର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଭାରତୀୟ ନାଗରିକତ୍ୱ ପାଇଁ ୫ଟି ସର୍ତ୍ତ ଜାରି କରିଛି।

ନାଗରିକତ୍ୱ ଆଇନ,୧୯୫୫ ପ୍ରଥମ ପରିଚ୍ଛେଦ ଅନୁଯାୟୀ ଯେଉଁମାନେ ୧୯୫୦ ଜାନୁୟାରୀ ୨୬ରେ ଭାରତର ଅଧିବାସୀ ହୋଇଥିବେ କିମ୍ବା ଭାରତରେ ଜନ୍ମ ହୋଇଥିବେ ସେମାନେ ଭାରତୀୟ ନାଗରିକ ବୋଲି ବିଜ୍ଞପ୍ତିରେ କୁହାଯାଇଛି। ଯେଉଁମାନେ ୧୯୫୦ ଜାନୁୟାରୀ ୨୬ ପରେ ଏବଂ ୧୯୮୭ ଜୁଲାଇ ୧ ପୂର୍ବରୁ ଭାରତରେ ଜନ୍ମ ହୋଇଥିବେ କିମ୍ବା ସେମାନଙ୍କ ମାତାପିତା ଜନ୍ମ ହୋଇଥିବେ ସେମାନେ ନାଗରିକତ୍ୱ ପାଇବାକୁ ହକ୍‌ଦାର। ତେଣୁ ସେମାନେ ସିଏଏକୁ ନେଇ ଚିନ୍ତା କରିବାର କିଛି ନାହିଁ। ନାଗରିକତ୍ୱ ଆଇନର ୨୦୦୪ ସଂଶୋଧନ ଅନୁଯାୟୀ ଆସାମ ବ୍ୟତୀତ ଦେଶର ଅନ୍ୟ ଭାଗରେ ରହୁଥିବା ବ୍ୟକ୍ତି ଯାହାଙ୍କ ମାତା କିମ୍ବା ପିତା ଭାରତୀୟ ଏବଂ ବେଆଇନ ଶରଣାର୍ଥୀ ହୋଇ ନ ଥିଲେ ତାଙ୍କୁ ଭାରତୀୟ ନାଗରିକ ବିବେଚନା କରାଯିବ।

ବିଜ୍ଞପ୍ତି ଅନୁଯାୟୀ ଯେଉଁମାନେ ୨୦୦୪ ଡିସେମ୍ବର ୩ ପରେ ଜନ୍ମ ହୋଇଥିବେ, ସେମାନଙ୍କ ମାଆବାପା ଉଭୟ ଭାରତୀୟ ନାଗରିକ ଏବଂ କେହି ବେଆଇନ ଶରଣାର୍ଥୀ ହୋଇ ନ ଥିବେ ତେବେ ସେ ମଧ୍ୟ ଜନ୍ମରୁ ଭାରତର ନାଗରିକ ଭାବେ ଗଣ୍ୟ ହେବେ। ବଂଶଗତ ନାଗରିକତାର ଦ୍ୱିତୀୟରେ ଜଣେ ୧୯୫୦ ଜାନୁୟାରୀ ୨୬ ପରେ ଏବଂ ୧୯୯୨ ଡିସେମ୍ବର ୧୦ ପୂର୍ବରୁ ଭାରତ ବାହାରେ ଜନ୍ମ ହୋଇଥିଲେ ମଧ୍ୟ ସେ ଭାରତୀୟ ନାଗରିକ ଭାବେ ଗଣାଯାଇପାରିବେ, ଯଦି ତାଙ୍କ ଜନ୍ମ ସମୟରେ ତାଙ୍କ ବାପା ଭାରତୀୟ ନାଗରିକ ହୋଇଥିବେ। ପଞ୍ଜୀକରଣ ଦ୍ୱାରା ନାଗରିକ ନିୟମାବଳୀ ଅନୁଯାୟୀ ଜଣେ ଭାରତୀୟ ମୂଳ ବାସିନ୍ଦା ପଞ୍ଜୀକରଣ ପାଇଁ ଆବେଦନ କରିବା ପୂର୍ବରୁ ୭ ବର୍ଷ ଭାରତରେ ରହିଥିଲେ ନାଗରିକତ୍ୱ ପାଇଁ ଯୋଗ୍ୟ ବିବେଚିତ ହୋଇପାରିବେ। ସେହିପରି ଭାରତୀୟ ନାଗରିକଙ୍କ ନାବାଳକ ପିଲା ନାଗରିକ ଭାବେ ପଞ୍ଜୀକୃତ ହେବା ପାଇଁ ଯୋଗ୍ୟ। ସେହିପରି ଜଣେ ପୂର୍ଣ୍ଣ ବୟସ୍କ ବ୍ୟକ୍ତି, ଯାହାଙ୍କ ମାତାପିତା ଭାରତୀୟ ନାଗରିକ ଭାବେ ପଞ୍ଜୀକୃତ ହୋଇଥିବେ, ସେ ମଧ୍ୟ ନାଗରିକ ଭାବେ ପଞ୍ଜୀକୃତ ହେବା ଲାଗି ଯୋଗ୍ୟ ବିବେଚିତ ହେବେ।

ପୂର୍ଣ୍ଣ ବୟସ ଓ ସାମର୍ଥ୍ୟର ବ୍ୟକ୍ତି ୧୨ ବର୍ଷ ଭାରତରେ ବସବାସ କରିଥିଲେ ନାଗରିକତ୍ୱ ପାଇଁ ସ୍ୱୀକୃତି ପ୍ରମାଣପତ୍ର ପାଇବାକୁ ଯୋଗ୍ୟ ହେବେ। ଶେଷରେ ଯଦି କୌଣସି ନୂଆ ଅଞ୍ଚଳ ଭାରତର ଅଂଶବିଶେଷ ହୁଏ, ଉକ୍ତ ଅଞ୍ଚଳର ଅଧିବାସୀଙ୍କୁ ଭାରତର ଅଧିବାସୀ ଭାବେ ସରକାର ପରିଚିତ କରାଇବେ। ବିଜ୍ଞପ୍ତି ପ୍ରକାଶ ପାଇବା ଦିନଠାରୁ ସେମାନେ ଭାରତୀୟ ନାଗରିକ ବିବେଚିତ ହେବେ। ଗୋଆ, ଡାମନ ଓ ଡିଉ, ସିକିମ ଏବଂ ବାଂଲାଦେଶର କିଛି ଅଞ୍ଚଳ ଯାହା ୨୦୧୪ରେ ଭାରତର ଅନ୍ତର୍ଭୁକ୍ତ ହୋଇଛି, ସେଠାରୁ ଅଧିବାସୀଙ୍କୁ ଉକ୍ତ ନିୟମରେ ନାଗରିକତ୍ୱ ପ୍ରଦାନ କରାଯାଇଛି।



ସିଏଏ ପ୍ରତ୍ୟାହାର ଦାବିରେ ଉତ୍ତରପ୍ରଦେଶର ମୁଜାଫର୍‌ନଗରରେ ବିକ୍ଷୋଭକାରୀମାନେ ଗାଡ଼ି ପୋଡ଼ାଜଳା କରୁଛନ୍ତି।



ଦିଲ୍ଲୀର ଜାମା ମସ୍‌ଜିଦ ନିକଟରେ ଭୀମ ଆର୍ମି ମୁଖ୍ୟ ଚନ୍ଦ୍ର ଶେଖର ଆଜାଦ ଓ କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।



ବାରାଣସୀରେ ବିକ୍ଷୋଭକାରୀଙ୍କୁ ଘଉଡ଼ାଇବା ପାଇଁ ପୋଲିସ ଲାଠି ଚାଳନା କରୁଛି।

# ବିହାରରେ ଲାଗୁ ହେବନି ଏନ୍‌ଆର୍‌ସି

**ପାଟନା,୨୦।୧୨(ପି.ଟି.)**

ବିହାରରେ ଜାତୀୟ ନାଗରିକ ପଞ୍ଜିକା (ଏନ୍‌ଆର୍‌ସି) ଲାଗୁ ହେବନି ବୋଲି ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ସ୍ପଷ୍ଟ କରିଛନ୍ତି। ଦେଶବ୍ୟାପୀ ଏନ୍‌ଆର୍‌ସି କାର୍ଯ୍ୟକାରିତାକୁ ନେଇ ଖବରଦାତାମାନେ ନୀତୀଶଙ୍କ ମତାମତ ଚାହିଁବାରୁ ସେ କହିଥିଲେ, କ'ଣ ପାଇଁ ଏନ୍‌ଆର୍‌ସି। ଏହା ଆଦୌ ଲାଗୁ ହେବ ନାହିଁ ବୋଲି ଜେଡିୟୁ ଅଧ୍ୟକ୍ଷ କହିଛନ୍ତି। ଭାଜପାର ଅନ୍ୟତମ ସହଯୋଗୀ ଅକାଳୀ ଦଳ ମଧ୍ୟ ଏନ୍‌ଆର୍‌ସି ଏବଂ ସଂଶୋଧିତ ନାଗରିକତ୍ୱ ଆଇନକୁ ନେଇ ପୂର୍ବରୁ ଭିନ୍ନ ମତ ପ୍ରକାଶ କରିଥିଲା। ଆଇନରେ ମୁସଲମାନଙ୍କୁ ସାମିଲ କରିବା ଲାଗି ଅକାଳୀ ଦଳ ପ୍ରସ୍ତାବ ଦେଇଥିଲା। ପୂର୍ବରୁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏବଂ ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସେମାନଙ୍କ ରାଜ୍ୟରେ ଏନ୍‌ଆର୍‌ସି ଲାଗୁ କରିବେ ନାହିଁ ବୋଲି କହିଥିଲେ।



ନୀତୀଶ କୁମାର

# ସ୍ୱର ଚପାଇବାକୁ ବଳପ୍ରୟୋଗ

**ନୂଆଦିଲ୍ଲୀ,୨୦।୧୨**

ସିଏଏକୁ ନେଇ ଦେଶବ୍ୟାପୀ ଆନ୍ଦୋଳନ ଚାଲିଥିବାବେଳେ ଲୋକଙ୍କ ସ୍ୱରକୁ ଚାପିଦେବା ପାଇଁ ସରକାର ନିଷ୍ଠୁରତାର ସହ ବଳପ୍ରୟୋଗ କରୁଥିବା କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଅଭିଯୋଗ କରିଛନ୍ତି। ଭିନ୍ନମତକୁ ସରକାର ଉପେକ୍ଷା କରିବା ସହ ଏହାକୁ ଚାପିଦେବା ପାଇଁ ବଳପ୍ରୟୋଗ କରିବା ଗଣତନ୍ତ୍ରରେ ଗ୍ରହଣୀୟ ନୁହେଁ ବୋଲି ସୋନିଆ ଏକ ଟେଲିଭିଜନ ବାର୍ତ୍ତାରେ କହିଛନ୍ତି। ଛାତ୍ରୀଛାତ୍ର, ଯୁବଗୋଷ୍ଠୀ ଓ ନାଗରିକଙ୍କ ଉପରେ ସରକାରଙ୍କ ଏଭଳି ନିଷ୍ଠୁର ଦମନ ଲୀଳାକୁ କଂଗ୍ରେସ ନିନ୍ଦାକରିବା ସହ ଚିନ୍ତାବ୍ୟକ୍ତ କରିଛି। ଗଣତାନ୍ତ୍ରିକ ରାଷ୍ଟ୍ରରେ ସରକାରଙ୍କ ଭୁଲ ନୀତି ନିଷ୍ପତ୍ତି ବିରୋଧରେ ସ୍ୱର ଉତ୍ତୋଳନ କରିବା ଅଧିକାର ପ୍ରତ୍ୟେକ ନାଗରିକର ରହିଛି। ସେମାନଙ୍କ ଅଭିଯୋଗକୁ ଶୁଣିବା ସହ ଚିନ୍ତା ଦୂରକରିବା ସରକାରଙ୍କ ଦାୟିତ୍ୱ ବୋଲି ସୋନିଆ କହିଛନ୍ତି।

ବିବାଦୀୟ ନାଗରିକତ୍ୱ ଆଇନକୁ ରଦ୍ଦ କରାଯିବା ସହ ବିକ୍ଷୋଭକାରୀଙ୍କ ସହ ଆଲୋଚନା ପାଇଁ ବରିଷ୍ଠ କଂଗ୍ରେସ ନେତା ଆନନ୍ଦ ଶର୍ମା ସରକାରଙ୍କୁ ଆହ୍ୱାନ ଦେଇଛନ୍ତି। ଲୋକଙ୍କ ଅଧିକାରକୁ ସରକାର ସମ୍ମାନ ଦେବାକୁ ପଡ଼ିବ ବୋଲି ସେ କହିଛନ୍ତି।



**କେନ୍ଦ୍ର ଉପରେ ବର୍ଷିଲେ ସୋନିଆ**

**ବିରୋଧ କରିବା ଅଧିକାର ସମସ୍ତଙ୍କର ରହିଛି**

# ସଙ୍କଟାପନ୍ନ ଅବସ୍ଥାରେ ୪୮ କିଡ୍ନୀ ରୋଗୀ

କଟକ ଅଫିସ,୨୦।୧୨

## ଏସ୍‌ସିବି ମେଡିକାଲ

### ■ ଡାଏଲିସିସ୍ ପାଇଁ ମିଳୁନି ଫ୍ଲୁଇଡ୍



କଟକ ଏସ୍‌ସିବି ମେଡିକାଲରେ ୪୮ ଜଣ କିଡ୍ନୀ ରୋଗୀଙ୍କ ଡାୟାଲିସିସ କରାଯାଉଛି। ମାତ୍ର ଡାୟାଲିସିସ୍ ପାଇଁ ଆବଶ୍ୟକ ଫ୍ଲୁଇଡ୍ ଏବେ ଏସ୍‌ସିବି ମେଡିକାଲରେ ମାଗଣାରେ ମିଳୁନି। ଅନ୍ୟପକ୍ଷରେ ସରକାରଙ୍କ ସହିତ ସହବନ୍ଧିତ ହୋଇଥିବା ଔଷଧ ଦୋକାନ ଡାୟାଲିସିସ୍ ଫ୍ଲୁଇଡ୍ ଦେବାକୁ ରୋକ୍‌ଠୋକ୍ ମନା କରିଦେଉଛି। କାରଣ ସରକାରଙ୍କ ଉପରେ ଦୋକାନଗୁଡ଼ିକର ପ୍ରାୟ ୩୦ କୋଟି ଟଙ୍କା ବାକି ପଡ଼ିଛି। ସରକାର ଟଙ୍କା ଦେଉନାହାନ୍ତି, ଆମେ କେଉଁଠୁ ଆଣି ତୁମକୁ ଦେବୁ ବୋଲି ଦୋକାନ ମାଲିକମାନେ ରୋଗୀଙ୍କୁ ଉତ୍ତର ଦେଉଛନ୍ତି। ୬ ମାସ ହେବ ଏଭଳି ଅବସ୍ଥା ଲାଗି ରହିଛି। ଫ୍ଲୁଇଡ୍‌ର ଦାମ ୨୦ରୁ ୨୫ହଜାର ଟଙ୍କା। ପ୍ରତି ମାସରେ ଏତେ ଟଙ୍କା ଯୋଗାଡ଼ କରି ଫ୍ଲୁଇଡ୍ କିଣିବା ସମ୍ଭବ ହେଉନି ବୋଲି ରୋଗୀଙ୍କ ସମ୍ପର୍କୀୟମାନେ କହିଛନ୍ତି। ଗୁରୁବାର ସନ୍ଧ୍ୟାରେ ଏସ୍‌ସିବି ମେଡିକାଲ ଅଧୀକ୍ଷକଙ୍କ ଚାମ୍ବର ଆଗରେ ଭୁବନେଶ୍ୱରରୁ ଆସିଥିବା ଦୀପକ ମହାପାତ୍ର, ଜଗତ୍‌ସିଂହପୁରରୁ ଆସିଥିବା ଶୁଭସ୍ମିତା ନାୟକ, ବାଲୁଗାଁ ଅଞ୍ଚଳରୁ ଆସିଥିବା ମଞ୍ଜୁଲତା ଜେନା, ବରଗଡ଼ରୁ ଆସିଥିବା ରାହୁଲ ଦାସ ଓ କେନ୍ଦ୍ରାପଡ଼ାରୁ ଆସିଥିବା ରାଜୀବ ଗିରିଙ୍କ ଭଳି ରୋଗୀ ଓ ରୋଗୀ ସମ୍ପର୍କୀୟମାନେ ଏହିଭଳି କଥା କହୁଥାନ୍ତି। ରୋଗୀମାନଙ୍କ ଦସ୍ତଖତ ସମ୍ବଳିତ ଏକ ଦରଖାସ୍ତ ଏମାନେ ଅଧୀକ୍ଷକଙ୍କୁ ଦେଇଥିଲେ। ଏମାନଙ୍କୁ ମିଶାଇ ୪୮ ଜଣ ରୋଗୀ ମେଡିକାଲର ନେଫ୍ରୋଲୋଜି ବିଭାଗରେ ଦୟନୀୟ ଅବସ୍ଥାରେ ପଡ଼ିଛନ୍ତି।

୮ ବର୍ଷର ପୁଅକୁ ନେଇ ଆସିଥିବା ବାଲୁଗାଁ ଅଞ୍ଚଳର ମଞ୍ଜୁଲତା ଜେନା କୁହନ୍ତି, ଦିନକୁ ୩ ଥର ଡାୟାଲିସିସ୍ କରିବାକୁ ପଡୁଛି। ଏବେ ଡାୟାଲିସିସ୍ ଫ୍ଲୁଇଡ୍ ମିଳୁ ନ ଥିବାରୁ ହାତରୁ କିଣି ଥରେ କରିବା ବି ମୋ ପକ୍ଷରେ ସମ୍ଭବ ହେଉନାହିଁ। ପୁଅର ଗୋଡ଼, ହାତ ଫୁଲି ଗଲାଣି। ଭଗବାନ ହିଁ ମୋତେ ଭରସା। ସମାନ କଥା କହିଥିଲେ ଜଗତ୍‌ସିଂହପୁର ଅଞ୍ଚଳରୁ ୫୮ ବର୍ଷର ବାପାଙ୍କୁ ନେଇ ଆସିଥିବା ଶୁଭସ୍ମିତା ନାୟକ। ୬ ମାସ ହେବ ସହବନ୍ଧିତ ଔଷଧ ଦୋକାନ ତାଙ୍କୁ ଫ୍ଲୁଇଡ୍ ନ ଦେଇ ଫେରାଇ ଦେଉଛି। ବାପାଙ୍କ ଅବସ୍ଥା ସଙ୍କଟାପନ୍ନ ହେଲାଣି। ତଥାପି କେହି ଶୁଣୁନାହାନ୍ତି। ବରଗଡ଼ରୁ ଆସିଥିବା ରାହୁଲ ଦାସ କୁହନ୍ତି, ସରକାରଙ୍କ ମାଗଣା ଚିକିତ୍ସାର ବିକଳ ରୂପ ଏବେ ଆମେ ହିଁ ଭୋଗୁଛୁ।

ସୂଚନାଥାଉ କି, ଏହି ରୋଗୀମାନେ ପ୍ରତି ମାସରେ ଥରେ ମେଡିକାଲକୁ ଆସିଥାଆନ୍ତି। ୧ ମାସ ପାଇଁ ଫ୍ଲୁଇଡ୍ ଧରି ଘରକୁ ଯାଇଥାନ୍ତି। ଘରେ ଏମାନେ ଉକ୍ତ ଫ୍ଲୁଇଡ୍ ସାହାଯ୍ୟରେ ଡାୟାଲିସିସ୍ କରିଥାନ୍ତି। ଏହାକୁ ପେରିଟୋନିଆଲ ଡାୟାଲିସିସ୍ କୁହାଯାଏ। ମାତ୍ର ଏବେ ଫ୍ଲୁଇଡ ମିଳୁ ନ ଥିବାରୁ କିଏ ୬ ମାସ ହେବ ତ କିଏ ୪ ମାସ ହେବ ଏଭଳି ସଙ୍କଟାପନ୍ନ ସ୍ଥିତିରେ ପଡ଼ିଛନ୍ତି। ନେଫ୍ରୋଲୋଜି ବିଭାଗର ଜଣେ ଡାକ୍ତରଙ୍କ କହିବା ଅନୁଯାୟୀ, ଏହି ରୋଗୀମାନଙ୍କ ଅବସ୍ଥା ବାସ୍ତବରେ ଖରାପ ଆଡକୁ ଗଲାଣି। ତୁରନ୍ତ ସେମାନଙ୍କୁ ଫ୍ଲୁଇଡ୍ ଯୋଗାଇ ଦିଆ ନ ଗଲେ ଅବସ୍ଥା ସଙ୍କଟାପନ୍ନ ହେବା ଆଶଙ୍କା ପ୍ରକାଶ ପାଇଛି। ଡାକ୍ତର ଏ କଥା କହୁଥିବା ବେଳେ ୬ ମାସରୁ ଊର୍ଦ୍ଧ୍ୱ ସମୟ ହେବ ଏଭଳି ସ୍ଥିତି ଲାଗି ରହିଛି। ଏହି ୬ ମାସ ମଧ୍ୟରେ କେତେଜଣ ରୋଗୀ ଫ୍ଲୁଇଡ୍ ନ ପାଇ ମୃତ୍ୟୁବରଣ କରିଛନ୍ତି, ତା'ର କୌଣସି ଠିକ୍ ହିସାବ ମେଡିକାଲ ପକ୍ଷରୁ ଦିଆଯାଉନାହିଁ। କିନ୍ତୁ ନେଫ୍ରୋଲୋଜି ବିଭାଗରେ ପ୍ରତି ସପ୍ତାହରେ ୩ରୁ ୪ ଜଣ ରୋଗୀଙ୍କ ମୃତ୍ୟୁ ଘଟୁଥିବାବେଳେ ପ୍ରତି ମାସରେ ୧୦ରୁ ୧୨ ଜଣ ରୋଗୀ ଆଖି ବୁଜୁଛନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶ ପେରିଟୋନିଆଲ ଡାୟାଲିସିସ୍ ରୋଗୀ ବୋଲି ଜଣାପଡ଼ିଛି। ଗୋଟିଏ ପଟେ ରାଜ୍ୟରେ କିଡ୍ନୀ ରୋଗୀଙ୍କ ସଂଖ୍ୟା ବଢିବାରେ ଲାଗିଛି। ଏସ୍‌ସିବି ନେଫ୍ରୋଲୋଜି ଆଉଟଡୋରକୁ ପ୍ରତି ସପ୍ତାହରେ ୮୦ ଜଣ ରୋଗୀ ଆସୁଥିବାବେଳେ ଦିନକୁ ୧୫ରୁ ୨୦ ରୋଗୀ ଚିକିତ୍ସା ପାଇଁ ଆସୁଛନ୍ତି। ଦୈନିକ ଏହି ବିଭାଗରେ ୭୦ରୁ ୮୦ ଜଣ ରୋଗୀଙ୍କ ଡାୟାଲିସିସ୍ କରାଯାଉଥିବା ବିଭାଗୀୟ ମୁଖ୍ୟ ପ୍ରଫେସର ଡା. ଚିତ୍ତରଞ୍ଜନ କର କହିଛନ୍ତି। ଡାକ୍ତର କରଙ୍କ କହିବା ଅନୁଯାୟୀ, ଫ୍ଲୁଇଡ୍‌ଜନିତ ଅସୁବିଧା ଉପୁଜିଛି। କିନ୍ତୁ ଫ୍ଲୁଇଡ୍ ଯୋଗୁ କୌଣସି ରୋଗୀଙ୍କ ମୃତ୍ୟୁ ଘଟିନାହିଁ। ଏସ୍‌ସିବି ମେଡିକାଲ ଅଧୀକ୍ଷକ ପ୍ରଫେସର ଡା. ସରୋଜ କୁମାର ସାହୁ କୁହନ୍ତି, ଫ୍ଲୁଇଡ ଯୋଗାଇବା ପାଇଁ ବ୍ୟବସ୍ଥା କରାଯାଉଛି। ଖୁବ୍‌ଶୀଘ୍ର ଏହି ରୋଗୀମାନେ ଫ୍ଲୁଇଡ ପାଇଯିବେ।

# ୬ ସହର ପାରଦ ୧୦ ଡିଗ୍ରୀ ତଳକୁ ଖସିଲା

ଭୁବନେଶ୍ୱର, ୨୦।୧୨(ବ୍ୟୁରୋ)

ରାଜ୍ୟରେ ଶୀତ ବୃଦ୍ଧି ପାଇଛି। ଗତ ଦୁଇଦିନ ହେବ ସହରଠାରୁ ଆରମ୍ଭ କରି ଗାଁ ଗଣ୍ଡାରେ ଶୀତ ବିରାଜମାନ କରିଛି। ପାରଦ ୪ରୁ ୫ ଡିଗ୍ରୀ ସେଲସିୟସ ତଳକୁ ଖସି ଯାଇଛି। ଶୁକ୍ରବାର ରାଜ୍ୟର ୫ଟି ସହରରେ ପାରଦ ୧୦ ଡିଗ୍ରୀ ସେଲସିୟସ ତଳକୁ ହ୍ରାସ ପାଇଛି। ଦାରିଙ୍ଗବାଡିରେ ସର୍ବନିମ୍ନ ତାପମାତ୍ରା ୫.୮ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ସୋନପୁର ୯.୮, ଫୁଲବାଣୀ ୯, ଅନୁଗୋଳ ୯, ବାଲେଶ୍ୱର ୯.୬ ଏବଂ ଝାରସୁଗୁଡାର ପାରଦ ୯.୬ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ସେହିପରି ରାଜ୍ୟର ଅନ୍ୟାନ୍ୟ ଅଞ୍ଚଳରେ ମଧ୍ୟ ସର୍ବନିମ୍ନ ତାପମାତ୍ରା ୩ରୁ ୪ ଡିଗ୍ରୀ ସେଲସିୟସ ହ୍ରାସ ପାଇଛି। ତେବେ ଏହି ଶୀତ ବେଶି ଦିନ ତିଷ୍ଠି ରହିପାରିବ ନାହିଁ। କାରଣ ଉତ୍ତର ଦିଗରୁ ଏ ପର୍ଯ୍ୟନ୍ତ ଥଣ୍ଡା ବାୟୁ ପ୍ରବାହିତ ହୋଇ ନାହିଁ। ଆସନ୍ତା ୨୩ ତାରିଖ ବେଳକୁ ଆଭ୍ୟନ୍ତରୀଣ ଓଡିଶାରେ ବର୍ଷା ମଧ୍ୟ ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଚାନ୍ଦବାଲିରେ ସର୍ବନିମ୍ନ ତାପମାତ୍ରା ୧୨.୩ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ କଟକ ୧୨, ପାରାଦୀପ ୧୫, ଭୁବନେଶ୍ୱର ୧୩.୬, ଗୋପାଳପୁର ୧୭.୨, ପୁରୀ ୧୪.୪, କେନ୍ଦୁଝର ୧୦, ସମ୍ବଲପୁର ୧୦.୫, ହୀରାକୁଦ ୧୩.୬, ଭବାନୀପାଟଣା ୧୩, ବଲାଙ୍ଗୀର ୧୪,କୋରାପୁଟ ୧୨, ଟିଟିଲାଗଡ ୧୦.୧ ଏବଂ ମାଲକାନଗିରି ଜିଲାରେ ସର୍ବନିମ୍ନ ୧୮ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।




# ବିଭାଗୀୟ ସ୍ଥାୟୀ କମିଟି-୫ର ଏକାଦଶ ବୈଠକ

ଭୁବନେଶ୍ୱର,୨୦।୧୨(ବ୍ୟୁରୋ)

ବିଧାନସଭା ବିଭାଗୀୟ ସ୍ଥାୟୀ କମିଟି-୫ର ଏକାଦଶ ବୈଠକ ବିଧାୟକ ଅଶ୍ୱିନୀ କୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ବିଧାନସଭାସ୍ଥିତ ପ୍ରକୋଷ୍ଠ ନଂ-୫୪ରେ ହୋଇଥିବା ଏହି ବୈଠକରେ କମିଟିର ବାଲେଶ୍ୱର, ମୟୂରଭଞ୍ଜ ଓ କେନ୍ଦୁଝର ଜିଲାକୁ ଗତ ନଭେମ୍ବର ୬ରୁ ୮ ମଧ୍ୟରେ ହୋଇଥିବା ଗସ୍ତ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ ନେଇଥିବା କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ଆଲୋଚନା ହୋଇଥିଲା । ବୈଠକରେ କମିଟିର ସଦସ୍ୟ ଥିବା ବିଧାୟିକା ବିଧାୟକଙ୍କ ସମେତ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗର ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ ।

## ମହାପ୍ରଭୁ ୧୪ ଘଣ୍ଟା ଉପାସରେ ରହିବା ଘଟଣା

# ୩ଜଣଙ୍କୁ ନୋଟିସ, ଜାନୁୟାରୀ ୪ରୁ ଶୁଣାଣି

**ପୁରୀ ଅଫିସ, ୨୦।୧୨:** ଗତବର୍ଷ ଡିସେମ୍ବର ୨୮ ତାରିଖରେ ଶ୍ରୀମନ୍ଦିରରେ ଘଟିଥିଲା ଚରମ ବିଭ୍ରାଟ। ମହାପ୍ରଭୁ ୧୪ ଘଣ୍ଟା ଭୋକ ଉପାସରେ ରହିଥିଲେ। ତେବେ ଏଥିପାଇଁ ଯେଉଁମାନେ ଦାୟୀ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. କ୍ରିଷନ କୁମାର କହିଛନ୍ତି। ଶୁକ୍ରବାର ପରିଚାଳନା କମିଟି ବୈଠକ ପରେ ମୁଖ୍ୟ ପ୍ରଶାସକ କହିଥିଲେ, ଗତବର୍ଷ ଗୋଟିଏ ଦିନ ଦ୍ୱାରଫିଟା ନୀତିରେ ବିଳମ୍ବ ହୋଇଥିଲା। ଏଥିପାଇଁ କେଉଁମାନେ ଦାୟୀ, କ'ଣ ପଦକ୍ଷେପ ନିଆଯାଇଛି ସେ ବିଷୟରେ ଜଣାଇବା ଲାଗି ମୁଖ୍ୟ ପ୍ରଶାସକଙ୍କୁ ସୁପ୍ରିମ୍‌କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଇତିମଧ୍ୟରେ ଏହାର ତଦନ୍ତ ଆରମ୍ଭ ହୋଇଛି। ୨ଜଣ ଉତ୍ତର ରଖିଥିବା ବେଳେ ଆଉ ୩ ଜଣଙ୍କୁ ଆସନ୍ତା ୩୦ ତାରିଖ ଭିତରେ ଉତ୍ତର ଦେବା ପାଇଁ ନୋଟିସ୍ ଜାରି କରାଯାଇଛି। ଜାନୁୟାରୀ ୪ରୁ ଏହାର ଶୁଣାଣି ଆରମ୍ଭ ହେବ। ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ଏବଂ ଶ୍ରୀମନ୍ଦିର ଆଇନରେ ଯାହା ପ୍ରାବଧାନ ରହିଛି ତାହାକୁ ଦୃଷ୍ଟିରେ ରଖି ଯିଏ ଦୋଷୀ ପ୍ରମାଣିତ ହେବେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମୁଖ୍ୟ ପ୍ରଶାସକ କହିଛନ୍ତି। ଗତବର୍ଷ ଡିସେମ୍ବର ୨୭ ତାରିଖ ରାତି ପ୍ରାୟ ୮ଟାରେ ୩ ବଙ୍ଗୀୟ ଭକ୍ତ ଶ୍ରୀମନ୍ଦିରକୁ ଦର୍ଶନ ପାଇଁ ଯାଉଥିଲେ। ସିଂହଦ୍ୱାର ସମ୍ମୁଖ ବ୍ୟାରିକେଡ ଦେଇ ଯିବା ବେଳେ ସେଠାରେ କାର୍ଯ୍ୟରତ ଆଇଆର୍‌ବି ପୋଲିସ ସେମାନଙ୍କୁ ଅଟକାଇଥିଲେ। ବିଦେଶୀ ବୋଲି କହି ସେମାନଙ୍କ ପରିଚୟପତ୍ର ମାଗିଥିଲେ। ହେଲେ ସେମାନେ ବିଦେଶୀ ନୁହନ୍ତି, ତାଙ୍କ ଘର ପଶ୍ଚିମବଙ୍ଗ ବୋଲି କହିଥିଲେ। କିନ୍ତୁ ପୋଲିସ କର୍ମଚାରୀ ଶୁଣି ନ ଥିଲେ। ପରିଚୟପତ୍ର ନ ଦେଖାଇଲେ ଛାଡିହେବ ନାହିଁ ବୋଲି କହିବା ସହ ସେମାନଙ୍କୁ ଦୁର୍ବ୍ୟବହାର କରିଥିଲେ। ଏହି ସମୟରେ ଭିତରଚ୍ଛ ମହାପାତ୍ର ପହଞ୍ଚି ସେମାନେ କଲିକତାରୁ ଆସିଛନ୍ତି ବୋଲି କହିଥିଲେ। ଏହା ସତ୍ତ୍ୱେ ପୋଲିସ ତାଙ୍କୁ ଛାଡି ନ ଥିଲା। ଏହାକୁ ନେଇ ଭିତରଚ୍ଛ ଏବଂ ପୋଲିସ କର୍ମଚାରୀଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ପୋଲିସ କର୍ମଚାରୀ ତାଙ୍କୁ ମାଡ଼ ମାରିଥିଲେ ବୋଲି ଭିତରଚ୍ଛ ଥାନାରେ ଅଭିଯୋଗ କରିଥିଲେ। ସମ୍ପୃକ୍ତ ପୋଲିସ କର୍ମଚାରୀ ମଧ୍ୟ ଥାନାରେ ପାଲଟା ଅଭିଯୋଗ କରିଥିଲେ। ଏହି ଘଟଣାକୁ ନେଇ ୨୮ ତାରିଖ ସକାଳୁ ଶ୍ରୀମନ୍ଦିରରେ ଦିନ ତମାମ୍ ଜୟ ବିଜୟ ଦ୍ୱାର ଫିଟି ନ ଥିଲା। ଠାକୁର ଦାନ୍ତ ଘଷି ନ ଥିଲେ କି ଗାଧୋଇ ନ ଥିଲେ। ବାହାରିପାରି ନ ଥିଲା ପହିଲି ଭୋଗ। ବନ୍ଦ ରହିଥିଲା ମହାପ୍ରସାଦ। ଭୋକ ଉପାସରେ ରତ୍ନସିଂହାସନରେ ମହାପ୍ରଭୁ ବସି ରହିଥିବା ବେଳେ ଦର୍ଶନ ନ ପାଇ ସିଂହଦ୍ୱାରରେ ଲୁହ ଗଡାଇଥିଲେ ଭକ୍ତ। ଶେଷରେ ଶ୍ରୀମନ୍ଦିର ପ୍ରଶାସନ ସେବାୟତଙ୍କ ଲିଖିତ ଦାବି ଗ୍ରହଣ କରିବା ପରେ ଆରମ୍ଭ ହୋଇଥିଲା ନୀତିକାନ୍ତି। ପହିଲି ଭୋଗ ଯୋଗୁ ଭୋର ୩ଟା ଦ୍ୱାର ଫିଟାଯିବାକୁ ନୀତି ନିର୍ଘଣ୍ଟ କରାଯାଇଥିଲା। କିନ୍ତୁ ୧୪ ଘଣ୍ଟା ବିଳମ୍ବରେ ଅର୍ଥାତ୍ ଅପରାହ୍ନ ୫ଟାରେ ଦ୍ୱାର ଫିଟିଥିଲା।

## ଜନ୍‌ସନଙ୍କ ବ୍ରେକ୍‌ଜିଟ ଚୁକ୍ତିକୁ ନୂଆ ପାର୍ଲାମେଣ୍ଟର ସମର୍ଥନ

**ଲଣ୍ଡନ,୨୦।୧୨(ଏଏଫ୍‌ପି):** ବ୍ରିଟେନର ନୂଆ ପାର୍ଲାମେଣ୍ଟ ପ୍ରଧାନମନ୍ତ୍ରୀ ବୋରିସ ଜନ୍‌ସନଙ୍କ ବ୍ରେକ୍‌ଜିଟ ଚୁକ୍ତିକୁ ଶୁକ୍ରବାର ସମର୍ଥନ ଜଣାଇଛି। ଗତ ସପ୍ତାହରେ ଜନ୍‌ସନଙ୍କ କଞ୍ଜରଭେଟିଭ୍ ପାର୍ଟି ସାଧାରଣ ନିର୍ବାଚନରେ ବିଜୟୀ ହୋଇଥିଲା। ଫଳରେ ଜାନୁୟାରୀ ୩୧ ସୁଦ୍ଧା ୟୁରୋପୀୟ ସଂଘ (ଇୟୁ)ରୁ ବ୍ରିଟେନ ବାହାରିଆସିବା ପ୍ରକ୍ରିୟାକୁ ଆଗେଇ ନେବା ଲାଗି ଜନ୍‌ସନଙ୍କୁ ନୂଆ ପାର୍ଲାମେଣ୍ଟର ସମର୍ଥନ ମିଳିଯାଇଛି।






**ଆଜିର ମନ୍ତବ୍ୟ** ଗଣତନ୍ତ୍ରରେ ଲୋକଙ୍କ ସ୍ୱର ଉତ୍ତୋଳନ କରିବା ଅଧିକାର ରହିଛି। –ସୋନିଆ ଗାନ୍ଧୀ, କଂଗ୍ରେସ ଅଧ୍ୟକ୍ଷା

**କିଛି ତଥ୍ୟ** ଜାତୀୟ ଖାଦ୍ୟ ସୁରକ୍ଷା ଆଇନରେ ୮୧.୩୫ କୋଟି ହିତାଧିକାରୀଙ୍କୁ ଯୋଡିବାକୁ ଲକ୍ଷ୍ୟ ରଖାଯାଇଛି। ବର୍ତ୍ତମାନ ପ୍ରାୟ ୭୫ କୋଟି ହାତିଧିକାରୀଙ୍କୁ ଏଥିରେ ଯୋଡା ଯାଇଛି। – ଖାଉଟି ବ୍ୟାପାର ମନ୍ତ୍ରଣାଳୟ

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ...............................


ଖୁସୀ
ପରିବାରବର୍ଗ


ତରୁଲତା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

**ପ୍ରଥମ ପୃଷ୍ଠାରୁ...**

## ୟୁପିରେ ହିଂସା...

ପ୍ରତିବାଦ ଶୋଭାଯାତ୍ରାରେ ବାହାରିଥିବାବେଳେ ଶୋ'ରୁମ୍ ଓ ଗାଡ଼ି ଭଙ୍ଗାରୁଜା କରିବା ସହ ପୋଲିସ ଉପରକୁ ଟେକାମାଡ଼ କରିଥିଲେ। ଉତ୍ତ୍ୟକ୍ତ ବିକ୍ଷୋଭକାରୀଙ୍କୁ ଘଉଡାଇବାକୁ ଯାଇ ପୋଲିସ ଲାଠିଚାଳନା କରିଥିଲେ। ଫିରୋଜାବାଦରେ ମଧ୍ୟ ପୋଲିସ ଓ ବିକ୍ଷୋଭକାରୀଙ୍କ ମଧ୍ୟରେ ସଂଘର୍ଷ ହୋଇଥିଲା। ଉତ୍ତ୍ୟକ୍ତ ଜନତା ପୋଲିସ ଉପରକୁ ଢେଲାମାଡ଼ କରିବା ସହ କେତେକ ଗାଡ଼ି ପୋଡ଼ିଦେଇଥିଲେ। ଶାମ୍ଲିର ଆଜାଦ ଚୌକଠାରେ ବିକ୍ଷୋଭକାରୀଙ୍କୁ ଘଉଡାଇବାକୁ ପୋଲିସ ମୃଦୁ ଲାଠିଚାଳନା କରିଥିଲା। ହାପୁର ଏବଂ ମୁଜାଫରନଗରରେ ମଧ୍ୟ ଅନୁରୂପ ସ୍ଥିତି ଦେଖାଦେଇଥିଲା। ଗୋରଖପୁରରେ ଟେକାମାଡ଼ କରୁଥିବା ବିକ୍ଷୋଭକାରୀଙ୍କୁ ପୋଲିସ ଲାଠିମାଡ଼ କରିଥିଲା। ଦେଓବନ୍ଦରେ ୨୫୦୦ ବିକ୍ଷୋଭକାରୀ ସରଫଟା ବଜାରରୁ ଖାନ୍‌କା ପୋଲିସ ଆଉଟପୋଷ୍ଟ ଆଡ଼କୁ ସିଏଏ ବିରୋଧୀ ସ୍ଲୋଗାନ ଦେଇ ଶୋଭାଯାତ୍ରାରେ ବାହାରିଥିଲେ। ବାରାଣସୀରେ ସିଏଏ ବିରୋଧୀ ବିକ୍ଷୋଭ ଶାନ୍ତିପୂର୍ଣ୍ଣ ଥିଲା। ଆନ୍ଦୋଳନକାରୀ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପୋଲିସ ଅଧିକାରୀଙ୍କୁ ଦେଇଥିଲେ।

ଦିଲ୍ଲୀର ଦରିଆଗଞ୍ଜ ଅଞ୍ଚଳରେ ବିକ୍ଷୋଭକାରୀ ଏକ କାର୍ ଜାଳିଦେଇଥିବାବେଳେ ଦିଲ୍ଲୀର ଇଣ୍ଡିଆ ଗେଟ୍ ନିକଟରେ ସୁରକ୍ଷା କର୍ମୀଙ୍କୁ ଢେଲାମାଡ଼ କରିଥିଲେ। ବିକ୍ଷୋଭକାରୀଙ୍କୁ ତଡ଼ିବା ପାଇଁ ପୋଲିସ ପାଣିମାଡ଼ କରିବା ସହ ଲାଠିଚାଳନା କରିଥିଲା। ଏହାବ୍ୟତୀତ ମହାରାଷ୍ଟ୍ର, କର୍ନାଟକ-କେରଳ ସୀମାନ୍ତ ଅଞ୍ଚଳରେ ଆନ୍ଦୋଳନ ହିଂସାତ୍ମକ ହୋଇଥିଲା। ଉତ୍ତରପ୍ରଦେଶ, ଦିଲ୍ଲୀ ସମେତ ବିଭିନ୍ନ ଅଞ୍ଚଳରେ କର୍ତ୍ତୃପକ୍ଷ ମୋବାଇଲ, ଇଣ୍ଟରନେଟ ଏବଂ ଏସ୍‌ଏମ୍‌ଏସ୍ ସେବା ବନ୍ଦ କରିଦେଇଛନ୍ତି। ଭୀମ ଆର୍ମୀ ପକ୍ଷରୁ ଉତ୍ତର ଦିଲ୍ଲୀର ଜାମା ମସ୍‌ଜିଦଠାରୁ ଯନ୍ତରମନ୍ତର ପର୍ଯ୍ୟନ୍ତ ରାଲି ବାହାରିଥିବାବେଳେ ପୋଲିସ ଏହାକୁ ଅନୁମତି ଦେଇ ନ ଥିଲା। ତେବେ ଭୀମ ଆର୍ମି ମୁଖ୍ୟ ଚନ୍ଦ୍ରଶେଖର ଗିରଫ ହେବା ପୂର୍ବରୁ ଖସିଯାଇଥିଲେ। ଆନ୍ଦୋଳନ ଯୋଗୁ ଦିଲ୍ଲୀର ୧୭ଟି ମେଟ୍ରୋ ଷ୍ଟେଶନକୁ ବନ୍ଦ କରିଦିଆଯାଇଛି। କେତେକ ସଂଗଠନ ଶାନ୍ତିପୂର୍ଣ୍ଣ ବିକ୍ଷୋଭ ପ୍ରଦର୍ଶନ କରିବା ସହ ପୋଲିସକୁ ଗୋଲାପ ଫୁଲ ଦେଇଥିଲେ।

ମହାରାଷ୍ଟ୍ରରେ ସିଏଏ ଏବଂ ଏନ୍‌ଆର୍‌ସି ବିରୋଧୀ ବିକ୍ଷୋଭ ବେଳେ ଉତ୍ତ୍ୟକ୍ତ ଲୋକେ ଏମ୍‌ଏସ୍‌ଆରଟିସିର ୧୨ଟି ବସ୍ ଏବଂ ଏକ ଦଳକଳ ଗାଡ଼ିକୁ ଭଙ୍ଗାରୁଜା କରିଛନ୍ତି। ବିଦ୍ ଅଞ୍ଚଳରେ ଉତ୍ତ୍ୟକ୍ତ ବିକ୍ଷୋଭକାରୀଙ୍କୁ ଘଉଡାଇବାକୁ ପୋଲିସ ଲାଠିଚାଳନା କରିଥିଲା। ବିଦ୍ ଓ ନାନ୍ଦେଡ଼ରେ ବସ୍ ଡିପୋ ଉପରକୁ ବିକ୍ଷୋଭକାରୀମାନେ ଟେକାମାଡ଼ କରିଥିଲେ। ଉତ୍ତେଜନାପ୍ରବଣ ଅଞ୍ଚଳଗୁଡ଼ିକରେ ଅତିରିକ୍ତ ସୁରକ୍ଷା ବଳ ମୁତୟନ କରାଯାଇଛି। ଗୁରୁବାର ହିଂସାତ୍ମକ ବିକ୍ଷୋଭ ବେଳେ ପୋଲିସ ଗୁଳିରେ ମାଙ୍ଗାଲୋରରେ ୨ ଓ ଲକ୍ଷ୍ନୌରେ ଜଣକର ମୃତ୍ୟୁ ଘଟିଥିଲା।

## ସଙ୍କଟ ଟାଳିବ ...

କାର୍ଯ୍ୟକାରୀ ହେବ। ସେହି ବ୍ଲକଗୁଡିକ ହେଲା ବାହାନଗା, ବାଲିଆପାଳ, କୋରେଇ, ଗରଦପୁର, ବୋଲଗଡ଼, ନୟାଗଡ଼ ସଦର, ଢେଙ୍କାନାଳ ସଦର, ତିିର୍ତ୍ତୋଲ, ଓଡ଼ାପଡା, କଟକ ସଦର, ନାଉଗାଁ, କୁଜଙ୍ଗ, ଜଗତ୍‌ସିଂହପୁର, ରସୁଲପୁର, ବିଞ୍ଝାରପୁର, ଦଶରଥପୁର, କାକଟପୁର, ବାଲିପାଟଣା, ଭୁବନେଶ୍ୱର, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା, ଆଳି, ରେମୁଣା, ନୀଳଗିରି, ଭୋଗରାଇ, ଜଳେଶ୍ୱର, ସୋର, କନ୍ଧମାଳ, ଗଞ୍ଜାମ, ହିଞ୍ଜିଳିକାଟୁ, ଆସ୍କା, ଯୋଡା, ଧାମନଗର, ଭଦ୍ରକ, ଭଣ୍ଡାରିପୋଖରୀ, ତାଳଚେର, କଣିହାଁ, ତରଭା, ସୋନପୁର, ବିଶ୍ରା, ଭଟଲି, ଝାରବନ୍ଧ, ବରଗଡ଼, ସୋହେଲା, ଲୋଇସିଂହା, ରାସଗୋବିନ୍ଦପୁର, ବଡସାହି, ବେତନଟି ଏବଂ ଯାଜପୁର। ସେହିପରି ୨୭ ସହରାଞ୍ଚଳ ହେଲା ଅନୁଗୋଳ, ତାଳଚେର, ବରଗଡ଼, ପଦ୍ମପୁର, ବରପାଲି, ଟିିଟିଲାଗଡ, କଟକ, ଆସ୍କା, ଦିଗପହଣ୍ଡି, ହିଞ୍ଜିଳିକାଟୁ, ବ୍ରହ୍ମପୁର, ଝାରସୁଗୁଡା, ଯୋଡା, ଖୋର୍ଦ୍ଧା, ଭୁବନେଶ୍ୱର, ବାରିପଦା, ନବରଙ୍ଗପୁର, ନୟାଗଡ଼, ପୁରୀ, ସମ୍ବଲପୁର, ଢେଙ୍କାନାଳ, ତରଭା, ସୋନପୁର, ରାଉରକେଲା, ବଲାଙ୍ଗୀର, କେନ୍ଦ୍ରାପଡା ଓ ପଟ୍ଟାମୁଣ୍ଡାଇ। ଏହି ଯୋଜନା ପାଇଁ ରାଜ୍ୟ ସରକାର ୨୪୭ କୋଟି ଟଙ୍କାର ବ୍ୟୟବରାଦ କରିଛନ୍ତି। ବ୍ଲକଗୁଡିକରେ ଥିବା ସମସ୍ତ ସରକାରୀ କୋଠା ଛାତ ଉପର ବର୍ଷାଜଳ ସଂରକ୍ଷଣ କରାଯିବ। ସହରାଞ୍ଚଳଗୁଡ଼ିକରେ ଉଭୟ ସରକାରୀ ଓ ବେସରକାରୀ ଗୃହଗୁଡ଼ିକୁ ଏଥିରେ ସାମିଲ କରାଯିବ। ଛାତ ଉପର ଜଳ ସଂରକ୍ଷଣ ଯୋଜନାରେ ଘରୋଇ ଲୋକମାନଙ୍କୁ ୫୦ ପ୍ରତିଶତ ରିହାତି ପ୍ରଦାନ କରାଯିବ। ଏହି ଯୋଜନା ଦ୍ୱାରା ଅଯଥାରେ ବର୍ଷା ଜଳ ବୋହି ନ ଯାଇ ଭୂଗର୍ଭକୁ ସିଧା ଯାଇ ପାରିବ। ପ୍ରଥମ ପର୍ଯ୍ୟାୟରେ ଉପରୋକ୍ତ ଅଞ୍ଚଳଗୁଡିକୁ ସାମିଲ କରାଯାଇଛି। ଆଗାମୀ ଦିନରେ ଏହା ଅନ୍ୟାନ୍ୟ ସ୍ଥାନକୁ ସମ୍ପ୍ରସାରଣ କରାଯିବ ବୋଲି ଭୂଗର୍ଭ ଜଳ ନିର୍ଦ୍ଦେଶାଳୟର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ଜଳବାୟୁ ପରିବର୍ତ୍ତନ ଯୋଗୁ ରାଜ୍ୟରେ ମୁଣ୍ଡପିଛା ଜଳ ପରିମାଣ ମଧ୍ୟ ହ୍ରାସ ପାଇବାରେ ଲାଗିଛି। ୧୯୯୧ରେ ବାର୍ଷିକ ମୁଣ୍ଡପିଛା ୩୮୦୨.୮୪ ଘନ ମିଲିଲିଟର ଜଳ ଉପଲବ୍ଧ ହେଉଥିବା ବେଳେ ୨୦୦୧ରେ ୩୫୦୯.୧୭, ୨୦୧୧ରେ ୨୮୬୮.୩୫ ଏବଂ ୨୦୧୯ରେ ଏହା ୨୫୬୮.୦୯ ଘନ ମିଲିଲିଟରକୁ ଖସି ଆସିଛି। ୨୦୩୦ ବେଳକୁ ପରିସ୍ଥିତି ଆହୁରି ସଙ୍ଗିନ ହେବ। ସେତେବେଳକୁ ରାଜ୍ୟରେ ମୁଣ୍ଡପିଛା ଜଳ ୨୩୨୯.୮୮ ଘନ ମିଲିଲିଟରକୁ ଖସିଯିବା ନେଇ ଆକଳନ କରାଯାଇଛି। ରାଜ୍ୟର ପ୍ରମୁଖ ଜଳଉତ୍ସ ମହାନଦୀ ସମେତ ୧୧ଟି ବୃହତ୍ ନଦୀରେ ବାର୍ଷିକ ୯୫,୫୪୦ ନିୟୁତ କ୍ୟୁବିକ ମିଟର ଜଳ ପ୍ରବାହିତ ହେଉଥିବା ବେଳେ ସେଥିରୁ ୪୪,୪୫୦.୩୫ ନିୟୁତ କ୍ୟୁବିକ୍ ମିଟର ଜଳ ବିଭିନ୍ନ ଉଦ୍ଦେଶ୍ୟରେ ବ୍ୟବହାର ହେଉଛି। ଅର୍ଦ୍ଧାଧିକ ଅର୍ଥାତ୍ ୫୧୦୮୯.୬୫ ନିୟୁତ କ୍ୟୁବିକ୍ ମିଟର ଜଳ ସମୁଦ୍ରକୁ ଚାଲିଯାଉଛି। ୨୦୫୦ ବେଳକୁ ଭୂପୃଷ୍ଠ ଓ ଭୂଗର୍ଭସ୍ଥ ଜଳ ୧୪୧ ବିଲିୟନ କ୍ୟୁବିକ ମିଟରରୁ ୧୨୯କୁ ଖସିଯିବା ନେଇ ଅନୁମାନ କରାଯାଇଛି।

## #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ


ଅଜିତ କୁମାର ମଲ୍ଲିକ


ପୁନମ ମୁଦୁଲି


ଶୋହନା ଶହେର


ବିକ୍ରମ ବିଶ୍ୱାଳ

**ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ**
plasticfreeodishadht@gmail.com

ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ସାମଗ୍ରିକ ଦୃଷ୍ଟିକୋଣରୁ ଦିନଟି ବହୁତ ଭଲ, ଏପରିକି ଆପଣ ସକାଳୁ ସକାଳୁ କୌଣସି ଶୁଭଖବର ପାଇ ଖୁସି ହେବେ । ଶନିକ୍ଷେତ୍ରସ୍ଥ ଶୁକ୍ର ଯୋଗୁ କାର୍ଯ୍ୟଗୁଡ଼ିକ ତ୍ୱରାନ୍ୱିତ ହେବା ବଦଳରେ ଆକସ୍ମିକ ସମସ୍ୟା ହେତୁ ହଠାତ୍ ଅଟକି ରହିଯାଇପାରେ । ଶିଳ୍ପ, ବାଣିଜ୍ୟ ଓ ରାଜନୀତିରେ ଚେଷ୍ଟା ସଫଳ ହେବ ଓ ଲାଭବାନ୍ ହେବେ ।

**ବୃଷ** ଆଜି ଯେମିତି ଚାହୁଁଛନ୍ତି ଠିକ୍ ସେମିତି ହିଁ ପାଇବେ, ଅବଶ୍ୟ ଟିକିଏ ଝିନ୍‌ଝଟ୍ ମଧ୍ୟରେ । ପିଲାମାନଙ୍କ ଉନ୍ନତ କାର୍ଯ୍ୟକଳାପ ପାଇଁ ଗୌରବାନ୍ୱିତ ହୋଇପାରନ୍ତି। କର୍ମକ୍ଷେତ୍ର, ସଭାସମିତିରେ ଟେନ୍‌ସନ କିଛି ମାତ୍ରାରେ ଲାଗିରହିବ । ଆତ୍ମୀୟତା ଦେଖାଉଥିବା ଲୋକମାନେ ପରୋକ୍ଷଭାବେ ବିରୁଦ୍ଧାଚରଣ କରିପାରନ୍ତି।

**ମିଥୁନ** ରାଶିରେ ରାହୁ ଓ ଚତୁର୍ଥ ଚନ୍ଦ୍ର ହେତୁ କୌଣସି ସମସ୍ୟାର ସମ୍ମୁଖୀନ ହୋଇ ମାନସିକ ଅସ୍ଥିରତା ଦେଖାଦେଇପାରେ। କର୍ମକ୍ଷେତ୍ରରେ ବିଭିନ୍ନ ପ୍ରକାର କାମରେ ବ୍ୟସ୍ତ ରହିବା କାରଣରୁ ମନ ଠିକ୍ ରହିବ ନାହିଁ। କୌଣସି ବ୍ୟକ୍ତି ଦ୍ୱାରା ବାଧବାଧକତାରେ ଯାତ୍ରାରୁ ଦୂରେଇ ରହିବା ଭଲ। ଅଫିସ୍ କାମରେ ଆଲୋଚନା ସରଗରମ ମଧ୍ୟରେ ଅସମାପ୍ତ ରହିବ।

**କର୍କଟ** କେନ୍ଦ୍ରସ୍ଥ ମଙ୍ଗଳଙ୍କ ସୁପ୍ରଭାବରେ କର୍ମକ୍ଷେତ୍ରରେ ଯୁକ୍ତିଯୁକ୍ତ କଥା କହି ଜଟିଳ ପରିସ୍ଥିତିକୁ ସୁଧାରିନେଇ ପାରିବେ। ଟଙ୍କାପଇସା ନେବା ଆଣିବା କ୍ଷେତ୍ରରେ ସତର୍କ ରୁହନ୍ତୁ, ନଚେତ୍ ପରେ ଅନୁତାପ କରିବାକୁ ପଡ଼ିପାରେ । ପାରିବାରିକ କ୍ଷେତ୍ର, ଯାନବାହନ ଚଳାଚଳ, ଦୋକାନବାଡ଼ି ପ୍ରଭୃତିରେ କିଛିଟା ସମସ୍ୟା ଦେଖାଦେବ ।

**ସିଂହ** ଏକାଧିକ ଗ୍ରହଙ୍କ ସହ ରବି ଥିବା ହେତୁ ସ୍ୱାସ୍ଥ୍ୟ ପ୍ରାୟତଃ ନିୟନ୍ତ୍ରଣାଧୀନ ରହି ନ ପାରେ। ପରିସ୍ଥିତିବଶତଃ ଅତ୍ୟଧିକ ଲୋଭ ଏବଂ ସନ୍ଦେହ, ପାରିପାର୍ଶ୍ୱିକ ପରିସ୍ଥିତିକୁ କେତେକାଂଶରେ ଅସ୍ୱାଭାବିକ କରିପାରେ। ପରିବହନ,ବ୍ୟବସାୟ ଓ ପ୍ରଶାସନିକ ସ୍ତରରେ ଆଶା ଅନୁଯାୟୀ ଫଳ ପାଇବେ।

**କନ୍ୟା** ଭାଗ୍ୟ ସ୍ଥାନକୁ ବୁଧ ଦେଖୁଥିବାରୁ ଆଜିର ସବୁ କାମଗୁଡ଼ିକ ବନ୍ଧୁମାନଙ୍କ ସାହାଯ୍ୟରେ ସମ୍ପନ୍ନ ହେବ। ଯଥାସାଧ୍ୟ ଋଣ ପରିଶୋଧ କରିବେ, ଶତ୍ରୁତାର ଅବସାନ ଘଟିବ, ରୋଗପୀଡ଼ା ଉପଶମ ହେବାରୁ ସାମୟିକ ଆଶ୍ୱସ୍ତି ଲାଭ କରିପାରନ୍ତି। ବହୁଦିନରୁ ଅଟକି ରହିଥିବା କାମଟିକୁ ହଠାତ୍ ଆରମ୍ଭ କରିବାକୁ ମନ ବଳାଇବେ।

**ତୁଳା** ଆଜି ଶୁକ୍ରଙ୍କ ପ୍ରଭାବରୁ ଶାରୀରିକ ଓ ମାନସିକ ସ୍ଥିତି ବହୁତ ଭଲ ରହିବ। ସନ୍ତାନଙ୍କ ଉନ୍ନତି, ଶିକ୍ଷା, ଆନୁଷ୍ଠାନିକ ଆଲୋଚନା ପ୍ରଭୃତିରେ ସଫଳତା ପାଇବା ସାଙ୍ଗକୁ ବୁଦ୍ଧିଜୀବୀମାନଙ୍କ ସୁନଜରରେ ଆସିବେ। ଆନୁଷ୍ଠାନିକ କାମ, ରାଜନୈତିକ ସଙ୍ଗଠନ ଓ ସାମ୍ବାଦିକତାରେ ପ୍ରଶଂସିତ ହେବେ।

**ବିଛା** କର୍ମସ୍ଥାନରେ ଭାଗ୍ୟାଧିପ ଅବସ୍ଥାନକରି ଅଭିଳାଷ ପୂରଣ କରିବାରେ ତତ୍ପରତା ପ୍ରକାଶ କରିବେ। ଶିଳ୍ପ, ବାଣିଜ୍ୟରେ ମାଲ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। ଅଫିସରେ ପରିଚାଳନାଗତ ସମସ୍ୟା ବୃଦ୍ଧି ପାଇବ , କିନ୍ତୁ ସମୟାନ୍ତରେ ସମାଧାନ ମଧ୍ୟ ହୋଇଯିବ।

**ଧନୁ** ରାଶିରେ ଚତୁର୍ଗ୍ରହ ଯୋଗ ହେତୁ ପ୍ରତ୍ୟେକ କାର୍ଯ୍ୟରେ ସଫଳତା ହାସଲ କରିପାରିବେ। ଯାହା ଭାବୁଛନ୍ତି ଶୀଘ୍ର କରିବା ଭଲ ହେବ ନଚେତ୍ ପରକ୍ଷଣରେ ପରିସ୍ଥିତି ବଦଳିଯାଇପାରେ । ଶିଳ୍ପ, ବାଣିଜ୍ୟ,ପ୍ରକାଶନ, ରାଜନୀତି, ପରିବହନ ଓ ଆଇନ ଅଦାଲତ କ୍ଷେତ୍ରରୁ ଉଚ୍ଚମାନର ଫଳ ପାଇବେ।

**ମକର** ରାଶିରେ ଶୁକ୍ର ରହିଥିବାରୁ ଭୋଗବିଳାସ ପ୍ରତି ଆକର୍ଷିତ ହେବେ। ବୁଦ୍ଧି ଖଟାଇ ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବାରେ ସମର୍ଥ ହୋଇପାରନ୍ତି। ଆଜି ବ୍ୟବସାୟୀମାନେ ଭଲ ବ୍ୟବସାୟ ହେବା କାରଣରୁ ଖୁସି ରହିବେ। ହିତୈଷୀମାନଙ୍କ ପରାମର୍ଶରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ।

**କୁମ୍ଭ** ବୁଧ ପ୍ରଭାବରେ କର୍ମକ୍ଷେତ୍ରର ବିଦ୍ୟମାନ ସ୍ଥିତି କେତେକାଂଶରେ ସମାଧାନ ଦିଗକୁ ଗତି କରିବ। ନିର୍ମାଣାଧୀନ କାର୍ଯ୍ୟ ସକାଶେ ଅର୍ଥର ଆବଶ୍ୟକତା ଅପରିହାର୍ଯ୍ୟ ହୋଇପାରେ। ଧର୍ମାନୁଷ୍ଠାନ ଦିଗ ସକାଶେ ଖିଆପିଆ ଛାଡ଼ି ବୁଲିବେ । ପରିସ୍ଥିତିକୁ ଆଖି ଆଗରେ ରଖି ଉପସ୍ଥିତ ବୁଦ୍ଧି ପ୍ରୟୋଗ କରିପାରିଲେ କାର୍ଯ୍ୟ ସାଧନ କରିପାରିବେ ।

**ମୀନ** ଆଜିର ଗ୍ରହ ସ୍ଥିତିରୁ ଆପଣଙ୍କ ମନ ଭୁଲାଣିଆ କଥାରେ ଶତ୍ରୁ ମଧ୍ୟ ମିତ୍ର ପାଲଟିଯିବେ। କିନ୍ତୁ ଭାବପ୍ରବଣତାବଶତଃ ନିଜର ଅସାବଧାନତା କିମ୍ବା ସତର୍କତା ଅଭାବରୁ ଧନହାନି ଘଟିପାରେ । ପରିବାରରେ, ପରିବହନରେ ,ଗୃହ ନିର୍ମାଣରେ, ସଭାସମିତିରେ କ୍ରମଶଃ ସ୍ଥିରତା ଫେରି ଆସିବ। କୌଣସି ବ୍ୟକ୍ତିବିଶେଷଙ୍କ ସହାୟତାରୁ ଉପକୃତ ହୋଇପାରନ୍ତି।

ଆଜି ପୌଷ କୃଷ୍ଣ ଦଶମୀ ଶନିବାର, ଡିସେମ୍ବର ୨୧ ତାରିଖ, ରାଶି ନକ୍ଷତ୍ର- ଚିତ୍ରା/କନ୍ୟା, ଦିବା ଘ୯।୨୯ମି. ପରେ ତୁଳା ଚନ୍ଦ୍ର, ପୂର୍ବାହ୍ନେ ବୃଷ ରାଶିର ଘାତଚନ୍ଦ୍ର, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ୭।୪୭ମି. ଗତେ ଘ୯।୫୭ମି. ମଧ୍ୟେ ଅମୃତବେଳା। ଦିବା ଘ୭।୪୦ମି. ଗତେ, ଘ୯।୦୧ମି. ମଧ୍ୟେ ମାହେନ୍ଦ୍ରବେଳା। ସକାଳ ଘ୯।୦୨ମି. ଗତେ ଘ୧୦।୨୩ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302

**real estate**

**SALE**

Duplex for sale in Patia, Ragunathpur, Bhubaneswar.Contact: 7735412646. D-68632

**Gharabari boundary plot Infocity-2 near 200ft. road side. Direct owner- 8144391451.** D-68453

3BHK at Damana Chhak near Club town. Price- 85/90 lakh. Contact: 8249083968, 7978414100. D-15592

ଭୁବନେଶ୍ୱର ଫୁଲନଖରା ତ୍ରିନାଥବଜାର ନିକଟରେ ଘରବାରି, **Road, Electricity** ସୁବିଧାଥାଇ ସଙ୍ଗେସଙ୍ଗେ ଘରକଲା ଭଳି **developed** ପ୍ଲଟ୍ କିଣନ୍ତୁ। **(Limited plots).** ଯୋଗାଯୋଗ– **7381029351, 9937111658.** D-68455

SC House ready to move 23,50,000/- finishing Hanspala- 8093465134, 9668194157. D-68633

**Ready to move 2/3 BHK flat in landmark PH-2, Sundarpada, Big Society, clubhouse, park available. Contact: 9938569014, 9861433014.** D-15661

**2/3BHK ready to move premium duplex and flats at DHPL Sahoo Residency near Mancheswar Railway Station. Contact: 9937059891, 8908292617.** D-15714

ମଙ୍ଗୁଳି ଛକ ଶାଳଗାଁ ଷ୍ଟେସନ୍ ପାଖରେ 1000sqft. 5,50,000. Contact: 8908492594. D-15790

**Flats for sale at DHPL Crystal Raghunathpur. Contact: 9937059891, 8908292617.** D-15713

ଭୁବନେଶ୍ୱର, Ravitalkies Sai mandir ପୂର୍ବରୁ ପ୍ଲଟ୍ ବିକ୍ରି ହେବ। Possession immediately. 9178660666. D-68927

4/5BHK Duplex with Gated Community at Balianta (Land- 1400 & Construction- 2200 @ 60,00,000 / 2600 @ 70,00,000). Land at Trisulia- 1200/-, Aiims- 1650/-, Rudrapur- 1750/-, Raghunathpur- 2200/-, Pitapalli- 1.5cr, Banguary- 3.5cr, Raghunathpur- 7cr. Mplanets: 9938219397/ 9861022055. D-15826

**Bhubaneswar Infocity-2 ଆଗରେ sqft.560/-immediate possession then registration. 9658383304, 9348232008.** D-68456

**1500 sqft. gharabari plots on Sundarapada-Jatani road with developed 40ft mainroad & 30' internal road main entrance gate with security room & electricity. 9Km from airport Bhubaneswar 2km. before Xavier University for sale: 9937162220.** D-15831

Demarkated gharabari plot sale near Sundarpada 550 per sqft., close to 100 feet road. 8328995545. D-68734

**construction**

Construct your building as per your terms and condition. Contact: 9937064680. D-27284

**Built your Residential & Commercial Project with best quality Material @ 1349/- Onwards with 20 years experienced Technical team. We provide Architecture, Structural & BDA Plan approval. SMPL Infratech – 9040008777.** D-15827

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**to-let**

Independent house 1300sqft. Pragati Enclave, Chandrasekharpur for Office/ Residence. 09437165036. D-15823

**packers & movers**

India's No.1 Packers, Leo Packers & Movers Car, Household & Office movement countrywide, 9438133699. D-15784

**healthcare**

Rejuvenate and ayurvedic full body massage by smart therapist. 9114402304. D-68904

Newly open full body massage by ladies, gents therapist. 8018656899 D-60858

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:– classifieddharitri@gmail.com

Monalisa Massage Club: All types body massage with hiprofile smart lady rooms service available- 9708545108. D-15810

Newly open SPA Station 3rd floor, Big Bazar, Nayapalli. 7655024727, 8118079281. D-68730

Ayurvedic full body massage by ladies, gents therapist. 7008773793 D-60859

Take full body therapy. Just call 7852986810. D-68528

Full body herbal massage with refreshment expert therapist. 7381239385, 06742540855. D-68929

Experience full body massage with us (expert). Call: 7377048581, 06742597822. D-68930

Ayurvedic full body massage ladies and gents. Contact: 9861064981. D-68732

Herbal full body massage by smart / expert therapist. Contact: 8338067247. D-68931

Experience winter therapeutic Abhyanga massage feeling refreshing energetic: Appointment- 9668374480. D-68932

Refresh your mind and soul with best therapy at Orchid Salon/Spa. 9937287222. D-68729

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/–ରେ। ରଙ୍ଗୀନ ଟ୪୨୦/–ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

Ayurvedic full body massage ladies/ gents smart experts therapist: 8480939300. D-68726

Ayurvedic full body massage ladies & gents smart therapist, 9668814589. D-68733

**business**

**Caterer/ gharka khana/ Tiffin system north indian Lunch & Dinner weekly three days Nonveg with home delivery @ 3500/- per month. Bhubaneswar, for details Contact: 9668732935.** D-67267


**AFFIDAVIT**

By an affidavit sworn before the Executive Magistrate, Jharsuguda, I, Kuldeep Sharma, R/o- Radhe Vihar Gali, Dist. Jharsuguda declare that the name of my Son was wrongly mentioned as Prakhar Sharma in his School documents. The true and correct name of my Son is Daksh Sharma, student of Class-VIII, DAV Public School, Jharsuguda. Henceforth he is known as Daksh Sharma for all purposes. D-37386

# ସିଏଏକୁ ଛାତ୍ର କଂଗ୍ରେସର ବିରୋଧ

ଭୁବନେଶ୍ୱର,୨୦।୧୨(ବ୍ୟୁରୋ)

ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ)କୁ ବିରୋଧ କରି ଶୁକ୍ରବାର ଭୁବନେଶ୍ୱରରେ ଓଡ଼ିଶା ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ଏକ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। କଂଗ୍ରେସ ଭବନରୁ ଏହି ମଶାଲ ଶୋଭାଯାତ୍ରା ବାହାରି ମାଷ୍ଟର କ୍ୟାଣ୍ଟିନ ଛକ ନିକଟରେ ପହଞ୍ଚିଥିଲା। ସେଠାରେ ଶତାଧିକ ଛାତ୍ର କଂଗ୍ରେସ କର୍ମୀ କେନ୍ଦ୍ର ସରକାରଙ୍କ ବିରୋଧରେ ବିଭିନ୍ନ ସ୍ଲୋଗାନ ଦେଇଥିଲେ। ଏହାପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆଦିତ୍ୟ ପ୍ରୀତମ ଦାସ, ନିରଞ୍ଜନ ଦାସ, ସୌମ୍ୟରଞ୍ଜନ ଜେନା ପ୍ରମୁଖ ଶତାଧିକ ଛାତ୍ର କଂଗ୍ରେସ କର୍ମୀ ଅଂଶଗ୍ରହଣ କରିଥିଲେ।



ଛାତ୍ର କଂଗ୍ରେସ କର୍ମୀମାନେ ପ୍ରଧାନମନ୍ତ୍ରୀ ଓ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରୁଛନ୍ତି।




ସିଏଏ ସମର୍ଥନରେ ସାମାଜିକ କର୍ମୀ ଓ ଯୁବ ବର୍ଗଙ୍କ ସମାବେଶ।




ସିଏଏକୁ ସମର୍ଥନ ଜଣାଇ ଏବିଭିପି ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

# ସମର୍ଥନରେ ଶୋଭାଯାତ୍ରା

ଭୁବନେଶ୍ୱର, ୨୦।୧୨ (ବ୍ୟୁରୋ)

ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ)କୁ ବିରୋଧ କରି ଦେଶ ସାରା ଆନ୍ଦୋଳନର ନିଆଁ ଜଳୁଥିବାବେଳେ ଏହାକୁ କେତେକ ସଙ୍ଗଠନ ସମର୍ଥନ ଜଣାଇଛନ୍ତି। ଏହି ଆଇନକୁ ସମର୍ଥନ କରି ଶୁକ୍ରବାର ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ପକ୍ଷରୁ ବିଶାଳ ବାଇକ୍ ରାଲି କରାଯାଇଛି। ଏହି ରାଲିରେ ବିଭିନ୍ନ କଲେଜର ୩ଶହରୁ ଊର୍ଦ୍ଧ୍ୱ ଛାତ୍ର ସାମିଲ ହୋଇଥିଲେ। ସେମାନେ

## ଏନ୍ଆର୍ସି ଲାଗୁ ପାଇଁ ଦାବି

ବିରାଟ ତ୍ରିରଙ୍ଗା ଧରି ବିଭିନ୍ନ ସ୍ଲୋଗାନ ଦେଇ ଉତ୍କଳ ବିଶ୍ୱବିଦ୍ୟାଳୟ କ୍ୟାମ୍ପସରୁ ବାଇକ ରାଲିରେ ବାହାରି ମାଷ୍ଟରକ୍ୟାଣ୍ଟିନରେ ପହଞ୍ଚିଥିଲେ। ଏନ୍ଆର୍ସିକୁ ଓଡ଼ିଶାରେ ଲାଗୁ କରାଯିବାକୁ ଛାତ୍ରମାନେ ଦାବି କରିଥିଲେ। ଏବିଭିପିର ରାଜ୍ୟ ସମ୍ପାଦକ ଶଶିକାନ୍ତ ମିଶ୍ରଙ୍କ ନେତୃତ୍ୱରେ ହୋଇଥିବା ଏହି ଆନ୍ଦୋଳନରେ ରାଜ୍ୟ ସହସମ୍ପାଦକ ରତନ ଦିଗଲ, ରାଜ୍ୟ ସହସମ୍ପାଦିକା ଭୁବନେଶ୍ୱର ସମ୍ପାଦକ ସସ୍ମିତ ରାଉତ ଏବଂ ଅନ୍ୟମାନେ ଯୋଗଦେଇଥିଲେ। ସେହିପରି ସାମାଜିକ କର୍ମୀ ଓ ଯୁବବର୍ଗ ସିଏଏକୁ ସମର୍ଥନ କରି ରାମ ମନ୍ଦିରରୁ ମାଷ୍ଟର କ୍ୟାଣ୍ଟିନ ପର୍ଯ୍ୟନ୍ତ ଏକ ଶୋଭାଯାତ୍ରାରେ ଆସିଥିଲେ। ସାମାଜିକ କର୍ମୀମାନେ କହିଛନ୍ତି, ସିଏଏ ଦେଶର ନାଗରିକଙ୍କ ଅଧିକାରକୁ ଛଡ଼ାଇ ନେବନାହିଁ। ଓଡ଼ିଶାରେ ଏନ୍ଆର୍ସି ଲାଗୁ ପାଇଁ ସେମାନେ ଦାବି କରିଛନ୍ତି।

**ଇତିହାସ ଅଧ୍ୟାପକ ନିଯୁକ୍ତି ମାମଲା**

# ଜଣିକିଆ ବିଚାରପତିଙ୍କ ଆଦେଶ ଉପରେ ଖଣ୍ଡପୀଠଙ୍କ ରହିତାଦେଶ

**କଟକ ଅଫିସ,୨୦।୧୨:** ଅଣଅନୁଦାନପ୍ରାପ୍ତ କଲେଜଗୁଡ଼ିକରେ ଇତିହାସ ଅଧ୍ୟାପକ ନିଯୁକ୍ତି ନିମନ୍ତେ ହୋଇଥିବା ପରୀକ୍ଷା ଉପରେ ହାଇକୋର୍ଟରେ ମାମଲା ରୁଜୁ ହୋଇଥିଲା। ଏହି ମାମଲାର ଶୁଣାଣି କରି ହାଇକୋର୍ଟର ଜଣିକିଆ ବିଚାରପତି ଉକ୍ତ ପରୀକ୍ଷା ଫଳାଫଳକୁ ରଦ୍ଦ କରିବା ପାଇଁ ଆଦେଶ ଦେବା ସହିତ ସାନି ପରୀକ୍ଷା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଉକ୍ତ ରଦ୍ଦ ଆଦେଶକୁ ଚ୍ୟାଲେଞ୍ଜ କରାଯାଇ ହାଇକୋର୍ଟର ଖଣ୍ଡପୀଠରେ ଆବେଦନ ହୋଇଥିଲା। ବିଚାରପତି ଜଷ୍ଟିସ ସଙ୍ଗମ କୁମାର ସାହୁ ଓ ବିଚାରପତି ଜଷ୍ଟିସ ସଞ୍ଜୁ ପଣ୍ଡାଙ୍କୁ ନେଇ ଗଠିତ ଖଣ୍ଡପୀଠ ଉକ୍ତ ଆବେଦନର ଶୁଣାଣି କରି ପରୀକ୍ଷା ରଦ୍ଦ ଆଦେଶ ଉପରେ ରହିତାଦେଶ ଜାରି କରିଛନ୍ତି। ସୂଚନାଥାଉ କି, ରାଜ୍ୟ ସିଲେକ୍ସନ ବୋର୍ଡ ପକ୍ଷରୁ ସରକାରୀ ଅଣଅନୁଦାନପ୍ରାପ୍ତ କଲେଜ୍‌ଗୁଡ଼ିକର ବିଭିନ୍ନ ବିଭାଗରେ ୮୩୩ଟି ଅଧ୍ୟାପକ ପଦବୀ ପୂରଣ ନିମନ୍ତେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ସେଥିରେ ଇତିହାସ ବିଭାଗରେ ୮୧ ପଦବୀ ରହିଥିଲା। ଏଥିନିମନ୍ତେ ଗତ ମାର୍ଚ୍ଚରେ ଲିଖିତ ପରୀକ୍ଷା କରାଯାଇଥିଲା। ମାତ୍ର ଇତିହାସ ପ୍ରଶ୍ନପତ୍ରରେ ବ୍ୟାପକ ତ୍ରୁଟି ରହିଥିଲା। ଏହାକୁ ନେଇ ପରୀକ୍ଷାର୍ଥୀମାନେ ରାଜ୍ୟ ସିଲେକ୍ସନ ବୋର୍ଡ ନିକଟରେ ଅଭିଯୋଗ କରିଥିଲେ। କିନ୍ତୁ ସେଠାରୁ କୌଣସି ସୁଫଳ ନ ମିଳିବାରୁ ସେମାନେ ହାଇକୋର୍ଟକୁ ଆସିଥିଲେ। ଆସନ୍ତା ଜାନୁୟାରୀ ୧୪ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଦିନଧାର୍ଯ୍ୟ ହୋଇଛି। ଉକ୍ତ ଶୁଣାଣି ସମୟରେ ରାଜ୍ୟ ସରକାରଙ୍କୁ ମଧ୍ୟ ଜବାବ ଦାଖଲ ପାଇଁ ଖଣ୍ଡପୀଠ ଆଦେଶ ଦେଇଛନ୍ତି।

# ନିର୍ଭୟା ମାମଲାକୁ ନେଇ ଆନ୍ନାଙ୍କ ମୌନବ୍ରତ

**ପୁଣେ, ୨୦।୧୨ (ପି.ଟି.):** ନିର୍ଭୟା ଗଣବଳାତ୍କାର, ହତ୍ୟା ମାମଲାର ତ୍ୱରିତ ଶୁଣାଣି ସହ ପୀଡ଼ିତାଙ୍କ ପରିବାରକୁ ଶୀଘ୍ର ନ୍ୟାୟ ପ୍ରଦାନ ଦାବିରେ ସାମାଜିକ କର୍ମୀ ଆନ୍ନା ହଜାରେ ଶୁକ୍ରବାରଠାରୁ ନିଜ ଗ୍ରାମ ମହାରାଷ୍ଟ୍ରର ରାଲେଗାଁଓ ସିଦ୍ଧିରେ ମୌନବ୍ରତ ଆରମ୍ଭ କରିଛନ୍ତି। ଏନେଇ ଗତ ୯ରେ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠିଲେଖି ଅବଗତ କରାଇଥିଲେ। ଶୀଘ୍ର ଏହି ମାମଲାରେ ନ୍ୟାୟ ପ୍ରଦାନ କରା ନ ଗଲେ ଅନିର୍ଦ୍ଦିଷ୍ଟ କାଳ ଲାଗି ଆମରଣ ଅନଶନରେ ବସିବି ବୋଲି ହଜାରେ ଖବରଦାତା ସମ୍ମିଳନୀରେ କହିଛନ୍ତି। ନ୍ୟାୟ ମିଳିବାରେ ବିଳମ୍ବ ଯୋଗୁ ନ୍ୟାୟପାଳିକା ଓ ପୋଲିସ ଉପରୁ ଲୋକଙ୍କ ଆସ୍ଥା ତୁଟୁଥିବ ସେ ଅଭିଯୋଗ କରିଛନ୍ତି। ସମସ୍ୟାର ସମାଧାନ ଲାଗି ପୋଲିସ କାର୍ଯ୍ୟଦକ୍ଷତା ବୃଦ୍ଧି ଓ ଖାଲିଥିବା ବିଚାରପତି ପଦ ପୂରଣ କରାଯିବା ସହ ପାର୍ଲାମେଣ୍ଟରେ ନ୍ୟାୟିକ ଉତ୍ତରଦାୟୀ ବିଲ୍ ପାସ୍ କରାଯିବା ଜରୁରୀ ବୋଲି ହଜାରେ ଦାବି କରିଛନ୍ତି।

# ମାଲିକଙ୍କ ଜୀବନ ବଞ୍ଚାଇଲା କୁକୁର

## ସାପକୁ ମାରି ମଲା

ଗୋପାଳପୁର, ୨୦।୧୨

ନିଜ ଜୀବନକୁ ବଳି ଦେଇ ମାଲିକଙ୍କୁ ବଞ୍ଚାଇଛି ପୋଷା କୁକୁର। ଏଭଳି ଘଟଣା ଘଟିଛି ଗଞ୍ଜାମ ଜିଲା ରଙ୍ଗେଇଲୁଣ୍ଡା ବ୍ଲକ ରଣ୍ଡାର ପଞ୍ଚମା ରୋଡରେ। ଶୁକ୍ରବାର ମଧ୍ୟାହ୍ନ ପ୍ରାୟ ୧୨ଟାରେ ଏକ ନାଗସାପ ପଞ୍ଚମା ରୋଡ୍‌ରେ ଥିବା ସନ୍ଦୀପ ମୋବାଇଲ ଦୋକାନ ଭିତରକୁ ପଶିବାକୁ ଚେଷ୍ଟା କରୁଥିଲା। ଦୋକାନ ସମ୍ମୁଖରେ ଥିବା ସନ୍ଦୀପଙ୍କ ପୋଷା କୁକୁରଟି ଏହାଦେଖି ସାପକୁ ଆକ୍ରମଣ କରିଥିଲା। ଦୀର୍ଘ ଏକଘଣ୍ଟା କାଳ ଚାଲିଲା ସାପ ଏବଂ କୁକୁର ମଧ୍ୟରେ ଲଢ଼େଇ। ଶେଷରେ ସାପଟିକୁ ଖଣ୍ଡଖଣ୍ଡ କରିଦେଲା କୁକୁର। ସାପ ମଧ୍ୟ କୁକୁରକୁ କାମୁଡିଥିଲା। କିଛି ସମୟ ପରେ କୁକୁରର ମୃତ୍ୟୁ ଘଟିଥିଲା।



ମୃତ ସାପ ଓ କୁକୁର।

# ପ୍ରକାଶ ପାଇଲା ଭାଜପାର ଜିଲା ସଭାପତି ତାଲିକା

- ଏଥର ୪ ବିଧାୟକ, ୨ ପୂର୍ବତନ ବିଧାୟକଙ୍କୁ ଦାୟିତ୍ୱ
- ବଦଳିଲେନି ଯାଜପୁର, ଜଗତ୍‌ସିଂହପୁର ଜିଲା ସଭାପତି
- ଝୁଲିରହିଲା ଭୁବନେଶ୍ୱର, କଳାହାଣ୍ଡି ଜିଲାର ତାଲିକା

**ଭୁବନେଶ୍ୱର,୨୦।୧୨(ବ୍ୟୁରୋ):** ରାଜ୍ୟ ଭାଜପା ପକ୍ଷରୁ ଶୁକ୍ରବାର ଦଳର ୩୬ ସାଙ୍ଗଠନିକ ଜିଲା ମଧ୍ୟରୁ ୩୪ଟି ପାଇଁ ସଭାପତିଙ୍କ ନାମ ପ୍ରକାଶ କରାଯାଇଛି। ଗତ ୧୫ ଏବଂ ୧୬ ତାରିଖରେ ଜିଲା ସଭାପତି ଚୟନ ପାଇଁ ଦଳୀୟ ନିର୍ବାଚନ କରାଯାଇଥିଲା। ଏହାର ଫଳାଫଳ ରାଜ୍ୟ ଭାଜପା ପକ୍ଷରୁ ପ୍ରକାଶ କରାଯାଇଥିବା ବେଳେ ୨ଟି ଜିଲା ଯଥା ଭୁବନେଶ୍ୱର ଏବଂ କଳାହାଣ୍ଡି ପାଇଁ ଏ ପର୍ଯ୍ୟନ୍ତ କିଛି ଚୂଡ଼ାନ୍ତ ହୋଇନାହିଁ। ରାଜ୍ୟ ନିର୍ବାଚନ ଅଧିକାରୀ ରଞ୍ଜନ ପଟେଲଙ୍କ ଅନୁମୋଦନକ୍ରମେ ସହ ନିର୍ବାଚନ ଅଧିକାରୀ ସୁଦୀପ୍ତ ରାୟ ଏହି ଘୋଷଣା କରିଛନ୍ତି। ଗତଥରର ଦୁଇଜଣ ସଭାପତିଙ୍କୁ ପୁନର୍ବାର ଦାୟିତ୍ୱ ଦିଆଯାଇଥିବାବେଳେ ବାକି ୩୨ଟିରେ ନୂଆ ମୁହଁ ଦେଖିବାକୁ ମିଳିଛି। ଯାଜପୁର ଜିଲା ସଭାପତି ଥିବା ଗୌତମ ରାୟ ଏବଂ ଜଗତ୍‌ସିଂହପୁରର ସତ୍ୟବ୍ରତ ମହାପାତ୍ରଙ୍କ ଉପରେ ପୁଣିଥରେ ଦଳ ଭରସା କରିଛି। ଅନ୍ୟପଟେ ଏଥର ୪ ବିଧାୟକ ଏବଂ ଦୁଇ ପୂର୍ବତନ ବିଧାୟକଙ୍କୁ ଜିଲା ସଭାପତି ଦାୟିତ୍ୱ ମିଳିଛି। ୪ ବିଧାୟକ ହେଲେ ତଳସରା ବିଧାୟକ ଭବାନୀ ଶଙ୍କର ଭୋଇ, ରାଇରଙ୍ଗପୁର ବିଧାୟକ ନବଚରଣ ମାଝୀ, ମାଲକାନାଗିରି ବିଧାୟକ ଆଦିତ୍ୟ ମାଢ଼ୀ ଏବଂ ପାରଳାଖେମୁଣ୍ଡି ବିଧାୟକ କେ. ନାରାୟଣ ରାଓ। ସେହିପରି ସାଲେପୁରର ପୂର୍ବତନ ବିଧାୟକ ପ୍ରକାଶ ଚନ୍ଦ୍ର ବେହେରା ଏବଂ ପୂର୍ବତନ ବିଧାୟକ(ବୈଶିଙ୍ଗା) କାନ୍ଦରା ସୋରେନଙ୍କୁ ସଭାପତିଭାବେ ନିଯୁକ୍ତି ଦିଆଯାଇଛି।

ଅନ୍ୟପକ୍ଷରେ ଗୋଷ୍ଠୀ ବିବାଦ ଯୋଗୁ ଭୁବନେଶ୍ୱର ଏବଂ କଳାହାଣ୍ଡି ଜିଲା ପାଇଁ ସଭାପତି ଚୟନ ହୋଇ ପାରି ନ ଥିବା ଚର୍ଚ୍ଚା ହେଉଛି। ସେହିପରି ଦଳ ପକ୍ଷରୁ ୧୮୬ଜଣଙ୍କୁ ରାଜ୍ୟ ପରିଷଦର ସଦସ୍ୟଭାବେ ଚୟନ କରାଯାଇଛି। ଏହି ତାଲିକା ମଧ୍ୟ ଖୁବ୍‌ଶୀଘ୍ର ପ୍ରକାଶ ପାଇବ ବୋଲି ଜଣାପଡିଛି। ଜିଲା ସଭାପତିଙ୍କ ତାଲିକା ରବିବାର କେନ୍ଦ୍ରୀୟ ଟିମ୍‌ଙ୍କ ନିକଟକୁ ପଠାଇ ଦିଆଯିବ, ଏହାପରେ ରାଜ୍ୟ ସଭାପତି ଚୟନ ଲାଗି ଦିନ ସ୍ଥିର କରାଯିବ ବୋଲି ସୁଦୀପ୍ତ ରାୟ କହିଛନ୍ତି।

| ସାଙ୍ଗଠନିକ ଜିଲା | ନାମ |
|---|---|
| ୧–ଅନୁଗୋଳ | ଦିଲେଶ୍ୱର ପ୍ରଧାନ |
| ୨–ଢେଙ୍କାନାଳ | ନରେଶ ମହାପାତ୍ର |
| ୩–କଟକ ନଗର | ଲଲାଟେନ୍ଦୁ ବସ୍ତୁ |
| ୪–କଟକ ସଦର | ପ୍ରକାଶ ଚନ୍ଦ୍ର ବେହେରା |
| ୫–କେନ୍ଦ୍ରାପଡ଼ା | କିଶୋର ପଣ୍ଡା |
| ୬–ଭଦ୍ରକ | ହେମନ୍ତ ପାଢୀ |
| ୭–ବାଲେଶ୍ୱର | ଉମାକାନ୍ତ ମହାପାତ୍ର |
| ୮–କେନ୍ଦୁଝର | ଅଂଶୁମାନ ସବୁଜ ମହନ୍ତ ବର୍ମା |
| ୯–ସୁନ୍ଦରଗଡ଼ | ଭବାନୀ ଶଙ୍କର ଭୋଇ |
| ୧୦–ସୁନ୍ଦରଗଡ଼–ବଣାଇ | ଅନିଲ ବାର୍ଲା |
| ୧୧–ସୁନ୍ଦରଗଡ଼–ପାନପୋଷ | ଲତିକା ପଟ୍ଟନାୟକ |
| ୧୨–ଝାରସୁଗୁଡା | ମଙ୍ଗଳ ସାହୁ |
| ୧୩–ଦେବଗଡ଼ | ମୀନକେତନ ପ୍ରଧାନ |
| ୧୪–ସମ୍ବଲପୁର | ଗିରିଶ ପଟେଲ |
| ୧୫–ବରଗଡ଼ | ଅଶ୍ୱିନୀ ଷଡ଼ଙ୍ଗୀ |
| ୧୬–ବୌଦ୍ଧ | ବିପ୍ରଚରଣ ମହାନ୍ତି |
| ୧୭–ସୁବର୍ଣ୍ଣପୁର | ପ୍ରମୋଦ ମହାପାତ୍ର |
| ୧୮–ବଲାଙ୍ଗୀର | ଶିବାଜୀ ମହାନ୍ତି |
| ୧୯–ନୂଆପଡ଼ା | ସୁବ୍ରତ ଠାକୁର |
| ୨୦–କନ୍ଧମାଳ | ଜଗନ୍ନାଥ ସାହୁ |
| ୨୧–ନବରଙ୍ଗପୁର | ଜଗଦୀଶ ବିଶୋଇ |
| ୨୨–କୋରାପୁଟ | ସୁମନ୍ତ ପ୍ରଧାନ |
| ୨୩–ରାୟଗଡା | ଶିବ ପଟ୍ଟନାୟକ |
| ୨୪–ଗଜପତି | କେ. ନାରାୟଣ ରାଓ |
| ୨୫–ଗଞ୍ଜାମ | ବିଭୂତି ଜେନା |
| ୨୬–ଘୁମୁସର | ଗୋକୁଳାନନ୍ଦ ମଲ୍ଲିକ |
| ୨୭–ନୟାଗଡ଼ | ଲାଲା ମନୋଜ ରାୟ |
| ୨୮–ଖୋର୍ଦ୍ଧା | ରଶ୍ମିରଞ୍ଜନ ମହାପାତ୍ର |
| ୨୯–ପୁରୀ | ଆଶ୍ରିତ ପଟ୍ଟନାୟକ |
| ୩୦–ରାଇରଙ୍ଗପୁର | ନବଚରଣ ମାଝୀ |
| ୩୧–ବାରିପଦା | କାନ୍ଦରା ସୋରେନ |
| ୩୨–ଜଗତ୍‌ସିଂହପୁର | ସତ୍ୟବ୍ରତ ମହାପାତ୍ର |
| ୩୩–ଯାଜପୁର | ଗୌତମ ରାୟ |
| ୩୪–ମାଲକାନଗିରି | ଆଦିତ୍ୟ ମାଢ଼ୀ |

# ଶ୍ରଦ୍ଧାଳୁଙ୍କ ପାଇଁ ୧ ହଜାର କୋଠରି ବିଶିଷ୍ଟ ଭକ୍ତନିବାସ

**ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ**

- ଆଦର୍ଶ ଗୁରୁକୁଳ ନିର୍ମାଣ ଲାଗି ୧୫ ଏକର ଜମି ଚିହ୍ନଟ
- ଶୃଙ୍ଖଳା ପାଇଁ ଲାଗିବ ମହାପ୍ରସାଦ ଦର ତାଲିକା



ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଅନୁଷ୍ଠିତ ପରିଚାଳନା କମିଟି ବୈଠକ।

ପୁରୀ ଅଫିସ, ୨୦।୧୨

ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ପରିଚାଳନା କମିଟି ବୈଠକ ବସିଥିଲା। ଏଥିରେ ଶ୍ରୀମନ୍ଦିର ସଂସ୍କାର ମାମଲାରେ ସୁପ୍ରିମ୍‌କୋର୍ଟ ଯେଉଁ ୨୩ଟି ଆଦେଶ ଦେଇଥିଲେ ତାହା ଉପରେ ପୁଙ୍ଖାନୁପୁଙ୍ଖ ତର୍ଜମା କରାଯାଇଥିଲା। ଆସନ୍ତା ୮ ତାରିଖରେ ସୁପ୍ରିମ୍‌କୋର୍ଟଙ୍କୁ ଏ ସଂକ୍ରାନ୍ତରେ ରିପୋର୍ଟ ଦିଆଯିବାକୁ ଥିବାରୁ ବୈଠକ ପ୍ରାୟ ସାଢେ ୩ ଘଣ୍ଟା ଧରି ଚାଲିଥିଲା। ଏଥିରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି କ୍ରମେ ଶ୍ରୀମନ୍ଦିରକୁ ଆସୁଥିବା ଦର୍ଶନାର୍ଥୀଙ୍କ ପାଇଁ ସମସ୍ତ ପ୍ରକାର ସୁବିଧା ସୁଯୋଗ କରାଯିବା ସହ ରହଣି ପାଇଁ ମାଟିତୋଟା ମୌଜାରେ ୧ ଏକର ଲେଖାଏ ୬ଟି ପ୍ଲଟରେ ହଜାରେ କୋଠରିବିଶିଷ୍ଟ ଭକ୍ତ ନିବାସ ତିଆରି କରାଯିବ। ଏହାର ଲେ ଆଉଟ୍ ପ୍ଲାନ କରାଯାଇଛି। ମହାପ୍ରଭୁଙ୍କୁ ଦାନ ଆକାରରେ କୌଣସି ଚାରିଟେବୁଲ ଟ୍ରଷ୍ଟ, ଫାଉଣ୍ଡେଶନ ଅବା ବଡ଼ କମ୍ପାନୀ ସିଏସ୍ଆର ଫଣ୍ଡରେ ଏହି ଭକ୍ତ ନିବାସ ତିଆରି କରିବା ଲାଗି ଆମନ୍ତ୍ରଣ କରାଯିବ। ଏଥିପାଇଁ ଜାନୁୟାରୀ ମାସରେ ବିଜ୍ଞାପନ ବାହାରିବ ଏବଂ ମନ୍ଦିର ପ୍ରଶାସନ ଏହାର ପରିଚାଳନା ଦାୟିତ୍ୱ ନେବ ବୋଲି କହିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. କ୍ରିଷନ କୁମାର।

ବୈଠକ ପରେ ମୁଖ୍ୟ ପ୍ରଶାସକ କହିଥିଲେ, ମୁଖ୍ୟତଃ ସୁପ୍ରିମ୍‌କୋର୍ଟଙ୍କ ଆଦେଶ ସଂକ୍ରାନ୍ତରେ ଆଲୋଚନା ହୋଇଥିଲା। ସେବାୟତ ଘରର ପିଲାଙ୍କ ଶିକ୍ଷା ପାଇଁ ଆଦର୍ଶ ଗୁରୁକୁଳ ନିର୍ମାଣ ନିମନ୍ତେ ପୂର୍ବରୁ ଓଡ଼ିଶାର ଏକ ମାମଲାରେ ସୁପ୍ରିମ୍‌କୋର୍ଟଙ୍କ ପାଖରେ ଥିବା ୫ କୋଟି ଏବଂ ଏହାର ସୁଧ ଅର୍ଥ ଦେବା ପାଇଁ କହିଛନ୍ତି। ଏଥିଲାଗି ମାଟିତୋଟା ମୌଜାରେ ୧୫ ଏକର ଜମି ଚିହ୍ନଟ ହୋଇଛି। ସୁପ୍ରିମ୍‌କୋର୍ଟ ଯେଉଁ ଅର୍ଥ ଦେବେ ବୋଲି କହିଛନ୍ତି ତାହା କିପରି ଶୀଘ୍ର ଆସିବ ସେଥିଲାଗି ରେଜିଷ୍ଟ୍ରାରଙ୍କୁ ଅନୁରୋଧ କରାଯିବ। ସୌନ୍ଦର୍ଯ୍ୟକରଣ ପାଇଁ ଜଣେ ଭଲ ସ୍ଥପତିଙ୍କୁ ୨୬ ତାରିଖ ମଧ୍ୟରେ ନିଯୁକ୍ତି ଦିଆଯିବ। ଜାନୁୟାରୀ ଶେଷ ସୁଦ୍ଧା ଶ୍ରୀମନ୍ଦିର ଚତୁଃପାର୍ଶ୍ୱ, ସିଂହଦ୍ୱାର ପ୍ରଭୃତି ସ୍ଥାନରେ ସୌନ୍ଦର୍ଯ୍ୟକରଣ ନେଇ ପ୍ଲାନ ପ୍ରସ୍ତୁତ କରି ଦେବା ପରେ ଏହାକୁ ସୁପ୍ରିମ୍‌କୋର୍ଟରେ ଦାଖଲ କରାଯିବ। ଶ୍ରୀମନ୍ଦିରର ଯେଉଁସବୁ ସ୍ଥାନରେ ମରାମତି ଏବଂ ଅନ୍ୟାନ୍ୟ କାମର ଆବଶ୍ୟକତା ରହିଛି ତାର ତାଲିକା ପ୍ରସ୍ତୁତ କରାଯାଇଛି। ସ୍ଥପତି ଦେଖିବା ପରେ ଜାନୁୟାରୀ ୩୦ ସୁଦ୍ଧା ଏହା ଏଏସ୍ଆଇକୁ ପ୍ରଦାନ କରାଯିବ। ଏହି ପ୍ଲାନ ଅନୁଯାୟୀ କାମ କରିବାକୁ ଏଏସ୍ଆଇକୁ ନିର୍ଦ୍ଦେଶ ଦେବା ଲାଗି ସୁପ୍ରିମ୍‌କୋର୍ଟଙ୍କୁ ଅନୁରୋଧ କରାଯିବ ବୋଲି ମୁଖ୍ୟ ପ୍ରଶାସକ କହିଛନ୍ତି। ଭକ୍ତଙ୍କ ସୁବିଧା ଏବଂ ଆନନ୍ଦ ବଜାରରେ ଶୃଙ୍ଖଳା ପାଇଁ ମହାପ୍ରସାଦ ଦର ତାଲିକା ଲଗାଯିବ ବୋଲି ନିଷ୍ପତ୍ତି ହୋଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକାରୀ ଅଧ୍ୟକ୍ଷ ସୁରେଶ ଚନ୍ଦ୍ର ମହାପାତ୍ର, ଜିଲାପାଳ ବଲୱନ୍ତ ସିଂ, ଏସ୍‌ପି ଉମାଶଙ୍କର ଦାଶ, ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁଙ୍କ ସମେତ କମିଟିର ଅନ୍ୟ ସଦସ୍ୟମାନେ ଯୋଗଦେଇଥିଲେ।

## ରୀତିନୀତି ଲାଗି ନିଆଯିବ ଶଙ୍କରାଚାର୍ଯ୍ୟଙ୍କ ପରାମର୍ଶ

ଶ୍ରୀମନ୍ଦିର ନୀତିକାନ୍ତି ଶୃଙ୍ଖଳିତ କରିବା ଲାଗି ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ଏବଂ ଗଜପତି ମହାରାଜାଙ୍କ ପରାମର୍ଶ ନେବା ପାଇଁ ସୁପ୍ରିମ୍‌କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏ ନେଇ ନିଷ୍ପତ୍ତି ହୋଇଛି। ଶଙ୍କରାଚାର୍ଯ୍ୟଙ୍କ ପାଖକୁ ସମସ୍ତେ ଯିବୁ। ଶ୍ରୀମନ୍ଦିର ପରିଚାଳନା, ରୀତିନୀତି, ସେବାପୂଜା ସଂକ୍ରାନ୍ତରେ ଜଗଦ୍‌ଗୁରୁଙ୍କ ମତାମତ ଗ୍ରହଣ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା।

## ଶ୍ରୀମନ୍ଦିର ନାଁରେ ରହିବ ସୁରକ୍ଷା ଜୋନ ଅଧିଗ୍ରହଣ ଜମି

ସେହିପରି ସୁରକ୍ଷା ଜୋନ ମଧ୍ୟରେ ଯେଉଁ ଘରୋଇ ଜମି ଅଧିଗ୍ରହଣ କରାଯାଉଛି ତାହା ବର୍ତ୍ତମାନ ରାଜସ୍ୱ ବିଭାଗ ଖାତାକୁ ଯାଉଛି। କିନ୍ତୁ ଏହି ପ୍ରକଳ୍ପ ଶେଷ ହେବା ପରେ ଭବିଷ୍ୟତରେ ଏହା ଶ୍ରୀମନ୍ଦିର ନାଁରେ କରିବା ଲାଗି ରାଜ୍ୟ ସରକାରଙ୍କୁ ଅନୁରୋଧ କରାଯିବ ବୋଲି ମୁଖ୍ୟ ପ୍ରଶାସକ କହିଥିଲେ।

ଯେତେବେଳେ ତୁମେ ଏକ ସାଂପ୍ରଦାୟିକ ଧାର୍ମିକ ଗଣ୍ଡି ଭିତରେ ରହି ବନ୍ଦ ହୋଇଯାଅ– ଏବଂ ସେତିକି ମାତ୍ର ବିଶ୍ୱାସ ସଙ୍ଗେ ନିଜକୁ ବାନ୍ଧି ରଖ– ଏବଂ ଭାବ ଯେ, ସେତିକି ହିଁ ବିଶ୍ୱରେ ଏକମାତ୍ର ସତ୍ୟ– ସେତେବେଳେ ତୁମେ ତୁମର ଅନ୍ତରାତ୍ମାର ଅଗ୍ରଗତି ଓ ବିସ୍ତାରଶୀଳତାକୁ ବନ୍ଦ କରିଦିଅ।
–ଶ୍ରୀମା

# ଗୁଜରାଟ ସିଣ୍ଡ୍ରୋମ୍

## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

କେନ୍ଦ୍ରରେ ଯେତେବେଳେ ଅଧିକ ବିଶ୍ୱସ୍ତ ଅଧିକାରୀଙ୍କ ଆବଶ୍ୟକତା ପଡୁଛି ସେତେବେଳେ ମୋଦି ସରକାର ଗୁଜରାଟ ଆଡକୁ ମୁହାଁଉଛନ୍ତି। ତାଙ୍କ ସମୟରେ ରାଜଧାନୀ ଦିଲ୍ଲୀରେ ଗୁଜରାଟୀ ବାବୁମାନଙ୍କର ବିଷମାନୁପାତିକ ଉପସ୍ଥିତି ରହିଆସିଛି। ମୋଦି ବହୁଦିନ ଧରି ଗୁଜରାଟର ମୁଖ୍ୟମନ୍ତ୍ରୀ ରହିବା ପରେ ଯେତେବେଳେ ଦେଶର ପ୍ରଧାନମନ୍ତ୍ରୀ ହେଲେ ସେତେବେଳେ ତାଙ୍କ ପ୍ରିୟ ଓ ଅନୁଗତ ବାବୁମାନେ ଧୀରେ ଧୀରେ ତାଙ୍କୁ ଅନୁସରଣ କରି ଦିଲ୍ଲୀ ଚାଲିଆସିଲେ। ଏପରିକି ଏହି ଧାରା ମୋଦିଙ୍କ ଦ୍ୱିତୀୟ ପାଳିରେ ବି ଲାଗିରହିଛି। ପ୍ରାପ୍ତ ସୂତ୍ରରୁ ଜଣାପଡ଼େ, ଗୁଜରାଟ କ୍ୟାଡର ଭାରତୀୟ ବନସେବା ଅଧିକାରୀ (ଆଇଏଫ୍‌ଓଏସ୍) ନିରଞ୍ଜନ କୁମାର ସିଂଙ୍କୁ ତୈଳ ଉଦ୍ୟୋଗ ବିକାଶ ବୋର୍ଡର ସଚିବ ଭାବେ ଯୁଗ୍ମସଚିବ ପାହ୍ୟାରେ ଦୁଇବର୍ଷ ପାଇଁ ନିଯୁକ୍ତି ଦିଆଯାଇଛି। ସେ ଦିବାକରନାଥ ମିଶ୍ରଙ୍କ ସ୍ଥାନରେ ଏହି ନିଯୁକ୍ତି ପାଇଛନ୍ତି। ନାଥ ଏହି ବର୍ଷ ବାଣିଜ୍ୟ ବିଭାଗର ଯୁଗ୍ମସଚିବ ଭାବେ ବଦଳି ହେବା ପରେ ପଦଟି ଖାଲି ପଡ଼ିଥିଲା। ୧୯୮୭ ବ୍ୟାଚ୍‌ର ଅଧିକାରୀ ସିଂ ଖଣି ମନ୍ତ୍ରଣାଳୟରେ ଯୁଗ୍ମସଚିବ ରହିବା ସହ କେନ୍ଦ୍ର ଓ ରାଜ୍ୟର ବିଭିନ୍ନ ପଦରେ ଦାୟିତ୍ୱ ନିର୍ବାହ କରିଛନ୍ତି। ତୈଳ ଉଦ୍ୟୋଗ ବିକାଶ ଅଧିନିୟମ, ୧୯୭୪ ଅନୁଯାୟୀ ୧୯୭୫ ଜାନୁୟାରୀ ୧୩ରେ ତୈଳ ଉଦ୍ୟୋଗ ବିକାଶ ବୋର୍ଡ ଗଠନ କରାଯାଇଥିଲା। ଉଦ୍ୟୋଗର ବିକାଶ ଲାଗି ଆବଶ୍ୟକ ଆର୍ଥିକ ସହାୟତା ଯୋଗାଇ ଦେବା ଏହି ବୋର୍ଡ ଗଠନର ଲକ୍ଷ୍ୟ। ଏହା ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟର ପ୍ରଶାସନିକ ନିୟନ୍ତ୍ରଣରେ ରହି କାର୍ଯ୍ୟ କରୁଛି।

### ଡିଓପିଟି ଛାଟ

ମୋଦି ସରକାର ଧୀରେ ଧୀରେ ପ୍ରଶାସନରେ ଥିବା ଅଳିଆ ସଫା କରିବାରେ ଲାଗିଛନ୍ତି। ଅପାରଗ ତଥା ଦୁର୍ନୀତି ଅଭିଯୁକ୍ତ ଅଧିକାରୀମାନଙ୍କୁ ବିଦାକରିବା ସରକାରଙ୍କ ମୁଖ୍ୟ ଲକ୍ଷ୍ୟ। ଏହି କିଛିମାସ ଭିତରେ ଅନେକ ଟିକସ ବାବୁ ଏପରି କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହୋଇଛନ୍ତି। ଗତ ସେପ୍ଟେମ୍ବର ମାସରେ ଦୁର୍ନୀତି ଓ ଅନ୍ୟ ଅଭିଯୋଗ ଥିବା ୧୫ ଜଣ ବରିଷ୍ଠ ଅଧିକାରୀଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଇଛି। ଚଳିତବର୍ଷ ଜୁନ୍‌ମାସ ସୁଦ୍ଧା ସରକାର କେନ୍ଦ୍ରୀୟ ପ୍ରତ୍ୟକ୍ଷ କର ବୋର୍ଡର ୧୨ ଜଣ ଅଧିକାରୀଙ୍କ ସମେତ ୪୯ ଜଣ ଉଚ୍ଚପାହ୍ୟାର ଟିକସ ବାବୁଙ୍କୁ ବାଧ୍ୟତାମୂଳକ ଅବସର ଦେଇଛନ୍ତି। ଏବେ ମୋଦି ସରକାର ଏହି ଧାରାକୁ ବ୍ୟାପକ କରୁଛନ୍ତି। ସମ୍ପ୍ରତି କାର୍ମିକ ଓ ପ୍ରଶିକ୍ଷଣ ବିଭାଗ (ଡିଓପିଟି) ଅପାରଗ ତଥା ଦୁର୍ନୀତିଗ୍ରସ୍ତ ବାବୁମାନଙ୍କୁ ବିଦାକରିବା ଲାଗି ସେମାନଙ୍କ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ତଥ୍ୟ ପଠାଇବା ନିମନ୍ତେ ୪୦ରୁ ଊର୍ଦ୍ଧ୍ୱ ମନ୍ତ୍ରଣାଳୟକୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି। ଡିଓପିଟି ୬ ମାସ ପୂର୍ବରୁ ବିଭିନ୍ନ ମନ୍ତ୍ରଣାଳୟ ଓ ବିଭାଗକୁ ଅନୁରୂପ ଚିଠି ଦେଇଥିଲା। କିନ୍ତୁ ମନ୍ତ୍ରଣାଳୟଗୁଡିକ ଡିଓପିଟି ଚାହୁଁଥିବା ତଥ୍ୟ ଦେବାରେ ସବୁବେଳେ ଅବହେଳା କରିଆସିଛନ୍ତି। ତେବେ ଡିଓପିଟିର ଏବକାର ନିର୍ଦ୍ଦେଶରେ ସ୍ପଷ୍ଟ କରିଦିଆଯାଇଛି ଯେ, ତଥ୍ୟ ଦେବାରେ ବିଳମ୍ବ କଲେ ତାକୁ କ୍ଷମା ଦିଆଯାଇପାରିବ ନାହିଁ। ଡିଓପିଟିର ଛାଟ ଏବେ କାମ କରିବ ତ? ବର୍ତ୍ତମାନର ମନୋଭାବକୁ ଦେଖିଲେ ଜଣାପଡୁଛି ଯେ, ଦୁର୍ନୀତି ବିରୋଧରେ ସରକାର କୋହଳ ନୀତି ଅବଲମ୍ବନ କରିବାର କୌଣସି ସମ୍ଭାବନା ନାହିଁ।

### ବାବୁଙ୍କ ନିଯୁକ୍ତିରେ ଅନିଶ୍ଚିତତା

ତେଲଙ୍ଗାନାରେ ଅନେକ ମାସ ଧରି ୨୦୧୬ ଓ ୨୦୧୭ ବ୍ୟାଚ୍‌ର ଅନ୍ୟୂନ ୧୮ ଜଣ ଆଇଏଏସ୍ ଅଧିକାରୀ ଉପଜିଲାପାଳ ଭାବେ ନିଯୁକ୍ତି ପାଇବା ଲାଗି ଅପେକ୍ଷାରେ ରହିଛନ୍ତି। ରାଜ୍ୟ ସରକାର ସେମାନଙ୍କ ନିଯୁକ୍ତି ଘୋଷଣା କରିବାରେ କାହିଁକି ବିଳମ୍ବ କରୁଛନ୍ତି ସେ ସମ୍ପର୍କରେ କିଛି ସ୍ପଷ୍ଟୀକରଣ ଦେଇପାରୁ ନାହାନ୍ତି। ଏପରିକି ତେଲଙ୍ଗାନା ଆଇଏଏସ୍ ଅଧିକାରୀ ସଂଘ ସରକାରଙ୍କଠାରୁ କୌଣସି ପ୍ରତିକ୍ରିୟା ପାଇବାରେ ବିଫଳ ହୋଇଛନ୍ତି। ପ୍ରାପ୍ତ ସୂଚନା ଅନୁସାରେ, ୮ ଜଣ ଆଇଏଏସ୍ ଅଧିକାରୀ ଗତବର୍ଷ ଅକ୍ଟୋବର ସୁଦ୍ଧା ତାଙ୍କ ତାଲିମ ଶେଷ କରି ସାଧାରଣ ପ୍ରଶାସନ ବିଭାଗ (ଜିଏଡି)କୁ ନିଯୁକ୍ତି ଲାଗି ଜଣାଇଥିଲେ। ସରକାର ସେମାନଙ୍କୁ ୮ଟି ଜିଲାରେ ସ୍ୱତନ୍ତ୍ର ଅଧିକାରୀ ଭାବେ ନିଯୁକ୍ତି ଦେଇଥିବା ବେଳେ ସେମାନେ ସେହି ପଦରେ ହିଁ କାର୍ଯ୍ୟ କରୁଛନ୍ତି। ୨୦୧୭ ବ୍ୟାଚ୍‌ର ୧୦ ଜଣ ଆଇଏଏସ୍ ଅଧିକାରୀ ବି ସମାନ ଦଶା ଭୋଗୁଛନ୍ତି। ଏହି ସମୟରେ ଅନ୍ୟ ରାଜ୍ୟରେ ଥିବା ସେମାନଙ୍କ ବ୍ୟାଚ୍‌ମେଟ୍‌ମାନେ ଉପଜିଲାପାଳ ହୋଇସାରିଥିବା ବେଳେ ଏହି ୧୮ ଜଣ ବାବୁ ସମାନ ପଦ ଲାଗି ଆଦେଶ ପାଇବା ଅପେକ୍ଷାରେ ରହିଛନ୍ତି। ଏହି ବିଳମ୍ବର କାରଣ କ'ଣ ଏବଂ ଏବକାର ସ୍ଥିତି କେତେଦିନ ବଳବତ୍ତର ରହିବ ତାହା କେହି ଜାଣିନାହାନ୍ତି।

Email: dilipcherian@gmail.com

# ଉଚ୍ଚଶିକ୍ଷାରେ ସଂସ୍କାର

ଡ. ଛାୟାକାନ୍ତ ଷଡ଼ଙ୍ଗୀ

ଚଳିତବର୍ଷ ଉଚ୍ଚଶିକ୍ଷାରେ ସଂସ୍କାର ଆଣିବା ପାଇଁ ଓଡ଼ିଶା ସରକାର ଅନେକ ଦୃଢ଼ ପଦକ୍ଷେପ ନେଇଛନ୍ତି। ଅଭିଭାବକଙ୍କଠାରୁ ଆରମ୍ଭକରି ସରକାରଙ୍କ ପର୍ଯ୍ୟନ୍ତ ସମସ୍ତେ ଖୁସି ଯେ, ଅଧ୍ୟାପକମାନଙ୍କୁ ସାତଘଣ୍ଟା କଲେଜରେ ଉପସ୍ଥିତ ରହିବା ପାଇଁ କଠୋର ନିର୍ଦ୍ଦେଶନାମା ଜାରି କରିବା ସହ ବାୟୋମେଟ୍ରିକ୍‌ର ପ୍ରଚଳନ ମଧ୍ୟ କରାଯାଇଛି। ବହୁ ପୂର୍ବରୁ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ନିୟମ କରିଥିଲେ ଯେ, ଅଧ୍ୟାପକମାନଙ୍କୁ ୟୁଜିସି ହାରରେ ଦରମା ଦିଆଯାଉ ଓ ସେମାନେ କଲେଜରେ ପାଞ୍ଚଘଣ୍ଟା ରହିବାକୁ ବାଧ୍ୟ। ଏହାର ଉଦ୍ଦେଶ୍ୟ ଥିଲା ଅଧ୍ୟାପକମାନେ ଶିକ୍ଷାଦାନ କରିବା ବ୍ୟତୀତ ଗବେଷଣା କରିବେ। ଆଲୋଚନାଚକ୍ରରେ ଯୋଗଦେବେ। ପାଠାଗାରରେ ବସି ଅଧ୍ୟୟନ କରିବେ ଓ ଅନ୍ୟୂନ ଚାରୋଟି ରିଫ୍ରେସର କୋର୍ସ କରି ଶିକ୍ଷଣ ପ୍ରଣାଳୀର ଗୁଣାତ୍ମକମାନ ବଢ଼ାଇବେ। ବେଶ୍ କିଛି ବର୍ଷ ଧରି ଏହିସବୁ ନୀତିନିୟମ ଠିକ୍ କାର୍ଯ୍ୟକାରୀ ହେଉଥିଲା। ଗତ ସତୁରି ଦଶକରେ ଏହି ଲେଖକ ଛାତ୍ର ଥିବାବେଳେ ଅନୁଭବ କରିଛି, ପ୍ରାୟ ସମସ୍ତ ଅଧ୍ୟାପକ ପାଞ୍ଚଘଣ୍ଟା ବା ତଦୂର୍ଦ୍ଧ୍ୱ ସମୟ କଲେଜରେ ଉପସ୍ଥିତ ରହୁଥିଲେ। ଅଧ୍ୟାପକମାନେ କର୍ତ୍ତବ୍ୟନିଷ୍ଠ ଓ ସମର୍ପିତ ଥିଲେ। ଶ୍ରେଣୀଗୃହକୁ ଆସିବା ପୂର୍ବରୁ ଯଥେଷ୍ଟ ପ୍ରସ୍ତୁତ ହେଉଥିଲେ। ସେତେବେଳେ ଆଜିକାଲି ଭଳି ଗାଇଡ୍ ବହି ପ୍ରଚଳନ ନ ଥିଲା। ମୂଳ ବହି ଅଧ୍ୟୟନ ଓ ଅଧ୍ୟାପକମାନଙ୍କ ଶ୍ରେଣୀଗୃହ ଅଧ୍ୟାପନା ହିଁ ଆମକୁ ସଫଳତା ଦେଉଥିଲା। ଆମେ ସକାଳ ନଅଟାରୁ ପାଞ୍ଚଟା ପର୍ଯ୍ୟନ୍ତ କଲେଜରେ କ୍ଲାସ୍ କରୁଥିଲୁ ଓ ଅପରାହ୍ଣରେ ଟ୍ୟୁଟୋରିଆଲ କ୍ଲାସ୍ ହେଉଥିଲା, ଯେଉଁଠି ଆମେ ଆମର ସନ୍ଦେହ ମୋଚନ କରୁଥିଲୁ।

ଆଜି ଦୃଶ୍ୟପଟ ବଦଳିଯାଇଛି। ଓଡ଼ିଶା ସରକାର ୟୁଜିସି ବେତନ ହାର ଉଚ୍ଛେଦ କରିଛନ୍ତି। ଘରୋଇ ବିଶ୍ୱବିଦ୍ୟାଳୟରେ ବିଭିନ୍ନ ବର୍ଗର ଅଧ୍ୟାପକ ଅଛନ୍ତି– ୟୁଜିସି ବର୍ଗ, ରାଜ୍ୟ ବେତନ ହାର ବର୍ଗ, ବ୍ଲକ୍‌ଗ୍ରାଣ୍ଟ ବର୍ଗ ଓ ସମ୍ପୂର୍ଣ୍ଣ ପରିଚାଳନା ସମିତି ନିୟନ୍ତ୍ରିତ ବର୍ଗ। ବେତନ ହାର ଦେଢ଼ଲକ୍ଷଠୁ ୮/୧୦ ହଜାର ପର୍ଯ୍ୟନ୍ତ ରହିଛି। ଯେଉଁମାନେ ଦେଢ଼ଲକ୍ଷ ଟଙ୍କା ମାସକୁ ପାଆନ୍ତି ସେମାନଙ୍କ କାମ ଯାହା ୧୦ ହଜାର ବେତନ ପାଉଥିବା ଅଧ୍ୟାପକମାନଙ୍କ କାମ ବି ତାହା। ସାତଘଣ୍ଟିଆ ଉପସ୍ଥାନ ନିୟମ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ। ଏଣୁ ଅଳ୍ପ ଦରମାରେ ଚାକିରି କରୁଥିବା ଅଧ୍ୟାପକମାନେ ଅସନ୍ତୁଷ୍ଟ ହେବା ସ୍ୱାଭାବିକ। ଅବଶ୍ୟ ଏହି ନିୟମ କାର୍ଯ୍ୟକାରୀ କରିବା ପଛରେ ସରକାରଙ୍କ ଅନୁଭବ ହେଉଛି ଯେ ଅଧ୍ୟାପକମାନେ ପ୍ରାୟତଃ ୫ଘଣ୍ଟା ସମୟ ମଧ୍ୟ କଲେଜରେ ରହୁନାହାନ୍ତି। ଦୁଇ ତିନୋଟି କ୍ଲାସ୍ କରି ସେମାନେ ଚାଲିଯାଉଛନ୍ତି। ଅନ୍ୟପକ୍ଷରେ ଅନେକ ଛାତ୍ରୀଛାତ୍ର ଅଳ୍ପ କ୍ଲାସ୍‌ରେ ଉପସ୍ଥିତ ରହି ବା ଆଦୌ ଉପସ୍ଥିତ ନ ରହି ପରୀକ୍ଷା ବେଳକୁ ଆବିର୍ଭୂତ ହେଉଥିଲେ। ପ୍ରାୟ ୧ଟା ବେଳକୁ କଲେଜ ପରିସର ଜନଶୂନ୍ୟ ହେଉଥିଲା। ସାତଘଣ୍ଟିଆ ଉପସ୍ଥିତି ନିୟମ ଓ ବାୟୋମେଟ୍ରିକ ପ୍ରଚଳନ ଏହି ସମସ୍ୟାର ସମାଧାନ କରିପାରିବ ବୋଲି ସରକାର ଭାବୁଛନ୍ତି। ମାତ୍ର ଅଧିକାଂଶ କଲେଜରେ ସମୃଦ୍ଧ ପାଠାଗାର ନାହିଁ କି ପଠନ କକ୍ଷ ବି ନାହିଁ। ଛୋଟ କଲେଜଗୁଡ଼ିକରେ ପ୍ରାୟ ଦିନକୁ ଦୁଇ ବା ତିନୋଟି କ୍ଲାସ୍ କରିସାରିବା ପରେ ବାକି ସମୟ ସେମାନେ କେଉଁଠି ପଢ଼ିବେ ଓ କ'ଣ ପଢ଼ିବେ। ଏହାର ଅର୍ଥ ନୁହେଁ ଯେ ସେମାନଙ୍କ ସାତଘଣ୍ଟିଆ ରହଣିକୁ ସମର୍ଥନ କରାଯାଉ ନାହିଁ। କଲେଜଗୁଡ଼ିକର ଭିତ୍ତିଭୂମି ସୁଦୃଢ଼ ହେଲେ ଏହି ରହଣି ଫଳପ୍ରଦ ହେବ। ପୁନଶ୍ଚ ଅଧିକାଂଶ କଲେଜରେ ସ୍ଥାୟୀ ଅଧ୍ୟାପକ ପଦବୀ ବହୁସଂଖ୍ୟାରେ ଖାଲି। ଅତିଥି ଅଧ୍ୟାପକମାନଙ୍କୁ ନେଇ କାମ ଚଳେଇ ନିଆଯାଉଛି। ଅତିଥି ଅଧ୍ୟାପକମାନଙ୍କ ପାଇଁ ସାତଘଣ୍ଟିଆ ରହଣି ପ୍ରଯୁଜ୍ୟ ନୁହେଁ। ପୁନଶ୍ଚ ଯେହେତୁ ସେମାନେ କାମଚଳା ଅଧ୍ୟାପକ, ସେମାନଙ୍କଠାରୁ ସମର୍ପଣ ଭାବ ବା ଅନୁଷ୍ଠାନ ପ୍ରତି ଅନୁରକ୍ତି ଆଶା କରାଯାଇପାରିବ ନାହିଁ।

ଆହୁରି ଏକ ବଡ଼ ବିଡ଼ମ୍ବନାର କଥା। କିଛିବର୍ଷ ହେବ ସମଗ୍ର ଓଡ଼ିଶାର ସ୍ୱୟଂଶାସିତ କଲେଜ ପାଇଁ ସିଲାବସ୍ ତିଆରି କରାଗଲା। ମାତ୍ର ଅଧିକାଂଶ ବହି ବଜାରରେ ଉପଲବ୍ଧ ହେଉନାହିଁ। ଅଧ୍ୟାପକମାନେ ନେଟ୍‌ରୁ ଅଳ୍ପକିଛି ଉପାଦାନ ସଂଗ୍ରହକରି ଅଧ୍ୟାପନା କରୁଛନ୍ତି। ମୂଳ ବହି କୌଣସି ଛାତ୍ରୀଛାତ୍ର ପାଉନାହାନ୍ତି। ନେଟ୍‌ରୁ ସଂଗୃହୀତ ଉପାଦାନ ଆଦୌ ଯଥେଷ୍ଟ ନୁହେଁ। ଏପରି ସ୍ଥଳେ ଶିକ୍ଷାର ଗୁଣାତ୍ମକ ମାନ ବଢ଼ିବ କିପରି? ଯେଉଁମାନେ ସିଲାବସ୍ ସ୍ଥିର କରିଛନ୍ତି ସେମାନେ ନିଶ୍ଚିତ କରିବା କଥା ଯେ ବହିଗୁଡ଼ିକ ବଜାରରେ ଉପଲବ୍ଧ। ମାତ୍ର ତାହା ହେଉନାହିଁ। ସମ୍ପ୍ରତି ଲକ୍ଷ୍ୟ କରାଯାଉଛି, ଆଜିକାଲି ଛାତ୍ରୀଛାତ୍ରଙ୍କର ପୂର୍ବଭଳି ପଠନ ସ୍ପୃହା ହ୍ରାସ ପାଇଛି। ଅଧିକାଂଶ କଲେଜରେ ସେମାନଙ୍କ ଉପସ୍ଥିତି କମିଯାଉଛି। ସେମାନେ କ୍ଲାସ୍‌କୁ ନ ଆସିଲେ ଅଧ୍ୟାପକ ଅଧ୍ୟାପିକା କାହାକୁ ପାଠ ପଢ଼ାଇବେ? ସରକାର ନିର୍ଦ୍ଦେଶ ଦେଇଛନ୍ତି ସେମାନଙ୍କର ଉପସ୍ଥିତି ୭୫ ପ୍ରତିଶତରୁ କମିଗଲେ ସେମାନେ ପରୀକ୍ଷାରେ ବସିପାରିବେ ନାହିଁ। ଏହି ନିୟମ ପୂର୍ବରୁ ମଧ୍ୟ ଥିଲା। ମାତ୍ର ଏହା ଆଦୌ କାର୍ଯ୍ୟକାରୀ ହେଉ ନ ଥିଲା। ଅତୀତରେ ଯେଉଁ କଲେଜଗୁଡ଼ିକ ଏହି ନିୟମକୁ କଡ଼ାକଡ଼ି ଭାବରେ ପ୍ରୟୋଗ କରୁଥିଲେ ସେଠାରେ ଛାତ୍ର ଆନ୍ଦୋଳନ ହେଉଥିଲା। ପରିଶେଷରେ ସାଲିସ୍ କରାଯାଉଥିଲା। ସେମାନଙ୍କୁ ଅତିରିକ୍ତ କ୍ଲାସ୍ କରିବାକୁ କୁହାଯାଉଥିଲା। ୭୫ପ୍ରତିଶତରୁ କମ୍ ଉପସ୍ଥାନ ଯୋଗୁ ଛାତ୍ରୀଛାତ୍ରମାନଙ୍କୁ ପରୀକ୍ଷା ଦେବାର ସୁଯୋଗ ଦିଆ ନ ଗଲେ ଅଧ୍ୟକ୍ଷଙ୍କ ଉପରେ ପ୍ରଚଣ୍ଡ ଚାପ ପଡୁଥିଲା। ତାହା କେବଳ ଅନୁଭବୀ ହିଁ ଜାଣିପାରିବେ। ଏହି ପରିସ୍ଥିତିରେ ଛାତ୍ରୀଛାତ୍ରମାନେ କ୍ଲାସ୍ କରିବାକୁ ନ ଆସିଲେ ମଧ୍ୟ ଅଧ୍ୟାପକ ଅଧ୍ୟାପିକାମାନେ ଆନ୍ଦୋଳନାତ୍ମକ ପରିସ୍ଥିତିକୁ ଏଡ଼େଇଦେବା ପାଇଁ ସମସ୍ତଙ୍କୁ ୭୫ପ୍ରତିଶତ ଉପସ୍ଥାନ ଦେବାର ସମ୍ଭାବନାକୁ ଏଡ଼େଇ ଦିଆଯାଇ ନ ପାରେ। ଉଚ୍ଚଶିକ୍ଷା କ୍ଷେତ୍ରରେ ପରିଲକ୍ଷିତ ହେଉଥିବା ସ୍ଥାଣୁତା ପାଇଁ ଅଭିଭାବକ ମଧ୍ୟ କମ୍ ଦାୟୀ ନୁହନ୍ତି। ସେମାନଙ୍କ ପୁଅଝିଅମାନେ କଲେଜକୁ କ୍ଲାସ୍ କରିବାକୁ ଆସୁଛନ୍ତି ନା ନାହିଁ ସେ ବିଷୟରେ ଅଧିକାଂଶ ଅଭିଭାବକ ତଦାରଖ କରନ୍ତି ନାହିଁ। ଅଧ୍ୟକ୍ଷ ଅଭିଭାବକ–ଶିକ୍ଷକ ସଭା ଆହ୍ୱାନ କଲେ ଶତକଡ଼ା ୯୦ ଭାଗ ଅଭିଭାବକ ଆସନ୍ତି ନାହିଁ। ଛାତ୍ରୀଛାତ୍ରମାନେ ପରୀକ୍ଷାରେ ଅସତ୍ ଉପାୟ ଅବଲମ୍ବନ କଲେ ଅନେକ ଅଭିଭାବକ ତାକୁ ବିରୋଧ କରନ୍ତି ନାହିଁ। ଅନେକ କଲେଜରେ ସେମାନେ ପରୀକ୍ଷା କେନ୍ଦ୍ରରେ ସେମାନଙ୍କ ପୁଅଝିଅଙ୍କୁ ଅସତ୍ ଉପାୟରେ ସାହାଯ୍ୟ କରିବାର ବ୍ୟବସ୍ଥା ମଧ୍ୟ କରିଥାନ୍ତି। ଏହିପରି କ୍ଷେତ୍ରରେ ଉଚ୍ଚଶିକ୍ଷାର ମାନ ବଢ଼ାଇବା ଦିବାସ୍ୱପ୍ନ ଭଳି ମନେହୁଏ। ଉଚ୍ଚଶିକ୍ଷାରେ ଗୁଣାତ୍ମକ ମାନ ବଢ଼ାଇବା ସମ୍ଭବ ହେବ ଯେଉଁଦିନ ଛାତ୍ର, ଶିକ୍ଷକ ଓ ଅଭିଭାବକ ସମ୍ମିଳିତ ଭାବରେ ଆନ୍ତରିକତା ପ୍ରଦର୍ଶନ ପୂର୍ବକ ଉଦ୍ୟମ କରିବେ। ଶିକ୍ଷକମାନଙ୍କ ଉପରେ କଡ଼ା ନିୟମ ଜାରିକରି ଶିକ୍ଷାରେ ସଂସ୍କାର ସମ୍ଭବ ନୁହେଁ। ସେପରି କ୍ଷେତ୍ରରେ ସେମାନେ କେବଳ ବାଧ୍ୟବାଧକତାରେ ଶିକ୍ଷାଦାନ କରିବେ। ସେମାନେ କିଭଳି ସ୍ୱତଃପ୍ରବୃତ୍ତ ଭାବରେ ଶିକ୍ଷାଦାନ କରିବା ପାଇଁ ଆଗ୍ରହୀ ହେବେ, ସେଭଳି ଏକ ପରିବେଶ ସୃଷ୍ଟି କରିବାକୁ ହେବ। ଏହା ସମ୍ଭବ ହେବ ଯଦି ସରକାର ଓ ସମାଜ ସେମାନଙ୍କ ପ୍ରତି ସମ୍ବେଦନଶୀଳ ହେବେ ଓ ସମ୍ମାନ ପ୍ରଦର୍ଶନ କରିବେ। କାରଣ ସେମାନେ ହିଁ ଗଢୁଛନ୍ତି ଆଜିର ମନ୍ତ୍ରୀ, ପ୍ରଶାସକ, ଡାକ୍ତର, ଇଞ୍ଜିନିୟର, ବିଚାରପତି ଇତ୍ୟାଦିଙ୍କୁ। ସେମାନେ ହିଁ ପ୍ରକୃତରେ ଦେଶର ନାଗରିକମାନଙ୍କୁ ନିର୍ମାଣ କରୁଛନ୍ତି। ଆମ୍ଭେମାନେ ଉଚ୍ଚାସନରେ ଅଧିଷ୍ଠିତ ହୋଇଛୁ ଏବଂ ସେଥିରେ ସେମାନଙ୍କର ଅବଦାନ ରହିଛି, ଏକଥାକୁ ଅସ୍ୱୀକାର କରିହେବ ନାହିଁ।

ମାତ୍ର ଏକଥା ମଧ୍ୟ ସତ୍ୟ ଯେ, ଅନେକ ଅଧ୍ୟାପକ ଯେଉଁମାନେ ଉଚ୍ଚ ଦରମା ପାଉଛନ୍ତି ସେମାନେ ମଧ୍ୟ କର୍ତ୍ତବ୍ୟନିଷ୍ଠ ନୁହନ୍ତି। କଲେଜରେ ଛାତ୍ରୀଛାତ୍ରମାନଙ୍କୁ ଠିକ୍ ନ୍ୟାୟ ଦେଉନାହାନ୍ତି। ଅଥଚ ଘରୋଇ ଟ୍ୟୁଶନରେ ସମୟ ଦେଉଛନ୍ତି। ଆଶା କରାଯାଏ, ସରକାର ଅଧ୍ୟାପକମାନଙ୍କ ମଧ୍ୟରେ ଦରମାଗତ ଭେଦଭାବ ଦୂରକଲେ ଓ ଅନ୍ୟ ସରକାରୀ କର୍ମଚାରୀଙ୍କ ଭଳି ସେମାନଙ୍କୁ ମଧ୍ୟ ସମସ୍ତ ସୁବିଧା ଦେଲେ ସେମାନେ କର୍ତ୍ତବ୍ୟନିଷ୍ଠ ହେବେ। ଅଧ୍ୟାପନାକୁ ବୃତ୍ତି ଭାବରେ ଗ୍ରହଣ ନ କରି ବ୍ରତ ଭାବରେ ଗ୍ରହଣ କରିବେ। ତାକୁ ଜୀବିକା ଭାବରେ ଗ୍ରହଣ ନ କରି ଜୀବନ ଭାବରେ ଗ୍ରହଣ କରିବେ। ଏହି ପ୍ରସଙ୍ଗରେ ସତ୍ୟବାଦୀ ବନବିଦ୍ୟାଳୟରେ ଅଧ୍ୟାପନା କରୁଥିବା ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ବିଷୟରେ ମନେପକାଇ ଦିଆଯାଇପାରେ। ସେ ଯେଉଁଦିନ ସେଠି ଶିକ୍ଷକ ଭାବରେ ଯୋଗଦେଲେ ଏକ ସ୍ୱାଗତସଭା ଆୟୋଜିତ ହୋଇଥିଲା। ସେହିଦିନର ଅନୁଭବ ବର୍ଣ୍ଣନାକରି ସେ 'ଅର୍ଦ୍ଧଶତାବ୍ଦୀର ଓଡ଼ିଶା ଓ ତହିଁରେ ମୋ ସ୍ଥାନ' ପୁସ୍ତକରେ ଲେଖିଛନ୍ତି, ''ସେଦିନ ଆଉ ଥରେ ମୋତେ ବ୍ରତ ହେବା ପରି ଲାଗିଲା। ମୋ ଆଖିରୁ ଅବିରତ ଲୁହ ବହିଯାଉଥାଏ। ମାତ୍ର ମୁଁ ପାଟି ଫିଟାଇ କିଛି କହିପାରିଲି ନାହିଁ। କେବଳ ଯେଉଁ ଗୁରୁଦାୟିତ୍ୱ ମୁଣ୍ଡାଇବାକୁ ଯାଉଥିଲି ତାହା ଭାରରେ ମୁଣ୍ଡ ଭାରି ହୋଇଯାଉଥାଏ। ଏହା ଥିଲା ସେଦିନ ଜଣେ ଶିକ୍ଷକର ଦାୟିତ୍ୱବୋଧ। ଯେଉଁଦିନ ଅଧ୍ୟାପକ ଅଧ୍ୟାପିକାମାନେ ଏହି ମନ୍ତ୍ରରେ ଅଭିମନ୍ତ୍ରିତ ହେବେ ସେହିଦିନ ଉଚ୍ଚଶିକ୍ଷାରେ ସଂସ୍କାର ଆସିବ। ସେଥିପାଇଁ ଆବଶ୍ୟକ ଏକ ସୁସ୍ଥ ବାତାବରଣ।

ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ, ଟିଟିଲାଗଡ଼,
ମୋ–୯୪୩୭୩୨୯୨୬୩

# କୃଷି ଶିକ୍ଷାର ଗୁରୁତ୍ୱ

ଡ. ହୃଷୀକେଶ ପାତ୍ର

କୃଷି ଶିକ୍ଷା, ଗବେଷଣା ଓ ସମ୍ପ୍ରସାରଣ ଆଭିମୁଖ୍ୟ ନେଇ ୧୯୬୨ ମସିହାରେ ଭୁବନେଶ୍ୱରଠାରେ ପ୍ରତିଷ୍ଠା କରାଯାଇଛି ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ। ମାତ୍ର ଦୁଇଟି ମହାବିଦ୍ୟାଳୟକୁ ନେଇ ଆରମ୍ଭ କରାଯାଇଥିବା ଏହି ବିଶ୍ୱବିଦ୍ୟାଳୟ ବର୍ତ୍ତମାନ ଏକ ମହାଦ୍ରୁମରେ ପରିଣତ ହୋଇଛି। ବିଭିନ୍ନ ମହାବିଦ୍ୟାଳୟ ସମେତ କୃଷି ଗବେଷଣା କେନ୍ଦ୍ର ଓ କୃଷିବିଜ୍ଞାନ କେନ୍ଦ୍ର ଯୋଗୁ ରାଜ୍ୟର ସମସ୍ତ ଜିଲାରେ ଏହାର ଉପସ୍ଥିତି ଉପଲବ୍ଧ ହେଉଛି। ସମ୍ପ୍ରତି ଏହି ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ୧୦ ଗୋଟି ମହାବିଦ୍ୟାଳୟ, ଗୋଟିଏ ସ୍ନାତକୋତ୍ତର ଅଧ୍ୟୟନ କେନ୍ଦ୍ର ଏବଂ ୧୦ଟି ଆଗ୍ରୋପଲିଟେକ୍‌ନିକ୍ କେନ୍ଦ୍ର ମାଧ୍ୟମରେ କୃଷି, ଉଦ୍ୟାନ କୃଷି, ପଶୁପାଳନ, କୃଷି ଯାନ୍ତ୍ରିକ, ଗୃହ ବିଜ୍ଞାନ, ମତ୍ସ୍ୟ ବିଜ୍ଞାନ, ବନ ବିଜ୍ଞାନ, ମୌଳିକ ବିଜ୍ଞାନ, ବାୟୋଇନ୍‌ଫରମେଟିକ୍ସ, କମ୍ପ୍ୟୁଟର ସାଇନ୍ସ, ଏଗ୍ରିବିଜ୍‌ନେସ୍ ମ୍ୟାନେଜମେଣ୍ଟ ଆଦି ବିଷୟରେ ଶିକ୍ଷା ପ୍ରଦାନ କରାଯାଉଛି।

ଏହି ବିଶ୍ୱବିଦ୍ୟାଳୟ ଅନେକ ସଫଳତା ହାସଲ କରିଛି। ଶିକ୍ଷା କ୍ଷେତ୍ରରେ ମାନବୃଦ୍ଧି ନିମନ୍ତେ ବିଶ୍ୱବିଦ୍ୟାଳୟ ତରଫରୁ ବହୁବିଧ ପଦକ୍ଷେପ ଗ୍ରହଣ କରାଯାଇଛି। ଭାରତୀୟ କୃଷି ଗବେଷଣା ପରିଷଦର ପଞ୍ଚମ ଡିନ୍ କମିଟିର ସୁପାରିସ ଏବଂ ପ୍ରାଣୀ ଚିକିତ୍ସା ଶିକ୍ଷାର ସର୍ବନିମ୍ନ ମାନ ନିୟମାବଳୀ ଅନୁଯାୟୀ ପାଠ୍ୟଖସଡ଼ାରେ ପରିବର୍ତ୍ତନ କରାଯାଇଛି। କଠିନ ଅଧ୍ୟବସାୟ ଏବଂ ନିଷ୍ଠାପର ଉଦ୍ୟମ ଯୋଗୁ ଏହି ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଅନେକ ସଫଳତା ଆଣିପାରିଛନ୍ତି। ବିଗତ କେତେବର୍ଷ ହେବ ସେମାନେ ଭାରତୀୟ କୃଷି ଗବେଷଣା ପରିଷଦ ଦ୍ୱାରା ପରିଚାଳିତ ସର୍ବଭାରତୀୟ ଜୁନିୟର ରିସର୍ଚ୍ଚ ଫେଲୋଶିପ୍ ପରୀକ୍ଷାରେ ଉଲ୍ଲେଖଯୋଗ୍ୟ ସଫଳତା ହାସଲ କରି ନିଜ ପ୍ରତିଭାର ପରିଚୟ ଦେଇଛନ୍ତି।

ବିଶ୍ୱବିଦ୍ୟାଳୟରୁ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରମାନେ ରାଜ୍ୟ, ଦେଶ ତଥା ବିଦେଶରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦପଦବୀ ଅଳଙ୍କୃତ କରି ନିଜ ଦକ୍ଷତାର ପ୍ରମାଣ ଦେଇଛନ୍ତି। ଏହାଛଡା କେତେଜଣ ନିଜସ୍ୱ ଉଦ୍ୟମରେ ଉଦ୍ୟୋଗ ପ୍ରତିଷ୍ଠା କରି ନିଜର ଆୟ ବୃଦ୍ଧି କରିବା ସହିତ ଅନ୍ୟମାନଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିପାରିଛନ୍ତି।

ବିଶ୍ୱବିଦ୍ୟାଳୟର ଶିକ୍ଷାଦାନ ପ୍ରଣାଳୀରେ ବ୍ୟାପକ ପରିବର୍ତ୍ତନ କରାଯାଇ ଏହାକୁ ଯୁଗୋପଯୋଗୀ କରାଯାଇଛି। ଛାତ୍ରୀଛାତ୍ରମାନଙ୍କ ଦକ୍ଷତା ବିକାଶ ନିମନ୍ତେ ପ୍ରୟୋଗାତ୍ମକ ଶିକ୍ଷା ଉପରେ ଗୁରୁତ୍ୱ ଦିଆଯାଉଛି। ଶ୍ରେଣୀଗୃହରେ ଜ୍ଞାନପ୍ରଦାନ ସହିତ କୃଷି କ୍ଷେତ୍ରରେ ଦେଖାଯାଉଥିବା ବିଭିନ୍ନ ସମସ୍ୟା ବିଷୟରେ ଛାତ୍ରୀଛାତ୍ରଙ୍କୁ ଅବଗତ କରାଇବା ନିମନ୍ତେ ଚେଷ୍ଟା କରାଯାଉଛି। ଛାତ୍ର ପ୍ରସ୍ତୁତି କାର୍ଯ୍ୟକ୍ରମ କ୍ଷେତ୍ରରେ ଏହି ବିଶ୍ୱବିଦ୍ୟାଳୟ ସମଗ୍ର ଦେଶରେ ପ୍ରମୁଖ ସ୍ଥାନ ଅଧିକାର କରିଛି।

(ଓୟୁଏଟିର ୩୮ତମ ସମାବର୍ତ୍ତନ ଉତ୍ସବ ଉପଲକ୍ଷେ)

କୃଷିବିଜ୍ଞାନ ଓ ଉଦ୍ୟାନ ବିଜ୍ଞାନ ମହାବିଦ୍ୟାଳୟର ଶେଷବର୍ଷ ଛାତ୍ରୀଛାତ୍ରମାନେ ଗ୍ରାମାଞ୍ଚଳକୁ ଯାଇ କୃଷକମାନଙ୍କ ସମସ୍ୟା ବିଷୟରେ ଅବଗତ ହେବା ନିମନ୍ତେ ସୁଯୋଗ ସୃଷ୍ଟି ହୋଇଛି। ଏଥିସହିତ କୃଷିଭିତ୍ତିକ ଶିଳ୍ପ ସଂସ୍ଥା ସହିତ ସମ୍ପୃକ୍ତ ହୋଇ ସେମାନେ ପ୍ରତ୍ୟକ୍ଷ ଜ୍ଞାନ ଲାଭ କରିପାରୁଛନ୍ତି। ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଉଦ୍ୟୋଗୀ ମନୋଭାବ ସୃଷ୍ଟି କରିବା ପାଇଁ ଅନୁଭୂତିରୁ ଶିକ୍ଷା କାର୍ଯ୍ୟକ୍ରମକୁ ସୁଦୃଢ଼ କରାଯାଇଛି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରୀଛାତ୍ରମାନେ ବ୍ୟବସାୟିକ ମଡେଲ ଅନୁକରଣ କରି ବିଭିନ୍ନ କୃଷିଜାତ ସାମଗ୍ରୀ ଉତ୍ପାଦନ କରୁଛନ୍ତି। ଛତୁଚାଷ, ଚାରାଗଛ ଉତ୍ପାଦନ, ପନିପରିବା ଉତ୍ପାଦନ, ବିହନ ଉତ୍ପାଦନ, ପଶୁପାଳନ, ମାଛ ଯାଆଁଳ ପ୍ରସ୍ତୁତି ଆଦି କ୍ଷେତ୍ରରେ ପ୍ରତ୍ୟକ୍ଷ ଜ୍ଞାନ ହାସଲ କରିବା ଯୋଗୁ ସେମାନଙ୍କ ମନରେ ଉଦ୍ୟୋଗୀ ଭାବ ଜାଗ୍ରତ ହେଉଛି।

ଶିକ୍ଷାଦାନ ପ୍ରକ୍ରିୟାକୁ ଅଧିକ ପ୍ରଭାବଶାଳୀ କରିବା ନିମନ୍ତେ ବିଭିନ୍ନ ଅନ୍ତର୍ଜାତୀୟ ଗବେଷଣା ପ୍ରତିଷ୍ଠାନ ଏବଂ ବିଶ୍ୱବିଦ୍ୟାଳୟ ସହିତ ସହବନ୍ଧନ କରାଯାଇଛି। ଛାତ୍ରୀଛାତ୍ରଙ୍କ ସୁବିଧା ପାଇଁ ବିଶ୍ୱବିଦ୍ୟାଳୟରେ ଏକ କେନ୍ଦ୍ରୀୟ ପାଠାଗାର ରହିଛି। ଏହା ମଧ୍ୟରେ ସାଧାରଣ ପୁସ୍ତକ ଓ ପତ୍ରପତ୍ରିକା ସମେତ ବିଭିନ୍ନ ଡିଜିଟାଲ ପତ୍ରପତ୍ରିକା ଓ ପୁସ୍ତକ ମିଳୁଛି। ଶିକ୍ଷା ସହିତ ଅନ୍ୟାନ୍ୟ କ୍ଷେତ୍ରରେ ମଧ୍ୟ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ରମାନେ ବେଶ୍ ସଫଳତା ହାସଲ କରିପାରିଛନ୍ତି।

ବିଶ୍ୱବିଦ୍ୟାଳୟରେ ଶିକ୍ଷାର ମାନବୃଦ୍ଧି ନିମନ୍ତେ କେତେକ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଇଛି। ସେସବୁ ମଧ୍ୟରେ ସମସ୍ତ ମହାବିଦ୍ୟାଳୟରେ ଏକ ପ୍ରକାର ଶିକ୍ଷା କ୍ୟାଲେଣ୍ଡର ପ୍ରଚଳନ, ନିୟମିତ ଭାବେ ପରୀକ୍ଷା ଫଳ ପ୍ରକାଶ, ଅନ୍‌ଲାଇନ୍‌ରେ ନାମଲେଖା ଆଦି ଅନ୍ତର୍ଭୁକ୍ତ। ଆଗାମୀ ଦିନରେ ଛାତ୍ର ଓ ଶିକ୍ଷକଙ୍କ ଦକ୍ଷତା ବୃଦ୍ଧି ଏବଂ ପରିଚାଳନାଗତ ମାନବୃଦ୍ଧି ନିମନ୍ତେ ଜାତୀୟ କୃଷି ଉଚ୍ଚଶିକ୍ଷା କାର୍ଯ୍ୟକ୍ରମ ସହାୟତାରେ ଅଭିନବ ପଦକ୍ଷେପ ଗ୍ରହଣ କରିବା ପାଇଁ ଯୋଜନା କରାଯାଉଛି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଚଳିତବର୍ଷ କେତେଜଣ ଛାତ୍ରୀଛାତ୍ର ଫିଲିପାଇନ୍‌ସ୍ଥିତ ଅନ୍ତର୍ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନକୁ ଯାଇ ଉଚ୍ଚତର ଜ୍ଞାନ ହାସଲ କରିଛନ୍ତି। ଆଗାମୀ ଦିନରେ କୃଷି ଓ ଆନୁଷଙ୍ଗିକ ବିଷୟରେ ନୂତନ ବିଭାଗ ଖୋଲାଯାଇ ଶିକ୍ଷା ପରିସରକୁ ବ୍ୟାପକ କରିବା ପାଇଁ ଉଦ୍ୟମ ହେଉଛି। ଛାତ୍ରୀଛାତ୍ରଙ୍କ ପ୍ରୟୋଗାତ୍ମକ ଜ୍ଞାନର ବିକାଶ ନିମନ୍ତେ ପରୀକ୍ଷାଗାର, ଗବେଷଣା ଫାର୍ମ, ପ୍ରାଣୀଧନ ଫାର୍ମ ଆଦିର ମାନ ଉନ୍ନତ କରାଯିବା ପାଇଁ ଯୋଜନା ରହିଛି। ଶିକ୍ଷା ଓ ଗବେଷଣାର ମାନବୃଦ୍ଧି ନିମନ୍ତେ କମ୍ପ୍ୟୁଟର ବିଜ୍ଞାନ, ଜୈବ ପ୍ରଯୁକ୍ତିବିଦ୍ୟା, ପ୍ରାକୃତିକ ସମ୍ପଦ ପରିଚାଳନା, ପରିବେଶ ବିଜ୍ଞାନ, ଜଳବାୟୁ ବିଜ୍ଞାନ ଓ ଜୈବବିବିଧତା ଆଦିର ପ୍ରୟୋଗ ଉପରେ ଗୁରୁତ୍ୱ ପ୍ରଦାନ କରାଯାଉଛି। ଏହାଦ୍ୱାରା ରାଜ୍ୟର କୃଷିକ୍ଷେତ୍ର ବିଶେଷ ଭାବେ ଉପକୃତ ହୋଇପାରିବ ବୋଲି ଆଶା କରାଯାଏ।

ନିର୍ଦ୍ଦେଶକ,ଯୋଜନା,ତଦାରଖଓମୂଲ୍ୟାୟନ,ଓୟୁଏଟି,ଭୁବନେଶ୍ୱର

## ଏଇ ଭାରତରେ

ଦେଶରେ ବିଭିନ୍ନ ସଂଗଠନ ତଥା ସାମାଜିକ କର୍ମୀମାନଙ୍କ ଦ୍ୱାରା ବୃକ୍ଷରୋପଣ ଓ ତା'ର ରକ୍ଷଣାବେକ୍ଷଣ ଲାଗି ବିଭିନ୍ନ ଅଭିଯାନ କରାଯାଉଥିବାବେଳେ ଉତ୍ତରପ୍ରଦେଶର ଜଣେ ବ୍ୟକ୍ତି ଏଥିଲାଗି ଏକ ନିଆରା ଉପାୟ ଅପଣାଇଛନ୍ତି। ଗୋଣ୍ଡା ଜିଲାନିବାସୀ ପ୍ରୟାଗଦତ୍ତ ମିଶ୍ର ଜଙ୍ଗଲ ସୁରକ୍ଷା ଲାଗି ସିଧାସଳଖ ଭଗବାନଙ୍କ ସାହାଯ୍ୟ ନେଉଛନ୍ତି। ଗଛ ଗଣ୍ଡିରେ ଭଗବାନଙ୍କ ଛବି ଖୋଦେଇ କରି ସେ ଗଛକଟା ବନ୍ଦ କରିବା ସହ ଏକାକୀ ଏବେ ସୁଦ୍ଧା ଏକ ହଜାରରୁ ଊର୍ଦ୍ଧ୍ୱ ଗଛ ରକ୍ଷା କରିପାରିଛନ୍ତି। ୱାଜିରଗଞ୍ଜ ବ୍ଲକ୍‌ର ନଗଓ୍ୱା ପଞ୍ଚାୟତର ମୁଖ୍ୟ ପ୍ରୟାଗଦତ୍ତ କୁହନ୍ତି, ପ୍ରଥମ ଥର ସେ ପଞ୍ଚାୟତର ମୁଖ୍ୟ ରହିଥିବାବେଳେ ନଗଓ୍ୱା ଗାଁରେ ଅନେକ ଗଛ ଲଗାଯାଇଥିଲା। କିନ୍ତୁ ତାହାକୁ ଗ୍ରାମବାସୀ କାଟିନେଇଥିଲେ। ପରେ ପୁଣି ସେ ଗଛ ଲଗାଇଥିଲେ। ତେବେ ଗଛକଟା ରୋକିବା ଲାଗି ଗଛ ଗଣ୍ଡିରେ ଗଦା, ତ୍ରିଶୂଳ ଓ ହନୁମାନଙ୍କ ଛବି ଖୋଦେଇ କରି ସେଥିରେ ସିନ୍ଦୂର ରଙ୍ଗ ଲଗାଉଛନ୍ତି। ଦେବଦେବୀଙ୍କୁ ଗଛର ରକ୍ଷକ କରିପାରିଛନ୍ତି। ଗ୍ରାମବାସୀ ଏବେ ଗଛ କାଟିବା ବଦଳରେ ତାହାକୁ ପୂଜା କରୁଛନ୍ତି। ମିଶ୍ର ଯୁଆଡେ ଯାଆନ୍ତି ସାଥିରେ ଚିତ୍ର ଆଙ୍କିବା ଲାଗି ଆବଶ୍ୟକ ଉପକରଣ, ରଙ୍ଗ ଓ ବ୍ରଶ୍ ରଖିଥାନ୍ତି। ଏଥିପାଇଁ ସେ ଗୋଟିଏ ଗଛରେ ଖର୍ଚ୍ଚ କରୁଛନ୍ତି ୨୦୦ ଟଙ୍କା। ତାଙ୍କ ପକେଟରୁ ଏହା ଖର୍ଚ୍ଚ କରୁଛନ୍ତି। ତାଙ୍କର ଏହି ପ୍ରୟାସ ସଫଳ ହୋଇଛି। ଏବେ ପଞ୍ଚାୟତର ଜନସଂଖ୍ୟା ୮ ହଜାର ରହିଥିବାବେଳେ ଗଛସଂଖ୍ୟା ରହିଛି ୧୦ହଜାର। ଏହି ଉପାୟକୁ ଆଖପାଖ ପଞ୍ଚାୟତର ଗ୍ରାମବାସୀ ଆପଣାଇବାରେ ଲାଗିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୧ ଡିସେମ୍ବର ୧୯୯୪

- ଫୁଲନଦେବୀଙ୍କ ଜୀବନୀ ଉପରେ ଆଧାରିତ ବଣ୍ଡିଟ କୁଇନ୍ ଚଳଚ୍ଚିତ୍ରର ମୁକ୍ତିଲାଭ ଉପରେ ଦିଲ୍ଲୀ ହାଇକୋର୍ଟ ପକ୍ଷରୁ ନିଷେଧାଜ୍ଞା ଜାରି କରାଯାଇଛି।
- ତାଳଚେର ଥର୍ମାଲ ପାୱାର ଷ୍ଟେଶନର ଅଧିଗ୍ରହଣ ଓ ହସ୍ତାନ୍ତର ବିଧେୟକ–୧୯୯୪ ବିଧାନସଭାରେ ଗୃହୀତ।
- ଏକାଧିକ କୋଟି ଟଙ୍କା ପ୍ରତିଭୂତି ହେରଫେର ଘଟଣାର ତଦନ୍ତ ରିପୋର୍ଟ ଉପରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରସ୍ତୁତ ସଂଶୋଧିତ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ପାର୍ଲାମେଣ୍ଟର ଉଭୟ ଗୃହରେ ଉପସ୍ଥାପିତ।

## ଚିରନ୍ତନୀ

ସ୍ୱଦେଶ ବିଦେଶ ସୀମାରେଖା ନାହିଁ ମାନେ
ଚାଲିଛି ଚମକି କି ଭୀଷଣ ଅଭିଯାନେ!
ସବୁ ଜାତି ରୂପ ସବୁ ନରନାରୀ ଏକ
ସବୁ ଭାଷାଭାଷୀ ଗାଉଛି କେବଳ
ମଣିଷ ଜାତିର ଟେକ। (ଅଗଣିତ ଆଗୁଆନ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | 5 | | | 3 | | | | | | | 7 | E | 4 |
| | | | | | E | | | | B | | C | | | 6 |
| 0 | | 2 | 7 | | | C | | | | | | | B | 3 |
| | | | D | 0 | | 1 | | 2 | | E | | | 9 | |
| | 3 | | A | | | | | 5 | | 1 | 0 | | | |
| 3 | B | | 2 | | | D | | A | | C | | | 1 | |
| | | 6 | 5 | | | | 3 | | | D | 1 | | | B |
| | 2 | | | 9 | | 6 | | | | | 4 | 5 | | |
| | | A | 6 | 4 | | | B | | 7 | | | | 0 | 2 |
| | | | 3 | D | | | | 8 | 0 | 9 | | | | |
| | | | | 1 | | | | | 8 | | A | 4 | | |
| | 6 | 9 | | | | 4 | | 7 | | | B | | | |
| | 7 | | | A | | | 2 | | | | | | 5 | |
| | A | 1 | | | | | | 0 | | 2 | | E | | 7 |
| B | 8 | | 4 | 3 | | | | | | | | A | | D |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 5 | 7 | E | 2 | 4 | B | D | 0 | C | 6 | 1 | 3 | 9 | A | 8 |
| 4 | 6 | 9 | D | 3 | 0 | E | 1 | 8 | B | A | 7 | C | 2 | 5 |
| 3 | C | 0 | E | 1 | 8 | 4 | 5 | A | D | 2 | 9 | 7 | B | 6 |
| 1 | 2 | B | A | 7 | C | 3 | 9 | 6 | E | 5 | 8 | 0 | D | 4 |
| D | A | 8 | 5 | 9 | 6 | 2 | B | 7 | C | 4 | 0 | E | 3 | 1 |
| B | 4 | A | 1 | 8 | E | 9 | D | 3 | 5 | 7 | 2 | 6 | 0 | C |
| E | 3 | 2 | C | 0 | 4 | B | A | 5 | 1 | 9 | 6 | D | 8 | 7 |
| 9 | 5 | C | 7 | 6 | 3 | 8 | 2 | E | 4 | 0 | D | B | 1 | A |
| 8 | 0 | 7 | 9 | D | A | 1 | 6 | 4 | 3 | C | B | 2 | 5 | E |
| 6 | D | 1 | B | 2 | 5 | C | 7 | 0 | A | 8 | E | 4 | 9 | 3 |
| A | 9 | D | 4 | C | 7 | 5 | 3 | B | 2 | 6 | 1 | 8 | E | 0 |
| 2 | B | 6 | 8 | 5 | D | 0 | C | 1 | 7 | E | A | 3 | 4 | 9 |
| 7 | 1 | 3 | 0 | E | 2 | A | 4 | 9 | 8 | B | C | 5 | 6 | D |
| C | 8 | 5 | 3 | A | 9 | 6 | E | 2 | 0 | D | 4 | 1 | 7 | B |
| 0 | E | 4 | 6 | B | 1 | 7 | 8 | D | 9 | 3 | 5 | A | C | 2 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ବୋଝ ଉପରେ ନଳିତା ବିଡ଼ା

ମହାଶୟ,

ଦେଶରେ ଏବେ ଆର୍ଥିକ ମାନ୍ଦାବସ୍ଥା ଚାଲିଛି। ସାଧାରଣ ଲୋକେ ବ୍ୟବହାର କରୁଥିବା ୫ ଟଙ୍କିଆ ବିସ୍କୁଟ୍ ପ୍ୟାକେଟରୁ ଆରମ୍ଭକରି ଦାମୀ କାର ପର୍ଯ୍ୟନ୍ତ ବିକ୍ରିବଟା ମାନ୍ଦା ହେବାରୁ ଶ୍ରମିକ ଛଟେଇ ହେଲେଣି। ଏହାର ସାମୟିକ ନିରାକରଣ ପାଇଁ ସରକାର ପ୍ୟାକେଜ୍ ଘୋଷଣା କରି ତାଳିପକା କାମ କରିଛନ୍ତି। ଏଣେ ଖାଉଟି ବଜାରରେ ପିଆଜ, ଆଳୁଠାରୁ ଆରମ୍ଭ କରି ତେଲଲୁଣ ସବୁର ଦାମ୍ ଏକପ୍ରକାର ବଢ଼ିବାରେ ଲାଗିଛି। ଏ ସଙ୍କଟ ସମୟରେ କେନ୍ଦ୍ର ସରକାର ତାଙ୍କ କର୍ମଚାରୀଙ୍କ ମହଙ୍ଗା ଭତ୍ତା ୫% ବୃଦ୍ଧି କରିଛନ୍ତି। ଫଳରେ ୨୭ ହଜାର କୋଟି ଆର୍ଥିକ ବୋଝ ପଡ଼ିବ। ଏହାପରେ ରାଜ୍ୟ ସରକାରୀ କର୍ମଚାରୀ ମହଙ୍ଗା ଭତ୍ତା ଦାବି କରିବେ। ଫଳରେ ଦେଶ ୧୩୦ କୋଟି ଜନସଂଖ୍ୟାରୁ ପ୍ରାୟ ୧୦୦ କୋଟି ଲୋକ ସରକାରୀ ମହଙ୍ଗା ଭତ୍ତାରୁ ବଞ୍ଚିତ ହୋଇ ଅଭାବ ଅନଟନରେ ବଞ୍ଚିବାକୁ ବାଧ୍ୟ ହେବେ। ଦେଶରେ ଦିନକୁଦିନ ଧନୀ–ଦରିଦ୍ର ମଧ୍ୟରେ ବୈଷମ୍ୟ ବଢ଼ିବାରୁ ବେକାରି, ମାଫିଆଜମ୍ ଏବଂ ମାଓବାଦ ବଢୁଛି। କିନ୍ତୁ ସରକାରଙ୍କର ଚିନ୍ତା ନାହିଁ।

ରାମଚନ୍ଦ୍ର ପାଲ୍‌ଟାସିଂହ, କୁମାରବସ୍ତ, ଖୋର୍ଦ୍ଧା

### ବଜ୍ରପାତରୁ ସୁରକ୍ଷା

ଓଡ଼ିଶାକୁ ବଜ୍ରପାତର ରାଜଧାନୀ ବୋଲି କୁହାଯାଉଛି। ଏଠାରେ ପ୍ରତିବର୍ଷ ବଜ୍ରପାତଜନିତ ମୃତ୍ୟୁସଂଖ୍ୟା ବଢିବାରେ ଲାଗିଛି। ଚଳିତବର୍ଷ ପ୍ରଥମ ୪ ମାସରେ ଓଡିଶାରେ ୯ ଲକ୍ଷରୁ ଅଧିକ ଥର ବଜ୍ରପାତ ହୋଇ ୧୨୯ ଜଣ ମରିଛନ୍ତି। ୨୦୧୫–୧୬ ବର୍ଷରେ ୩୯୯ ଜଣ ମରିଥିବା ବେଳେ ୨୦୧୭–୧୮ରେ ୪୬୦ ଜଣ ମୃତ୍ୟୁମୁଖରେ ପଡିଥିଲେ। ତାଳଗଛ ବଜ୍ରପାତ ନିରୋଧୀ ହୋଇଥିବାରୁ ଆମ ରାଜ୍ୟର ବିଲ ହୁଡା, ନଦୀ, ନାଳବନ୍ଧ ଓ ରାସ୍ତାକଡରେ ବ୍ୟାପକ ଭାବେ ତାଳଗଛ ଲଗାଯିବା ଉଚିତ। ଏହାଦ୍ୱାରା କୃଷକ, କୃଷିଶ୍ରମିକ ଓ ସାଧାରଣ ପଥଚାରୀ ବଜ୍ରପାତରୁ ସୁରକ୍ଷା ପାଇବେ। ତାଳଗଛ ବାତ୍ୟା ନିରୋଧୀ ହୋଇଥିବାରୁ ବାତ୍ୟା ସମୟରେ ଏହାର କ୍ଷତି ହେବ ନାହିଁ।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ବିଚାରାଧୀନ କଏଦୀଙ୍କ ଆକସ୍ମିକ ମୃତ୍ୟୁ**

କେନ୍ଦୁଝର, ୨୦।୧୨ (ସ୍ୱ.ପ୍ର./ଡି.ଏନ.ଏ.): ଜଣେ ନାବାଳିକାଙ୍କୁ ଅସଦାଚରଣ କରିବା ମାମଲାରେ ପୋକ୍ସୋ ଆଇନରେ ଗିରଫ ହୋଇ କେନ୍ଦୁଝର ଜେଲରେ ରହୁଥିବା ଟୁରୀ ମୁଣ୍ଡା (୫୭) ନାମକ ଜଣେ ବିଚାରାଧୀନ କଏଦୀଙ୍କ ଶୁକ୍ରବାର ଆକସ୍ମିକ ମୃତ୍ୟୁ ଘଟିଛି। କେନ୍ଦୁଝର ଅତିରିକ୍ତ ଜିଲାଜଜ୍ ଲୋକନାଥ ସାହୁ ଗୁରୁବାର ୩ ବର୍ଷର ଶିଶୁକୁ ବଳାତ୍କାର ଓ ହତ୍ୟା ଘଟଣା ସଂକ୍ରାନ୍ତ ଅନ୍ୟ ଏକ ମାମଲାର ବିଚାର କରି ଚମ୍ପୁଆ ଅଞ୍ଚଳର ଅଭିଯୁକ୍ତ ସୁନୀଲ ନାଏକଙ୍କୁ ଫାଶୀ ଦଣ୍ଡାଦେଶ ଶୁଣାଇବା ପରେ ଟୁରୀ ଭୟଭୀତ ହୋଇ ପଡିଥିଲେ। ଏଥିଲାଗି ସେ ହୃଦ୍‌ଘାତରେ ଆକ୍ରାନ୍ତ ହୋଇ ପ୍ରାଣ ହରାଇଥିବା ଚର୍ଚ୍ଚା ହେଉଛି। ମୃତ୍ୟୁର ପ୍ରକୃତ କାରଣ ଜଣାପଡି ନାହିଁ। ମୃତଦେହର ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ କାରଣ ସ୍ପଷ୍ଟ ହେବ ବୋଲି ପୋଲିସ ଓ ଜେଲ ପକ୍ଷରୁ କୁହାଯାଇଛି।

# ବଢ଼ିଛି ଧାନ ସଂଗ୍ରହ

## ଗତ ବର୍ଷ ତୁଳନାରେ ୫୬ ପ୍ରତିଶତ ଅଧିକ

ଭୁବନେଶ୍ୱର, ୨୦।୧୨(ବ୍ୟୁରୋ)

ଚଳିତ ବର୍ଷ ଖରିଫ ଧାନ ସଂଗ୍ରହ ବୃଦ୍ଧି ପାଇଛି। ୨୦୧୯ ଡିସେମ୍ବର ୨୦ ତାରିଖ ସୁଦ୍ଧା ରାଜ୍ୟରୁ ମୋଟ ୧୧୪ ଲକ୍ଷ ୫୫ ହଜାର ୪୪୮ କୁଇଣ୍ଟାଲ ଧାନ ସଂଗ୍ରହ ହୋଇଛି। ଗତ ବର୍ଷ ତୁଳନାରେ ୫୬ ପ୍ରତିଶତ ଅଧିକ ରହିଛି। ଗତ ବର୍ଷ ଏହି ସମୟ ସୁଦ୍ଧା ୭୩ ଲକ୍ଷ ୩୬ ହଜାର ୨୭୪ କୁଇଣ୍ଟାଲ ଧାନ ସଂଗ୍ରହ କରାଯାଇଥିଲା। ରାଜ୍ୟ ସରକାରଙ୍କ ଦ୍ୱାରା ଅନ୍‌ଲାଇନ ଚାଷୀ ପଞ୍ଜୀକରଣ, ପି-ପାସ, ଆଗୁଆ ଟୋକନ ବ୍ୟବସ୍ଥା ଏବଂ ଧାନ ସଂଗ୍ରହ କାର୍ଯ୍ୟରେ ସ୍ୱଚ୍ଛତା ଆଣିବା ଯୋଗୁ ଏହା ସମ୍ଭବ ହୋଇ ପାରିଛି ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି। ବିଭାଗ ପକ୍ଷରୁ ଖୋଲାଯାଇଥିବା କଲ୍ ସେଣ୍ଟର ଯୋଗୁ ଚାଷୀମାନେ ସିଧାସଳଖ ମୋବାଇଲରେ କଥାବାର୍ତ୍ତା ହୋଇ ଧାନ ସଂଗ୍ରହ କେନ୍ଦ୍ରର ବ୍ୟବସ୍ଥା, ଆଗୁଆ ଟୋକନ ପ୍ରଦାନ ଇତ୍ୟାଦି ବିଷୟରେ ଜାଣି ପାରୁଛନ୍ତି। ମତାମତ ସଂଗ୍ରହ କରାଯାଇ ଧାନ ସଂଗ୍ରହ ବ୍ୟବସ୍ଥାକୁ ସୁବ୍ୟବସ୍ଥିତ କରାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି। ବରଗଡ ଜିଲାରେ ଶୁକ୍ରବାର ସୁଦ୍ଧା ସର୍ବାଧିକ ୩୮ ଲକ୍ଷ ୧୧ ହଜାର ୮୯୨ କୁଇଣ୍ଟାଲ ଧାନ ସଂଗ୍ରହ ହୋଇଥିବା ବେଳେ ବଲାଙ୍ଗୀରରେ ୮ ଲକ୍ଷ ୯୯ ହଜାର ୬୩୪ କୁଇଣ୍ଟାଲ ଧାନ ସଂଗ୍ରହ ହୋଇଛି। ସେହିପରି ଝାରସୁଗୁଡାରେ ୧ ଲକ୍ଷ ୬ ହଜାର ୭୬୮ କୁଇଣ୍ଟାଲ ଧାନ ସଂଗ୍ରହ ହୋଇଥିବା ବେଳେ କଳାହାଣ୍ଡି ଜିଲାରେ ୧୬ ଲକ୍ଷ ୩୨ ହଜାର ୯୯୯ କୁଇଣ୍ଟାଲ, ମାଲକାନଗିରି ଜିଲାରେ ୪ ଲକ୍ଷ ୮୯ ହଜାର ୪୦ କୁଇଣ୍ଟାଲ, ନୂଆପଡାରେ ୩ ଲକ୍ଷ ୯୯ ହଜାର ୪୩୯ କୁଇଣ୍ଟାଲ, ରାୟଗଡାରେ ୧ ଲକ୍ଷ ୮୯ ହଜାର ୪୦ କୁଇଣ୍ଟାଲ, ସମ୍ବଲପୁରରେ ୧୨ ଲକ୍ଷ ୨ ହଜାର ୩୨୭ କୁଇଣ୍ଟାଲ, ସୁବର୍ଣ୍ଣପୁରରେ ୧୧ ଲକ୍ଷ ୮ ହଜାର ୪୪୦ କୁଇଣ୍ଟାଲ ଏବଂ ସୁନ୍ଦରଗଡରେ ୨ ଲକ୍ଷ ୧୬ ହଜାର ୩୦୮ କୁଇଣ୍ଟାଲ ଧାନ ସଂଗ୍ରହ ହୋଇଛି । ଗତ ବର୍ଷ ଡିସେମ୍ବର ୨୦ ତାରିଖ ସୁଦ୍ଧା ସୁନ୍ଦରଗଡରେ ୯୫ ପ୍ରତିଶତ, ସୁବର୍ଣ୍ଣପୁର ୭୦ ପ୍ରତିଶତ, ସମ୍ବଲପୁର ୨୦ ପ୍ରତିଶତ, ରାୟଗଡା ୧୧ ପ୍ରତିଶତ, ମାଲକାନଗିରିରେ ୫୪ ପ୍ରତିଶତ ଅଧିକ ଧାନ ସଂଗ୍ରହ କରାଯାଇଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# କଳା, ସଂସ୍କୃତି, ପରମ୍ପରାର ପ୍ରତୀକ 'ଝୋଟିଚିତା'


ଝୋଟିଶିଳ୍ପୀଙ୍କ ସହ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ।

- ଜାତୀୟସ୍ତରୀୟ ଝୋଟି ମହୋତ୍ସବରେ ଯୋଗଦେଲେ କେନ୍ଦ୍ରମନ୍ତ୍ରୀ
- ଦେବହୂତିଙ୍କୁ ଝୋଟିରାଣୀ ମହାସମ୍ମାନ, ରାଜେଶ୍ୱରୀଙ୍କୁ ଝୋଟିଶ୍ରୀ ସମ୍ମାନ

ବାଲେଶ୍ୱର ଅଫିସ,୨୦।୧୨

ବାଲେଶ୍ୱର ବାମପଦାସ୍ଥିତ ନୋସି ବିଜ୍‌ନେସ ପାର୍କରେ ଉତ୍କଳୀୟ ଝୋଟି ପ୍ରତିଷ୍ଠାନ ତରଫରୁ ଗୁରୁବାର ଦିବାରାତ୍ର ଜାତୀୟସ୍ତରୀୟ ଝୋଟି ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ରାଜ୍ୟରୁ ୧୬୫ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। କେନ୍ଦ୍ର ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ, ମତ୍ସ୍ୟ, ପ୍ରାଣୀବିକାଶ ଏବଂ ଗୋପାଳନ ରାଷ୍ଟ୍ରମନ୍ତ୍ରୀ ତଥା ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ ପ୍ରତିଯୋଗୀମାନଙ୍କ ଦ୍ୱାରା ଅଙ୍କନ କରାଯାଇଥିବା ଝୋଟିଚିତାକୁ ବୁଲି ଦେଖିବା ସହ ଝୋଟି ଚିତା ଉତ୍କଳର କଳା, ସଂସ୍କୃତି ଓ ପରମ୍ପରାର ପ୍ରତୀକ ବୋଲି କହିଥିଲେ।

ପ୍ରତିଷ୍ଠାନ ଅଧ୍ୟକ୍ଷା ସମାଜସେବୀ ସୁବାସିନୀ ଜେନା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅପରାହ୍ନ ୩ଟାରୁ ୪ଟା ପର୍ଯ୍ୟନ୍ତ ୧ଘଣ୍ଟା ଧରି ଦୁଇଟି ବିଭାଗରେ ଝୋଟି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରଥମ ବିଭାଗରେ ୧୫ବର୍ଷରୁ ଊର୍ଦ୍ଧ୍ୱ ମହିଳାପୁରୁଷ ଏବଂ ଦ୍ୱିତୀୟ ବିଭାଗରେ ବିଗତ ବର୍ଷରେ ବିଜେତା ଝୋଟିଶିଳ୍ପୀମାନେ ଅଂଶଗ୍ରହଣ କରିଥିଲେ। ୪ଟାରେ ଝୋଟିଶିଳ୍ପୀ ମିଳନ ଓ ଆଲୋଚନା, ୫ଟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବା ସହ ସନ୍ଧ୍ୟା ୬ଟାରେ ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଶିଳ୍ପପତି ତଥା କବି ଅଞ୍ଜଳି ପଣ୍ଡା ସଭାପତିତ୍ୱ କରିଥିବା ବେଳେ ଆବାହକ ଶିଳ୍ପୀ କେଶୁ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ମଧୁମିତା ଦାସ ଯୋଗଦେଇ ଉତ୍କଳୀୟ ଝୋଟିର ସ୍ଥାନ ସ୍ୱତନ୍ତ୍ର। ଏହାକୁ ଉଜ୍ଜୀବିତ ରଖିବା ସହ ଏହାର ବିକାଶ ପାଇଁ ଅନୁଷ୍ଠାନକୁ ପ୍ରଶଂସା କରିଥିଲେ। ସମ୍ପାଦିକା ଅର୍ଚ୍ଚନା ନନ୍ଦୀ କାର୍ଯ୍ୟକ୍ରମର ବିବରଣୀ ଉପସ୍ଥାପନା କରିଥିଲେ। ଉପସଭାପତି ଗିରିଜା ମିଶ୍ରଙ୍କ ପ୍ରସ୍ତାବକ୍ରମେ ଓଡ଼ିଆ ଅକ୍ଷର ବା ବର୍ଣ୍ଣମାଳାକୁ ଅଧିକ ମହତ୍ତ୍ୱ ପ୍ରଦାନ କରି ଝୋଟିର ଅସ୍ମିତାକୁ ବଢ଼ାଇବା ପାଇଁ ଓଡ଼ିଶାରେ ପ୍ରଥମଥର ଓଡ଼ିଆ ଅକ୍ଷରଝୋଟି ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଭବାନୀପାଟଣାର ବିଶିଷ୍ଟ ଝୋଟିଶିଳ୍ପୀ ଓ ଲେଖିକା ଦେବହୂତି କରଙ୍କୁ ଚଳିତବର୍ଷ ସୁଶୀଳା ଦାସ ଝୋଟିରାଣୀ ମହାସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିବାବେଳେ ରାଜେଶ୍ୱରୀ ଦେଙ୍କୁ ଅଖିଳ ଚନ୍ଦ୍ର ବେହେରା ସ୍ମୃତିରେ ଝୋଟିଶ୍ରୀ ସମ୍ମାନ ପ୍ରଦାନ କରାଯାଇଥିଲା। ପ୍ରଥମ ବିଭାଗରେ ୨୦ଜଣଙ୍କୁ ଓ ଦ୍ୱିତୀୟ ବିଭାଗରେ କେବଳ ଜଣଙ୍କୁ ପୁରସ୍କୃତ କରାଯାଇଛି। ବିଚାରକ ଭାବେ ସୋରର ରାଜବଲ୍ଲଭ ସାହୁ, ଭଦ୍ରକର ସୁଶାନ୍ତ ନାୟକ, ଭୁବନେଶ୍ୱରର ମଞ୍ଜୁଲତା ମିଶ୍ର, ଭୁବନେଶ୍ୱରର ଚିନ୍ତାମଣି ବିଶ୍ୱାଳ ଓ ମୟୂରଭଞ୍ଜର ସରିତା ସିଂ ଯୋଗଦେଇଥିଲେ। ଅନ୍ୟତମ ଉପସଭାପତି ହେମଲତା ଦାସ, ରୋଜି ପଟ୍ଟନାୟକ, କଲ୍ୟାଣୀ ନନ୍ଦ, ସୁନାମଣି ଜେନା, ଶ୍ରଦ୍ଧାଞ୍ଜଳି ରାୟ, ସତ୍ୟଭାମା ମୁଦୁଲି, ଜୟଶ୍ରୀ ସାହୁ, ଲିନା ପାଣିଗ୍ରାହୀ, ଶ୍ରୀରୂପା ମରୀ ସେନ, ଶୈଳବାଳା ବେହେରା, କବିତା ଦତ୍ତ, ଅରୁଣ ବାରିକ, ସୁଧାକର ସେଠୀ, ଦେବାଶିଷ ପତି, ବିଜୟ ଆଚାର୍ଯ୍ୟ ପ୍ରମୁଖ ଯୋଗ ଦେଇଥିଲେ।

## ଜିଲା ଟିଠି
### ଯାଜପୁର



# ଅନିଶ୍ଚିତତାରେ ୧୫୦୦ ଚାଷୀ

ଗତ ୨୮ତାରିଖରୁ ଯାଜପୁର ଜିଲାରେ ଖରିଫ ଋତୁ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଛି । ହେଲେ ଜିଲାର ବିଭିନ୍ନ ସ୍ଥାନରେ ଅମଳ ପୂର୍ଣ୍ଣମାତ୍ରାରେ ହୋଇ ନ ଥିବାରୁ ଧାନକିଣା ସେତେଟା ଅଗ୍ରଗତି ହୋଇନାହିଁ। ଚଳିତବର୍ଷ ଧାନ ବିକ୍ରିରେ ଚାଷୀ ଯେପରି କୌଣସି ପ୍ରକାର ଅସୁବିଧାର ଯେପରି ସମ୍ମୁଖୀନ ନ ହେବେ ସେଥିପାଇଁ ଯାଜପୁର ଜିଲା ପ୍ରଶାସନିକସ୍ତରରେ ସମସ୍ତ ପ୍ରଚେଷ୍ଟା କରାଯିବ ବୋଲି ପୂର୍ବରୁ କୁହାଯାଉଥିଲା । ହେଲେ କେତେକ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କ ଅବହେଳା ଯୋଗୁ ଏବେସୁଦ୍ଧା ୧୫୦୦ ଚାଷୀ ସେମାନଙ୍କ ନାମ ପଞ୍ଜୀକରଣ କରିପାରି ନ ଥିବା ଜଣାପଡ଼ିଛି। ଚାଷୀମାନେ ସେମାନଙ୍କ କଷ୍ଟୋପାର୍ଜିତ ଧାନ କେଉଁଠି ବିକ୍ରି କରିବେ ସେନେଇ ଅନିଶ୍ଚିତତା ମଧ୍ୟରେ ରହିଛନ୍ତି। ଚଳିତବର୍ଷ ଜିଲାର ୧,୧୧,୦୬୧ ହେକ୍ଟର ଜମିରେ ଧାନଚାଷ କରାଯାଇ ମୋଟ ୨,୭୪,୧୮୬ ମେଟ୍ରିକ ଟନ୍(ଏମ୍‌ଟି) ଧାନ ଉତ୍ପାଦନର ଲକ୍ଷ୍ୟ ରଖାଯାଇଛି। ସେଥିରୁ ୮୦,୧୪୭.୦୫୮ ମେଟ୍ରିକ ଟନ୍ ଧାନ ସଂଗ୍ରହର ଲକ୍ଷ୍ୟ ରହିଥିବାବେଳେ ୫୪,୫୦୦ ମେଟ୍ରିକ ଟନ୍ ଚାଉଳ ସଂଗ୍ରହ କରାଯିବ। ଏଥିରେ ୧୨୨ରୁ ୧୨୧ପ୍ୟାକ୍ସ ଅଂଶଗ୍ରହଣ କରୁଛନ୍ତି। ଚଳିତ ବର୍ଷ ୩୨,୪୬୪ ଜଣ ଚାଷୀ ଧାନ ବିକ୍ରି କରିବାକୁ ଅନ୍‌ଲାଇନରେ ପଞ୍ଜିକୃତ କରିଛନ୍ତି। ହେଲେ ୧୪ଟି ପ୍ୟାକ୍ସର ପ୍ରାୟ ୧୫୦୦ ଚାଷୀ ପଞ୍ଜୀକରଣରୁ ବାଦ୍ ପଡ଼ିଛନ୍ତି। ଏଥିରେ ଯାଜପୁର ବ୍ଲକ ବେରୁଦା ଏବଂ ଦଶରଥପୁର ବ୍ଲକ ତଳିହା, ଅପରପଡ଼ା ଓ ପାଲଟପୁର ପ୍ୟାକ୍ସର ଅଧିକାଂଶ ଚାଷୀ ରହିଛନ୍ତି। ଧାନ ଅମଳ କରିବା ପରେ ପଞ୍ଜୀକରଣରୁ ବଞ୍ଚିତ ଚାଷୀମାନେ ପ୍ୟାକ୍ସରେ ଆଉ ଧାନ ବିକ୍ରି କରିପାରିବେ ନାହିଁ। ଫଳରେ ସରକାରଙ୍କ ଧାର୍ଯ୍ୟ ଦର ପାଇବାରୁ ସେମାନେ ବଞ୍ଚିତ ହେବା ନିଶ୍ଚିତ ହୋଇଛି। ପଞ୍ଜୀକରଣ ଦାୟିତ୍ୱରେ ଥିବା ସମ୍ପୃକ୍ତ ପ୍ୟାକ୍ସର ସମ୍ପାଦକଙ୍କ ଅବହେଳା ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ଚାଷୀମାନେ ଅଭିଯୋଗ କରୁଛନ୍ତି। ପଞ୍ଜୀକରଣରୁ ବାଦ୍ ପଡିଥିବା ଚାଷୀମାନେ ଏନେଇ ବାରମ୍ବାର ବିଭାଗୀୟ ଅଧିକାରୀଙ୍କ ଦ୍ୱାରସ୍ଥ ହେଉଥିଲେ ହେଁ କିଛି ସୁଫଳ ମିଳୁନାହିଁ। ଅନ୍ୟପକ୍ଷେ ସମ୍ପୃକ୍ତ ପ୍ୟାକ୍ସ ସମ୍ପାଦକମାନେ ନେଟ୍ ସାଇଡ ସମସ୍ୟା, ସର୍ଭର ଡାଉନ ଆଦି ଯୋଗୁ ନିର୍ଦ୍ଧାରିତ ସମୟରେ ଚାଷୀ ପଞ୍ଜୀକରଣ ସମ୍ପନ୍ନ ହୋଇପାରି ନ ଥିବା ଦର୍ଶାଉଛନ୍ତି। ଏଭଳି ସ୍ଥିତିରେ ପଞ୍ଜୀକରଣରୁ ବାଦ୍ ପଡିଥିବା ଚାଷୀ ଅଭାବୀ ବିକ୍ରିର ସମ୍ମୁଖୀନ ହେବାନେଇ ଆଶଙ୍କା ଦେଖା ଦେଇଛି। ମୁହଁରେ ଚାଷୀଙ୍କ କଥା କହି ସରକାର ଯୋଗାଣ ବିଭାଗ, ମିଲ୍ ମାଲିକ ଓ ବ୍ୟବସାୟୀଙ୍କ ହିତରେ କାର୍ଯ୍ୟ କରୁଥିବା ମନେହେଉଛି । ଏହି କାରଣରୁ ହତୋତ୍ସାହିତ ହୋଇ ଶେଷରେ ଜୀବନଜୀବିକା ପାଇଁ ଚାଷୀ ନିଜ ଭିଟାମାଟି ଛାଡ଼ିବାକୁ ବାଧ ହେଉଛନ୍ତି। **– ହର୍ଷବର୍ଦ୍ଧନ ବେହେରା**

# ୫ ପର୍ଯ୍ୟାୟରେ ହେବ ବିଜେଡି ସାଂଗଠନିକ ନିର୍ବାଚନ



- ଦଳୀୟ ନିର୍ବାଚନ ଅଧିକାରୀ ପ୍ରତାପ ଦେବଙ୍କ ସୂଚନା
- ୨୭ରୁ ଆରମ୍ଭ, ଫେବୃୟାରୀ ୨୬ରେ ଶେଷ
- ଅନ୍ତିମ ପର୍ଯ୍ୟାୟରେ ସଭାପତି, କାର୍ଯ୍ୟକାରିଣୀ ସଦସ୍ୟ ନିର୍ବାଚନ

ଭୁବନେଶ୍ୱର,୨୦।୧୨(ବ୍ୟୁରୋ)

ବିଜୁ ଜନତା ଦଳ(ବିଜେଡି)ର ସାଂଗଠନିକ ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି। ୫ଟି ପର୍ଯ୍ୟାୟରେ ହେବାକୁ ଥିବା ଏହି ନିର୍ବାଚନ ଚଳିତ ମାସ ୨୭ରୁ ଆରମ୍ଭ ହୋଇ ଆସନ୍ତା ଫେବୃୟାରୀ ୨୬ ଯାଏ ଚାଲିବ। ଦଳୀୟ ନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହ ସମ୍ପାଦନ କରିବା ପାଇଁ କିଛି ସପ୍ତାହ ତଳେ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରତାପ କେଶରୀ ଦେବଙ୍କୁ ଦଳୀୟ ନିର୍ବାଚନ ଅଧିକାରୀ ଭାବେ ନିଯୁକ୍ତ କରିଥିଲେ। ସେହିପରି ପ୍ରତାପ ଦେବ ୩୩ ସାଂଗଠନିକ ଜିଲା ପାଇଁ ନିର୍ବାଚନ ଅଧିକାରୀଙ୍କୁ ନିଯୁକ୍ତି ଦେଇସାରିଛନ୍ତି। ଏଥିସହିତ ଦଳ ପକ୍ଷରୁ ବିଭିନ୍ନ ବ୍ଲକ ଏବଂ ନଗରାଞ୍ଚଳ ପାଇଁ ସହାୟକ ନିର୍ବାଚନ ଅଧିକାରୀମାନଙ୍କୁ ନିଯୁକ୍ତ କରିଛନ୍ତି।

ଦଳୀୟ ସାଂଗଠନିକ ନିର୍ବାଚନ ସମ୍ପର୍କରେ ଶୁକ୍ରବାର ଖବରଦାତା ସମ୍ମିଳନୀ କରି ବିସ୍ତୃତ ସୂଚନା ପ୍ରଦାନ କରାଯାଇଛି। ବିଧାୟକ ତଥା ଦଳୀୟ ନିର୍ବାଚନ ଅଧିକାରୀ ପ୍ରତାପ ଦେବ ଏ ସମ୍ପର୍କିତ ଘୋଷଣା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୁବ ସଂଗଠକ ବିଜୟ ନାୟକ ନିର୍ବାଚନ ସମ୍ପର୍କିତ ବିଭିନ୍ନ ଦିଗ ନେଇ ଗଣମାଧ୍ୟମ ପ୍ରତିନିଧିଙ୍କୁ ଅବଗତ କରିଥିଲେ। ପ୍ରତାପ ଦେବ କହିଥିଲେ ଯେ ପ୍ରାରମ୍ଭିକ ପର୍ଯ୍ୟାୟରେ ୨୭ ଡିସେମ୍ବରରୁ ୧୩ ଜାନୁୟାରୀ ମଧ୍ୟରେ ସାଂଗଠନିକ ନିର୍ବାଚନ ହେବ। ଏହି ପର୍ଯ୍ୟାୟରେ ଗ୍ରାମ ପଞ୍ଚାୟତ ସଭାପତି ସହ କମିଟି ସଭ୍ୟ ଏବଂ ନଗରାଞ୍ଚଳ ୱାର୍ଡ ସଭାପତି ଏବଂ କମିଟି ସଭ୍ୟ ପାଇଁ ନିର୍ବାଚନ ଅନୁଷ୍ଠିତ ହେବ। ଦ୍ୱିତୀୟ ପର୍ଯ୍ୟାୟରେ ଆସନ୍ତା ୧୪ ଜାନୁୟାରୀରୁ ୨୯ ମଧ୍ୟରେ ନିର୍ବାଚନ ଅନୁଷ୍ଠିତ ହେବ। ଏଥିରେ ବ୍ଲକ ସଭାପତି, ବ୍ଲକ କମିଟି ସଦସ୍ୟ,ଏନ୍‌ଏସି ସଭାପତି, ଏନ୍‌ଏସି କମିଟି ସଦସ୍ୟ, ପୌରପରିଷଦ ସଭାପତି ସହ ପରିଷଦ କମିଟି ସଦସ୍ୟ ଏବଂ ମହାନଗର କମିଟି ସଭାପତି ଓ ସଦସ୍ୟ ପଦ ପାଇଁ ନିର୍ବାଚନ ଅନୁଷ୍ଠିତ ହେବ। ତୃତୀୟ ପର୍ଯ୍ୟାୟରେ ଜାନୁୟାରୀ ୩୦ରୁ ଫେବୃୟାରୀ ୧୫ ମଧ୍ୟରେ ନିର୍ବାଚନ ଅନୁଷ୍ଠିତ ହେବ ବୋଲି ପ୍ରତାପ ଦେବ କହିଛନ୍ତି। ୩ୟ ପର୍ଯ୍ୟାୟରେ ଜିଲା ସଭାପତି ଏବଂ ଜିଲା କମିଟି ସଦସ୍ୟ ନିର୍ବାଚନ ହେବ। ସେହିଭଳି ୪ର୍ଥ ପର୍ଯ୍ୟାୟ ନିର୍ବାଚନ ୧୬ ଫେବୃୟାରୀରୁ ୧୮ ମଧ୍ୟରେ ଅନୁଷ୍ଠିତ ହେବ। ଏଥିରେ ରାଜ୍ୟ ପରିଷଦ ସଦସ୍ୟ ପାଇଁ ନିର୍ବାଚନ କରାଯିବ। ଏହା ପରେ ୫ମ ତଥା ଅନ୍ତିମ ପର୍ଯ୍ୟାୟ ନିର୍ବାଚନ ୨୩ ଫେବୃୟାରୀରୁ ୨୬ ମଧ୍ୟରେ ଅନୁଷ୍ଠିତ ହେବ। ଏହି ପର୍ଯ୍ୟାୟରେ ରାଜ୍ୟ ସଭାପତି ଏବଂ ରାଜ୍ୟ କାର୍ଯ୍ୟକାରୀ କମିଟି ପାଇଁ ସଭ୍ୟ ନିର୍ବାଚନ ହେବ ବୋଲି ପ୍ରତାପ ଦେବ ସୂଚନା ଦେଇଛନ୍ତି।

# ବିଦ୍ୟୁତ୍ ବଣ୍ଟନର ଘରୋଇକରଣକୁ ଓଇସିଏଫ୍‌ର ବିରୋଧ

ଭୁବନେଶ୍ୱର,୨୦।୧୨(ବ୍ୟୁରୋ)

ରାଜ୍ୟ ସରକାର ବିଦ୍ୟୁତ୍ ବିତରଣ ପାଇଁ ଘରୋଇ କମ୍ପାନୀଙ୍କ ପାଇଁ ପୁନଶ୍ଚ ବାଟ ଖୋଲିବାକୁ ଚେଷ୍ଟା କରୁଛନ୍ତି। ସରକାରଙ୍କ ଏହି ନିଷ୍ପତ୍ତିକୁ ଓଡ଼ିଶା ବୈଦ୍ୟୁତିକ ଉପଭୋକ୍ତା ଫେଡେରେଶନ(ଓଇସିଏଫ୍) ପକ୍ଷରୁ ବିରୋଧ କରାଯାଇଛି। ଫେଡେରେଶନର ସଭାପତି ରମେଶ ଶତପଥୀ ଶୁକ୍ରବାର କହିଛନ୍ତି ଯେ, ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ(ଓଇଆରସି) ପକ୍ଷରୁ କେନ୍ଦ୍ରୀୟ ବିଦ୍ୟୁତ୍ ବିତରଣ ସଂସ୍ଥା(ସେସୁ) ବାବଦରେ ୪୯ ପ୍ରତିଶତ ଅଂଶଧନ ରଖିବାକୁ ପ୍ରସ୍ତାବ ଦିଆଯାଇଛି। ଏହା ଦ୍ୱାରା ଏହାର ଘରୋଇକରଣ ରାସ୍ତା ଖୋଲିଯିବ। ବିତରଣ କ୍ଷେତ୍ରରେ ଅତୀତର ଦୁର୍ବଳ ପ୍ରଦର୍ଶନ ସତ୍ତ୍ୱେ ଘରୋଇ କମ୍ପାନୀକୁ ସୁଯୋଗ ଦେବା ଦୁର୍ଭାଗ୍ୟଜନକ ବୋଲି ଶତପଥୀ କହିଛନ୍ତି। ବିଦ୍ୟୁତ୍ ବିତରଣକୁ ଶତ ପ୍ରତିଶତ ରାଜ୍ୟ ସରକାର ନିଜ ହାତକୁ ନିଅନ୍ତୁ ବୋଲି ଦାବି କରାଯାଇଛି।


**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. ELS-ANGL-OT-19-20-14

**କାର୍ଯ୍ୟର ନାମ :** 9, 15 ଟନ୍ ଟ୍ରକ୍, 20 ଟନ୍ କ୍ଷମତା ବିଶିଷ୍ଟ ଟ୍ରଲର ମାଧ୍ୟମରେ ସଡ଼କ ଦ୍ୱାରା ଇଲେକ୍ଟ୍ରିକ୍ ଲୋକୋ ସେଡ୍ / ଅନଗୋଳ ଏବଂ ଭାରତୀୟ ରେଳପଥର ଅନ୍ୟ ରେଳବାଇ ୟୁନିଟ୍‌ଗୁଡ଼ିକ ମଧ୍ୟରେ ରେଳବାଇ ସାମଗ୍ରୀ ଗୁଡ଼ିକର ପରିବହନ ।

**ବିଜ୍ଞାପିତ ମୂଲ୍ୟ (ଟଙ୍କାରେ) :** 35,98,420.00, EMD (ଟଙ୍କାରେ) : 72,000/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 3,540/-, ଶେଷ ହେବା ଅବଧି : 36 ମାସ ।

ବିଡ୍ ଆରମ୍ଭ ହେବା ତାରିଖ : ତା.24.12.2019ରିଖ,

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା. 07.01.2020 ରିଖ 1500 ଘଟିକାରେ ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ଉପଲବ୍ଧ ହେବ http://www.ireps.gov.in ରେ ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRS), ଅନୁଗୋଳ

PR-596/K/19-20






**ପୂର୍ବ ତଟ ରେଳପଥ**

(01) ଟେଣ୍ଡର ସଂ. eT-CRW-MCS-EL-3-2019

**କାର୍ଯ୍ୟର ନାମ :** 02 ବର୍ଷ ନିମନ୍ତେ ରେଳ ଡବା ମରାମତି କାରଖାନା, ମଞ୍ଚେଶ୍ୱର ଠାରେ ଏସି କୋଚ୍‌ଗୁଡ଼ିକରେ 1100 Ah VRLA ବ୍ୟାଟେରୀ ବ୍ୟାଙ୍କ୍ (56 ସେଲ) ର ହେଲ୍‌ଥ ଯାଞ୍ଚ (Health Check) ଏବଂ ନୂଆ 1100 Ah VRLA ବ୍ୟାଟେରୀ ବ୍ୟାଙ୍କ୍ ଦ୍ୱାରା ଅତ୍ୟଧିକ ପୁରୁଣା (Overaged) 1100 Ah VRLA ବ୍ୟାଟେରୀ ବ୍ୟାଙ୍କ୍ (56 ସେଲ) ର ପୁନଃପ୍ରତିଷ୍ଠା ।

**ବିଜ୍ଞାପିତ ମୂଲ୍ୟ(ଟଙ୍କାରେ):** 30,27,507/-, EMD (ଟଙ୍କାରେ) : 60,600/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 3,540/-, ଶେଷ ହେବା ଅବଧି : 24 ମାସ ।

(02) ଟେଣ୍ଡର ସଂ. eT-CRW-MCS-EL-4-2019

**କାର୍ଯ୍ୟର ନାମ :** 02 ବର୍ଷ ନିମନ୍ତେ ରେଳ ଡବା ମରାମତି କାରଖାନା, ମଞ୍ଚେଶ୍ୱର ଠାରେ POH ଅବସରରେ ନନ୍-ଏସି କୋଚ୍‌ଗୁଡ଼ିକରେ ରେଲୱେ କ୍ୟାରେଜ୍ ଫ୍ୟାନ୍‌ଗୁଡ଼ିକୁ ଅଲଗା କରିବା (Stripping), ଲଗାଇବା, ସ୍ଥାନାନ୍ତରଣ ଏବଂ ଗଦାମାରିବା ।

**ବିଜ୍ଞାପିତ ମୂଲ୍ୟ(ଟଙ୍କାରେ):** 44,64,594/-, EMD (ଟଙ୍କାରେ) : 89,300/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 3,540/-, ଶେଷ ହେବା ଅବଧି : 24 ମାସ ।

(03) ଟେଣ୍ଡର ସଂ. eT-CRW-MCS-EL-5-2019

**କାର୍ଯ୍ୟର ନାମ :** 02 ବର୍ଷ ନିମନ୍ତେ ରେଳ ଡବା ମରାମତି କାରଖାନା, ମଞ୍ଚେଶ୍ୱର ଠାରେ ଏସି କୋଚ୍ ଗୁଡ଼ିକରେ POH / IOH / କରୋଜନ (Corrosion) ଦେଖାଶୁଣା ସମ୍ବନ୍ଧୀୟ ବିବିଧ ଇଲେକ୍ଟ୍ରିକାଲ କାର୍ଯ୍ୟ ।

**ବିଜ୍ଞାପିତ ମୂଲ୍ୟ(ଟଙ୍କାରେ):** 49,45,084/-, EMD (ଟଙ୍କାରେ) : 98,900/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 3,540/-, ଶେଷ ହେବା ଅବଧି : 24 ମାସ ।

ବିଡ୍ ଆରମ୍ଭ ହେବା ତାରିଖ : ତା.26.12.2019ରିଖ (ସମସ୍ତ ଟେଣ୍ଡର ନିମନ୍ତେ),

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.09.01.2020 ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ) ।

ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।

ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଟେଣ୍ଡର ନଥିପତ୍ର http://www.ireps.gov.in ରେ ଉପଲବ୍ଧ ଅଟେ ।

ଡେପୁଟି ଚିଫ୍ ମେକାନିକାଲ ଇଞ୍ଜିନିୟର (POH), ରେଳ ଡବା ମରାମତି କାରଖାନା/ ମଞ୍ଚେଶ୍ୱର

PR-593/K/19-20



**ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ବିଭାଗ**
**ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ମନ୍ତ୍ରଣାଳୟ**
**ଭାରତ ସରକାର**

ଭୂମିହୀନ କୃଷି ଶ୍ରମିକ, ପାରମ୍ପରିକ ଶିଳ୍ପୀ ଏବଂ ଅଣ-ଅଧିସୂଚିତ, ଯାଯାବର ତଥା ଅର୍ଦ୍ଧ-ଯାଯାବର ଜନଜାତି ବର୍ଗର ୦୮ଟି ଖାଲି ପଡ଼ିଥିବା ସ୍ଲଟ୍‌ଗୁଡ଼ିକୁ ପୂରଣ କରିବା ପାଇଁ ବର୍ଷ ୨୦୧୯-୨୦ ନିମନ୍ତେ ଅନୁସୂଚିତ ଜାତି ଆଦି ଛାତ୍ରଛାତ୍ରୀଙ୍କ ଲାଗି ଜାତୀୟ ଦରିଆପାରି ଛାତ୍ରବୃତ୍ତି ଯୋଜନା ଅଧୀନରେ ଛାତ୍ରବୃତ୍ତି ପ୍ରଦାନ କରାଯିବା ପାଇଁ ଅନ୍‌ଲାଇନ୍ ଦରଖାସ୍ତ ଆମନ୍ତ୍ରଣ କରାଯାଉଛି । ଛାତ୍ରବୃତ୍ତିଗୁଡ଼ିକର ସଂଖ୍ୟା ହେଉଛି ଭୂମିହୀନ କୃଷି ଶ୍ରମିକ ଓ ପାରମ୍ପରିକ ଶିଳ୍ପୀଙ୍କ ପାଇଁ ୦୨ ଗୋଟି ଏବଂ ଅଣ-ଅଧିସୂଚିତ, ଯାଯାବର ଓ ଅର୍ଦ୍ଧ-ଯାଯାବର ଜନଜାତିଙ୍କ ପାଇଁ ୦୬ ।

ଉକ୍ତ ଛାତ୍ରବୃତ୍ତିରେ ଇଞ୍ଜିନିୟରିଂ ଓ ମ୍ୟାନେଜମେଣ୍ଟ, ବିଶୁଦ୍ଧ ଓ ପ୍ରାୟୋଗିକ ବିଜ୍ଞାନ, କୃଷି ବିଜ୍ଞାନ ଓ ଭେଷଜ, ଅନ୍ତର୍ଜାତୀୟ ବାଣିଜ୍ୟ, ହିସାବରକ୍ଷା, ବିତ୍ତ, ମାନବୀୟ ବିଦ୍ୟା, ସାମାଜିକ ବିଜ୍ଞାନ କ୍ଷେତ୍ର ଅଧୀନରେ ଟିଉଶନ ଦେୟ, ନିଶ୍ଚିତ ଭରଣପୋଷଣ ଭତ୍ତା, ଆକସ୍ମିକ ଭତ୍ତା ଇତ୍ୟାଦି ଭରଣା ଅନ୍ତର୍ଭୁକ୍ତ । ବିଦେଶରେ ସମ୍ପୃକ୍ତ ଦେଶର ପ୍ରାଧିକୃତ ନିକାଶ ଦ୍ୱାରା ଅଙ୍ଗୀକୃତ ବିଶ୍ୱବିଦ୍ୟାଳୟ/ ଅନୁଷ୍ଠାନରେ ସ୍ନାତକୋତ୍ତର ଓ ପିଏଚ୍.ଡି. ସ୍ତରରେ ଉଚ୍ଚତର ଶିକ୍ଷା ଲାଗି ଛାତ୍ରବୃତ୍ତି ପ୍ରଦାନ କରାଯାଇଥାଏ । ୧ ଏପ୍ରିଲ, ୨୦୧୯ ସୁଦ୍ଧା ପ୍ରାର୍ଥୀଙ୍କ ବୟସ ୩୫ ବର୍ଷରୁ କମ୍ ହୋଇଥିବା ଆବଶ୍ୟକ । ପ୍ରାର୍ଥୀଙ୍କର ମୋଟ ପାରିବାରିକ ଆୟ ପୂର୍ବବର୍ତ୍ତୀ ବର୍ଷ ଅର୍ଥାତ୍ ୨୦୧୮-୧୯ରେ ଟ.୬.୦୦ ଲକ୍ଷରୁ କମ୍ ହୋଇଥିବା ଆବଶ୍ୟକ ।

ବିଦେଶରେ ସ୍ନାତକୋତ୍ତର ଡିଗ୍ରୀ କ୍ଷେତ୍ରରେ, ସର୍ବନିମ୍ନ ଆବଶ୍ୟକ ଯୋଗ୍ୟତା ହେଉଛି ସ୍ନାତକ ଡିଗ୍ରୀ ଏବଂ ପିଏଚ୍.ଡି. ପାଇଁ ସର୍ବନିମ୍ନ ଆବଶ୍ୟକ ଯୋଗ୍ୟତା ହେଉଛି ସ୍ନାତକୋତ୍ତର ଡିଗ୍ରୀ । ଛାତ୍ରବୃତ୍ତି ହାସଲ ପାଇଁ ସର୍ବନିମ୍ନ ୫୫% ମାର୍କ ଆବଶ୍ୟକ ।

ବିବରଣୀ ପାଇଁ ଦୟାକରି ଅନ୍‌ଲାଇନ୍ ପୋର୍ଟାଲ୍ http://nosmsje.gov.in/ ଦେଖନ୍ତୁ। ଫର୍ମ ପୂରଣ ପାଇଁ ଆବଶ୍ୟକ ସବିଶେଷ ଦସ୍ତାବିଜ ଏବଂ ଅନ୍ୟାନ୍ୟ ନିର୍ଦ୍ଦେଶାବଳୀ ପୋର୍ଟାଲ୍‌ରେ ଉପଲବ୍ଧ, ଯାହା ୧ ଜାନୁୟାରୀ, ୨୦୨୦ରୁ ୩୧ ଜାନୁୟାରୀ, ୨୦୨୦ ପର୍ଯ୍ୟନ୍ତ ଖୋଲା ରହିବ ।

davp 38101/11/0035/1920



**DHABALESWAR INSTITUTE OF POLYTECHNIC & DHABALESWAR INDUSTRIAL TRAINING CENTRE**

"The News The Dharitri" is the land mark in the Annalas of history of News paper. It gives the people current information from time to time. Literary writings in the newspaper are of appex quality than in any other newspaper.

We wish the Newspaper "The Dharitri" to be more glorious and successful in the coming days.

**CHAIRMAN**
Dhabaleswar Institute of Polytechnic & Dhabaleswar Industrial Training Centre, Radhadamodarpur, Khuntuni, Cuttack



ନାଗରିକତ୍ୱ ସଂଶୋଧନ ଆଇନ(ସିଏଏ)କୁ ବିରୋଧ କରି ଦେଶର ବିଭିନ୍ନ ସ୍ଥାନରେ ହିଂସାକାଣ୍ଡ ଜାରି ରହିଥିବାବେଳେ ଶୁକ୍ରବାର ରାଜଧାନୀ ଦିଲ୍ଲୀରେ ସିଏଏ ସପକ୍ଷରେ ସ୍ଲୋଗାନବାଜି କରାଯାଇଛି। କେତେଜଣ ବ୍ୟକ୍ତି କନ୍ନଟ ପ୍ଲେସ୍‌ର ସେଣ୍ଟ୍ରାଲ ପାର୍କରେ ଏକାଠି ହୋଇ କେନ୍ଦ୍ର ସରକାରଙ୍କ ପଦକ୍ଷେପକୁ ସ୍ୱାଗତ ଜଣାଇ ପ୍ଲାକାର୍ଡ ଧରି ସିଏଏକୁ ସମର୍ଥନ କରୁଥିବା ଦେଖିବାକୁ ମିଳିଛି। ପ୍ଲାକାର୍ଡରେ'ୱି ସପୋର୍ଟ ସିଏଏ' ବୋଲି ଉଲ୍ଲେଖ ଥିଲା।



## ସଂକ୍ଷେପରେ

### ବଳକା କେନ୍ଦ୍ରୀୟ ଅନୁଦାନ ପ୍ରସଙ୍ଗ ମୁଖ୍ୟମନ୍ତ୍ରୀ କରିପାରନ୍ତି ସମୀକ୍ଷା

ଭୁବନେଶ୍ୱର,୨୦।୧୨(ବ୍ୟୁରୋ): କେନ୍ଦ୍ରୀୟ ଅନୁଦାନରେ ରାଜ୍ୟରେ ଏକାଧିକ ଯୋଜନା କାର୍ଯ୍ୟକାରୀ କରାଯାଉଛି। ଏଥିରେ କେନ୍ଦ୍ର ସହ ରାଜ୍ୟର ମଧ ଅନୁଦାନ ରହୁଛି। ଅନେକ ଯୋଜନାରେ କେନ୍ଦ୍ରୀୟ ଅଂଶ ବାବଦକୁ ବଳକା ଟଙ୍କା ବାକି ରହିଛି। ଏହି ବଳକା ଟଙ୍କା ଯେପରି କେନ୍ଦ୍ର ତୁରନ୍ତ ପ୍ରଦାନ କରେ, ସେଥିପ୍ରତି ଦୃଷ୍ଟି ଦିଆଯାଉଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାରଠାରୁ ୫ ଦିନିଆ ନୂଆଦିଲ୍ଲୀ ଗସ୍ତରେ ଅଛନ୍ତି। ଶନିବାର ଏନେଇ ଓଡ଼ିଶା ଭବନରେ ଆବାସିକ କମିଶନରଙ୍କ ଉପସ୍ଥିତିରେ ସମୀକ୍ଷା ହେବାର ସମ୍ଭାବନା ରହିଛି। କିଛି ଦିନ ତଳେ ମୁଖ୍ୟମନ୍ତ୍ରୀ ବଳକା ଅନୁଦାନ ସମ୍ପର୍କିତ ଏକ ସମୀକ୍ଷା କରିଥିଲେ। ରବିବାର ମୁଖ୍ୟମନ୍ତ୍ରୀ ବିମାନ ଯୋଗେ ଓଡ଼ିଶା ଫେରିବେ ବୋଲି ଜଣାପଡିଛି।

### ବନ୍ଧୁକ ଦେଖାଇ ୭୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଲୁଟ୍

ମାର୍ଶାଘାଇ,୨୦।୧୨(ଡି.ଏନ୍.ଏ.)
କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ଅଞ୍ଚଳରେ ପୁଣି କଳାପଲସର ଆତଙ୍କ ଦେଖାଦେଇଛି। ଗୁରୁବାର ରାତି ପ୍ରାୟ ୨ ଟା ସମୟରେ ମାର୍ଶାଘାଇ ଥାନା ଅନ୍ତର୍ଗତ ଜାତୀୟ ରାଜପଥ ପାର୍ଶ୍ୱ ହଜାରୀ ଛକ ନିକଟରେ ଥିବା ଏକ ପେଟ୍ରୋଲ ପମ୍ପରୁ ଦୁର୍ବୃତ୍ତମାନେ ପ୍ରାୟ ୭୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଲୁଟି ନେଇ ଫେରାର ହୋଇ ଯାଇଛନ୍ତି। ପ୍ରକାଶ ଯେ, ଦୁଇଟି କଳା ପଲସରରେ ୫ ଜଣ ଦୁର୍ବୃତ୍ତ ଉକ୍ତ ପେଟ୍ରୋଲ ପମ୍ପକୁ ଆସିଥିଲେ। ସେମାନେ ସେଠାରେ ଥିବା ସିକ୍ୟୁରିଟି ଗାର୍ଡ ବ୍ରଜରାଜ ବାରିକଙ୍କୁ ପ୍ରଥମେ ମରଣାନ୍ତକ ଆକ୍ରମଣ କରି ଲହୁଲୁହାଣ କରି ଦେଇଥିଲେ। ପରେ ପେଟ୍ରୋଲ ପମ୍ପର କ୍ୟାଶ କାଉଣ୍ଟର ଭିତରେ ଜବରଦସ୍ତ ପଶି କର୍ମଚାରୀ ଚିତ୍ତରଞ୍ଜନ ରାଉତଙ୍କୁ ୫ ଜଣ ଯୁବକ ବନ୍ଧୁକ ଦେଖାଇ କାବୁ କରି ନେଇଥିଲେ। ଏହାପରେ ସେମାନେ କ୍ୟାଶ କାଉଣ୍ଟରରେ ଥିବା ନଗଦ ୭୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଲୁଟି ନେଇ ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିଲେ। ଏନେଇ ଟାଙ୍କି ମାଲିକ ବିଶ୍ୱପ୍ରକାଶ ସ୍ୱାଇଁ ଶୁକ୍ରବାର ମାର୍ଶାଘାଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ମାର୍ଶାଘାଇ ଥାନା ଅଧିକାରୀ କାଳନ୍ଦୀ ବେହେରା ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ପରେ କେନ୍ଦ୍ରାପଡା ଜିଲା ସ୍ପେଶାଲ ସ୍କ୍ୱାଡ୍ ଘଟଣାସ୍ଥଳ ପରିଦର୍ଶନ କରିଥିଲେ। ଏନେଇ ନଂ ୩୧୬/୧୯ରେ ମାର୍ଶାଘାଇ ଥାନାରେ ମାମଲା ରୁଜୁ ହୋଇଛି।

# ୨୦୨୦-୨୧ ବଜେଟ ପ୍ରସ୍ତୁତି ଆରମ୍ଭ

■ଆର୍ଥିକ ମାନ୍ଦାବସ୍ଥା ମାଡ଼
■ଟିକସ, ଅଣ ଟିକସ ରାଜସ୍ୱ ଆଦାୟ ବଢ଼ିଛି: ଅର୍ଥମନ୍ତ୍ରୀ

ଭୁବନେଶ୍ୱର, ୨୦।୧୨(ବ୍ୟୁରୋ)

ଦେଶରେ ମାନ୍ଦାବସ୍ଥା ଚାଲିଥିବା ବେଳେ ରାଜ୍ୟ ସରକାର ଆସନ୍ତା ୨୦୨୦-୨୧ ଆର୍ଥିକ ବର୍ଷ ପାଇଁ ବଜେଟ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଏହି ନୂଆ ବଜେଟ ଆସନ୍ତା ୨୦୨୦ ଫେବୃୟାରୀ ତୃତୀୟ ସପ୍ତାହରେ ବିଧାନସଭାର ଅନୁମୋଦନ ପାଇଁ ଉପସ୍ଥାପନ ହେବାର ସମ୍ଭାବନା ରହିଛି। କେନ୍ଦ୍ର ସରକାର ଫେବୃୟାରୀ ୧ ତାରିଖରେ କେନ୍ଦ୍ରୀୟ ବଜେଟ ପାର୍ଲାମେଣ୍ଟରେ ଉପସ୍ଥାପନ କରିବେ। ଏହାକୁ ଦୃଷ୍ଟିରେ ରଖି ଅର୍ଥ ବିଭାଗ ପକ୍ଷରୁ ସମସ୍ତ ବିଭାଗକୁ ଫେବୃୟାରୀ ୨୧ ତାରିଖ ସୁଦ୍ଧା ନିଜ ନିଜ ବିଭାଗର ଖର୍ଚ୍ଚ ଦାବି ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

କେନ୍ଦ୍ର ସରକାର ପାର୍ଲାମେଣ୍ଟରେ ପଞ୍ଚଦଶ ଅର୍ଥ କମିଶନଙ୍କ ଅନ୍ତରୀଣ ରିପୋର୍ଟ ଉପସ୍ଥାପନ କରିବାକୁ ଯୋଜନା ପ୍ରସ୍ତୁତ କରୁଛନ୍ତି। ଏହା ୨୦୨୦ରୁ ୨୦୨୫-୨୬ ଯାଏ କାର୍ଯ୍ୟକାରୀ ହେବ। ଏଥିରେ କେନ୍ଦ୍ର ସରକାର ଓଡିଶା ପାଇଁ କେନ୍ଦ୍ରୀୟ ଯୋଜନା ସକାଶେ ବ୍ୟୟବରାଦ କରିବେ। ସେଥିପାଇଁ ବିଭାଗଗୁଡିକ ନିର୍ଦ୍ଧାରିତ ସମୟରେ ଖର୍ଚ୍ଚ ଦାବି ସମ୍ପର୍କରେ ପ୍ରସ୍ତାବ ଦେବାକୁ କୁହାଯାଇଛି। ବଜେଟ ପାଇଁ ଅର୍ଥ ବିଭାଗ ପ୍ରତ୍ୟେକ ବିଭାଗ ସହ ଆଲୋଚନା ଜାରି ରଖିଛି। ବିଭାଗଗୁଡିକ ଯେପରି ନିଜ ପ୍ରସ୍ତାବରେ ଖର୍ଚ୍ଚ ଅଧିକ ରଖିପାରିବେ ଓ କମ୍ ଫେରାଇବେ ସେ ନେଇ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି। ତେବେ ମାନ୍ଦାବସ୍ଥା ଯୋଗୁ ବଜେଟ ପ୍ରଭାବିତ ହେବା ଆଶଙ୍କା ରହିଛି। କେନ୍ଦ୍ର ସରକାର ମଧ ଆର୍ଥିକ ସଙ୍କଟ ଦେଇ ଗତି କରୁଥିବାରୁ ରାଜ୍ୟକୁ ବିଭିନ୍ନ ଯୋଜନାରେ ଆବଶ୍ୟକ କେନ୍ଦ୍ରୀୟ ପାଣ୍ଠି ମିଳିବା ସମ୍ଭାବନା କ୍ଷୀଣ ରହିଛି।

ଚଳିତ ଆର୍ଥିକ ବର୍ଷରେ ରାଜ୍ୟ ସରକାର ୧.୩୯ ଲକ୍ଷ କୋଟି ଟଙ୍କାର ବଜେଟ ପ୍ରସ୍ତୁତ କରିଛନ୍ତି। ଏଥିସହିତ ୮ ହଜାର ୧୨୬ କୋଟି ଟଙ୍କାର ଅତିରିକ୍ତ ବଜେଟ ମଧ କରାଯାଇଛି। ତେବେ ଆସନ୍ତା ବର୍ଷ ନୂଆ ବଜେଟର ରୂପରେଖ ଚଳିତ ବଜେଟ ସହ ପାଖାପାଖି ସମାନ ରହିବ ବୋଲି କୁହାଯାଉଛି। ରାଜ୍ୟର ଟିକସ ଓ ଅଣ ଟିକସ ବାବଦ ରାଜସ୍ୱ ବୃଦ୍ଧି ଘଟିଛି ବୋଲି ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ କହିଛନ୍ତି। ତେବେ ଦେଶବ୍ୟାପୀ ଆର୍ଥିକ ମାନ୍ଦାବସ୍ଥା ବଜେଟ ଉପରେ ପ୍ରଭାବ ପକାଇପାରେ ବୋଲି ମନ୍ତ୍ରୀ କହିଛନ୍ତି। ରାଜ୍ୟର ରାଜସ୍ୱ ବୃଦ୍ଧି ଆଶାନୁରୂପ ହେଉ ନ ଥିବାରୁ ରାଜ୍ୟ ସରକାର ଖୋଲା ବଜାରରୁ ଋଣ ଉଠାଇବାକୁ ବାଧ୍ୟ ହେଉଛନ୍ତି। ଏବେ ସୁଦ୍ଧା ରାଜ୍ୟର ଋଣ ବୋଝ ୮୭ ହଜାର କୋଟି ରହିଛି। ଏହା ୧ ଲକ୍ଷ ୬୦ ହଜାର କୋଟିକୁ ଟପି ଯିବା ସମ୍ଭାବନା ରହିଛି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କଥା କୋଉ ମାରଗରେ ଗଲା**
**ଦୂବ ଗଛକୁ ଚଡ଼କ ମାଇଲା**
**ଦାରୁ ଗଛ ପୋଡ଼ି ମଲା ।**

ଦୂବ ଗଛକୁ ଚଡ଼କ ମାରିଲେ ଦୂବ ଗଛ ନ ପୋଡ଼ି ଦାରୁ ଗଛ ପୋଡ଼ିଯିବା ମନରେ ଦ୍ୱନ୍ଦ୍ୱ ସୃଷ୍ଟି କରିଥାଏ । ବେଳେ ବେଳେ କିଛି ବ୍ୟକ୍ତି ରହସ୍ୟ କରି ଏପରି କଥା କହିଥାନ୍ତି ଯେ ଶୁଣିବା ଲୋକ ଆଚମ୍ବିତ ହୋଇଯାଇଥାଏ । କଥାକୁ ଚଞ୍ଚକତା କରି କହିବା ଦ୍ୱାରା ମୂଳକଥାର ଟେର୍ କେହି ପାଇପାରି ନ ଥାନ୍ତି। ଚାତୁରୀ ମାରି କଥା କହି ଲୋକଙ୍କୁ ଅଯଥା ଭ୍ରମିତ କରାଯିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କୁଙ୍କୁମ ଗଛର ଡାଳ**
**ମୋତେ ନ ବୋଲ ବୁଢ଼ୀ ବୋଲି**
**ବାତରୁ ପାଚିଲା ବାଳ ।**

ସାଧାରଣତଃ ମହିଳାମାନେ ନିଜ ପ୍ରକୃତ ବୟସକୁ ଅନ୍ୟ ଆଗରେ ପ୍ରକାଶ କରିବା ଲାଗି କୁଣ୍ଠାବୋଧ କରିଥାନ୍ତି। ଏପରି ସ୍ଥିତିରେ ବାର୍ଦ୍ଧକ୍ୟ ଅବସ୍ଥାରେ ଉପନୀତ ହୋଇଥିବା ମହିଳା ନିଜ ବୟସକୁ ଲୁଚାଇ ରଖିବା ନେଇ ମିଛ ବାହାନା କରି ବସୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

ସ୍କୁଲରେ ଚିକେନ୍ ତରକାରି, ଭାତ ଖାଇବା ଫଟୋ ଭାଇରାଲ

# ପ୍ରଧାନ ଶିକ୍ଷକ ନିଲମ୍ବିତ: ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ନୋଟିସ

ବଲାଙ୍ଗୀର ଅଫିସ, ୨୦।୧୨

ସ୍କୁଲ ପରିସରରେ ଶିକ୍ଷକମାନେ ଚିକେନ୍, ଭାତ ସହ ବିଭିନ୍ନ ବ୍ୟଞ୍ଜନ ଖାଇବା ବେଳର ଫଟୋ ସୋସିଆଲ ମିଡ଼ିଆରେ ଭାଇରାଲ କରିବା ପରେ ହରଣଘଣାରେ ପଡିଛନ୍ତି ପ୍ରଧାନ ଶିକ୍ଷକ ଓ ସହକାରୀ ଶିକ୍ଷୟିତ୍ରୀ, ଶିକ୍ଷକମାନେ। ବଲାଙ୍ଗୀର ଜିଲା ପୁଇଁତଲା ବ୍ଲକ୍ ଠେଲକୋମୁଣ୍ଡା ପ୍ରାଥମିକ ବିଦ୍ୟାଳୟରେ ଏହି ଘଟଣା ଘଟିଛି। ବିଇଓଙ୍କ ନିର୍ଦ୍ଦେଶକ୍ରମେ ଶୁକ୍ରବାର ଏବିଇଓ ଘଟଣାର ତଦନ୍ତ କରିଛନ୍ତି। ଘଟଣାର ସତ୍ୟାସତ୍ୟ ଜଣାପଡିବା ପରେ ସ୍କୁଲର ପ୍ରଧାନଶିକ୍ଷକ ସୁବଳ ରାଉତଙ୍କୁ ଚାକିରିରୁ ନିଲମ୍ବିତ କରାଯାଇଛି। ଅନ୍ୟ ସହକାରୀ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିବା ବିଇଓ ନେପାଳ ଚନ୍ଦ୍ର ବାଗ ସୂଚନା ଦେଇଛନ୍ତି। ସୋସିଆଲ ମିଡିଆରେ ଭାଇରାଲ ହୋଇଥିବା ଫଟୋରେ ସ୍କୁଲ ପରିସରରେ ଠେଲକୋମୁଣ୍ଡା ପ୍ରାଥମିକ ବିଦ୍ୟାଳୟର ୨ ଶିକ୍ଷୟିତ୍ରୀ ଓ ୫ ଜଣ ଶିକ୍ଷକ ଚିକେନ ତରକାରୀ ସହ ବିଭିନ୍ନ ବ୍ୟଞ୍ଜନ ପ୍ରସ୍ତୁତ କରି ଖାଉଛନ୍ତି । ଉକ୍ତ ଫଟୋକୁ ଜଣେ ଶିକ୍ଷୟିତ୍ରୀ ସେଲ୍‌ଫି ପୋଜ୍‌ରେ ଉଠାଉଥିବା ଦେଖାଯାଉଛି। ଛାତ୍ରୀଛାତ୍ର ଶୃଙ୍ଖଳିତ ଭାବେ ମଧାହ୍ନ ଭୋଜନ ଖାଉଥିବାବେଳେ ବିଭିନ୍ନ ବ୍ୟଞ୍ଜନ ପ୍ରସ୍ତୁତ କରି ଖାଇବା ଓ ସେହି ଫଟୋକୁ ସୋସିଆଲ ମିଡ଼ିଆରେ ପୋଷ୍ଟ କରାଯିବାକୁ ନେଇ ଚର୍ଚ୍ଚା ଜୋର ଧରିଛି। ଏହି ଘଟଣା ଜଣାପଡିବା ପରେ ବିଇଓ ବାଗ ଏହାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।



ସୋସିଆଲ ମିଡିଆରେ ଭାଇରାଲ ହୋଇଥିବା ଶିକ୍ଷୟିତ୍ରୀଶିକ୍ଷକଙ୍କ ଫଟୋ।

### ଭାଲୁ ତାଡ଼ିନେଲା ଦୁଇ ଆଖି

ଉଦଳା,୨୦।୧୨(ଡି.ଏନ୍.ଏ.)
ମୟୂରଭଞ୍ଜ ଉଦଳା ବନାଞ୍ଚଳ ଅଧୀନ କଟରାସାହି ଗ୍ରାମରେ ଶୁକ୍ରବାର ଭାଲୁ ଆକ୍ରମଣରେ ଜଣେ ବ୍ୟକ୍ତି ଗୁରୁତର ଆହତ ହୋଇଛନ୍ତି। ଭାଲୁଟି ତାଙ୍କର ଦୁଇ ଆଖି ତାଡ଼ି ନେଇଛି। ଆହତ ବ୍ୟକ୍ତି ଜଣକ ହେଲେ ଦାମ ଟୁଡୁ(୫୫)। ସୂଚନା ଅନୁଯାୟୀ, ଗୋରୁ ଖୋଜିବାକୁ ଘର ବାଡିକୁ ଦାମ ଯାଇଥିଲେ। ବାଡି ନିକଟରେ ଥିବା ଏକ ବାଉଁଶବୁଦା ପାଖରେ ସେ ପହଞ୍ଚିବା ସମୟରେ ସେଠାରେ ପୂର୍ବରୁ ଲୁଚି ରହିଥିବା ଏକ ଭାଲୁ ତାଙ୍କ ଉପରକୁ ଅତର୍କିତ ଆକ୍ରମଣ କରିଥିଲା। ଭାଲୁଟି ଦାମଙ୍କ ଦୁଇ ଆଖି ତାଡି ଦେବା ସହିତ ତାଙ୍କ ମୁହଁକୁ ମଧ ଆକ୍ରମଣ କରିଥିଲା। ଭାଲୁ ଆକ୍ରମଣରେ ଗୁରୁତର ଦାମ ଚିତ୍କାର କରିବା ପରେ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚିଥିଲେ। ଗୁରୁତର ଅବସ୍ଥାରେ ଚିକିତ୍ସା ନିମନ୍ତେ ତାଙ୍କୁ ଉଦଳା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ବାରିପଦା ସ୍ଥାନାନ୍ତର କରାଯାଇଛି।

### କୂଅରେ ପଡ଼ି ଯୁବତୀଙ୍କ ମୃତ୍ୟୁ

ବିଶୋଇ/ରାଇରଙ୍ଗପୁର, ୨୦।୧୨(ଡି.ଏନ୍.ଏ.)
ମୟୂରଭଞ୍ଜ ଜିଲା ବିଶୋଇ ଥାନା ଅଧୀନ ଅଶନଶିଖର ଗ୍ରାମରେ ଥିବା ଏକ କୂଅରେ ପଡ଼ି ଜଣେ ଯୁବତୀଙ୍କ ମୃତ୍ୟୁ ଘଟିଛି। ମୃତ ଯୁବତୀ ଜଣକ ହେଲେ ସେହି ଗ୍ରାମର ଦାମଦର ମୁଣ୍ଡାଙ୍କ ଝିଅ ତୁଳସୀ(୨୧)।

# ଚଳନ୍ତା ପେଟ୍ରୋଲ ଟ୍ୟାଙ୍କରରେ ନିଆଁ



ରେଢାଖୋଲ,୨୦।୧୨(ଡି.ଏନ.ଏ.)

ଚାରମାଳ ଥାନା ହିଣ୍ଡୋଲ ନିକଟ ୫୫ ନଂ. ଜାତୀୟ ରାଜପଥରେ ଶୁକ୍ରବାର ଅପରାହ୍ନ ୪ଟାରେ ଏକ ଚଳନ୍ତା ପେଟ୍ରୋଲ ଟ୍ୟାଙ୍କରରେ ଶର୍ଟସର୍କିଟ ଯୋଗୁ ନିଆଁ ଲାଗିଯାଇଥିଲା। ଟ୍ୟାଙ୍କରରୁ ପ୍ରଥମେ ପ୍ରବଳ ଧୂଆଁ ବାହାରିବା ଦେଖି ଚାଳକ ଓ ହେଲପର ଗାଡିରୁ ଓହ୍ଲାଇପଡିବାରୁ ଅଳ୍ପକେ ରକ୍ଷା ପାଇଛନ୍ତି। ପ୍ରବଳ ଧୂଆଁ ଯୋଗୁ ୫୫ ନଂ. ଜାତୀୟ ରାଜପଥ ଉଭୟ ପାର୍ଶ୍ୱରେ ଶହ ଶହ ଯାନବାହନ ପ୍ରାୟ ଘଣ୍ଟାଏ ଧରି ଅଟକି ରହିଥିଲା। ଖବର ପାଇ ଚାରମାଳ ପୋଲିସ ଓ ରେଢାଖୋଲ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତୁରନ୍ତ ପଦକ୍ଷେପ ନିଆଯାଇଥିବାରୁ ଟ୍ୟାଙ୍କରର କୌଣସି କ୍ଷତି ହୋଇ ନ ଥିବା ଜଣାପଡିଛି। ୪ ହଜାର ଲିଟର ପେଟ୍ରୋଲ ନେଇ ଉକ୍ତ ଟ୍ୟାଙ୍କର (ନଂ.ଓଡି୧୯କ୍ୟୁ-୧୦୧୦) ରେଢାଖୋଲକୁ ଆସୁଥିବା ବେଳେ ୫୫ ନଂ. ଜାତୀୟ ରାଜପଥର ହିଣ୍ଡୋଲ ନିକଟରେ ହଠାତ ଶର୍ଟସର୍କିଟ ଯୋଗୁ ନିଆଁ ଲାଗିଯାଇଥିଲା ବୋଲି ଚାଳକ କହିଛନ୍ତି।

### ଅଳ୍ପକେ ରକ୍ଷା ପାଇଲେ ଚାଳକ, ହେଲ୍‌ପର

# ନୌସେନାର ୭ ଅଧିକାରୀ ଗିରଫ

ନୂଆଦିଲ୍ଲୀ,୨୦।୧୨

ପାକିସ୍ତାନ ପାଇଁ ଗୁପ୍ତଚରଗିରି କରୁଥିବା ଅଭିଯୋଗରେ ଭାରତୀୟ ନୌସେନାର ୭ ଅଧିକାରୀ ଗିରଫ ହୋଇଛନ୍ତି। ଆନ୍ଧ୍ରପ୍ରଦେଶର ଗୋଇନ୍ଦା ବିଭାଗ, ନୌସେନା ଓ କେନ୍ଦ୍ରୀୟ ସଂସ୍ଥାଗୁଡ଼ିକ ପକ୍ଷରୁ ହୋଇଥିବା ମିଳିତ ଅଭିଯାନ 'ଅପରେଶନ ଡଲଫିନ୍ସ ନୋଜ୍'ରେ ଏହି ରାକେଟର ପର୍ଦ୍ଦାଫାଶ ହୋଇଛି। ଏନେଇ ଏକ ମାମଲା ରୁଜୁ ହୋଇଛି। ଆଉ କେତେଜଣ ସନ୍ଦିଗ୍ଧଙ୍କୁ ଏହି ମାମଲାରେ ପଚରାଉଚରା କରାଯାଉଛି ବୋଲି ଆନ୍ଧ୍ର ପୋଲିସ ମହାନିର୍ଦ୍ଦେଶକ ଡି. ଗୌତମ ସାୱାଙ୍ଗ ଶୁକ୍ରବାର କହିଛନ୍ତି।

ନିପାଣିଆ ଡଙ୍ଗା ବୁଡ଼ି ଘଟଣା

# ସବିତା, ପୂର୍ଣ୍ଣିମାଙ୍କୁ ମିଳିବ ଜାତୀୟ ସାହସିକତା ପୁରସ୍କାର

କେନ୍ଦ୍ରାପଡା ଅଫିସ, ୨୦।୧୨

କେନ୍ଦ୍ରାପଡା ଜିଲା ମହାକାଳପଡା ବ୍ଲକ ବରକୋଳିଖଳା ଗ୍ରାମର ଜ୍ଞାନମୟୀ ଉଚ୍ଚ ବିଦ୍ୟାଳୟର ଦୁଇ ଛାତ୍ରୀ ସବିତା ଗିରି ଓ ପୂର୍ଣ୍ଣିମା ଗିରିଙ୍କୁ ଜାତୀୟ ସାହସିକତା ପୁରସ୍କାର ମିଳିବ। ଏ ସମ୍ପର୍କରେ ଶିଶୁ ବିକାଶ ଜାତୀୟ ପରିଷଦ ପକ୍ଷରୁ ଓଡିଶା ରାଜ୍ୟ ପରିଷଦ ଓ ଏହି ଦୁଇ ଛାତ୍ରୀଙ୍କୁ ଚିଠି ମାଧ୍ୟମରେ ଜଣାଇ ଦିଆଯାଇଛି। ପରିଷଦର ଚିଠିରେ ଏହି ପୁରସ୍କାର ଆସନ୍ତା ୨୦୨୦ ଜାନୁୟାରୀରେ ମିଳିବ ବୋଲି ଉଲ୍ଲେଖ ଥିବା ବେଳେ ଏଥିପାଇଁ କେତେକ ଆବଶ୍ୟକ କାଗଜପତ୍ର ଯୋଗାଇ ଦିଆଯିବା ପାଇଁ ଉଲ୍ଲେଖ କରାଯାଇଛି। ସୂଚନାଯୋଗ୍ୟ ଯେ, ଗତ ଜାନୁୟାରୀ ଦୁଇ ତାରିଖରେ ଜଗତସିଂହପୁର ଜିଲା ହସିଣା ଗ୍ରାମର ୫୫ ଜଣ ମହାକାଳପଡାର ହୁକିଟୋଲାକୁ ବଣଭୋଜି ପାଇଁ ଡଙ୍ଗାରେ ବୁଲିବାକୁ ଆସିଥିଲେ। ସେଠାରୁ ଫେରିବା ସମୟରେ ଡଙ୍ଗାଟି ନିପାଣିଆ ଠାରେ ଓଲଟି ପଡିଥିଲା। ଫଳରେ ୧୦ ଜଣ ଶିଶୁ ଓ ମହିଳାଙ୍କର ମୃତ୍ୟୁ ହୋଇଥିଲା। ତେବେ ଡଙ୍ଗା ବୁଡିବା ସମୟରେ ଲୋକଙ୍କ ଚିତ୍କାର ଶୁଣି ଏହି ଦୁଇ ଛାତ୍ରୀ ନିଜ ଜୀବନକୁ ବାଜି ଲଗାଇ କୁମ୍ଭୀର ଆତଯାତ କରୁଥିବା ନଦୀରେ ପଶି ୧୨ ଜଣଙ୍କୁ ଉଦ୍ଧାର କରିଥିଲେ। ଏହି ସାହସିକତା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସେହି ମାସ ୫ ତାରିଖରେ ସେମାନଙ୍କୁ ପୁରସ୍କୃତ କରିଥିଲେ।



ସବିତା ଓ ପୂର୍ଣ୍ଣିମା

ଜଳସେଚନ ଦୁର୍ନୀତି

# ଅଜିତ ପାୱାରଙ୍କୁ ଏସିବିର କ୍ଲିନଚିଟ୍

ନାଗପୁର, ୨୦।୧୨(ପି.ଟି.)

ବହୁକୋଟି ଟଙ୍କାର ଜଳସେଚନ ଦୁର୍ନୀତି ମାମଲାରେ ମହାରାଷ୍ଟ୍ରର ଦୁର୍ନୀତି ବିରୋଧୀ ଶାଖା(ଏସିବି) ପକ୍ଷରୁ ଏନ୍‌ସିପିର ବରିଷ୍ଠ ନେତା ଅଜିତ ପାୱାରଙ୍କୁ କ୍ଲିନଚିଟ୍ ଦିଆଯାଇଛି। ବମ୍ବେ ହାଇକୋର୍ଟର ନାଗପୁର ବେଞ୍ଚରେ ଦାଖଲ କରାଯାଇଥିବା ସତ୍ୟପାଠରେ ଅଜିତଙ୍କ ବିରୋଧରେ କୌଣସି ଆପରାଧିକ ଅଭିଯୋଗ ନ ଥିବା ଜଣାପଡ଼ିଛି। ଅଜିତଙ୍କୁ କ୍ଲିନଚିଟ୍ ନେଇ ଭାଜପା ପ୍ରଶ୍ନ ଉଠାଇବା ସହ କୋର୍ଟର ଦ୍ୱାରସ୍ଥ ହେବାକୁ ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସ ଧମକ ଦେଇଛନ୍ତି। ପୂର୍ବରୁ ନାଗପୁର ଏସିବି ଓ ଅମରାବତୀ ଏସିବି ଶାଖା ସତ୍ୟପାଠରେ ଅଜିତଙ୍କୁ କ୍ଲିନଚିଟ୍ ଦିଆଯାଇଥିବାବେଳେ ଏଥିରେ ବଡ଼ ଅଧିକାରୀମାନେ ସାମିଲ ଥିବା ନେଇ କୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାଏର କରାଯାଇଥିଲା। ପ୍ରକାଶଥାଉ କି, ୧୯୯୯-୨୦୦୯ରେ କଂଗ୍ରେସ-ଏନ୍‌ସିପି ସରକାରରେ ଅଜିତ ଜଳସମ୍ପଦ ମନ୍ତ୍ରୀ ଥିବାବେଳେ ବିଦର୍ଭ ଜଳସେଚନ ବିକାଶ ନିଗମର ୧୨ ପ୍ରକଳ୍ପ ନିର୍ମାଣରେ ବହୁକୋଟି ଟଙ୍କା ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଥିଲା।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE
ପ୍ରଧାନମନ୍ତ୍ରୀ ଯୋଜନା ଦ୍ୱାରା All India ଋଣ ନିଜର ମାର୍କସିଟ, ଆଧାରକାର୍ଡ, କୃଷି ଋଣ ମାତ୍ର ୦% ସୁଧ ୫୦% ଛାଡ ଘରେବସି ପାଆନ୍ତୁ
Call / SMS Now
Sadhana - 8878040214
Priyanka - 7649016745
Manisha - 9753016278
Manasi - 8827505029
Sweta - 8963979286
Nidhi - 8878026907
Vasundhara Mall, West Boring Canal Rd, Rajapur, Patna, Bihar 800001

BUSINESS
ASTROLOGY
FINANCE

Hindustan Tower ଗ୍ରୁପ୍ (ରେଜି.) କମ୍ପାନୀ ଦ୍ୱାରା ନିଜ ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍‌ରେ ଡିଜିଟାଲ୍ ଟାୱାର୍ ଲଗାନ୍ତୁ । ଅଗ୍ରିମ ୨୦,୦୦,୦୦୦, ଭଡ଼ା ୬୦,୦୦୦ + କୋର୍ଟ ଏଗ୍ରିମେଣ୍ଟ।
Helpline No. 7838639856 8929313996
Address- HNo.631, RANJIT ENCLAVE, VILL-NANGAL KARAR KHAN, JALANDHAR

BUSINESS
ଖାଲିଥିବା ଜମି ଓ ଛାତ ଉପରେ Bansal Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 85,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ + Bike Free
ଆଜି ହିଁ ସଂମ୍ପର୍କ କରନ୍ତୁ
No. 751/3, Beleghata Main Road Kolkata - 700010, West Bengal, India
09433670261 09433670482

BUSINESS
ଖାଲିଥିବା ଜମି ଓ ଛାତ ଉପରେ Singhania Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ପାଆନ୍ତୁ । ଜଣକୁ ଚାକିରି ମିଳିବ ।
ଆଜି ହିଁ ସଂମ୍ପର୍କ କରନ୍ତୁ
65/1, Ratna Villas Road, Gandhi Bazaar, Basavanagudi, Bengaluru, Karnataka 560004
Call / SMS Now 9453480851

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ସଚ୍ଚାପ୍ରେମୀ ନିରାଶ କାହିଁକି ?
ବାବା ଅଘୋରୀ ତାନ୍ତ୍ରିକ (ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଲେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠାକରଣୀ ଖୋଲା ଚ୍ୟାଲେଞ୍ଜ, ପ୍ରେମରେ ଧୋକା ୩ ଘଣ୍ଟାରେ ୧୦୦% A To Z ସମସ୍ୟାର ସମାଧାନ
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକଙ୍କୁ ମନମୁତାବକ ପୁରସ୍କାର
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
8743922900 9899587663

NEW YEAR DHAMAKA
ହର୍ କଦମ ଆପକେ ସାଥ୍
ବନ୍ଧନ ଋଣ 1993ରୁ ଆପଣଙ୍କର ସେବାରେ (NBFC Registered) କମ୍ପାନୀ ଦ୍ୱାରା ଏଜୁକେଶନ୍ , ସମ୍ପତି, ପେ-ସ୍ଲିପ୍ ଗ୍ରୁପ ଋଣ ମାତ୍ର 24 ଘଣ୍ଟାରେ ପାଆନ୍ତୁ। (ଖର୍ଚ୍ଚ ଲୋନ ପାସ୍ ହେଲା ପରେ) 2% ସୁଧ 40% ଛାଡ ।
52, Bhupendra Bose Avenue, Bidhan Sarani, Kolkata, West Bengal- 700004
9520405151 9520334141

ଋଣ...ଋଣ...ଋଣ...
1 ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନ କାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ଛାଡ଼
!! ନମୋ ନମୋ ଫାଇନାନ୍ସ !!
E-mail : - namonamoonlinem.p@gmail.com
9911321841
Add : - 41/14, Sec-1 Pushp Vihar, Delhi

INDIAN TELICOM TOWER
ଖାଲିଥିବା ଜମି ଓ ଛାତ ସବୁ ସ୍ଥାନରେ ଡିଜିଟାଲ ଉପକରଣ 4G ବସାଇ ଅଗ୍ରୀମ 60,000,00/-, ଭଡା 40,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ। ଦରମା - 20,000/ +୨୦ ବର୍ଷର ଏଗ୍ରୀମେଣ୍ଟ
345/4, Bhattarahalli, Old Madras Road, K.R. Puram, Bengaluru, Karnataka-560049
7752975969

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସମ୍ପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ- ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9818298397 9953959390

FINANCE
ବାଲାଜୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ । ୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

JAMUNA FINANCE
ବ୍ୟବସାୟ, ପର୍ସନାଲ, ମାର୍କଶିଟ୍, ପଶୁପାଳନ, କୃଷି ପ୍ରପର୍ଟି, ଗୃହ ଋଣ ଓ ଗ୍ରୁପ୍ ଋଣ । ସମସ୍ତ ପ୍ରକାର LOAN ସହଜ କିସ୍ତିରେ ଘରେ ବସି ପାଆନ୍ତୁ। ସୁଧ-2%
M: 7749011485 8117802682
Salt Lake City, Kolkata-700091, Panditagaon, Khalikote, Ganjam


ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ସିଏଏ ଓ ଏନ୍‌ଆର୍‌ସିକୁ ନେଇ ଦେଶବ୍ୟାପୀ ହିଂସା ଲାଗି ରହିଥିଲେ ହେଁ ଏହାଦ୍ୱାରା ସମସ୍ୟାର ସମାଧାନ ଅସମ୍ଭବ। ଦେଶର ବିକାଶ ଓ ସୁରକ୍ଷା କ୍ଷେତ୍ରରେ ଭାରତୀୟ ନାଗରିକମାନେ ଏଭଳି ଏକତା ପ୍ରଦର୍ଶନ କରିବା ଉଚିତ।

-ରଜନୀକାନ୍ତ,ବଲିଉଡ୍ ଅଭିନେତା



# ଡିସିପି ଗାଇଲେ ଜାତୀୟ ସଙ୍ଗୀତ



## ଶାନ୍ତ ହେଲେ ବିକ୍ଷୋଭକାରୀ

**ବାଙ୍ଗାଲୁରୁ:** ନାଗରିକତ୍ୱ ସଂଶୋଧନ ଆଇନ ବିରୋଧରେ ସମଗ୍ର ଦେଶରେ ନିଆଁ ଜଳୁଥିବାବେଳେ ହିଂସା ଥମିବାର ନାମ ଧରୁନି। ଏହି ନିଆଁ କର୍ନାଟକକୁ ମଧ ବ୍ୟାପଛି। ବାଙ୍ଗାଲୁରୁ ଟାଉନ୍ ହଲ୍‌ଠାରେ ବିକ୍ଷୋଭକାରୀ ମିଳିତ ବିରୋଧ ପ୍ରଦର୍ଶନ କରୁଥିବାବେଳେ ପୋଲିସ ସେମାନଙ୍କୁ ସ୍ଥାନ ଖାଲି କରିବାକୁ ବାରମ୍ବାର କହିଥିଲା। ହେଲେ ସେମାନେ ନିଜ ଜିଦ୍‌ରେ ଅଟଳ ରହିଥିଲେ। ଫଳରେ ବିକ୍ଷୋଭକାରୀଙ୍କୁ ଶାନ୍ତ କରିବାକୁ ଯାଇ ବାଙ୍ଗାଲୁରୁ(ସେଣ୍ଟ୍ରାଲ) ଡିସିପି ଚେତନ୍‌ସିଂ ରାଠୋର୍ ଏକ ଅଭିନବ ଉପାୟ ଚିନ୍ତା କରିଥିଲେ। ବିକ୍ଷୋଭ ସ୍ଥଳରେ ସେ ଜାତୀୟ ସଙ୍ଗୀତ ଗାନ କରିଥିଲେ। ତାଙ୍କର ଏହି ଉପାୟ କାମ କରିଥିଲା। ଆନ୍ଦୋଳନକାରୀମାନେ ଶେଷରେ ଆଶ୍ଚର୍ଯ୍ୟଜନକ ଭାବେ ଶାନ୍ତ ହୋଇଥିଲେ। ଏପରି କି ସେମାନେ ଡିସିପିଙ୍କ ସହ ମିଶି ସେଠାରେ ଶାନ୍ତିପୂର୍ଣ୍ଣଭାବେ ଜାତୀୟ ସଙ୍ଗୀତ ଗାନ କରିଥିଲେ। ଉକ୍ତ ଦୃଶ୍ୟର ଭିଡିଓ ସୋସିଆଲ୍ ମିଡିଆରେ ଭାଇରାଲ୍ ହୋଇଛି। ଆହୁରି ମଧ ରାଠୋର୍ ସେମାନଙ୍କୁ ବୁଝାଇଥିଲେ ଯେ, ଶାନ୍ତି ବଜାୟ ରଖନ୍ତୁ, ଅସାମାଜିକ ବ୍ୟକ୍ତିମାନେ ବିରୋଧର ସୁଯୋଗ ନେଇପାରନ୍ତି। ଡିସିପିଙ୍କ ଏଭଳି ପଦକ୍ଷେପକୁ ଅନେକେ ପ୍ରଶଂସା କରିଛନ୍ତି।

# ବର୍ଷକୁ ୭୫ ଦିନ ନଷ୍ଟ କରୁଛନ୍ତି ଭାରତୀୟ

## ବଢୁଛି ସ୍ମାର୍ଟଫୋନ୍ ବ୍ୟବହାର



**ନୂଆଦିଲ୍ଲୀ:** ଦିନକୁ ଘଣ୍ଟା ଘଣ୍ଟା କାଳ ମୋବାଇଲ୍ ଫୋନ୍ ବ୍ୟବହାର ଶରୀରକୁ କ୍ଷତି ପହଞ୍ଚାଉଛି। ଯଦି ଏପରି ଅଭ୍ୟାସ ଜାରି ରୁହେ ତା'ହେଲେ ଆଗାମୀ ଦିନରେ ଏହା ମଣିଷର ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ଉପରେ ବିଶେଷ କ୍ଷତି ପହଞ୍ଚାଇବ। ନିକଟରେ ହୋଇଥିବା ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ, ପ୍ରତ୍ୟେକ ଭାରତୀୟ ବର୍ଷକ ମଧରେ ୧୮୦୦ ଘଣ୍ଟା ଅର୍ଥାତ୍ ୭୫ ଦିନ ମୋବାଇଲ୍ ବ୍ୟବହାର କରୁଛନ୍ତି। ଚାଇନିଜ୍ ସ୍ମାର୍ଟଫୋନ୍ ଭିଭି ଏବଂ ସାଇବର ମିଡିଆ ରିସର୍ଚ୍ଚ (ସି ଏମ୍ ଆର୍ )ର ଜଏଣ୍ଟ ସର୍ଭେରୁ ଏହି ତଥ୍ୟ ହାସଲ କରାଯାଇଛି। ମୋବାଇଲ୍ ବ୍ୟବହାର କରିବା ଏଭଳି ଖରାପ ଅଭ୍ୟାସ ହୋଇଯାଇଛି, ଯାହାଫଳରେ ଏବେ ମୋବାଇଲ୍ ବିନା ରହିବା ଅସମ୍ଭବ ଭଳି ଲାଗୁଛି ବୋଲି ସର୍ଭେରେ ସାମିଲ ହୋଇଥିବା ଲୋକେ ମତ ଦେଇଛନ୍ତି। ସର୍ଭେରୁ ଜଣାପଡ଼ିଛି ଯେ ସ୍ମାର୍ଟଫୋନ୍ ବ୍ୟବହାର ବଢ଼ିଛି। ଦୈନନ୍ଦିନ ଜୀବନରେ ବ୍ୟବହାର ହେଉଥିବା ଅନ୍ୟ ଡିଭାଇସ୍ ମଧ୍ୟରୁ ସ୍ମାର୍ଟଫୋନ୍ ସବୁଠୁ ବେଶି ଲୋକପ୍ରିୟତା ହାସଲ କରିଛି ବୋଲି ସିଏମ୍‌ଆର୍ ଗ୍ରୁପର ଇଣ୍ଟେଲିଜେନ୍ସ ଇଣ୍ଡଷ୍ଟ୍ରି ହେଡ୍ ପ୍ରଭୁରାମ କହିଛନ୍ତି। ସର୍ଭେ ବେଳେ ୩ ଜଣଙ୍କ ମଧ୍ୟରୁ ଜଣେ ବ୍ୟକ୍ତି କହିଛନ୍ତି, ଫୋନ୍ ବ୍ୟବହାର ନ କରି ପରିବାର ସଦସ୍ୟ କିମ୍ବା ବନ୍ଧୁଙ୍କ ସହ ୫ମିନିଟ୍ ମଧ କଥା ହେବା ସମ୍ଭବ ହୋଇପାରୁନି। ସେହିପରି ସୁଖୀ ଜୀବନ ପାଇଁ ମୋବାଇଲ ବ୍ୟବହାର ଅପେକ୍ଷାକୃତ କମ୍ କରିବା ଦରକାର ବୋଲି ୫ରୁ ୩ଜଣ ମାନିଛନ୍ତି। ଦେଶର ପ୍ରମୁଖ ୮ଟି ସହରରେ ଏହି ସର୍ଭେ କରାଯାଇଥିଲା। ଏଥିସହ ଅନ୍‌ଲାଇନ୍ ପ୍ଲାଟଫର୍ମରେ ଲୋକଙ୍କ ମତାମତ ନିଆଯାଇଥିଲା। ସର୍ଭେରେ ପ୍ରାୟ ୨ହଜାର ଲୋକ ସାମିଲ ହୋଇଥିଲେ।

# ୧୦୦ ସହପାଠୀଙ୍କ ଫି ଭରିଲେ ୫ ବର୍ଷର ବାଳିକା

**ସାନଫ୍ରାନ୍‌ସିସ୍କୋ:** କୁହାଯାଏ ଛୋଟପିଲାଙ୍କ ମଧ୍ୟରେ ହିଁ ଭଗବାନ ବାସ କରନ୍ତି। ସେମାନେ ନିଷ୍ପାପ। ତାଙ୍କ ମନରେ କାହା ପ୍ରତି ହିଂସା ଅବା ଦ୍ୱେଷ ଭାବ ନ ଥାଏ। ସେମାନେ ଅନ୍ୟର ଦୁଃଖରେ ଦୁଃଖୀ ହୋଇଥାନ୍ତି। ଏପରି ଏକ ଘଟଣା ଆମେରିକାର କାଲିଫର୍ନିଆରେ ଘଟିଛି। ୫ ବର୍ଷବୟସ୍କା ବାଳିକା କ୍ୟାଥଲିନ୍ ହାର୍ଡି ରାସ୍ତାକଡ଼ ଷ୍ଟଲରେ କୁକିଜ୍ ବିକ୍ରି କରି ସ୍କୁଲରେ ମଧ୍ୟାହ୍ନ ଭୋଜନ ଫି ଦେଇପାରୁ ନ ଥିବା ଶହେ ଜଣ ସହପାଠୀଙ୍କ ଫି ପ୍ରଦାନ କରିଛନ୍ତି। ସେ ୧୨୩ ଜଣ ସହପାଠୀଙ୍କ ମଧ୍ୟାହ୍ନ ଭୋଜନ ଫି ଦେବାକୁ ଚେଷ୍ଟା କରୁଥିଲେ। ତେବେ ଶହେ ଜଣଙ୍କର ଫି ସଂଗ୍ରହ କରି ପାରିଛନ୍ତି। କୁକିଜ୍ ବିକ୍ରି କରି ସେ ୮୦ ଡଲାର ସଂଗ୍ରହ କରିଛନ୍ତି। ସହପାଠୀମାନଙ୍କର ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନ ଥିବାରୁ ସେମାନଙ୍କ ଅଭିଭାବକ ମଧ୍ୟାହ୍ନ ଭୋଜନ ଫି ଦାଖଲ କରିପାରି ନ ଥିବା କୁହାଯାଉଛି। ଏନେଇ କ୍ୟାଥଲିନ୍ ତାଙ୍କ ମା'ଙ୍କର ସହାୟତା ଲୋଡ଼ିଥିଲେ।



# ଫ୍ରାଇଡେ ରିଲିଜ୍‌ରେ 'ଦବଙ୍ଗ-୩'

**ମୁମ୍ବାଇ:** ଫ୍ରାଇଡେ-ବକ୍ସରେ ରିଲିଜ୍ ହୋଇଯାଇଛି ସଲ୍‌ମାନ ଖାନ୍‌ଙ୍କ ବହୁ ପ୍ରତୀକ୍ଷିତ ଫିଲ୍ମ 'ଦବଙ୍ଗ୍-୩'। 'ଦବଙ୍ଗ'ର ଏହି ସିକ୍ୱେଲ୍‌ରେ ସଲ୍‌ମାନଙ୍କ ବ୍ୟତୀତ ସୋନାକ୍ଷୀ ସିହ୍ନା, ଅରବାଜ୍ ଖାନ୍, କିଚ୍ଚା ସୁଦୀପ, ମହେଶ ମାଞ୍ଜରେକର୍, ସାଇ ମାଞ୍ଜରେକର୍, ପ୍ରଭୁଦେବା, ନୱାବ୍ ଶାହ ପ୍ରମୁଖଙ୍କୁ ଦେଖିବାକୁ ମିଳିବ।

ସାଧାରଣତଃ ସଲ୍‌ମାନଙ୍କ ଫିଲ୍ମକୁ ତାଙ୍କ ଫ୍ୟାନ୍‌ମାନେ କୌଣସି ଉତ୍ସବ ଭଳି ଅପେକ୍ଷା କରିଥାନ୍ତି। ପୁଣି 'ଦବଙ୍ଗ' କଥା ଟିକେ ନିଆରା। ସଲ୍‌ମାନଙ୍କୁ ତାଙ୍କ ଫ୍ୟାନ୍‌ମାନେ ଦବଙ୍ଗ ଖାନ୍ ବୋଲି ମଧ ଡାକିଥାନ୍ତି। ସିନେ ସମୀକ୍ଷକଙ୍କଠାରୁ 'ଦବଙ୍ଗ୍-୩' କେତେ ପ୍ରଶଂସା ସାଉଁଟୁଛି ତାହା ଭିନ୍ନ ବିଷୟ। ହେଲେ ଫ୍ୟାନ୍‌ମାନେ ସବୁଥର ଭଳି ଏଥର ମଧ ଫିଲ୍ମ ରିଲିଜ୍ ହେବା ପରେ ନିଜର ଉତ୍ସାହ ଏବଂ ସଲ୍‌ମାନଙ୍କ ପ୍ରତି ଥିବା ଭଲପାଇବା ପ୍ରଦର୍ଶନ କରୁଛନ୍ତି, ଯାହାର ଝଲକ ସୋସିଆଲ ମିଡିଆରେ ଦେଖିବାକୁ ମିଳୁଛି।

ରିଲିଜ୍‌ର ପ୍ରଥମ ଦିନରେ ହିଁ 'ଦବଙ୍ଗ୍-୩'କୁ ଭରପୂର ରେସ୍‌ପନ୍ସ ମିଳିଛି। 'ଦବଙ୍ଗ' ଏବଂ 'ଦବଙ୍ଗ୍-୨' ସୁପରହିଟ୍ ରହିଥିବାବେଳେ 'ଦବଙ୍ଗ୍-୩' ମଧ ସୁପରହିଟ୍ ରହିବ ବୋଲି ଆଶା କରାଯାଉଛି। ତୃତୀୟ ସିକ୍ୱେଲ୍‌ରେ ଚୁଲ୍‌ବୁଲ୍ ପାଣ୍ଡେଙ୍କ ଜୀବନ ସହ ଜଡ଼ିତ ଅନେକ ପୁରୁଣା କାହାଣୀ ଏବଂ ଅକୁହା ଘଟଣାବଳୀ ଦେଖିବାକୁ ମିଳିବ, ଯାହା ପୂର୍ବ ଦୁଇଟି ଫିଲ୍ମରେ ସସ୍‌ପେନ୍ସ ହୋଇ ରହିଥିଲା। 'ଦବଙ୍ଗ୍-୩' ଦେଖିଲେ ଦର୍ଶକ ଜାଣିପାରିବେ ଚୁଲ୍‌ବୁଲ୍ ପାଣ୍ଡେ କାହିଁକି ଚୁଲ୍‌ବୁଲ୍ ପାଣ୍ଡେ ହୋଇଛନ୍ତି। ସେହିପରି ଫିଲ୍ମରେ ଦୁଇଟି ହିରୋଇନ୍ ସୋନାକ୍ଷୀ ଏବଂ ସାଇଙ୍କ ସହ ରୋମାନ୍ସ କରିବେ ସଲ୍‌ମାନ। ସାଇ ମାଞ୍ଜରେକର୍ ହେଉଛନ୍ତି ମହେଶ ମାଞ୍ଜରେକର୍‌ଙ୍କ ସୁକନ୍ୟା। ସେ 'ଦବଙ୍ଗ୍-୩'ରୁ ବଲିଉଡ୍‌ରେ ନିଜର ଡେବ୍ୟୁ କରୁଛନ୍ତି। ଚୁଲ୍‌ବୁଲ୍ ପାଣ୍ଡେଙ୍କ ପୂର୍ବ ଜୀବନର ପ୍ରେମିକା ହୋଇଛନ୍ତି ସାଇ। ଏବେ ସାଇ କିପରି ପାଣ୍ଡେ ଜୀଙ୍କ ଜୀବନରୁ ଆଉଟ୍ ହେଲେ ଆଉ ସୋନାକ୍ଷୀ କିପରି ହେଲେ ଇନ୍, ସେ କଥା ଆପଣ ଫିଲ୍ମ ଦେଖିଲେ ହିଁ ଜାଣିପାରିବେ। ଏହାସହ ସଲ୍‌ମାନଙ୍କ ଯୋଡ଼ି କାହା ସହ ଅଧିକ ଜମୁଛି, ତାହା ମଧ ଜାଣିପାରିବେ।

ଅନ୍ୟପଟେ ଫିଲ୍ମରେ ଆକ୍ସନ ମଧ ଭରପୂର ରହିଛି। ଫିଲ୍ମରେ ଭିଲେନ୍ ଅବତାରରେ ସାଉଥ୍ ସୁପରଷ୍ଟାର କିଚ୍ଚା ସୁଦୀପଙ୍କୁ ଦେଖିବାକୁ ମିଳିବ। ସଲ୍‌ମାନ-ସୁଦୀପଙ୍କ ସାର୍ଟ-ଲେସ୍ ଫାଇଟ୍ ଫିଲ୍ମର ଅନ୍ୟତମ ଆକର୍ଷଣ।



ସଲ୍‌ମାନ ଖାନ୍
ସୋନାକ୍ଷୀ ସିହ୍ନା

# ପ୍ରସ୍ତର ଯୁଗ ରହସ୍ୟ ଖୋଲିଲା 'ଚୁଇଂଗାମ୍'

**କୋପେନହେଗେନ:** ଡେନ୍‌ମାର୍କର ସିଲ୍‌ଥୋଲମ୍‌ରେ ଉତ୍‌ଖନନ ସମୟରେ ୫୭୦୦ ବର୍ଷର ପୁରୁଣା ଏକ ଚୁଇଂଗମ୍ ମିଳିଛି। ବିଶେଷଜ୍ଞମାନେ ଏହା ଉପରେ ଅଧିକ ଗବେଷଣା କରି ପ୍ରସ୍ତର ଯୁଗ ମହିଳାଙ୍କ ଡିଏନ୍‌ଏ ଖୋଜି ବାହାର କରିବାରେ ସଫଳ ହୋଇଛନ୍ତି। ପୂର୍ବରୁ ମଣିଷର ଦେହାବଶେଷ, ଜୀବାଶ୍ମରୁ ପୁରାତନ ଯୁଗର ମଣିଷ, ସେମାନଙ୍କ ଜୀବନଶୈଳୀ ବିଷୟରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳୁଥିଲା। ହେଲେ ଚୁଇଂଗମରୁ ପ୍ରାଚୀନ ମଣିଷଙ୍କ ବିଷୟରେ ତଥ୍ୟ ହାସଲ କରିବା ପ୍ରଥମ ଘଟଣା ବୋଲି କୁହାଯାଉଛି।

ଏ କ୍ଷେତ୍ରରେ ଗବେଷଣା କରୁଥିବା ବିଶେଷଜ୍ଞମାନେ କହିଛନ୍ତି, ଉକ୍ତ ଚୁଇଂଗମ ଚୋବାଇଥିବା ବ୍ୟକ୍ତି ଜଣକ ଜଣେ ନୀଳନୟନା ମହିଳା। ତାଙ୍କ କେଶ ଏବଂ ଚମଡ଼ାର ରଙ୍ଗ କଳା ଥିଲା। ସମ୍ପୃକ୍ତ ମହିଳାଙ୍କ ନାମ ଲେଲା ରଖାଯାଇଛି। ଲେଲା ରହୁଥିବା ସ୍ଥାନରେ ଥିବା ଜନବସତିର ଲୋକମାନେ ପେଟପାଟଣା ପାଇଁ ମାଛ ଧରିବା, ଶିକାର କରିବା କାର୍ଯ୍ୟ କରୁଥିଲେ। ସେହିପରି ଉକ୍ତ ସ୍ଥାନରୁ ଭୋଜପତ୍ର ଗଛର ନମୁନା ସଂଗ୍ରହ କରାଯାଇଛି। ଏଥିରୁ ତତ୍କାଳୀନ ସମୟର ମଣିଷଙ୍କ ଭୋଜନ, ମୁହଁରେ ଥିବା କୀଟାଣୁ ବିଷୟରେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସାମ୍ନାକୁ ଆସିଛି। ପରୀକ୍ଷଣରୁ ସେ ସମୟର କୀଟାଣୁ କିପରି ବଢୁଥିଲେ, ସମୟ ସହିତ ସେମାନଙ୍କ କିପରି କ୍ରମବିକାଶ ହୋଇଥିଲା ସେ ନେଇ ଅନେକ ତଥ୍ୟ ମିଳିପାରିବ ବୋଲି ବିଶେଷଜ୍ଞ ଦଳ ଆଶାବ୍ୟକ୍ତ କରିଛନ୍ତି।



# ଓସ୍କାର ଦୌଡ଼ରେ ଜୋସେଫ୍ (ବର୍ନ ଇନ୍ ଗ୍ରେସ୍)

**ଭୁବନେଶ୍ୱର:** ଏକାଡେମୀ ଅଫ୍ ମୋଶନ ପିକ୍‌ଚର୍ ଆର୍ଟସ ଆଣ୍ଡ ସାଇନ୍ସେସ୍ ଦ୍ୱାରା ନିକଟରେ ବିଶ୍ୱର ସର୍ବବୃହତ୍ ଚଳଚ୍ଚିତ୍ର ପୁରସ୍କାର 'ଓସ୍କାର' ୨୦୧୯ରେ ସାମିଲ ହୋଇଥିବା ଚଳଚ୍ଚିତ୍ରର ତାଲିକା ପ୍ରକାଶ ପାଇଥିବା ବେଳେ ଏଥିରେ ସାମିଲ ହୋଇଛି ଓଡ଼ିଆ ଫିଲ୍ମ ନିର୍ମାତାଙ୍କ ଚଳଚ୍ଚିତ୍ର 'ଜୋସେଫ୍ (ବର୍ନ ଇନ୍ ଗ୍ରେସ୍)'। ଓସ୍କାର ପାଇଁ ଯୋଗ୍ୟ ବିବେଚିତ ୩୪୪ଟି ଫିଚର୍ ଫିଲ୍ମ ମଧରେ ଏହା ସ୍ଥାନ ପାଇଛି। ଅଶୋକ ମହାପାତ୍ରଙ୍କ ପ୍ରଯୋଜନାରେ ନିର୍ମିତ ଏହି ଚଳଚ୍ଚିତ୍ର ନିର୍ଦ୍ଦେଶନା ଦେଇଛନ୍ତି ଓଡ଼ିଶା ଜନ୍ମିତ ଫିଲ୍ମମେକର ସୁଶାନ୍ତ ମିଶ୍ର। ଫିଲ୍ମର ବିଭିନ୍ନ ଭୂମିକାରେ ଭିକ୍ଟର ବାନାର୍ଜୀ, ଅନାମିକା ଗୋସ୍ୱାମୀ, ଦୀପିକା ଏଲିଜାବେଥ୍ ଲାକ୍ରା, ହେମା ନୋରିୟାଲ୍, ସୁବ୍ରତ ଦତ୍ତ, ଦେବାଶିଷ ସାହୁ, ଗୌତମ ଚାଟାର୍ଜୀ, ଦୀପେଶ ବିଷ୍ଟ ପ୍ରମୁଖ ଅଭିନୟ କରିଛନ୍ତି। ଉମାକାନ୍ତ ମହାପାତ୍ରଙ୍କ ଲିଖିତ କ୍ଷୁଦ୍ରଗଳ୍ପ 'ଜୋସେଫ୍' ଉପରେ ଏହି ଫିଲ୍ମ ପ୍ରସ୍ତୁତ ହୋଇଛି, ଯାହା ୧୯୬୦ରୁ ୧୯୮୦ ମଧରେ ହିମାଳୟ ପାଦଦେଶର ଏକ କାହାଣୀ ଉପରେ ଆଧାରିତ। 'ଜୋସେଫ୍-ବର୍ନ ଇନ୍ ଗ୍ରେସ୍' ସୁଶାନ୍ତଙ୍କ ଦ୍ୱାରା ନିର୍ଦ୍ଦେଶିତ ୪ର୍ଥ ଫିଚର ଫିଲ୍ମ ହୋଇଥିବା ବେଳେ ପୂର୍ବରୁ ସେ ୧୯୯୩ରେ 'ଇନ୍ଦ୍ରଧନୁର୍ ଛାଇ', ୨୦୦୦ରେ ଓଡ଼ିଆ ଫିଲ୍ମ 'ବିଶ୍ୱପ୍ରକାଶ' ଏବଂ ଉଭୟ ହିନ୍ଦୀ ଓ ଓଡ଼ିଆ ଭାଷାରେ ଚଳଚ୍ଚିତ୍ର 'ଧରିନି'କୁ ନିର୍ଦ୍ଦେଶନା ଦେଇଥିଲେ।




# '୨୫ ଦିନରେ ସୁଟିଂସରିଥିଲା'

ସାମୁଦ୍ରିକ ଜାହାଜର କ୍ୟାପଟେନ୍ ଓ ଭାରତ ସରକାରଙ୍କ ବାଣିଜ୍ୟ ବିଭାଗର ଡେପୁଟି ଆଡ୍‌ଭାଇଜର ସହ ଇଣ୍ଟରନ୍ୟାଶନାଲ ମାରିଟାଇମ୍ ଅର୍ଗାନାଇଜେଶନ୍(ଆଇଏମ୍‌ଓ)ର ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରି ଅବସର ନେଇଛନ୍ତି ଅଶୋକ ମହାପାତ୍ର। ଚଳଚ୍ଚିତ୍ର ପ୍ରତି ଅହେତୁକ ଦୁର୍ବଳତା ଥିବାରୁ ମହାପାତ୍ର ଅବସର ପରେ ନିଜକୁ ଚଳଚ୍ଚିତ୍ର ପ୍ରଯୋଜନା କ୍ଷେତ୍ରରେ ସାମିଲ କରିଛନ୍ତି। କେବଳ ପ୍ରଯୋଜନା ନୁହେଁ, ଚଳଚ୍ଚିତ୍ର କାହାଣୀ ଲେଖନାରେ ମଧ ମନୋନିବେଶ କରିଛନ୍ତି। ସ୍ୱର୍ଗତ ପିତା ଉମାକାନ୍ତ ମହାପାତ୍ର ଲେଖିଯାଇଥିବା କିଛି ପୁସ୍ତକକୁ ନେଇ ଏବେ ଚଳଚ୍ଚିତ୍ର ନିର୍ମାଣ କରୁଥିବାବେଳେ ତାଙ୍କର ପ୍ରଥମ ଚଳଚ୍ଚିତ୍ର 'ଜୋସେଫ୍ (ବର୍ନ ଇନ୍ ଗ୍ରେସ୍)' ବିଶ୍ୱର ସର୍ବବୃହତ୍ତ ଚଳଚ୍ଚିତ୍ର ପୁରସ୍କାର 'ଓସ୍କାର' ଦୌଡ଼ରେ ସାମିଲ ହୋଇଛି। ଏହି ଅବସରରେ ଧରିତ୍ରୀ ପକ୍ଷରୁ ଅଶୋକଙ୍କ ସହ ସ୍ୱତନ୍ତ୍ର ଆଳାପ।

**'ଜୋସେଫ୍' ଚଳଚ୍ଚିତ୍ରର ବିଷୟବସ୍ତୁ ଓ ସ୍ୱତନ୍ତ୍ରତା କ'ଣ?**

– ଚଳଚ୍ଚିତ୍ରର ବିଷୟବସ୍ତୁ ଏକ ଅନାଥ ଶିଶୁ ଜୋସେଫ୍ ଏବଂ ମିଶନାରୀ ଡକ୍ଟର ଫାଦର ଓ'ହାରାଙ୍କ ଉପରେ ଆଧାରିତ। ଜୋସେଫ୍ କିଭଳି ଫାଦର ଓ'ହାରା ଏବଂ କେୟାରଟେକର ମୌଲାରାମଙ୍କ ଦ୍ୱାରା ବଡ଼ ହେଉଛି ଓ ପରବର୍ତ୍ତୀ ସମୟରେ ଏକ ଖରାପ ବାଟକୁ ଚାଲିଯାଉଛି, ତାହାକୁ ନେଇ ଫିଲ୍ମର କାହାଣୀ ଗତିଶୀଳ। ହେଲେ ଶେଷରେ ସେ ନିଜ ଭୁଲ ବୁଝିପାରି ଭଲବାଟକୁ ଫେରିଆସୁଛି। ତାହାକୁ ଏକ ଭିନ୍ନଶୈଳୀରେ ଫିଲ୍ମରେ ଦର୍ଶାଯାଇଛି।

**ଭାବିଥିଲେ କି ପ୍ରଥମ ଚଳଚ୍ଚିତ୍ର ଓସ୍କାର ପୁରସ୍କାର ଦୌଡ଼ରେ ସାମିଲ ହେବ?**

– ସବୁ ନିର୍ଦ୍ଦେଶକ ଓ ପ୍ରଯୋଜକ ଚାହାଁନ୍ତି ତାଙ୍କ ଚଳଚ୍ଚିତ୍ର ଓସ୍କାର ଦୌଡ଼ରେ ସାମିଲ ହେଉ। ହେଲେ ସମସ୍ତଙ୍କୁ ସେହି ସୁଯୋଗ ମିଳେନି। ସତ କଥା କହିବାକୁ ଗଲେ, ମୁଁ ଆଶା କରିଥିଲି ଏହା ପୁରସ୍କୃତ ହେବ। ହେଲେ ଓସ୍କାର ଦୌଡ଼ରେ ରହିବ ବୋଲି କେବେ ସ୍ୱପ୍ନରେ ସୁଦ୍ଧା ଭାବି ନ ଥିଲି।

**ଚଳଚ୍ଚିତ୍ରର ବିଷୟବସ୍ତୁ କେଉଁଠାରୁ ଆଣିଥିଲେ ?**

– ଚଳଚ୍ଚିତ୍ରର ବିଷୟବସ୍ତୁ ମୋ ବାପା ଉମାକାନ୍ତ ମହାପାତ୍ରଙ୍କ ଦ୍ୱାରା ଲେଖାଯାଇଛି। ଏହି ଚଳଚ୍ଚିତ୍ରଟି ମୁଁ ତାଙ୍କ ପାଇଁ ତିଆରି କରିଛି। ଏହା ମୋ ବାପାଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ। ସେ ଚାକିରିରୁ ଅବସର ନେବା ପରେ ଲେଖିବା ଆରମ୍ଭ କରିଥିଲେ। ତାଙ୍କର ଅନେକ ଲେଖା ମଧ୍ୟରୁ ଏହା ଅନ୍ୟତମ।

**ଚଳଚ୍ଚିତ୍ରର ବଜେଟ କେତେ ଥିଲା ଓ ନିର୍ମାଣରେ କିଛି ସମସ୍ୟା ହୋଇଥିଲା କି?**

– ଅନ୍ୟ ଚଳଚ୍ଚିତ୍ରଗୁଡ଼ିକୁ ଦେଖିବାକୁ ଗଲେ ଜୋସେଫ୍‌ର ବଜେଟ ବହୁତ୍ କମ୍। ବଜେଟ୍ କଥା କହି କିଛି ଲାଭ ନାହିଁ। ଏହାବ୍ୟତୀତ ଚଳଚ୍ଚିତ୍ରର କାଷ୍ଟିଂ ଗ୍ରୁପ୍ ବି ଏତେ ବଡ଼ ନ ଥିଲା। ତେଣୁ ବଜେଟ୍‌କୁ ନେଇ କିଛି ସମସ୍ୟା ହେଲାନାହିଁ। ହେଲେ ଉତ୍ତରାଖଣ୍ଡର ହିମାଳୟ ପାହାଡ଼ ଉପରେ ଶୁଟିଂ କରିବା ସମୟରେ ସେଠାକୁ ଖାଇବା, ରହିବା ଓ ଉପକରଣ ନେଇଯିବାରେ ବହୁ ସମସ୍ୟା ହୋଇଥିଲା।

**ହିମାଳୟ ପାହାଡ଼ ଓ ରାଣିଖେଟ୍‌ରେ ଚଳଚ୍ଚିତ୍ରର ଅଧିକାଂଶ ଭାଗ ଶୁଟ୍ ହୋଇଛି। ଶୁଟିଂ ସମୟରେ ସବୁଠୁ ବଡ଼ ଚ୍ୟାଲେଞ୍ଜ କ'ଣ ଥିଲା?**

– ଶୁଟିଂ ସମୟରେ ସବୁଠୁ ବଡ଼ ଚ୍ୟାଲେଞ୍ଜ ଥିଲା କାମ କରୁଥିବା ସମସ୍ତ କର୍ମଚାରୀଙ୍କ ଧ୍ୟାନ ରଖିବା। କିଛି ବି ଭୁଲ ହୋଇଯାଉଥିଲା ଯଦି ସେସବୁକୁ ପୁଣି ଠିକ୍ କରିବାକୁ ବହୁତ୍ ସମୟ ଲାଗୁଥିଲା। ଶୁଟିଂସ୍ଥଳରୁ ବଜାର ୨ ଘଣ୍ଟାର ବାଟଥିଲା। ସେଥିପାଇଁ ଆମକୁ ସବୁ ଭାବିଚିନ୍ତି କରିବାକୁ ପଡୁଥିଲା। ସବୁଠୁ ବଡ଼ କଥାହେଲା ସମସ୍ତ କଳାକାର ଓ କର୍ମଚାରୀମାନେ ଏସବୁ ଦିଗ ପ୍ରତି ବିଶେଷ ଭାବେ ଧ୍ୟାନ ଦେଇଥିଲେ।



ଧରିତ୍ରୀ ଆଳାପ

ଅଶୋକ ମହାପାତ୍ର

**ଓଡ଼ିଶା ଛାଡ଼ି ବାହାରେ ଶୁଟିଂ କରିବାର କିଛି ସ୍ୱତନ୍ତ୍ର କାରଣ ଥିଲା କି?**

– ଓଡ଼ିଶାରେ ସମସ୍ତ ସୁବିଧା ଉପଲବ୍ଧ ହୋଇପାରି ନ ଥାନ୍ତା। ଚଳଚ୍ଚିତ୍ରଟି ନିର୍ମାଣ ହେବାକୁ ବର୍ଷେ ଲାଗୁଛି। କିନ୍ତୁ ଦେଖିବାକୁ ଗଲେ ଆମେ ମାତ୍ର ୨୫ଦିନରେ ଶୁଟିଂ କରିଛୁ। ତେଣୁ ଶୁଟିଂ ପାଇଁ ସ୍ଥାନ ଓ ତା' ସହ ସମସ୍ତ ସୁବିଧା ଓଡ଼ିଶା ବାହାରେ ଉପଲବ୍ଧ ଥିଲା। ଯେଉଁଥିପାଇଁ ଅନିଚ୍ଛାସତ୍ତ୍ୱେ ମଧ ରାଜ୍ୟ ବାହାରେ ଶୁଟିଂ କରିଥିଲୁ।

**ଚଳଚ୍ଚିତ୍ର ନିର୍ମାଣ ହେବାଠାରୁ ପରଦାକୁ ଆସିବା ଯାଏ ଆପଣଙ୍କ ଅନୁଭୂତି କେମିତି ଥିଲା?**

– ଅନୁଭୂତି ସବୁ ଭଲ ହିଁ ରହିଛି। ଚାକିରିରୁ ଅବସର ନେବା ପରେ ବାପାଙ୍କ ଲିଖିତ ପୁସ୍ତକକୁ ଜୀବଦାନ ଦେବା ପାଇଁ ମୁଁ ଚଳଚ୍ଚିତ୍ର ନିର୍ମାଣ କଥା ଭାବିଥିଲି। ଆଉ ସବୁସ୍ତରରେ ମତେ ଭଲ ଅନୁଭୂତି ମିଳିଛି। ଚଳଚ୍ଚିତ୍ରର କଳାକାରଙ୍କ ସହିତ ମୁଁ ସବୁବେଳେ ଯୋଡ଼ି ହୋଇ ରହୁଥିଲି। ଏହା ମୋ ପାଇଁ ଏକ ନୂଆ ଅନୁଭୂତି ଥିଲା।

**ଜାତୀୟସ୍ତରରେ ଓଡ଼ିଆ ଚଳଚ୍ଚିତ୍ରଗୁଡ଼ିକ ଚିହ୍ନଟ ହୋଇପାରୁନି। ସେନେଇ କ'ଣ କହିବେ?**

– ଜାତୀୟସ୍ତରରେ ଆଗେଇପାରୁନି ବୋଲି କହିବିନି। ବରଂ ମୁଁ କହିବି ଯେ, ଯିଏ ବି ଚଳଚ୍ଚିତ୍ର ନିର୍ମାଣ କରିବା କଥା ଭାବୁଛନ୍ତି, ଗୋଟିଏ ଭଲ ବିଷୟବସ୍ତୁ ଓ ଭଲ ଲକ୍ଷ୍ୟ ନେଇ ଚଳଚ୍ଚିତ୍ର ନିର୍ମାଣ କରନ୍ତୁ। ଚଳଚ୍ଚିତ୍ରଟି ନିଶ୍ଚୟ ଆପଣଙ୍କୁ ଆଗକୁ ବଢ଼ିବାକୁ ପ୍ରେରଣା ଦେବ ଓ ପରିଚୟ ପାଇବ।

**ଆଗକୁ କ'ଣ ଯୋଜନା ଅଛି?**

–ଏହା ପରେ ସେଭଳି କିଛି ଯୋଜନା ନାହିଁ। ତଥାପି କିଛି ନୂଆ ବିଷୟବସ୍ତୁକୁ ନେଇ ଚଳଚ୍ଚିତ୍ର ନିର୍ମାଣ କରିବା କଥା ମନରେ ଅଛି। ଦେଖାଯାଉ କ'ଣ ହେଉଛି।

ସାକ୍ଷାତ୍‌କାର: ସ୍ଥିତପ୍ରଜ୍ଞ ମିଶ୍ର

# ଟାଇଟଲ ବିଜୟିନୀ ସ୍ୱାଗତିକା



ବଲାଙ୍ଗୀର ସହରର ଆଦିବାସୀ ଝିଅ ସ୍ୱାଗତିକା କୁଅଁର ଜାତୀୟସ୍ତରରେ ଆୟୋଜିତ ମିସ୍ ତିଆରା କୁଇନ୍ ଅଫ୍ ଭାରତ-୨୦୧୯ ପ୍ରତିଯୋଗିତାର ଟାଇଟ୍‌ଲ ବିଜୟିନୀ ହୋଇଛନ୍ତି । ଡିସେମ୍ବର ୩୦ରେ ଛତିଶଗଡ ରାଜଧାନୀ ରାୟପୁରର କାଇଟ୍ କଲେଜଠାରେ ଅନୁଷ୍ଠିତ ଏହି ସୁନ୍ଦରୀ ପ୍ରତିଯୋଗିତାରେ ସ୍ୱାଗତିକାଙ୍କୁ ପୁରସ୍କୃତ କରାଯାଇଛି । ଏମ୍ଏସ୍ କ୍ରିଏସନ୍ କମ୍ପାନୀ ତରଫରୁ ସର୍ବଭାରତୀୟସ୍ତରରେ ମିସ୍ ତିଆରା କୁଇନ୍ ଅଫ୍ ଭାରତ ନାଁରେ ସୁନ୍ଦରୀ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା । ଫାଇନାଲ ରାଉଣ୍ଡରେ ସ୍ୱାଗତିକା ବିଜୟୀ ହୋଇ ମିସ୍ ତିଆରା କୁଇନ୍ ଅଫ୍ ଭାରତ ଟାଇଟଲ ଜିତିଛନ୍ତି ।

“ଶେଷ ଫର୍ଦ୍ଦରେ ପହଞ୍ଚିଛି ୨୦୧୯ର କ୍ୟାଲେଣ୍ଡର । ଆଗକୁ ମାଡ଼ି ଚାଲିଛି ସମୟ । ପଛରେ ରହିଯାଇଛି ଅନେକ ଘଟଣା, ଦୁର୍ଘଟଣା,ବାଦବିବାଦ ଓ ପ୍ରତିକ୍ରିୟା । ରାଜନୀତିର ଘୋଡ଼ାଦୌଡରେ ଅନେକ ବିଜୟ,ପରାଜୟକୁ ସାଉଁଟିଛି ଏହି ବର୍ଷ। ସେମିତି କିଛି କଥା,କାହାଣୀ ଓ ଫଟୋକୁ ନେଇ ଆଜିର ସ୍ୱତନ୍ତ୍ର ପୃଷ୍ଠା ‘ସ୍ମୃତିରେ ୨୦୧୯’ ।”



## ମମତାଙ୍କୁ ଫ୍ଲୋରେନ୍ସ ନାଇଟିଂଗଲ ପୁରସ୍କାର

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ସୁନାମୁଦି ଉପସ୍ୱାସ୍ଥ୍ୟକେନ୍ଦ୍ରର ମହିଳା ସ୍ୱାସ୍ଥ୍ୟକର୍ମୀ ମମତା ଭୋଇଙ୍କୁ ଜାତୀୟ ଫ୍ଲୋରେନ୍ସ ନାଇଟିଂଗଲ ପୁରସ୍କାର ମିଳିଛି । ଉପାନ୍ତ ଅଞ୍ଚଳରେ ନିରବଚ୍ଛିନ୍ନ ସ୍ୱାସ୍ଥ୍ୟସେବା ପାଇଁ କେନ୍ଦ୍ର ସରକାରଙ୍କ ତରଫରୁ ଚଳିତବର୍ଷ ଓଡିଶାରୁ ମମତା ଭୋଇ ମନୋନୀତ ହୋଇଥିଲେ । ଡିସେମ୍ବର ୫ରେ ନୂଆଦିଲ୍ଲୀଠାରେ ସ୍ୱାସ୍ଥ୍ୟ ବିଭାଗ ତରଫରୁ ଆୟୋଜିତ ସମାରୋହରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ମମତାଙ୍କୁ ପ୍ରଶସ୍ତିପତ୍ର ସହ ପୁରସ୍କାର ପ୍ରଦାନ କରିଥିଲେ ।

## ପୁଣି ପୁଞ୍ଜିଲାଲ



ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ମାମଲାର ମାଷ୍ଟରମାଇଣ୍ଡ ପୁଞ୍ଜିଲାଲ ମେହେର କୁଆଡ଼େ ପାଟଣାଗଡ଼ ଉପକାରାଗାରରୁ ଚମ୍ପଟ ମାରିବାକୁ ଉଦ୍ୟମ କରିଥିଲେ। ତାଙ୍କ ସହିତ ଅନ୍ୟ ୬ କଏଦୀ ବି ଥିଲେ । ହେଲେ ସୁରକ୍ଷା କର୍ମୀଙ୍କ ଉପସ୍ଥିତ ବୁଦ୍ଧି ଯୋଗୁ ଏହି ଯୋଜନା ପଣ୍ଡ ହୋଇଥିଲା । ସମସ୍ତଙ୍କୁ ସୁରକ୍ଷା କର୍ମୀମାନେ କାବୁ କରି ଜେଲରେ ଭର୍ତ୍ତି କରିଥିଲେ । ଜେଲରୁ ଫେରାର ଉଦ୍ୟମ ଏବଂ ଅନ୍ତେବାସୀଙ୍କ ଅନଶନ ଘଟଣାର ତଦନ୍ତ ପାଇଁ ବିଭାଗୀୟ ବରିଷ୍ଠ ଅଧିକାରୀମାନେ ବୁଝାଶୁଝା କରିଥିଲେ ।

## ବଲାଙ୍ଗୀର-ବିଛୁପାଲିକୁ ଟ୍ରେନ ଗଡ଼ିଲା



ଜାନୁୟାରୀ ୧୫ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବଲାଙ୍ଗୀରଠାରେ ୧୫୫୦କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ କରିଥିଲେ। ଏହି ଅବସରରେ ବଲାଙ୍ଗୀର- ବିଛୁପାଲି ସେକ୍ସନ ରେଳଲାଇନ୍, ବଲାଙ୍ଗୀର- ବିଛୁପାଲି ମଧ୍ୟରେ ନୂତନ ରେଳ ଚଳାଚଳ ଆରମ୍ଭ ହୋଇଥିଲା। କେବଳ ସେତିକି ନୁହେଁ, ପ୍ରଧାନମନ୍ତ୍ରୀ ଝାରସୁଗୁଡ଼ା ବହୁମୁଖୀ ଲଜିଷ୍ଟିକ୍ ପାର୍କ, ଝାରସୁଗୁଡ଼ା-ବିଜୟନଗରମ୍ ରେଳଲାଇନ୍ ଏବଂ ସମ୍ବଲପୁର-ଅନୁଗୋଳ ରେଳ ଲାଇନ୍ ବିଦ୍ୟୁତୀକରଣ, ବରପାଲି-ଡୁଙ୍ଗୁରିପାଲି ଏବଂ ବଲାଙ୍ଗୀର-ଦେଓଗାଁ ରେଳପଥର ଦୋହରୀକରଣ ତଥା ଥେରୁବାଲି-ସିଙ୍ଗାପୁରରୋଡ ଷ୍ଟେଶନ ମଧ୍ୟରେ ୫୮୮ନମ୍ବର ବ୍ରିଜ୍‌ର ଲୋକାର୍ପଣ କରିଥିଲେ ।

## ରୀତାଙ୍କ ରେକର୍ଡ



ବରଗଡ଼ ଜିଲା ବିଜେପୁର ଉପନିର୍ବାଚନ ଚଳିତ ବର୍ଷ ଏକ ନୂଆ ରେକର୍ଡ ସୃଷ୍ଟି କରିଥିଲା । ଅକ୍ଟୋବର ୨୧ରେ ଅନୁଷ୍ଠିତ ଏହି ଉପନିର୍ବାଚନରେ ବିଜେଡି ପ୍ରାର୍ଥୀ ରୀତା ସାହୁ ୯୭ହଜାର ୯୯୦ ଭୋଟ୍‌ରେ ବିଜୟୀ ହୋଇ ରାଜ୍ୟରେ ରେକର୍ଡ଼ ସୃଷ୍ଟି କରିଥିଲେ। ରୀତାଙ୍କ ସପକ୍ଷରେ ୧ଲକ୍ଷ ୩୫ହଜାର ୯୫୭ ଖଣ୍ଡ ଭୋଟ୍ ଯାଇଥିବାବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପାର ସନତ ଗଡ଼ତିଆଙ୍କୁ ୩୭ହଜାର ୯୬୭ଖଣ୍ଡ ଭୋଟ୍ ମିଳିଥିଲା। ଅନ୍ୟପଟେ କଂଗ୍ରେସକୁ କ୍ରମାଗତ ତୃତୀୟଥର ପାଇଁ ଅମାନତ ହରାଇବାକୁ ପଡ଼ିଥିଲା। କେବଳ ସେତିକି ନୁହେଁ, ରୀତା ଉକ୍ତ ନିର୍ବାଚନ ମଣ୍ଡଳୀରେ ଦଳ ପାଇଁ ହ୍ୟାଟ୍ରିକ ବିଜୟ ଆଣିଥିଲେ ।

## ଟୋକନ ତାତି



ଏଥର ଧାନ କିଣାକୁ ନେଇ ପଶ୍ଚିମ ଓଡ଼ିଶାର ବିଭିନ୍ନ ସ୍ଥାନରେ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା । ସରକାରଙ୍କ ଟୋକନ ବ୍ୟବସ୍ଥାକୁ ଚାଷୀମାନେ ବିରୋଧ କରିଥିଲେ। ଏଥିପାଇଁ ବିଭିନ୍ନ ସ୍ଥାନରେ ଚାଷୀମାନେ ରାସ୍ତାରୋକୋ କରିବା ସହ ଶହ ଶହ ବସ୍ତା ଧାନ ରାସ୍ତା ଉପରେ ଗଦା କରି ରଖିଥିଲେ। ପରିସ୍ଥିତି ଏପରି ହୋଇଥିଲା ଯେ ସ୍ଥାନୀୟ କେତେଜଣ ବିଧାୟକଙ୍କ ଘର ଆଗରେ ଚାଷୀମାନେ ଧାନଗାଡ଼ି ରଖି ଏହି ବ୍ୟବସ୍ଥାର ଉଚ୍ଛେଦ ଦାବି କରିଥିଲେ।

## କଂସ ବିବାଦ



ଭୁବନେଶ୍ୱର ପ୍ରଧାନ

ଚଳିତ ବର୍ଷ ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବ ଆରମ୍ଭ ନ ହେଉଣୁ କଂସ ବିବାଦ ଦେଖାଦେଇଥିଲା। ନଭେମ୍ବର ୨ରେ ଧନୁଯାତ୍ରା ମହୋତ୍ସବ ସମିତିର ବୈଠକ ବସିଥିଲା । ଏଥିରେ କଂସ ଅଭିନେତା ଚୟନ ବଦଳରେ କର୍ମକର୍ତ୍ତା ଚୟନ ପାଇଁ ଉପସ୍ଥିତ ସଭ୍ୟଙ୍କ ସ୍ୱର ଦୃଢ଼ ରହିଥିଲା। ଶେଷରେ ଧନୁଯାତ୍ରା ମହୋତ୍ସବ ସମିତି କଂସ ସମେତ ଅନ୍ୟ କଳାକାର ଚୟନ ପାଇଁ ନିଷ୍ପତ୍ତି ନେଇଥିଲା । ପରମ୍ପରା ଅନୁଯାୟୀ, ଜଣେ କଂସ ଅଭିନେତା ସମିତିର କୌଣସି ନିୟମ ଉଲ୍ଲଂଘନ ନ କଲେ ଅତିକମ୍‌ରେ କ୍ରମାଗତ ୩ଥର ଅଭିନୟ କରି ପାରିବେ । ଏହାସତ୍ତ୍ୱେ ସେଥିରେ ବ୍ୟତିକ୍ରମ ଦେଖାଦେଇଥିଲା। ନଭେମ୍ବର ୧୪ରେ ଅନ୍ୟ ଏକ ବୈଠକରେ ଭୁବନେଶ୍ୱର ପ୍ରଧାନ ପୁଣି ଏଥର କଂସ ଭୂମିକାରେ ଅଭିନୟ କରିବେ ବୋଲି ସମିତି ଘୋଷଣା କରିଥିଲା ।

## ହୀରାକୁଦ ନିଷିଦ୍ଧାଞ୍ଚଳରେ ମନ୍ତ୍ରୀଙ୍କ ଝିଅ, ୩ ଅଭିନେତ୍ରୀ

ସମ୍ବଲପୁର ହୀରାକୁଦ ଡ୍ୟାମ୍‌ର ନିଷିଦ୍ଧାଞ୍ଚଳରେ ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସଙ୍କ ଝିଅ ଦୀପାଲି ଦାସ, ଓଡ଼ିଆ ଫିଲ୍ମ ଅଭିନେତ୍ରୀ ପ୍ରକୃତି ମିଶ୍ର, ଏଲିନା ସାମନ୍ତରାୟ ଓ ଲୋଭିନା ନାୟକ ଉଠାଇଥିବା ଫଟୋ ଓ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ସହ ବିବାଦ ସୃଷ୍ଟି କରିଥିଲା । ସମ୍ବଲପୁର ଏସ୍‌ପି କନୱର ବିଶାଲ ସିଂ ଉକ୍ତ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ବି ଭୁବନେଶ୍ୱରର ଏକ ଥାନାରେ ଅଭିଯୋଗ ହୋଇଥିଲା ।

## ବର୍ଷ ଆରମ୍ଭରୁ ସିମ୍ରନ



ଚଳିତ ବର୍ଷ ଆରମ୍ଭରୁ ଅଭିନେତ୍ରୀ ସିମରନ୍ ମାରିଓଙ୍କ ମୃତ୍ୟୁକୁ ନେଇ ସାରା ରାଜ୍ୟରେ ଚହଳ ସୃଷ୍ଟି ହୋଇଥିଲା। ସମ୍ବଲପୁର ଜିଲା ବୁର୍ଲା ଥାନା ଅନ୍ତର୍ଗତ ମହାନଦୀ ବ୍ରିଜ୍ ତଳୁ ଜାନୁୟାରୀ ୩ ତାରିଖ ସକାଳ ୯ଟାରେ ସମ୍ବଲପୁରୀ ଆଲବମ୍‌ର ଖ୍ୟାତନାମା ଅଭିନେତ୍ରୀ ସିମରନ୍‌ଙ୍କ ମୃତଦେହ ପୋଲିସ ଉଦ୍ଧାର କରିଥିଲା । ତାଙ୍କୁ ହତ୍ୟାକରି ବ୍ରିଜ ତଳକୁ ଫିଙ୍ଗି ଦିଆଯାଇଥିବା ତାଙ୍କ ପରିବାର ଲୋକେ ଅଭିଯୋଗ କରିଥିଲେ । ‘ସେଲ୍‌ଫି ବେବୋ’, ‘ରିମ୍‌ଝିମ୍ ପାନି’, ‘ଛୁକ୍ ଛୁକ୍ ଛୁକ୍ ଛୁକ୍ ରେଳ ଗାଡି’ ଭଳି ସୁପରହିଟ୍ ଗୀତର ନାୟିକା ସିମରନ୍‌ଙ୍କ ମୃତ୍ୟୁ ଘଟଣାରେ ତାଙ୍କ ତଥାକଥିତ ସ୍ୱାମୀ କୁହାଯାଉଥିବା ଧ୍ରୁବରାଜ ସୁନାଙ୍କୁ ପୋଲିସ ଗିରଫ କରିଥିଲା ।

## ଏନ୍‌ଇଇଟି ଟପ୍ପର ଆଶୁତୋଷ



ସର୍ବଭାରତୀୟ ମେଡିକାଲ ପ୍ରବେଶିକା ପରୀକ୍ଷା (ଏନ୍‌ଇଇଟି) ୨୦୧୯ରେ ବଲାଙ୍ଗୀରର ୟୁବୋଦୟ କଲେଜ ଛାତ୍ର ଆଶୁତୋଷ ପଣ୍ଡା ୭୨୦ରୁ ୬୮୨ ମାର୍କ ରଖି ଓଡିଶା ଟପ୍ପର ହେବା ଚଳିତ ବର୍ଷର ଏକ ବଡ଼ ଖବର ଥିଲା । ସର୍ବଭାରତୀୟସ୍ତରରେ ଆଶୁତୋଷଙ୍କ ର୍ୟାଙ୍କ ୭୩ ରହିଥିଲା । ବଲାଙ୍ଗୀର ସହର ପ୍ୟାଲେସ ପଡିଆ ପାଖ ବାସିନ୍ଦା ରାଜକିଶୋର ପଣ୍ଡା ଓ ସୁଷମା ପାଢ଼ୀଙ୍କ ପୁଅ ଆଶୁତୋଷ ଭୁବନେଶ୍ୱରରେ ଥିବା ୟୁବୋଦୟ ଆଡଭାନ୍ସ କ୍ଲାସେସ୍‌ରେ ଗୋଟିଏ ବର୍ଷ କୋଚିଂ ନେବା ପରେ ଏନ୍‌ଇଇଟି ପରୀକ୍ଷା ଦେଇଥିଲେ ।

## କନିଷ୍ଠ ଯନ୍ତ୍ରୀଙ୍କୁ ଉଠ୍‌ବସ୍



ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ଜୟକାନ୍ତ ଶବରଙ୍କୁ ବିଚ୍ ରାସ୍ତାରେ ସର୍ବସମ୍ମୁଖରେ ଉଠବସ୍ କରିବା ଘଟଣାରେ ବିବାଦୀୟ ହୋଇପଡିଥିଲେ ପାଟଣାଗଡ ବିଧାୟକ ସରୋଜ ମେହେର । ଶେଷରେ ତାଙ୍କୁ ପୋଲିସ ଗିରଫ କରି ଜେଲକୁ ପଠାଇଥିଲା। ଓକିଲଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଯୋଗୁ କୋର୍ଟ ବନ୍ଦ ଥିବାରୁ ପୋଲିସ ବିଧାୟକ ମେହେରଙ୍କୁ ଏଡିଜେ ମମିତା ଦାସଙ୍କ ଆବାସିକ ଅଫିସରେ ପ୍ରଡ୍ୟୁସ୍ କରିଥିଲା । କାର୍ଯ୍ୟବନ୍ଦ ଆନ୍ଦୋଳନରେ ଓକିଲମାନେ ଥିବାରୁ ଏଡିଜେଙ୍କ ସମ୍ମୁଖରେ ବିଧାୟକ ମେହେର ନିଜେ ନିଜର ଜାମିନ୍ ଆବେଦନ କରିଥିଲେ । ହେଲେ କୋର୍ଟ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଥିଲେ ।



ଯିଏ ଖାଦ୍ୟ ସଂଯମ କରିପାରିଛି, ସିଏ ମୁକ୍ତି ଆଡକୁ ବହୁଦୂର ଆଗେଇ ଯାଇଛି।
- ସେନେକା



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଅଲ ଓଡ଼ିଶା ଟ୍ରେଜେରି ମିନିଷ୍ଟ୍ରିଆଲ ଅଫିସର୍ସ ଆସୋସିଏଶନର ୧୧ତମ ଦ୍ୱିବାର୍ଷିକ ସମ୍ମିଳନୀ, ରେଡକ୍ରସ ଭବନ, ପୂର୍ବାହ୍ନ ୧୦ଟା।
- ବାଣୀ ବିହାରର ଷ୍ଟାଟିଷ୍ଟିକ୍ସ ବିଭାଗ ପକ୍ଷରୁ ଅନ୍ତର୍ଜାତୀୟ ସମ୍ମିଳନୀ ଉଦ୍‌ଘାଟନ, ଅଡିଟୋରିୟମ, ଇନଷ୍ଟିଚ୍ୟୁଟ ଅଫ ଫିଜିକ୍ସ, ପୂର୍ବାହ୍ନ ୧୦ଟା।
- ୨୨ତମ ରାଜ୍ୟସ୍ତରୀୟ ଶିଶୁ ପ୍ରତିଭା ମହୋତ୍ସବର ଉଦ୍‌ଯାପନ ସଭା, ସୂଚନା ଭବନ, ପୂର୍ବାହ୍ନ ୧୧ଟା।
- ସେଣ୍ଟ ଜାଭିୟର ହାଇସ୍କୁଲ ପକ୍ଷରୁ କ୍ରିସମାସ ପାଳନ, କ୍ୟାମ୍ପସ ପରିସର, ସାମନ୍ତରାପୁର, ପୂର୍ବାହ୍ନ ୧୧ଟା।
- ଓୟୁଏଟିର ୩୮ତମ ସମାବର୍ତ୍ତନ ଉତ୍ସବ, ଡ.ଏମ୍.ଏସ୍. ସ୍ୱାମୀନାଥନ କନଫରେନ୍ସ ହଲ, ଓୟୁଏଟି, ପୂର୍ବାହ୍ନ ୧୧ଟା ୩୦।
- ଜାତୀୟ ହସ୍ତଶିଳ୍ପ ତୋଷାଳି ମେଳା, ଜନତା ମଇଦାନ, ପୂର୍ବାହ୍ନ ୧୧ଟାରୁ ରାତି ୯ଟା ୩୦।
- ଭିମସାର ୧୯୬୫ ବର୍ଗର ୫୫ତମ ବାର୍ଷିକ ଏବଂ ପ୍ରଥମ ସାରସ୍ୱତ ଉତ୍ସବ, ପ୍ରେସ କ୍ଲବ, ଅପରାହ୍ନ ୪ଟା।
- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ାର ଉଦ୍‌ଯାପନୀ ଉତ୍ସବ, ସ୍କୁଲ ପରିସର, ନୀଳାଦ୍ରି ବିହାର, ଚନ୍ଦ୍ରଶେଖରପୁର, ଅପରାହ୍ନ ୪ଟା ୩୦।
- ନିର୍ମାଣ ଏଜୁକେଶନାଲ ଟ୍ରଷ୍ଟ ପକ୍ଷରୁ ୨୧ତମ ନିର୍ମାଣ ପ୍ରତିଭା ସମ୍ମାନ, ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୬ଟା।
- ଭୁବନେଶ୍ୱର ମ୍ୟୁଜିକ ସର୍କଲ ପକ୍ଷରୁ ସଙ୍ଗୀତଭିତ୍ତିକ କାର୍ଯ୍ୟକ୍ରମ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୭ଟା।

**କଟକ**

- ହାଇକୋର୍ଟ ବାର୍ ଆସୋସିଏଶନ ପକ୍ଷରୁ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, କନଭେନଶନ ହଲ୍, ଆସୋସିଏଶନ ପରିସର, ସକାଳ ୮ଟା।
- କେନ୍ଦ୍ରୀୟ ବିଦ୍ୟାଳୟ ନଂ.୧ ପକ୍ଷରୁ ୪୦ତମ ବାର୍ଷିକ ସ୍ପୋର୍ଟ୍ସ ମିଟ୍, ସେକ୍ଟର-୧, ବିଡ଼ାନାସୀ, ସକାଳ ୯ଟା।
- ଦିବ୍ୟାଙ୍ଗମାନଙ୍କୁ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ ଏବଂ ହ୍ୱିଲ ଚେୟାର ବଣ୍ଟନ, ନେହେରୁ ନୋଡାଲ ଉଚ୍ଚ ବିଦ୍ୟାପୀଠ, ନେହେରୁପାଲି, ସକାଳ ୯ଟା ।
- କଳ୍ପନା ସାହିତ୍ୟ, ସାଂସ୍କୃତିକ ଓ ସାମାଜିକ ପରିଷଦର ଚତୁର୍ଦ୍ଦଶ ସ୍ୱନକ୍ଷତ୍ର ଉତ୍ସବ ଅବସରରେ ଜାତୀୟ ଆଲୋଚନାଚକ୍ର, ଟାଉନ ହଲ୍, ଅପରାହ୍ନ ୪ଟା ।
- ଉତ୍କଳ ସାହିତ୍ୟ କଳା ପରିଷଦ ପକ୍ଷରୁ 'ଡ. ଶ୍ୟାମାମଣୀ ଦେବୀଙ୍କ ସଂଗୀତ ସାଧନାର ୭୦ ବର୍ଷ ପୂର୍ତ୍ତି ସମାରୋହ', ସାରଳା ଭବନ, ସନ୍ଧ୍ୟା ୬ଟା।

**ଖୋର୍ଦ୍ଧା**

- ଆଇଆଇଟି କଲେଜର ୫୪ତମ ଆନ୍ତଃ ଖେଳର ଉଦ୍‌ଯାପନ ଉତ୍ସବ, କଲେଜର ହକି ପଡ଼ିଆ, ଅରଗୁଳ, ସନ୍ଧ୍ୟା ୬ଟା।

## କାମ କରିବାକୁ ନ ଆସିବାରୁ ଆକ୍ରମଣ, ମାଲିକ ସମେତ ୨ ଗିରଫ

**ଭୁବନେଶ୍ୱର,୨୦।୧୨(ବ୍ୟୁରୋ):** ଶହୀଦନଗର ଥାନା ଅଞ୍ଚଳରେ ଥିବା ଏକ ହୋଟେଲରେ କାମ କରିବାକୁ ନ ଆସିବାରେ ଘରେ ପଶି ସ୍ତ୍ରୀ ଓ ସ୍ୱାମୀକୁ ମାଡ ମାରିବା ଅଭିଯୋଗ ପୋଲିସ ୨ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ହୋଟେଲ ମାଲିକ କେଶୁରାର ମନୋଜ ସାହୁ ଓ ଲକ୍ଷ୍ମଣ ପ୍ରଧାନ। ସୂଚନା ଅନୁଯାୟୀ, ଅଭିଯୋଗକାରୀ ଲିଜା ପ୍ରଧାନଙ୍କ ସ୍ୱାମୀ ଟିକିନା ରାଉତ କେଶୁରାରେ ଥିବା ମନୋଜଙ୍କ ହୋଟେଲରେ କାମ କରନ୍ତି। ହେଲେ ଗୁରୁବାର କୌଣସି ସମସ୍ୟା ପାଇଁ ଟିକିନା କାମ କରିବାକୁ ଯାଇପାରି ନ ଥିଲେ। ଏହି କାରଣରୁ ମନୋଜ ଏବଂ ତା'ର ସହଯୋଗୀ ଲକ୍ଷ୍ମଣ ଟିକିନାଙ୍କ ଘରେ ପଶି ସ୍ତ୍ରୀ ଓ ସ୍ୱାମୀଙ୍କୁ ମାଡ ମାରିଥିଲେ। ପରେ ଏ ନେଇ ଟିକିନାଙ୍କ ସ୍ତ୍ରୀ ଥାନାରେ ଅଭିଯୋଗ କରିବା ପୋଲିସ ଉଭୟଙ୍କୁ ଧରିଥିଲା।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।



'ଶ୍ରେଷ୍ଠ ଟେଲି ଧାରାବାହିକ' 'ରହିଛି ରହିବି ତୋରି ପାଇଁ'ର ପ୍ରଦ୍ୟୁମ୍ନ ଲେଙ୍କାଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

**୭ମ ରାଜ୍ୟ ଟେଲି ପୁରସ୍କାର ଉତ୍ସବ**



ସୋଫିଆ ସିକନ୍ଦର ଆଲାମ



ସୋନାଲି ନାୟକ

# ଶ୍ରେଷ୍ଠ ଟେଲି ଚଳଚ୍ଚିତ୍ର 'ପେନ୍‌ସନ' ଓ 'ପାଇକ ବିଦ୍ରୋହ'

- ସୋଫିଆ, ସୋନାଲି 'ଶ୍ରେଷ୍ଠ ଅଭିନେତ୍ରୀ'
- 'ଶ୍ରେଷ୍ଠ ଅଭିନେତା' ଜୟନ୍ତ ସାନ୍ତ୍ରା

**ଭୁବନେଶ୍ୱର, ୨୦।୧୨(ବ୍ୟୁରୋ)**

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଶୁକ୍ରବାର ଉତ୍କଳ ମଣ୍ଡପରେ ୭ମ ରାଜ୍ୟ ଟେଲି ପୁରସ୍କାର ଉତ୍ସବ-୨୦୧୮ ଅନୁଷ୍ଠିତ ହୋଇଯାଇଛି। 'ପେନ୍‌ସନ' ଓ 'ପାଇକ ବିଦ୍ରୋହ'କୁ 'ଶ୍ରେଷ୍ଠ ଟେଲି ଚଳଚ୍ଚିତ୍ର'ଭାବେ ପୁରସ୍କୃତ କରାଯାଇଛି। 'ପେନ୍‌ସନ' ପାଇଁ ପ୍ରଯୋଜକ ମାଥ୍ୟୁଜେନି ଜୋସେଫ୍ ଓ ଶିଲାକ୍ରିଷ୍ଣା ଶୁକ୍ଳା ଏବଂ 'ପାଇକ ବିଦ୍ରୋହ'ର ନିର୍ଦ୍ଦେଶକ ଅନୁଜ ତ୍ୟାଗୀ ଓ ନିଶ୍ଚୟ ରାଉତ ସମ୍ମାନିତ ହୋଇଛନ୍ତି। ସେହିପରି ପ୍ରଦ୍ୟୁମ୍ନ କୁମାର ଲେଙ୍କାଙ୍କ 'ରହିଛି ରହିବି ତୋରି ପାଇଁ'କୁ 'ଶ୍ରେଷ୍ଠ ଟେଲି ଧାରାବାହିକ' ଓ ଏହି ଧାରାବାହିକର ହରିଶ୍ ମହାନ୍ତିଙ୍କୁ 'ଶ୍ରେଷ୍ଠ ନିର୍ଦ୍ଦେଶକ' ଭାବେ ସମ୍ମାନିତ କରାଯାଇଛି। 'ପେନ୍‌ସନ' ପାଇଁ ଜୟନ୍ତ ସାନ୍ତ୍ରାଙ୍କୁ 'ଶ୍ରେଷ୍ଠ ଅଭିନେତା' ଏବଂ 'ରହିଛି ରହିବି ତୋରି ପାଇଁ'ର ସୋଫିଆ ସିକନ୍ଦର ଆଲାମ ଓ 'କମଲି'ର ସୋନାଲି ନାୟକଙ୍କୁ 'ଶ୍ରେଷ୍ଠ ଅଭିନେତ୍ରୀ' ସମ୍ମାନ ପ୍ରଦାନ କରାଯାଇଛି। ଟେଲି ଧାରାବାହିକ 'କମଲି'ର ମହମ୍ମଦ ବବଲୁଙ୍କୁ 'ଶ୍ରେଷ୍ଠ ପାର୍ଶ୍ୱ-ଅଭିନେତା', 'ରହିଛି ରହିବି ତୋରି ପାଇଁ'ର ପ୍ରିୟଙ୍କା ମହାପାତ୍ରଙ୍କୁ 'ଶ୍ରେଷ୍ଠ ପାର୍ଶ୍ୱ-ଅଭିନେତ୍ରୀ', 'ରୁପା ଜହ୍ନ'ର ଗୋପାଳ ଶର୍ମାଙ୍କୁ 'ଶ୍ରେଷ୍ଠ ପାର୍ଶ୍ୱ-ଖଳନାୟକ' ଓ 'ତୋ ପାଇଁ ମୁଁ'ର ନିର୍ଝରିଣୀ ମିଶ୍ରଙ୍କୁ 'ଶ୍ରେଷ୍ଠ ପାର୍ଶ୍ୱ-ଖଳନାୟିକା', କିଶୋର ରଥଙ୍କୁ 'ଶ୍ରେଷ୍ଠ କମେଡିଆନ୍', ସାଇସ୍ୱରୂପ ମିଶ୍ରଙ୍କୁ 'ଶ୍ରେଷ୍ଠ ଶିଶୁ କଳାକାର', 'ପେନ୍‌ସନ'ର ବିଶାଳ ପଟ୍ଟନାୟକଙ୍କୁ 'ଶ୍ରେଷ୍ଠ କାହାଣୀ', 'ରୁପା ଜହ୍ନ' ପାଇଁ ପ୍ରସନ୍ନ କରଙ୍କୁ 'ଶ୍ରେଷ୍ଠ ସଂଳାପ ଲେଖକ', ଆତ୍ମାନନ୍ଦ ନାୟକଙ୍କୁ 'ଶ୍ରେଷ୍ଠ ସ୍କ୍ରିନ୍ ପ୍ଲେ', 'ପାଇକ ବିଦ୍ରୋହ' ପାଇଁ ଆର୍ଚିତ୍ ଡି ରସ୍ତୋଗୀଙ୍କୁ 'ଶ୍ରେଷ୍ଠ ସମ୍ପାଦନା' ପୁରସ୍କାର ପ୍ରଦାନ କରାଯାଇଛି। ପ୍ରତାପ ରାଉତଙ୍କୁ 'ପାଇକ ବିଦ୍ରୋହ' ପାଇଁ 'ଶ୍ରେଷ୍ଠ ଫଟୋଗ୍ରାଫର୍', ସରୋଜ ପଟ୍ଟନାୟକଙ୍କୁ 'ଶ୍ରେଷ୍ଠ ସାଉଣ୍ଡ୍ ରେକର୍ଡିଷ୍ଟ'ଭାବେ ପୁରସ୍କାର ପ୍ରଦାନ କରାଯାଇଛି। ସେହିପରି ଟେଲି ଧାରାବାହିକ 'ପାଇକ ବିଦ୍ରୋହ' ପାଇଁ ଅକ୍ଷୟ କୁମାର ପରିଡାଙ୍କୁ 'ସ୍ୱତନ୍ତ୍ର ଜୁରି ଆୱାର୍ଡ', ଓଡ଼ିଶାର ଆଦିବାସୀ ଭାଷାରେ ନିର୍ମିତ 'କମଲି'ର ଚିନ୍ତାମଣି ବେହେରାଙ୍କୁ 'ଶ୍ରେଷ୍ଠ ଟେଲି ଫିଲ୍ମ' ଏବଂ 'ଗାନ୍ଧୀ ଆସୁଛନ୍ତି' ପାଇଁ ସୁନୀଲ କୁମାର ଦାସ 'ଶ୍ରେଷ୍ଠ ଶିକ୍ଷା ଭିତ୍ତିକ ଶିଶୁ ଟେଲି ଫିଲ୍ମ' ପୁରସ୍କାର ଗ୍ରହଣ କରିଛନ୍ତି। କାର୍ଯ୍ୟକ୍ରମରେ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ବିଭାଗୀୟ ପ୍ରମୁଖ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀ, ଯୁଗ୍ମ ନିର୍ଦ୍ଦେଶକ ସଂଘମିତ୍ରା ଶତପଥୀ, ଓଡ଼ିଶା ସଙ୍ଗୀତ ଏକାଡେମୀ ସଚିବ ବିଜୟ କୁମାର ଜେନା, ଡା. ଶୈଳେଶ୍ୱର ନନ୍ଦ ଅତିଥିଭାବେ ଯୋଗ ଦେଇଥିଲେ। ଏହି ଅବସରରେ ରାଜ୍ୟ ଟେଲି ପୁରସ୍କାର ଜୁରି ଅଧ୍ୟକ୍ଷ ଡା. ଶୈଳେଶ୍ୱର ନନ୍ଦ, ସଦସ୍ୟ ଗବେଷକ ମନ୍ମଥ ଶତପଥୀ, ନୃତ୍ୟବିଦୂଷୀ ଡ. ସ୍ନେହପ୍ରଭା ସାମନ୍ତରାୟ, କଣ୍ଠଶିଳ୍ପୀ ଗୀତା ଦାସ, ସୁବାସ ଦାସ ଓ ସିନେ ସାମ୍ବାଦିକ ଅଶୋକ ପାଲିତ ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା। ଶେଷରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।



ଉତ୍ସବରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।



ସୌନ୍ଦର୍ଯ୍ୟକରଣ ପାଇଁ କଟକ ବାରବାଟୀ ଷ୍ଟାଡିୟମ୍ ସମ୍ମୁଖ ରାସ୍ତା ପାଚେରିକୁ ରଙ୍ଗତୂଳୀରେ ନୂତନ ରୂପରେଖ ଦିଆଯାଉଛି।

## ଗୀତି ଗୀତିକାରେ ଝୁମିଲେ ଦର୍ଶକ

**ଭୁବନେଶ୍ୱର, ୨୦।୧୨(ବ୍ୟୁରୋ):** 'ଦି ହେଭେନସ୍ ଗ୍ରୁପ୍' ପକ୍ଷରୁ ସୂଚନା ଭବନଠାରେ ଶୁକ୍ରବାର ସଙ୍ଗୀତ ଭିତ୍ତିକ କାର୍ଯ୍ୟକ୍ରମ 'ଗୀତି ଗୀତିକା' ଅନୁଷ୍ଠିତ ହୋଇଯାଇଛି। ମୋହେ ରଙ୍ଗ ଦୋ ଲାଲ, ଫୁଲ ଗେନ୍ଦୱାନା ମାରୋ, ସାରି ସାରି ରାତ୍ ତେରି, ଏକ୍ ପ୍ୟାର୍ କା ନଗମା ହୋ ଆଦି ମନଛୁଆଁ ଶୁକ୍ରବାର ଆସରକୁ ବେଶ୍ ସୁମଧୁର କରିଥିଲା। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ନିର୍ଦ୍ଦେଶକ ଓ ଅଭିନେତା ମନୋଜ ପଟ୍ଟନାୟକ, ସଙ୍ଗୀତ ନିର୍ଦ୍ଦେଶକ ସୁବାସ ରାମ, ସାମାଜିକ କର୍ମୀ ପ୍ରୀତିନନ୍ଦା ରାଉତରାୟ, ସାମାଜିକ କର୍ମୀ ଦିପ୍ତୀ ମହାନ୍ତି, ଅନୁଷ୍ଠାନର ସଭାପତି ବିଜୟ ପଟ୍ଟନାୟକ ଏବଂ ଗ୍ରୁପ୍ ମୁଖ୍ୟ ସୁଶାନ୍ତ ପଣ୍ଡା ଯୋଗଦେଇଥିଲେ। ସନ୍ଧ୍ୟାରେ ବାଜିରାଓ ମସ୍ତାନୀ, ଦୁଜ୍ କା ଚନା, ମୈନେ ପ୍ୟାର କିୟା, ପରିଣିତା, ହାଓଡ଼ା ବ୍ରିଜ୍ ଆଦି ପୁରୁଣା ବଲିଉଡ୍ ସିନେମାର ହିଟ୍ ଗୀତ ପରିବେଷଣ ହୋଇଥିଲା। କଣ୍ଠଶିଳ୍ପୀ ମୁନ୍‌ମୁନ୍ ପଟ୍ଟନାୟକ, ଆୟୁଷ୍ମାନ ପଣ୍ଡା, ଶୁଭଶ୍ରୀ, ବୈଷ୍ଣବୀ, ପ୍ରତୀତି ସାହୁ, ଇହୀତା, ଶିବ ପ୍ରସାଦ, ଅର୍ଣ୍ଣବ ପଣ୍ଡା ପ୍ରମୁଖ ସୁମଧୁର କଣ୍ଠରେ ବଲିଉଡ୍ ସଙ୍ଗୀତ ପରଷିଥିଲେ।

## ବାରବାଟୀର ପ୍ରଚ୍ଛଦପଟ ନାୟକ 'ଶରତ'

**କଟକ ଅଫିସ,୨୦।୧୨**

ଶୀତ ସକାଳ ହେଉ କି ଟାଣ ଖରା, ଗ୍ରାଉଣ୍ଡରେ ନିଜର ଅଧିକାଂଶ ସମୟ ଦେଇଥାନ୍ତି ଶରତ ଚନ୍ଦ୍ର ସାହୁ। ବାରବାଟୀ ପାଇଁ ସେ ଦିନରାତି ସମାନ କରି ଖଟି ଚାଲିଛନ୍ତି। ଗ୍ରାଉଣ୍ଡସ୍ମ୍ୟାନ ଭାବେ ପରିଚିତ ଏହି ବ୍ୟକ୍ତି ଆସନ୍ତା ଅନ୍ତର୍ଜାତୀୟ ମ୍ୟାଚ୍‌ର ହେଉଛନ୍ତି ପ୍ରଚ୍ଛଦପଟ ନାୟକ। ତାଙ୍କରି ହାତରେ ସଜେଇ ହେଉଛି ବାରବାଟୀର ପିଚ୍ ଆଉ ଆଉଟ୍‌ଫିଲ୍ଡ। ବିସିସିଆଇର ପିଚ୍ କ୍ୟୁରେଟର ଆସି ଗ୍ରୀନ ସିଗ୍ନାଲ ଦେବା ପୂର୍ବରୁ ଏଥିରେ କେବଳ ଶରତଙ୍କ ପରିଶ୍ରମ ହିଁ ପ୍ରତିଫଳିତ ହୁଏ।

ଶରତଙ୍କ ବୟସ ୬୫ ଟପିଲାଣି। ଷ୍ଟାଡିୟମକୁ ଯେତେବେଳେ ବି ଯାଅନା କାହିଁକି ଗ୍ରାଉଣ୍ଡରେ ଜଣେ ବ୍ୟକ୍ତି ସବୁବେଳେ ଦେଖିବାକୁ ମିଳନ୍ତି । କେଉଁଠାରେ ଘାସ କଟାଯିବ, କେଉଁଠାରେ ପାଣିପଡ଼ିବ ସେ ସବୁ ତଦାରଖ କରୁଥିବା ଦେଖିବାକୁ ମିଳେ। ଗତ ୧୯୯୩ ମସିହାରୁ ଶରତ ବାରବାଟୀ ଗ୍ରାଉଣ୍ଡକୁ ସମ୍ଭାଳି ଆସୁଛନ୍ତି। ଏହା ପୂର୍ବରୁ ସେ କୋଲକାତାର ଇଡେନ ଗାର୍ଡେନରେ ସହାୟକ ଗ୍ରାଉଣ୍ଡସ୍ମ୍ୟାନ ଭାବେ କାମ କରୁଥିଲେ। ଶରତ ବାରବାଟୀରେ କାର୍ଯ୍ୟ କରିବା ପରେ ଏହି ଗ୍ରାଉଣ୍ଡ ଏକ ବିଶ୍ୱ କୀର୍ତ୍ତିମାନ ରଚିଥିଲା। ୧୯୯୮ ମସିହା ଏପ୍ରିଲ ୯ ତାରିଖରେ ଭାରତ-ଜିମ୍ବାୱେ ବିପକ୍ଷ ମ୍ୟାଚ୍‌ରେ ମହମ୍ମଦ ଆଝାରୁଦ୍ଦିନ ଓ ଅଜୟ ଜାଡ଼େଜା ୪ର୍ଥ ଉଇକେଟ ଭାଗୀଦାରିରେ ୨୭୫ରନ ସଂଗ୍ରହ କରିଥିଲେ, ଯାହା ଏ ପର୍ଯ୍ୟନ୍ତ ଏକଦିବସୀୟ କ୍ରିକେଟ ଇତିହାସରେ ୪ର୍ଥ ଉଇକେଟ ଭାଗୀଦାରିର ସର୍ବାଧିକ ସ୍କୋର। ଏହାପରେ ଗତ ୨୦୧୭ରେ ମଧ୍ୟ ସମାନ ଉଇକେଟ ଭାଗୀଦାରିରେ ଏକ ବିଶାଳ ଇନିଂସ ଦେଖିବାକୁ ମିଳିଥିଲା। ଯୁବରାଜ ସିଂ-ମହେନ୍ଦ୍ର ସିଂ ଧୋନୀ ୨୫୬ରନ କରିଥିଲେ। ଶରତଙ୍କର ଗୋଟିଏ ଇଚ୍ଛା, ବାରବାଟୀରେ ଭଲ ସ୍କୋର ହେଉ। ପିଚ୍ ଓ ଆଉଟ୍‌ଫିଲ୍ଡ କିଭଳି ଭଲ ରହିବ ସେଥିପାଇଁ ଶରତ ସବୁବେଳେ ପରିଶ୍ରମ କରୁଥାନ୍ତି। କଟକଣା ଲାଗୁ ହୋଇ ସାରିଥିବାରୁ ଶରତ ନିଜର ପ୍ରତିକ୍ରିୟା ଦେବାକୁ ମନା କରିଥିଲେ।



ଶରତ ଚନ୍ଦ୍ର ସାହୁ

## ବଜ୍ରକାପ୍ତା ଚୋରାଚାଲାଣ: ମୁଖ୍ୟ ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର,୨୦।୧୨(ବ୍ୟୁରୋ)**

ବଜ୍ରକାପ୍ତା ଚୋରା ଚାଲାଣ ମାମଲାରେ ମୁଖ୍ୟ ଅଭିଯୁକ୍ତଙ୍କୁ ଶୁକ୍ରବାର ପୋଲିସ କଟକ ଜିଲାର ଆଠଗଡ଼ରୁ ଗିରଫ କରିଛି। ସେ ହେଲେ କଟକ ନରସିଂହପୁରର ମାଧବ ଚନ୍ଦ୍ର ପାତ୍ର। ଅନ୍ୟପକ୍ଷରେ ରାଜ୍ୟରେ ବଜ୍ରକାପ୍ତା ଚୋରା ଚାଲାଣରେ ଅନ୍ତର୍ଜାତୀୟ ର୍‍ୟାକେଟ ସମ୍ପୃକ୍ତ ଥିବା ନେଇ ଅନ୍ୟ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ରାଜ୍ୟ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ ଏସ୍‌ଟିଏଫ୍ ଟିମ୍ ପ୍ରଥମ ଥର ବିଦେଶ ଗସ୍ତ କରିବ। ଏଥିଲାଗି ଏସ୍‌ଟିଏଫ୍ ମ୍ୟାନମାର ସରକାରଙ୍କୁ 'ରୋଗାଟୋରି ଲେଟର' ପଠାଇଛି। ମ୍ୟାନମାର ସରକାରଙ୍କ ନିର୍ଦ୍ଦେଶ ମିଳିବା ପରେ ଇଣ୍ଟର ପୋଲ୍ ସହାୟତାରେ ଏସଟିଏଫର ଏକ ସ୍ୱତନ୍ତ୍ର ଟିମ୍ ଖୁବଶୀଘ୍ର ସେଠାକୁ ଯିବ। ସୂଚନା ମୁତାବକ ଗତ ବର୍ଷ ୫ ବଜ୍ରକାପ୍ତା ଚାଲାଣକାରୀଙ୍କୁ ନୟାଗଡ଼ ଜିଲାର ଦଶପଲ୍ଲାରୁ ଗିରଫ କରାଯିବା ସହ ସେମାନଙ୍କ ନିକଟରୁ ୫ କଙ୍କାଳ ଜବତ କରାଯାଇଥିଲା। ମ୍ୟାନମାରର ୪ଜଣ ନାଗରିକଙ୍କ ସହ ଦଶପଲ୍ଲାର ୫ ବଜ୍ରକାପ୍ତା ଚାଲାଣକାରୀଙ୍କ ସହ ସମ୍ପର୍କ ଥିବା ପଦାକୁ ଆସିଥିଲା। ନୟାଗଡ କୋର୍ଟ ସିବିଆଇ ଜରିଆରେ ଇଣ୍ଟରପୋଲ୍ ସହାୟତା ନେଇ ଚିଠି ଲେଖିଥିଲେ। ଏହାପରେ ନୋଡାଲ୍ ଏଜେନ୍ସି ଓଡିଶା କ୍ରାଇମବ୍ରାଞ୍ଚର ଏସ୍‌ଟିଏଫ୍‌କୁ ତଥ୍ୟ ଯୋଗାଇ ଦେଇଥିଲା। ମ୍ୟାନ୍‌ମାରର ନାଗରିକମାନଙ୍କ ସମ୍ପର୍କରେ ସବିଶେଷ ତଥ୍ୟ ଜାଣିବା ନେଇ ଏସଟିଏଫ ଏହି 'ରୋଗାଟୋରି ଲେଟର' ପଠାଇଛି। ଏହାର ଉତ୍ତର ଆସିବା ପରେ ଉକ୍ତ ତଥ୍ୟକୁ ଆଧାର କରି ଏସ୍‌ଟିଏଫ୍‌ର ଏକ ଟିମ୍ ସରକାରୀ ଭାବେ ସମ୍ପୃକ୍ତ ମ୍ୟାନମାର ନାଗରିକଙ୍କୁ ଜେରା କରିବା ପାଇଁ ଯାତ୍ରା କରିବ ବୋଲି ସୂଚନା ମିଳିଛି।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



ସତ୍ୟରଞ୍ଜନ



ପ୍ରଜ୍ଞାଶ୍ରୀ



ସାଲୋନୀ



ହରପ୍ରସାଦ



ଆଶିଷ



ଆଲୋକ

ଏଠାରେ ନାହିଁ? ଦେଖନ୍ତୁ ଆପଣଙ୍କ ସେଲ୍‌ଫି ଫଟୋ
www.dharitri.com/category/selfie/



ସତ୍ୟ ଓ ଆଲୋକ ଦୁଇଟି ଯାକ ସମାନ।। ଦୁହିଁଙ୍କର ପଥ ଗୋଟିଏ ସରଳରେଖାରେ ହିଁ ଗତି କରେ।

- ଆବ୍ରାହମ ଲିଙ୍କନ



## ସଂକ୍ଷେପରେ

### ଆଜି ଓୟୁଏଟିର ସମାବର୍ତ୍ତନ ଉତ୍ସବ

**ଭୁବନେଶ୍ୱର, ୨୦।୧୨(ବ୍ୟୁରୋ):** ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ଶନିବାର ୩୮ତମ ସମାବର୍ତ୍ତନ ଉତ୍ସବ। ଏହି ଅବସରରେ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଡ. ପି.କେ. ମିଶ୍ର ଓ ନାଲ୍କୋର ପୂର୍ବତନ ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ଇଞ୍ଜିନିୟର ଅଂଶୁମାନ ଦାସଙ୍କୁ ଅନରାରି ଡକ୍ଟରେଟ୍(ଅନରିସ୍ କଜା) ପ୍ରଦାନ କରାଯିବ। ସମାବର୍ତ୍ତନ ଉତ୍ସବରେ ରାଜ୍ୟପାଳ ତଥା ବିଶ୍ୱବିଦ୍ୟାଳୟ କୁଳାଧିପତି ପ୍ରଫେସର ଗଣେଶୀ ଲାଲ୍ ପୌରୋହିତ୍ୟ କରିବେ। ଅନ୍ୟମାନଙ୍କ ମଧ୍ୟରେ ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ, ବିଶ୍ୱବିଦ୍ୟାଳୟ କୁଳପତି ଡ. ପଦ୍ମନ କୁମାର ଅଗ୍ରୱାଲ ଯୋଗଦେବେ। ମୁଖ୍ୟଅତିଥି ଭାବେ ଇମ୍ଫାଲସ୍ଥିତ କେନ୍ଦ୍ରୀୟ କୃଷି ବିଶ୍ୱବିଦ୍ୟାଳୟର ଭିସି ଏସ୍. ଆୟାପ୍ପାନ ଯୋଗଦେଇ ଦୀକ୍ଷାନ୍ତ ଭାଷଣ ପ୍ରଦାନ କରିବେ।

### ସଡ଼କ ଦୁର୍ଘଟଣା: ଜଣେ ମୃତ, ଜଣେ ଗୁରୁତର

**ଖୋର୍ଦ୍ଧା ଅଫିସ,୨୦।୧୨:** ଖୋର୍ଦ୍ଧା ଓ ନୟାଗଡ ଜିଲାର ସୀମାନ୍ତ ଅଞ୍ଚଳ ମଲାଗୁଣୀ ନଦୀ ବ୍ରିଜ ନିକଟରେ ଶୁକ୍ରବାର ଏକ ବାଇକ୍ ଦୁର୍ଘଟଣା ଘଟିଛି। ଏଥିରେ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ଖବରପାଇ ଖଡିପଦର ଅଞ୍ଚଳର ବାସିନ୍ଦା ଉଭୟଙ୍କୁ ଆମ୍ବୁଲାନ୍ସରେ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ସେମାନଙ୍କ ପରିଚୟ ଜଣାପଡିନାହିଁ। ଭୁବନେଶ୍ୱରର ଦୁଇ ଯୁବକ ରଣପୁରରୁ ନୂଆ ଜଗନ୍ନାଥ ସଡକରେ ଭୁବନେଶ୍ୱରକୁ ଶୁକ୍ରବାର ସନ୍ଧ୍ୟାରେ ଫେରୁଥିଲେ।

### ବାଇକ୍ ଡିକି ଭାଙ୍ଗି ଚୋରି

**ପୁରୀ ଅଫିସ,୨୦।୧୨:** ଶୁକ୍ରବାର ବାଇକ୍ ଡିକି ଭାଙ୍ଗି ଦୁର୍ବୃତ୍ତ ୩ ମୋବାଇଲ ଚୋରି କରି ନେଇଯାଇଥିବା ନେଇ ସିଂହଦ୍ୱାର ଥାନାରେ ଅଭିଯୋଗ ହୋଇଛି। ପ୍ରକାଶ ଯେ, ନରସିଂହପୁରର ପ୍ରକାଶ ନାୟକ ନିଜ ବନ୍ଧୁଙ୍କ ସହ ପୁରୀ ଆସିଥିଲେ। ଏକ ଧର୍ମଶାଳା ଆଗରେ ବାଇକକୁ ପାର୍କିଂ କରି, ୩ ମୋବାଇଲ ଡିକିରେ ରଖି ଶ୍ରୀମନ୍ଦିର ଦର୍ଶନରେ ଯାଇଥିଲେ। ଫେରିବାବେଳେ ଡିକି ଭଙ୍ଗାଯାଇଥିବା ଏବଂ ମୋବାଇଲ ନ ଥିବା ଦେଖିବାକୁ ପାଇଥିଲେ।

### ଯୁବକଙ୍କ ମୃତଦେହ ଉଦ୍ଧାର

**ପୁରୀ ଅଫିସ,୨୦।୧୨:** ବାସେଳିସାହି ଥାନା ମାର୍କଣ୍ଡେଶ୍ୱର ବିମାନବଡୁ ସାହିର ବୁଧୁରାମ ପଣ୍ଡା ନାମକ ଯୁବକଙ୍କ ମୃତଦେହ ଶୁକ୍ରବାର ପୋଲିସ ଉଦ୍ଧାର କରିଛି। ସେ ନିଜ ହୋଟେଲ ଆଜବେଷ୍ଟସରେ ଝୁଲି ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି। ତେବେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ପୋଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ଲାଗି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇବା ସହ ଥାନାରେ ଅପମୃତ୍ୟୁ ମାମଲା ରୁଜୁ କରିଛି।

# ମହାବୀରର ମୃତ୍ୟୁର କାର୍ଯ୍ୟାନୁଷ୍ଠାନକୁ ଅପେକ୍ଷା

**ଭୁବନେଶ୍ୱର, ୨୦।୧୨(ବ୍ୟୁରୋ)**



- ପଦାରେ ପଡ଼ିଲା ବନ ବିଭାଗର ପାରିବାପଣିଆ
- ବ୍ୟାଘ୍ର ପ୍ରକଳ୍ପ ବିଫଳ ହୋଇନାହିଁ: ପିସିସିଏଫ୍

ଆନ୍ତଃ ରାଜ୍ୟ ବ୍ୟାଘ୍ର ସ୍ଥାନାନ୍ତରଣ ପ୍ରକଳ୍ପ ବନ୍ଦ ହେଲା। ଏବେ 'ସୁନ୍ଦରୀ' ନିଜ ଘରକୁ ଫେରିଯିବ। କିନ୍ତୁ ଏହା ଭିତରେ ଅନେକ ପ୍ରଶ୍ନ ଅସମାହିତ ରହିଗଲା। କାହା ଯୋଗୁ ୨ଟି ବାଘ ମହାବୀର ଓ ସୁନ୍ଦରୀ ଏତେ କଷ୍ଟ ପାଇଲେ। ମହାବୀର ସିନା ମରିଗଲା, ହେଲେ ସୁନ୍ଦରୀ ମଧ୍ୟ କିଛି କମ୍ କଷ୍ଟ ପାଇ ନାହିଁ। ଓଡ଼ିଶାର ଅପାରଗ ବନ ଅଧିକାରୀଙ୍କ ପାଇଁ ମହାବୀରର ମୃତ୍ୟୁ ହେଲା। ମହାବୀର ମଲା ପରେ ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପର ମୁଣ୍ଡିଆଳମାନେ କହିଥିଲେ, ଶିକାର ହୋଇନି କି ଅବହେଳା ହୋଇନି। କିନ୍ତୁ ସେତେବେଳେ ସେହି କଥାକୁ ବିଶେଷଜ୍ଞମାନେ ଖାରଜ କରିଥିଲେ ଏବଂ ସମ୍ପୃକ୍ତ ଅଧିକାରୀମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ଜାତୀୟ ବ୍ୟାଘ ସଂରକ୍ଷଣ କର୍ତ୍ତୃପକ୍ଷ (ଏନ୍ଟିସିଏ)ଙ୍କୁ ଅନୁରୋଧ କରିଥିଲେ। ହେଲେ ବନ ବିଭାଗର ବଡ଼ ବଡ଼ ଅଧିକାରୀମାନେ ସେତେବେଳେ ସେହି ରିପୋର୍ଟକୁ ଚାପିଦେଲେ। ମହାବୀରକୁ ଯେ ହତ୍ୟା କରାଯାଇଛି ଏହା ପୁଣି ଥରେ ଏନ୍ଟିସିଏର ଚିଠିରୁ ବାରି ହୋଇପଡୁଛି। ମଧ୍ୟପ୍ରଦେଶରୁ ବାଘକୁ ଆଣି ଜଙ୍ଗଲରେ ଛାଡ଼ି ଯେତିକି ବାହାବା ସାଉଁଟିଥିଲେ ରାଜ୍ୟ ସରକାର, ତା'ର ଅସଲ ମୁଖାକୁ ଏବେ ଖୋଲିଦେଇଛି ଏନ୍ଟିସିଏ। ଯୋଜନା ଯେଉଁଭଳି ଭାବେ କରାଯାଇଥିଲା, ବାସ୍ତବତାରେ ତା'ର ସଫଳ ରୂପାୟନ ହୋଇପାରିଲା ନାହିଁ। ସୂଚନାଯୋଗ୍ୟ, ଝିଙ୍କକାଠି ଖାଇ ମହାବୀରର ମୃତ୍ୟୁ ହୋଇଥିଲା ବୋଲି କହି ଶିକାର ଘଟଣାକୁ ଘୋଡ଼େଇବା ପାଇଁ ଯେଉଁ ଅଧିକାରୀ ପ୍ରୟାସ କରିଥିଲେ, ବନ ବିଭାଗ ତାଙ୍କୁ ପଦୋନ୍ନତି ଦେଇ ପୁରସ୍କୃତ କରିଛନ୍ତି।

ସେହିପରି ସୁନ୍ଦରୀ କ୍ଷେତ୍ରରେ ଏନ୍ଟିସିଏର ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଡ୍ୟୁର ଆଦୌ ପାଳନ କରାଯାଇ ନ ଥିଲା। ସୁନ୍ଦରୀ ପ୍ରକୃତରେ ମଣିଷ ମାରିଥିଲା କି ନାହିଁ ତାହା ପରୀକ୍ଷା ନ କରି ତାକୁ ବାନ୍ଧି ଏକ ଛୋଟ ଅଞ୍ଚଳରେ ଆବଦ୍ଧ କରି ରଖାଗଲା। ଏପରି କି ଅଭିଜ୍ଞତା ସମ୍ପନ୍ନ ଟ୍ରାଙ୍କୁଲାଇଜର ବିଶେଷଜ୍ଞଙ୍କ ହାତରେ ମହାବଳ ବାଘକୁ ଟ୍ରାଙ୍କୁଲାଇଜ୍ କରିବା ପାଇଁ ଲିଖିତ ଗାଇଡ଼ଲାଇନ ରହିଥିଲେ ମଧ୍ୟ ଜଣେ ଅନଭିଜ୍ଞ ଏବଂ ଜୀବନରେ ପ୍ରଥମ କରି ବନ୍ଧୁକ ଧରିଥିବା ଭେଟେରିନାରୀ ଡାକ୍ତରଙ୍କ ହାତରେ ଏହି କାମ କରାଗଲା। ଫଳରେ ସୁନ୍ଦରୀ ମେରୁଦଣ୍ଡରେ ଆଘାତ ଲାଗିଥିଲା ବୋଲି ପୂର୍ବରୁ ବହୁ ଚର୍ଚ୍ଚା ମଧ୍ୟ ହୋଇଥିଲା।

ଏହି ଘଟଣାରେ ରାଜ୍ୟର ବନ୍ୟପ୍ରାଣୀ ପ୍ରେମୀମାନେ ମର୍ମାହତ। ଖୋର୍ଦ୍ଧା ଜିଲାର ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୁଭେନ୍ଦୁ ମଲ୍ଲିକ କହିଛନ୍ତି, ଏନ୍ଟିସିଏର ଚିଠି ରାଜ୍ୟ ବନ ବିଭାଗର ମୁଣ୍ଡିଆଳମାନଙ୍କ ମୁଖା ଖୋଲି ଦେଇଛି। ଏହି ଘଟଣାରେ ଆଉ ଗାର୍ଡ କିମ୍ବା ଫରେଷ୍ଟରଙ୍କ ଭଳି ତଳିଆ କର୍ମଚାରୀଙ୍କ ଉପରେ ଦୋଷ ଲଦି ବଡ଼ ଅଧିକାରୀମାନେ ଖସି ପାରିବେ ନାହିଁ। କାରଣ ଗୋଟିଏ ସ୍କିମରେ ଆସିଥିବା ଟଙ୍କାକୁ ଅନ୍ୟତ୍ର ଖର୍ଚ୍ଚ କରିବା ଯାହା କି ଏନ୍ଟିସିଏ ରିପୋର୍ଟରେ ଉଲ୍ଲେଖ ରହିଛି ତାହା ଗାର୍ଡ ବା ଫରେଷ୍ଟରଙ୍କ କାମ ନୁହେଁ। ଏବେ ମୁଣ୍ଡିଆଳମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାର ସମୟ ଆସିଛି। ଯେଉଁ ବନ ଅଧିକାରୀମାନେ ଏହି କାର୍ଯ୍ୟ ପରିଚାଳନା କରୁଥିଲେ ସେମାନଙ୍କ ବିରୋଧରେ ରାଜ୍ୟ ସରକାର ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ଉଚିତ ବୋଲି ଶୁଭେନ୍ଦୁ ପ୍ରକାଶ କରିଛନ୍ତି। ସେପଟେ ଏନ୍ଟିସିଏର ଚିଠି ପାଇବା ପରେ ମଧ୍ୟ ବ୍ୟାଘ୍ର ସ୍ଥାନାନ୍ତର ପ୍ରକ୍ରିୟା ପ୍ରକଳ୍ପ ବିଫଳ ହୋଇଛି ବୋଲି ମାନିବାକୁ ନାରାଜ ବନ ବିଭାଗ। ପିସିସିଏଫ୍ ହରିଶଙ୍କର ଉପାଧ୍ୟାୟ କହିଛନ୍ତି, ବ୍ୟାଘ୍ର ପ୍ରକଳ୍ପ ବିଫଳ ହେବା କହିବା ଠିକ୍ ନୁହେଁ। କାରଣ ସ୍ଥାନୀୟ ଲୋକଙ୍କ ଆନ୍ଦୋଳନ ଯୋଗୁ ଅସୁବିଧା ସୃଷ୍ଟି ହୋଇଥିଲା।



ଭୁବନେଶ୍ୱରସ୍ଥିତ ଦି ପ୍ରେସ୍ କ୍ଲବ ଅଫ ଓଡ଼ିଶାଠାରେ ମାସିକ ମହିଳା ପତ୍ରିକା ଯୁଗଶ୍ରୀ ଯୁଗନାରୀ ପକ୍ଷରୁ ଶୁକ୍ରବାର ଆୟୋଜିତ କାର୍ଯ୍ୟକ୍ରମରେ ଗାଳ୍ପିକା ନିରୁପମା ଆଚାର୍ଯ୍ୟଙ୍କ ପୁସ୍ତକ 'ଆତ୍ମାର ମିଳନ'କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

## 'ଆତ୍ମାର ମିଳନ' ଲୋକାର୍ପିତ

**ଭୁବନେଶ୍ୱର, ୨୦।୧୨(ବ୍ୟୁରୋ)**

ବିଶିଷ୍ଟ ଗାଳ୍ପିକା, ଶିଶୁ ସାହିତ୍ୟିକା ଓ ଅନୁବାଦିକା ନିରୁପମା ଆଚାର୍ଯ୍ୟଙ୍କ ଅନୁବାଦିତ ପୁସ୍ତକ 'ଆତ୍ମାର ମିଳନ' ଯୁଗଶ୍ରୀ ଯୁଗନାରୀ ଆନୁକୂଲ୍ୟରେ ଶୁକ୍ରବାର ପ୍ରେସ୍ କ୍ଲବ୍ ଅଫ୍ ଓଡ଼ିଶାରେ ଲୋକାର୍ପିତ ହୋଇଯାଇଛି। ଉଦ୍‌ଘାଟକ ଭାବେ ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଯୋଗଦେଇ ମାତୃଶକ୍ତି ବନ୍ଦନୀୟା ଏବଂ ଏହାକୁ ଆଗକୁ ବଢ଼ାଇଲେ ସମାଜରେ ସନ୍ତୁଳନ ଆସିପାରିବ ବୋଲି କହିଥିଲେ। ମୁଖ୍ୟ ଅତିଥି ଭାବେ ବିଶିଷ୍ଟ କବି, ପ୍ରାବନ୍ଧିକ ଡ. ହରପ୍ରସାଦ ଦାସ ଯୋଗଦେଇ କହିଥିଲେ, ନିରୁପମାଙ୍କ ପୁସ୍ତକରେ ମାନବବାଦର ଆବେଦନ ସଂଶ୍ଲିଷ୍ଟ ଓ ଆସ୍ଥାବାଦ ପ୍ରସ୍ଫୁଟିତ। ଏହା ଏକ ସଂଗ୍ରହଣୀୟ ପୁସ୍ତକ। ମୁଖ୍ୟବକ୍ତା ଭାବେ ଡ. ମନୋରମା ମହାପାତ୍ର ଯୋଗଦେଇ ନିରୁପମାଙ୍କୁ ସର୍ବୋତ୍ତମା ଅନୁବାଦିକା ବୋଲି ଅଭିହିତ କରିଥିଲେ। ସମ୍ମାନିତ ଅତିଥି ଭାବେ କଥାକାର ଗୌରହରି ଦାସ, ସାହିତ୍ୟିକା ଡ. ସୁଷମା ମିଶ୍ର ଯୋଗଦେଇଥିଲେ। ଅନୁଷ୍ଠାନର ସମ୍ପାଦିକା ମମତା ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସହସମ୍ପାଦିକା ଡ. ପ୍ରଭାବତୀ ପଣ୍ଡା ସ୍ୱାଗତ ଭାଷଣ ଏବଂ ଡ. ଗାୟତ୍ରୀ କର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଶାନ୍ତନୁ ଆଚାର୍ଯ୍ୟ, ପଦ୍ମଭୂଷଣ ରମାକାନ୍ତ ରଥ, ଡ. ଅର୍ଚ୍ଚନା ନାୟକ, ପୀତବାସ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ।





ସାଇ ଇଣ୍ଟରନ୍ୟାଶନାଲ ରେସିଡେନ୍ସିଆଲ ସ୍କୁଲର ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

## କଠିନ ପରିଶ୍ରମ ସଫଳତା ଦେବ

**ଭୁବନେଶ୍ୱର, ୨୦।୧୨(ବ୍ୟୁରୋ)**

ଓଡ଼ିଶାର ପ୍ରଥମ ସମ୍ପୂର୍ଣ୍ଣ ଆବାସିକ ବିଦ୍ୟାଳୟ ସାଇ ଇଣ୍ଟରନ୍ୟାଶନାଲ ରେସିଡେନ୍ସିଆଲ ସ୍କୁଲର ଦ୍ୱିତୀୟ ପ୍ରତିଷ୍ଠା ଦିବସ 'ଉତ୍କର୍ଷ' ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମର ପ୍ରଥମ ଅଧିବେଶନରେ ମୁଖ୍ୟଅତିଥି ଭାବେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁଦାମ ମାରାଣ୍ଡି ଯୋଗଦେଇ ଛାତ୍ରୀଛାତ୍ରମାନେ ମନର ଜିଜ୍ଞାସାକୁ ଜୀବିତ ରଖିବା ଦରକାର, କାରଣ ଜିଜ୍ଞାସା ସର୍ବଦା ଆମକୁ ଏକ ନୂଆ ଓ ସଫଳତା ଦିଗକୁ ନେଇଯାଇଥାଏ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ଯୋଗଦେଇଥିଲେ। ଦ୍ୱିତୀୟ ଅଧିବେଶନରେ ବାର୍ଷିକ ସ୍ପୋର୍ଟ୍ସ ମିଟ୍-୨୦୧୯ରେ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ ଆଇପିଏସ୍ ତଥା ସେସୁର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅରୁଣ ବୋଥ୍ରା ଏବଂ ସନ୍ଧ୍ୟା ଅଧିବେଶନରେ ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସାଇ ଇଣ୍ଟରନ୍ୟାଶନାଲ ଗ୍ରୁପର ପ୍ରତିଷ୍ଠାତା ତଥା ମେଣ୍ଟର୍ ବିଜୟ କୁମାର ସାହୁ ଗୁରୁ-ଶିଷ୍ୟ ପରମ୍ପରା ସହ କିପରି ଭାବେ ବିଦ୍ୟାଳୟର ଶିକ୍ଷା ପ୍ରଣାଳୀ ଏକ ଗୁରୁକୁଳ ପରି ମନେହୁଏ ତାହା ବିସ୍ତୃତ ଭାବେ ବର୍ଣ୍ଣନା କରିଥିଲେ। କଠିନ ପରିଶ୍ରମ, ବିନମ୍ରତା, ସହାନୁଭୂତି ଓ ଆନନ୍ଦର ସହ କୌଣସି କାର୍ଯ୍ୟ କରାଗଲେ ସଫଳତାର ଶୀର୍ଷରେ ପହଞ୍ଚିହେବ ବୋଲି ସେ ମତବ୍ୟକ୍ତ କରିଥିଲେ। ଭାଇସ୍ ଚେୟାରପର୍ସନ ଶିଳ୍ପୀ ସାହୁ ଏବଂ ହେଡ଼ମାଷ୍ଟର ଅମିତାଭ ଅଗ୍ନିହୋତ୍ରୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଦୁଇଦିନିଆ ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମର ପ୍ରଥମ ସନ୍ଧ୍ୟାରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ୪ ପ୍ରତିଭାଧାରୀ ପାଇବେ ଶ୍ରୀଜଗନ୍ନାଥ ସମ୍ମାନ

**କଟକ ଅଫିସ, ୨୦।୧୨**

ସଙ୍ଗୀତ ନିର୍ଦ୍ଦେଶକ ଓମ୍‌ପ୍ରକାଶ ମହାନ୍ତି, ଗୀତିକବି ମନୋଜ ପଟ୍ଟନାୟକ, କଣ୍ଠଶିଳ୍ପୀ ସ୍ୱରୂପା ଚକ୍ରବର୍ତ୍ତୀ ଓ ବାଦ୍ୟଶିଳ୍ପୀ ଧନେଶ୍ୱର ସ୍ୱାଇଁ ଚଳିତବର୍ଷ ମର୍ଯ୍ୟାଦାଜନକ ଶ୍ରୀଜଗନ୍ନାଥ ସମ୍ମାନ ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ନିଖିଳ ଉତ୍କଳ ସଙ୍ଗୀତ ଶିଳ୍ପୀ ପରିଷଦ ପକ୍ଷରୁ ସେମାନଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବ। ଶୁକ୍ରବାର କଟକ କଳାବିକାଶ କେନ୍ଦ୍ରଠାରେ ଅନୁଷ୍ଠିତ ପରିଷଦର କାର୍ଯ୍ୟକାରୀ କମିଟି ଓ ସାଧାରଣ ପରିଷଦ ବୈଠକରେ ଏ ନେଇ ନିଷ୍ପତ୍ତି ନିଆଯାଇଛି। ଅନୁଷ୍ଠାନର ସଭାପତି ସୁବାସ ଦାଶଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ସାଧାରଣ ସମ୍ପାଦକ ସୁରେନ୍ଦ୍ରନାଥ ସାହୁ, ଉପସଭାପତି ବିକାଶ ଦାଶ, ମୁଖ୍ୟ ଉପଦେଷ୍ଟା ଗୌର ପଟ୍ଟନାୟକ, ପ୍ରସେନ୍‌ଜିତ ମହାନ୍ତି, ଏ. ମହେଶ୍ୱର ରାଓ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ପୂର୍ବରୁ ଅନୁଷ୍ଠିତ ଏକକ ଭକ୍ତି ସଙ୍ଗୀତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଆସନ୍ତା ଜାନୁୟାରୀ ୧୫ ତାରିଖରେ ଦୋଳମୁଣ୍ଡାଇଠାରେ ପରିଷଦ ପକ୍ଷରୁ ଅନୁଷ୍ଠିତ ହେବାକୁ ଥିବା ୨୮ତମ ଅଖଣ୍ଡ ଭଜନ ମହୋତ୍ସବରେ ସମ୍ମାନିତ କରାଯିବ। ଏହି ଅବସରରେ ଅନୁଷ୍ଠାନର ମୁଖପତ୍ର 'ସପ୍ତକ'ର ୨୫ତମ ସଂଖ୍ୟା ଉନ୍ମୋଚିତ ହେବ ବୋଲି ଜଣାପଡିଛି।

### ମଲ୍ ବୁଲିଲେ ୱେଷ୍ଟଇଣ୍ଡିଜ ଖେଳାଳି

## ଶପିଂ କଲେ, ସେଲ୍‌ଫି ଉଠାଇଲେ

**ଭୁବନେଶ୍ୱର, ୨୦।୧୨(ବ୍ୟୁରୋ)**

- ମେ ଫେୟାର ହୋଟେଲରେ ଭାରତୀୟ ଖେଳାଳିଙ୍କ ମଉଜମସ୍ତି
- ବାହାରେ ପୋଲିସ, ସନ୍ଧାନୀ କୁକୁରର କଡ଼ା ପ୍ରହରା

କଟକର ବାରବାଟୀ ଷ୍ଟାଡିୟମରେ ରବିବାର ତୃତୀୟ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚ ଭାରତ ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ହେବାକୁ ଯାଉଛି। ତେଣୁ ଗୁରୁବାରଠାରୁ ଉଭୟ ଟିମ୍‌ର ଖେଳାଳିମାନେ ଭୁବନେଶ୍ୱରକୁ ଆସି ହୋଟେଲ ମେ' ଫେୟାରରେ ରହୁଛନ୍ତି। ଶୁକ୍ରବାର ଉଭୟ ଟିମ୍‌ର ଖେଳାଳିଙ୍କ ପାଇଁ ବାରବାଟୀ ଷ୍ଟାଡିୟମରେ ଅଭ୍ୟାସ କାର୍ଯ୍ୟସୂଚୀ ରହିଥିଲା। ମାତ୍ର ଶେଷ ପର୍ଯ୍ୟାୟରେ ତାହାକୁ ଓସିଏ ବାତିଲ କରିଦେଇଥିଲା। ଫଳରେ ଖେଳାଳିମାନେ ବିଶ୍ରାମ ଓ ମଉଜମସ୍ତି ପାଇଁ ସମୟ ପାଇଥିଲେ। ଟିମ୍ ଇଣ୍ଡିଆର ଖେଳାଳିମାନେ ହୋଟେଲର ସୁଇମିଂ ପୁଲରେ ଗାଧୋଇବା ସହ ଗାର୍ଡେନରେ ବସି ପରସ୍ପର ସହ ଥଟ୍ଟାମଜା ହୋଇଥିଲେ। ସେହିପରି ୱେଷ୍ଟଇଣ୍ଡିଜ ଟିମ୍‌ର ଖେଳାଳିମାନେ ପୂର୍ବାହ୍ନ ୧୧ଟାରେ ରସୁଲଗଡ଼ସ୍ଥିତ ଏସ୍‌ପ୍ଲାନେଡ୍ ୱାନ ମଲ୍‌କୁ ଆସି ବୁଲାବୁଲି କରିବା ସହ ନିଜ ମନ ପସନ୍ଦର ସାମଗ୍ରୀ କିଣାକିଣି କରିଥିଲେ। କେତେଜଣ ଖେଳାଳି ଗ୍ଲାସ, ଜୋତା, ଘଣ୍ଟା, ପ୍ୟାଣ୍ଟ ଏବଂ ଟି-ସାର୍ଟ ଆଦି କିଣିଥିଲେ। ସେମାନଙ୍କୁ କଡ଼ା ସୁରକ୍ଷା ବଳୟରେ ଏକ ସ୍ୱତନ୍ତ୍ର ବସ୍‌ରେ ଏସ୍‌ପ୍ଲାନେଡ୍ ୱାନ୍‌କୁ ଅଣାଯାଇଥିଲା। ମଲ୍‌ରେ ଖେଳାଳିମାନଙ୍କୁ ଦେଖିବାକୁ ଲୋକଙ୍କ ଭିଡ଼ ଜମିଥିଲା। ପ୍ରଶଂସକଙ୍କ ସହ କେତେଜଣ ଖେଳାଳି ସେଲ୍ଫି ନେଇଥିଲେ। କିଣାକିଣି ସାରିବା ପରେ ସେମାନେ ଅପରାହ୍ନ ୧ଟାରେ ପୁଣି ହୋଟେଲକୁ ଫେରିଥିଲେ। ହୋଟେଲରେ ଖେଳାଳିଙ୍କ ସୁରକ୍ଷା ବ୍ୟବସ୍ଥା ତଦାରଖ କରୁଛନ୍ତି ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ ଏବଂ ଡିସିପି ଅନୁପ କୁମାର ସାହୁ। ଶୁକ୍ରବାର ସକାଳେ ବମ୍ ସ୍କ୍ୱାଡ୍ ଏବଂ ସନ୍ଧାନୀ କୁକୁର ସହାୟତାରେ ଉକ୍ତ ହୋଟେଲ ଚାରିପଟ ସମେତ ଖେଳାଳିମାନଙ୍କ କୋଠରି ଯାଞ୍ଚ କରାଯାଇଥିଲା। ହୋଟେଲ ପରିସରରେ ୮ ପ୍ଲାଟୁନ ପୋଲିସ ଫୋର୍ସ ଏବଂ ୨୦ ଅଫିସରଙ୍କ ସମେତ ସାଦା ପୋଷାକଧାରୀ ପୋଲିସଙ୍କୁ ମୁତୟନ କରାଯାଇଛି।





ଏସ୍‌ପ୍ଲାନେଡ୍-ୱାନ୍ ମଲ୍‌ରୁ ଶପିଂ ସାରି ୱେଷ୍ଟଇଣ୍ଡିଜ୍ ଖେଳାଳିମାନେ ଫେରୁଛନ୍ତି।

### କଣ୍ଟାବାଞ୍ଜି ବିଧାନସଭା ମାମଲା

## ୨ ସପ୍ତାହ ମଧ୍ୟରେ ଜବାବ ଦାଖଲ ଆଦେଶ

**କଟକ ଅଫିସ, ୨୦।୧୨**

କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜାଙ୍କ ଓକିଲ ହାଇକୋର୍ଟରେ ହାଜର ହୋଇଛନ୍ତି। ବିଧାୟକଙ୍କ ପକ୍ଷରୁ ତାଙ୍କ ଓକିଲ ହାଇକୋର୍ଟରେ ପକ୍ଷ ରଖିଥିଲେ। କଣ୍ଟାବାଞ୍ଜି ବିଧାନସଭା ମାମଲାରେ ଭାରତୀୟ ନିର୍ବାଚନ କମିଶନ, ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଓ ରିଟର୍ନିଂ ଅଫିସରଙ୍କ ପକ୍ଷରୁ କୁହାଯାଇଥିଲା, ସେମାନଙ୍କୁ ମାମଲାରେ ପକ୍ଷଭୁକ୍ତ ନ କରିବା ପାଇଁ। କାରଣ ସେମାନେ ନିର୍ବାଚନ ଲଢୁ ନ ଥିବାରୁ ଉକ୍ତ ମାମଲାରେ ପକ୍ଷଭୁକ୍ତ କରିବାର ଆବଶ୍ୟକତା ନ ଥିବା ସେମାନେ ଦର୍ଶାଇଥିଲେ। ଯେହେତୁ ନିର୍ବାଚନ ସମ୍ବନ୍ଧୀୟ ସମସ୍ତ ତଥ୍ୟ ବିଶେଷକରି ଇଭିଏମ୍ ସେମାନଙ୍କ ଦାୟିତ୍ୱରେ ଥିଲା ତେଣୁ ଉକ୍ତ ମାମଲାରେ ସେମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଆବେଦନକାରୀଙ୍କ ଓକିଲ ଯୁକ୍ତି ବାଢିଥିଲେ। କଣ୍ଟାବାଞ୍ଜି ବିଧାନସଭା ଆସନକୁ ନେଇ ଭାଜପା ପ୍ରାର୍ଥୀ ଲକ୍ଷ୍ମଣ ବାଗ ଓ ବିଜେଡି ପ୍ରାର୍ଥୀ ଅଜୟ ଦାସଙ୍କ ପକ୍ଷରୁ ହାଇକୋର୍ଟରେ ମାମଲା ରୁଜୁ କରାଯାଇଛି। ଉଭୟ ମାମଲାର ଏକତ୍ର ଶୁଣାଣି ହାଇକୋର୍ଟରେ ଚାଲିଛି। ଏହି ମାମଲାରେ ଆସନ୍ତା ୨ ସପ୍ତାହ ମଧ୍ୟରେ ଜବାବ ଦାଖଲ କରିବା ପାଇଁ ବିଧାୟକ ସାଲୁଜାଙ୍କୁ ହାଇକୋର୍ଟ ଆଦେଶ ଦେଇଛନ୍ତି। ଜାନୁୟାରୀ ୧୭ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଦିନଧାର୍ଯ୍ୟ ହୋଇଛି।

ସୂଚନାଥାଉ କି, ଗତ ସାଧାରଣ ନିର୍ବାଚନରେ କଣ୍ଟାବାଞ୍ଜି ବିଧାନସଭା ଆସନରେ ଭୋଟ୍ ଫଳାଫଳକୁ ନେଇ ଅମେଳ ତଥ୍ୟ ଆସିଥିବାରୁ ଏହି ମାମଲା ରୁଜୁ ହୋଇଛି। ଉକ୍ତ ଆସନରେ ୧ ଲକ୍ଷ ୮୨ ହଜାର ୪୧୧ ଜଣ ମତଦାତା ସେମାନଙ୍କ ମତାଧିକାର ସାବ୍ୟସ୍ତ କରିଥିଲେ। କିନ୍ତୁ ଭୋଟ୍ ଗଣତି ସମୟରେ ଇଭିଏମ୍‌ରୁ ୧ ଲକ୍ଷ ୯୧ ହଜାର ୦୭୭ ଖଣ୍ଡ ଭୋଟ୍ ବାହାରିଥିଲା। ସମୁଦାୟ ମତଦାନ ଓ ଇଭିଏମ୍‌ରୁ ବାହାରିଥିବା ଭୋଟ ମଧ୍ୟରେ ୮୬୬୬ ଭୋଟର ବ୍ୟବଧାନ ଥିଲା। ଏଭଳି ଫଳାଫଳକୁ ନେଇ ପରାଜିତ ପ୍ରାର୍ଥୀମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ତେଣୁ ଏହି ଫଳାଫଳକୁ ଅସିଦ୍ଧ ଘୋଷଣା କରିବା ଲାଗି ଆବେଦନକାରୀମାନେ କୋର୍ଟଙ୍କୁ ନିବେଦନ କରିଛନ୍ତି। ବିଧାୟକଙ୍କ ପକ୍ଷରୁ ଏହି ମାମଲାକୁ ବରିଷ୍ଠ ଆଡ୍‌ଭୋକେଟ ବିଦ୍ୟାଧର ମିଶ୍ର ପରିଚାଳନା କରୁଥିବାବେଳେ ତାଙ୍କୁ ତରଣୀକାନ୍ତ ବିଶ୍ୱାଳ, ଭବାନୀ ଶଙ୍କର ପାଣିଗ୍ରାହୀ ଓ ପୁଷ୍ପରାଜ ଭରଦ୍ୱାଜ ସହାୟତା କରୁଛନ୍ତି। ସେହିପରି ଆବେଦନକାରୀ ଲକ୍ଷ୍ମଣ ବାଗଙ୍କ ପକ୍ଷରୁ ଆଡଭୋକେଟ ଅଶ୍ୱିନୀ ଦାସ ମାମଲା ପରିଚାଳନା କରୁଛନ୍ତି।

### ବାରବାଟୀ ମ୍ୟାଚ୍ ପାଇଁ ସ୍ୱତନ୍ତ୍ର 'ମୋ ବସ୍'

**ଭୁବନେଶ୍ୱର, ୨୦।୧୨(ବ୍ୟୁରୋ)**

ବାରବାଟୀ ଷ୍ଟାଡ଼ିୟମରେ ହେବାକୁ ଥିବା ଭାରତ-ୱେଷ୍ଟଇଣ୍ଡିଜ ଦିନିକିଆ ମ୍ୟାଚ୍ ପାଇଁ କ୍ରୁଟ୍ ପକ୍ଷରୁ ସ୍ୱତନ୍ତ୍ର 'ମୋ ବସ୍' ବ୍ୟବସ୍ଥା କରାଯାଇଛି। ଭୁବନେଶ୍ୱରରୁ ମ୍ୟାଚ୍ ଦେଖିବାକୁ ଯାଉଥିବା ଯାତ୍ରୀ ଏହି ବସ୍ ସେବା ପାଇପାରିବେ। ମାଷ୍ଟରକ୍ୟାଣ୍ଟିନ ଓ ବରମୁଣ୍ଡାରୁ ଷ୍ଟାଡିୟମ ପାଖ ପାର୍କିଂ ପର୍ଯ୍ୟନ୍ତ ବସ୍ ଚାଲିବ। ରବିବାର ସକାଳ ୮.୩୦ରୁ ୧୧ଟା ଓ ଫେରିବା ବେଳେ ରାତି ୧୦ଟାରୁ ମଧ୍ୟ ବିଳମ୍ବିତ ରାତ୍ର ପର୍ଯ୍ୟନ୍ତ ବସ୍ ସେବା ଚାଲୁ ରହିବ। ମାଷ୍ଟରକ୍ୟାଣ୍ଟିନରୁ ବାହାରୁଥିବା ବସ୍‌ଟି ବାଣୀବିହାର ଛକ, ନଖରା ଛକ ଓ ଲିଙ୍କରୋଡ୍‌ରେ ରହଣି କରି ଷ୍ଟାଡିୟମ ଯିବ। ବରମୁଣ୍ଡାରୁ ବାହାରୁଥିବା ବସ୍‌ଟି ଜୟଦେବ ବିହାର, ନନ୍ଦନକାନନ ଓ ଜୁଡିସିଆଲ ଏକାଡେମୀରେ ରହଣି କରିବ। ସ୍ୱତନ୍ତ୍ର ବସ୍‌ସେବା ଲାଗି ୩୦ଟଙ୍କା ଭଡ଼ା ଧାର୍ଯ୍ୟ କରାଯାଇଛି।





## ଅମନ୍ ତ୍ରିଖାଙ୍କ ଗୀତରେ ଝୁମିଲେ ଦର୍ଶକ

### ତୋଷାଳି ମେଳାର ଷଷ୍ଠ ସନ୍ଧ୍ୟା

**ଭୁବନେଶ୍ୱର, ୨୦।୧୨(ବ୍ୟୁରୋ)**

ତୋଷାଳି ମେଳାର ଶୁକ୍ରବାର ଥିଲା ଷଷ୍ଠ ସନ୍ଧ୍ୟା। ଲୋକପ୍ରିୟ ବଲିଉଡ୍ ପ୍ରଚ୍ଛଦପଟ ଗାୟକ ଅମନ୍ ତ୍ରିଖା ଥିଲେ ସନ୍ଧ୍ୟାରେ ମୁଖ୍ୟ ଆକର୍ଷଣ। ଅମନ୍‌ଙ୍କ କଣ୍ଠରୁ ମନଛୁଆଁ ସଙ୍ଗୀତ ଶୁଣିବାକୁ ମଞ୍ଚ ସମ୍ମୁଖରେ ଯୁବପିଢ଼ିଙ୍କ ଭିଡ଼ ଜମିଥିଲା। 'କେଶରୀ'ଚଳଚ୍ଚିତ୍ରର ସୁପରହିଟ୍ ସଙ୍ଗୀତ 'ତେରେ ମିଟ୍ଟି ସେ ମିଲ୍ ଯାଉଁ'ରୁ ସଙ୍ଗୀତ ସନ୍ଧ୍ୟା ଆରମ୍ଭ ହୋଇଥିଲା। ଅମନ୍‌ଙ୍କ ଗାୟକୀ ଦୀର୍ଘ ସମୟ ଧରି ଶ୍ରୋତାଙ୍କୁ ମତୁଆଲା କରିରଖିଥିଲା। ଶୀତୁଆ ସନ୍ଧ୍ୟାରେ ଚିତ୍ତାକର୍ଷକ ସଙ୍ଗୀତ ସାଙ୍ଗକୁ ଫୁଡ୍-କୋର୍ଟରେ ପାଟି ସୁଆଦିଆ ଖାଦ୍ୟ ଲୋକଙ୍କୁ ମେଳା ପରିସରକୁ ଟାଣି ଆଣୁଛି। ପାରମ୍ପରିକ ପିଠାପଣା ସାଙ୍ଗକୁ ବିଭିନ୍ନ ସ୍ୱାଦିଷ୍ଟ ଖାଦ୍ୟର ଉପଲବ୍ଧି ପାଇଁ ଫୁଡ୍‌କୋର୍ଟରେ ବେଶ୍ ବିକ୍ରିବଟା ହୋଇପାରୁଛି। ମହିଳା ଉଦ୍ୟୋଗୀ ସରୋଜା ଚୌଧୁରୀଙ୍କ ଦ୍ୱାରା ବିଭିନ୍ନ କିସମ୍‌ର ପିଠାପଣାର ପ୍ରସ୍ତୁତିରେ ରୋଜିସ୍ କିଚେନ୍ ଖାଦ୍ୟପ୍ରେମୀଙ୍କ ପାଇଁ ଅନ୍ୟତମ ଆକର୍ଷଣ ସାଜିଛି। କ୍ଷୀର ପୋଡ଼ପିଠା, ଲବଙ୍ଗଲତା, କ୍ଷୀରଗଜା, ଇମର୍ତ୍ତି, ଚନ୍ଦ୍ରକଳା, ଲଡ୍ଡୁ, ଘେରାମଣ୍ଡା, କ୍ଷୀର ସୁଜିକାକରା ପ୍ରଭୃତି ଓଡ଼ିଆ ଘରର ପିଠାପଣା ସରୋଜାଙ୍କ ଷ୍ଟଲ୍‌ରୁ ଲୋକମାନେ ବେଶ୍ ଆଗ୍ରହର ସହ କିଣୁଛନ୍ତି। ତାଙ୍କର ପିଠା ପ୍ରସ୍ତୁତି ଏବଂ ଷ୍ଟଲ୍‌ର ସାଜସଜ୍ଜା ଟିକେ ନିଆରା ତଥା ଆକର୍ଷଣୀୟ। ଏ ପର୍ଯ୍ୟନ୍ତ ଫୁଡ୍-କୋର୍ଟରେ ପ୍ରାୟ ୫୮ ଲକ୍ଷ ଟଙ୍କାର ବ୍ୟବସାୟ ହୋଇସାରିଛି। ସେହିପରି ହସ୍ତଶିଳ୍ପରେ ବର୍ତ୍ତମାନ ସୁଦ୍ଧା ୧ କୋଟି ୭୦ ଲକ୍ଷ ଟଙ୍କାର ବିକ୍ରିବଟା ହୋଇଥିବାବେଳେ ହସ୍ତତନ୍ତରେ ୧ କୋଟି ୩୨ ଲକ୍ଷ ଟଙ୍କାର ବିକ୍ରିବଟା ହୋଇଥିବା ବିଭାଗ ତରଫରୁ ସୂଚନା ଦିଆଯାଇଛି।

ତୋଷାଳି ମେଳା ପରିସରରେ ଦିନବେଳା ମୁଖ୍ୟ ମଞ୍ଚରେ ପ୍ରଦର୍ଶିତ କଣ୍ଢେଇ ନାଚ, ଧୁଡୁକି ନାଚ, ଚଢ଼େୟା ଚଢ଼େୟାଣୀ, ପାଲା, ଦାସକାଠିଆ ପ୍ରଭୃତି ପାରମ୍ପରିକ ଲୋକସଂସ୍କୃତି ବେଶ୍ ମନୋମୁଗ୍ଧକର ହେଉଛି। ସନ୍ଧ୍ୟାରେ ବିଭାଗୀୟ ସ୍ୱତନ୍ତ୍ର ସଚିବ ଶ୍ରୀକାନ୍ତ ପୃଷ୍ଟି ଓ ଯୁଗ୍ମ ସଚିବ ଅଞ୍ଜନା ପଣ୍ଡା ପ୍ରଦୀପ ପ୍ରଜ୍ୱଳନ ସହ ସାଂସ୍କୃତିକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏ ପର୍ଯ୍ୟନ୍ତ ପ୍ରାୟ ୪ ଲକ୍ଷ ୨୫ ହଜାର ଦର୍ଶକ ମେଳା ପରିଦର୍ଶନ କରିଛନ୍ତି ବୋଲି ସିଡାକ୍ ତରଫରୁ ସୂଚନା ଦିଆଯାଇଛି। ଆସନ୍ତା ୨୭ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ମେଳା ପ୍ରତ୍ୟହ ପୂର୍ବାହ୍ନ ୧୧ଟାରୁ ରାତି ୯ଟା ୩୦ ପର୍ଯ୍ୟନ୍ତ ଖୋଲା ରହୁଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୨୧ ଡିସେମ୍ବର, ୨୦୧୯



ଜ୍ଞାନଠାରୁ କଳ୍ପନା ଶକ୍ତିର ଗୁରୁତ୍ୱ ଅଧିକ ବୋଲି ସବୁବେଳେ ମନେ ରଖିବା ଉଚିତ୍।

- ଆଇନ୍‌ଷ୍ଟାଇନ୍



## ସଂକ୍ଷେପରେ

### ଶ୍ରୀଲିଙ୍ଗରାଜ ମନ୍ଦିର ଟ୍ରଷ୍ଟବୋର୍ଡ ଗଠନ ପ୍ରସଙ୍ଗ ସ୍ୱଚ୍ଛ, ନିରପେକ୍ଷ ସଦସ୍ୟ ଟ୍ରଷ୍ଟି ରହିବାକୁ ଦାବି

ପୁରୁଣା ଭୁବନେଶ୍ୱର,୨୦।୧୨ (ଡି.ଏନ.ଏ.): ଶ୍ରୀଲିଙ୍ଗରାଜ ମନ୍ଦିର ଅନ୍ତରିଣ ଟ୍ରଷ୍ଟବୋର୍ଡର ସ୍ଥାୟୀ ବୋର୍ଡ ଗଠନ ନେଇ ପ୍ରକ୍ରିୟା ଆରମ୍ଭ ହୋଇଛି। ବୋର୍ଡରେ ଦେବୋତ୍ତର ଆଇନର ଧାରା ୨୮ ଅନୁଯାୟୀ ପ୍ରତ୍ୟେକ ସଦସ୍ୟ ସ୍ୱଚ୍ଛ ଏବଂ ନିରପେକ୍ଷ ହେବା ଆବଶ୍ୟକ। ସଦସ୍ୟମାନେ ଧର୍ମାନୁଷ୍ଠାନର କୌଣସି କ୍ଷତି ପହଞ୍ଚାଇ ନ ଥିବେ। ଦେବୋତ୍ତର ଜମି ଉପରେ ବେଆଇନ ଭାବେ ଦଖଲ କିମ୍ବା ହେରଫେର କରି ନ ଥିବେ। ଏପରି କି ଶ୍ରୀଜୀଉଙ୍କ ରୀତିନୀତିରେ କୌଣସି ପ୍ରକାର ବିଭ୍ରାଟରେ ସମ୍ପୃକ୍ତ ନ ଥିବେ। ଦେବୋତ୍ତର ଜମି ବାଡି ମାମଲାର ପକ୍ଷଭୁକ୍ତ ନ ଥିବେ। ଏଣୁ ଏଭଳି ସ୍ୱଚ୍ଛ ସଦସ୍ୟମାନଙ୍କୁ ନୂତନ ଭାବେ ଗଠିତ ହେବାକୁ ଥିବା ଶ୍ରୀଲିଙ୍ଗରାଜ ମନ୍ଦିର ଟ୍ରଷ୍ଟବୋର୍ଡରେ ପ୍ରାଥମିକତା ଭିତ୍ତିରେ ସ୍ଥାନ ଦେବାକୁ ଶ୍ରଦ୍ଧାଳୁ ଏବଂ ବିଭିନ୍ନ ସେବାୟତ ମହଲରେ ଦାବି ହେଉଛି। ଏହି ଚୟନରେ ଦେବୋତ୍ତର ଆୟୁକ୍ତ ପ୍ରତ୍ୟେକ ନିଯୋଗ ଏବଂ ସେବାୟତଙ୍କୁ ନେଇ ଚୟନ ପ୍ରକ୍ରିୟା ସୂଚାରୁ ରୂପେ କରିବାକୁ ନିଷ୍ପତ୍ତି କରାଯିବା ଆବଶ୍ୟକ।

### ଶିଖରଚଣ୍ଡୀ ମନ୍ଦିର ହୁଣ୍ଡି ଚୋରି

ଭୁବନେଶ୍ୱର,୨୦।୧୨(ବ୍ୟୁରୋ): ଇନ୍‌ଫୋସିଟି ଥାନା ଶିଖରଚଣ୍ଡୀ ମନ୍ଦିରର ହୁଣ୍ଡିକୁ କେହି ଦୁର୍ବୃତ୍ତ ଗୁରୁବାର ରାତିରେ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଏ ନେଇ ପୋଲିସ ଏକ ମାମଲା ରୁଜୁ କରି ମନ୍ଦିରରେ ଲାଗିଥିବା ସିସିଟିଭି ଫୁଟେଜ ଆଧାରରେ ତଦନ୍ତ କରୁଛି। ସୂଚନାଯୋଗ୍ୟ, ଗତ କିଛିଦିନ ହେବ ମନ୍ଦିର ପ୍ରଶାସନ ପକ୍ଷରୁ ହୁଣ୍ଡିରୁ ଟଙ୍କା ନିଆଯାଇ ନ ଥିଲା। ଏହାର ସୁଯୋଗ ନେଇ ରାତିରେ ମନ୍ଦିର କର୍ତ୍ତୃପକ୍ଷ ସମସ୍ତେ ଯିବା ପରେ କେତେଜଣ ଦୁର୍ବୃତ୍ତ ଏହାର ସୁଯୋଗ ନେଇ ହୁଣ୍ଡିକୁ ଟେକି ନେଇ ଚମ୍ପଟ ମାରିଥିଲେ। ସକାଳୁ ମନ୍ଦିର ପୂଜକ ଆସିବାବେଳେ ହୁଣ୍ଡି ନ ଥିବା ଦେଖି ପ୍ରଶାସନକୁ ଜଣାଇବା ପରେ ଥାନାରେ ଅଭିଯୋଗ କରିଥିଲେ।

### ସତ୍‌ସଙ୍ଗବିହାର ସମ୍ମୁଖ କୁଡ଼ିଆ ପୋଡ଼ି

ଭୁବନେଶ୍ୱର, ୨୦।୧୨(ବ୍ୟୁରୋ): ଶହୀଦନଗର ଥାନା ଅଧୀନ ସତ୍‌ସଙ୍ଗବିହାର ସମ୍ମୁଖ ରାସ୍ତାକଡ଼ରେ ଥିବା ଦୁଇଟି କୁଡ଼ିଆରେ କେହି ଦୁର୍ବୃତ୍ତ ଶୁକ୍ରବାର ବିଳମ୍ବିତ ରାତିରେ ନିଆଁ ଲଗାଇଦେଇଛନ୍ତି। ସେଠାରେ ଦେହଜୀବୀଙ୍କ ଆଡ୍ଡା ଜମୁଥିଲା ବୋଲି କୁହାଯାଉଛି। ପାଲ ଓ ବାଉଁଶରେ କୁଡ଼ିଆଟି ତିଆରି ହୋଇଥିବାରୁ ନିଆଁ ଖୁବ୍‌ଶୀଘ୍ର ବ୍ୟାପିଯାଇଥିଲା। ଖବର ପାଇ ଅଗ୍ନିଶମ ବିଭାଗର ୨ ଦମକଳ ଗାଡ଼ି ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଦୀର୍ଘଦିନ ହେବ ଦେହଜୀବୀମାନେ ସେହି ଅଞ୍ଚଳରେ ଖୁଲମ୍‌ଖୁଲା ଦେହ ବ୍ୟବସାୟ କରୁଥିବା ଏବଂ ପୋଲିସ ଜାଣିଶୁଣି ନୀରବ ରହୁଥିଲା ବୋଲି କୁହାଯାଉଛି। ପୂର୍ବରୁ ୨ବର୍ଷ ତଳେ ଦିନ ଦ୍ୱିପ୍ରହରରେ ଜଣେ ଯୁବକ ଉକ୍ତ ଆଡ୍ଡାରେ ନିଆଁ ଲଗାଇଦେଇଥିଲେ। ଅଭିଯୋଗ ଆଧାରରେ ପୋଲିସ ଯୁବକଙ୍କୁ ଗିରଫ କରିଥିଲା।

### ଆକ୍ରମଣ କରି ଲୁଟ୍ ଅଭିଯୋଗରେ ଯୁବକ ଗିରଫ

ପାତ୍ରପଡା,୨୦।୧୨(ଡି.ଏନ.ଏ.): ମାରଣାସ୍ତ୍ରରେ ଆକ୍ରମଣ କରି ବ୍ୟକ୍ତିଙ୍କୁ ଲୁଟ୍‌ପାଟ କରିବା ଅଭିଯୋଗରେ ଖଣ୍ଡଗିରି ଥାନା ପୋଲିସ ଜଣେ ଯୁବକଙ୍କୁ ଶୁକ୍ରବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ନୟାଗଡ ଜିଲା ଫତେଗଡ ଅଞ୍ଚଳର ଜଗନ୍ନାଥ ମହାନ୍ତି। ସେ ନୟାପଲ୍ଲୀ ଥାନା ଅଧୀନ ତାରିଣୀ ନଗରରେ ରୁହନ୍ତି। ସୂଚନା ଅନୁଯାୟୀ ଗତ ୧୬ ତାରିଖ ରାତି ପ୍ରାୟ ଏଗାରଟାରେ ସ୍ଥାନୀୟ ସତ୍ୟସାଇ ଏନକ୍ଲେଭ ଅଞ୍ଚଳରେ ରହୁଥିବା ବସନ୍ତ କୁମାର ଡାକୁଆ ଘରକୁ ଫେରୁଥିବା ସମୟରେ ଖଣ୍ଡଗିରି ଛକ ନିକଟରେ ଅଭିଯୁକ୍ତ ଓ ତାଙ୍କର ଅନ୍ୟ ୩ ଜଣ ସହଯୋଗୀ ୨ ଗୋଟି ବାଇକ୍‌ରେ ଆସି ତାଙ୍କୁ ଅଟକାଇଥିଲେ। ପରେ ତାଙ୍କୁ ଭୁଜାଲିରେ ହାଣି ତାଙ୍କଠାରୁ ମୋବାଇଲ ଫୋନ୍ ଲୁଟି ନେଇଥିଲେ। ପୋଲିସ ବସନ୍ତଙ୍କୁ ଚିକିତ୍ସା ଲାଗି ଏକ ହସ୍ପିଟାଲରେ ଭର୍ତ୍ତି କରିଥିଲା। ଅଭିଯୋଗ ପରେ ନଂ. ୭୩୨/ ୧୯ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

# ଧ୍ୱଂସ ଉଛି ଶ୍ରୀଲିଙ୍ଗରାଜ ମନ୍ଦିର ଚତୁଃପାର୍ଶ୍ୱ ଉଚ୍ଛେଦ

ପୁରୁଣା ଭୁବନେଶ୍ୱର ,୨୦।୧୨ (ଡି.ଏନ.ଏ.)

ଶ୍ରୀଲିଙ୍ଗରାଜ ମନ୍ଦିର ଚତୁଃପାର୍ଶ୍ୱ ଉଚ୍ଛେଦ ପ୍ରକ୍ରିୟା ଧ୍ୱଂମୋଉଛି। ଶୁକ୍ରବାର ଲିଙ୍ଗରାଜ ଥାନା ଭାଙ୍ଗିବାର ଥିଲା। ମାତ୍ର ମାଲଖାନାରେ ଥିବା ଆସବାବପତ୍ର ଓ ଗୁରୁତ୍ୱପୂର୍ଣ୍ଣ ନଥିପତ୍ର ସବୁ ସ୍ଥାନାନ୍ତର ହୋଇ ନ ଥିବାରୁ ବାଧ୍ୟ ହୋଇ ନିକଟସ୍ଥ ଶୌଚାଳୟ ଉଚ୍ଛେଦ କରାଯାଇଥିଲା। ପୂର୍ବଦିନରୁ ଅଧା ରଖିଥିବା ଶୌଚାଳୟର ଭଙ୍ଗାରୁଜା କାନ୍ଥ ଅନ୍ୟପାର୍ଶ୍ୱ ଉଚ୍ଛେଦ ହୋଇଥିଲା। ଥାନାର ମାଲଖାନା ଖାଲି ହେବା ପରେ ଶନିବାର ବ୍ରିଟିଶ୍ ଅମଳର ଏହି ଥାନାଟି ମାଟିରେ ମିଶିବ।

## ଖାଲି ହେଲା ମାଲଖାନା



### ଆମ୍‌ସାର ଆକ୍ଟ ନେଇ ପର୍ଯ୍ୟଟନ ବିଭାଗକୁ ମିଛୁଆ ଦର୍ଶାଇଲା ଏଏସ୍‌ଆଇ :

କେନ୍ଦ୍ର ସରକାରଙ୍କ ଐତିହ୍ୟ ତଥା କିର୍ତ୍ତୀରାଜିଗୁଡିକ ସୁରକ୍ଷା ନେଇ ଆମସାର ଆକ୍ଟ ଯେତେ କଡା କଡି ନିୟମ ପ୍ରଣୟନ କଲେ ମଧ ରାଜ୍ୟ ପର୍ଯ୍ୟଟନ ବିଭାଗ କିମ୍ବା ଓଟିଡିସି କର୍ତ୍ତୃପକ୍ଷ ଏସବୁ ପାଳନ କରିବାକୁ ନାରାଜ। ଶ୍ରୀଲିଙ୍ଗରାଜ ମନ୍ଦିରଠାରୁ ମାତ୍ର ୧୦ ମିଟର ଦୂରତାରେ ଅବୈଧ ଭାବେ ଆମସାର ଆକ୍ଟ ନିୟମ ଭଙ୍ଗ କରି କୋଟି କୋଟି ଟଙ୍କା ବ୍ୟୟ କରାଯାଇ ବ୍ୟାଖ୍ୟାୟନ କେନ୍ଦ୍ର, ଯାତ୍ରୀ ବିଶ୍ରାମସ୍ଥଳ ପରି କେତେକ ନିର୍ମାଣ ଚାଲିଛି। ଏହାକୁ ଏଏସ୍‌ଆଇ ପକ୍ଷରୁ ବାରଣ କରାଯାଇଛି। ହେଲେ ଏହାର ସମ୍ପୂର୍ଣ୍ଣ ବିରୋଧରେ ଯାଇ କେତେଜଣ ପ୍ରଭାବଶାଳୀ ବ୍ୟକ୍ତି ଏକଚାଟିଆ ଭାବେ କାର୍ଯ୍ୟ ଜାରି ରଖିଛନ୍ତି। ଶ୍ରୀଲିଙ୍ଗରାଜ ମନ୍ଦିର ଚତୁଃପାର୍ଶ୍ୱରୁ ଅବୈଧ ନିର୍ମାଣ ଏବଂ ଉଚ୍ଛେଦ ପ୍ରକ୍ରିୟାରେ ଏହି ଦୁଇଟି ନିର୍ମାଣ ଭଙ୍ଗାଯିବାର ଏକ ପ୍ରକାର ନିଶ୍ଚିତ ଥିବାବେଳେ କୌଣସି ନୀତି ନୟମକୁ କର୍ଣ୍ଣପାତ ନ କରି ଠିକାଦାର ନିର୍ମାଣ ଜାରି ରଖିଛନ୍ତି। ସାଧାରଣ ଉଠାଦୋକାନୀ, କ୍ଷୁଦ୍ର ବ୍ୟବସାୟୀମାନେ ରାଜ୍ୟ ସରକାରଙ୍କର ଶ୍ରୀଲିଙ୍ଗରାଜ ମନ୍ଦିର ସୌନ୍ଦର୍ଯ୍ୟକରଣ ପାଇଁ ନେଇଥିବା ପଦକ୍ଷେପକୁ ସ୍ୱାଗତ କରିବାକୁ ଯାଇ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଥିଲେ। ହେଲେ ପର୍ଯ୍ୟଟନ ବିଭାଗର ଏପରି ଦୋମୁହାଁ ନୀତିକୁ ସେମାନେ ବିରୋଧ କରୁଛନ୍ତି। ଏ ନେଇ ଓଟିଡିସି ନିର୍ବାହୀ ଯନ୍ତ୍ରୀ ଶଶାଙ୍କ ଶେଖର ଦାଶଙ୍କୁ ପଚାରିବାରୁ ଏଏସ୍‌ଆଇ ପକ୍ଷରୁ ନିର୍ଦ୍ଦିଷ୍ଟ ସର୍ତ୍ତ ରଖାଯାଇ ସାଧାରଣ ଶ୍ରଦ୍ଧାଳୁ ଏବଂ ପର୍ଯ୍ୟଟକଙ୍କ ନିମନ୍ତେ ଏହି ବ୍ୟାଖ୍ୟାୟନ କେନ୍ଦ୍ର ତଥା ଯାତ୍ରୀ ବିଶ୍ରାମସ୍ଥଳ ନିର୍ମାଣ କରାଯାଉଛି। ସାଧାରଣ ଯାତ୍ରୀ ତଥା ବାହାର ପର୍ଯ୍ୟଟକ ବ୍ୟାଖ୍ୟାୟନ କେନ୍ଦ୍ର ଯୋଗୁ ଶ୍ରୀଲିଙ୍ଗରାଜ ମନ୍ଦିର ତଥା ଆଖପାଖ ଶୈବ କ୍ଷେତ୍ର ବିଷୟରେ ଅଧିକ ଜ୍ଞାନ ଆହରଣ କରିପାରିବେ। ଆମ୍‌ସାର ଆକ୍ଟ ନିୟମକୁ ଅଣଦେଖା କରି ଏପରି ନିର୍ମାଣ ବନ୍ଦ ନ କରିବା ନେଇ ଏହା ତାଙ୍କର କ୍ଷମତା ପରିସର ନୁହେଁ, ଏଣୁ ଯଦି ଉପରିସ୍ଥ ଅଧିକାରୀ ଚାହିଁବେ ତେବେ ଆମସାର ଅକ୍ଟ ଅନୁଯାୟୀ ଏହା ଉଚ୍ଛେଦ କରାଯାଇ ପାରିବ ବୋଲି ସେ କହିଥିଲେ। ଏହି ବ୍ୟାଖ୍ୟାୟନ କେନ୍ଦ୍ର ଏଏସ୍‌ଆଇ ପକ୍ଷରୁ ନିର୍ଦ୍ଦିଷ୍ଟ ସର୍ତ୍ତ ଅନୁଯାୟୀ ସ୍ଥାୟୀ କିମ୍ବା କୌଣସି ଅସ୍ଥାୟୀ ନିର୍ମାଣ ଅନୁମତି ଦିଆଯିବା ସମ୍ପର୍କରେ ଭାରତୀୟ ପତ୍ନତତ୍ତ୍ୱ ବିଭାଗ ଭୁବନେଶ୍ୱର ସର୍କଲ ମୁଖ୍ୟ ଅରୁଣ ମଲ୍ଲିକ ଓଟିଡ଼ିସି ତଥା ପର୍ଯ୍ୟଟନ ବିଭାଗ ମିଛୁଆ ଦର୍ଶାଇଥିଲେ। ତାଙ୍କ ମତରେ କୌଣସି ରାଜ୍ୟ କିମ୍ବା ନିର୍ଦ୍ଦିଷ୍ଟ ମନ୍ଦିର କିମ୍ବା ଐତିହ୍ୟସ୍ଥଳିର ବିକାଶ ନେଇ ଯୋଜନା ଆଳରେ କୀର୍ତ୍ତିରାଜିର ସୁରକ୍ଷାକୁ ଏଏସ୍‌ଆଇ ଅଣଦେଖା କରେ ନାହିଁ। ଏଣୁ ପ୍ରାଥମିକତା ଭିତ୍ତିରେ ଆମସାର ଆକ୍ଟକୁ ସମ୍ମାନ ଦେଇ ପର୍ଯ୍ୟଟନ ବିଭାଗ ନିଜର ଭୁଲ ସୁଧାରିବାକୁ ସେ କହିଛନ୍ତି।

# ବିବାହ ପ୍ରତିଶ୍ରୁତି ଦେଇ ଯୁବତୀଙ୍କୁ ବଳାତ୍କାର

## ଅନ୍ୟତ୍ର ବିବାହ ଯୋଜନାବେଳେ ଯନ୍ତ୍ରୀ ଗିରଫ

ଭୁବନେଶ୍ୱର, ୨୦।୧୨(ବ୍ୟୁରୋ)

ଯୁବତୀଙ୍କୁ ପ୍ରେମ ଜାଲରେ ଫସାଇ ବିବାହର ପ୍ରତିଶ୍ରୁତି ଦେଇ ବଳାତ୍କାର କରି ଅନ୍ୟତ୍ର ବିବାହ ପାଇଁ ମସୁଧା କରୁଥିବା ଅଭିଯୁକ୍ତ କନିଷ୍ଠଯନ୍ତ୍ରୀଙ୍କୁ ଇନଫୋସିଟି ଥାନା ପୋଲିସ ଗିରଫ କରିଛି। ସେ ହେଲେ ଯାଜପୁର ଜିଲା ଟାଉନ ଥାନା ଅଞ୍ଚଳର ବ୍ରହ୍ମାନନ୍ଦ ସାହୁ(୨୯)। ସୂଚନା ମୁତାବକ, ଅଭିଯୁକ୍ତ ବ୍ରହ୍ମାନନ୍ଦ ଡୁଙ୍ଗୁରିପାଲିସ୍ଥିତ ବିଦ୍ୟୁତ କର ଆଦାୟ ସଂସ୍ଥା ୱେସ୍କୋରେ ଜୁନିୟର ଇଞ୍ଜିନିୟର ଭାବେ କାର୍ଯ୍ୟ କରୁଥିଲେ। ଯାଜପୁର ଅଞ୍ଚଳର ଜଣେ ଯୁବତୀଙ୍କ ସହ ତାଙ୍କର ୨୦୧୧ରେ ପ୍ରଥମେ ବନ୍ଧୁତା ଓ ପରେ ପ୍ରେମ ସମ୍ପର୍କ ଗଢିଉଠିଥିଲା। ପରବର୍ତ୍ତୀ ସମୟରେ ତାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ଯୁବତୀଙ୍କ ଅନିଚ୍ଛା ସତ୍ତ୍ୱେ ତାଙ୍କ ସହ ଶାରୀରିକ ସମ୍ପର୍କ ସ୍ଥାପନ କରିଥିଲେ। ଏପରି କି ଯୁବତୀ ଜଣଙ୍କ ପଟିଆ ଅଞ୍ଚଳରେ ଏକ ଘରୋଇ କମ୍ପାନୀରେ ଚାକିରି କରୁଥିବାବେଳେ ତାଙ୍କ ପାଖରେ ଅନେକ ସମୟ ରୁହନ୍ତି। ମାତ୍ର ପରବର୍ତ୍ତୀ ସମୟରେ ଯୁବତୀଙ୍କୁ ଧୋକା ଦେଇ ବ୍ରହ୍ମାନନ୍ଦ ଫେରାର ହୋଇଯିବା ସହ ଯୁବତୀଙ୍କ ଫୋନ ଉଠାଇ ନ ଥିଲେ। ଅନ୍ୟ ଜଣେ ଯୁବତୀଙ୍କ ସହ ତାଙ୍କର ନିର୍ବନ୍ଧ ହେବା ପରେ ସେ ଫେସବୁକରେ ଫଟୋ ପୋଷ୍ଟ କରିଥିଲେ। ଏ ନେଇ ଯୁବତୀ ଜଣକ ଜାଣିବା ପରେ ଇନଫୋସିଟି ଥାନାରେ ଗତ ୧୩ରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଯୁବତୀଙ୍କ ତଥ୍ୟ ମୁତାବକ ସେମାନେ ରାତି କଟାଇଥିବା ଲଜକୁ ଯାଇ କାଗଜପତ୍ର ଯାଞ୍ଚ କରିବା ପରେ ପୋଲିସ ହାତରେ ପ୍ରମାଣ ଲାଗିଥିଲା। ପୋଲିସ ନଂ.୨୫୬/୧୯ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଡୁଙ୍ଗୁରିପାଲି ଅଞ୍ଚଳରୁ ଗିରଫ କରିଥିଲା। ଏଥିସହ ଅଭିଯୁକ୍ତଙ୍କୁ ପଚରାଉଚରା ପରେ କୋର୍ଟ ଚାଲାଣ କରିଥିଲା। ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।




କାର୍ଯ୍ୟକ୍ରମରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଓ ଅନ୍ୟ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

## ■ଓଡ଼ିଶା ପରିବେଶ କଂଗ୍ରେସ ଆରମ୍ଭ

# ଖଣି ପାଇଁ ପରିବେଶ ପ୍ରଦୂଷଣ ବଢ଼ୁଛି

ଭୁବନେଶ୍ୱର, ୨୦।୧୨(ବ୍ୟୁରୋ)

ଦଶମ ଓଡ଼ିଶା ପରିବେଶ କଂଗ୍ରେସ ଶୁକ୍ରବାର ଆରମ୍ଭ ହୋଇଯାଇଛି। ଭୁବନେଶ୍ୱରସ୍ଥିତ ପ୍ରାକୃତିକ ଇତିହାସର ଆଞ୍ଚଳିକ ସଂଗ୍ରହାଳୟ ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଉଦ୍‌ଘାଟନ କରି କହିଛନ୍ତି, ପରିବେଶ ପ୍ରଦୂଷଣ ବଢ଼ିଚାଲିଥିବାରୁ ଏହାର ସମାଧାନ ପାଇଁ ଆଲୋଚନା ଆବଶ୍ୟକ। ମାନବ, ବିଜ୍ଞାନ ଓ ପ୍ରକୃତି ମଧ୍ୟରେ ଯେଉଁ ଏକାତ୍ମତା ରହିବା କଥା ତାହା ରହୁନାହିଁ। ଏମାନଙ୍କ ଭିତରେ ଆବଶ୍ୟକ ସମନ୍ୱୟକୁ ଆମେ ନଷ୍ଟ କରୁଛୁ, ଯାହାର ପରିଣାମ ହେଉଛି ପର୍ଯ୍ୟାବରଣ ସମସ୍ୟା। ଏହାକୁ ଏଡ଼ାଇବାକୁ ହେଲେ ସାରା ବିଶ୍ୱକୁ ଶୃଙ୍ଖଳା ଆଧାରରେ ଚାଲିବାକୁ ହେବ। ସନ୍‌ରାଇଜ୍ ଟେକ୍ନୋଲୋଜିକୁ ଗ୍ରହଣ କରିବାକୁ ହେବ ବୋଲି ରାଜ୍ୟପାଳ କହିଛନ୍ତି। ଚଳିତବର୍ଷ ଓଡ଼ିଶା ପରିବେଶ କଂଗ୍ରେସର ଥିମ୍ ରହିଛି ‘ପରିବେଶ ଓ ଖଣି’। ରାଜ୍ୟର ବିକାଶ କ୍ଷେତ୍ରରେ ଖଣିର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବାବେଳେ ଏଥିପାଇଁ ପରିବେଶ ପ୍ରଦୂଷଣ ମଧ ବଢ଼ିବାରେ ଲାଗିଛି। ଖଣି ଉତ୍ତୋଳନ ସହ କିପରି ପରିବେଶ ସୁରକ୍ଷା କରାଯାଇପାରିବ, ସେ ସମ୍ପର୍କରେ ପରିବେଶ ବିଜ୍ଞାନୀ ଓ ଗବେଷକଙ୍କ ସହ ରାଜନେତା, ବରିଷ୍ଠ ପ୍ରଶାସକ, ଶିଳ୍ପପତି ଓ ଶିକ୍ଷାନୁଷ୍ଠାନ ପ୍ରତିନିଧି, ପରିବେଶ ପ୍ରଭାବିତ ଅଞ୍ଚଳର ସାମାଜିକକର୍ମୀମାନେ ଯୋଗଦେଇ ପରିବେଶ ଉପରେ ଖଣିର ପ୍ରଭାବ ଓ ପ୍ରତିକାର ସମ୍ପର୍କରେ ମତାମତ ରଖିଥିଲେ। ଧୀରେନ କୁମାର ରୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ବିଧାୟକ ଦେବୀ ପ୍ରସାଦ ମିଶ୍ର ଏବଂ କେରଳସ୍ଥିତ ସିଇଡିର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ବାବୁ ଅମ୍ବାତ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଓଡ଼ିଶା ପରିବେଶ କଂଗ୍ରେସର ସଙ୍ଗଠନ ସମ୍ପାଦକ ସୁଦର୍ଶନ ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ପ୍ରାକୃତିକ ଇତିହାସର ଆଞ୍ଚଳିକ ସଂଗ୍ରହାଳୟ ଡାଇରେକ୍ଟର ଇନ୍‌ଚାର୍ଜ ଡ. ସୌରଭ ଗର୍ଗ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ରାଜ୍ୟପାଳ ‘କନ୍‌ଫରେନ୍ସ ପ୍ରୋସିଡିଂ’ ପୁସ୍ତକ ଉନ୍ମୋଚନ କରିଥିଲେ। ତିନିଦିନର ଏହି ମାନସମନ୍ଥନ କାର୍ଯ୍ୟକ୍ରମରେ ୭ ବୈଷୟିକ ଅଧିବେଶନ ରହିଛି। ଏଥିରେ ଓଡ଼ିଶାରେ ଖଣି ଓ ଖଣିଜ ସମ୍ପଦ, ଖଣି ଓ ପରିବେଶଗତ ପରିଚାଳନା, ଖଣି ଶିଳ୍ପରେ ଦାୟିତ୍ୱବୋଧ, ସାମାଜିକ ଓ ଅର୍ଥନୈତିକ ବିକାଶ ଏବଂ ନିରନ୍ତର ଖଣି ସମ୍ପର୍କରେ ଆଲୋଚନା ହେବ। ଉଦଯାପନୀ ଦିବସରେ ପରିବେଶ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପୁରସ୍କାର ପ୍ରଦାନ କରାଯିବାର କାର୍ଯ୍ୟକ୍ରମ ରହିଛି।

### ୫ ଦିନ ବ୍ୟାପୀ ହେବ ନେତାଜୀ ଉତ୍ସବ

ଭୁବନେଶ୍ୱର,୨୦।୧୨(ବ୍ୟୁରୋ)

ଆସନ୍ତା ଜାନୁୟାରୀ ୧୭ରୁ ୨୧ ପର୍ଯ୍ୟନ୍ତ ୫ ଦିନ ବ୍ୟାପୀ ‘୬ଷ୍ଠ ନେତାଜୀ ସୁଭାଷ ଉତ୍ସବ – ଜୟ ହିନ୍ଦ୍ ୨୦୨୦’ ରାଜଧାନୀ ଭୁବନେଶ୍ୱରରେ ଅନୁଷ୍ଠିତ ହେବ। ଚଳିତ ଥର ଏହି ଉତ୍ସବକୁ ସ୍ୱାଧୀନତା ସଂଗ୍ରାମର ତିନି ଜଣ ଅଗ୍ନିକନ୍ୟା ଅମର ଶହୀଦ ପ୍ରୀତିଲତା ୱାଦେଦାର, କନକଲତା ବରୁଆ ଓ ପରୀ ବେୱାଙ୍କୁ ଉତ୍ସର୍ଗ କରାଯାଇଛି। ଶହୀଦ ପ୍ରୀତିଲତା ଚିଟାଗଙ୍ଗ ଆଜିର ବାଂଲାଦେଶରେ ଅନ୍ତର୍ଭୁକ୍ତ, ୟୁରୋପିଆନ୍ କ୍ଲବ୍‌ରେ ଆକ୍ରମଣ କରି ୫ ଜଣ ଅତ୍ୟାଚାରୀ ବ୍ରିଟିଶ୍ ଅଧିକାରୀଙ୍କୁ ହତ୍ୟା କରିବା ପରେ ଧରାପଡ଼ିବା ଆଗରୁ ସାଇନାଇଡ୍ ଖାଇ ଆତ୍ମହତ୍ୟା କରିଥିଲେ। ଆସାମର ଝିଅ କନକଲତା ଓ ଓଡ଼ିଶାର ଝିଅ ପରୀ ବେୱା ‘ଭାରତ ଛାଡ଼’ ଆନ୍ଦୋଳନରେ ଖାସ ଦେଇ ଜାତୀୟ ପତାକା ଉଡ଼ାଇବାକୁ ଯାଇ ବ୍ରିଟିଶ୍ ପୋଲିସ୍ ଗୁଳିରେ ଶହୀଦ ହୋଇଥିଲେ। ନେତାଜୀ ଉତ୍ସବ ଅବସରରେ ବିଗତ ଦିନରେ ଆରମ୍ଭ ହୋଇଥିବା ‘ଜୟ ହିନ୍ଦ୍ ବୃତ୍ତି’କୁ ବାଂଲାଦେଶ ଓ ଭାରତୀୟ ଛାତ୍ରୀଛାତ୍ରଙ୍କୁ ପ୍ରଦାନ କରାଯିବ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ବ୍ୟକ୍ତିତ୍ୱଙ୍କୁ ଜୟହିନ୍ଦ୍ ସମ୍ମାନରେ ସମ୍ବର୍ଦ୍ଧିତ କରାଯିବ। ଜାନୁୟାରୀ ୧୭ରେ ଭୁବନେଶ୍ୱର ବୁଦ୍ଧ ମନ୍ଦିର ହଲ୍‌ରେ ନେତାଜୀ ଉତ୍ସବ ଓ ୨୧ ରେ ଜୟଦେବ ଭବନରେ ନେତାଜୀ ଓ ଆଜାଦ୍ ହିନ୍ଦ୍ ଫୌଜ ଉପରେ ଫଟୋଚିତ୍ର ପ୍ରଦର୍ଶନୀ ଆୟୋଜିତ ହେବ ବୋଲି ପରିଷଦର ସଭାପତି ଦେବୀ ପ୍ରସାଦ ପୃଷ୍ଟି ଏବଂ ସଂଗଠକ ମନୋଜ କୁମାର ନାୟକ ସୂଚନା ଦେଇଛନ୍ତି।

# ଓଡ଼ିଶାରେ ଦିଶା ଆଇନ ଲାଗୁ ପାଇଁ ଦାବି

ଭୁବନେଶ୍ୱର,୨୦।୧୨(ବ୍ୟୁରୋ)

■ରାଜ୍ୟପାଳଙ୍କୁ ଭେଟି ସ୍ମାରକପତ୍ର ଦେଲା ମହିଳା ଅଧିକାର ସୁରକ୍ଷା ମଞ୍ଚ

ଓଡ଼ିଶାରେ ବଳାତ୍କାର ଓ ମହିଳାଙ୍କ ଉପରେ ନିର୍ଯାତନା ବଢୁଥିବାରୁ ଉଦ୍‌ବେଗ ପ୍ରକାଶ କରିଛି ମହିଳା ଅଧିକାର ଅଭିଯାନ ସଙ୍ଗଠନ। ଏହାକୁ ରୋକିବା ପାଇଁ କଠୋର ଆଇନର ଆବଶ୍ୟକତା ରହିଛି। ତେଣୁ ଆନ୍ଧ୍ରପ୍ରଦେଶ ଭଳି ଓଡ଼ିଶାରେ ଦିଶା ଆଇନ ଲାଗୁ କରାଯିବାକୁ ଦାବି କରିଛି ଏହି ସଙ୍ଗଠନ। ସାମାଜିକ କର୍ମୀ ନମ୍ରତା ଚଢାଙ୍କ ନେତୃତ୍ୱରେ ଏହି ସଙ୍ଗଠନର ଏକ ପ୍ରତିନିଧି ମଣ୍ଡଳୀ ଶୁକ୍ରବାର ରାଜ୍ୟପାଳ ଗଣେଶୀ ଲାଲଙ୍କୁ ଭେଟି ଏ ନେଇ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏଥିରେ ସେମାନେ ଦର୍ଶାଇଛନ୍ତି ଯେ, ୨୦୧୯ରେ ରାଜ୍ୟରେ ୧ହଜାର ୧୪୯ ମହିଳା ଓ ଯୁବତୀଙ୍କୁ ବଳାତ୍କାର କରାଯାଇଛି। ମାତ୍ର ବଳାତ୍କାର ହାର ଅନୁଯାୟୀ ଅଭିଯୁକ୍ତଙ୍କ ପ୍ରତି ଦଣ୍ଡବିଧାନହାର କମ୍ ରହିଛି। ଦୋଷୀଙ୍କୁ ଦଣ୍ଡହାର ୧୮.୩୫ ପ୍ରତିଶତ ରହିଛି, ଯାହା ଅତ୍ୟନ୍ତ ନୈରାଶ୍ୟଜନକ। ଏଭଳି ମାମଲାଗୁଡ଼ିକର ବିଚାର ପ୍ରକ୍ରିୟା କିଭଳି ତୁରନ୍ତ ଶେଷ ହୋଇ ଅଭିଯୁକ୍ତଙ୍କ ପ୍ରତି ଦଣ୍ଡବିଧାନ ହୋଇପାରିବ ସେଥିଲାଗି ପଦକ୍ଷେପ ନେବାକୁ ନିବେଦନ କରାଯାଇଛି। ନିକଟରେ ଆନ୍ଧ୍ରପ୍ରଦେଶରେ ଦିଶା ଆଇନ ଲାଗୁ ହୋଇଛି। ଏହି ଆଇନରେ ବଳାତ୍କାର ମାମଲାର ୨୧ଦିନ ମଧ୍ୟରେ ବିଚାର କରାଯାଇ ଫାଶୀଦଣ୍ଡ ଦେବାର ବ୍ୟବସ୍ଥା ରହିଛି। ତେଣୁ ଓଡ଼ିଶାରେ ମଧ ଦିଶା ଆଇନ ଲାଗୁ କରାଯିବା ପାଇଁ ରାଜ୍ୟପାଳଙ୍କୁ ନିବେଦନ କରାଯାଇଛି। ଏ ନେଇ ଚଢା କହିଛନ୍ତି, ରାଜ୍ୟପାଳଙ୍କୁ ଏକ ସ୍ମାରକପତ୍ର ଦେଇଛୁ। ତୁରନ୍ତ ଦାବି ପୂରଣ ପାଇଁ ନିବେଦନ ଜଣାଇଛୁ। ଦାବି ପ୍ରତି ଗୁରୁତ୍ୱ ଦେଇ ପଦକ୍ଷେପ ନେବାକୁ ଚେଷ୍ଟା କରିବେ ବୋଲି ରାଜ୍ୟପାଳ ପ୍ରତିଶ୍ରୁତି ଦେଇଥିବା ଚଢା କହିଛନ୍ତି।

# ରେଳ ଉପଭୋକ୍ତା ପରାମର୍ଶଦାତା ବୈଠକ

ଭୁବନେଶ୍ୱର, ୨୦।୧୨(ବ୍ୟୁରୋ)

ପୂର୍ବତଟ ରେଳପଥ ପକ୍ଷରୁ ଶୁକ୍ରବାର ମୁଖ୍ୟାଳୟ ରେଳସଦନରେ କ୍ଷେତ୍ରୀୟ ଉପଭୋକ୍ତା ପରାମର୍ଶଦାତା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାପ୍ରବନ୍ଧକ ବିଦ୍ୟା ଭୂଷଣ ଅଧ୍ୟକ୍ଷତା କରିଥିଲେ। ବୈଠକରେ ଯାତ୍ରୀ ସୁବିଧା ଓ ସେବା, ସାଧାରଣ ଚାହିଦା, ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ରାଜ୍ୟ ସରକାରଙ୍କ ପ୍ରତିନିଧି ସମେତ ଚାମ୍ବର ଅଫ୍ କମର୍ସ ଓ ଇଣ୍ଡଷ୍ଟ୍ରି ସଦସ୍ୟ, ଶିଳ୍ପ, ପିଏସ୍‌ୟୁ, ଯାତ୍ରୀ ସଙ୍ଗଠନ ସଦସ୍ୟ, ଖାଉଟି ସଙ୍ଗଠନ ସଦସ୍ୟ ଏବଂ ଅନ୍ୟ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇ ଆଲୋଚନା କରିଥିଲେ। ପୂର୍ବତଟ ରେଳପଥ କ୍ଷେତ୍ରୀୟ ରେଳ ଉପଭୋକ୍ତା ପରାମର୍ଶଦାତା କମିଟିର ସଦସ୍ୟ ଅନନ୍ତ ନାରାୟଣ ଜେନା, ପି.କେ. ଲିଙ୍ଗେଶ୍ୱର ରାଓ, ଜି. ଭକ୍ତ ସାଇରାମ, ଏ.ଏସ.ଆର.କେ. ରବି ବାବ୍‌ଜୀ, ରାଜା ମିଶ୍ର, ବିପିନ କୁମାର ଭାଟିଆ, ରଶିଦ ଆସଲାମ୍, ଦୁର୍ଗାଦତ୍ତ ଦାସ, ପ୍ରଶାନ୍ତ ପାତ୍ର, ଅନିଲ କୁମାର ଜୈନ ଏବଂ ଗୋବିନ୍ଦ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ। ରେଳପଥ ପକ୍ଷରୁ ଅତିରିକ୍ତ ମହାପ୍ରବନ୍ଧକ ସୁଧୀର କୁମାର, ବରିଷ୍ଠ ଉପମହାପ୍ରବନ୍ଧକ ଏଚ୍.କେ. ଦତ୍ତ ଏବଂ ବିଭାଗୀୟ ପ୍ରମୁଖମାନେ ଯୋଗ ଦେଇଥିଲେ। କମିଟି ସମ୍ପାଦକ ତଥା ଉପମହାପ୍ରବନ୍ଧକ ଅଶୋକ କୁମାର ମିଶ୍ର ବୈଠକକୁ ପରିଚାଳନା କରିଥିଲେ।

### ରୋଷେଇ ଘରେ ଷ୍ଟୋଭ ଫାଟି ମହିଳା ଗୁରୁତର

ଭୁବନେଶ୍ୱର,୨୦।୧୨(ବ୍ୟୁରୋ): ଖଣ୍ଡଗିରି ଥାନା ଭରତପୁର ଅଞ୍ଚଳର ରୀତାଞ୍ଜଳି ସାହୁ ଶୁକ୍ରବାର ରୋଷେଇ କରୁଥିବାବେଳେ ଷ୍ଟୋଭ ଫାଟି ଗୁରୁତର ଆହତ ହୋଇଛନ୍ତି। ଚିତ୍କାର ଶୁଣି ପରିବାର ଏବଂ ପଡୋଶୀ ତାଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଛନ୍ତି। ଶରୀରର ୯୦ ପ୍ରତିଶତ ପୋଡ଼ି ଯାଇଥିବାରୁ ତାଙ୍କୁ କଟକ ବଡ଼ ମେଡିକାଲକୁ ପଠାଇ ଦିଆଯାଇଛି। ସୂଚନାଯୋଗ୍ୟ, ରୀତାଞ୍ଜଳି ସନ୍ଧ୍ୟାରେ ରୋଷେଇ କରିବା ପାଇଁ ଷ୍ଟୋଭ ଲଗାଇଥିଲେ। କିନ୍ତୁ ଷ୍ଟୋଭର ପ୍ରେସର ଅଧିକ ଦେଇଥିଲେ। ଯାହାଫଳରେ ହଠାତ୍ ଷ୍ଟୋଭଟି ଫାଟିଯିବାରୁ ରୀତାଞ୍ଜଳି ପୋଡ଼ିଯାଇଥିଲେ।

### କାନାରା ବ୍ୟାଙ୍କ ପକ୍ଷରୁ ରିଟେଲ ଏକ୍ସପୋ




ଭୁବନେଶ୍ୱର,୨୦–୧୨

କାନାରା ବ୍ୟାଙ୍କ ପକ୍ଷରୁ ରିଟେଲ ଏକ୍ସପୋ ଏବଂ କ୍ୟାନବାଜାର ସ୍ଥାନୀୟ ସର୍କଲ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ କ୍ରିକେଟ ତାରକା ଭେଙ୍କଟେସ ପ୍ରଶାଦ, ସର୍କଲ ମୁଖ୍ୟ ଶ୍ରୀକାନ୍ତ ମହାପାତ୍ର ଏବଂ ଡିଜିଏମ ଜୋଗେନ୍ଦ୍ର ସିଂ ଘଂଗାସ ଏହାକୁ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ୧୦୦ ଗ୍ରାହକଙ୍କୁ ଋଣ ମଞ୍ଜୁରୀ ପତ୍ର ପ୍ରଦାନ କରାଯାଇଥିଲା। ସେହିଭଳି କ୍ୟାନ ବଜାରରେ ସ୍ଥାନୀୟ ସମସ୍ତ ଶାଖା ଅଂଶ ଗ୍ରହଣ କରିଥିଲେ। ବିଭିନ୍ନ ବର୍ଗରେ ଗ୍ରାହକଙ୍କ ଋଣ ଆବଶ୍ୟକତା ଆଧାରରେ ୨୦ କୋଟି ଟଙ୍କାର ଋଣ ପ୍ରଦାନ କରାଯାଇଛି। ୩୦ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସେମାନଙ୍କ ପ୍ରଡକ୍ଟ ପ୍ରଦର୍ଶନ କରାଇ। ଆମନ୍ତ୍ରଣ କରାଯାଇଥିଲା।

## ■ ଗଛ ଲଗାଇଥିଲେ ଏବେ କାଟିଦେଲେ

# ୫୭ ନଂ. ଜାତୀୟ ରାଜପଥ କଡ଼ ବୃକ୍ଷଶୂନ୍ୟ

■ସରକାରୀ ଅର୍ଥ ଅପବ୍ୟୟ
■ ରାତିରେ କଟାଯାଉଛି ଗଛ
■ଦୂରଦୃଷ୍ଟିର ଅଭାବ ନୁହେଁ ଲୋଭର ମୋହ

ଖୋର୍ଦ୍ଧା ଅଫିସ/ବୋଲଗଡ, ୨୦।୧୨ (ଡି.ଏନ.ଏ.)

ରାସ୍ତା ପ୍ରଶସ୍ତୀକରଣର ଆଳ ଦେଖାଇ ବଲାଙ୍ଗୀର–ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥ(ଏନଏଚ୍) କଡରୁ କଟା ଚାଲିଛି ଗଛ। ତେବେ ରାସ୍ତା ପ୍ରଶସ୍ତୀକରଣକୁ ପରିବେଶବିତ ବିରୋଧ କରୁନାହାନ୍ତି। ବିରୋଧ କରୁଛନ୍ତି ବୃକ୍ଷରୋପଣ କରାଯାଉଥିଲା କାହିଁକି। ପୁଣି ମାତ୍ର ୫ରୁ ୭ ବର୍ଷର ବ୍ୟବଧାନ ପରେ ଗଛ କଟା ଯାଉଛି କ’ଣ ପାଇଁ। ବୃକ୍ଷରୋପଣ ଓ ଗଛ କଟା ପାଇଁ ଯେଉଁ ସରକାରୀ ଅର୍ଥ ଅପବ୍ୟୟ ହେଲା, ସେହି ଅର୍ଥ ଭରଣା ହେବ କେମିତି। ରାସ୍ତାକଡରେ ଛାଇ ମିଳିବ କିପରି। ପ୍ରଶାସନର ଗଛ ଲଗା ଓ କଟା ଅଭିଯାନର ରହସ୍ୟର ଗୁମର ଖୋଲିବା ଉଚିତ୍। ଏହାକୁ ଦୂରଦୃଷ୍ଟିର ଅଭାବ କହି ଖସାଇ ଦେବା ଠିକ୍ ନୁହେଁ। ପୂର୍ବରୁ କିଛି ରାସ୍ତାରେ ଗଛ ଲଗାଯାଇ କଟା ହୋଇଯାଇଛି। କିଛି କର୍ମଚାରୀ, ଅଧିକାରୀଙ୍କର ଲୋଭ ଯୋଗୁ ସରକାରୀ ଅର୍ଥ ଅପବ୍ୟୟ ହେବାରେ ଲାଗିଛି। ଅନ୍ୟପକ୍ଷେ ରାଜପଥ କଡରୁ ରାତିରେ ଗଛ କଟା ଚାଲୁ ରହିଛି। ସନ୍ଧ୍ୟା ହେଲେ ଲୋକେ ଗଛ କଟାରେ ସାମିଲ ହେଉଛନ୍ତି। ସାଧାରଣତଃ ଜଣେ ପଥିକ ଜାଣି ପାରିବନି ରାସ୍ତାକଡରେ ଗଛ ଥିଲା କି ନାହିଁ। କାରଣ ଦିନବେଳା ଗଛକଟା ଅଭିଯାନ ବନ୍ଦ ରହୁଛି। ଏବେ କପାସିଆରୁ ତୁଡା ରାସ୍ତା କାର୍ଯ୍ୟ ଚାଲୁ ରହିଛି। ରାସ୍ତା ପ୍ରଶସ୍ତୀକରଣ ସହ ଗଛ କଟା ବି ଚାଲିଛି। ସମ୍ପୃକ୍ତ ରାସ୍ତାରେ ୫ରୁ ୭ବର୍ଷ ତଳେ ଗଛ ଲଗାଯାଇଥିଲା। ଉକ୍ତ ଗଛଗୁଡିକ ନ କାଟି ଅନ୍ୟତ୍ର ସ୍ଥାନାନ୍ତର ବି କରାଯାଉନି, ଯଦ୍ୱାରା ରାସ୍ତାକଡରୁ ଗଛ ବଳି ପଡୁଛି। ପରିବେଶ୍‌ବିତ୍ ବିଭୂତି ଭୂଷଣ ଦାଶ କୁହନ୍ତି, ସରକାରୀ ଟଙ୍କା କିଏ କେତେ ଅଧିକ ଖର୍ଚ୍ଚ କରି ପାରୁଛି ସେଥିପାଇଁ ଚାଲିଛି ପ୍ରତିଯୋଗିତା। ପ୍ରତିଯୋଗିତା ଦୁନିଆରେ ସରକାରୀ ଅର୍ଥ ଅପବ୍ୟୟକୁ କାହାରି ଧ୍ୟାନ ନାହିଁ। ଗଛ ଲଗାଇବା ଓ କାଟିବାର ପ୍ରସ୍ତାବକୁ ସରକାର ମନା କିପରି କରୁଛନ୍ତି ତାହା ୫୭ ରାସ୍ତାପାର୍ଶ୍ୱ ଗଛ କଟା ଓ ରୋପଣ ଅଭିଯାନରୁ ସ୍ପଷ୍ଟ ବାରି ହୋଇପଡୁଛି। ସରକାର ଓ ପ୍ରଶାସନ ଏହାକୁ ଗୁରୁତର ସହ ନେଇ ଆଗକୁ ଯେପରି ସରକାରୀ ଅର୍ଥ ଅପବ୍ୟୟ ହେବନି ସେଥିପ୍ରତି ଦୃଷ୍ଟି ଦିଅନ୍ତୁ। କେଉଁ ରାସ୍ତାରେ ନୂଆ ଚାରାରୋପଣ ହେବ, ପ୍ରଶସ୍ତୀକରଣକୁ ଦୃଷ୍ଟି ଦେଇ ଗଛ ଲଗାନ୍ତୁ। ନଚେତ ଗଛ ଲଗା ଓ କଟାରେ ଅର୍ଥ ଅପବ୍ୟୟକୁ ରୋକି ହେବନାହିଁ।



ରାସ୍ତା ପ୍ରଶସ୍ତୀକରଣ ପାଇଁ କଡରୁ ଗଛ କଟାଯାଉଛି ।



ସମସ୍ତଙ୍କ ଆତ୍ମା ଅମର। କିନ୍ତୁ ନ୍ୟାୟବାନ ଲୋକର ଆତ୍ମା ହିଁ ଦେବତ୍ୱ ଲାଭ କରେ।
- ସକ୍ରେଟିସ



## ସଂକ୍ଷେପରେ

### ଯୌତୁକ ପାଇଁ ମହିଳାଙ୍କୁ ନିର୍ଯାତନା

**ନିମାପଡ଼ା,୨୦।୧୨(ଡି.ଏନ୍.ଏ.):** ନିମାପଡ଼ା ଥାନା ଅନ୍ତର୍ଗତ ପାଟପୁର ଗୁଣ୍ଡିଚାବାଡି ଗ୍ରାମର ମୌସୁମୀ ଦାସ(୩୭)ଙ୍କୁ ତାଙ୍କ ସ୍ୱାମୀ ନିର୍ଯାତନା ଦେବା ସହ ମାଡ଼ ମାରିଥିବା ଶୁକ୍ରବାର ଅଭିଯୋଗ ହୋଇଛି। ପୋଲିସ ଏ ସମ୍ପର୍କରେ ଏକ ମାମଲା(ନଂ.୩୨୮/୧୯)ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ନିମାପଡ଼ା ଥାନା ଡଗରାସାହି ଗ୍ରାମର ମୌସୁମୀ ୨୦୧୮ ମସିହାରେ ଗୁଣ୍ଡିଚାବାଡି ଗ୍ରାମର ଶୁଭକାନ୍ତ ପଟ୍ଟନାୟକଙ୍କୁ ବିବାହ କରିଥିଲେ। ବିବାହ ବେଳେ ଦାବି ମୁତାବକ ଯୌତୁକ ଦିଆଯାଇଥିଲା। କିଛି ଦିନ ପରେ ବାପଘରୁ ଅଧିକ ୨ଲକ୍ଷ ଟଙ୍କା ଆଣିବାକୁ ଶୁଭକାନ୍ତ ତାଙ୍କ ସ୍ତ୍ରୀଙ୍କୁ କହିଥିଲେ। ସେ ଏଥିରେ ଅରାଜି ହେବାରୁ ଶୁଭକାନ୍ତ ତାଙ୍କୁ ମାଡ଼ ମାରିବା ସହ ନିର୍ଯାତନା ଦେଉଥିଲେ। ତିନି ଦିନ ହେବ ବାପଘରୁ ଅଧିକ ଯୌତୁକ ଆଣିବା ଦାବିରେ ମୌସୁମୀଙ୍କୁ ତାଙ୍କ ସ୍ୱାମୀ ମାଡ଼ ମାରିବା ସହ ତାଙ୍କ ଅଶ୍ଲୀଳ ଫଟୋ ଉଠାଇ ସୋସିଆଲ ମିଡିଆରେ ଭାଇରାଲ କରିବାକୁ ଧମକ ଦେଇଛନ୍ତି। ଏହା ସହ ତାଙ୍କୁ ପେଟ୍ରୋଲ ଢାଳି ପୋଡି ମାରିଦେବାକୁ ଧମକ ଦେଇଥିବା ମୌସୁମୀ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି।

### ବାକି ନ ଦେବାରୁ ଘର ଜାଳିଦେଲେ

**କଣାସ,୨୦।୧୨(ଡି.ଏନ.ଏ.):** ଗଡିଶାଗୋଡା ଥାନା ଅନ୍ତର୍ଗତ ବୀରକେଶରପୁର ଗ୍ରାମରେ ଜଣେ ମହିଳା ନିଜ ଘରେ ଦୋକାନ କରିଥିବାବେଳେ ବାକିରେ ଜିନିଷ ନ ଦେବାରୁ ଜଣେ ଯୁବକ ତାଙ୍କ ଘରକୁ ଜାଳିଦେଇଥିବା ଅଭିଯୋଗ ହୋଇଛି। ଏ ନେଇ ପୋଲିସ ନଂ.୧୬୨/୧୯ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ଗ୍ରାମର କେଳୁଣି ସାହୁ ନିଜ ସ୍ୱାମୀଙ୍କ ମୃତ୍ୟୁ ପରେ ଘରେ ଏକ ଦୋକାନ କରି ଦୁଃଖେ କଷ୍ଟେ ଚଳୁଥିଲେ। କିନ୍ତୁ ଗ୍ରାମର ପୀତବାସ ଶ୍ରୀଚନ୍ଦନ ମହିଳାଙ୍କ ଦୋକାନରୁ ବାରମ୍ବାର ବାକି ମାଗିଥିଲେ। ସେ ବାକି ନ ଦେବାରୁ ତାଙ୍କ ଉପରେ ରାଗ ରଖି ବୁଧବାର ରାତିରେ ତାଙ୍କ ଘରେ ପଶି ଧମକ ଚମକ ଦେବା ସହ ଘରେ କିରୋସିନ ଥିବା ଏକ ଜାରକିନରୁ କିରୋସିନ ଢାଳି ନିଆଁ ଲଗାଇଦେଇଥିଲେ। ନିଆଁ ଲାଗିବା ଦ୍ୱାରା ଘରର ସମସ୍ତ ଆସବାବପତ୍ର ପୋଡିଯିବା ସହ ଦୋକାନ ମଧ ପୋଡିଯାଇଥିଲା। ସ୍ଥାନୀୟ ଲୋକ ଓ କଣାସ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଶେଷରେ ମହିଳା ଜଣକ ଥାନାରେ ଅଭିଯୋଗ କରଥିଲେ। ଏ ସମ୍ପର୍କରେ ଥାନାଧିକାରୀ ଉମାକାନ୍ତ ଦଳାଇ କୁହନ୍ତି, ମାମଲା ରୁଜୁ ହୋଇଥିବାବେଳେ ଭୟରେ ଅଭିଯୁକ୍ତ ଗାଁରୁ ଫେରାର ହୋଇଯାଇଛି।

■ ମହାପ୍ରଭୁଙ୍କ ସ୍ଥାବର, ଅସ୍ଥାବର ସମ୍ପତ୍ତି

# ସୁପ୍ରିମକୋର୍ଟଙ୍କୁ ଦିଆଯିବ ସ୍ୱତ୍ୱଲିପି ତଥ୍ୟ

■୬୦ ହଜାର ଏକର ଜମିର ମାଲିକାନା ପ୍ରସ୍ତୁତ ହେବ

■ଆନନ୍ଦବଜାର ଓ ରୋଷଘର ପାଇଁ ସ୍ୱତନ୍ତ୍ର ନିୟମାବଳୀ



**ପୁରୀ ଅଫିସ, ୨୦।୧୨**

ମହାପ୍ରଭୁଙ୍କ ରତ୍ନଅଳଙ୍କାର ସୁରକ୍ଷିତ ଅଛି କି ନାହିଁ ତାକୁ ନେଇ ବିଭିନ୍ନ ସମୟରେ ଚର୍ଚ୍ଚା ହେଉଛି। ଭିତର ରତ୍ନଭଣ୍ଡାର ଖୋଲିବାକୁ ଦାବି ହେଉଥିବାବେଳେ ଗତ ନଭେମ୍ବର ୨୬ ତାରିଖରେ ଆଇନମନ୍ତ୍ରୀ ପ୍ରତାପ ଜେନା ଏବେ ରତ୍ନଭଣ୍ଡାର ଖୋଲିବା ପାଇଁ ପ୍ରସ୍ତାବ ନାହିଁ ବୋଲି କହିଥିଲେ। ଶୁକ୍ରବାର ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ ପରେ ମୁଖ୍ୟ ପ୍ରଶାସକ ଯେଉଁ ମନ୍ତବ୍ୟ ରଖିଛନ୍ତି ସେଥିରୁ ଭିତର ରତ୍ନଭଣ୍ଡାର ଏବେ ଖୋଲିବ ନାହିଁ ତାହା ସ୍ପଷ୍ଟ ହୋଇଛି। ମହାପ୍ରଭୁଙ୍କ ସ୍ଥାବର ଏବଂ ଅସ୍ଥାବର ସମ୍ପତ୍ତି ଆକଳନ କରି ରିପୋର୍ଟ ଦେବା ଲାଗି ସୁପ୍ରିମ୍‌କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ତେବେ ସ୍ୱତ୍ୱଲିପିରେ ରତ୍ନଅଳଙ୍କାରକୁ ନେଇ ଯେଉଁ ତଥ୍ୟ ରହିଛି ତାହା ସୁପ୍ରିମ୍‌କୋର୍ଟଙ୍କୁ ଜଣାଯିବ ବୋଲି ମୁଖ୍ୟ ପ୍ରଶାସକ ଡ. କ୍ରିଷନ କୁମାର କହିଛନ୍ତି। ସେହିପରି ରାଜ୍ୟ ଓ ରାଜ୍ୟ ବାହାରେ ମହାପ୍ରଭୁଙ୍କର ୬୦ ହଜାର ଏକର ଜମି ରହିଛି। ଏଥିମଧ୍ୟରୁ ୩୬ ହଜାର ଏକର ଜମିର ମାଲିକାନା ପ୍ରସ୍ତୁତ ସରିଛି। ବଳକା ଜମିର ମାଲିକାନା ପ୍ରସ୍ତୁତ କରିବା ଲାଗି ଅତିରିକ୍ତ ଅଧିକାରୀଙ୍କୁ ନିଯୁକ୍ତି ଦେବା ପାଇଁ ପ୍ରାୟ ବର୍ଷେ ତଳେ ସରକାରଙ୍କୁ ଚିଠି ଲେଖାଯାଇଥିଲା। ସମ୍ପୃକ୍ତ ଅତିରିକ୍ତ ଅଧିକାରୀ ଆସିଲେ ସମସ୍ତ ୬୦ ହଜାର ଏକର ଜମିର ରେକର୍ଡ ଏବଂ ଜିଆଇଏସ୍ ମ୍ୟାପ୍ ପ୍ରସ୍ତୁତ କରାଯିବ। ଲ୍ୟାଣ୍ଡ ସବ୍ କମିଟିର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏ ସମସ୍ତ କାର୍ଯ୍ୟ କରାଯିବ।

### ଶୃଙ୍ଖଳା ପାଇଁ ଲାଗିବ ମହାପ୍ରସାଦ ଦର ତାଲିକା

ଭକ୍ତଙ୍କ ସୁବିଧା ଏବଂ ଆନନ୍ଦ ବଜାରରେ ଶୃଙ୍ଖଳା ପାଇଁ ମହାପ୍ରସାଦ ଦର ତାଲିକା ଲଗାଯିବ। ଏଥିସହ ରୋଷଘର ଏବଂ ଆନନ୍ଦ ବଜାର ପାଇଁ ସ୍ୱତନ୍ତ୍ର ଭାବେ ୨ଟି ନିୟମାବଳୀ ଜାରି କରାଯିବ। ଏହି ନିୟମାବଳୀ କାର୍ଯ୍ୟକାରୀ କରିବା ପାଇଁ ସମସ୍ତେ ବାଧ୍ୟ। ଏହାର ଡ୍ରାଫ୍ଟ ପ୍ରସ୍ତୁତ ସରିଛି। ଯାଞ୍ଚ ହେବା ପରେ ଏହା ନୀତି ସବ୍ କମିଟିକୁ ଯିବ। ନୀତି ସବ୍ କମିଟି ଚୂଡ଼ାନ୍ତ ଅନୁମୋଦନ ପାଇଁ ପରିଚାଳନା କମିଟିକୁ ପଠାଇବ। ପରିଚାଳନା କମିଟିରେ ଅନୁମୋଦନ ଲାଭ ପରେ ଆଇନ ବିଭାଗକୁ ଯିବ। ଏହାପରେ ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି ମୁଖ୍ୟ ପ୍ରଶାସକ କହିଛନ୍ତି।

### ମନ୍ଦିର ଭିତରେ ଫାଣ୍ଡିକୁ ବିରୋଧ

ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ପରିଚାଳନା କମିଟି ବୈଠକରେ ଆଲୋଚନା କରାଯାଇଥିଲା। ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରିବା ପାଇଁ ମନ୍ଦିର ଭିତରେ ଫାଣ୍ଡି ପ୍ରତିଷ୍ଠା ସାଙ୍ଗକୁ ଏସ୍‌ପିଜି ଏବଂ ବମ୍ ସ୍କ୍ୱାଡ୍ ମୁତୟନ କରାଯିବା ଲାଗି ଆଲୋଚନା ଚାଲିଥିବାବେଳେ ଏହାକୁ ସେବାୟତ ପ୍ରତିନିଧିମାନେ ତୀବ୍ର ବିରୋଧ କରିଥିଲେ। ମନ୍ଦିର ବାହାରେ ଏସବୁ କରାଯାଉ ବୋଲି କହିଥିଲେ। ଫଳରେ ଏହାକୁ ନେଇ ବେଶ୍ କିଛି ସମୟ ବୈଠକ ସରଗରମ୍ ରହିଥିଲା। ପ୍ରଶାସନିକ ଅଧିକାରୀ ଏ ବିଷୟରେ ପରବର୍ତ୍ତୀ ସମୟରେ ଆଲୋଚନା କରାଯାଇ ନିଷ୍ପତ୍ତି ନିଆଯିବ ବୋଲି କହିବା ପରେ ସ୍ଥିତି ସ୍ୱାଭାବିକ ରହିଥିଲା।

### ପାଳିଆ ସେବାୟତଙ୍କ ପାଇଁ ଶୌଚାଳୟ

ଆନନ୍ଦ ବଜାର ଏବଂ ମେଘନାଦ ପାଚେରି ମଧ୍ୟରେ ଥିବା ଖାଲି ସ୍ଥାନରେ ସେବାୟତ, ପୋଲିସ କର୍ମଚାରୀ ପରିସ୍ରା କରୁଥିବା ନେଇ କିଛିଦିନ ପୂର୍ବେ ଭିଡିଓ ଭାଇରାଲ ହୋଇଥିଲା। ମନ୍ଦିର ପରିସରରେ ପରିସ୍ରା କରାଯାଉଥିବାରୁ ଏହାକୁ ନେଇ ଭକ୍ତଙ୍କ ମଧ୍ୟରେ ଗଭୀର ଉଦ୍‌ବେଗ ପ୍ରକାଶ ପାଇଥିଲା। ପରିଚାଳନା କମିଟି ବୈଠକରେ ଏହି ପ୍ରସଙ୍ଗ ପଡିଥିଲା। ତେବେ ଦୀର୍ଘ ସମୟ ମନ୍ଦିର ଭିତରେ ସେବା କରୁଥିବା ପାଳିଆ ସେବାୟତମାନେ ପରିସ୍ରା ଲାଗିଲେ କୁଆଡେ ଯିବେ ବୋଲି ଦାବି ଉଠିଥିଲା। ତେବେ କେବଳ ପାଳିଆ ସେବାୟତଙ୍କ ପାଇଁ ଦକ୍ଷିଣ ଦ୍ୱାର ବାହାରେ ଏକ ଶୌଚାଳୟ କରାଯିବ। ଏଠାକୁ ଅନ୍ୟ ସେବାୟତ, କର୍ମଚାରୀ ଯିବେ ନାହିଁ ବୋଲି ନିଷ୍ପତ୍ତି ହୋଇଛି।





କଳାକାରମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରୁଛନ୍ତି।

■ ଇକୋ ରିଟ୍ରିଟ ଉତ୍ସବର ସପ୍ତମ ସନ୍ଧ୍ୟା

## ତ୍ରିବେଣୀ ମିଳନ ନୃତ୍ୟରେ ପର୍ଯ୍ୟଟକ ମନ୍ତ୍ରମୁଗ୍ଧ

**କୋଣାର୍କ,୨୦।୧୨(ଡି.ଏନ.ଏ.)**

ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ କୋଣାର୍କ–ପୁରୀ ବେଳାମାର୍ଗ ସାହୁଖଣ୍ଡଠାରେ ଅନୁଷ୍ଠିତ ମେରାଇନ ଡ୍ରାଇଭ ଇକୋ ରିଟ୍ରିଟ ଉତ୍ସବର ଶୁକ୍ରବାର ଥିଲା ସପ୍ତମ ସନ୍ଧ୍ୟା। ଏହି ସନ୍ଧ୍ୟାରେ ନୃତ୍ୟ ନିଳୟା ଅନୁଷ୍ଠାନ ଅନୁଗୁଳ ପକ୍ଷରୁ ଗୁରୁ ସ୍ୱପ୍ନାରାଣୀ ସିହ୍ନା ଓ ସାଥୀ କଳାକାରମାନଙ୍କ ଦ୍ୱାରା ମଞ୍ଚରେ ଆୟୋଜିତ ତ୍ରିବେଣୀ ମିଳନ ନୃତ୍ୟରେ ପର୍ଯ୍ୟଟକ ମନ୍ତ୍ରମୁଗ୍ଧ ହୋଇଯାଇଥିଲେ। ଏହି ନୃତ୍ୟ ଦ୍ୱାରା ବେଳାଭୂମି ଏକରକମ ପୂରା ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ପର୍ଯ୍ୟଟନ ବିଭାଗର ସହ ନିର୍ଦ୍ଦେଶକ ବିଜୟ କୁମାର ଜେନା, ଶଶାଙ୍କଶେଖର ରଥ, ରତିକାନ୍ତ ପଟ୍ଟନାୟକ ଓ କୋଣାର୍କ ପର୍ଯ୍ୟଟନ ଅଧିକାରୀ ସରୋଜକାନ୍ତ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ।

## ସମୟାନୁବର୍ତ୍ତୀ ହୁଅ, ପ୍ରତିଭା ବିକଶିତ କର



ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

**ପୁରୀ ଅଫିସ, ୨୦।୧୨**

ପୁରୀ ହରଚଣ୍ଡୀ ସାହି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୩୪ତମ ବାର୍ଷିକୋତ୍ସବ ବିଦ୍ୟାଳୟ ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପରିଚାଳନା କମିଟି ସଭାପତି ବରିଷ୍ଠ ସେବାୟତ ଦାମୋଦର ପ୍ରଧାନୀଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ, ଜିଲା ଶିକ୍ଷାଧିକାରୀ ବିଶ୍ୱଜିତ ଘୋଷ, ବରିଷ୍ଠ ସାମାଜିକ କର୍ମୀ ସୁଦର୍ଶନ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଶିଶୁର ଶୈକ୍ଷିକ ବିକାଶ ଦିଗରେ ଶିକ୍ଷକ ଓ ଅଭିଭାବକଙ୍କ ଭୂମିକା ଅପରିହାର୍ଯ୍ୟ। ଛାତ୍ରୀଛାତ୍ରମାନେ ଶୃଙ୍ଖଳିତ, ଚରିତ୍ର ସମ୍ପନ୍ନ ହେବା ଲାଗି ଅତିଥିମାନେ କହିଥିଲେ। ସମୟାନୁବର୍ତ୍ତୀ ହୁଅ ଅନ୍ତର୍ନିହିତ ପ୍ରତିଭାକୁ ବିକଶିତ କରିବା ଲାଗି ପରାମର୍ଶ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟା ଚିନ୍ମୟୀ ଦେବୀ ବିବରଣୀ ପାଠ ଏବଂ ସମ୍ପାଦକ ପ୍ରଫୁଲ୍ଲ ପଟ୍ଟନାୟକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସହ ପ୍ରଧାନ ଆଚାର୍ଯ୍ୟ ରବୀନ୍ଦ୍ର କୁମାର ନନ୍ଦ ଏହାକୁ ପରିଚାଳନା କରିଥିଲେ। ଶେଷରେ ଛାତ୍ରୀଛାତ୍ରମାନେ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

■ ରୋଷଘରେ ଏଏସ୍‌ଆଇ କର୍ମଚାରୀ ପ୍ରବେଶ ପ୍ରସଙ୍ଗ

## ମୁଖ୍ୟ ପ୍ରଶାସକଙ୍କୁ ସୁଆର ମହାସୁଆର ନିଯୋଗର ସ୍ମାରକପତ୍ର

**ପୁରୀ ଅଫିସ, ୨୦।୧୨**

ରୋଷଘରେ ଏଏସ୍‌ଆଇର ଦୁଇଜଣ କର୍ମଚାରୀ ପ୍ରବେଶ କରିବାକୁ ନେଇ ଶୁକ୍ରବାର ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ସ୍ମାରପତ୍ର ଦେଇଛି ସୁଆର ମହାସୁଆର ନିଯୋଗ। ରୋଷଘରର କୌଣସି ଆଭ୍ୟନ୍ତରୀଣ ବିଷୟ ଜାଣିବାକୁ ହେଲେ ପ୍ରଥମେ ସୁଆର ମହାସୁଆର ନିଯୋଗଠାରୁ ଅନୁମତି ନେବାକୁ ହୋଇଥାଏ। ରୋଷ ପାଇକଙ୍କ ତତ୍ତ୍ୱାବଧାନରେ ଭୋଗ ପ୍ରସ୍ତୁତି ନ ହୋଇଥିବା ସମୟରେ କାର୍ଯ୍ୟ ତଦାରଖ କରାଯିବା କଥା। ଗତ ୧୭ରେ ରୋଷଘର ଚୁଲିରେ ସନ୍ଧ୍ୟା ଧୂପ ପ୍ରସ୍ତୁତ ସମୟରେ ଏଏସ୍‌ଆଇର ୨ ଜଣ କର୍ମଚାରୀ ପ୍ରବେଶ କରିଥିଲେ। ଏହାଦ୍ୱାରା ଭୋଗ କିଭଳି ଅବସ୍ଥାରେ ରହିଲା ଏବଂ କାହା ପରାମର୍ଶରେ ଅମୁଣିଆ ଠାକୁରଙ୍କୁ ଲାଗି କରାଗଲା ଏହାର ତଦନ୍ତ କରି ଜଣାଇବା ପାଇଁ ନିଯୋଗ ଅନୁରୋଧ କରିଛି। ଏଥିସହ ଛତିଶା ନିଯୋଗ ବୈଠକର ସମସ୍ତ କପି ଦେବାକୁ ନିଯୋଗ କହିଛି।

## କଇଁଛ ସୁରକ୍ଷା ସଚେତନତା ଶିବିର



କଇଁଛ ସୁରକ୍ଷା ସଚେତନତା ଶିବିରରେ ମଞ୍ଚାସୀନ ଅତିଥି।

**କୋଣାର୍କ,୨୦।୧୨(ଡି.ଏନ.ଏ.)**

ଚନ୍ଦ୍ରଭାଗା ତେଲୁଗୁ ବସ୍ତିଠାରେ ଥିବା ବାତ୍ୟା ଆଶ୍ରୟସ୍ଥଳୀ ପରିସରରେ କୋଣାର୍କ ବନ ବିଭାଗ ପକ୍ଷରୁ କଇଁଛ ସୁରକ୍ଷା ସମ୍ବନ୍ଧୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। କୋଣାର୍କ ବନାଞ୍ଚଳ ବନଅଧିକାରୀ ବେଣୁଧର ବେହେରାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ପୁରୀ ଜିଲା ବନାଞ୍ଚଳ ଅଧିକାରୀ ହର୍ଷବର୍ଦ୍ଧନ ଉଦ୍‌ଗାତା ଯୋଗଦେଇ ସାମୁଦ୍ରିକ ଟ୍ରଲର ମାଡରେ ମୃତ୍ୟୁ ହୋଇଥିବା କଇଁଛମାନଙ୍କ ସୁରକ୍ଷା ପାଇଁ ସମୁଦ୍ର ପଥରେ ପାଟ୍ରୋଲିଂ ବ୍ୟବସ୍ଥାକୁ କଡାକଡି କରିବା ପାଇଁ କହିଥିଲେ। ଏହାସହ ମତ୍ସ୍ୟଜୀବୀ ସମ୍ପ୍ରଦାୟର ଲୋକମାନେ ମାଛ ମାରିବାବେଳେ ମଧ ସତର୍କତା ଅବଲମ୍ବନ କରିବେ ବୋଲି ମତବ୍ୟକ୍ତ କରିଥିଲେ। ଏଥିରେ ଡ. ସୁବଳ ରାଉଳ, ପୂର୍ବତନ ବନ୍ୟପ୍ରାଣୀ ତତ୍ତ୍ୱବିତ ଆକାଶ ରଥ, ମେରାଇନ ମତ୍ସ୍ୟ ଅଧିକାରୀ ସୁରେନ୍ଦ୍ର କାଣ୍ଡି, ଚମ୍ପାହାର ଅଗ୍ନିଶମ ଅଧିକାରୀ ଜ୍ୟୋତିପ୍ରକାଶ ରଥ, କୋଣାର୍କ ଥାନାଧିକାରୀ ସଞ୍ଜୀବ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ଏହି ବସ୍ତିର ମତ୍ସ୍ୟଜୀବୀ ସମ୍ପ୍ରଦାୟର ଲୋକଙ୍କ ସମେତ ସାମୁଦ୍ରିକ ଥାନାର କର୍ମଚାରୀ ଓ ଇକୋ ଡେଭଲପମେଣ୍ଟ କମିଟିର ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ଜନସାଧାରଣ ଯୋଗ ଦେଇଥିଲେ।

## ମଦ, ଭାଙ୍ଗ ଜବତ: ୪ ଗିରଫ

**ନିମାପଡ଼ା,୨୦।୧୨(ଡି.ଏନ୍.ଏ.)**

ପୁରୀ ଅବକାରୀ ବିଭାଗ ମୋବାଇଲ୍ ସ୍କ୍ୱାଡ୍ ଓ ନିମାପଡ଼ା ଅବକାରୀ ବିଭାଗ ଶୁକ୍ରବାର ନିମାପଡ଼ା, ସଲଙ୍ଗ, ଆନରଙ୍ଗ, ବାମନାଳ, ସାଇଲୋ, ନଢ଼ଣା, କାକଟପୁର, ଅସ୍ତରଙ୍ଗ, ନୂଆଗଡ଼, ଝାଡ଼ଲିଙ୍ଗ୍, କୋରଣା, ଓଲରା, ଓଥକା, କୁଣ୍ଡେଇହାଟ ଅଞ୍ଚଳରେ ଚଢ଼ାଉ କରି ୪ଜଣ ବେପାରୀଙ୍କୁ ଗିରଫ କରିଛି। ସେମାନେ ହେଲେ ଅସ୍ତରଙ୍ଗ ଥାନା କୋରଣା ଗ୍ରାମର ସୁକାନ୍ତ ରାଉତ, ଓଲରା ଗ୍ରାମର ଅରକ୍ଷିତ ନାୟକ, ନଢ଼ଣା ଗ୍ରାମର ରମେଶ ପ୍ରଧାନ ଓ ଆମରଙ୍ଗ ଗ୍ରାମର ପବିତ୍ର ବେହେରା। ଏମାନଙ୍କ ନିକଟରୁ ୭୦ଲିଟର ଦେଶୀ ମଦ ଓ ୫ଶହ ଗ୍ରାମ ଭାଙ୍ଗ ଜବତ କରାଯାଇଛି। ଏ ନେଇ ଥାନାରେ ୪ଟି ପୃଥକ ମାମଲା ରୁଜୁ ହୋଇଛି।

■ ସେବକ କଲ୍ୟାଣ ସବ୍ କମିଟି ବୈଠକ

## ଦିବ୍ୟାଙ୍ଗ ଭତ୍ତା ୧ ହଜାର ଟଙ୍କା ବଢ଼ିଲା

**ପୁରୀ ଅଫିସ, ୨୦।୧୨**

ଶ୍ରୀମନ୍ଦିର ଏବଂ ଏହାର ପରମ୍ପରା ସୁରକ୍ଷାରେ ସେବକ ସମୁଦାୟର ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି। ସୁଦକ୍ଷ, କର୍ତ୍ତବ୍ୟନିଷ୍ଠ ଓ ତ୍ୟାଗପୂତ ମନୋଭାବ ସମ୍ପନ୍ନ ସେବକ ବିନା ଶ୍ରୀମନ୍ଦିରର ଶୃଙ୍ଖଳା ଓ ପରମ୍ପରାର ସୁରକ୍ଷା ଅସମ୍ଭବ। ତେଣୁ ଏହାକୁ ଦୃଷ୍ଟିରେ ରଖି ଶ୍ରୀମନ୍ଦିର ପ୍ରଶାସନ ସେବକଙ୍କ କଲ୍ୟାଣ ଉପରେ ଗୁରୁତ୍ୱ ଦେଇଆସିଛି। ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ ନିଷ୍ପତ୍ତି ପ୍ରକାରେ ସେବକମାନଙ୍କୁ ଭତ୍ତା ପ୍ରଦାନ କରାଯାଉଛି। ଶୁକ୍ରବାର ଜିଲାପାଳ ତଥା ଶ୍ରୀମନ୍ଦିର ଉପ ମୁଖ୍ୟ ପ୍ରଶାସକ ବଳୱନ୍ତ ସିଂଙ୍କ ଅଧ୍ୟକ୍ଷତାରେ ସେବକ କଲ୍ୟାଣ ସବ୍ କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସେବକମାନଙ୍କୁ ଦିଆଯାଉଥିବା ଭତ୍ତା ଏବଂ ଅନ୍ୟାନ୍ୟ ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା। ପୂର୍ବରୁ ଦିବ୍ୟାଙ୍ଗ ଭତ୍ତା ୧୫୦୦ ଥିବାବେଳେ ଏଥିରେ ହଜାର ଟଙ୍କା ବୃଦ୍ଧି କରାଯାଇ ୨,୫୦୦ ଟଙ୍କା କରାଯାଇଛି। ବିଧବା ଭତ୍ତାରେ ମଧ ୫୦୦ ଟଙ୍କା ବୃଦ୍ଧି ହୋଇଥିବାବେଳେ ବାର୍ଦ୍ଧକ୍ୟ ଭତ୍ତା ପୂର୍ବଭଳି ୧,୫୦୦ ଟଙ୍କା ରହିଛି। ବରିଷ୍ଠ ସେବକ ଭତ୍ତାରେ ୧ ହଜାର ଟଙ୍କା ବୃଦ୍ଧି କରାଯାଇଛି। ୩୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଯେଉଁମାନେ ନିରବଚ୍ଛିନ୍ନ ଭାବେ ମହାପ୍ରଭୁଙ୍କ ସେବା କରିଥିବେ ଏବଂ ସେମାନଙ୍କ ବୟସ ୬୫ରୁ ଊର୍ଦ୍ଧ୍ୱ ହୋଇଥିବ ସେମାନଙ୍କୁ ବରିଷ୍ଠ ସେବକ ଭତ୍ତା ଦିଆଯାଉଛି। ଏତଦ୍‌ବ୍ୟତୀତ ଛାତ୍ରବୃତ୍ତି ସଂକ୍ରାନ୍ତରେ ଆଲୋଚନା କରାଯାଇଥିବା ବେଳେ ଯେଉଁମାନେ ମାଟ୍ରିକରେ ୭୫ ପ୍ରତିଶତ ମାର୍କ ରଖିବେ ସେମାନଙ୍କୁ ସମ୍ମାନିତ କରାଯିବ ଏବଂ ଆର୍ଥିକ ପୁରସ୍କାର ମଧ ପ୍ରଦାନ କରାଯିବ। ଏଥିସହ ଅନ୍ୟାନ୍ୟ ଆର୍ଥିକ ସହାୟତା କ୍ଷେତ୍ରରେ ମଧ ଆଲୋଚନା କରାଯାଇଥିବା ଜଣାପଡିଛି। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁଙ୍କ ସମେତ ସେବାୟତ ପ୍ରତିନିଧି ରାମଚନ୍ଦ୍ର ଦାସ ମହାପାତ୍ର, ମାଧବ ମହାପାତ୍ର, ଅନନ୍ତ ତିଆଡି ଓ ମାଧବ ଚନ୍ଦ୍ର ପୂଜାପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।



ପୁରୀ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖ କୋଠାରେ ଏଲ୍‌ଇଡି ଲାଇଟ୍ ଦିଆଯିବା ଯୋଗୁ ବଡ଼ଦାଣ୍ଡ ଓ ବେଢ଼ା ପରିସର ଝଲସୁଛି।

■ ଶ୍ରୀକ୍ଷେତ୍ର ମହୋତ୍ସବ ଉଦ୍‌ଯାପିତ

## ମୁକ୍ତାକାଶରେ ଜମିଲା ମେଢ଼ ନୃତ୍ୟ, ସମରକଳା





ଶ୍ରୀକ୍ଷେତ୍ର ମହୋତ୍ସବ ଉଦ୍‌ଯାପନୀ ସନ୍ଧ୍ୟାରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି ଓ ଅନୁଷ୍ଠିତ ସଭାରେ ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଉଦ୍‌ବୋଧନ ଦେଉଛନ୍ତି।

**ପୁରୀ ଅଫିସ, ୨୦।୧୨**

ଶରଧାବାଲିସ୍ଥିତ ମୁକ୍ତାକାଶ ରଙ୍ଗମଞ୍ଚରେ ୫ଦିନ ବ୍ୟାପୀ ଚାଲିଥିବା ଶ୍ରୀକ୍ଷେତ୍ର ମହୋତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଧାୟକ ଜୟନ୍ତ ଷଡ଼ଙ୍ଗୀ ଯୋଗଦେଇ କହିଲେ ଯେ, ସାହିଯାତ ସଂସ୍କୃତିର ବିଶେଷ ଆକର୍ଷଣ ରହିଛି। ପୁରୀ ସହରରେ କଳା ସଂସ୍କୃତିର ବିକାଶରେ ଜାଗା ଆଖଡାର ଅବଦାନ ଅତୁଳନୀୟ। ଦିନକୁ ଦିନ ଏହି ମହାନ୍ ପ୍ରାଚୀନ ସଂସ୍କୃତିର ଚାହିଦା କମିବାରେ ଲାଗିଛି। ଏହାର ବିକାଶ ଲାଗି ସାମୂହିକ ଉଦ୍ୟମ ଲୋଡା ବୋଲି ସେ କହିଥିଲେ। ଏହିଅବସରରେ ମହୋତ୍ସବ ଆୟୋଜକ କମିଟି ଉପାଧ୍ୟକ୍ଷ ରବୀନ୍ଦ୍ରନାଥ ସେନାପତି ପାଇକ ସ୍ମୃତି ସ୍ମାରକୀ ସ୍ୱରୂପ ଶ୍ରୀକ୍ଷେତ୍ରରେ ଜାଗା ଆଖଡା ସମରକଳାର ବିକାଶ ଲାଗି ମାର୍ଶଲ ଆର୍ଟ ଏକାଡେମୀ ସ୍ଥାପନ ପାଇଁ ଦାବି କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପଜିଲାପାଳ ଭବତାରଣ ସାହୁ ଅତିଥିଭାବେ ଯୋଗଦେଇଥିଲେ। ମହୋତ୍ସବ ଆୟୋଜକ କୁଣ୍ଡେଇବେଣ୍ଟ ସାହି ପଥର ଆଖଡା ସଭାପତି ସାହିନାୟକ ନାରାୟଣ ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ କମିଟି କାର୍ଯ୍ୟକାରୀ ସଭାପତି ବାବାଜୀ ମହାପାତ୍ର, କାର୍ଯ୍ୟକାରୀ ସମ୍ପାଦକ ପ୍ରଫୁଲ୍ଲ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ। କମିଟି ସଦସ୍ୟମାନେ ସାଂସ୍କୃତିକ ମଞ୍ଚ ପରିଚାଳନା କରିଥିଲେ। ମାଟିମଣ୍ଡପ ସାହି ଆଖଡା ପକ୍ଷରୁ ଆଦିତ୍ୟ ନାରାୟଣ ପଣ୍ଡା ପଞ୍ଚମୁଖୀ ହନୁମାନ, ଦାମୋଦର ମହାପାତ୍ର ନବଶିରା, ଦୁର୍ଗା ପ୍ରସାଦ ଦାସ ଓ ଅଶୋକ କୁମାର ସାହୁ ଦୁର୍ଗା ମେଢ ପରିବେଷଣ କରିଥିଲେ। ସେହିପରି ସମୀର ପାଟଯୋଶୀ ଭରତ, ଅମ୍ଲାନ କୁମାର ନନ୍ଦ ଶତ୍ରୁଘ୍ନ, ଆଶିଷ କୁମାର ଦାଶ ବିଶ୍ୱାମିତ୍ର, ଅବିନାଶ ମିଶ୍ର ହନୁମାନ, ରାମହରି ପୂଜାପଣ୍ଡା ଓ ପ୍ରତୀକ ମିଶ୍ର ନାଗା, ଦେବପ୍ରସାଦ ତ୍ରିପାଠୀ ଦୁର୍ଗା ମେଢ ପରିବେଷଣ କରିଥିଲେ। ସେହିଭଳି ଜୟକୃଷ୍ଣ ମହାରଣା, ଅବିନାଶ ମିଶ୍ର, ଜଗନ୍ନାଥ ସାହୁ, ଅର୍ଜୁନ ବେହେରା, ଜଗନ୍ନାଥ ରାଉତ ଓ ସତ୍ୟନାରାୟଣ ଜେନା ପ୍ରମୁଖ ନିଖାମ ସମରକଳା ପରିବେଷଣ କରି ଦର୍ଶକଙ୍କୁ ଆକର୍ଷିତ କରିଥିଲେ। ଏଥିସହିତ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ, ପୂର୍ବାଞ୍ଚଳ ସାଂସ୍କୃତିକ କେନ୍ଦ୍ର କୋଲକାତା ଓ ସ୍ଥାନୀୟ ପ୍ରଶାନ୍ତି ନୃତ୍ୟ ସଙ୍ଗୀତ ପରିଷଦର କଳାକାରମାନେ କାର୍ଯ୍ୟକ୍ରମ ପରିବେଷଣ କରି ଦର୍ଶକଙ୍କୁ ବିଭୋର କରିଥିଲେ। ଦୀର୍ଘ ସମୟ ଧରି ଦର୍ଶକମାନେ ସାହିଯାତର ବିବିଧ ମେଢ ନୃତ୍ୟ, ନାଗା ଓ ଲୋକନୃତ୍ୟ ଉପଭୋଗ କରିଥିଲେ।

### ପୁରୀରେ ମାର୍ଶଲ ଆର୍ଟ ଏକାଡେମୀ ସ୍ଥାପନ ଦାବି



ଆନ୍ଧ୍ରପ୍ରଦେଶରେ ଅମରାବତୀ ପରିବର୍ତ୍ତେ ବିଶାଖାପାଟଣାକୁ ମୁଖ୍ୟ ରାଜଧାନୀ କରିବା ଲାଗି ବିଶେଷଜ୍ଞ କମିଟି ମତ ଦେଇଛି। ମୁଖ୍ୟମନ୍ତ୍ରୀ ଜଗନମୋହନ ରେଡ୍ଡୀଙ୍କ ଦ୍ୱାରା ନିଯୁକ୍ତି ପାଇଥିବା ୬ ସଦସ୍ୟଯୁକ୍ତ ଏହି ପ୍ୟାନେଲର ମୁଖ୍ୟ ଅସରପ୍ରାପ୍ତ ଆଇଏଏସ୍ ଅଧିକାରୀ ଜି. ନାଗେଶ୍ୱର ରାଓ ଅଛନ୍ତି। ରିପୋର୍ଟରେ ୩ ରାଜଧାନୀ ସହ ରାଜ୍ୟକୁ ୪ଟି ଜୋନରେ ବିଭକ୍ତ କରାଯାଇଛି। ଏହି ରିପୋର୍ଟକୁ ନେଇ ଅମରାବତୀରେ କୃଷକ ଆନ୍ଦୋଳନ ମୁଣ୍ଡ ଟେକିବାରେ ଲାଗିଛି।

### ପୁନର୍ଗଠନ ହେବ ରକ୍ତଭଣ୍ଡାର କାର୍ଯ୍ୟନିର୍ବାହୀ କମିଟି

# ଜାରି ହେଲା ମାର୍ଗଦର୍ଶିକା

ଭୁବନେଶ୍ୱର, ୨୦।୧୨(ବ୍ୟୁରୋ)

ରାଜ୍ୟରେ ଥିବା ରକ୍ତଭଣ୍ଡାରଗୁଡ଼ିକର ସୁପରିଚାଳନା ନିମନ୍ତେ ଏହାର କାର୍ଯ୍ୟନିର୍ବାହୀ କମିଟି ସବୁର ପୁନର୍ଗଠନ କରାଯିବ। ଏନେଇ ରାଜ୍ୟ ସରକାର ନୀତିଗତ ନିଷ୍ପତ୍ତି ଗ୍ରହଣ କରି ସମସ୍ତ ଜିଲାପାଳଙ୍କୁ ଅବଗତ କରାଇଛନ୍ତି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ କମିଶନର ତଥା ଶାସନ ସଚିବ ଡା. ପ୍ରମୋଦ କୁମାର ମେହେର୍ଦ୍ଦା ଏଥିଲାଗି ମାର୍ଗଦର୍ଶିକା ଜାରି କରିଛନ୍ତି। ତଦନୁଯାୟୀ, ପୁନର୍ଗଠିତ ଜିଲାସ୍ତରୀୟ ରକ୍ତଭଣ୍ଡାର ପରିଚାଳନା କମିଟିରେ ସମ୍ପୃକ୍ତ ଜିଲାର ଜିଲାପାଳମାନେ ଅଧ୍ୟକ୍ଷ ରହିବେ। ଉପଖଣ୍ଡସ୍ତରୀୟ ରକ୍ତଭଣ୍ଡାର ପାଇଁ ଉପଜିଲାପାଳ ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରସ୍ତରୀୟ ରକ୍ତଭଣ୍ଡାରଗୁଡ଼ିକରେ ଅଧ୍ୟକ୍ଷ ଭାବେ ତହସିଲଦାରମାନଙ୍କୁ ମନୋନୀତ କରାଯିବ। ଜିଲାସ୍ତରୀୟ ରକ୍ତଭଣ୍ଡାରର ଉପସଭାପତି ଭାବେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ, ଉପଖଣ୍ଡ ସ୍ତରରେ ଉପଖଣ୍ଡ ଚିକିତ୍ସା ଅଧିକାରୀ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସ୍ତରରେ ଭାରପ୍ରାପ୍ତ ମେଡିକାଲ ଅଫିସର ଉପାଧ୍ୟକ୍ଷ ରହିବେ ଏବଂ ସମ୍ପୃକ୍ତ ରକ୍ତଭଣ୍ଡାର ଅଧିକାରୀ ଏହାର ଆବାହକ ରହିବେ। ପ୍ରତି ରକ୍ତଭଣ୍ଡାରରେ ରାଜ୍ୟ ରକ୍ତ ସଞ୍ଚାରଣ ପରିଷଦର ଜଣେ ପ୍ରତିନିଧିଙ୍କୁ ସଦସ୍ୟ ଭାବେ ରଖାଯିବ। ସେହିପରି ସମ୍ପୃକ୍ତ ଅଞ୍ଚଳର ପୌରସଂସ୍ଥାର ଚେୟାରମ୍ୟାନ୍, ନିୟମିତ ରକ୍ତଦାନ କରୁଥିବା ଜଣେ ମହିଳା ପ୍ରତିନିଧି, ଜାତୀୟ ସ୍ୱାସ୍ଥ୍ୟ ମିଶନର ଡିପିଏମ୍ ମଧ୍ୟ ଏଥିରେ ସଦସ୍ୟ ରହିବେ। ଏତଦ୍‌ବ୍ୟତୀତ ଅଧ୍ୟକ୍ଷ ଆଉ ୫ ଜଣଙ୍କୁ ମନୋନୀତ କରିବେ। ଯେଉଁମାନେ ନିୟମିତ ଭାବେ ରକ୍ତଦାନ ଶିବିର ଆୟୋଜନ କରୁଛନ୍ତି ଓ ଲୋକଙ୍କୁ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ ନିମନ୍ତେ ଉତ୍ସାହିତ କରୁଥିବେ ସେମାନଙ୍କୁ ମଧ୍ୟ ପରିଚାଳନା କମିଟିରେ ରଖାଯିବ। ରାଜ୍ୟ ସରକାର ରକ୍ତ ସଂଗ୍ରହ, ସଂରକ୍ଷଣ, ବିତରଣ ଆଦିରେ ସ୍ୱଚ୍ଛତା ଉପରେ ଗୁରୁତ୍ୱାରୋପ କରୁଥିବା ପରିପ୍ରେକ୍ଷୀରେ ରକ୍ତଭଣ୍ଡାରଗୁଡ଼ିକର ନୂଆ ପରିଚାଳନା କମିଟି ବିଭିନ୍ନ ପ୍ରସଙ୍ଗ ତଦାରଖ କରିବେ। ବର୍ଷରେ ଅନ୍ୟୂନ ଦୁଇଥର ପରିଚାଳନା କମିଟି ବୈଠକ ବସିବ ଏବଂ ରାଜ୍ୟ ରକ୍ତ ସଞ୍ଚାରଣ ପରିଷଦକୁ ବୈଠକର ବିବରଣୀ ପଠାଇବାକୁ କୁହାଯାଇଛି। ବିଭିନ୍ନ ରକ୍ତଭଣ୍ଡାରର ଅଧିକାରୀମାନେ ଆବାହକ ଭାବେ ତୁରନ୍ତ ପୂର୍ଣ୍ଣାଙ୍ଗ ପରିଚାଳନା କମିଟି ଗଠନ ପାଇଁ ପଦକ୍ଷେପ ନେବାକୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ଉଲ୍ଲେଖଯୋଗ୍ୟ, ପୂର୍ବରୁ ସରକାରୀ ଡାକ୍ତରଖାନା ଓ ମେଡିକାଲ କଲେଜଗୁଡ଼ିକରେ ଥିବା ରକ୍ତଭଣ୍ଡାରଗୁଡ଼ିକ ରେଡକ୍ରସ୍ ଦ୍ୱାରା ପରିଚାଳିତ ହେଉଥିଲା। ବର୍ତ୍ତମାନ କଟକ କେନ୍ଦ୍ରୀୟ ରକ୍ତଭଣ୍ଡାରକୁ ଛାଡ଼ିଦେଲେ ଅନ୍ୟସବୁ ରକ୍ତଭଣ୍ଡାର ସିଧାସଳଖ ଭାବେ ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ହେଉଛି।

## ମହାତ୍ମା ଗାନ୍ଧୀ ମାର୍ଗରେ ହେବ ରାଜ୍ୟସ୍ତରୀୟ ସାଧାରଣତନ୍ତ୍ର ଦିବସ

ଭୁବନେଶ୍ୱର,୨୦।୧୨(ବ୍ୟୁରୋ)

ଆସନ୍ତା ଜାନୁୟାରୀ ୨୬ରେ ରାଜ୍ୟସ୍ତରୀୟ ସାଧାରଣତନ୍ତ୍ର ଦିବସ ମହାତ୍ମା ଗାନ୍ଧୀ ମାର୍ଗରେ ମହାଆଡ଼ମ୍ବର ସହକାରେ ପାଳନ ହେବ।

- ଅଭିବାଦନ ଗ୍ରହଣ କରିବେ ରାଜ୍ୟପାଳ
- ଝଲସିବ ପ୍ରଜ୍ଞାପନ ମେଢ଼

ଏଥିରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିବେ। ଏଥିସହିତ ସମ୍ମିଳିତ ପରେଡ୍‌ରେ ଅଭିବାଦନ ମଧ୍ୟ ଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି। ଏଥିରେ ରାଜ୍ୟ ସରକାରଙ୍କ ପ୍ରାୟ ୧୦ଟି ବିଭାଗର ଆକର୍ଷଣୀୟ ପ୍ରଜ୍ଞାପନ ମେଢ଼ ପ୍ରଦର୍ଶିତ ହେବ ବୋଲି ଜଣାପଡ଼ିଛି। ଏହା ବ୍ୟତୀତ ରାଜ୍ୟର ବଛା ବଛା ଅନୁଷ୍ଠାନ ଏଥିରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବେ। ଏହି ପ୍ରଜ୍ଞାପନ ମେଢ଼ ମାଧ୍ୟମରେ ସରକାରଙ୍କର ବିଭିନ୍ନ ଜନହିତକର ଯୋଜନା ସହିତ ମୋ ସରକାର, ମିଶନ ଶକ୍ତି, ଓଡ଼ିଶାର ପର୍ଯ୍ୟଟନ ସ୍ଥାନ, ଜଗନ୍ନାଥ ମନ୍ଦିରର ପାରିପାର୍ଶ୍ୱିକ ସୌନ୍ଦର୍ଯ୍ୟକରଣ ସମେତ ଶିଳ୍ପ, ଦକ୍ଷତା ବିକାଶ, ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ସମ୍ପର୍କିତ ତଥ୍ୟ ସ୍ଥାନ ପାଇବ। ଏହି ପରେଡ୍ କାର୍ଯ୍ୟକ୍ରମକୁ ଶୃଙ୍ଖଳିତ ତଥା ଅଧିକ ଆକର୍ଷଣୀୟ କରିବା ପାଇଁ ମହାତ୍ମା ଗାନ୍ଧୀ ମାର୍ଗରେ ଜାନୁୟାରୀ ୨୨, ୨୩ ଓ ୨୪ରେ ପରେଡ୍ ଅଭ୍ୟାସ କରାଯିବ। ଏହାର ସିଧା ପ୍ରସାରଣ ଓ ପ୍ରଚାର ନିମନ୍ତେ ଦୂରଦର୍ଶନ, ଆକାଶବାଣୀ, ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଅନୁରୋଧ କରାଯିବ।

## ବିଧାନସଭା ପରିଦର୍ଶନ କଲେ ତୁଳସୀ ମହାବିଦ୍ୟାଳୟର ଛାତ୍ରୀ



ବିଧାନସଭା ପରିସରରେ ତୁଳସୀ ମହାବିଦ୍ୟାଳୟର ଛାତ୍ରୀମାନେ।

ଭୁବନେଶ୍ୱର,୨୦।୧୨(ବ୍ୟୁରୋ)

କେନ୍ଦ୍ରାପଡା ଜିଲାର ତୁଳସୀ ମହିଳା ମହାବିଦ୍ୟାଳୟ, କେନ୍ଦ୍ରାପଡ଼ାର ବିଜ୍ଞାନ ଛାତ୍ରୀମାନେ ଓଡ଼ିଶା ବିଧାନସଭାକୁ ଶୁକ୍ରବାର ଅଧ୍ୟୟନ ପରିଦର୍ଶନରେ ଆସିଥିଲେ। ଛାତ୍ରୀଛାତ୍ରମାନେ ଏହି ଅବସରରେ ବିଧାନସୌଧ, ବିଧାନସଭା ଗୃହ, ଗ୍ରନ୍ଥାଗାର ଆଦି ବୁଲି ଦେଖିଛନ୍ତି । ସଂପୃକ୍ତ ମହାବିଦ୍ୟାଳୟର ବିଭାଗୀୟ ମୁଖ୍ୟ ରଞ୍ଜିତ ରଞ୍ଜନ ସାହୁଙ୍କ ନେତୃତ୍ୱରେ ଆସିଥିବା ୫୦ ଜଣ ଛାତ୍ରୀ ବିଧାନସଭାର ବିଧିବ୍ୟବସ୍ଥା ଓ କାର୍ଯ୍ୟପ୍ରଣାଳୀ ସମ୍ପର୍କରେ ପଚାରି ବୁଝିଥିଲେ । ଛାତ୍ରୀମାନଙ୍କ ସହିତ ଅଧ୍ୟାପିକା ମମତା ସାହୁ, ଗାୟତ୍ରୀ ନାୟକ ଓ ଅଧ୍ୟାପକ ରାମଚନ୍ଦ୍ର ସୁଆର ମଧ୍ୟ ଏହି ପରିଦର୍ଶନରେ ସାମିଲ ଥିଲେ । ପ୍ରଦୀପ କୁମାର ଦାସ ଛାତ୍ରୀମାନଙ୍କୁ ଏହି ପରିଦର୍ଶନରେ ସହଯୋଗ କରିଥିଲେ।

### ରାଜ୍ୟସ୍ତରୀୟ ଉପଦେଷ୍ଟା ବୋର୍ଡ ବୈଠକ

## ଖୁବ୍‌ଶୀଘ୍ର ହେବ ୨ ଭିନ୍ନକ୍ଷମ ଶିଶୁ ପ୍ରଯତ୍ନ କେନ୍ଦ୍ର

ଭୁବନେଶ୍ୱର, ୨୦।୧୨(ବ୍ୟୁରୋ): ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ରାଜ୍ୟସ୍ତରୀୟ ଉପଦେଷ୍ଟା ବୋର୍ଡ ବୈଠକ ଶୁକ୍ରବାର ଲୋକସେବା ଭବନରେ ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଯୋଗଦେଇ କହିଛନ୍ତି ଯେ, ଭିନ୍ନକ୍ଷମ ପଞ୍ଜୀକରଣ ଓ ସେମାନଙ୍କୁ ପରିଚୟପତ୍ର ପ୍ରଦାନ ସାଙ୍ଗକୁ ବିବାହ-ବିଚ୍ଛେଦଗ୍ରସ୍ତ ମହିଳାଙ୍କୁ ସ୍ୱେଚ୍ଛା ପ୍ରମାଣପତ୍ର ଦେବାର ବ୍ୟବସ୍ଥା, ହିତାଧିକାରୀମାନଙ୍କ ଜମାଖାତାକୁ ସହାୟତା ରାଶିର ପ୍ରତ୍ୟକ୍ଷ ହସ୍ତାନ୍ତରଣ କାର୍ଯ୍ୟ ଆରମ୍ଭ ହୋଇଛି। ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଆୟୋଜନରେ ୮ କୋଟି ଟଙ୍କା ବ୍ୟୟ କରାଯାଇଥିବାବେଳେ କନ୍ଧମାଳ, ଖୋର୍ଦ୍ଧା, ସମ୍ବଲପୁର, କଟକ, ପୁରୀ, ଗଞ୍ଜାମ, ଭଦ୍ରକ, ନବରଙ୍ଗପୁର ଓ ମାଲକାନଗିରି ଜିଲାରେ ଭିନ୍ନକ୍ଷମଙ୍କ ପାଇଁ ସମନ୍ୱିତ ଭିତ୍ତିଭୂମି କେନ୍ଦ୍ରର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବାକୁ ଯାଉଛି। ଭୁବନେଶ୍ୱରଠାରେ ଭିନ୍ନକ୍ଷମଙ୍କ ନିମନ୍ତେ ଏକ ସ୍ପୋର୍ଟ୍ସ ସେଣ୍ଟର ପ୍ରତିଷ୍ଠା ପାଇଁ କେନ୍ଦ୍ରକୁ ପ୍ରସ୍ତାବ ଦିଆଯାଇଛି। ଏହାସହ ରାଜ୍ୟରେ ଖୁବ୍‌ଶୀଘ୍ର ଦୁଇଟି ଭିନ୍ନକ୍ଷମ ଶିଶୁ ପ୍ରଯତ୍ନ କେନ୍ଦ୍ର ସ୍ଥାପିତ ହେବାକୁ ଯାଉଛି ବୋଲି ମନ୍ତ୍ରୀ କହିଛନ୍ତି। ପରାମର୍ଶଦାତା ମଣ୍ଡଳୀ ବୈଠକରେ ରାଜ୍ୟର ବିଭିନ୍ନ ସ୍ଥାନରୁ ସମାଗତ ବୋର୍ଡ ସଦସ୍ୟମାନେ ନିଜ ନିଜର ମତ ଏବଂ ପ୍ରସ୍ତାବ ପ୍ରଦାନ କରିଥିଲେ। ବିଶେଷ କରି, ଶତପ୍ରତିଶତ ପରିଚୟପତ୍ର ପ୍ରଦାନ, ସ୍ୱାସ୍ଥ୍ୟବୀମା ଅନ୍ତର୍ଭୁକ୍ତୀକରଣ, ମିଶନ କ୍ଷମତାର ସଶକ୍ତୀକରଣ, ବସୁନ୍ଧରା ଯୋଜନାରେ ଜମି ପ୍ରଦାନ, ବୌଦ୍ଧିକ ଭିନ୍ନକ୍ଷମଙ୍କ ନିମନ୍ତେ ଜିଲାସ୍ତରରେ ସ୍ୱତନ୍ତ୍ର ଅଧିକାରୀ ନିୟୋଜନ, ଅଧିକ ସଂଖ୍ୟାରେ ସ୍ୱତନ୍ତ୍ର ଶିକ୍ଷକମାନଙ୍କୁ ତାଲିମ ପ୍ରଦାନ ଓ ଏକ ରାଜ୍ୟସ୍ତରୀୟ ତାଲିମ ପ୍ରତିଷ୍ଠାନ ଆରମ୍ଭ ଇତ୍ୟାଦି ବାବଦରେ ପରାମର୍ଶଦାତାମାନେ ମତାମତ ଦେଇଥିଲେ। ଏହି ଅବସରରେ ବିଭାଗୀୟ କମିଶନର ତଥା ଶାସନ ସଚିବ ଭାସ୍କରଜ୍ୟୋତି ଶର୍ମା, ନିର୍ଦ୍ଦେଶିକା ବ୍ରତତୀ ହରିଚନ୍ଦନ ପ୍ରମୁଖ ଉପସ୍ଥିତ ଥିଲେ।

# ୟୁଟିଏସ୍ ଆପ୍‌ରେ ଟିକେଟ ସଂଖ୍ୟା ବୃଦ୍ଧି

## ମୋବାଇଲ୍‌ରେ ଅଣସଂରକ୍ଷିତ ଟିକେଟ କାଟିବାକୁ ଆହ୍ୱାନ

ଭୁବନେଶ୍ୱର, ୨୦।୧୨(ବ୍ୟୁରୋ)

ରେଳଷ୍ଟେଶନ ବୁକିଂ କାଉଣ୍ଟରରେ ଲମ୍ବା ଧାଡ଼ିରେ ଅପେକ୍ଷା ନ କରି ଲୋକେ ଏବେ ମୋବାଇଲରେ ଅଣସଂରକ୍ଷିତ ଟିକେଟ କାଟି ପାରୁଛନ୍ତି। ଭାରତୀୟ ରେଳପଥ ଦ୍ୱାରା ଆରମ୍ଭ କରାଯାଇଥିବା 'ୟୁଟିଏସ୍ ଅନ୍ ମୋବାଇଲ୍' ଆପ୍ ଜରିଆରେ ଷ୍ଟେଶନଠାରୁ ୨୦ ମିଟରରୁ ୫କି.ମି ପରିସୀମା ମଧ୍ୟରେ ରହି ଅଣସଂରକ୍ଷିତ ଟିକେଟ କାଟୁଛନ୍ତି। ୨୦୧୮ରେ ଆରମ୍ଭ କରାଯାଇଥିବା ଏହି ବ୍ୟବସ୍ଥାକୁ ଯାତ୍ରୀମାନେ ବହୁଳ ଭାବରେ ପସନ୍ଦ କରିଥିବା ପୂର୍ବତଟ ରେଳପଥ କହିଛି। ଗତ ବର୍ଷ ଅପେକ୍ଷା ଚଳିତ ବର୍ଷ ଏହି ଆପ୍ ଜରିଆରେ ୩ ଗୁଣା ଟିକେଟ ବୁକିଂ ବୃଦ୍ଧି ହୋଇଛି। ଚଳିତ ବର୍ଷ ଜାନୁୟାରୀ ୧୭ରୁ ଡିସେମ୍ବର ୧୭ ମଧ୍ୟରେ ୯ ଲକ୍ଷ ୬୨ ହଜାର ୩୧୯ ଟିକେଟ ବୁକିଂ ହୋଇଛି। ଗତବର୍ଷ ଏହି ସଂଖ୍ୟା ଥିଲା ୩ ଲକ୍ଷ ୫ ହଜାର ୫୧୦। ଚଳିତ ବର୍ଷ ଏହି ସଂଖ୍ୟାରେ ଖୋର୍ଦ୍ଧାରୋଡ ଡିଭିଜନରେ ସର୍ବାଧିକ ବୁକିଂ ହୋଇଛି। ଖୋର୍ଦ୍ଧାରୋଡରେ ୫ଲକ୍ଷ ୨୬ ହଜାର, ଦ୍ୱିତୀୟରେ ୱାଲଟିୟର ଡିଭିଜନ ୩ ଲକ୍ଷ ୬୮ ହଜାର ଓ ସମ୍ବଲପୁର ଡିଭିଜନରେ ୬୭ ହଜାର ଟିକେଟ ବୁକିଂ କରାଯାଇଛି। ଗତବର୍ଷ ଖୋର୍ଦ୍ଧାରୋଡ଼ରେ ୧ଲକ୍ଷ ୬୪ ହଜାର, ୱାଲଟିୟରରେ ୧ ଲକ୍ଷ ୨୫ ହଜାର ଏବଂ ସମ୍ବଲପୁରରେ ୧୬ ହଜାର ୫୦୦ ଅଣସଂରକ୍ଷିତ ଟିକେଟ ବୁକିଂ ହୋଇଥିଲା। ଉକ୍ତ ବ୍ୟବସ୍ଥାକୁ ରେଲୱେ ପକ୍ଷରୁ ବିଭିନ୍ନ ପ୍ରକାର ପ୍ରୋତ୍ସାହିତ କରାଯାଉଛି ବୋଲି କୁହାଯାଇଛି। ବୁକିଂ କାଉଣ୍ଟରରେ ଭିଡ଼କୁ ଦୂରେଇବା ପାଇଁ 'ୟୁଟିଏସ୍ ଅନ୍ ମୋବାଇଲ୍' ଆପ୍ ଜରିଆରେ ଟିକେଟ ବୁକ୍ କରିବାକୁ ଆହ୍ୱାନ କରାଯାଇଛି।

## ଚାଷୀଙ୍କୁ ଦଳିଲା ଦନ୍ତା



ପରଜଙ୍ଗ, ୨୦।୧୨(ଡି.ଏନ.ଏ.): ଢେଙ୍କାନାଳ ବନଖଣ୍ଡ ମହାବିରୋଡ ରେଞ୍ଜରେ ପୁଣିଥରେ ଦନ୍ତା ଆତଙ୍କ ଦେଖାଦେଇଛି। ଡିହତୋଳ ଫରେଷ୍ଟ ସେକ୍ସନ ଅଧୀନ କୁନ୍ଦନଦେଇପୁର ଗ୍ରାମ ଗୁଡ଼ିଆନାଳି ବେରଣା ନିକଟରେ ଶୁକ୍ରବାର ସକାଳେ ଦନ୍ତା ଆକ୍ରମଣରେ ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ରୋଡ ଗ୍ରାମର ଶ୍ରୀକାନ୍ତ ମୁଦୁଲି। ଏଥିରେ କୁନ୍ଦନଦେଇପୁର ଗ୍ରାମର ମଙ୍ଗୁଳୁ ସାହୁ ଗୁରୁତର ହୋଇଛନ୍ତି। ଶ୍ରୀକାନ୍ତ ସକାଳେ ଜମିରେ ଧାନ କାଟୁଥିବା ବେଳେ ଉକ୍ତ ଦନ୍ତା ଅତର୍କିତ ଭାବେ ପଛପଟୁ ଆକ୍ରମଣ କରିଥିଲା। ଶୁଣ୍ଢରେ ଧରି ଫିଙ୍ଗିଦେବାରୁ ଘଟଣାସ୍ଥଳରେ ତାଙ୍କର ପ୍ରାଣବାୟୁ ଉଡ଼ିଯାଇଥିଲା। ଏହାପରେ ନିକଟ ଜମିରେ କାମ କରୁଥିବା ମଙ୍ଗୁଳୁଙ୍କୁ ଆକ୍ରମଣ କରିଥିଲା। ସ୍ଥାନୀୟ ଲୋକେ ପାଟି କରିବାରୁ ହାତୀଟି ତାଙ୍କୁ ଛାଡ଼ି ପଳାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପରେ କାମାକ୍ଷାନଗର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। କାମାକ୍ଷାନଗର ପୂର୍ବାଞ୍ଚଳ ରେଞ୍ଜର ସତ୍ୟନାରାୟଣ ସାହୁ, ଥାନା ଅଧିକାରୀ ବିଜୟ କୁମାର ହାଇବ୍ରୁ, ଡିହତୋଳ ଫରେଷ୍ଟର ରାମଚନ୍ଦ୍ର ରାଉତ, ଗାର୍ଡ ଲୁସ୍ମିତା ସିଂ ସଦଳବଳ ପହଞ୍ଚି ଘଟଣାର ତଦନ୍ତ କରିଛନ୍ତି। ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ମୃତ ଶ୍ରୀକାନ୍ତଙ୍କ ପୁଅଙ୍କୁ ବନ ବିଭାଗ ତରଫରୁ ପ୍ରାଥମିକ ପର୍ଯ୍ୟାୟରେ କ୍ଷତିପୂରଣ ବାବଦକୁ ୪୦ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଛି। କାଗଜପତ୍ର ଦାଖଲ ପରେ ଅବଶିଷ୍ଟ ୩ ଲକ୍ଷ ୬୦ ହଜାର ଟଙ୍କା ପ୍ରଦାନ କରାଯିବ। ସେହିପରି ଆହତଙ୍କ ଚିକିତ୍ସା ପାଇଁ ବନ ବିଭାଗ ପକ୍ଷରୁ ୫ ହଜାର ଟଙ୍କା ପ୍ରଦାନ କରାଯାଇଛି।


**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧
ଫୋନ୍-(୦୬୭୪)୨୩୯୩୫୨୪
ଇପିବିଏକ୍ସ : (୦୬୭୪)୨୩୯୧୫୪୨ଲ ୨୩୯୦୧୪୧
ଫାକ୍ସ : (୦୬୭୪)୨୩୯୩୯୫୨, ୱେବ୍‌ସାଇଟ୍ www.oshb.org

ପତ୍ର ସଂଖ୍ୟା. 86 H-497/96 **ବିଜ୍ଞାପନ** ତା ୧୩.୧୨.୧୯

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଦୋକାନ ଘର ନଂ.୧୬ (16) ବିପଣି, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଜିଲ୍ଲ-ଖୋର୍ଦ୍ଧା ଗୃହ ନିର୍ମାଣ ପ୍ରକଳ୍ପରେ ସୁବାସ ଚନ୍ଦ୍ର ସାହୁ, ପିତା-ଗୌରହରି ସାହୁ, ସା-ଘର ନଂ-ଇବି-୭୨୨, ବରଗଡ଼ ବ୍ରିଟ୍ କଲୋନୀ, ଭୁବନେଶ୍ୱରଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ସୁବାସ ଚନ୍ଦ୍ର ସାହୁ ଉକ୍ତ ଦୋକାନ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ପ୍ରକାଶ ଚନ୍ଦ୍ର ସାହୁ, ପିତା-ଂ ହୃଷିକେଶ ସାହୁ, ସା-ବଡ଼ତୁଳସୀପୁର, ଜଗନ୍ନାଥ ମନ୍ଦିର, ପୋ/ଥାନା-ବାଙ୍କି, ଜିଲ୍ଲ-କଟକଙ୍କ ନାମରେ ମାଲିକାନା ସତ୍ତ୍ୱ ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି ।

ଉକ୍ତ ଦୋକାନ ଗୃହର ମାଲିକାନା ସତ୍ତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବୀ /ଆପତ୍ତି ଥାଏ ତାହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଦୋକାନ ଗୃହଟିର ମାଲିକାନା ସତ୍ତ୍ୱ ପରିବର୍ତ୍ତନ ଆଇନ୍ ଅନୁଯାୟୀ କରାଯାଇପାରେ ।

ସ୍ୱା-ସହ ପ୍ରଶାସନିକ ଅଧିକାରୀ, ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା



**PARADIP PORT TRUST**
**E-TENDER CALL NOTICE**
Name of the work **"Providing Assistance in Various works under Engineering Department, E&CM Division on job work basis for the year 2020-22"**. Estimated cost : **Rs.1,13,46,192/-**. The last date & time of submission of bid upto **dt.10/01/2020** upto **17:00 Hrs.** Refer our website for details : **https://eprocure.gov.in/eprocure/app.**
**Executive Engineer, E&CM**
PPT/PR/559/19-20, Dt.20.12.2019



**DISTRICT PLANNING AND MONITORING UNIT, SAMBALPUR**
**TENDER CALL NOTICE**
**No. 1044** **Dt. 10.12.19**
Sealed tenders are invited from reputed service providers to provide outsourcing manpower for Data Entry Operator/Field Enumerator for 6th MI Census and 1st Census of water bodies 2017-18. The details of tender can be downloaded from district website www.sambalpur.nic.in. Last date of receipt of tender paper upto 5 PM dt. 26.12.2019.
The authority reserved the right to reject any or all tenders without assigned any reason thereof.
**Sd./- Deputy Director (P&S)**
**DPMU, Sambalpur**



**OFFICE OF THE RAJGANGPUR MUNICIPALITY**
**No. 4627** **Dtd. 20.12.2019**
**"e" PROCUREMENT NOTICE**
**TENDER IDENTIFICATION NO.: EO/RGP/12 OF 2019-20**
**Tender ID in the portal: 2019_ORULB_58191_1**
Bid Document, Work Specification and set of term & conditions of contract i.e. **www.tedersorissa.gov.in**

| | | |
|---|---|---|
| 1) | Total Number of Work | 01 No. |
| 2) | Nature of Works | Civil Construction |
| 3) | Estimated Cost | 15.35 Lakh |
| 4) | Date & time of availability of the bid documents in the portal 21.12.2019 at 11.00 AM to 30.12.2019 upto 5.00 PM. | |
| 5) | Last date of Receipt of Bids in the portal | 30.12.2019 upto 5.00 PM (On Line). |
| 6) | Bids Receipt online shall be opened on | 31.12.2019 at 11.00 AM (Off Line). |

**Sd./- Executive Officer**
**Rajgangpur Municipality**



**OFFICE OF THE DEAN & PRINCIPAL**
**FAKIR MOHAN MEDICAL COLLEGE & HOSPITAL, BALASORE**
**(Formerly known as Government Medical College & Hospital, Balasore)**
**At/Po/Dist.- Balasore, Pin-756019 (Odisha)**
**E-mail : dean.gmchb@gmail.com**
**Tel : 06782-224901, Fax : 06782-224901**
**No.2324** **Date: 19.12.2019**
**TENDER CALL NOTICE**
No.E-597 :- Sealed tenders are invited from the registered firms for supply of Books & Journals (Medical) for the financial year 2019-20 in two-bid system (Technical & Financial) so as to reach the office of the undersigned within twenty-one days from the date of publication of the advertisement till 5.00 P.M. The detailed tender paper, terms & condition and list of Medical Books and Journals can be obtained from the office of the undersigned on payment of Rs.2,000/- cash (non-refundable) at the accounts section. The details are also available in the website : **www.dmetodisha.gov.in.** Those who will download the tender documents from website should enclose a DD for Rs.2,000/- towards cost of tender paper in favour of Dean & Principal, F.M. Medical College & Hospital, Balasore payable at the CANARA BANK, BALASORE. The books and Journals will be procured subject to availability of funds.
Bidders applying for books as well as for Journals should superscribe clearly over them and submit separate envelopes.
The undersigned reserve the right to cancel of the tender in full or parts at any time without assigning any reason thereof.
**10134/11/0002/1920** **Sd./- Dean & Principal**
**Fakir Mohan Medical College & Hospital, Balasore**



**ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସଦର, ସୁନ୍ଦରଗଡ**
**ପତ୍ର ସଂଖ୍ୟା: ୫୦୦୬ (୧)/ ତା.୨୦/୧୨/୨୦୧୯ରିଖ**

ଏତଦ୍ ଦ୍ୱାରା ସୁନ୍ଦରଗଡ ସଦର ପଞ୍ଚାୟତ ସମିତ ଅନ୍ତର୍ଗତ ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆ ଯାଉଅଛି ଯେ ୨୦୧୯-୨୦ଆର୍ଥିକ ବର୍ଷରେ ( ତା ୦୧/୦୪/୨୦୧୯ ରୁ ୩୦/୦୯/୨୦୧୯ ପର୍ଯ୍ୟନ୍ତ )ହୋଇଥିବା ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ର ପ୍ରକଳ୍ପ ଗୁଡିକର ଶତପ୍ରତିଶତ ମଷ୍ଟର୍ ରୋଲ୍ ଯାଞ୍ଚ ଓ ଅଣ କୁଶଳୀ ଶ୍ରମିକ ମାନଙ୍କ ନାମ ପଞ୍ଜୀକରଣ, ଜବ୍ କାର୍ଡ ପ୍ରଦାନ ଇତ୍ୟାଦି ସମ୍ପର୍କରେ ତଥା ସମସ୍ତ ସାମାଜିକ ସୁରକ୍ଷା ଯୋଜନା ନିମନ୍ତେ ପଞ୍ଚାୟତର ସଦର ମହକୁମାରେ ଗ୍ରାମସଭା ଅନୁଷ୍ଠିତ କରାଯିବା ପାଇଁ ସ୍ଥିର କରାଯାଇଅଛି ! ଏଣୁ ଉକ୍ତ ଗ୍ରାମସଭାରେ ଧାର୍ଯ୍ୟ ସ୍ଥାନ, ତାରିଖ ଓ ସମୟରେ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିବାକୁ ଅନୁରୋଧ କରାଗଲା !

**ମହାତ୍ମାଗାନ୍ଧୀ ଜାତୀୟ କର୍ମ ନିଶ୍ଚିତ ଗ୍ରାମୀଣ କର୍ମନିଯୁକ୍ତି ଯୋଜନା ଓ ଜାତୀୟ ସାମାଜିକ ସୁରକ୍ଷା ଯୋଜନା ୨୦୧୯ -୨୦ ର ସାମାଜିକ ସମୀକ୍ଷା ଓ ଜଣଶୁଣାଣି କାର୍ଯ୍ୟ ସୁଚି ( ତା ୦୧/୦୪/୨୦୧୯ ରୁ ୩୦/୦୯/୨୦୧୯ ପର୍ଯ୍ୟନ୍ତ ) ସଦର, ସୁନ୍ଦରଗଡ଼ ବ୍ଲକ , ଜିଲ୍ଲା - ସୁନ୍ଦରଗଡ**

| କ୍ର. ନ. | ପଂଚାୟତର ନାମ | ଜାତୀୟ ସାମାଜିକ ସୁରକ୍ଷା ଯୋଜନାର | | ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା | | ପଂଚାୟତ ସ୍ତରୀୟ ଜନଶୁଣାଣୀ / ଗ୍ରାମସଭା | ବ୍ଲକସ୍ତରୀୟ ଜନଶୁଣାଣୀ (ସଦର, ସୁନ୍ଦରଗଡ଼ ବ୍ଲକ କାର୍ଯାଳୟ) |
|---|---|---|---|---|---|---|---|
| | | ଆରମ୍ଭ ତାରିଖ | ଶେଷ ତାରିଖ | ଆରମ୍ଭ ତାରିଖ | ଶେଷ ତାରିଖ | | |
| ୧ | ବାରଗାଡ | ୨୪/୧୨/୨୦୧୯ | ୨୭/୧୨/୨୦୧୯ | ୨୮/୧୨/୨୦୧୯ | ୦୨/୦୧/୨୦୨୦ | ୦୩/୦୧/୨୦୨୦ | ୧୭/୦୩/୨୦୨୦ |
| ୨ | ଭସ୍କା | ୨୭/୧୨/୨୦୧୯ | ୩୦/୧୨/୨୦୧୯ | ୩୧/୧୨/୨୦୧୯ | ୦୫/୦୧/୨୦୨୦ | ୦୬/୦୧/୨୦୨୦ | |
| ୩ | ଭେଡାବାହାଲ | ୨୭/୧୨/୨୦୧୯ | ୩୦/୧୨/୨୦୧୯ | ୩୧/୧୨/୨୦୧୯ | ୦୫/୦୧/୨୦୨୦ | ୦୬/୦୧/୨୦୨୦ | |
| ୪ | ଦେଉଳୀ | ୨୯/୧୨/୨୦୧୯ | ୦୧/୦୧/୨୦୨୦ | ୦୨/୦୧/୨୦୨୦ | ୦୭/୦୧/୨୦୨୦ | ୦୮/୦୧/୨୦୨୦ | |
| ୫ | କର୍ଲା | ୩୦/୧୨/୨୦୧୯ | ୦୨/୦୧/୨୦୨୦ | ୦୩/୦୧/୨୦୨୦ | ୦୮/୦୧/୨୦୨୦ | ୦୯/୦୧/୨୦୨୦ | |
| ୬ | କିଞ୍ଜୀର୍ମା | ୦୭/୦୧/୨୦୨୦ | ୧୦/୦୧/୨୦୨୦ | ୧୧/୦୧/୨୦୨୦ | ୧୬/୦୧/୨୦୨୦ | ୧୭/୦୧/୨୦୨୦ | |
| ୭ | କିରେଇ | ୧୦/୦୧/୨୦୨୦ | ୧୩/୦୧/୨୦୨୦ | ୧୪/୦୧/୨୦୨୦ | ୧୯/୦୧/୨୦୨୦ | ୨୦/୦୧/୨୦୨୦ | |
| ୮ | କୁଲୁଟା | ୧୦/୦୧/୨୦୨୦ | ୧୩/୦୧/୨୦୨୦ | ୧୪/୦୧/୨୦୨୦ | ୧୯/୦୧/୨୦୨୦ | ୨୦/୦୧/୨୦୨୦ | |
| ୯ | କୁଣ୍ଡୁକେଲା | ୧୧/୦୧/୨୦୨୦ | ୧୪/୦୧/୨୦୨୦ | ୧୫/୦୧/୨୦୨୦ | ୨୦/୦୧/୨୦୨୦ | ୨୧/୦୧/୨୦୨୦ | |
| ୧୦ | ଲହଣ୍ଡାବୁଡ | ୧୪/୦୧/୨୦୨୦ | ୧୭/୦୧/୨୦୨୦ | ୧୮/୦୧/୨୦୨୦ | ୨୩/୦୧/୨୦୨୦ | ୨୪/୦୧/୨୦୨୦ | |
| ୧୧ | ଲଙ୍କାହୁଡା | ୨୪/୦୧/୨୦୨୦ | ୨୭/୦୧/୨୦୨୦ | ୨୮/୦୧/୨୦୨୦ | ୦୨/୦୨/୨୦୨୦ | ୦୩/୦୨/୨୦୨୦ | |
| ୧୨ | ଲେଡିମଙ୍ଗ | ୨୭/୦୧/୨୦୨୦ | ୩୦/୦୧/୨୦୨୦ | ୩୧/୦୧/୨୦୨୦ | ୦୫/୦୨/୨୦୨୦ | ୦୬ /୦୨/୨୦୨୦ | |
| ୧୩ | ମଝାପଡା | ୨୭/୦୧/୨୦୨୦ | ୩୦/୦୧/୨୦୨୦ | ୩୧/୦୧/୨୦୨୦ | ୦୫/୦୨/୨୦୨୦ | ୦୬ /୦୨/୨୦୨୦ | |
| ୧୪ | ମସିକାନୀ | ୦୧/୦୨/୨୦୨୦ | ୦୪/୦୨/୨୦୨୦ | ୦୫/୦୨/୨୦୨୦ | ୧୦/୦୨/୨୦୨୦ | ୧୧/୦୨/୨୦୨୦ | |
| ୧୫ | ସାଲେପାଲି | ୦୩/୦୨/୨୦୨୦ | ୦୬/୦୨/୨୦୨୦ | ୦୭/୦୨/୨୦୨୦ | ୧୨/୦୨/୨୦୨୦ | ୧୩/୦୨/୨୦୨୦ | |
| ୧୬ | ବିରବିରା | ୧୫/୦୨/୨୦୨୦ | ୧୮/୦୨/୨୦୨୦ | ୧୯/୦୨/୨୦୨୦ | ୨୪/୦୨/୨୦୨୦ | ୨୫/୦୨/୨୦୨୦ | |

ଗୋଷ୍ଠି ଉନ୍ନୟନ ଅଧିକାରୀ , ସଦର, ସୁନ୍ଦରଗଡ଼, ଜିଲ୍ଲା – ସୁନ୍ଦରଗଡ



**CENTRAL ELECTRICITY SUPPLY UTILITY OF ODISHA**
2nd Floor, IDCO Towers, Janapath, Bhubaneswar-751022
Telephone: 2541727, Fax: 2543125
Website: www.cescoorissa.com
Adv. No. 25882 Date: 20.12.2019
**APPOINTMENT OF DY. MANAGER (PUBLIC RELATIONS)**
**No. CAD-721:-** Applications are invited from eligible candidates for the post of Dy. Manager (Public Relations) having requisite qualification & experience. For details please visit our official website: www.cescoorissa.com.
Last date of submission of Application is 06.01.2020.
***Sd./-***
***Asst. General Manager (HR)***
04010/11/0012/1920



**OFFICE OF THE DIVISIONAL FOREST OFFICER, MANGROVE FOREST DIVISION**
**(WILDLIFE) RAJNAGAR, AT/P.O.: RAJNAGAR, DIST.: KENDRAPARA**
PIN NO.- 754225, TELPHONE NO. 06729-242460, E-MailID- dfomangrovefdwl.od@gov.in
**TENDER CALL NOTICE NO. / Dt. ............**
**No. MM-117:-** Sealed tenders are invited in two Bid systems from established / reputed, registered, experienced and accredited manufacturers for supply and installation of following item for use in Mangrove Forest Division (Wild life), Rajnagar.

| Item | Quantity | Cost of tender paper | EMD to be deposited | Specifications |
|---|---|---|---|---|
| Supply and installation of Buoys in different locations of Gahirmatha Marine Wildlife Sanctuary, Bay of Bengal. | 5 (Five) Nos. | Rs. 3,000/- | 2% of the quoted price | 2.6 Metres Dia Channel Buoys along with Mooring Gears and all other accessories in total. |

Non transferable tender documents for supply of the items stated above will be available and can be collected in person from the office of the Divisional Forest Officer, Mangrove Forest Division (Wildlife), Rajnagar, Dist: Kendrapara, Odisha on payment of tender document cost specified above.
The tender document cost which is non-refundable, should be payable in shape of crossed Demand Draft drawn in favour of the Divisional Forest Officer, Mangrove Forest Division (Wildlife), Rajnagar, payable at Rajnagar.
1. Sale of Tender Papers/documents will be available in the O/o the DFO, Mangrove Forest Division (Wildlife), Rajnagar from Dt. 26.12.2019 to dt. 15.01.2020 (during office hours).
2. Receiving of Tender Papers will be within dt. 26.12.2019 until 04.00PM of dt. 15.01.2020.
3. Tender Opening at 12.30 PM of dt. 16.01.2020 by Circle Level Purchase Committee under Chairmanship of Regional Chief Conservator of Forests, Bhubaneswar.

08053/11/0007/1920 ***Divisional Forest Officer, Mangrove Forest Division (Wildlife), Rajnagar***



No.A-502
**GOVERNMENT OF ODISHA**
**Department of Water Resources**
**OFFICE OF THE SUPERINTENDING ENGINEER, NORTHERN MINOR IRRIGATION CIRCLE, SAMBALPUR.**
**E-Mail Id.- senmicsbpr@yahoo.co.in**
**"e" Procurement Notice**
**Bid Identification No. - SENMIC, SBP - 01/2019-20**
1. Name of the Work: Construction of Ogee type Fall at RD 110m of Surplus Channel of Kiralaga MIP under State Plan.
2. Total No. of Works: 01 (One) No.
3. Estimated Cost: - Rs. 108.00 Lakh (Approximately)
4. Period of Completion: 06 (Six) Calendar months.
5. Date & Time of Availability of Bid Document in the Portal: 10.00 A.M. of Dt.28.12.2019 Up to 5.00 P.M. of Dt.13.01.2020.
6. Last Date & Time for Receipt of Bids in the Portal: Up to 05.00 P.M. of Dt. 13.01.2020.
7. Date of Opening of Technical Bid : Dt. 15.01.2020 at 11.00 A.M. onwards.
8. Name and Address of the Officer inviting Tender :- Superintending Engineer, Northern Minor Irrigation Circle, Sambalpur.
9. Further details can be seen from the e-Procurement Portal "**https://tendersodisha.gov.in**".

**Sd./-B.R.Mohanty**
**Superintending Engineer,**
**Northern Minor Irrigation Circle,**
**Sambalpur.**
32208/11/0001/1920



**OFFICE OF THE SR. GENERAL MANAGER (ELECTRICAL)**
**RENGALI HYDRO ELECTRIC PROJECT, RENGALI**
**Dist: Angul-759105, Ph. No.: 06760-277214,**
**E-mail: sgmel500@gmail.com**
OHPC
ISO : 9001, 14001, 18001 Certified
**ODISHA HYDRO POWER CORPORATION LTD.**
**(A Government of Odisha Undertaking),**
**Regd. Office OSPH & W.C. Building, Vanivihar Chhak, Janpath, Bhoinagar, Bhubaneswar-751022, Tel: 91-0674-2542983, 2542802, 2545526, 2542826, Fax: 2542102, E-Mail: ohpc.co@gmail.com/ md@ohpcltd.com, WEB: www.ohpcltd.com,**
**CIN: U40101OR1995SGC003963**
**No. RHEP/SGM (EL.)/TW/PUR-III-1103/ 6212 /Date: 19.12.2019**
**NOTICE INVITING TENDER No. 33/2019-20/ DATE 19.12.2019**
**No.CAD-725:-** Tenders are invited in sealed envelopes in two parts from the registered travel agencies/ vehicle owners for "Providing services for deployment of different types of light vehicles on hire basis for RHEP, Rengali for five (05) years" as mentioned below.

| GROUP | Description of the Vehicles | Estimated Cost in Rs. | Cost of tender paper (Non-refundable) in Rs. | EMD in shape of DD/Banker's Cheque/ BG only (Refundable) in Rs. |
|---|---|---|---|---|
| A | One (01) No. of light vehicle (Scorpio / Creta/ Mahindra Marazzo for five (05) years. | Rs. 22,20,000/- | 7,080/- | Rs. 22,200/- |
| B | Three (03) Nos. of light vehicles (Tiago/Bolt/ Celerio) (Petrol) for five (05) years | Rs. 36,00,000/- | 7,080/- | Rs. 36,000/- |
| C | Two (02) Nos. of light vehicles (TUV 300/ Bolero/ Sumo Gold/ Ertiga) for five (05) years | Rs. 37,20,000/- | 7,080/- | Rs. 37,200/- |

**Note:- Bidding for more than one group:-**
**(a) Bidders can add the Tender paper cost (Non-Refundable) accordingly.**
**(b) Separate EMD (Refundable) for Individual group may be furnished with the Technical Bid.**
Important Dates:-
(a) Period of sale/ download of Tender Document: From 23.12.2019 to 06.01.2020 (up to 01.00 PM).
(b) Last Date and time for submission of Tender Document: 06.01.2020 (upto 01.00 PM).
(c) Date and time for opening of
(i) Techno commercial Bids: 04.00 PM of 08.01.2020.
(ii) Price Bids: it will be intimated to those bidders, whose Techno-Commercial Bids are found in order.
N.B. For details of the tender documents, terms and conditions, please visit our website **www.ohpcltd.com**.
**04005/11/0023/1920** **Sd./- Unit Head, RHEP, Rengali**

# ବଳି ପଡ଼ିବ ୧ଲକ୍ଷ ୩୨ ହଜାର ଗଛ





ସମ୍ବଲପୁର ତଲାବିରା କୋଇଲା ଖଣି ପାଇଁ ଜଙ୍ଗଲରେ କଟାଯାଇଥିବା ଗଛ ।

**ଶୁଭାଶିଷ ପାଢ଼ୀ**

**ସମ୍ବଲପୁର,୨୦।୧୨(ବ୍ୟୁରୋ)**

ତଲାବିରା କୋଇଲା ଖଣି ପାଇଁ ସମ୍ବଲପୁର ଓ ଝାରସୁଗୁଡ଼ା ଜିଲାରେ ୧ ଲକ୍ଷ ୩୨ ହଜାର ୯୭୦ ମୂଲ୍ୟବାନ ଗଛ କଟା ହେବ। ସ୍ଥାନୀୟ ଅଧିବାସୀଙ୍କ ବିରୋଧ ଓ କ୍ଷତିଗ୍ରସ୍ତଙ୍କ ଆନ୍ଦୋଳନ ଯୋଗୁ ପ୍ରାୟ ୨ ବର୍ଷ ହେବ ଗଛ କଟା ବନ୍ଦ ଥିଲା । ହେଲେ ଗତ ୬ ତାରିଖରୁ ପୋଲିସ ଉପସ୍ଥିତିରେ ଗଛ କଟା ଆରମ୍ଭ ହୋଇଛି। ଗତ ୧୮ ଦିନରେ ପ୍ରାୟ ୪୦ ହଜାର ଗଛ କଟା ସରିଲାଣି । ଶାଳ, ଆମ୍ବ, ପଣସ, ଶାଗୁଆନ, ଜାମୁ, ଲିମ୍ବ, ମହୁଲ ଭଳି ମୂଲ୍ୟବାନ ଗଛ ଏବେ ଭୂଇଁରେ ଲୋଟୁଛି । ଏ ସଂକ୍ରାନ୍ତରେ ସମ୍ବଲପୁର ଓ ଝାରସୁଗୁଡ଼ା ଜିଲା ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ ବୋଲି ବିସ୍ଥାପିତ, ବନ ସୁରକ୍ଷା ସମିତି ସହ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଅଭିଯୋଗ କରିଛନ୍ତି।

ବିସ୍ଥାପିତ ଖୃଣ୍ଡା ପଞ୍ଚାୟତର ହେମନ୍ତ ରାଉତ କହିଛନ୍ତି, ଗଛ କଟାକୁ ଆମେ ବିରୋଧ କରିବାରୁ ୨ ବର୍ଷ ଧରି ବନ ନିଗମ ଓ କମ୍ପାନୀ କର୍ତ୍ତୃପକ୍ଷ ଗଛ କାଟି ପାରୁ ନ ଥିଲେ । ଏବେ ବଳ ପୂର୍ବକ କଟାଯାଉଛି । ଗଛ କାଟିବା ଯୋଗୁ ଏହା ଉପରେ ନିର୍ଭର କରୁଥିବା ସମ୍ବଲପୁର ଜିଲାର ଖୃଣ୍ଡା ପଞ୍ଚାୟତ, ଝାରସୁଗୁଡା ଜିଲାର ମଲଦା ଓ ପତ୍ରାପାଲିର ୩ ପଞ୍ଚାୟତର ୨୦ ହଜାରରୁ ଉର୍ଦ୍ଧ୍ୱ ଜନସାଧାରଣ ପ୍ରଭାବିତ ହେଉଛନ୍ତି । ଜଙ୍ଗଲଜାତ ଦ୍ରବ୍ୟ ବିକ୍ରି କରି ପରିବାର ପ୍ରତିପୋଷଣ କରୁଥିବା ସାଢେ ୪ ହଜାର ଲୋକଙ୍କୁ ରୋଜଗାର ହରାଇବାକୁ ପଡିଛି। କମ୍ପାନୀ ଶିକ୍ଷାଗତ ଯୋଗ୍ୟତା ଅନୁସାରେ ମାତ୍ର ୪୨୭ ଜଣଙ୍କୁ ସ୍ଥାୟୀ ନିଯୁକ୍ତି ଓ ଠିକା କମ୍ପାନୀରେ ୧୦ ହଜାର ଲୋକଙ୍କୁ ନିଯୁକ୍ତି ଦେବାକୁ ଘୋଷଣା କରିଛି। ହେଲେ ଅନ୍ୟ ବିସ୍ଥାପିତ ପରିବାର ବେରୋଜଗାର ହୋଇଯିବେ । ଅନ୍ୟପଟେ ଜିଲା ପ୍ରଶାସନ, କମ୍ପାନୀ ଅଧିକାରୀ ଖୃଣ୍ଡା ପଞ୍ଚାୟତର ମାତ୍ର ୬୦ ଜଣଙ୍କୁ ତ୍ରିପାକ୍ଷିକ ଆଲୋଚନାକୁ ଡାକି ସମସ୍ୟା ସମାଧାନ ହେଲା ବୋଲି ଘୋଷଣା କରିଛନ୍ତି। ଏଥିରେ ରାଜନୈତିକ ହସ୍ତକ୍ଷେପ କରାଯାଇଥିଲା। କମ୍ପାନୀ ବିରୋଧରେ ସ୍ୱର ଉତ୍ତୋଳନ କରୁଥିବା ବିସ୍ଥାପିତମାନଙ୍କୁ ଚାପ ଓ ଧମକ ଚମକ

## ତଲାବିରା କୋଇଲା ଖଣି ଚିନ୍ତା

- ଗ୍ରାମବାସୀଙ୍କ ବିରୋଧ ସତ୍ତ୍ୱେ ଗଛକଟା ଜାରି
- ୧୭ଦିନ ମଧ୍ୟରେ ୪୦ହଜାର ଗଛ କଟା ସରିଛି
- ଗ୍ରାମସଭାରୁ ମିଳିନି ଅନୁମତି

ଦିଆଯାଉଛି। ସଭାସମିତି କିମ୍ବା ବୈଠକ କଲେ ଅସାମାଜିକ ଯୁବକମାନଙ୍କୁ ପ୍ରବର୍ତ୍ତାଇ ଭଣ୍ଡୁର କରାଯାଉଛି । ଉଭୟ ଜିଲାରେ ବନ ବିଭାଗର ଗଛ କଟା ରିପୋର୍ଟରେ ତ୍ରୁଟି ରହୁଛି। ବାସ୍ତବରେ ଏହାର ୨ ଗୁଣା ଗଛ କଟାଯିବ ବୋଲି ଶୁଣିବାକୁ ମିଳିଛି ।

ସମ୍ବଲପୁର ଓ ଝାରସୁଗୁଡ଼ା ଜିଲା ବନ ବିଭାଗର ସହଯୋଗରେ ଜଙ୍ଗଲ ସୃଷ୍ଟି ଲାଗି ପ୍ରାୟ ୭୬ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥିଲା। ଗାଁ ଗାଁରେ ବନ ସୁରକ୍ଷା ସମିତି ଗଠନ କରି ଗଛର ଯତ୍ନ ନେବା ସହ ସୁରକ୍ଷା ଦାୟିତ୍ୱ ଦିଆଯାଇଥିଲା । ଅଞ୍ଚଳବାସୀଙ୍କ ପରିଶ୍ରମ ଯୋଗୁ ଆଜି ଘଞ୍ଚ ଜଙ୍ଗଲରେ ପରିଣତ ହୋଇଛି । ହେଲେ ଏବେ ତାହା ସଫା ହୋଇଯିବ । ରାଜସ୍ୱ ଓ କମ୍ପାନୀ ପ୍ରୀତି ପାଇଁ ମୂଲ୍ୟବାନ ଗଛଗୁଡିକ କଟାଯାଉଛି ବୋଲି ଲୋକେ ଅଭିଯୋଗ କରିଛନ୍ତି। ସେହିପରି ପରିବେଶବିତ୍‌ମାନେ ମଧ୍ୟ ଗଛ କଟାକୁ ନିନ୍ଦା କରିଛନ୍ତି । ଜଙ୍ଗଲ ଅଧିକାର ଆଇନକୁ ଏଠାରେ ପାଳନ କରାଯାଉ ନାହିଁ। ଗ୍ରାମ ସଭାରେ ଗଛ କଟାକୁ ବିରୋଧ ସତ୍ତ୍ୱେ ସରକାର କମ୍ପାନୀକୁ ଅନୁକମ୍ପା ଦେଖାଇଛନ୍ତି ବୋଲି ଲୋକେ ଅଭିଯୋଗ କରିଛନ୍ତି।

ଏ ସମ୍ପର୍କରେ ଏନଏଲସି କମ୍ପାନୀ ଅଧିକାରୀ ସୁରେଶ ସୁମନ କହିଛନ୍ତି, ଗଛ କାଟିବା ପାଇଁ ସରକାର ନିୟମ ଅନୁସାରେ ସମସ୍ତ ପ୍ରକ୍ରିୟା ଅବଲମ୍ବନ କରାଯାଇଛି । ଏଥିପାଇଁ କମ୍ପାନୀ ପକ୍ଷରୁ କ୍ଷତିପୂରଣ ରାଶି ମଧ୍ୟ ଜମା କରାଯାଇଛି । ଡିଏଫ୍‌ଓଙ୍କ ଅନୁମତି କ୍ରମେ ବନ ନିଗମ ପକ୍ଷରୁ ଗଛ କଟାଯାଉଛି । କୌଣସି ବ୍ୟତିକ୍ରମ ଘଟିନାହିଁ । ଏହାସହ ବିସ୍ଥାପିତ ଓ କ୍ଷତିଗ୍ରସ୍ତ ମାନଙ୍କୁ ମଧ୍ୟ କ୍ଷତିପୂରଣ ରାଶି ପ୍ରଦାନ କରାଯାଇଛି । ଏ ସମ୍ପର୍କରେ ଜିଲାପାଳ ଶୁଭମ ସକସେନାଙ୍କୁ ପଚାରିବାରୁ କହିଥିଲେ ଯେ, ପ୍ରଶାସନ ପକ୍ଷରୁ ନିୟମ ଅନୁସାରେ ସମସ୍ତ କାର୍ଯ୍ୟ କରାଯାଇଛି । ବିସ୍ଥାପିତମାନଙ୍କୁ ମଧ୍ୟ ଥଇଥାନ ଓ ଉପଯୁକ୍ତ କ୍ଷତିପୂରଣ ରାଶି ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି ।

ଏ ସମ୍ପର୍କରେ ସମ୍ବଲପୁର ଡିଏଫ୍‌ଓ ସଞ୍ଜିତ କୁମାରଙ୍କୁ ପଚାରିବାରୁ କମ୍ପାନୀକୁ ଗଛ କଟା ଅନୁମତି ଦେବା ପୂର୍ବରୁ ସରକାରଙ୍କ ସମସ୍ତ ନିୟମ ପାଳନ କରାଯାଇଛି । କମ୍ପାନୀ ସହିତ ଚୁକ୍ତି କରାଯାଇଛି । ନିୟମ ଅନୁସାରେ କାମ୍ପା ଯୋଜନାରେ ଗଛ କଟାଯିବା ପାଇଁ କମ୍ପାନୀ କ୍ଷତିପୂରଣ ଟଙ୍କା ଜମା କରି ସାରିଛି । ଫଳରେ ଗଛ କଟା ଆରମ୍ଭ ହୋଇଛି ବୋଲି ସେ କହିଛନ୍ତି ।

ସୂଚନାଯୋଗ୍ୟ, ତଲାବିରା -୧ ଓ ତଲାବିରା-୨ କୋଇଲା ଖଣିରୁ କୋଇଲା ଉତ୍ତୋଳନ କରିବା ପାଇଁ ନେଗଭେଲି ଲିଗନାଇଟ ଲିମିଟେଡ (ଏନ୍‌ଏଲ୍‌ସି) କମ୍ପାନୀ ଅନୁମତି ପାଇଛି । ଲୋକଙ୍କ ବିରୋଧ ଯୋଗୁ ୨୦୧୮ରେ ଆଦାନୀ କମ୍ପାନୀକୁ ସବ୍‌କଣ୍ଟ୍ରାକର ଭାବେ ଚୁକ୍ତି କରିଛି । ତଲାବିରା-୧ ଓ ତଲାବିରା-୨ ପାଇଁ ଝାରସୁଗୁଡ଼ା ଓ ସମ୍ବଲପୁର ଜିଲାରେ ସଂରକ୍ଷିତ ଜଙ୍ଗଲ, ଡିଏଲ୍‌ସି ( ଡିଷ୍ଟ୍ରିକ୍ଟ ଲେବଲ କମିଟି), ରାଜସ୍ୱ ବିଭାଗର ମୋଟ ୧୯୧୪. ୦୬୩ ହେକ୍ଟର ଜମିରେ କୋଇଲା ଉତ୍ତୋଳନ ପାଇଁ ଅନୁମତି ଦିଆଯାଇଛି । ସେଥିମଧ୍ୟରୁ ଝାରସୁଗୁଡ଼ା ଜିଲାର ୮୪୫. ୫୬୧ ହେକ୍ଟର ଜଙ୍ଗଲ ଜମି ଓ ସମ୍ବଲପୁର ବନଖଣ୍ଡର ୧୯୨.୬୨୬ ହେକ୍ଟର ଜଙ୍ଗଲ ଜମି ରହିଛି । ସେହିପରି ଝାରସୁଗୁଡ଼ା ଜିଲାର ୩୮୫.୩୭୯ ହେକ୍ଟର ରାଜସ୍ୱ ଜମି ଓ ୪୬୦.୧୮୨ ହେକ୍ଟର ଜମି ରହିଛି । କମ୍ପାନୀ ୧୭ ହଜାର କୋଟି ଟଙ୍କା ବିନିଯୋଗ କରି ତାପଜ ବିଦ୍ୟୁତ୍ କେନ୍ଦ୍ର ପ୍ରତିଷ୍ଠା କରୁଛି। ଏଥିରୁ ୩୨୦୦ ମେଗାୱାଟ ବିଦ୍ୟୁତ୍ ଉତ୍ପାଦିତ ହେବ।

# ଘରୋଇ କମ୍ପାନୀର ଜମି ସମସ୍ୟା ହତ୍ୟାର କାରଣ: ଭାଜପା



ଖବରଦାତା ସମ୍ମିଳନୀରେ ଭାଜପା ମୁଖପାତ୍ର ସୋନାଲି ସାହୁ ଶାସକ ଦଳକୁ ଟାର୍ଗେଟ୍ କରୁଛନ୍ତି।

**ଭୁବନେଶ୍ୱର,୨୦।୧୨(ବ୍ୟୁରୋ):** ଯାଜପୁର ଜିଲାର ହରିଦାଶପୁର ପିଇଓ ସ୍ମିତାରାଣୀ ବିଶ୍ୱାଳଙ୍କ ମୃତ୍ୟୁକୁ ନେଇ ବିରୋଧୀ ବାରମ୍ବାର ଶାସକ ଦଳକୁ ଟାର୍ଗେଟ କରିବାରେ ଲାଗିଛନ୍ତି। ସ୍ମିତାରାଣୀ ମୃତ୍ୟୁ ଘଟଣାରେ ଏକ ଘରୋଇ କମ୍ପାନୀର ହାତ ରହିଛି । ଉକ୍ତ କମ୍ପାନୀ ହାତେଇଥିବା ବେଆଇନ ଜବରଦଖଲ ଜମିକୁ ଆଇନ ସମ୍ମତ କରିବା ପାଇଁ ପିଇଓ ସ୍ମିତାରାଣୀଙ୍କ ଉପରେ ଚାପ ପ୍ରୟୋଗ କରାଯାଉଥିଲା । ସ୍ମିତାରାଣୀ ଏଥିରେ ରାଜି ନ ହେବାରୁ ରଙ୍ଗଶାଳାରେ ତାଙ୍କୁ ବଳାତ୍କାର କରି ହତ୍ୟା କରାଯାଇଛି ବୋଲି ଭାଜପା ପକ୍ଷରୁ ଅଭିଯୋଗ କରାଯାଇଛି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଭାଜପା ମୁଖପାତ୍ର ସୋନାଲି ସାହୁ କହିଛନ୍ତି ଯେ, ଏହି ବେଆଇନ ଜବରଦଖଲ ଜମି ପାଇଁ କିଏ ସହଯୋଗ କରିଥିଲା ବୋଲି

## ସ୍ମିତାରାଣୀ ମୃତ୍ୟୁ ପ୍ରସଙ୍ଗ

ଦଳ ପକ୍ଷରୁ ପ୍ରଶ୍ନ କରାଯାଇଥିଲା। କିନ୍ତୁ ଏହାର ଉତ୍ତର ନ ଦେଇ ଉକ୍ତ କମ୍ପାନୀର ଭୁଲକୁ ଘଷ୍ଟି ଘୋଡାଇବାକୁ ଯାଇ ବିଜେଡି ବିରୋଧୀଙ୍କୁ ବ୍ୟକ୍ତିଗତ ଆକ୍ଷେପ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଏବଂ ନିନ୍ଦନୀୟ। ଏହି ଘଟଣାକୁ ସରକାର ଚାପିଦେବା ପାଇଁ ଉଦ୍ୟମ ଚଳାଇଛନ୍ତି । ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ କେଉଁ ଢଙ୍ଗରେ ନିଆଯାଉଛି ତାହା ରାଜ୍ୟବାସୀ ବେଶ୍ ଭଲରେ ବୁଝିପାରୁଛନ୍ତି। ଏହି ଘଟଣାରେ ମହିଳା ବିଜେଡି ମୁଖପାତ୍ର ବିରୋଧୀ ଦଳ ନେତ୍ରୀଙ୍କୁ ଯେପରି ଅପମାନିତ କରିଛନ୍ତି ସେଥିଲାଗି ତୁରନ୍ତ କ୍ଷମା ମାଗନ୍ତୁ । ପୀଡିତାଙ୍କୁ ନ୍ୟାୟ ଦେବା ପାଇଁ ବିଜେଡି ପ୍ରକୃତରେ ଯଦି ଚାହୁଁଛି ତେବେ ତୁରନ୍ତ ଏହାର ତଦନ୍ତଭାର ସିବିଆଇକୁ ସରକାର ପ୍ରଦାନ କରନ୍ତୁ ବୋଲି ସାହୁ ଦାବି କରିଛନ୍ତି।

# ଆଫଗାନିସ୍ତାନରେ ଭୂକମ୍ପ, ଉତ୍ତର ଭାରତରେ ଝଟକା

**ନୂଆଦିଲ୍ଲୀ,୨୦।୧୨(ପି.ଟି.):** ଦିଲ୍ଲୀ-ଜାତୀୟ ରାଜଧାନୀ ଅଞ୍ଚଳ ସମେତ ଉତ୍ତର ଭାରତରେ ଶୁକ୍ରବାର ସନ୍ଧ୍ୟାରେ ଭୂମିକମ୍ପ ଝଟକା ଅନୁଭୂତ ହୋଇଛି। ଆଫଗାନିସ୍ତାନ ରାଜଧାନୀ କାବୁଲଠାରୁ ୨୪୬ କିଲୋମିଟର ଉତ୍ତରରେ ଅବସ୍ଥିତ ହିନ୍ଦୁକୁଶ ପର୍ବତମାଳା ଭୂକମ୍ପର କେନ୍ଦ୍ରସ୍ଥଳ ବୋଲି ଜଣାପଡିଛି। ରିକ୍ଟର ସ୍କେଲ୍‌ରେ ଭୂକମ୍ପ ତୀବ୍ରତା ୬.୩ ଥିଲା ବୋଲି ଭାରତୀୟ ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି। ଭୂକମ୍ପ ଜନିତ କ୍ଷୟକ୍ଷତି ସମ୍ପର୍କରେ ଜଣାପଡିନାହିଁ।

## ଉନ୍ନାଓ ବଳାତ୍କାର, ହତ୍ୟା ମାମଲା

# ସେନ୍‌ଗାରଙ୍କୁ ଆଜୀବନ ଜେଲ

**ନୂଆଦିଲ୍ଲୀ, ୨୦।୧୨**

ବହୁଚର୍ଚ୍ଚିତ ୨୦୧୭ ଉନ୍ନାଓ ନାବାଳିକା ବଳାତ୍କାର, ହତ୍ୟା ମାମଲାରେ ଦିଲ୍ଲୀର ଏକ କୋର୍ଟ ଶୁକ୍ରବାର ଭାଜପାରୁ ବହିଷ୍କୃତ ବିଧାୟକ କୁଲଦୀପ ସିଂ ସେନ୍‌ଗାରଙ୍କୁ ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହ ସେନ୍‌ଗାରଙ୍କ ଉପରେ ୨୫ ଲକ୍ଷ ଟଙ୍କାର ଜରିମାନା ଲଗାଯାଇଛି। ଏହି ଅର୍ଥ କ୍ଷୟକ୍ଷତି ଭରଣା ଲାଗି ପୀଡ଼ିତାଙ୍କ ପରିବାରକୁ ପ୍ରଦାନ କରାଯିବ। ପୀଡ଼ିତାଙ୍କ ପରିବାରକୁ ସୁରକ୍ଷା ଯୋଗାଇ ଦେବା ଲାଗି କୋର୍ଟ ପକ୍ଷରୁ ସିବିଆଇକୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରକାଶଥାଉ କି, କୋର୍ଟ ସୋମବାର ଏହି ମାମଲାରେ ସେନ୍‌ଗାରଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଦଣ୍ଡାଦେଶ ୨୦ରେ ଦିଆଯିବ ବୋଲି କହିଥିଲେ।

ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ମାମଲା ଉତ୍ତରପ୍ରଦେଶରୁ ଦିଲ୍ଲୀକୁ ସ୍ଥାନାନ୍ତର ହେବା ପରେ ଜିଲା ଜଜ୍ ଧର୍ମେଶ୍ ଶର୍ମା ଗତ ଅଗଷ୍ଟ ୫ରୁ ମାମଲାର ଦୈନନ୍ଦିନ ଶୁଣାଣି ଆରମ୍ଭ କରିଥିଲେ। ଉତ୍ତରପ୍ରଦେଶର ବାଙ୍ଗରମଓ ଆସନରୁ ୪ ଥର ବିଧାୟକ ହୋଇଥିବା ସେନ୍‌ଗାରଙ୍କ ବିରୋଧରେ ଆଇପିସିର ଦଫା ୩୭୬ ସହ ପୋକ୍ସୋ ଆଇନ ଲାଗିଥିଲା। ତାଙ୍କ ବିରୋଧରେ ଥିବା ୫ ମାମଲାରୁ ଗୋଟିଏ ମାମଲାରେ ତାଙ୍କୁ ଆଜୀବନ ଜେଲ ଦଣ୍ଡାଦେଶ ମିଳିଥିବା ଜଣାପଡ଼ିଛି। ପୀଡ଼ିତାଙ୍କ ବାପାଙ୍କୁ ମାଡ଼ମାରି ଆର୍ମ୍ସ ଆକ୍ଟରେ ଫସାଇବା, ହାଜତରେ ତାଙ୍କର ମୃତ୍ୟୁହେବା ଆଦି ମାମଲାକୁ ନେଇ ସେନ୍‌ଗାର ଓ ତାଙ୍କ ଭାଇ ଅତୁଲଙ୍କ ସହ ୬ଜଣଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ



## ୨୫ ଲକ୍ଷ ଜରିମାନା

ହୋଇଛି। ଏସବୁର ଯୁଗ୍ମ ଶୁଣାଣି କରାଯିବ ବୋଲି ଜଣାପଡ଼ିଛି। ପୀଡ଼ିତା ତାଙ୍କ ବୟାନରେ ଅନ୍ୟ ୩ ଅଭିଯୁକ୍ତ ନରେଶ୍ ତିୱାରୀ, ବ୍ରିଜେଶ୍ ଯାଦବ ଓ ଶୁଭମ୍ ସିଂଙ୍କ ନାମକୁ ସାମିଲ କରି ଅପହରଣ ପରେ ଗଣବଳାତ୍କାର କରାଯାଇଥିବା ଅଭିଯୋଗ ଆଣିଥିଲେ। କୋର୍ଟ ପକ୍ଷରୁ ଏନେଇ ଚାର୍ଜଶିଟ ଦାଖଲ ହୋଇଛି। ସେହିଭଳି ଗତ ଜୁନ୍ ୨୮ରେ ପୀଡ଼ିତାଙ୍କୁ ମାରିବା ଲାଗି ତାଙ୍କ କାର୍ ଉପରେ ଟ୍ରକ ଧକ୍କା କରାଯାଇଥିଲା। ଏଥିରେ ପୀଡ଼ିତାଙ୍କ ୨ ମାଉସୀ ପ୍ରାଣ ହରାଇଥିବାବେଳେ ପୀଡ଼ିତା ଗୁରୁତର ହୋଇଥିଲେ। ଏହି ଘଟଣାରେ ପୀଡ଼ିତା ପରିବାର ପକ୍ଷରୁ ଅଭିଯୋଗକୁ ଆଧାର କରି ସେନ୍‌ଗାର ଓ ତାଙ୍କ ୯ ସହଯୋଗୀଙ୍କ ବିରୋଧରେ ମାମଲା ରୁଜୁ କରାଯାଇଥିଲା। ଖୁବ୍‌ଶୀଘ୍ର ଏସବୁର ଶୁଣାଣି ହେବ ବୋଲି ଜଣାପଡ଼ିଛି।

# ଉନ୍ନାଓ ମାମଲାର ଘଟଣାକ୍ରମ

**ଜୁନ୍ ୪, ୨୦୧୭:** ଭାଜପା ବିଧାୟକ କୁଲ୍‌ଦୀପ ସିଂ ସେନ୍‌ଗାରଙ୍କ ବିରୋଧରେ ଉନ୍ନାଓ ନାବାଳିକା(୧୭)ଙ୍କ ବଳାତ୍କାର ଅଭିଯୋଗ।

**ଏପ୍ରିଲ ୩, ୨୦୧୮:** ପୀଡ଼ିତାଙ୍କ ବାପାଙ୍କୁ ଆକ୍ରମଣ କରି ମିଥ୍ୟା ଆର୍ମ୍ସ ଆକ୍ଟରେ ଫସାଇ ଦିଆଗଲା।

**ଏପ୍ରିଲ ୧୦:** ଆଲ୍ଲାହାବାଦ ହାଇକୋର୍ଟରୁ ବଳାତ୍କାର ମାମଲା ସିବିଆଇ ପାଖକୁ ଗଲା।

**ଏପ୍ରିଲ ୧୩ :** ମୁଖ୍ୟ ଅଭିଯୁକ୍ତ ଭାଜପା ବିଧାୟକ କୁଲ୍‌ଦୀପ ସିଂ ସେନ୍‌ଗାର ଗିରଫ।

**ଜୁଲାଇ ୧୧:** ବଳାତ୍କାର ମାମଲାରେ ସିବିଆଇର ଚାର୍ଜଶିଟ୍ ଦାଖଲ।

**ଜୁଲାଇ ୨୮:** ପୀଡ଼ିତା ଓ ତାଙ୍କ ଓକିଲଙ୍କ ସହ ପରିବାର ଲୋକେ ଆସୁଥିବା ଏକ କାର୍‌କୁ ଧକ୍କାଦେଲା ଟ୍ରକ୍। ପୀଡ଼ିତାଙ୍କ ଦୁଇ ମାଉସୀ ମୃତ, ପୀଡ଼ିତା ଗୁରୁତର।

**ଜୁଲାଇ ୨୯:** ଟ୍ରକ୍ ଧକ୍କାକୁ ନେଇ ସେନ୍‌ଗାର ଓ ତାଙ୍କ ୯ ସହଯୋଗୀଙ୍କ ବିରୋଧରେ ଗୁରୁବକ୍ସଗଞ୍ଜ ଥାନାରେ ମାମଲା।

**ଅଗଷ୍ଟ ୧:** ବଳାତ୍କାର ମାମଲା ସୁପ୍ରିମକୋର୍ଟଙ୍କ ଦ୍ୱାରା ଦିଲ୍ଲୀ ସ୍ଥାନାନ୍ତର। ୪୫ ଦିନରେ ଶୁଣାଣି ଶେଷ କରିବାକୁ ନିର୍ଦ୍ଦେଶ।

**ଅଗଷ୍ଟ ୫ :** ଦିଲ୍ଲୀର ତିସ୍‌ହଜାରୀ କୋର୍ଟରେ ମାମଲାର ଦୈନନ୍ଦିନ ଶୁଣାଣି ଆରମ୍ଭ। ଚିକିତ୍ସା ଲାଗି ବିମାନ ଯୋଗେ ଏମ୍ସ ଗଲେ ପୀଡ଼ିତା।

**ଅଗଷ୍ଟ ୯:** ଅଭିଯୁକ୍ତ ସେନ୍‌ଗାର ଓ ସହ ଅଭିଯୁକ୍ତ ଶଶୀ ସିଂଙ୍କ ବିରୋଧରେ ବଳାତ୍କାର ମାମଲାରେ ଚାର୍ଜଫ୍ରେମ।

**ସେପ୍ଟେମ୍ବର ୧୧:** ପୀଡ଼ିତାଙ୍କ ବୟାନ୍ ଲାଗି ଏମ୍ସରେ ସାମୟିକ ଅଦାଲତ ପ୍ରତିଷ୍ଠା ହେଲା।

**ସେପ୍ଟେମ୍ବର ୨୫:** ଏମ୍ସରୁ ପୀଡ଼ିତାଙ୍କୁ ଡିସ୍‌ଚାର୍ଜ କରାଗଲା।

**ଡିସେମ୍ବର ୬:** କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଦିଲ୍ଲୀ ମହିଳା କମିଶନ ପୀଡ଼ିତାଙ୍କୁ ଦିଲ୍ଲୀର ଭଡ଼ାଘରକୁ ସ୍ଥାନାନ୍ତର କରିଥିଲା।

**ଡିସେମ୍ବର ୧୦, ୨୦୧୯:** ଅଦାଲତରେ ମାମଲାର ଶୁଣାଣି ଶେଷ, ରାୟ ସଂରକ୍ଷିତ।

**ଡିସେମ୍ବର ୧୬, ୨୦୧୯:** ଦିଲ୍ଲୀ କୋର୍ଟ ଅଭିଯୁକ୍ତ ସେନ୍‌ଗାରଙ୍କୁ ବଳାତ୍କାର ମାମଲାରେ ଦୋଷୀ ସାବ୍ୟସ୍ତ କଲେ ଓ ଶଶୀ ସିଂଙ୍କୁ ନିର୍ଦ୍ଦୋଷ ଘୋଷଣା କଲେ।

**ଡିସେମ୍ବର ୨୦, ୨୦୧୯:** ଭାଜପାରୁ ବହିଷ୍କୃତ ବିଧାୟକ ସେନ୍‌ଗାରଙ୍କୁ ଆଜୀବନ କାରାଦଣ୍ଡାଦେଶ ସହ ୨୫ ଲକ୍ଷ ଟଙ୍କା ଜରିମାନାଦେଶ।

ଧରିତ୍ରୀ DHARITRI
CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

INTERNATIONAL POTATO CENTRE (CIP)
307 on 3rd floor at Utkal Signature, N.H Pahal, BHUBANESWAR
POSITION ANNOUNCEMENT
INTERNATIONAL POTATO CENTRE (CIP) is The International Potato Center (CIP) is seeking a dynamic and responsible Administrative Assistant II to provide overall admin support to our staff based in Odisha.
Applications: Applicants should apply online through our CIP's Job Opportunities website (http://cipotato.org/open-vacancies/), including a letter of motivation, a full C.V. professional qualifications and work experience. Screening of applications will begin on December 26, 2019. Walk-in-interview on 28th December 2019 at 307, on 3rd Floor, Utkal Signature, N.H Pahal, Bhubaneswar time 10:00am. to 2:00pm. and will continue until the post is filled. All applications will be acknowledged; only short-listed candidates will be contacted.

OFFICE OF THE PRINCIPAL
INSTITUTE OF MANAGEMENT & INFORMATION TECHNOLOGY
(A Constituent College of BPUT, Odisha)
BOSE CAMPUS, PO - SCB MEDICAL COLLEGE CAMPUS, CUTTACK - 753007
No. 1795, Date. 20.12.2019
WALK IN INTERVIEW
The Walk-in-Interview for engagement of Faculties on contractual basis for MBA Programme of the Institute will be held on 30.12.2019 at 10.00 AM. The details regarding reporting date and time, qualification, monthly remuneration and documents to be submitted during Interview is available in the college website : www.imit.ac.in.
The authority reserves the right to cancel the above Walk-in-Interview without assigning any reason thereof.
N.B. : No TA/DA will be paid to the candidates for attending the interview.
PRINCIPAL
IMIT, Cuttack

ଭାରତୀୟ ରିଜର୍ଭ ବ୍ୟାଙ୍କ
ମାନବ ସଂଶାଧନ ପ୍ରବନ୍ଧନ ବିଭାଗ
ପଣ୍ଡିତ ଜୱାହରଲାଲ ନେହରୁ ମାର୍ଗ
ଭୁବନେଶ୍ୱର-751001, ଓଡ଼ିଶା
ନିର୍ଦ୍ଦିଷ୍ଟ ପାରିଶ୍ରମିକ (ଘଣ୍ଟା ପ୍ରତି) ବିଶିଷ୍ଟ ଠିକା ଚିକିତ୍ସା ପରାମର୍ଶଦାତାଙ୍କ ନିୟୋଜନ
ଭାରତୀୟ ରିଜର୍ଭ ବ୍ୟାଙ୍କ ଏହାର ଭୁବନେଶ୍ୱର ସ୍ଥିତ ଔଷଧାଳୟ ଗୁଡିକ ପାଇଁ ଭାରତୀୟ ମେଡିକାଲ କାଉନସିଲ ଦ୍ୱାରା ମାନ୍ୟତା ପ୍ରାପ୍ତ ଯେ କୌଣସି ବିଶ୍ୱବିଦ୍ୟାଳୟର ଦୁଇ ବର୍ଷର ଅଭିଜ୍ଞତା ଥିବା ମେଡିକାଲ ସ୍ନାତକ ମାନଙ୍କର ଓ ବି ସି (1)ଏବଂ ଅସଂରକ୍ଷିତ (2) ବର୍ଗ ର ତିନୋଟି ଅଂଶକାଳିକ ଠିକା ଚିକିତ୍ସା ପରାମର୍ଶଦାତା ପଦ ପାଇଁ ପ୍ୟାନେଲ ପ୍ରସ୍ତୁତ କରିବାକୁ ଆବେଦନ ପତ୍ର ଆହ୍ୱାନ କରୁଛି । ଏଥିନିମନ୍ତେ ଆବଶ୍ୟକୀୟ ଆବେଦନ ପତ୍ର, ସର୍ତ୍ତ ଓ ନିୟମାବଳୀର ବିଶଦ ବିବରଣୀ ବ୍ୟାଙ୍କର ୱେବସାଇଟ (www.rbi.org.in) ରେ ଉପଲବ୍ଧ ଅଛି । ବ୍ୟାଙ୍କର ଭୁବନେଶ୍ୱର ସ୍ଥିତ କାର୍ଯ୍ୟାଳୟ ରେ ଆବେଦନପତ୍ର ଦାଖଲ କରିବାର ଶେଷ ତାରିଖ ଜାନୁଆରୀ 10, 2020 ।
ବି.ଦ୍ର : ଉପରୋକ୍ତ ବିଜ୍ଞାପନ ସମ୍ବନ୍ଧିତ ଯେ କୌଣସି ସଂଶୋଧିତ ସୂଚନା କେବଳ ବ୍ୟାଙ୍କର ୱେବସାଇଟ ରେ ପ୍ରକାଶିତ ହେବ ।
କ୍ଷେତ୍ରୀୟ ନିର୍ଦ୍ଦେଶକଙ୍କ
ଆଦେଶାନୁସାରେ

COLOR CLASSIFIED DISPLAY
on Every Tuesday and Friday

OFFICIALLY STAFF IMMEDIATELY REQUIRES
For BBSR, Cuttack, Puri, Berhampur.
Qualification: 10th above.
Salary upto 25,000/-
M: 9938699963

ଆବଶ୍ୟକ
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା : 10th/ above. Monthly Salary upto Rs. 27000/-
Contact : 9938676412

TRAVELLER
ଚଳାଇବା ପାଇଁ ଅଭିଜ୍ଞ ଡ୍ରାଇଭର ଆବଶ୍ୟକ। ଆକର୍ଷଣୀୟ ଦରମା ସହିତ ଭୁବନେଶ୍ୱରରେ ରହିବା ପାଇଁ ସୁବିଧା ଯୋଗାଇ ଦିଆଯିବ।
ଯୋଗାଯୋଗ: 9338813262, 8249873769

URGENTLY REQUIRED
OMM SHANTI +2 Science College, Pipili, Puri requires Residential Lecturers in Sanskrit, Botany and Mathematics.
Date of Interview: 24.12.19(Tuesday)
Contact: 8249297563, 9778888868

ମହିଳା ରୋଷେୟା ଆବଶ୍ୟକ
ଘରୋଇ କାମ କରିବା ପାଇଁ ମହିଳା ରୋଷେୟା ଆବଶ୍ୟକ।
ଯୋଗାଯୋଗ କରନ୍ତୁ:
Ph : 8763531752, 0674-7107783, 9937089530.

ହେବି ଲାଇସେନ୍ସ/ଅଭିଜ୍ଞତା ଥିବା ଅଶୋକ ଲେଲାଣ୍ଡ ୪ ଚକା/୬ ଚକା, ପିକ୍‌ଅପ୍/ଟ୍ରକ୍ ପାଇଁ ଡ୍ରାଇଭର-୩ ଜଣ, ଦରମା ୧୦/୧୮ ହଜାର, ଷ୍ଟୋର କିପର +2/ଗ୍ରାଜୁଏଟ୍ ସହ କମ୍ପ୍ୟୁଟର ଅଭିଜ୍ଞତା ଦରମା ୭/୧୦ ହଜାର, କମ୍ପାନୀ ଶ୍ରମିକ ୨ଜଣ ଶୀଘ୍ର ଆବଶ୍ୟକ। ରହିବା ସୁବିଧା ଅଛି।
ଯୋଗାଯୋଗ - 9040150146

OFFICIALLY JOB
ଯୋଗ୍ୟତା : ଦଶମ ପାସ୍/ଫେଲ,
ବୟସ : (18-40)yrs.
Monthly salary upto Rs. 25,000/-
Contact : Immediately
Mob : 8763257042

REQUIRED
Required Sales Consultant, Electrician, Accounts Executive, Driver, Peon, used car Sales Manager, Dentor, Technician & Parts Manager for a 4 wheeler dealership
call : 9968334410, Mail id: edp.bhubaneswar@renault-india.com, siddharth9909@gmail.com

ସାଉଥ୍ ଆଫ୍ରିକାରେ ଇନ୍‌ଫ୍ରାଷ୍ଟ୍ରକ୍‌ଚର କନ୍‌ଷ୍ଟ୍ରକ୍‌ସନ୍, ହେଲପର, ଡ୍ରାଇଭର, ମେସନ, କାର୍ପେଣ୍ଟର, ଇଲେକ୍ଟ୍ରିସିଆନ, ଅପରେଟର ଏବଂ ସମସ୍ତ ପ୍ରକାର କାରିଗର ଆବଶ୍ୟକ ।
ଦରମା- 40,000/-, ମଡର୍ଣ୍ଣ ଇଞ୍ଜିନିଅରିଂ (ଇଣ୍ଡିଆନ୍ ମ୍ୟାନେଜ୍‌ମେଣ୍ଟ କମ୍ପାନୀ)
କମଲ ପ୍ଲେସ୍‌ମେଣ୍ଟ
415, ରଙ୍ଗିଲା ପାର୍କ, ଡିନ୍‌ଦୋଲି, ସୁରତ୍, ଗୁଜୁରାଟ
9157012447, 9157312448

WALK-IN-INTERVIEW
BANABASI SEVA SAMITI, BALLIGUDA, DIST.- KANDHAMAL
Regd. No. 7695/594 of 1973-74, Dt.14.03.74
CHILDLINE-Kandhamal, the colab of Banabasi Seva Samiti (BSS), Balliguda at Kendupadar, Housing Board Colony, Phulbani needs for recruitment to below mentioned post on purely contractual & consolidated remuneration basis. Interested eligible candidates may attend Walk-in-Interview on dtd.29.12.2019 (Sunday) at 10.30AM along with their C.V. & Identity proof (See details web: banabasi.org) interview at Banabasi Seva Samiti Campus, Balliguda, Dist.- Kandhamal.
1. CENTRE COORDINATOR: (1) MSW with 1-2 yrs. experience and fluency in Odiya & English language skills-written & verbal & Computer knowledge: Hon. Rs.14,000/- P.M at present.
Contact No. 06846-243637, 8480257832
Sd./- Secretary

RSETI Rural Self Employment Training Institutes
Powering Rural Entrepreneurship
ୟୁକୋ ଗ୍ରାମ୍ୟ ଆତ୍ମନିଯୁକ୍ତି ତାଲିମ ପ୍ରତିଷ୍ଠାନ, ଅନୁଗୁଳ
ସା: ଜଗଦେବ ରୋଡ୍, ରାଜା ଛକ ନିକଟ, ବସ୍ ଷ୍ଟାଣ୍ଡ, ଅନୁଗୁଳ-୭୫୯୧୨୨,
ଫୋନ୍ ନଂ.: ୦୬୭୬୪-୨୩୪୧୨୫, ଇ-ମେଲ୍ ଆଇଡି: rseti.angul@ucobank.co.in
ନିଯୁକ୍ତି
ଏହି ଅନୁଷ୍ଠାନରେ ୧ ବର୍ଷ ପାଇଁ ଚୁକ୍ତି ଭିତ୍ତିକ ପଦବୀ ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଛି। ସଫଳଭାବେ ଚୁକ୍ତି ଅବଧି ସମାପ୍ତି ପରେ ଏହା ନବୀକରଣ କରାଯାଇପାରେ।
ଅଫିସ ସହାୟକ - ୧ ପଦବୀ
ବୟସ : ତା.୩୧.୧୨.୨୦୧୯ରିଖ ସୁଦ୍ଧା ୨୨ ରୁ ୪୦ ବର୍ଷ
ଶିକ୍ଷାଗତ ଏବଂ ଅନ୍ୟାନ୍ୟ ଯୋଗ୍ୟତା:
। ପ୍ରାର୍ଥୀ ସ୍ନାତକ ଯଥା- ବିଏସ୍‌ଡବ୍ଲୁ / ବି.ଏ. / ବି.କମ୍ ସହିତ କମ୍ପ୍ୟୁଟର ଜ୍ଞାନ । ବେସିକ ଆକାଉଣ୍ଟିଙ୍ଗ ଜ୍ଞାନ ପ୍ରସନ୍ଦ ଯୋଗ୍ୟତା । ସ୍ଥାନୀୟ କଥିତ ଏବଂ ଲିଖିତ ଭାଷାରେ ପ୍ରବୀଣ ଥିବା ଆବଶ୍ୟକ । ପ୍ରାର୍ଥୀଙ୍କର ହିନ୍ଦୀ / ଓଡ଼ିଆ / ଇଂରାଜୀରେ ଦକ୍ଷତାକୁ ଅତିରିକ୍ତ ଯୋଗ୍ୟତା ଭାବେ ବିବେଚନା କରାଯିବ । ଏମ୍‌ଏସ୍ ଅଫିସ (ୱାର୍ଡ ଏବଂ ଏକ୍ସେଲ୍) ଟାଲି ଏବଂ ଇଣ୍ଟରନେଟ୍‌ରେ ଦକ୍ଷତା ଆବଶ୍ୟକ । ସ୍ଥାନୀୟ ଭାଷା (ଓଡ଼ିଆ)ରେ ଟାଇପିଂ ଦକ୍ଷତା ନିଶ୍ଚିତ ଆବଶ୍ୟକ । ଇଂରାଜୀରେ ଟାଇପିଂ ଦକ୍ଷତା ଅତିରିକ୍ତ ଯୋଗ୍ୟତା ଅଟେ।
ପ୍ରାର୍ଥୀଙ୍କର ଦରମା: ମାସିକ (ଟ. ୧୨,୦୦୦/-) ବାର ହଜାର ଟଙ୍କା
ଆବେଦନର ପ୍ରଣାଳୀ: ପ୍ରାର୍ଥୀମାନେ ଉପରୋକ୍ତ ନିୟମ ଏବଂ ସର୍ତ୍ତାବଳୀ ଅନୁଯାୟୀ ସାଦା ବୟୋଡାଟା ଫର୍ମାଟରେ ଆବେଦନ କରିବା ସହିତ ସ୍ୱ-ହସ୍ତଖତ ଥିବା ସମସ୍ତ ଶିକ୍ଷାଗତ ଯୋଗ୍ୟତାର ଫଟୋ କପି ଉପରୋକ୍ତ ଠିକଣାରେ ପ୍ରେରଣ କରିପାରିବେ। ଉପରୋକ୍ତ ଠିକଣାରେ ଦରଖାସ୍ତ ପ୍ରାପ୍ତିର ଅନ୍ତିମ ତାରିଖ: ୩୧.୧୨.୨୦୧୯
ଚୟନ ପ୍ରକ୍ରିୟା: ଲିଖିତ ପରୀକ୍ଷା ଏବଂ ବ୍ୟକ୍ତିଗତ ସାକ୍ଷାତକାର ମାଧ୍ୟମରେ ଚୟନ କରାଯିବ।
ବି.ଦ୍ର.: ନୋଟିଫିକେସନ୍ ପ୍ରକ୍ରିୟାକୁ ଯେକୌଣସି ସମୟରେ ବାତିଲ କରିବାର ଅଧିକାର କର୍ତ୍ତୃପକ୍ଷଙ୍କର ରହିଛି।
ନିର୍ଦ୍ଦେଶକ

Wanted Area Sales Manager
Attention all
ASM / RSM / NSM / ZSM
Are you in FMCG Ind. with 3 to 4 Years Experience in Channel Sales, who wants to become a Sales Partner and desires to
Earn unlimited ?
Company Profile:
The Company Hari Krishna Group has a turnover of 10,000 Crores and is expanding rapidly in terms of volume and share. The Company has very strong brands KISNA Diamond Jewellery in category of real diamonds. The company has its presence all over India. The company is looking Male / Female Sales Partner.
Kindly send your CV
Email: aarti@kisna.com
022-67160000 / 91369 67251
Aarti- Ext: 2729
Location: Entire Orissa

## ନୋଟିସ୍

ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

| Dollar | Sensex | Nifty | Gold | Silver |
|---|---|---|---|---|
| 9 71.12 | 7.62 41,681.54 | 12.10 12,271.80 | ₹109 38,894.00 | ₹338 45,786.00 |



"ବିପିସିଏଲ୍ ବିଡ୍‌ରେ ଭାଗ ନେବା ଲାଗି ବେଦାନ୍ତ ବିଭିନ୍ନ ପ୍ରସଙ୍ଗକୁ ନିଶ୍ଚିତ ପକ୍ଷେ ବିଚାର କରିବ।

– ଅନିଲ ଅଗ୍ରୱାଲ, ଅଧ୍ୟକ୍ଷ, ବେଦାନ୍ତ ରିସୋର୍ସେସ



"ଭାରତ ବିତ୍ତୀୟ ନିଅଣ୍ଟ ଧାର୍ଯ୍ୟ ଲକ୍ଷ୍ୟକୁ ପୂରଣ କରିବା ଦିଗରେ ନିଶ୍ଚିତ କରିବାର ଆବଶ୍ୟକତା ରହିଛି।

– ଗୀତା ଗୋପିନାଥ, ମୁଖ୍ୟ ଅର୍ଥନୀତିଜ୍ଞ, ଆଇଏମ୍ଏଫ୍

## ସଂକ୍ଷେପରେ

### ଆତ୍ମ ସନ୍ଦେହ ସ୍ଥିତିରେ ନ ରହୁ ଶିଳ୍ପଜଗତ: ସୀତାରାମନ୍

**ନୂଆଦିଲ୍ଲୀ,୨୦-୧୨:** ଦେଶର ଶିଳ୍ପ ଜଗତ ଆତ୍ମ ସନ୍ଦେହ ସ୍ଥିତିରେ ନ ରହି ଏହାଠାରୁ ବାହାରକୁ ଆସିବାର ଆବଶ୍ୟକତା ରହିଛି ବୋଲି ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରାମନ୍ ଶୁକ୍ରବାର କହିଛନ୍ତି। ଶିଳ୍ପ ଜଗତ ନକାରାତ୍ମକ ମନୋଭାବଠାରୁ ବାହାରକୁ ଆସିବା ଉଚିତ। ସରକାର ଶିଳ୍ପର ପ୍ରତି ପ୍ରଶ୍ନର ଉତ୍ତର ରଖିବେ। ଅର୍ଥ ବ୍ୟବସ୍ଥାରେ ସୁଧାର ଆସୁଥିବାର ଏବେ ଆଭାସ ଆସୁଛି। ବିଦେଶୀ ନିବେଶ ବଢ଼ିଥିବା ବେଳେ ଏବେ ବିଦେଶୀ ମୁଦ୍ରା ଭଣ୍ଡାର ରେକର୍ଡ ସ୍ତର ଛୁଇଁଛି ବୋଲି ସେ ମତ ରଖିଛନ୍ତି। ସରକାର ବଜେଟ ପରେ ଗ୍ରହଣ କରିଥିବା ବିଭିନ୍ନ ପଦକ୍ଷେପ ଯୋଗୁ ଏବେ ଅର୍ଥ ବ୍ୟବସ୍ଥାରେ ସୁଧାର ଆସିବା ଦେଖାଯାଇଛି। ଶିଳ୍ପ ଜଗତର ବିକାଶକୁ ସରକାର ପ୍ରାଥମିକତା ସହ ନେଉଛନ୍ତି ବୋଲି ଆସୋଚାମର ଏକ କାର୍ଯ୍ୟକ୍ରମରେ ସୀତାରାମନ ଏହା କହିଛନ୍ତି। ଗତ କିଛି ବର୍ଷରେ ସରକାର ଯେଉଁ କାର୍ଯ୍ୟକ୍ରମମାନ ହାତକୁ ନେଇଛନ୍ତି ତା'ର ଫଳ ମିଳିଛି। ଭାରତ ବିଶ୍ୱ ସ୍ତରରେ ଏକ ସ୍ୱତନ୍ତ୍ର ସ୍ଥାନ ହାସଲ କରିବାକୁ ସକ୍ଷମ ହୋଇଛି। ଶିଳ୍ପ କ୍ଷେତ୍ର ମଧ ଏହି ପରିବର୍ତ୍ତନର ଅଂଶୀଦାର ହେବା ଆବଶ୍ୟକ। ମନ ମଧ୍ୟରୁ ସମସ୍ତ ସଂଶୟକୁ ଦୂର କରି ବିକାଶ ଧାରାରେ ସାମିଲ ହେବାକୁ ସେ ଆହ୍ୱାନ ଜଣାଇଛନ୍ତି। ସରକାର ଶିଳ୍ପଗୁଡିକୁ ବନ୍ଦ କରିବାକୁ ଚାହୁଁନାହାନ୍ତି। ଆଇନ ଏବଂ ପ୍ରଶାସନିକ କ୍ଷେତ୍ରରେ ପରିବର୍ତ୍ତନ ଦ୍ୱାରା ସରକାର ଶିଳ୍ପଗୁଡିକୁ ସହାୟତା କରିବାକୁ ଗୁରୁତ୍ୱ ଦେଉଥିବା ସୀତାରାମନ୍ କହିଛନ୍ତି।

### ଜିଡିପି ଅଭିବୃଦ୍ଧି ୪.୬%କୁ ହ୍ରାସ କଲା ଫିଚ୍

**ନୂଆଦିଲ୍ଲୀ,୨୦-୧୨:** ୨୦୧୯-୨୦ ଆର୍ଥିକ ବର୍ଷ ଲାଗି ଭାରତର ଜିଡ଼ିପି ଅଭିବୃଦ୍ଧି ପୂର୍ବାନୁମାନକୁ ଫିଚ୍ ରେଟିଂସ ୪.୬%କୁ ହ୍ରାସ କରିଛି। ବାଣିଜ୍ୟିକ ସ୍ଥିତିରେ ଅବନତି ଏବଂ ଖାଉଟିଙ୍କ ଆତ୍ମବିଶ୍ୱାସ ଖସିବା ଯୋଗୁ ଫିଚ୍ ପୂର୍ବାନୁମାନକୁ ଖସାଇଥିବା ଜଣାପଡିଛି। ଏହା ଭାରତର ଡିଫଲ୍ଟ ରେଟିଂକୁ ସ୍ଥିର ବା ବିବିବି ରଖିଛି। ୨୦୨୧ ଆର୍ଥିକ ବର୍ଷରେ ଭାରତର ବିକାଶ ହାର ୫.୬% ଏବଂ ଏହାର ପରବର୍ତ୍ତୀ ଆର୍ଥିକ ବର୍ଷରେ ବିକାଶ ହାର ୬.୫% ରହିବ ବୋଲି ଏହା ପୂର୍ବାନୁମାନରେ କହିଛି। ଭାରତ ସରକାର ଗ୍ରହଣ କରୁଥିବା ମୁଦ୍ରା ଏବଂ ବିତ୍ତୀୟ ନୀତି ସହ ଢାଞ୍ଚାଗତ ପଦକ୍ଷେପ ବିକାଶକୁ ତ୍ୱରାନ୍ୱିତ କରିବ ବୋଲି ଏହା ଆଶାବାଦୀ ରହିଛି। ଘରୋଇ ବଜାରରେ ବିଭିନ୍ନ ଚ୍ୟାଲେଞ୍ଜ ଯୋଗୁ ଅନୁମାନକୁ ହ୍ରାସ କରାଯାଇଛି ବୋଲି ଏହି ଏଜେନ୍ସି କହିଛି। ଏହି ସମୟ ମଧ୍ୟରେ ଏନ୍‌ବିଏଫ୍‌ସି କ୍ଷେତ୍ରରେ ଋଣ ପ୍ରଦାନରେ ସମସ୍ୟା, ବାଣିଜ୍ୟ ଏବଂ ଖାଉଟି ଆତ୍ମବିଶ୍ୱାସ ଖସିବା ଯୋଗୁ ବଜାର ପ୍ରଭାବିତ ରହିଛି। ଏହା ସତ୍ତ୍ୱେ ଭାରତର ରେଟିଂକୁ ଦୃଢ଼ ମଧ୍ୟମକାଳୀନ ଅଭିବୃଦ୍ଧିକୁ ଧ୍ୟାନରେ ରଖି ଟ୍ରିପଲ ବି ରଖାଯାଇଛି ବୋଲି ଫିଚ୍ ପକ୍ଷରୁ କୁହାଯାଇଛି।

### ୫.୨୩ ଲକ୍ଷ କୋଟି ଟଙ୍କାର ସ୍ପେକ୍ଟ୍ରମ ନିଲାମ ଯୋଜନାକୁ ମଞ୍ଜୁରୀ

**ନୂଆଦିଲ୍ଲୀ,୨୦-୧୨:** ୫.୨୩ ଲକ୍ଷ କୋଟି ଟଙ୍କାର ସ୍ପେକ୍ଟ୍ରମ ନିଲାମ ଯୋଜନାକୁ ଡିଜିଟାଲ କମ୍ୟୁନିକେସନ କମିଶନଙ୍କ ପକ୍ଷରୁ ମଞ୍ଜୁରୀ ପ୍ରଦାନ କରାଯାଇଛି। ଏଥି ଲାଗି ନିଲାମ ପ୍ରକ୍ରିୟା ମାର୍ଚ୍ଚ, ଏପ୍ରିଲରେ ହେବ ବୋଲି ସୂଚନା ରହିଛି। ରେଡିଓ ୱେଭ ଲାଗି ନିଷ୍ପତ୍ତି ନିଆଯାଇଥିବା ରିଜର୍ଭ ମୂଲ୍ୟରେ କୌଣସି ପରିବର୍ତ୍ତନ କରାଯିବ ନାହିଁ ବୋଲି ଟେଲିକମ୍ ରେଗୁଲେଟୋରି ଅଥରିଟି ଅଫ୍ ଇଣ୍ଡିଆ ପକ୍ଷରୁ କୁହାଯାଇଛି। ସ୍ପେକ୍ଟ୍ରମ ନିଲାମ ଲାଗି ବିଡ୍ ପ୍ରକ୍ରିୟା ଜାନୁୟାରୀ ୧୩ରୁ ଆରମ୍ଭ କରାଯିବ ବୋଲି ଟେଲିକମ ବିଭାଗ ସଚିବ ଅଂଶୁ ପ୍ରକାଶ କରିଛନ୍ତି। ନିଲାମ ଲାଗି ମୋଟ ୮,୩୦୦ ମେଗାହର୍ଜ ସ୍ପେକ୍ଟ୍ରମ ରହିଛି ଏହାର ମୂଲ୍ୟ ମୋଟ ୫.୨୩ ଲକ୍ଷ କୋଟି ଟଙ୍କା ହେବ।

## ■ ଶିଳ୍ପ ଜଗତକୁ ମୋଦିଙ୍କ ଆଶ୍ୱାସନା

# ମାନ୍ଦାବସ୍ଥାରୁ ବାହାରିବା ଲାଗି ଭାରତ ସକ୍ଷମ



ନୂଆଦିଲ୍ଲୀ,୨୦-୧୨

ବର୍ତ୍ତମାନର ମାନ୍ଦାବସ୍ଥାରୁ ବାହାରିବା ଲାଗି ଭାରତ ନିକଟରେ କ୍ଷମତା ରହିଛି। ଘରୋଇ ବଜାର ଦ୍ରୁତ ଅଭିବୃଦ୍ଧି ଧାରାକୁ ଫେରିବା ଲାଗି ସକ୍ଷମ ହେବ। କର୍ପୋରେଟ ସଂସ୍ଥାଗୁଡିକ ଦେଶର ବିକାଶ ଧାରାକୁ ଆଗେଇ ନେବା ଲାଗି ନିବେଶ ପାଇଁ ଦୃଢ ନିଷ୍ପତ୍ତି ନିଅନ୍ତୁ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର କହିଛନ୍ତି। ଶିଳ୍ପ ସଂଘ ଆସୋଚାମର ଏକ କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରଧାନମନ୍ତ୍ରୀ ମୋଦି କର୍ପୋରେଟଗୁଡିକ ଲାଗି ସରକାର ଗ୍ରହଣ କରିଥିବା ବିଭିନ୍ନ

- ■ ଦୃଢ଼ ନିବେଶ ନିଷ୍ପତ୍ତି ନେଇ ଆହ୍ୱାନ
- ■ ଅର୍ଥନୀତିରେ ଉତ୍ଥାନ ପତନ ରହିଥାଏ
- ■ ୫ ଟ୍ରିଲିୟନ ଡଲାର ଅର୍ଥନୀତି ହାସଲର କ୍ଷମତା ରହିଛି
- ■ ଗ୍ରାମାଞ୍ଚଳରେ ୨୫ ଲକ୍ଷ କୋଟିର ନିବେଶ ପ୍ରତିଶ୍ରୁତି

ପଦକ୍ଷେପ ଉପରେ ଗୁରୁତ୍ୱାରୋପ କରିଛନ୍ତି। ଭିତ୍ତିଭୂମିରେ ୧୦୦ ଲକ୍ଷ କୋଟି ଏବଂ ଗ୍ରାମାଞ୍ଚଳରେ ୨୫ ଲକ୍ଷ କୋଟି ଟଙ୍କାର ନିବେଶ ଦ୍ୱାରା ଭାରତ ଏହାର ଅର୍ଥନୀତିକୁ ୨ଗୁଣ କରିବାକୁ ସକ୍ଷମ ହେବ। ଏହାଦ୍ୱାରା ଭାରତ ୫ ଟ୍ରିଲିୟନ ଡଲାର ଅର୍ଥନୀତି ହୋଇ ପାରିବ ବୋଲି ସେ ଦୃଢୋକ୍ତି ପ୍ରକାଶ କରିଛନ୍ତି।

ସେ ପୁଣି କହିଛନ୍ତି ଯେ, ବର୍ତ୍ତମାନର ମାନ୍ଦାବସ୍ଥାକୁ ନେଇ ଅନେକ ଆଲୋଚନା ହେଉଛି। ଏହାକୁ ନେଇ ଆସୁଥିବା ବିଭିନ୍ନ ମନ୍ତବ୍ୟକୁ ମଧ ଚ୍ୟାଲେଞ୍ଜ କରୁନାହୁଁ। ବିଭିନ୍ନ ଆଲୋଚନା ପର୍ଯ୍ୟାଲୋଚନାର ସକାରାତ୍ମକ ଦିଗ ବିଚାରକୁ ନେଇ ଆଗାମୀ କାର୍ଯ୍ୟପନ୍ଥା ଗ୍ରହଣ କରାଯାଉଛି ବୋଲି ସେ ମତ ରଖିଛନ୍ତି। ସେ ସୂଚନା ଦେଇଛନ୍ତି ଯେ, କଂଗ୍ରେସର ଉପା ସରକାରଙ୍କ ସମୟରେ ଜିଡିପି ଅଭିବୃଦ୍ଧି ୩.୫% ଖସିଥିଲା। ଏହି ସମୟରେ ମୁଦ୍ରାସ୍ଫୀତି ୯.୪% ରହିଥିଲା। କୋର ମୁଦ୍ରାସ୍ଫୀତି ୭.୩% ଥିବା ବେଳେ ପାଇକାରୀ ମୁଦ୍ରାସ୍ଫୀତି ୫.୨%, ବିତ୍ତୀୟ ନିଅଣ୍ଟ ୫.୬% ରହିଥିଲା।

ବର୍ତ୍ତମାନ ଜିଡିପି ଲଗାତର ଭାବେ ୬ ତ୍ରୈମାସ ଧରି ଖସିବା ସହ ୬ ବର୍ଷର ସର୍ବନିମ୍ନ ସ୍ତର ଜୁଲାଇ-ସେପ୍ଟେମ୍ବର ତ୍ରୈମାସରେ ୪.୫%କୁ ଖସିଛି। ଚାହିଦା ହ୍ରାସ ଏବଂ ମାନୁଫାକ୍ଚରିଂ ହ୍ରାସ ହେବା ଯୋଗୁ ଏଭଳି ହୋଇଛି। ହେଲେ ଅର୍ଥ ବ୍ୟବସ୍ଥାରେ ଉତ୍ଥାନ ଏବଂ ପତନ ଦେଖାଯାଇଥାଏ। ମାତ୍ର ଏସବୁ ପରିସ୍ଥିତିରୁ ବାହାରିବାକୁ ଭାରତ ସକ୍ଷମ ହେବ ବୋଲି ସେ ଦୃଢତା ସହ କହିଛନ୍ତି। ଭାରତ ବିଶ୍ୱ ବ୍ୟାଙ୍କର ଇଜ୍ ଅଫ ଡୁଇଂ ବିଜନେସ ର୍ୟାଙ୍କିଂରେ ୧୯୦ ଦେଶ ମଧ୍ୟରୁ ୧୪୨ ଦେଶ ମଧ୍ୟରେ ରହିଥିଲା। ୩ ବର୍ଷ ମଧ୍ୟରେ ୬୩ ତମ ସ୍ଥାନକୁ ଉଠିବାକୁ ଏହା ସକ୍ଷମ ହୋଇଛି। ଏହି ତାଲିକାରରେ ନିରନ୍ତର ଉନ୍ନତି କରୁଥିବା ୧୦ ଦେଶ ମଧ୍ୟରେ ଭାରତ ରହିଛି। ସେ କହିଛନ୍ତି କର୍ପୋରେଟଗୁଡିକ ହେଉଛନ୍ତି ୧୩୦ କୋଟି ଭାରତୀୟଙ୍କ ଏଜେଣ୍ଟ। କମ୍ପାନୀ ଆଇନରେ ବିଭିନ୍ନ ପରିବର୍ତ୍ତନ କରି ଏହାକୁ ଆହୁରି ଉନ୍ନତ କରିବା ଦିଗରେ କାର୍ଯ୍ୟକ୍ରମ ଜାରି ରହିଛି। ଇନ୍‌ସଲଭେନ୍ସି ଆଣ୍ଡ ବ୍ୟାଙ୍କରପ୍ସି କୋଡରେ ବିଭିନ୍ନ ସଂଶୋଧନ କରାଯିବା ସହ ଏହାକୁ ସୁଗମ କରାଯାଇଥିବା ମୋଦି ମତ ରଖିଛନ୍ତି। ସରକାରଙ୍କ ଏଭଳି ବିଭିନ୍ନ ନିଷ୍ପତ୍ତି କର୍ପୋରେଟ ଏବଂ ସେମାନଙ୍କ ପୁଞ୍ଜିକୁ ସୁରକ୍ଷା ପ୍ରଦାନ କରିବାରେ ସହାୟତା କରିବ। ସିଷ୍ଟମରେ ରହିଥିବା ଅସୁବିଧାର ଦୂରୀକରଣ ଲାଗି ବ୍ୟାଙ୍କିଙ୍ଗ ଶିଳ୍ପ ଏବଂ କର୍ପୋରେଟକୁ ସେ ପ୍ରତିଶ୍ରୁତି ଦେଇଛନ୍ତି।

ଏହି ଆଧାରରେ କର୍ପୋରେଟ ନିବେଶ ନେଇ ଦୃଢ ନିଷ୍ପତ୍ତି ନିଅନ୍ତୁ। ଏହା ବାଦ କମ୍ପାନୀ ପଞ୍ଜୀକରଣ ଲାଗି କର୍ପୋରେଟଗୁଡିକ ଲାଗି ଏବେ ସମୟ କମ୍ କରାଯାଇଛି। ଭିତ୍ତିଭୂମି ଉନ୍ନତ ହେବା ଯୋଗୁ ବନ୍ଦର ଏବଂ ବିମାନ ବନ୍ଦରରେ ଟର୍ନ ଆରାଉଣ୍ଡ ସମୟ କମିଛି। ଜିଏସ୍‌ଟିରେ ରହିଥିବା ଚ୍ୟାଲେଞ୍ଜକୁ ନେଇ ଭୟଭୀତ ନ ଥିବା ମୋଦି କହିଛନ୍ତି। ଏହାବାଦ୍ ଭାରତ ଗତ ୫ ବର୍ଷରେ ସର୍ବୋଚ୍ଚ ଏଫ୍‌ଡିଆଇ ଲାଭ କରିଥିବା ବେଳେ ବିଶ୍ୱସ୍ତରୀୟ ପ୍ରତିଦ୍ୱନ୍ଦ୍ୱିତା ବଢ଼ିଛି। ଏହି ସମୟରେ ଭାରତ ଷ୍ଟାର୍ଟ ଅପ୍ ଇକୋସିଷ୍ଟମରେ ତୃତୀୟ ବୃହତ୍ ଦେଶ ହୋଇ ପାରିଛି ବୋଲି ମୋଦି କହିଛନ୍ତି।

### ପ୍ରଧାନମନ୍ତ୍ରୀ ବାସ୍ତବତାକୁ ଅଗ୍ରାହ୍ୟ କରୁଛନ୍ତି: କଂଗ୍ରେସ

ନୂଆଦିଲ୍ଲୀ,୨୦-୧୨

ଶିଳ୍ପ ଜଗତ ସାମ୍ନାରେ ପ୍ରଧାନମନ୍ତ୍ରୀ ଯେଉଁ ସବୁ କଥା ରଖିଛନ୍ତି ଯେଉଁ ସ୍ୱପ୍ନ ଦେଖାଇଛନ୍ତି ତାହା ବାସ୍ତବ ନୁହେଁ ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି। ସରକାର ଦେଶର ଅର୍ଥନୀତିକୁ ଠିକ୍ ଭାବେ ବିଚାର କରି ନ ଥିବା କଂଗ୍ରେସର ବରିଷ୍ଠ ମୁଖପାତ୍ର ଆନନ୍ଦ ଶର୍ମା କହିଛନ୍ତି। ଅର୍ଥବ୍ୟବସ୍ଥା ଏବେ ଖରାପ ସ୍ଥିତି ଦେଇ ଗତି କରୁଥିବା ବେଳେ ସରକାର ଯଦି ଏହାକୁ ସୁଧାରିବାକୁ କୌଣସି ପଦକ୍ଷେପ ନ ନିଅନ୍ତି ଆସନ୍ତା ବର୍ଷ ସ୍ଥିତି ଆହୁରି ବିଗିଡିଯିବ ବୋଲି ସେ କହିଛନ୍ତି। ବାସ୍ତବତା ଠାରୁ ଦୂରେଇ ଯାଇ ପ୍ରଧାନମନ୍ତ୍ରୀ ଯେଉଁ ମିଛ ପ୍ରତିଶ୍ରୁତି ଦେଉଛନ୍ତି ଏବଂ ମିଛ ସ୍ୱପ୍ନ ଦେଖାଉଛନ୍ତି ତାହା ବନ୍ଦ କରନ୍ତୁ। ୫ ଟ୍ରିଲିୟନ ଡଲାର ଅର୍ଥନୀତି ଲକ୍ଷ୍ୟ ହାସଲ ଲାଗି ଆଗାମୀ ୫ ବର୍ଷ ପର୍ଯ୍ୟନ୍ତ ୨ ଅଙ୍କ ବିଶିଷ୍ଟ ଅଭିବୃଦ୍ଧି କେମିତି ହାସଲ ହେବ ବୋଲି ଶର୍ମା ପ୍ରଶ୍ନ ଉଠାଇଛନ୍ତି।

## ଜେଏସ୍‌ପିଏଲ୍ ରାଷ୍ଟ୍ରୀୟ ସ୍ୱୟଂସିଦ୍ଧ ସମ୍ମାନ ପ୍ରଦାନ



ନୂଆଦିଲ୍ଲୀ,୨୦-୧୨

ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର ଲିମିଟେଡ (ଜେଏସ୍‌ପିଏଲ୍) ଫାଉଣ୍ଡେସନ ପକ୍ଷରୁ ରାଷ୍ଟ୍ରୀୟ ସ୍ୱୟଂସିଦ୍ଧ ସମ୍ମାନ ପ୍ରଦାନ କାର୍ଯ୍ୟକ୍ରମ ନୂଆଦିଲ୍ଲୀଠାରେ ଅନୁଷ୍ଠିତ ହୋଇଯାଇଛି। ସାମାଜିକ କ୍ଷେତ୍ରରେ ଉଲ୍ଲେଖନୀୟ ଯୋଗଦାନ ଲାଗି ଏଭଳି ପୁରସ୍କାର ଜେଏସ୍‌ପିଏଲ୍ ପକ୍ଷରୁ ପ୍ରଦାନ କରାଯାଉଛି। କାର୍ଯ୍ୟକ୍ରମରେ କେନ୍ଦ୍ର ଆଇନ ମନ୍ତ୍ରୀ ରବି ଶଙ୍କର ପ୍ରସାଦ ଅତିଥି ଭାବେ ଯୋଗଦେଇ ୨୭ ଜଣଙ୍କୁ ଏହି ସମ୍ମାନରେ ସମ୍ବର୍ଦ୍ଧିତ କରିଛନ୍ତି। ୧୦ ବିଭାଗରେ ୨୦ ବ୍ୟକ୍ତି ବିଶେଷ ଏବଂ ସଂସ୍ଥାଙ୍କୁ ଏହି ପୁରସ୍କାର ବାବଦ ୧ ଲକ୍ଷ ଟଙ୍କା ଏବଂ ମାନପତ୍ର ପ୍ରଦାନ କରାଯାଇଛି। ୫ ଜଣ ବ୍ୟକ୍ତି ଏବଂ ଗୋଟିଏ ସଂସ୍ଥାଙ୍କୁ ସ୍ୱୟଂସିଦ୍ଧ ବିଶେଷ ସମ୍ମାନ ମଧ ଦିଆଯାଇଛି। ଓଡିଶାରୁ ବ୍ୟକ୍ତି ବିଶେଷ ଏହି ପୁରସ୍କାର ଲାଭ କରିଛନ୍ତି। ଗ୍ରାମ ବିକାଶ କ୍ଷେତ୍ରରେ କେନ୍ଦୁଝରର ସ୍ୱାସ୍ଥ୍ୟ ସେବା ସଙ୍ଗଠନର ଗଙ୍ଗାଧର ରାଉତ, କଳାହାଣ୍ଡିର ସ୍ୱାସ୍ଥ୍ୟ ସ୍ୱରାଜ ସୋସାଇଟି ଏବଂ ଇନୋଭେସନ ପାଇଁ ସୁମନ କାର୍ଜି ମିଶ୍ରଙ୍କୁ ରାଷ୍ଟ୍ରୀୟ ସ୍ୱୟଂସିଦ୍ଧ ସମ୍ମାନ ପ୍ରଦାନ କରାଯାଇଛି। ସେହିଭଳି ଜୀବନ ବ୍ୟାପି ସାଧନା ଲାଗି ରାଷ୍ଟ୍ରୀୟ ସ୍ୱୟଂସିଦ୍ଧ ଜୀବନ ସମ୍ମାନ ଦିଆଯାଇଛି। ସମାଜରେ ପରିବର୍ତ୍ତନ ଏବଂ ଉନ୍ନତି ଆଣିବାରେ ଏହି ବ୍ୟକ୍ତି ବିଶେଷଙ୍କ ଯୋଗଦାନ ଗୁରୁତ୍ୱପୂର୍ଣ୍ଣ ବୋଲି ଜେଏସ୍‌ପିଏଲ୍ ଅଧ୍ୟକ୍ଷ ନବୀନ ଜିନ୍ଦଲ କହିଛନ୍ତି। ଏଥିରେ ଜିନ୍ଦଲ ଗ୍ରୁପ ଅଧ୍ୟକ୍ଷା ସାବିତ୍ରୀ ଜିନ୍ଦଲ, ଜେଏସ୍‌ପିଏଲ୍ ଫାଉଣ୍ଡେଶନ ଅଧ୍ୟକ୍ଷା ସାଲୁ ଜିନ୍ଦଲ,ରାଜ୍ୟ ସଭା ସଦସ୍ୟ ରଘୁନାଥ ମହାପାତ୍ର ଏବଂ ଓସୱାଲ ଗ୍ରୁପ ଅଧ୍ୟକ୍ଷ ଅରୁଣ ଓସୱାଲ ପ୍ରମୁଖ ଉପସ୍ଥିତ ଥିଲେ।

## କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ପଦରୁ ଓହରିବେ ମହିନ୍ଦ୍ରା

ମୁମ୍ବାଇ,୨୦-୧୨

ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ଗ୍ରୁପର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ପଦବୀରୁ ଆନନ୍ଦ ମହିନ୍ଦ୍ରା ଏପ୍ରିଲ ପହିଲାରୁ ଓହରିବେ ବୋଲି ଗ୍ରୁପ ପକ୍ଷରୁ ଶୁକ୍ରବାର ସୂଚନା ଦିଆଯାଇଛି। ଗ୍ରୁପର ବୋର୍ଡରେ ସେ ଅଣ କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଭାବେ ଅବସ୍ଥାପିତ ହେବେ। ସେବିର ନିୟମାବଳୀ ଅନୁସାରେ ଏଭଳି ପଦକ୍ଷେପ ନିଆଯାଇଛି। ଏପ୍ରିଲ ପରଠାରୁ କମ୍ପାନୀର ସିଇଓ ଏବଂ ପରିଚାଳନା ନିର୍ଦ୍ଦେଶକ ପଦବୀରେ ପୱନ ଗୋଏଙ୍କା କାର୍ଯ୍ୟ କରିବେ। ଅଣ କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଭାବେ ମହିନ୍ଦ୍ରା ବୋର୍ଡକୁ ଦିଗ୍‌ଦର୍ଶନ ଦେବେ। କୌଶଳ ଯୋଜନା, ବିପଦ ପରିଚାଳନା ଏବଂ ବିହିର୍ବ୍ୟାପାର ଭଳି କ୍ଷେତ୍ରଗୁଡିକରେ ସେ ଏମ୍‌ଡିଙ୍କୁ ମେଣ୍ଟରିଂ କରିବେ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

**GOVERNMENT OF ODISHA, "e"-PROCUREMENT NOTICE** No. B-462

**WORKS DEPARTMENT**

**Bid Identification No. CE-DPI & R-19/2019-20** E-mail : ceroads.bbsr@gmail.com

1. The Chief Engineer (DPI & Roads), Odisha on behalf of Governor of Odisha invites percentage rate bids in double cover system in ONLINE MODE form eligible contractors for Road works as mentioned below :
2. Nature of work : Road works
3. No. of work : 10 Nos.
4. Tender Paper cost : Rs.10,000.00
5. Class of Contractor : Special Class /Super Class as noted against each work
6. Available of bid document in the website : From 10.00 A.M. of 27.12.2019 to 5.00 PM of 17.01.2020
7. Date of opening of Bid : Dt.18.01.2020 at 11.30 AM
8. The Bidders have to participate in ONLINE bidding only. Further details can be seen from the website: https://tenderodisha.gov.in . Any addendum / corrigendum / cancellation of tender can also be seen in the said website.

34117/11/0054/1920 **Chief Engineer (DPI & Roads), Odisha**

**THE ODISHA MINING CORPORATION LIMITED**
OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in

OMC | ODISHA NEW OPPORTUNITIES

**NOTICE INVITING TENDER FOR DESIGN, LAYOUT AND PRINTING OF OMC ANNUAL REPORT 2018-19** No. CAD-724

Sealed Tenders/Bids are invited from reputed Printing Press/Agencies for printing of OMC Annual Report 2018-19.

The detailed tender schedule, terms & conditions, cost of tender paper, EMD/SD, etc. shall be available in our website i.e. www.omcltd.in. Interested reputed Printing Press/Agencies are requested to download the tender schedule from the website. There will be no manual sale of Tender Paper.

The Tender document shall be available for download from **21.12.2019.The last date for receipt of the Bid/Tender is 06.01.2020 up to 3.00 PM which shall be opened on 06.01.2020 at 3.30 PM.**

OMC reserves the right to accept/reject all or any part of the Tender without assigning any reason thereof and without incurring any liability thereon.

30005/11/0109/1920 **General Manager (Finance)**

**INVITATION FOR BIDS (IFB)** No. O-663
**NATIONAL COMPETITIVE BIDDING THROUGH E-PROCUREMENT**
**IDENTIFICATION NO: RWS&S DIVN., PURI – 38 OF 2019-20**
☎ (06752) 251276 Fax - (06752) 251276 E-mail – eerwss_puri@nic.in

The Executive Engineer, RWS&S Division, Puri on behalf of Governor of Odisha invites Percentage rate price bids through e-procurement in single cover system according to the norms of e-procurement system, in on-line mode from eligible contractors.

| Sl.No. | Nature of work: | External Eletrification |
|---|---|---|
| 1. | No. of works: | 03(THREE) |
| 2. | Estimated Cost: | Rs 5.04 lakhs to 10.64 lakhs(app.) |
| 3. | Time for completion: | 2 (TWO) Months |
| 4. | Cost of bidding document: | Rs. 4000/- & 6000/- |
| 5. | Class of Contractors eligible: | HT license holder |
| 6. | Availability of bids on-line: | From 17 hour of 21.12.2019 to 17.00 hours of 31.12.2019 |
| 7. | Last date and time for seeking clarification: | 17.00 hours of 27.12.2019 |
| 8. | Date & time of opening of technical bids: | On dt 01.01.2020 at 11.30 Hours in the office of the Executive Engineer, RWS&S Division, Puri (All documents should be submitted in online only. No original documents should be dropped in dropping box before opening of technical bid in Division Office). |
| 9. | Date and time of opening of financial bids: | To be decided. |

Further details can be seen from the website https://www.tendersorissa.gov.in.

25017/11/0020/1920 Sd/-Executive Engineer, RWS&S Division, Puri

**BHUBANESWAR MUNICIPAL CORPORATION**

**RFP No:36218** **Dt.20.12.2019**

NOTICE INVITING REQUEST FOR PROPOSAL (RFP)

Sealed Proposal are invited for **"Selection of an Agency for deployment of Security personnel for Comprehensive Security Services at Bhubaneswar Municipal Corporation"** in conformity with the Terms & Conditions of the Detailed RFP in single bid system (Part-I: General & Technical Proposal and Part-II: Financial Proposal) from intending bidders fulfilling the terms of eligibility laid down in the RFP document. Please refer to Website **www.bmc.gov.in** for complete details and downloading the Document. The RFP document shall be available from **20.12.2019** with last date of submission being **15.01.2020 till 4:00 pm.**

For any queries please contact bmcpmu@bmc.gov.in

By Order,
Dy. Commissioner (Establishment)
Bhubaneswar Municipal Corporation

Progress Through Partnership for a Better Bhubaneswar

**ODISHA STATE CIVIL SUPPLIES CORPORATION LTD.**
(A Govt. of Odisha Undertaking)
PLOT NO.C/2, NAYAPALLI, BHUBANESWAR-12

**NOTICE INVITING TENDER**

**No. 19161** **Dated : 20.12.2019**

OSCSC Ltd., Bhubaneswar invites sealed tenders from valid approved parties registered with FCI including State Government Departments and Agencies having feed stock manufacturing plants for sale of damaged rice (unfit for human consumption) to the tune of 55.194 MT lying at RRC-cum-DSC, Jatni of Khordha district on "AS IS WHERE IS BASIS". Tender forms (non-transferable) embodying the terms and conditions and other details can be available from OSCSC Ltd., Bhubaneswar on payment of Rs.590/- (Rupees Five hundred Ninety only) towards cost of tender papers (Rs.500.00 + 18% GST) in shape of Demand Draft / Pay Order drawn in favour of Managing Director, OSCSC Ltd., Bhubaneswar payable at Bhubaneswar on all working days during office hours from **dt.21.12.19** to **dt.07.01.20**.

The tender form with terms and conditions and other details can also be downloaded from OSCSC website (www.oscsc.in), F.S & C.W Department website (www.foododisha.in). In case it is downloaded from web, the tenderer has to deposit Rs.590/- in shape of Demand Draft / Pay Order in favour of Managing Director, OSCSC Ltd., Bhubaneswar payable at Bhubaneswar on any Nationalized Bank alongwith tender documents.

**The sealed tenders will be received in the office of OSCSC Ltd., C/2, Nayapalli, Bhubaneswar-12 upto 2.00 P.M. on dt.07.01.20 and will be opened on dt.07.01.20 at 3.30 P.M.**

Tenders received without required documents shall not be considered and liable to be rejected at the initial stage itself. OSCSC reserves the right to accept or reject any or all tenders without assigning any reason whatsoever. **Managing Director**

**ଭାରତୀୟ ବିମାନ ବନ୍ଦର ପ୍ରାଧିକରଣ**
**AIRPORTS AUTHORITY OF INDIA**

**ଇ-ଟେଣ୍ଡର ଆହ୍ୱାନକାରୀ ବିଜ୍ଞପ୍ତି**
**ଟେଣ୍ଡର ଆଇଡି : 2019_AAI_38146_1**

ଅଧ୍ୟକ୍ଷ, ଭାରତୀୟ ବିମାନ ବନ୍ଦର ପ୍ରାଧିକରଣ ତରଫରୁ ସହାୟକ ମହାପ୍ରବନ୍ଧକ(E-C) ଦ୍ୱାରା 06 ମାସ ଅବଧି ମଧ୍ୟରେ ଶେଷ ହେଉଥିବା ସହିତ ଟ.**1,45,79,993.00** (ଏକ କୋଟି ପଇଁଚାଳିଶି ଲକ୍ଷ ଅଣାଅଶୀ ହଜାର ନଅ ଶହ ତେୟାନବେ ଟଙ୍କା ମାତ୍ର) (GST ବ୍ୟତୀତ) ର ଆକଳିତ ମୂଲ୍ୟରେ **ଭୁବନେଶ୍ୱରର ସ୍ଥିତ ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନ ବନ୍ଦର ଠାରେ ASMGCS ନିମନ୍ତେ ସିଭିଲ୍ କାର୍ଯ୍ୟ। ଏସ୍‌ଏଚ୍ : ଏସ୍‌ଏମ୍‌ଆର ଟାୱାର ଏବଂ ଆଶ୍ରୟ ପ୍ରକୋଷ୍ଠର ବ୍ୟବସ୍ଥା ସମ୍ବନ୍ଧୀୟ** କାର୍ଯ୍ୟ ନିମନ୍ତେ ସିପିଡବ୍ଲ୍ୟୁଡି/ଏମ୍‌ଇଏସ୍/ପି ଆଣ୍ଡ ଟି/ରେଳବାଇ/ରାଜ୍ୟ ପିଡବ୍ଲ୍ୟୁଡି/ପିଏସ୍‌ୟୁ/ନଗର ପାଳିକା ଏବଂ ଦିଲ୍ଲୀ, ମୁମ୍ବାଇ, ଚେନ୍ନାଇ ଏବଂ କୋଲକାତାର ଉନ୍ନୟନ ପ୍ରାଧିକାରୀ/ସ୍ୱତନ୍ତ୍ର ଏଜେନ୍ସିଗୁଡ଼ିକର ଉପଯୁକ୍ତ ଶ୍ରେଣୀର ଯୋଗ୍ୟ ଠିକାଦାରମାନଙ୍କ ଠାରୁ ଭାରତୀୟ ବିମାନ ବନ୍ଦର ପ୍ରାଧିକରଣ ଇ-ଟେଣ୍ଡରିଙ୍ଗ୍ ପୋର୍ଟାଲ ମାଧ୍ୟମରେ ଆଇଟମ୍ ଦର ଟେଣ୍ଡରଗୁଡ଼ିକ ଆହ୍ୱାନ କରୁଛି। ବିଡ୍ ନଥିପତ୍ର ଦାଖଲ କରାଯିବାର ଅନ୍ତିମ ତାରିଖ ଓ ସମୟ ତା.**31.12.2019**ରିଖ **1800**ଘଟିକା ପର୍ଯ୍ୟନ୍ତ ଅଟେ।

ସମ୍ପୂର୍ଣ୍ଣ ବିବରଣୀ ନିମନ୍ତେ ସିପିପି ଇ-କ୍ରୟ ପୋର୍ଟାଲ ସନ୍ଦର୍ଭ **https://etenders.gov.in/eprocure/app** କିମ୍ବା **www.aai.aero** କୁ ଲଗ୍ ଅନ୍ କରନ୍ତୁ।

ପରବର୍ତ୍ତୀ ସ୍ପଷ୍ଟୀକରଣ/ଶୁଦ୍ଧିପତ୍ର (ଯଦି ଥାଏ) ଇ-କ୍ରୟ ପୋର୍ଟାଲ ମାଧ୍ୟମରେ **https://etenders.gov.in/eprocure/app**ରେ ଅଧିସୂଚୀତ କରାଯିବ।

**ନିୟନ୍ତ୍ରିତ ବଜାର କମିଟି, କେନ୍ଦୁପାଟଣା**

**ସା: କୁଳିଆ, ପୋ: ସୁନାଖଣ୍ଡି, ଜିଲ୍ଲା: କଟକ, ଫୋନ୍:(୦୬୭୧) ୨୩୫୨୯୩୩**
**ବିଜ୍ଞପ୍ତି ସଂଖ୍ୟା.୧୦** **ତାରିଖ:୧୯।୧୨।୨୦୧୯**

**ଖରିଫ ୨୦୧୯-୨୦ ବର୍ଷ ପାଇଁ ନିୟନ୍ତ୍ରିତ ବଜାର କମିଟି, କେନ୍ଦୁପାଟଣା, ଜି: କଟକ ପରିସୀମା ମଧ୍ୟରେ ବସବାସ କରୁଥିବା ଚାଷୀମାନଙ୍କ ଧାନ ବିକ୍ରୟ ପାଇଁ ବିଶେଷ ସୂଚନା ।**

ଏତଦ୍ୱାରା କଟକ ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶକ୍ରମେ କଟକ ସଦର ଉପଖଣ୍ଡର ପ୍ରାଥମିକ କୃଷି/ସେବା ସମବାୟ ସମିତିମାନଙ୍କରେ ନାମ ପଞ୍ଜୀକରଣ କରିଥିବା ସମସ୍ତ ଚାଷୀଭାଇ ଓ ଭଉଣୀମାନଙ୍କୁ ସୂଚିତ କରାଯାଉଅଛି କି ଯେ ଚଳିତ ୨୦୧୯-୨୦ ଖରିଫ ବର୍ଷ ନିମନ୍ତେ ତା୨୨।୧୨।୨୦୧୯ରିଖଠାରୁ କଟକ ସଦର ଉପଖଣ୍ଡର ୮୭ଗୋଟି ପ୍ରାଥମିକ କୃଷି ସମବାୟ ସମିତି ମାଧ୍ୟମରେ ୯୭ଟି କ୍ରୟ କେନ୍ଦ୍ରମାନଙ୍କରେ ଜିଲ୍ଲା ଯୋଗାଣ ନିଗମ ଦ୍ୱାରା ଧାନକ୍ରୟ କରିବାପାଇଁ ବ୍ୟବସ୍ଥା କରାଯାଇଅଛି। ଚାଷୀଭାଇ ଓ ଭଉଣୀମାନେ ସେମାନଙ୍କର ବଳକା ଧାନକୁ ଶୁଖାଇ ସଫାସୁତୁରା କରି ଧାନ କ୍ରୟ କେନ୍ଦ୍ରକୁ ଆଣିବେ। ଧାନ ଖାଦ୍ୟ ଉପଯୋଗୀ ଶୁଖିଲା ପରିଷ୍କାର, ସମରଙ୍ଗୀ, ସମଆକାର, ଏକ କିସମ (ଏଫ.ଏ.କ୍ୟୁ)ମାନର ହୋଇଥିବା ଆବଶ୍ୟକ। ଧାନ ବିକ୍ରୟ ପାଇଁ କିଷାନ କ୍ରେଡିଟ କାର୍ଡ (K.C.C), ଭୋଟର ପରିଚୟପତ୍ର (EPIC) ବିଜୁ କୃଷକ କଲ୍ୟାଣ ଯୋଜନା କାର୍ଡ (BKKY) (ଯାହା ପଞ୍ଜୀକରଣ କରାଯାଇଥିବ) ମଧ୍ୟରୁ ଯେକୌଣସି ଗୋଟିଏ ଦର୍ଶାଇ ଧାନ ବିକ୍ରୟ କରିପାରିବେ। ଚାଷୀଭାଇ ଓ ଭଉଣୀମାନେ ସିଧାସଳଖ ଖୋଲାଯାଇଥିବା ଧାନ କ୍ରୟ କେନ୍ଦ୍ରମାନଙ୍କରେ ନିଜର ବିକ୍ରିଯୋଗ୍ୟ ବଳକା ଧାନକୁ ବିକ୍ରି କରି ନିର୍ଦ୍ଧାରିତ ସରକାରୀ ଦର ପାଇବା ପାଇଁ ହକ୍‌ଦାର ହୁଅନ୍ତୁ।

**ଧାନର ସହାୟକ ମୂଲ୍ୟ ନିମ୍ନରେ ପ୍ରଦାନ କରାଗଲା।**
**ଚଳିତ ଖରିଫ ୨୦୧୯-୨୦ ବର୍ଷ ପାଇଁ ଏଫ.ଏ.କ୍ୟୁ ଧାନର ସହାୟକ ମୂଲ୍ୟ**

| ଧାନର କିସମ | କୁଇଣ୍ଟାଲ ପିଛା ଦର |
|---|---|
| ସାଧାରଣ କିସମ ଏଫ.ଏ.କ୍ୟୁ | ଟ.୧୮୧୫.୦୦ |
| ଗ୍ରେଡ୍ 'ଏ' କିସମ | ଟ.୧୮୩୫.୦୦ |

**ସାଧାରଣ ଏଫ.ଏ.କ୍ୟୁ ଧାନର ମାନ**

| କ୍ର. ସଂ. | ଧାନରେ ଗ୍ରହଣୀୟ ମିଶ୍ରିତ ନିକୃଷ୍ଟ ବାହ୍ୟ ପଦାର୍ଥ | ଏଫ.ଏ.କ୍ୟୁ ମାନର ଧାନ ପାଇଁ ସର୍ବୋଚ୍ଚ ସୀମା (ଶତକଡା) |
|---|---|---|
| ୧. | (କ) ବାଲି, ମାଟି, ଗୋଡି, ପଥର ବା ଧୂଳି ଇତ୍ୟାଦି ଅଜୈବିକ ବାହ୍ୟ ପଦାର୍ଥ | ୧.୦% |
| | (ଖ) କାଠି, କୁଟା, ଧୂଷ, ଅଗାଡି, ପୋଲ ଆଦି ଜୈବିକ ପଦାର୍ଥ | ୧.୦% |
| ୨. | ଖରାପ, ବେରଙ୍ଗୀ, ପାଣିଫୁଲା, ପୋକରା ଇତ୍ୟାଦି (*ଖରାପ, ପାଣିଫୁଲା ଓ ପୋକା ୪% ମଧ୍ୟରେ ସୀମିତ ରହିବା ଦରକାର) | ୫.୦% |
| ୩. | ଅପରିପକ୍ୱ, କଞ୍ଚା, ସବୁଜ, ବଙ୍କା ବା ସଙ୍କୁଚିତ ଧାନ ଇତ୍ୟାଦି | ୩.୦% |
| ୪. | ସରୁଧାନରେ ମିଶିଥିବା ମୋଟା ଧାନ କେବଳ ଗ୍ରେଡ୍ 'ଏ' ଧାନ ନିମନ୍ତେ ପ୍ରଯୁଜ୍ୟ | ୬.୦% |
| ୫. | ଆର୍ଦ୍ରତା ବା ଜଳୀୟ ଅଂଶ | ୧୭.୦% |

**ଉପ ଜିଲ୍ଲାପାଳ, ସଦର, କଟକ ତଥା ଅଧ୍ୟକ୍ଷ**
**ନିୟନ୍ତ୍ରିତ ବଜାର କମିଟି, କେନ୍ଦୁପାଟଣା**

“ମୁମ୍ବାଇ ଇଣ୍ଡିଆନ୍ସର ଷ୍ଟାଫ୍‌ମାନେ ଯଶପ୍ରୀତ୍ ବୁମ୍‌ରାଙ୍କ ଫିଟ୍‌ନେସର ଅଗ୍ରଗତି ଉପରେ ନଜର ରଖିଛନ୍ତି ।

–ମାହେଲା ଜୟବର୍ଦ୍ଧନେ, ମୁମ୍ବାଇ ଇଣ୍ଡିଆନ୍ସ ମୁଖ୍ୟ କୋଚ୍



“ଦୀର୍ଘଦିନ ହେଲା କାନ୍ଧରେ ସମସ୍ୟା ଥିଲେ ମଧ ମୋ ନିକଟରେ ପ୍ରଫେସନାଲ ଟେନିସ୍‌କୁ ଫେରିବାର ସାମର୍ଥ୍ୟ ରହିଛି ।

–ମାରିଆ ଶାରାପୋଭା, ରୁଷୀୟ ଟେନିସ ଖେଳାଳି



## ସଂକ୍ଷେପରେ

### ୧୮ ବର୍ଷରୁ କମ୍ ଓଡ଼ିଶା ଏଫ୍‌ସିର ବିଜୟ

ନୂଆଦିଲ୍ଲୀ,୨୦।୧୨(ସ୍ପୋର୍ଟସ ବ୍ୟୁରୋ)- ସ୍ଥାନୀୟ ଜବାହରଲାଲ ନେହେରୁ ଷ୍ଟାଡିୟମର ୨ ନମ୍ବର ଟ୍ରେନିଂ ପିଚ୍‌ରେ ଖେଳାଯାଇଥିବା ଅଲ ଇଣ୍ଡିଆ ଫୁଟବଲ ଫେଡେରେଶନ (ଏଆଇଏଫ୍ଏଫ୍) ହିରୋ ଏଲିଟ୍ ଲିଗ୍‌ରେ ଓଡ଼ିଶା ଏଫ୍‌ସିର ୧୮ ବର୍ଷରୁ କମ୍ ଦଳ ପ୍ରଥମ ବିଜୟ ହାସଲ କରିଛି। ଓଡ଼ିଶା ୨-୦ ଗୋଲରେ ଗୁରୁବାର ୟୁଥ ଫୁଟବଲ କ୍ଲବକୁ ହରାଇ ୨୦୧୯-୨୦ ସିଜନର ପ୍ରଥମ ବିଜୟ ହାସଲ କରିଛି। ମ୍ୟାଚ୍ ଆରମ୍ଭରୁ ଓଡ଼ିଶା ପ୍ରଭାବ ବିସ୍ତାର କରି ଖେଳିଥିଲା। ନବମ ମିନିଟ୍‌ରେ ରିଷଭ ଡୋବ୍ରିୟାଲ ଗୋଲ ଦେଇଥିଲେ ଓ ପ୍ରଥମାର୍ଦ୍ଧ ଶେଷ ସୁଦ୍ଧା ଓଡ଼ିଶା ୧-୦ ଗୋଲରେ ଅଗ୍ରଣୀ ହୋଇଥିଲା। ପାର୍ଶ୍ୱ ପରିବର୍ତ୍ତନ ପରେ ଓଡ଼ିଶା ମଧ ତା'ର ପ୍ରଭାବୀ ପ୍ରଦର୍ଶନ ଜାରି ରଖିଥିଲା। ୬୮ତମ ମିନିଟ୍‌ରେ ଅକ୍ଷୁନା ତ୍ୟାଗୀ ଗୋଲ ଦେଇ ଦଳକୁ ୨-୦ରେ ଅଗ୍ରଣୀ କାରାଇଥିଲେ। ଅନ୍ୟପଟେ ୟୁଥ୍ କ୍ଲବ ତରଫରୁ କୌଣସି ଗୋଲ ସମ୍ଭବ ହୋଇ ନ ଥିଲା। ଫଳରେ ଓଡ଼ିଶା ବିଜୟୀ ହୋଇଥିଲା। ତେବେ ପ୍ରଥମ ମ୍ୟାଚ୍‌ରେ ଓଡ଼ିଶା ପଞ୍ଜାବ ଏଫ୍‌ସି ବିପକ୍ଷରେ ୨-୨ ଗୋଲରେ ମ୍ୟାଚ୍ ଅମୀମାଂସିତ ରଖିଥିଲା। ଆସନ୍ତା ୨୬ ତାରିଖରେ ଓଡ଼ିଶା ତା'ର ତୃତୀୟ ତଥା ପରବର୍ତ୍ତୀ ମ୍ୟାଚ୍‌ରେ ମାକ୍ସିମସ ପ୍ରାଇମ୍ ସ୍ପୋର୍ଟସ୍‌କୁ ଭେଟିବାର କାର୍ଯ୍ୟକ୍ରମ ରହିଛି।

### ଡୋପିଂ: ଫ୍ରେଞ୍ଚ୍ ରେସ୍‌ଲର ସସ୍‌ପେଣ୍ଡ୍

ଲଉସେନ,୨୦।୧୨(ଏଏଫ୍‌ପି)- ବିଶ୍ୱ ବ୍ରୋଞ୍ଜ୍ ପଦକ ବିଜେତା ଫ୍ରେଞ୍ଚ୍ ରେସଲର ଜେଲିମଖାନ୍ ଖାଦ୍‌ଜିଭ୍ ଡୋପ୍ ଟେଷ୍ଟରେ ବିଫଳ ହୋଇଛନ୍ତି। ୨୦୨୦ ଟୋକିଓ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିବାକୁ ଯୋଗ୍ୟତା ହାସଲ କରିଥିବା ଖାଦ୍‌ଜିଭ୍ ଏଥିପାଇଁ ସାମୟିକ ଭାବେ ବାସନ୍ଦ ହୋଇଛନ୍ତି ଅନ୍ତର୍ଜାତୀୟ ରେସଲିଂ ଫେଡେରେଶନ ତରଫରୁ କୁହାଯାଇଛି। କାଜାଖସ୍ତାନରେ ଗତ ସେପ୍ଟେମ୍ବରରେ ଅନୁଷ୍ଠିତ ବିଶ୍ୱ ଚାମ୍ପିୟନଶିପ୍ ଅବସରରେ ହୋଇଥିବା ଡୋପ୍ ଟେଷ୍ଟରେ ସେ ବିଫଳ ହୋଇଥିବା ଜଣାପଡିଥିଲା। ଏହି ଚାମ୍ପିୟନଶିପ୍‌ରେ ସେ ୭୫କେ.ଜି.ରୁ କମ୍ ଗ୍ରିକୋରୋମାନ୍ ନୁହେଁ ଫ୍ରିଷ୍ଟାଇଲ୍ ବର୍ଗରେ ତୃତୀୟ ସ୍ଥାନ ଅଧିକାର କରି ବ୍ରୋଞ୍ଜ୍ ପଦକ ହାସଲ କରିଥିଲେ। ଖାଦ୍‌ଜିଭ୍ ୨୦୧୪ରେ ବିଶ୍ୱ ଜୁନିୟର ଚାମ୍ପିୟନ ହୋଇଥିଲେ। ମାତ୍ର ୧୦ ବର୍ଷରେ ସେ ଫ୍ରାନ୍ସରେ ଆସି ପହଞ୍ଚିଥିଲେ। ସେ ଦୁଇ ଥର ୟୁରୋପିଆନ୍ ରୌପ୍ୟ ପଦକ ଜିତିଥିଲେ। ସେ ମଧ ୨୦୧୬ ରିଓ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିଥିଲେ।

### ଦ୍ରାବିଡଙ୍କ ସହ କଥା ହେବେ ଗାଙ୍ଗୁଲି

କୋଲକାତା,୨୦।୧୨(ପି.ଟି.)- ବିସିସିଆଇ ସଭାପତି ସୌରଭ ଗାଙ୍ଗୁଲି ଭାରତୀୟ ପେସର ଯଶପ୍ରୀତ ବୁମରାଙ୍କ ଫିଟନେସ ଟେଷ୍ଟ ଜାତୀୟ କ୍ରିକେଟ ଏକାଡେମୀ (ଏନ୍‌ସିଏ)ଠାରେ କରାଯିବ ବୋଲି କହିଛନ୍ତି। ଭାରତୀୟ ପେସରଙ୍କ ପାଇଁ ରାହୁଲ ଦ୍ରାବିଡ୍‌ଙ୍କ ନେତୃତ୍ୱାଧୀନ ଦଳ ଫିଟ୍‌ନେସ ଟେଷ୍ଟ ଆୟୋଜନ କରିବାକୁ ମନା କରିଥିଲେ। ଏ ସମ୍ପର୍କରେ ମୁଁ ଅବଗତ ନାହିଁ। କିନ୍ତୁ ଏନ୍‌ସିଏ ଭାରତୀୟ ଖେଳାଳିଙ୍କ ଲାଗି ଉଦ୍ଦିଷ୍ଟ। ସଭିଙ୍କ ଏନ୍‌ସିଏ ନିୟମ ପାଳନ କରିବାକୁ ପଡ଼ିବ ବୋଲି ଗାଙ୍ଗୁଲି କହିଛନ୍ତି।



ବାରବାଟୀ ଷ୍ଟାଡିୟମ ସୁରକ୍ଷା ବ୍ୟବସ୍ଥାକୁ ନେଇ ପୋଲିସ ଡିଜି ଅଭୟ, ପୋଲିସ କମିଶନର ସୁଧାଂଶୁ ଷଡଙ୍ଗୀ ଓ ବରିଷ୍ଠ ଅଧିକାରୀମାନେ ଆଲୋଚନାରତ।



ମ୍ୟାଚ୍ ଅମ୍ପାୟର ଓ ମ୍ୟାଚ୍ କମିଶନର ଗ୍ରାଉଣ୍ଡ ଏବଂ ପିଚ୍‌କୁ ତଦାରଖ କରୁଛନ୍ତି।




ଦର୍ଶକଙ୍କ ପାଇଁ ଉଦ୍ଦିଷ୍ଟ ସେଲ୍‌ଫି ଜୋନ୍।



ସନ୍ଧାନୀ କୁକୁର ଦ୍ୱାରା ଯାଞ୍ଚ କରାଯାଉଛି।



ବାରବାଟୀ ପିଚ୍‌ର ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ। (ଫଟୋ: ରାଜକିଶୋର ମହାନ୍ତି)

# ପଡ଼ିଆ ପ୍ରସ୍ତୁତ: ଆଜି ଅଭ୍ୟାସ

କଟକ ଅଫିସ,୨୦।୧୨

**ବାରବାଟୀ ଦିନିକିଆ ଆଉ ୧ ଦିନ**

ରାଜ୍ୟର ଏକମାତ୍ର ଅନ୍ତର୍ଜାତୀୟ କ୍ରିକେଟ ଭେନ୍ୟୁ ବାରବାଟୀ ଷ୍ଟାଡିୟମ ପ୍ରସ୍ତୁତ। ରବିବାର ଏଠାରେ ଭାରତ ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ଚଳିତ ଦିନିକିଆ କ୍ରିକେଟ ସିରିଜର ଅନ୍ତିମ ତଥା ନିର୍ଣ୍ଣାୟକ ମ୍ୟାଚ୍ ଖେଳାଯିବ। ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ପଦାଧିକାରୀ, କର୍ମଚାରୀଙ୍କଠାରୁ ଆରମ୍ଭ କରି ଜିଲା ପ୍ରଶାସନ, ପୋଲିସ ପ୍ରଶାସନ ମ୍ୟାଚ୍ ଆୟୋଜନ ନେଇ ସମ୍ପୂର୍ଣ୍ଣ ଭାବେ ବ୍ୟସ୍ତ। ଶନିବାର ଉଭୟ ଦଳ ଏଠାକୁ ଅଭ୍ୟାସ ନିମନ୍ତେ ଆସିବେ। ପୂର୍ବାହ୍ନରେ ପହଞ୍ଚିବ ବିରାଟ ବାହିନୀ। ସକାଳ ୧୦ଟାରୁ ଭାରତୀୟ ଦଳ ଅଭ୍ୟାସ କରିବାକୁ ଥିବାବେଳେ ଅପରାହ୍ନ ୨ଟାରେ ୱେଷ୍ଟଇଣ୍ଡିଜ ଦଳର ଅଭ୍ୟାସ ସମୟ ଧାର୍ଯ୍ୟ କରାଯାଇଛି। ତେବେ ଉଭୟ ଦଳର ଅଭ୍ୟାସ ଦେଖିବାକୁ ଷ୍ଟାଡିୟମର ବିଭିନ୍ନ ଗ୍ୟାଲେରୀରେ ଦର୍ଶକଙ୍କ ଭିଡ଼ ଜମିବ ବୋଲି ଆଶା କରାଯାଉଛି।

**ଲର୍ଡ୍ସ ଲୁକ୍‌ରେ ୱାଚ୍‌ଟାୱାର**

ସାମୁଦ୍ରିକ ଝଡ଼ ଫନୀରେ ଷ୍ଟାଡିୟମର ୱାଚ୍‌ଟାୱାର ଅଳ୍ପବହୁତ କ୍ଷତିଗ୍ରସ୍ତ ହୋଇଥିଲା। ମ୍ୟାଚ୍ ପୂର୍ବରୁ ଯୁଦ୍ଧକାଳୀନ ଭିତ୍ତିରେ ଏହି ଟାୱାରକୁ ମରାମତି କରାଯାଇଛି। ଶନିବାର ଏହାକୁ ଉଦ୍‌ଘାଟନ କରାଯିବ। ତେବେ ବିଶ୍ୱର ଚର୍ଚ୍ଚିତ କ୍ରିକେଟ ଷ୍ଟାଡିୟମ ଲର୍ଡ୍ସ ପ୍ୟାଭିଲିୟନର ଛାପ ଏହି ଟାୱାରରେ ଦେଖିବାକୁ ମିଳୁଛି। ବାରବାଟୀର ୱାଚଟାୱାରକୁ ଲକ୍ଷ୍ୟ କଲେ ଏହା ଲର୍ଡ୍ସର ପ୍ୟାଭିଲିୟନ ଭଳି ମନେ ହେବ।

**ମଦୁଆଙ୍କୁ ମନା**

ମଦ୍ୟପାନ କରି ଷ୍ଟାଡିୟମ ଭିତରକୁ କେହି ପ୍ରବେଶ କରିପାରିବେ ନାହିଁ। ପୂର୍ବରୁ ଏଠାରେ ହୋଇଥିବା ଅନ୍ତର୍ଜାତୀୟ ମ୍ୟାଚ୍ ସମୟରେ ଅନେକ ଗ୍ୟାଲେରୀରେ ମଦ୍ୟପଙ୍କ ଉତ୍ପାତ ଦେଖିବାକୁ ମିଳୁଥିଲା। ହେଲେ ଚଳିତବର୍ଷ ପ୍ରତ୍ୟେକ ଗ୍ୟାଲେରୀର ପ୍ରବେଶ ପଥରେ ପୋଲିସ ବ୍ରେଥ ଆନାଲାଇଜର ବ୍ୟବହାର କରି ମଦୁଆଙ୍କୁ ଧରିବ ବୋଲି ଜଣାପଡ଼ିଛି।

**ଜଗିବେ ୮୦ପ୍ଲାଟୁନ ପୋଲିସ**

ଶୁକ୍ରବାର ପୋଲିସ ପ୍ରଶାସନ ପକ୍ଷରୁ ଷ୍ଟାଡିୟମରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ପୋଲିସର ଅନେକ ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ। ଏହି ଅବସରରେ ମ୍ୟାଚ୍ ସମୟରେ ଲାଗୁ ହେବାକୁ ଥିବା କଟକଣା ସମ୍ପର୍କରେ ଆଲୋଚନା କରାଯାଇଥିଲା। ବିସିସିଆଇ ବକ୍ସ ନିକଟରେ ଯାଞ୍ଚକୁ କଡ଼ାକଡ଼ି କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଏଠାରେ ସହରର ପ୍ରଭାବଶାଳୀ ବ୍ୟକ୍ତିବିଶେଷ ବିନା ପାସ୍‌ରେ ପ୍ରବେଶ କରୁଥିବାର ଅଭିଯୋଗ ମଧ ହୋଇଛି। ଅନ୍ୟପକ୍ଷରେ ମୋଟ୍ ୮୦ ପ୍ଲାଟୁନ ପୋଲିସ ଫୋର୍ସ ମ୍ୟାଚ୍ ପରିଚାଳନା ଦାୟିତ୍ୱରେ ରହିବ। କୌଣସି ପୋଲିସ ଅଧିକାରୀ କିମ୍ବା କର୍ମଚାରୀ ମ୍ୟାଚ୍ ସମୟରେ ମୋବାଇଲ ଫୋନ ବ୍ୟବହାର କରି ପାରିବେ ନାହିଁ ବୋଲି ନିର୍ଦ୍ଦେଶ ରହିଛି। ପୋଲିସ ଡିଜି ଅଭୟ ଶୁକ୍ରବାର ପୂର୍ବାହ୍ନରେ ଷ୍ଟାଡିୟମ ପରିଦର୍ଶନ କରିଥିଲେ।

**'ଆଇ ଲଭ୍ କ୍ରିକେଟ'**

କ୍ରିକେଟପ୍ରେମୀଙ୍କୁ ଆକୃଷ୍ଟ କରିବା ପାଇଁ ପ୍ରଥମଥର ନିମନ୍ତେ ଏକ ନିଆରା ପଦକ୍ଷେପ ଗ୍ରହଣ କରିଛି ଓସିଏ। ଷ୍ଟାଡିୟମ ପରିସର ବାହାରେ ଓ ବାଉଣ୍ଡାରୀ ନିକଟରେ ଦୁଇଟି ସେଲଫି ଜୋନ ତିଆରି ହୋଇଛି। ଯେଉଁଥିରେ ଲେଖା ଯାଇଛି 'ଆଇ ଲଭ କ୍ରିକେଟ'। ଏହି ସ୍ଥାନରେ ସେଲଫି ଫଟୋ ନେବା ପାଇଁ କ୍ରିକେଟପ୍ରେମୀଙ୍କ ଅହେତୁକ ଭିଡ଼ ଦେଖିବାକୁ ମିଳୁଛି।



ଶୁକ୍ରବାର ହୋଟେଲରେ ସାଥୀ ଖେଳାଳିଙ୍କ ସହ ଭାରତୀୟ ଦଳର ଅଧିନାୟକ ବିରାଟ କୋହଲିଙ୍କ ସେଲ୍‌ଫି।

**ଗ୍ୟାଲେରି ନଂ-୭ରେ ବାଲୁକାକଳା**

ଫନୀରେ କ୍ଷତିଗ୍ରସ୍ତ ହୋଇ ଅସୁରକ୍ଷିତ ହୋଇ ପଡ଼ିଥିବା ଗ୍ୟାଲେରି ନଂ-୭ରେ ବାଲୁକାକଳା ଦେଖିବାକୁ ମିଳିବ। ଏହି ମ୍ୟାଚ୍‌କୁ ଆଧାର କରି ବାଲୁକାକଳାରେ ରୂପ ଦିଆଯିବ ବୋଲି ଓସିଏ ପକ୍ଷରୁ ସୂଚନା ଦିଆଯାଇଛି। ଶନିବାର ଠାରୁ ଗ୍ୟାଲେରି ନଂ-୭ରେ ବାଲୁକାକଳା ଆରମ୍ଭ ହେବ।

# ଓଡ଼ିଶାର କ୍ରମାଗତ ଇନିଂସ ବିଜୟ

କଟକ ଅଫିସ,୨୦।୧୨

**ରଣଜୀ ଟ୍ରଫି**

ଚଳିତ ରଣଜୀ ସିଜନରେ ଓଡ଼ିଶାର ଅଭିଯାନ ଉତ୍ସାହଜନକ ରହିଛି। ପ୍ରଥମ ଦୁଇଟି ମ୍ୟାଚରେ ଦଳକୁ ଇନିଂସ ବିଜୟ ମିଳି ସାରିଲାଣି। ଡ୍ରିମ୍ସ ଗ୍ରାଉଣ୍ଡରେ ଚାଲିଥିବା ଓଡ଼ିଶା-ସର୍ଭିସେସ୍ ବିପକ୍ଷ ରଣଜୀ ମ୍ୟାଚ୍ ଶୁକ୍ରବାର ଶେଷ ହୋଇଥିବା ବେଳେ ଏଥିରେ ଓଡ଼ିଶା ଇନିଂସ ଓ ୩୧ରନରେ ଜିତିଥିଲା। ୧୯୫ରନର ଇନିଂସ ଖେଳିଥିବା ଦେବାଶିଷ ସାମନ୍ତରାୟଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ଭାବେ ପୁରସ୍କୃତ କରାଯାଇଥିଲା। ପୂର୍ବରୁ ଟୁର୍ନାମେଣ୍ଟରେ ପ୍ରଥମ ମ୍ୟାଚ୍‌ରେ ମଧ ଓଡ଼ିଶା ଛତିଶଗଡ଼ ବିପକ୍ଷରେ ଇନିଂସ ବିଜୟ ହାସଲ କରିଥିଲା।

ସର୍ଭିସେସ୍‌ର ପ୍ରଥମ ଇନିଂସ ୨୭୧ରନରେ ସୀମିତ ରହିବା ପରେ ଓଡ଼ିଶା ସମସ୍ତ ଉଇକେଟ ହରାଇ ୫୪୦ରନ କରିଥିଲା। ଗୁରୁବାର ଷ୍ଟମ୍ପ ଅପସାରଣ ସୁଦ୍ଧା ଦ୍ୱିତୀୟ ଇନିଂସ ବ୍ୟାଟିଂ ଆରମ୍ଭ କରିଥିବା ସର୍ଭିସେସ୍ ୩ଉଇକେଟ ହରାଇ ୮୬ରନ କରିଥିଲା। ସର୍ଭିସେସ୍ ୧୮୩ରନ ପଛରେ ଥିବା ବେଳେ ବିଜୟ ନିମନ୍ତେ ଓଡ଼ିଶାକୁ ୭ଉଇକେଟ ଆବଶ୍ୟକ ଥିଲା। ଅଧିନାୟକ ରଜତ ପଲିୱାଲ ୬ରନରେ ଓ ରାହୁଲ ସିଂ ୧୪ରନରେ ଅପରାଜିତ ଥିଲେ। ଦଳୀୟ ସ୍କୋର ୯୪ହୋଇଥିବା ବେଳେ ରାହୁଲଙ୍କୁ ୧୬ରନରେ ଦେବାଶିଷଙ୍କ ହାତରେ କ୍ୟାଚ୍ ଆଉଟ କରାଇଥିଲେ ରାଜେଶ। ପରେ ରକ୍ଷଣାତ୍ମକ ଶୈଳୀରେ ବ୍ୟାଟିଂ କରୁଥିବା ଅଧିନାୟକ ରଜତ ୨୨ରନରେ ଦେବବ୍ରତ ପ୍ରଧାନଙ୍କ ଶିକାର ପାଲଟିଥିଲେ। ବିକାଶ ହଥୱାଲା(୭୧ରନ) ଓ ଅରୁଣ ବମଲ(୪୦ରନ) ଦ୍ରୁତଗତିରେ ରନ୍ ସଂଗ୍ରହ କରିଥିଲେ। ବିକାଶଙ୍କୁ ଅଭିଶେକ ରାଉତ ଓ ଅରୁଣଙ୍କୁ ଶାନ୍ତନୁ ମିଶ୍ର ଆଉଟ କରି ଓଡ଼ିଶା ଶିବିରରେ ବିଜୟ ଆଶା ସଞ୍ଚାର କରିଥିଲେ। ଦେବେନ୍ଦ୍ର ଲୋଚନ ୬ରନରେ, ଦିୱେଶ ପଠାନିଆ ୫ରନରେ, ସାଦବ ନଜାର ୫ରନରେ ଆଉଟ ହୋଇଛନ୍ତି। ସର୍ଭିସେସ ଦ୍ୱିତୀୟ ଇନିଂସରେ ୨୩୮ରନରେ ଅଲଆଉଟ ହୋଇଥିଲା। ଓଡ଼ିଶା ପକ୍ଷରୁ ରାଜେଶ ମହାନ୍ତି ଓ ଅଭିଶେକ ରାଉତ ୩ଟି ଲେଖାଏ ଉଇକେଟ ଅକ୍ତିଆର କରିଥିବା ବେଳେ ଦେବବ୍ରତ ପ୍ରଧାନ ୨ଟି ଓ ଶାନ୍ତନୁ ମିଶ୍ର ଗୋଟିଏ ଉଇକେଟ ପାଇଛନ୍ତି।



ସର୍ଭିସେସ୍ ବିପକ୍ଷରେ ଇନିଂସ ବିଜୟ ହାସଲ କରିଥିବା ଓଡ଼ିଶା ରଣଜୀ ଟ୍ରଫି ଦଳ।

## କଟକରେ ରେକର୍ଡ ଭାଙ୍ଗିପାରନ୍ତି ରୋହିତ

ଭୁବନେଶ୍ୱର,୨୦।୧୨- କଟକର ବାରବାଟୀ ଷ୍ଟାଡିୟମରେ ରବିବାର ୱେଷ୍ଟଇଣ୍ଡିଜ ଓ ଭାରତ ମଧ୍ୟରେ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍‌ର ୩ୟ ମ୍ୟାଚ୍ ଖେଳାଯିବ। ଏହି ମ୍ୟାଚ୍‌ରେ ଭାରତୀୟ ଦଳର ଉପଅଧିନାୟକ ରୋହିତ ଶର୍ମା ଏକ ବିଶେଷ ରେକର୍ଡର ଅଧିକାରୀ ହୋଇପାରନ୍ତି। ଗୋଟିଏ ବର୍ଷରେ ୩ ଫର୍ମାଟକୁ ମିଶାଇ ସର୍ବାଧିକ ଅନ୍ତର୍ଜାତୀୟ ରନ୍ କରିଥିବା ଓପନିଂ ବ୍ୟାଟ୍ସମ୍ୟାନଙ୍କ ରେକର୍ଡ ହାତେଇବା ପାଇଁ ରୋହିତଙ୍କୁ ଆଉ ୯ ରନ୍ ଦରକାର। ଏହି ରେକର୍ଡ ଏବେ ଶ୍ରୀଲଙ୍କାର ପୂର୍ବତନ ଅଧିନାୟକ ସନତ ଜୟସୁରିୟାଙ୍କ ନାମରେ ରହିଛି। ୨୦୧୯ରେ ରୋହିତ ଏପର୍ଯ୍ୟନ୍ତ ୨,୩୭୯ ରନ୍ କରିଛନ୍ତି। ତାଙ୍କ ଆଗରେ ଥିବା ଜୟସୁରିୟା ୧୯୯୭ରେ ଦିନିକିଆ ଓ ଟେଷ୍ଟରେ ମୋଟ ୨,୩୮୭ ରନ୍ କରିଥିଲେ।

# ଚାନୁଙ୍କୁ ସ୍ୱର୍ଣ୍ଣ, ଜେରେମିଙ୍କୁ ରୌପ୍ୟ

ଦୋହା, ୨୦।୧୨(ପି.ଟି.)

**କାତାର ଇଣ୍ଟରନ୍ୟାଶନାଲ**

ପୂର୍ବତନ ବିଶ୍ୱ ଚାମ୍ପିୟନ ଭାରୋତ୍ତୋଳିକା ସାଇଖୋମ୍ ମୀରାବାଇ ଚାନୁ ଏଠାରେ ଚାଲିଥିବା ୬ଷ୍ଠ କାତାର ଇଣ୍ଟରନ୍ୟାଶନାଲ କପ୍ ମହିଳା ୪୯ କେଜି ଶ୍ରେଣୀରେ ସ୍ୱର୍ଣ୍ଣ ହାସଲ କରିଛନ୍ତି। ଅଲିମ୍ପିକ ଯୋଗ୍ୟତା ହାସଲ ଇଭେଣ୍ଟରେ ୨୫ ବର୍ଷୀୟା ଚାନୁ ୧୯୪ କେଜି ଉତ୍ତୋଳନ କରି ଏହି ପଦକ ପାଇଛନ୍ତି। ଏଠାରେ ବିଜୟ ଦ୍ୱାରା ୨୦୨୦ ଟୋକିଓ ଅଲିମ୍ପିକ୍ସ ପୂର୍ବରୁ ଫାଇନାଲ ର୍ୟାଙ୍କିଙ୍ଗରେ ଚାନୁ ଭଲ ସ୍ଥାନରେ ରହିବେ। ପୁରୁଷ ୬୭ କେଜି କାଟେଗୋରିରେ

ଭାରତର ଜେରେମି ଲାଲ୍‌ରିନ୍‌ନୁଙ୍ଗା ପୁରୁଷ ୬୭ କେଜି ଶ୍ରେଣୀରେ ରୌପ୍ୟ ପଦକ ଲାଭ କରିଛନ୍ତି। ସେ ସ୍ନାଚ୍‌ରେ ୧୪୦ ଓ କ୍ଲିନ ଜର୍କରେ ୧୬୬କେଜି ଏବଂ ମୋଟ ଉପରେ ୩୦୬ କେଜି ଉତ୍ତୋଳନ କରିଥିଲେ। ଶୁକ୍ରବାର ଚାନୁଙ୍କ ପ୍ରଦର୍ଶନ ଚଳିତ ବର୍ଷ ତାଙ୍କର ଶ୍ରେଷ୍ଠ ପ୍ରଦର୍ଶନଠାରୁ ନ୍ୟୁନ ଥିଲା। ଏହି ବର୍ଷ ଥାଇଲାଣ୍ଡରେ ଅନୁଷ୍ଠିତ ବିଶ୍ୱ ଚାମ୍ପିୟନଶିପ୍‌ରେ ଚାନୁ ତାଙ୍କ ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ ସହ ୨୦୧ କେଜି ଉଠାଇ ଦେଇଥିଲେ। ଫ୍ରାନ୍ସର ଦୁଇ ଭାରୋତ୍ତୋଳକ ଅନାଇସ୍ ମିଚେଲ (୧୭୨କେଜି) ଏବଂ ମାନନ ଲୋରେଞ୍ଜୀ (୧୬୫କେଜି)ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ଜିତିଛନ୍ତି। ଚଳିତବର୍ଷ ପ୍ରାରମ୍ଭରେ ଅନୁଷ୍ଠିତ ବିଶ୍ୱ ଚାମ୍ପିୟନଶିପ୍‌ରେ ଆଶାତୀତ ୨୦୦କେଜି ଅଙ୍କ ଅତିକ୍ରମ କରିଥିଲେ। ସମସ୍ତ ତିନୋଟି ବିଭାଗରେ ସେ ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ। ସ୍ନାଚ୍‌ରେ ସେ ୮୭ କେଜି ଉତ୍ତୋଳନ କରିବା ପରେ କ୍ଲିନ ଆଣ୍ଡ୍ ଜର୍କରେ ୧୧୪ କେଜି ଏବଂ ମୋଟ ୨୦୧ କେଜି ଉଠାଇଥିଲେ। ଚାଇନାର ଜିଆଙ୍ଗ ହୁଇହୁଆ (୨୧୨କେଜି) ସ୍ୱର୍ଣ୍ଣ ପଦକ ଜିତିଥିଲେ। ଆମେରିକାର ଆନାହିମ୍‌ଠାରେ ୨୦୧୭ ସଂସ୍କରଣରେ ଚାନୁ ୪୮ କେଜି ଶ୍ରେଣୀରେ ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ। ତାଙ୍କ ଓଭର ଅଲ୍ ପ୍ରଚେଷ୍ଟା ୧୯୪ କେଜି ଥିଲା। ପିଠି ନିମ୍ନଭାଗ ଇଞ୍ଜୁରିରୁ ମୁକ୍ତି ପାଇବା ପରେ ଚାନୁ ଫେବୃୟାରୀରେ ଆକ୍ସନକୁ ଫେରିଛନ୍ତି। ପିଠିରେ ଯନ୍ତ୍ରଣା ଯୋଗୁ ସେ ୨୦୧୮ରେ ବିଶ୍ୱ ଚାମ୍ପିୟନଶିପ୍ ଓ ଏସିଆନ ଗେମ୍ସରେ ଭାଗ ନେଇପାରି ନଥିଲେ।



ମୀରାବାଇ ଚାନୁ

# ‘ବିଜୟକୁ ଚିହ୍ନିବା ବ୍ୟକ୍ତି ଆଗକୁ ବଢ଼ିଥାଏ’



ବବିତା ଫୋଗଟ

ଭୁବନେଶ୍ୱର, ୨୦।୧୨(କ୍ରୀଡ଼ା ପ୍ରତିନିଧି)

‘‘କଠିନ ପରିଶ୍ରମ କରି ଯେଉଁ କାର୍ଯ୍ୟ କରାଯାଏ ତାହାର ଫଳ ଭଗବାନ ଦେଇଥାନ୍ତି। କୌଣସି କଠିନ ପରିସ୍ଥିତି ସାମ୍ନାକୁ ଆସିଲେ ତାହାକୁ ସାହସର ସହିତ ସମ୍ମୁଖୀନ ହେବା ସହ ପରିଶ୍ରମ ଜାରି ରଖିବା ଉଚିତ। ଆମ ସାମ୍ନାରେ ଅନେକ ସମସ୍ୟା ଆସିଥିଲେ ହେଁ ଆମେ କେବେ ହାର ମାନିନାହୁଁ। ପରିଶ୍ରମ କେତେବେଳେ ମଧ୍ୟ ବିଜୟ ରୂପରେ ଆସିପାରେ। ଯଦି ବି ପରାଜୟ ଆସିବ ତେବେ ନିରାଶ ହେବା ଉଚିତ ନୁହେଁ। କାରଣ ଏହା ମୋ ପାଇଁ ଆରମ୍ଭ ବୋଲି ମନରେ ଭାବିବା ଉଚିତ। ପରାଜୟ ରୁ ହିଁ ବିଜୟ ପାଇଁ ଶିକ୍ଷା ମିଳେ ଏବଂ ଯିଏ ବିଜୟକୁ ଚିହ୍ନେ ସିଏ ଆଗକୁ ବଢ଼ିଥାଏ। ତେଣୁ ପରାଜୟରେ କେବେ ବି ମର୍ମାହତ ହେବା କିମ୍ବା ବିଜୟରେ ଅତି ଉଲ୍ଲସିତ ହେବା ଉଚିତ ନୁହେଁ। ଏହି ଶିକ୍ଷା ମୋ ବାପା ମୋତେ ଦେଇଛନ୍ତି’’ ବୋଲି ଶୁକ୍ରବାର ଏକଲବ୍ୟ ପୁରସ୍କାର ଉତ୍ସବର ମୁଖ୍ୟ ଅତିଥି ତଥା ରାଜ୍ୟଗୋଷ୍ଠୀ କ୍ରୀଡ଼ା ସ୍ୱର୍ଣ୍ଣ ପଦକ ବିଜୟିନୀ ରେସଲର ବବିତା ଫୋଗଟ ପ୍ରକାଶ କରିଛନ୍ତି।

**ବାପାଙ୍କୁ ଆମେ ଶକ୍ତିମାନ କହିଥାଉ**

ସବୁବେଳେ ଦେଶ ଏବଂ ମା’ ବାପାଙ୍କ ଆଦର କରିବା ଉଚିତ। ସାଧାରଣତଃ ଝିଅଟିଏ ଯେତେବେଳେ ଜନ୍ମହୁଏ ସେତେବେଳେ ମା ବାପା ତାକୁ ବହୁତ ଆକଟ କରିଥାନ୍ତି। ମାତ୍ର ମୋ ବାପା ମୋତେ ଶିଖାଇଥିଲେ ଯେ, ପ୍ରଥମେ କାହାକୁ କିଛି କହିବୁନି, ମାତ୍ର ପରେ ଛାଡ଼ିବୁନି। ମୋ ବାପାଙ୍କୁ ଆମେ ଶକ୍ତିମାନ କହିଥାଉ। କାରଣ ପ୍ରତି ସମସ୍ୟାର ସମାଧାନ ତାଙ୍କ ପାଖରେ ଥାଏ। ଯେତେବଡ଼ ସମସ୍ୟା ଆସିଲେ ମଧ୍ୟ ସେ ତାହାକୁ ଅତି ସହଜରେ ସମାଧାନ କରି ଦେଇଥାନ୍ତି। ତେଣୁ ସବୁ ଝିଅଙ୍କୁ ଏଭଳି ବାପା ମିଳନ୍ତୁ ବୋଲି ମୁଁ ନିଶ୍ଚିତ ଭଗବାନଙ୍କ ନିକଟରେ ପ୍ରାର୍ଥନା କରିବି। କାରଣ ମୋ ବାପା ଆମକୁ ଯେପରି ସୁଯୋଗ ଦେଇଛନ୍ତି ସେପରି ସବୁଝିଅ ପାଇପାରି ନ ଥିବେ। ନ ହେଲେ ଦେଶରେ ଅନେକ ଗୀତା(ଫୋଗଟ), ବବିତା ବାହାରି ପାରନ୍ତେ।

**ଜଗନ୍ନାଥଙ୍କଠାରୁ ଆଶୀର୍ବାଦ ନେବି**

ପୂର୍ବରୁ ଓଡ଼ିଶା ଆଥଲେଟ୍ କହିଲେ ମୁଁ କେବଳ ଦୂତୀ ଚାନ୍ଦଙ୍କ ନାମ ଜାଣିଥିଲି। କାରଣ ଆମେ ସାଥିହୋଇ ପଟିଆଲାରେ ଟ୍ରେନିଂ ନେଉଥିଲୁ। ମୁଁ ପୂର୍ବରୁ ପୁରୀରେ ଅନୁଷ୍ଠିତ ଜାତୀୟ ପ୍ରତିଯୋଗିତା ପାଇଁ ଓଡ଼ିଶା ଆସିଥିଲି। ଇତି ମଧ୍ୟରେ ୧୨ ବର୍ଷ ବିତି ଯାଇଥିବାବେଳେ ଓଡ଼ିଶାରେ ଅନେକ ପରିବର୍ତ୍ତନ ହୋଇଥିବା ଦେଖୁଛି। ପୁଣିଥରେ ପୁରୀ ଆସି ଶ୍ରୀଜଗନ୍ନାଥଙ୍କ ଦର୍ଶନ କରି ଆଶୀର୍ବାଦ ନେବାପାଇଁ ମୋର ଆଶାଥିଲା। ଏଥର କିନ୍ତୁ ମୋ ସ୍ୱାମୀଙ୍କ ସହ ଆସିବାକୁ ଇଚ୍ଛା କରିଥିଲି। ଏକଲବ୍ୟ ପୁରସ୍କାର ପାଇଁ ତାହା ସମ୍ଭବ ହୋଇ ପାରିଛି। ମୁଁ ପୁରୀ ଯାଇ ଜଗନ୍ନାଥଙ୍କୁ ଦର୍ଶନ କରିବି। ଓଡ଼ିଶାରେ ଯେପରି ସମ୍ମାନ ମିଳିଛି ତାହା ସବୁଦିନ ପାଇଁ ମୋର ମନେ ରହିବ।

**ସମସ୍ତେ ସ୍ୱାସ୍ଥ୍ୟ ସଚେତନ ହେବା ଉଚିତ**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଫିଟ୍ ଇଣ୍ଡିଆ ମୁଭ୍‌ମେଣ୍ଟରେ ସମସ୍ତେ ସାମିଲ ହେବା ଉଚିତ। ସମସ୍ତେ ଅତି କମ୍‌ରେ ଅଧଘଣ୍ଟା ସମୟ ବାହାର କରି ବ୍ୟାୟାମ କରିବା ଉଚିତ। ଏହା ଆମ ଜୀବନର କଥା, ସୁସ୍ଥ ରହିବାର କଥା। ସ୍ୱାସ୍ଥ୍ୟପ୍ରତି ସମସ୍ତେ ସଚେତନ ହେବା ଉଚିତ, ଏହାକୁ କେହି ଅଣଦେଖା କରିବା ଅନୁଚିତ ବୋଲି ବବିତା କହିଛନ୍ତି।

୧୯୮୯ ନଭେମ୍ବର ୨୦ରେ ହରିୟାଣାର ଭିୱାନୀଠାରେ ଜନ୍ମିତ ବବିତା ୨୦୧୪ ଗ୍ଲାସ୍‌ଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ୨୦୧୦ ଓ ୨୦୧୮ରେ ସେ ରୌପ୍ୟ ପଦକ ମଧ୍ୟ ପାଇଥିଲେ। ୨୦୧୨ ବିଶ୍ୱ ଚାମ୍ପିୟନଶିପ୍‌ରେ ବ୍ରୋଞ୍ଜ ପଦକ ହାସଲ କରିଥିଲେ ଏହି ଭାରତୀୟ ମହିଳା ରେସଲର। ଖେଳ ଛାଡ଼ିବା ପରେ ବବିତା ରାଜନୀତିରେ କ୍ୟାରିୟର ଆରମ୍ଭ କରିଛନ୍ତି।


**ଷଷ୍ଠ ଜନ୍ମବାର୍ଷିକୀ ଶୁଭେଚ୍ଛା**



(ଖୁସୀ)
ଜ୍ୟୋତ୍ସ୍ନାରାଣୀ ପଣ୍ଡା
ରିଆ, ସିମୁଳିଆ, ବାଲେଶ୍ୱର
ଆଜି ତୋର ପବିତ୍ର ୬ଷ୍ଠ ଜନ୍ମଦିନରେ ଜଗତରନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ତୋର ଭବିଷ୍ୟତ ଜୀବନ ସୁଖମୟ ଓ ସମୃଦ୍ଧିମୟ ହେଉ ବୋଲି ପ୍ରାର୍ଥନା କରୁଛୁ।
ଶୁଭେଚ୍ଛା ସହ:
ବାପା–ଅଣାକାର ପଣ୍ଡା, ମା–କଳ୍ପନା ପଣ୍ଡା, ଜେଜେ, ଜେଜେମା, ସାନଜେଜେ, ସାନଜେଜେମା, କକା, ପିଉସା, ପିଉସୀ, ମାମୁ, ମାଉସୀ, ଅଜା, ଆଇ, ବନ୍ଧୁବାନ୍ଧବ ଓ ପରିବାରବର୍ଗ।
ଧ–୧୫୮୨୯

**ଜନ୍ମଦିନ ଶୁଭେଚ୍ଛା**



ତରୁଲତା ବିଶୋଇ
ଡୁମୁଡୁମା ହାଉସିଂବୋର୍ଡ଼ କଲୋନୀ, ଭୁବନେଶ୍ୱର
ଆଜି ତୁମର ଜନ୍ମଦିନରେ ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା। ପ୍ରଭୁ ଶ୍ରୀଜଗନ୍ନାଥ ତୁମକୁ ଦୀର୍ଘାୟୁ ତଥା ତୁମ ଚଲାପଥକୁ କୁସୁମିତ କରନ୍ତୁ।
–:ଶୁଭେଚ୍ଛା ସହ:–
ସରୋଜ ଓ ପରିବାରବର୍ଗ।
ଧ–୧୫୮୩୦


## ଝିଲ୍ଲୀଙ୍କୁ ଏକଲବ୍ୟ ପୁରସ୍କାର



ଏକଲବ୍ୟ ପୁରସ୍କାର ପ୍ରଦାନ ଉତ୍ସବରେ ଉପସ୍ଥିତ ଅତିଥି, କର୍ମକର୍ତ୍ତାଙ୍କ ସହ ବିଜେତାମାନେ।

ଭୁବନେଶ୍ୱର, ୨୦।୧୨(କ୍ରୀଡ଼ା ପ୍ରତିନିଧି)

ଓଡ଼ିଶାର ପ୍ରତିଭା ସମ୍ପନ୍ନ ଭାରୋତ୍ତୋଳିକା ଝିଲ୍ଲୀ ଦଳବେହେରା ଶୁକ୍ରବାର ସମ୍ମାନଜନକ ଏକଲବ୍ୟ ପୁରସ୍କାର ଗ୍ରହଣ କରିଛନ୍ତି। ଇଣ୍ଡିଆନ ମେଟାଲ୍ସ ପବ୍ଲିକ ଚାରିଟେବଲ ଟ୍ରଷ୍ଟ(ଇମ୍ପାକ୍ଟ) ପକ୍ଷରୁ ଆୟୋଜିତ ଏହି ପୁରସ୍କାର ଆକାରରେ ତାଙ୍କୁ ମାନପତ୍ର, ଫଳକ ଏବଂ ୫ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ଏହି ଅବସରରେ ଭାରତୀୟ ମହିଳା ହକି ଦଳର ଅନ୍ୟତମ ସଦସ୍ୟ ନମିତା ଟପ୍ପୋ ଏବଂ ଭାରତୀୟ ମହିଳା ଫୁଟବଲ ଦଳର ନିର୍ଭରଯୋଗ୍ୟ ଡିଫେଣ୍ଡର ଜବାମଣି ଟୁଡୁଙ୍କୁ ସମ୍ମାନିତ କରାଯାଇଛି। ଉଭୟ ଖେଳାଳିଙ୍କୁ ମାନପତ୍ର ସହ ୫୦,୦୦୦ଟଙ୍କା ଲେଖାଏ ପୁରସ୍କାର ଆକାରରେ ପ୍ରଦାନ କରାଯାଇଛି। ଭାରତୀୟ ମହିଳା ରେସ୍‌ଲର ବବିତା ଫୋଗଟ ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅର୍ଜୁନ ପୁରସ୍କାରପ୍ରାପ୍ତ ସାଇକ୍ଲିଷ୍ଟ ମିନତି ମହାପାତ୍ର ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ପୁରସ୍କାର କମିଟିର ଆବାହକ ଅଶୋକ ବେହେରା ସ୍ୱାଗତ ଭାଷଣ ଦେଇଥିବାବେଳେ ଇମ୍ପାକ୍ଟର ଅଧ୍ୟକ୍ଷ ବୈଜୟନ୍ତ ପଣ୍ଡା ପୁରସ୍କାର ପ୍ରଦାନର ଧାରା ସମ୍ପର୍କରେ ସୂଚନା ଦେଇଥିଲେ। ବରିଷ୍ଠ ଜୁରି ସଦସ୍ୟ ଏସ.ପି. ଠାକୁର ଉପସ୍ଥିତ ଥିଲେ। ଇମ୍ପାର ବରିଷ୍ଠ ଅଧିକାରୀ କିଶୋର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ପୁରସ୍କାର ଗ୍ରହଣ ବେଳେ ନିଜ କୋଚ୍‌ଙ୍କୁ ମଞ୍ଚ ଉପରକୁ ଆଣିବାକୁ ଅନୁରୋଧ କରିଥିଲେ ଝିଲ୍ଲୀ। କୋଚ୍ ପି. ଧର୍ମାରାଓଙ୍କ ଉପସ୍ଥିତିରେ ପୁରସ୍କାର ଗ୍ରହଣ ବେଳେ ସେ ଭାବପ୍ରବଣ ହୋଇ କାନ୍ଦି ପକାଇଥିଲେ। ପୁରସ୍କାର ସେମାନଙ୍କୁ ଆଗକୁ ଆହୁରି ଭଲ ପ୍ରଦର୍ଶନ କରିବାକୁ ଉତ୍ସାହିତ କରିବ ବୋଲି ଖେଳାଳିମାନେ ପ୍ରକାଶ କରିଥିଲେ।

## ଦ୍ୱିତୀୟ ଟେଷ୍ଟ: ଶ୍ରୀଲଙ୍କା ଅଗ୍ରଣୀ

କରାଚୀ,୨୦।୧୨

ସ୍ଥାନୀୟ ନ୍ୟାଶନାଲ ଷ୍ଟାଡିୟମରେ ଚାଲିଥିବା ପାକିସ୍ତାନ ବିପକ୍ଷ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ରେ ଭ୍ରମଣକାରୀ ଶ୍ରୀଲଙ୍କା ପ୍ରଥମ ଇନିଂସରେ ଅଗ୍ରଣୀ ହୋଇଛି। ଟସ୍ ଜିତି ପାକିସ୍ତାନ ପ୍ରଥମେ ବ୍ୟାଟିଂ କରି ପ୍ରଥମ ଇନିଂସରେ ୫୯.୩ ଓଭରରେ ୧୯୧ ରନକରି ଅଲଆଉଟ୍ ହୋଇଛି। ଜବାବରେ ପ୍ରଥମ ଇନିଂସ ଆରମ୍ଭ କରି ଶ୍ରୀଲଙ୍କା ୮୫.୫ ଓଭରରେ ୨୭୧ ରନ କରି ଅଲଆଉଟ ହୋଇ ୮୦ ରନର ମହତ୍ତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରିଛି। ଏହାପରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ପାକିସ୍ତାନ ଶୁକ୍ରବାର ଦ୍ୱିତୀୟ ଦିବସ ଖେଳ ଶେଷ ସୁଦ୍ଧା ୧୪ ଓଭରରେ କୌଣସି ଉଇକେଟ ନ ହରାଇ ୫୭ ରନ ସଂଗ୍ରହ କରି ପ୍ରତ୍ୟାବର୍ତ୍ତନ କରିଛି। ଫଳରେ ପାକିସ୍ତାନ ଏବେ ୧୦ ଉଇକେଟ ହାତରେ ରଖି ୨୩ ରନ ପଛରେ ପଡିଛି। ଷ୍ଟମ୍ପ ଅପସାରଣ ବେଳକୁ ସାନ ମାସୁଦ ୨୧ ଓ ଆବିଦ ଅଲି ୩୨ ରନ କରି ଅପରାଜିତ ରହିଛନ୍ତି।

ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୬୩/୩ରୁ ଖେଳ ଆରମ୍ଭ କରି ଶ୍ରୀଲଙ୍କା ଅଲଆଉଟ ହୋଇଥିଲା। ଓଭରନାଇଟ ବ୍ୟାଟ୍ସମ୍ୟାନ ଆଞ୍ଜେଲୋ ମାଥ୍ୟୁସ୍ ୮ ରନରୁ ଖେଳ ଆରମ୍ଭ କରି ୧୩ ଓ ଲସିଥ ଏମ୍ବୁଲଡେନିଆ ୩ ରନରୁ ଖେଳ ଆରମ୍ଭ କରି ୧୩ ରନ କରି ଆଉଟ ହୋଇଛନ୍ତି। ଏହାପରେ ଧନଞ୍ଜୟ ଡି ସିଲଭା ୩୨, ଉଇକେଟ କିପର ବ୍ୟାଟ୍ସମ୍ୟାନ ନିରୋଶାନ ଡିକ୍‌ୱାଲା ୨୧, ଦୀନେଶ ଚାଣ୍ଡିମଲ ୭୪, ଦିଲରୁୱାନ ପେରେରା ୪୮ ଓ ଲାହିରୁ କୁମାରା ଖାତା ଖୋଲିବା ପୂର୍ବରୁ ଆଉଟ ହୋଇଥିଲେ। ବୋଲିଂରେ ପାକିସ୍ତାନ ତରଫରୁ ୧୯ ବର୍ଷୀୟ ଦ୍ରୁତ ବୋଲର ଶାହିନ ଶାହା ଆଫ୍ରିଦି ସର୍ବାଧିକ ୫, ମହମ୍ମଦ ଆବାସ ୪ ଓ ହାରିସ ସୋହେଲ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ପାକିସ୍ତାନ ପ୍ରଥମ ଇନିଂସ– ୫୯.୩ ଓଭରରେ ୧୯୧।

ଶ୍ରୀଲଙ୍କା ପ୍ରଥମ ଇନିଂସ– ୮୫.୫ ଓଭରରେ ୨୭୧ ଅଲଆଉଟ (ଚାଣ୍ଡିମଲ– ୭୪, ଦିଲରୁୱାନ– ୪୮, ଧନଞ୍ଜୟ– ୩୨, କରୁଣାରତ୍ନେ– ୨୫, ଡିକ୍‌ୱାଲା– ୨୧, ଆଫ୍ରିଦି– ୫/୭୭, ଆବାସ– ୪/୫୫, ସୋହେଲ– ୧/୧୧)।

ପାକିସ୍ତାନ ଦ୍ୱିତୀୟ ଇନିଂସ– ୧୪ ଓଭରରେ ୫୭/୦ (ମାସୁଦ– ୨୧, ଆବିଦ– ୩୨)।

## ଟ୍ୟାଲେଣ୍ଟ ହଣ୍ଟ ପ୍ରୋଗ୍ରାମ: ବୟସ ଜାଲିଆତିରେ ଧରାପଡିଲେ ୫୧ ଖେଳାଳି

ନୂଆଦିଲ୍ଲୀ,୨୦।୧୨(ପି.ଟି.)– ପୁଣିଥରେ କ୍ରୀଡ଼ାରେ ବୟସ ଜାଲିଆତିର ବଡ଼ ଘଟଣା ଦେଖିବାକୁ ମିଳିଛି। ତିରୁପତିରେ ଗତମାସରେ ହୋଇଥିବା ଜାତୀୟ ଆନ୍ତଃ ଜିଲା ଜୁନିୟର ମିଟ୍‌ରେ ୫୧ଜଣ ଖେଳାଳି ବୟସ ଅଧିକ ହେବା କାରଣରୁ ଧରା ପଡିଛନ୍ତି। ପୁଣି ଭେରିଫିକେଶନ ଟେଷ୍ଟରୁ ବର୍ତ୍ତିବା ପାଇଁ ୧୬୯ ଜଣ ସ୍ଥାନ ଛାଡି ଚାଲିଯାଇଥିବା ଜଣାପଡିଛି। ଏହି ମିଟ୍‌କୁ ବିଶ୍ୱର ସର୍ବବୃହତ୍ ଟ୍ୟାଲେଣ୍ଟ ହଣ୍ଟ ବା ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ କୁହାଯାଉଥିଲା।

ଦେଶର ୪୯୪ ଜିଲାରୁ ୧୪ ଓ ୧୬ ବର୍ଷରୁ କମ୍ ବର୍ଗରେ ୪୫୦୦ ବାଳକ ଓ ବାଳିକା ଏହି ଆଥଲେଟିକ୍ ମିଟ୍‌ରେ ଅଂଶଗ୍ରହଣ କରିଥିଲେ। ଏହି ମିଟ୍ ନଭେମ୍ବର ୨୪ରୁ ୨୬ ତାରିଖ ମଧ୍ୟରେ ଆୟୋଜିତ ହୋଇଥିଲା। ବୟସ ନିର୍ଦ୍ଧାରଣ ପାଇଁ ଡେଣ୍ଟାଲ ପରୀକ୍ଷା ଓ ଟାନର ହ୍ୱାଇଟ ହାଉସ ୩ (ଟିଡବ୍ଲ୍ୟୁ ୩)) କାର୍ଯ୍ୟକ୍ରମ ହୋଇଥାଏ। ଏଥିରେ ୫୧ ଜଣ ଖେଳାଳିଙ୍କ ବୟସ ଅଧିକ ଥିବା ଜଣାପଡିଥିଲା। ୧୨୪ ଜଣ ଖେଳାଳି ନାମ ପଞ୍ଜୀକରଣ କରିଥିଲେ ମଧ୍ୟ ଆଥଲେଟିକ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍‌ଆଇ) କାଉଣ୍ଟରରେ ମେଡିକାଲ ଟେଷ୍ଟର ସମ୍ମୁଖୀନ ହୋଇ ନ ଥିଲେ। ପୁଣି ୬୫ ଜଣ ଯୁବ ଖେଳାଳି ଟିଡବ୍ଲ୍ୟୁ୩ ଟେଷ୍ଟର ସମ୍ମୁଖୀନ ହୋଇ ନ ଥିଲେ।

ରାଜସ୍ଥାନରୁ ସର୍ବାଧିକ ୧୫ ବୟସାଧିକ୍ୟ ଖେଳାଳିମ ଯୋଗଦେଇଥିଲେ। ସେହିପରି ଉତ୍ତରପ୍ରଦେଶରୁ ୧୦ଜଣ ଖେଳାଳିଙ୍କ ବୟସ ଅଧିକ ବୋଲି ଜଣାପଡିଥିଲା। ଯେଉଁ ରାଜ୍ୟର ଖେଳାଳିମାନେ ଧରାପଡିଛନ୍ତି ସେ ରାଜ୍ୟ ଏଏଫ୍‌ଆଇ ରୋଷର ଶିକାର ହେବ ବୋଲି ଆଶା କରାଯାଉଛି। ବର୍ତ୍ତମାନ ଏଏଫ୍‌ଆଇ ସମସ୍ତ ୨୪୦ଜଣ ଆଥଲେଟଙ୍କୁ ଡିସ୍‌କ୍ୱାଲିଫାଏ କରିବ। ଉଲ୍ଲେଖଥାଉ କି, କ୍ରୀଡ଼ାରେ ବୟସ ଜାଲିଆତି ନୂଆ ଘଟଣା ନୁହଁ। ଏହା ବିଗତ କେତେ ଦିନ ଧରି ଚାଲିଆସୁଛି। ଗତ ମାସରେ ଆନ୍ଧ୍ରପ୍ରଦେଶର ଗୁଣ୍ଟୁରରେ ଅନୁଷ୍ଠିତ ଜାତୀୟ ଜୁନିୟର ଚାମ୍ପିୟନଶିପ୍‌ରେ ବୟସ ଜାଲିଆତିରେ ୧୦୦ ଜଣ ଖେଳାଳି ଧରାପଡିଥିଲେ। ଆଥଲେଟିକ ସମେତ ସବୁ କ୍ରୀଡ଼ାରେ ବୟସ ଜାଲିଆତିକୁ ରୋକିବା ପାଇଁ ଏଏଫ୍‌ଆଇ ତା’ର ପ୍ରୟାସ ଜାରି ରଖିଛି।


# ମନେ ପଡ଼ନ୍ତି

**ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ**



✓ଲୋକନାଥ ତ୍ରିପାଠୀ
ମହତାବ ରୋଡ, ପୁରୁଣା ଭୁବନେଶ୍ୱର
ଆବିର୍ଭାବ : ୨୦.୦୧.୧୯୨୪
ତିରୋଧାନ : ୧୩.୧୨.୨୦୧୭
ଆପଣଙ୍କ ଜୀବନାଦର୍ଶ, କର୍ତ୍ତବ୍ୟନିଷ୍ଠା, ସରଳଜୀବନ ଏବଂ ଉଚ୍ଚାଭିଳାଷ ଆମପାଇଁ ସର୍ବଦା ଅନୁକରଣୀୟ। ଆଜିର ପୁଣ୍ୟ ତିଥିରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଈଶ୍ୱରଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ : ପୁତ୍ର – ତ୍ରିନାଥ, ତ୍ରୈଲୋକ୍ୟନାଥ, ପୁତ୍ରବଧୂ – ମଞ୍ଜୁଳା, ସୌଦାମିନି
ଧ–୧୫୮୩୩

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



ସ୍ୱର୍ଗତା ପ୍ରତିଭାରାଣୀ ଆଚାର୍ଯ୍ୟ
ଆବିର୍ଭାବ: ୦୯।୦୪।୧୯୪୫
ତିରୋଧାନ: ୩୧।୧୨।୨୦୧୮
ସ୍ୱାମୀ– ଶ୍ରୀ ସୁଧାଂଶୁ କୁମାର ଆଚାର୍ଯ୍ୟ
ତକତପୁର, ବାରିପଦା, ୱା.ନଂ.–୨୩
ସମୟ ସ୍ରୋତରେ ବିତିଲା ବରଷେ
ସ୍ମୃତିର ଫଳକ ପରେ
ମାତୃତ୍ୱ ସ୍ୱରୂପ ସ୍ନେହବୋଳା କଥା
ଜାଗିଉଠେ ବାରେ ବାରେ ।।
ଶ୍ରୀଗୁରୁଙ୍କ ପାଦପଦ୍ମେ ଲୀନ ହୋଇ
ରହିଛ ଅମରପୁର
ସେଇଠାରୁ ଶୁଭାଶିଷ ବିତରି ‘‘ମା’’
ଆମକୁ ଆଶିଷ କର।।
ଶୋକସନ୍ତପ୍ତ:
ଆଚାର୍ଯ୍ୟ ପରିବାର ଏବଂ ବନ୍ଧୁବର୍ଗ।
ଧ–୧୫୮୨୪

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



✓ଅହଲ୍ୟା ମହାନ୍ତି
ଜୟଦୁର୍ଗାନଗର, ଭୁବନେଶ୍ୱର
ଆବିର୍ଭାବ : ୧୩.୦୩.୧୯୪୩
ତିରୋଧାନ : ୧୧.୧୨.୨୦୧୯
ଏତେ ବଡ଼ ପଣ ଧରିକରି ତୁମେ
ଥିଲ ଆମରି ଭିତରେ
ତୁମ ସ୍ନେହ ଭରା କଥାଟେ ପାଇଁକି
ମନ ତ ଆମରି ଝୁରେ।
ତୁମରି ହାତର ପରଶ ଦେଇକି
ଆମକୁ ତ ବଡ଼ କଲ
ପୁଣି କିମ୍ପା ଅଭିମାନ କରି ତୁମେ
ସରଗ ରଥରେ ଉଭେଇ ଗଲ।
ତୁମର କବି-ନରେଶ, ବାବୁ-ଦୀପା, ମମି-ରାଜେନ୍ଦ୍ର, ହୀରୁ-ଲିଟି,ବର୍ଷି-ପ୍ରଜ୍ଞା, ମୁନା, ଲିପୁନ, ପୁପୁଲ, ଋଂଶ, ମଧୁ, ବନ୍ଧୁ ଓ ଆତ୍ମୀୟସ୍ୱଜନ
ଧ–୧୫୮୨୮

**ଏକାଦଶାହ ଉପଲକ୍ଷେ**



ସ୍ୱର୍ଗତ ମୁରଲୀଧର ମହାପାତ୍ର
ଫଳପୁର, ଧାମନଗର, ଭଦ୍ରକ
ଆବିର୍ଭାବ: ୦୯।୦୬।୧୯୩୩
ତିରୋଧାନ: ୧୧।୧୨।୨୦୧୯
ଆପଣଙ୍କ ସ୍ନେହ, ତ୍ୟାଗ, ସରଳ ଜୀବନ ଓ ଉଦାରତା ଏବଂ ଧାର୍ମିକ ଆସ୍ଥା ଆମପାଇଁ ଥିଲା ପ୍ରେରଣାର ଉତ୍ସ। ଆପଣଙ୍କ ଅନୁପସ୍ଥିତି ଆମମାନଙ୍କ ପାଇଁ ଶୂନ୍ୟସ୍ଥାନ ସୃଷ୍ଟି କରିଛି। ଆପଣଙ୍କ ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ
ପତ୍ନୀ: ସରସ୍ୱତୀ, ପୁତ୍ର: ଶ୍ରୀକାନ୍ତ, କମଳାକାନ୍ତ ଓ ଦିପୁ, ପୁତ୍ରବଧୂ: ସ୍ୱର୍ଣ୍ଣଲତା, ସଞ୍ଜୁ, ସସ୍ମିତା ଓ ଖୁସି, ଝିଅ ଓ ଜ୍ୱାଇଁ: ମାମି, ରୁଦ୍ର, ଲୁଷି, ଟୁଲୁ, ସବିତା–ପ୍ରଶାନ୍ତ, ନାତି ଓ ନାତୁଣୀ– ବାପୁନ୍, ସିପୁନ୍, ଲଡ୍ଡୁ (କ୍ରିସ୍), ଝୁମି, ନାତୁଣୀବୋହୂ– ପ୍ରିତି, ଅଣନାତୁଣୀ– ଲଭିୟା ଏବଂ ବନ୍ଧୁ ଓ ଆତ୍ମୀୟସ୍ୱଜନ।
ଧ–୧୫୮୩୪

**ଏକାଦଶାହ ଉପଲକ୍ଷେ**



ସ୍ୱର୍ଗତ ବଟକୃଷ୍ଣ ଦାସ
ସାଇଁଶୋ (ନକୁଳେଶ୍ୱର ନଗର)
ଆବିର୍ଭାବ: ୨୦।୧୧।୧୯୨୬
ତିରୋଧାନ: ୧୧।୧୨।୨୦୧୯
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଜଗତର ନାଥ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ:
ସୁକାନ୍ତ, ବସନ୍ତ, ଶରତ, ଅନନ୍ତ, କ୍ଷୀରୋଦ, ନିରୋଦ, ବନ୍ଧୁ ଓ ପରିବାରବର୍ଗ।
ଧ–୬୮୪୫୪

**ଏକାଦଶାହ ଉପଲକ୍ଷେ**



ସ୍ୱର୍ଗତା ତରୁଲତା ମହାପାତ୍ର
ସ୍ୱାମୀ: ସ୍ୱର୍ଗତ ନିରଞ୍ଜନ ମହାପାତ୍ର
ନୂଆଗଡ଼, ରେଡ୍ଡୁଆ, ଜଗତ୍‌ସିଂହପୁର
ତିରୋଧାନ: ୧୨।୧୨।୨୦୧୯
(ମାର୍ଗଶିର ମାସ ପୂର୍ଣ୍ଣିମା)
ବୋଉ, ଆମ୍ଭମାନଙ୍କୁ ଶୋକସାଗରରେ ଭସାଇ ହଠାତ୍ ଆରପାରିକୁ ଚାଲିଗଲ। ତୁମର ସ୍ନେହ, ଶ୍ରଦ୍ଧା ଆମ୍ଭର ପାଥେୟ ହୋଇ ରହିବ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ:
ଟୁନି, ଚୁନି, ସାନ୍ତନୁ, ପ୍ରମୋଦ ଓ ପରିବାରବର୍ଗ।
ଧ–୬୭୧୦୬

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



✓ ସଦାନନ୍ଦ ଲେଙ୍କା
(ବାହାନ)
ଘଟକୁରୀ (ଆସିକା) ଗଞ୍ଜାମ
ଆବିର୍ଭାବ : ୦୪-୦୫-୧୯୭୦
ତିରୋଧାନ : ୩୧-୧୨-୨୦୧୮
ଆଜି ଆପଣଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ଆପଣଙ୍କ ଅମରଆତ୍ମାର ସଦ୍‌ଗତି ଲାଗି ଜଗତରନାଥ ଶ୍ରୀ ଜଗନ୍ନାଥଙ୍କ ଚରଣାରବିନ୍ଦରେ ଶତକୋଟି ପ୍ରଣତି ଜଣାଉଛୁ।
– ହତଭାଗା ଭାଇ ଅରବିନ୍ଦ ଲେଙ୍କା
(ସରପଞ୍ଚ, ଖାରିଆ ଗ୍ରା.ପ.)
ଶୋକସନ୍ତପ୍ତ ପରିବାର ବର୍ଗ
ବନ୍ଧୁବାନ୍ଧବ ଓ ଆତ୍ମୀୟ ସ୍ୱଜନ
ଧ–୧୫୮୨୫

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in


## ଜାତୀୟ ସବ୍-ଜୁନିୟର ବ୍ୟାଡମିଣ୍ଟନ: କ୍ୱାର୍ଟରରେ ଆୟୁଷ, ସେମିରେ ତାରା

ଭୁବନେଶ୍ୱର,୨୦।୧୨ (ସ୍ପୋର୍ଟ୍ସ ବ୍ୟୁରୋ)



ଡବଲ୍ସ ମ୍ୟାଚ୍ ଅବସରରେ ଆୟୁଷ ପଟ୍ଟନାୟକ ଓ ସୁହାସ।

ସ୍ଥାନୀୟ ଇଷ୍ଟକୋଷ୍ଟ ରେଲୱେ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ୩୩ତମ ଜାତୀୟ ସବ୍–ଜୁନିୟର ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍ ଏସିଆ ଜୁନିୟର ୧୫ ବର୍ଷରୁ କମ୍ ବାଳିକା ରନର୍ସଅପ୍ ତାରା ଶାହା ପ୍ରଥମ ଖେଳାଳିଭାବେ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଟପ୍ ସିଡ ମାନ୍ୟତା ପାଇଥିବା ପୁଣେର ତାରା ୧୫ ବର୍ଷରୁ କମ୍ ପ୍ରଥମ ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲରେ ହରିୟାଣାର ଉନାତି ହୁଦାଙ୍କୁ ୨୧–୧୬, ୨୧–୧୮ରେ ହରାଇ ସେମିକୁ ଉଠିଛନ୍ତି। ଅନ୍ୟ ଏକ କ୍ୱାର୍ଟର ଫାଇନାଲରେ ଅଷ୍ଟମ ସିଡ ହରିୟାଣାର ଦେବିକା ସିହାଗ ଚତୁର୍ଥ ସିଡ୍ ଖେଳାଳି ରାଧିକା ଶର୍ମାଙ୍କୁ ସିଧାସଳଖ ଗେମ୍‌ରେ ହରାଇ ସେମିରେ ପ୍ରବେଶ କରିଛନ୍ତି। ବାଳକ ଡବଲ୍ସ ଇଭେଣ୍ଟରେ ଓଡ଼ିଶାର ଆୟୁଷ ପଟ୍ଟନାୟକ ଓ କର୍ଣ୍ଣାଟକର ସୁହାସ୍ ୨୧–୧୯,୨୧–୧୬ରେ ଓଡ଼ିଶାର ଅୟୁଷ ଦାଶ ଓ ପାର୍ଥସାରଥି ମିଶ୍ରଙ୍କୁ ହରାଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିନ୍ତି।

ଅପରପକ୍ଷରେ ୧୭ ବର୍ଷରୁ କମ ସିଙ୍ଗଲ୍ସ ଇଭେଣ୍ଟରେ ଟପ୍ ସିଡ ତେଲଙ୍ଗାନାର ପ୍ରଣବ ରାଓ ଗନ୍ଧାମ, ତୃତୀୟ ସିଡ ହରିୟାଣାର ଜୟନ ରାଣା ଓ ଚତୁର୍ଥ ସିଡ ଉତ୍ତରପ୍ରଦେଶର ଆୟୁଷ ରାଜ ଗୁପ୍ତା ସେମାନଙ୍କ ମ୍ୟାଚ୍ ଜିତି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ପ୍ରଥମ ଦିବସରେ ଡବଲ୍ସ ଓ ମିକ୍ସଡ ଡବଲ୍ସ ମ୍ୟାଚ୍‌ଗୁଡିକ ମଧ୍ୟ ଖେଳାଯାଇଥିଲା ଓ କୋଟୋଟି ବିପର୍ଯ୍ୟୟ ଦେଖିବାକୁ ମିଳିଥିଲା।

### ଆବାସ ବଣ୍ଟନରେ ନୂଆ ନିଷ୍ପତ୍ତି

# ନୂଆ ପରିବାର ସୃଷ୍ଟି କରାଯିବ ନାହିଁ

## କଟିଲେଣି ୫୯ହଜାର ଅଯୋଗ୍ୟ ଆବେଦନକାରୀ

**କଟକ ଅଫିସ, ୨୦।୧୨**

ବିଭିନ୍ନ ଆବାସ ଯୋଜନାରେ ଘର ବଣ୍ଟନ କ୍ଷେତ୍ରରେ ରାଜ୍ୟ ସରକାର ନୂଆ ନିୟମ ଲାଗୁ କରିଛନ୍ତି। ୨୦୧୧ରେ ହୋଇଥିବା ସାମାଜିକ ଅର୍ଥନୈତିକ ଓ ଜାତିଗତ ଜନଗଣନା ଅନୁଯାୟୀ ଘର ପାଇ ନ ଥିବା ଲୋକଙ୍କୁ ଚିହ୍ନଟ କରାଯିବ। କିନ୍ତୁ ବାପାଙ୍କଠାରୁ ପୁଅକୁ ଅଲଗା କରାଯାଇ ନୂତନ ପରିବାର ସୃଷ୍ଟି କରାଯିବ ନାହିଁ କିମ୍ବା ଏହି ପରିବାରକୁ ଆବାସ ଯୋଜନାରେ ସାମିଲ କରାଯିବ ନାହିଁ। ରାଜ୍ୟ ପଞ୍ଚାୟତିରାଜ ସଚିବ ଦେଓରଞ୍ଜନ କୁମାର ସିଂ ଶୁକ୍ରବାର ସନ୍ଧ୍ୟାରେ ଆୟୋଜିତ ଭିଡିଓ କନଫରେନ୍ସିଂରେ ରାଜ୍ୟର ସମସ୍ତ ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ (ପିଡି ଡିଆରଡିଏ)ଙ୍କୁ ଏହି କ୍ରମରେ ନିର୍ଦ୍ଦେଶ ଦେଇଛନ୍ତି। ସଚିବଙ୍କ ପକ୍ଷରୁ ଏହି ନିର୍ଦ୍ଦେଶ ଆସିବା ପରେ ଏବେ ଅଯୋଗ୍ୟ ହିତାଧିକାରୀଙ୍କ ତାଲିକା ଆହୁରି ଲମ୍ବିବାର ଆଶଙ୍କା ଉପୁଜିଛି। ଅଦ୍ୟାବଧି ଜିଲାରେ ୫୯ହଜାର ଅଯୋଗ୍ୟ ଆବେଦନକାରୀଙ୍କୁ ତାଲିକାରୁ ବାଦ୍ ଦିଆଯାଇଥିବା ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।

ଫନୀ ବାତ୍ୟା ପରେ ଘର ନଷ୍ଟ ହୋଇଥିବା ହିତାଧିକାରୀ ଓ ଚାଳଘର ହିତାଧିକାରୀଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଇଥିଲା। ଏଥିରେ ବର୍ତ୍ତମାନ ସୁଦ୍ଧା ୫୯ହଜାର ଅଯୋଗ୍ୟ ଚିହ୍ନଟ କରାଯାଇଥିବା ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ସହକାରୀ ପ୍ରକଳ୍ପ ନିର୍ଦ୍ଦେଶକ (ସ୍କିମ୍) ବିଶ୍ୱରାଜ ବିବେକାନନ୍ଦ ନାୟକ କହିଛନ୍ତି। ନାୟକଙ୍କ କହିବା ଅନୁଯାୟୀ, ଯୋଗ୍ୟ ହିତାଧିକାରୀଙ୍କୁ ଯୋଜନାରେ ସାମିଲ କରିବା ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି। ବ୍ଲକୱାରୀ ଇନକ୍ୱାରୀ ଜାରି ରହିଛି। କୌଣସି ଅଯୋଗ୍ୟ ଏଥିରୁ ଫାଇଦା ମାରିପାରିବେ ନାହିଁ। ତେବେ ଆବାସ ଯୋଜନାକୁ ଦେଖିଲେ ଜିଲାରେ ବଡ଼ଧରଣର ଦୁର୍ନୀତି ସାମ୍ନାକୁ ଆସିଛି। କେତେଜଣ ରାଜନୈତିକ ବ୍ୟକ୍ତି ପ୍ରଭାବ ପକାଇ ଏହି ଯୋଜନାକୁ ବାଟମାରଣା କରିଥିବା ପ୍ରମାଣିତ ହୋଇଛି। ଯେଉଁଥିପାଇଁ ମାହାଙ୍ଗା ବ୍ଲକର ଜଣେ ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ଓ ବଡ଼ମ୍ବା ବ୍ଲକର ପଞ୍ଚାୟତ ସମିତି ଉପାଧ୍ୟକ୍ଷଙ୍କ ବିରୋଧରେ ଥାନାରେ ଏତଲା ଦିଆଯିବା ସହିତ ଭିଜିଲାନ୍ସ ତଦନ୍ତ ଲାଗି ସୁପାରିସ କରାଯାଇଛି।

ମୁଖ୍ୟତଃ ଫନୀ ଘର ଭଙ୍ଗାରେ ରାଜନୈତିକ ହସ୍ତକ୍ଷେପ ଏବଂ ତହସିଲ କର୍ମଚାରୀମାନଙ୍କ ଦୁର୍ନୀତିଖୋର କାର୍ଯ୍ୟକଳାପ ଅଧିକ ବିବାଦ ସୃଷ୍ଟି କରିଛି। ମାହାଙ୍ଗା ତହସିଲରେ କାର୍ଯ୍ୟରତ ଜଣେ କର୍ମଚାରୀଙ୍କ ଶାଳକ, ଶ୍ୱଶୁରଙ୍କ ନାମରେ ଦୁଇଟି ପୂର୍ଣ୍ଣ ଘରଭଙ୍ଗା ସହାୟତା ପ୍ରଦାନ କରାଯାଇଛି। ଉଭୟ ଅଯୋଗ୍ୟ ହିତାଧିକାରୀ ଫନୀ ସହାୟତା ବାବଦରେ ୯୫,୧୦୦ ଟଙ୍କା ଲେଖାଏ ନେଇଥିବାବେଳେ ଯୋଗ୍ୟ ହିତାଧିକାରୀମାନେ ଯୋଜନାକୁ ଚାହିଁ ବସିଛନ୍ତି। ଏହି ତହସିଲର କୁରୁଜଙ୍ଗା ଗ୍ରାମରେ ବାପା ଓ ପୁଅଙ୍କୁ ୯୫,୧୦୦ ଟଙ୍କା ଲେଖାଏ ସହାୟତା ରାଶି ମିଳିଥିବା ତାଲିକା ରହିଛି।

ସରକାରଙ୍କ ନିୟମ ମୁତାବକ ଗୋଟିଏ ପରିବାରର ବାପ ଓ ପୁଅଙ୍କୁ ସହାୟତା ଦେବାର ବ୍ୟବସ୍ଥା ନ ଥିବାବେଳେ ତାହା ତହସିଲ କର୍ମଚାରୀଙ୍କ ସମ୍ପର୍କୀୟ ହୋଇଥିବାରୁ ଏଭଳି ଜାଲିଆତି କରାଯାଇଛି। ଏଠାରେ ପ୍ରଶ୍ନ ଉଠେ ଯଦି ତଦନ୍ତକାରୀ ରାଜସ୍ୱ ନିରୀକ୍ଷକ ଏଭଳି ତାଲିକା ଦେଇ ନ ଥିଲେ ତେବେ କିଏ ଓ କିପରି ଏହି ତାଲିକା ପ୍ରସ୍ତୁତ କରିଛି। ଅର୍ଥାତ୍ ଆର୍‌ଆଇମାନେ ଦେଇଥିବା ତଦନ୍ତ ରିପୋର୍ଟକୁ ତହସିଲ ଅଫିସରେ ବଦଳାଯାଇ ଏଭଳି ଦୁର୍ନୀତି କରାଯାଇଥିବା ଘଟଣା କ୍ରମଶଃ ସ୍ପଷ୍ଟ ହେବାରେ ଲାଗିଛି। ସବୁଠୁ ବଡ଼ କଥା ହେଉଛି ମାହାଙ୍ଗା ତହସିଲ ଅଧୀନ ଉଷୁମା ଗ୍ରାମର ଜଣେ ହିତାଧିକାରୀଙ୍କ ଆକାଉଣ୍ଟକୁ ୯୫,୧୦୦ ଟଙ୍କା ଲେଖାଏ ଦୁଇଥର ପଠାଯାଇଥିବାବେଳେ ହଳଦିଆ ପଞ୍ଚାୟତରେ ଜଣେ ଜଣେ ହିତାଧିକାରୀଙ୍କ ନାମ ଏକାଧିକ ତାଲିକାରେ ସ୍ଥାନ ପାଇଥିବା ଓ ସେମାନଙ୍କୁ ସହାୟତା ଦିଆଯାଇଥିବା ଦେଖାଯାଇଛି। ଏବେ ସରକାରଙ୍କ ନୂଆ ନିୟମକୁ କିଭଳି ପ୍ରଶାସନିକ କର୍ମଚାରୀମାନେ ଅନୁପାଳନ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା।




## କୁଚିଣ୍ଡା ଏନ୍‌ଏସି ଯନ୍ତ୍ରୀଙ୍କ ଘରେ ଭିଜିଲାନ୍ସ ଯାଞ୍ଚ

# ୨ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ଠାବ

**କଟକ ଅଫିସ, ୨୦।୧୨**

ସମ୍ବଲପୁର ଜିଲା କୁଚିଣ୍ଡା ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍‌ଏସି)ର ସହକାରୀ ଯନ୍ତ୍ରୀ ଉପେନ୍ଦ୍ର କୁମାର ନାୟକଙ୍କ ଘର ଓ ଅଫିସ ଆଦି ସ୍ଥାନରେ ଭିଜିଲାନ୍ସ ଯାଞ୍ଚ କରିଛି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ନେଇ ଶୁକ୍ରବାର ଭିଜିଲାନ୍ସ ପକ୍ଷରୁ ନାୟକଙ୍କ କୁଚିଣ୍ଡାଠାରେ ଥିବା ଦୁଇଟି ଦୁଇ ମହଲା କୋଠା, ଗୋଟିଏ ୩ ମହଲା କୋଠା, କୁଚିଣ୍ଡା ଏନ୍‌ଏସି କାର୍ଯ୍ୟାଳୟ ଓ ବରଗଡ଼ ଜିଲା ଭୁକ୍ତାଠାରେ ଥିବା ସମ୍ପର୍କୀୟଙ୍କ ଘରେ ଭିଜିଲାନ୍ସ ପକ୍ଷରୁ ଏକକାଳୀନ ଯାଞ୍ଚ କରାଯାଇଛି। ସମ୍ବଲପୁର ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ପକ୍ଷରୁ ଜାରି କରାଯାଇଥିବା ସର୍ଚ୍ଚ ୱାରେଣ୍ଟ ବଳରେ ଭିଜିଲାନ୍ସ ଏହି ଯାଞ୍ଚ କରିଥିଲା। ଯାଞ୍ଚରୁ ମୋଟ ୨ କୋଟି ୨୭ ଲକ୍ଷ ୨୦ହଜାର ୫୭୭ ଟଙ୍କାର ସ୍ଥାବର ଅସ୍ଥାବର ସମ୍ପତ୍ତି ଠାବ କରାଯାଇଛି। ଠାବ ସମସ୍ତ ସମ୍ପତ୍ତି ନାୟକ ଓ ତାଙ୍କ ପରିବାରବର୍ଗଙ୍କ ଦଖଲରେ ଥିବା ଭିଜିଲାନ୍ସ ସୂଚନା ଦେଇଛି। ଠାବ ସମ୍ପତ୍ତିଗୁଡ଼ିକର ମୂଲ୍ୟ ଅନୁଯାୟୀ, କୁଚିଣ୍ଡାଠାରେ ଥିବା ୩ ମହଲା କୋଠାକୁ ୯୬ ଲକ୍ଷ ୬ହଜାର ୨୦୮ ଟଙ୍କାରେ ହିସାବ କରାଯାଇଥିବାବେଳେ କୁଚିଣ୍ଡାଠାରେ ଥିବା ଦୁଇଟି ଦୁଇ ମହଲା କୋଠାର ମୂଲ୍ୟକୁ ୩୩ ଲକ୍ଷ ୩୭ହଜାର ୪୬୨ ଟଙ୍କାରେ ଭିଜିଲାନ୍ସ ହିସାବ କରିଛି। ନାୟକଙ୍କର ୩ ଲକ୍ଷ ୪୫ହଜାର ମୂଲ୍ୟର ଗୋଟିଏ ଟ୍ରାକ୍ଟର ଓ ୪୨ହଜାର ୩୦୦ ଟଙ୍କାର ଗୋଟିଏ ବାଇକ୍ ରହିଛି। ବିଭିନ୍ନ ବ୍ୟାଙ୍କ ଓ ପୋଷ୍ଟ ଅଫିସରେ ୭୩ ଲକ୍ଷ ୧୭ହଜାର ୯୪୩ ଟଙ୍କା ସେ ଜମା କରିଥିବାବେଳେ ଘରୁ ୬ ଲକ୍ଷ ୭ହଜାର ୨୪୮ ଟଙ୍କାର ଅଳଙ୍କାର ଓ ୫୨,୧୯୨ ଟଙ୍କା ଭିଜିଲାନ୍ସ ଠାବ କରିଛି। ନାୟକଙ୍କ ଘରୁ ଭିଜିଲାନ୍ସ ୫ ଲକ୍ଷ ୪୬ହଜାର ୩୮୧ ଟଙ୍କାର ଆସବାବପତ୍ର ଠାବ କରିଛି। ଏହାବାଦ ନାୟକ ଏଲ୍‌ଆଇସି ପ୍ରିମିୟମ ପାଇଁ ୮ ଲକ୍ଷ ୭୫ହଜାର ୧୦୫ ଟଙ୍କା ଡିପୋଜିଟ କରିଥିବା ଭିଜିଲାନ୍ସ ସୂଚନା ଦେଇଛି।

# ଆଇନଜୀବୀ ପ୍ରସନ୍ନ ନନ୍ଦଙ୍କୁ ପ୍ରତିଭା ସମ୍ମାନ



ବାର୍ଷିକୋତ୍ସବରେ ଆଇନଜୀବୀ ପ୍ରସନ୍ନ କୁମାର ନନ୍ଦଙ୍କୁ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଉଛି।

## ଦି ଲ' କଲେଜ ପୁରାତନ ଛାତ୍ର ସଂସଦର ବାର୍ଷିକୋତ୍ସବ

**କଟକ ଅଫିସ, ୨୦।୧୨**

ଦି ଲ' କଲେଜ ପୁରାତନ ଛାତ୍ର ସଂସଦର ବାର୍ଷିକୋତ୍ସବ ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଶ୍ରୀରାମଚନ୍ଦ୍ର ଭବନଠାରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ୍ କେ.ଏସ୍. ଝାବେରୀ, ସମ୍ମାନିତ ଅତିଥିଭାବେ ଓଡ଼ିଶା ମାନବାଧିକାର କମିଶନ ଅଧ୍ୟକ୍ଷ ଜଷ୍ଟିସ୍ ବିମଳପ୍ରସାଦ ଦାସ, ହାଇକୋର୍ଟ ବାର୍ ଆସୋସିଏଶନ ସଭାପତି ଗୋପାଳକୃଷ୍ଣ ମହାନ୍ତି ଓ ମୁଖ୍ୟବକ୍ତା ଭାବେ ହାଇକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ୍ ଡି.ପି. ଚୌଧୁରୀ ଯୋଗଦେଇଥିଲେ। ପୁରାତନ ଛାତ୍ର ସଂସଦର ସଭାପତି ତଥା ଆଇନଜୀବୀ ଟହଲୀ ଚରଣ ମହାନ୍ତି ଅଧ୍ୟକ୍ଷତା କରିଥିଲେ। ଉତ୍ସବରେ ଆଇନସେବା ଓ ସାମାଜିକ ସଂସ୍କାର କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଆଇନଜୀବୀ ପ୍ରସନ୍ନ କୁମାର ନନ୍ଦଙ୍କୁ ମର୍ଯ୍ୟାଦାଜନକ ତୃତୀୟ ପ୍ରତିଭା ସମ୍ମାନ-୨୦୧୯ରେ ସମ୍ମାନିତ କରାଯାଇଥିଲା। ଜଷ୍ଟିସ୍ ଝାବେରୀ ଆଇନଜୀବୀ ନନ୍ଦଙ୍କୁ ଏହି ସମ୍ମାନରେ ସମ୍ମାନିତ କରିଥିଲେ।

## ୧୮ ଗ୍ରାମ୍ ବ୍ରାଉନସୁଗାର ଜବତ

**ଖୋର୍ଦ୍ଧା ଅଫିସ,୨୦।୧୨:** ବାଘମାରୀ ଥାନା ଅଧୀନ କୋଟପଲ୍ଲା ଛକରେ ଖୋର୍ଦ୍ଧା ଅବକାରୀ ସ୍କ୍ୱାଡ ଶୁକ୍ରବାର ଚଢ଼ାଉ କରି ୧୮ ଗ୍ରାମ ବ୍ରାଉନସୁଗାର ଜବତ କରିଛି। ବ୍ରାଉନସୁଗାର ବିକ୍ରି ଘଟଣାରେ ବାଘମାରୀ ଥାନା ଓସ୍ତପୁର ଗାଁର ମହେଶ୍ୱର ବେହେରାଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ପରେ ତାଙ୍କୁ ଖୋର୍ଦ୍ଧା ସବ୍‌ଜେଲକୁ ପଠାଇ ଦିଆଯାଇଛି।




# ଜେଲ ଗଲେ ଏସ୍‌ଆଇ

## ଭିଜିଲାନ୍ସ ଠାବ କରିଥିଲା ଆୟ ବହିର୍ଭୂତ ସମ୍ପତ୍ତି

**କଟକ ଅଫିସ, ୨୦।୧୨**

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ପୋଲିସ ସବ୍‌ଇନ୍ସପେକ୍ଟର (ଏସ୍‌ଆଇ) ଜନ୍ମେଜୟ ମଲ୍ଲିକଙ୍କୁ ଭିଜିଲାନ୍ସ ଶୁକ୍ରବାର ଗିରଫ କରି କୋର୍ଟଚାଲାଣ କରିଛି। କୋର୍ଟରେ ତାଙ୍କ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏ ନେଇ କଟକ ଭିଜିଲାନ୍ସ ଥାନାରେ ଏକ ମାମଲା(ନଂ. ୪୮/୨୦୧୯) ରୁଜୁ ହୋଇଛି। ମାମଲାରେ ମଲ୍ଲିକଙ୍କ ସମେତ ତାଙ୍କ ସ୍ତ୍ରୀଙ୍କୁ ପକ୍ଷଭୁକ୍ତ କରାଯାଇଛି। ମଲ୍ଲିକ ଏବେ ପୋଲିସ ମୋଟର ଟ୍ରାନ୍ସପୋର୍ଟ ଏସ୍‌ପିଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ କରୁଛନ୍ତି। ସେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ଅଭିଯୋଗ ହୋଇଥିଲା। ଭିଜିଲାନ୍ସ ସ୍ୱତନ୍ତ୍ର କୋର୍ଟଙ୍କ ପକ୍ଷରୁ ଜାରି କରାଯାଇଥିବା ତଲାସି ୱାରେଣ୍ଟ ବଳରେ ଗତ ୧୨ ତାରିଖରେ ଭିଜିଲାନ୍ସ ମଲ୍ଲିକଙ୍କ କଟକ, କେନ୍ଦ୍ରାପଡ଼ା ପ୍ରଭୃତି ସ୍ଥାନରେ ଥିବା ଘର ଓ ଅଫିସ ଆଦି ସ୍ଥାନରେ ଯାଞ୍ଚ କରିଥିଲା। ଯାଞ୍ଚରୁ ମୋଟ ୧ କୋଟି ୧୯ ଲକ୍ଷ ୬୫ହଜାର ୯୨୨ ଟଙ୍କାର ସମ୍ପତ୍ତି ଠାବ କରାଯାଇଥିଲା। ଠାବ ସମ୍ପତ୍ତିରୁ ସେ ୯୪ ଲକ୍ଷ ୬୭ ହଜାର ୯୩୬ ଟଙ୍କାର କୌଣସି ହିସାବ ଦେଇପାରି ନ ଥିଲେ ବୋଲି ଭିଜିଲାନ୍ସ ନିର୍ଦ୍ଦେଶାଳୟ ପକ୍ଷରୁ ସୂଚନା ଦିଆଯାଇଛି।

## ବ୍ୟବସାୟୀଙ୍କୁ ଆକ୍ରମଣ ପରେ ଚୋରି ମାମଲା

# ଅଭିଯୁକ୍ତଙ୍କୁ ୧୦ ବର୍ଷ ଜେଲ

**ନିମାପଡ଼ା,୨୦।୧୨(ଡି.ଏନ୍.ଏ.)**

ବ୍ୟବସାୟୀଙ୍କୁ ମରଣାନ୍ତକ ଆକ୍ରମଣ ସହ ଦୋକାନରୁ ଚୋରି ସମ୍ପର୍କିତ ଏକ ମାମଲାର ରାୟ ଶୁଣାଇ ନିମାପଡ଼ା ସହକାରୀ ଦୌରାଜଜ୍ ପୂଜା ଷଡ଼ଙ୍ଗୀ ଅଭିଯୁକ୍ତ ବିପିନ କୁମାର ବେହେରାଙ୍କୁ ୧୦ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ସୂଚନା ଅନୁଯାୟୀ, ୨୦୧୧ ଏପ୍ରିଲ ୨ରେ ଏହି ଘଟଣା ଘଟିଥିଲା। ଗୋପ ଥାନା ଅନ୍ତର୍ଗତ ନାଗପୁର ଗ୍ରାମର ଭାଗୀରଥି ସ୍ୱାଇଁ(୪୨) ତାଙ୍କ ଦୋକାନରେ ରାତିରେ ଶୋଇଥିଲେ। ସେହି ଗ୍ରାମର ବିପିନ୍ ଦୋକାନରେ ପଶି ଭାଗୀରଥିଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଫଳରେ ସେ ଗୁରୁତର ହୋଇଥିଲେ। ଏହା ପରେ ବିପିନ୍ ଦୋକାନରୁ ଟଙ୍କା ନେଇ ପଳାଇଥିଲେ। ଭାଗୀରଥିଙ୍କ ଅଭିଯୋଗକ୍ରମେ ଗୋପ ଥାନା ପୋଲିସ ଏକ ମାମଲା (ନଂ.୪୯/୧୧) ରୁଜୁ କରିବା ସହ ବିପିନ୍‌ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପରେ ବିପିନ ଜାମିନରେ ଆସିଥିଲେ। ଶୁକ୍ରବାର ନିମାପଡ଼ା ସହକାରୀ ଜିଲା ଦୌରା ଜଜ୍‌ଙ୍କ କୋର୍ଟରେ ଏହି ମାମଲାର ରାୟ ପ୍ରକାଶ ପାଇଛି। ସାକ୍ଷ୍ୟ ପ୍ରମାଣକୁ ଆଧାରକରି ବିପିନ୍‌ଙ୍କୁ ୧୦ବର୍ଷ ସଶ୍ରମ କାରାଦଣ୍ଡ ସହ ୨୦ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦାୟ ସ୍ଥଳେ ଅଧିକ ୬ମାସ ଜେଲ୍ ଦଣ୍ଡ ଭୋଗିବାକୁ ପଡ଼ିବ। ଜରିମାନା ଅର୍ଥ ବ୍ୟବସାୟୀ ଭାଗୀରଥିଙ୍କୁ ପ୍ରଦାନ କରାଯିବ। ସରକାରଙ୍କ ପକ୍ଷରୁ ଅତିରିକ୍ତ ପିପି ପ୍ରବୋଧ କୁମାର ପରିଡ଼ା, ବ୍ରହ୍ମାନନ୍ଦ ପ୍ରଧାନ ଏବଂ ଅଭିଯୁକ୍ତଙ୍କ ପକ୍ଷରୁ ଆଇନ୍‌ଜୀବୀ ପ୍ରତାପ ପଣ୍ଡା ଓ ଗୌରାଙ୍ଗ ସାହୁ ମାମଲା ପରିଚାଳନା କରିଥିଲେ।




1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

**କିଡ୍‌ନୀ ରୋଗ ଆକ୍ରାନ୍ତରେ ଯୁବକଙ୍କ ମୃତ୍ୟୁ**

**ନରସିଂହପୁର,୨୦।୧୨(ଡି.ଏନ.ଏ.):** କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ନରସିଂହପୁର ବ୍ଲକ ଅନ୍ତର୍ଗତ ବାଲିସାହି ପଞ୍ଚାୟତ ନୂଆବାଲିଝରୀ ଗ୍ରାମରେ ପୁଣି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗ୍ରାମର ଭାଗୀ ପ୍ରତିହାରୀ(୪୦)। ଏହି ରୋଗରେ ଆକ୍ରାନ୍ତ ହୋଇ ସେ ଚିକିତ୍ସାଧୀନ ଥିଲେ।

## ସଂକ୍ଷେପରେ

### ଗୋଚର ଜମିରେ ଗୃହ ନିର୍ମାଣ ଅଭିଯୋଗ

**ସାଲେପୁର,୨୦।୧୨(ଡି.ଏନ.ଏ.):** ସାଲେପୁର ତହସିଲ ଅଧୀନ ରାମକୃଷ୍ଣପୁର ପଞ୍ଚାୟତ ଏଲମାପୁର ମଙ୍ଗଳାମନ୍ଦିର ନିକଟକୁ ଲାଗିଥିବା ରାସ୍ତାପାର୍ଶ୍ୱ ଗୋଚର ଜମିରେ ଗୃହ ନିର୍ମାଣ ଓ ପୋଖରୀ ଖନନ କରାଯାଉଛି। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇବା ସହ ତହସିଲଦାରଙ୍କ ନିକଟରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, କଟରପା ପଞ୍ଚାୟତ ଅଧୀନ ମହନାପୁର ଗ୍ରାମର ଜଣେ ବ୍ୟକ୍ତି ଉପରୋକ୍ତ ଗୋଚର ଜମିରେ ବଳପୂର୍ବକ ସ୍ଥାୟୀ ଗୃହ ନିର୍ମାଣ କରିଛନ୍ତି। ଗୃହ ନିର୍ମାଣ ଓ ପୋଖରୀ ଖନନ ଦ୍ୱାରା ଗୋଚାରଣ ଭୂମି ସଙ୍କୁଚିତ ହେବା ସହ ରାସ୍ତାରେ ଯାତାୟାତରେ ବାଧା ଉପୁଜୁଛି। ଲୋକେ ପ୍ରତିବାଦ କରିବାରୁ ସେମାନଙ୍କୁ ଜୀବନରୁ ମାରିଦେବା ପାଇଁ ସମ୍ପୃକ୍ତ ବ୍ୟକ୍ତି ଧମକ ଦେଉଛନ୍ତି। ତୁରନ୍ତ ତହସିଲ ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ଗ୍ରାମର ବସନ୍ତ ସେଠୀ, ରବୀନ୍ଦ୍ର କାଣ୍ଡି, ଗୋପନ କାଣ୍ଡି, ବାସୁଦେବ ବେହେରା, ଗଗନ ମହାରଣା, ତୁଳସୀ ବେହେରା, ରଞ୍ଜିତା ବେହେରା ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ସାଲେପୁର ଅତିରିକ୍ତ ତହସିଲଧାର ସମୀର ରଞ୍ଜନ ଦାସଙ୍କୁ ପଚାରିବାରେ ତୁରନ୍ତ ଏଦିଗରେ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

### ଏଟିଏମ ଭାଙ୍ଗିଲେ ଦୁର୍ବୃତ୍ତ

**ବାଙ୍କୀ,୨୦।୧୨(ସ୍ୱ.ପ୍ର.):** ବାଙ୍କୀ ଥାନା ଅନ୍ତର୍ଗତ ଜାତମୁଣ୍ଡିଆ ଛକରେ ଥିବା ଆକ୍ସିସ ବ୍ୟାଙ୍କ ଏଟିଏମ୍‌କୁ କେହି ଦୁର୍ବୃତ୍ତ ଗୁରୁବାର ବିଳମ୍ବିତ ରାତିରେ ଭାଙ୍ଗି ଦେଇଛନ୍ତି। ଖବର ପାଇ ବାଙ୍କୀ ଉପଖଣ୍ଡ ପୋଲିସ ଅଧିକାରୀ ପ୍ରସନ୍ନ ବିଶ୍ୱାଳ ଓ ଥାନା ଅଧିକାରୀ ସମୀର ପଣ୍ଡା ପହଞ୍ଚି ଶୁକ୍ରବାର ତଦନ୍ତ କରିଛନ୍ତି। ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ ଓ ସିସି ଟିଭି ଫୁଟେଜ ଯାଞ୍ଚ ପରେ ଘଟଣାର ପ୍ରକୃତ ତଥ୍ୟ ଜଣାପଡିବ ବୋଲି ସେମାନେ ପ୍ରକାଶ କରିଛନ୍ତି। ତେବେ ଏଟିଏମ୍ ଭଙ୍ଗା ଯାଇଥିଲେ ମଧ ଟଙ୍କା ଲୁଟ୍ ହୋଇ ନ ଥିବା ସୂଚନା ମିଳିଛି। ଜାତମୁଣ୍ଡିଆ ସୁବର୍ଣ୍ଣପୁର ସେତୁ ଉଦ୍‌ଘାଟନ ପରେ ପ୍ରତ୍ୟେହ ସେହି ସେତୁରେ ଶହଶହ ଯାନବାହାନ ଚଳାଚଳ କରୁଛି। ଏହା ସହିତ ବାଙ୍କୀ ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ଜାତମୁଣ୍ଡିଆଠାରେ ଦୋକାନମାନ ଖୋଲାଯାଇଥିବାରୁ ଲୋକଙ୍କ ଗହଳି ହେଉଛି। ତେଣୁ ଜାତମୁଣ୍ଡିଆ ଛକରେ ଏକ ପୋଲିସ ଆଉଟପୋଷ୍ଟ କିମ୍ବା ଫାଣ୍ଡି ଖୋଲାଯିବା ସହିତ ରାତିରେ ପାଟ୍ରୋଲିଂ ବ୍ୟବସ୍ଥା କରିବା ପାଇଁ ଦାବି ହୋଇଛି।

### ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ କାର୍ଯ୍ୟ ସମ୍ପର୍କରେ ସମୀକ୍ଷା

**ବାଙ୍କୀ,୨୦।୧୨(ସ୍ୱ.ପ୍ର.):** ବାଙ୍କୀ ଉପଖଣ୍ଡ ଡମପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ କାର୍ଯ୍ୟ ସମ୍ପର୍କରେ ଏକ ସମୀକ୍ଷା ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଡମପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ ଡା. ବିଶ୍ୱଜିତ୍ ପଣ୍ଡା ଉପସ୍ଥିତ ରହି ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ କାର୍ଯ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ଡାଟା ମ୍ୟାନେଜମେଣ୍ଟ୍ ଅଧିକାରୀ ଲୋକନାଥ ମହାପାତ୍ର, ଜିଲ୍ଲା ପ୍ରକଳ୍ପ ମ୍ୟାନେଜର ଦୀପକ ସ୍ୱାଇଁ, ଡମପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରକଳ୍ପ ଅଧିକାରୀ ଶାନ୍ତିଲତା ଦେଈ ପ୍ରମୁଖ ଯୋଗଦେଇ ବନ୍ଧ୍ୟାକରଣ, ଜାନୁୟାରୀ ୧୯ରେ ହେବାକୁ ଥିବା ପଲ୍ସ ପୋଲିଓ କାର୍ଯ୍ୟକ୍ରମ, ଟିକାକରଣ, ଏଏନଏମ୍‌ମାନଙ୍କ କାର୍ଯ୍ୟ ଶୈଳୀ ଉପରେ ସମୀକ୍ଷା କରିଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ୬ ସୁପରଭାଇଜର, ୩୬ ସ୍ୱାସ୍ଥ୍ୟକର୍ମୀ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ।

### କେନ୍ଦୁପାଟଣା ନିୟନ୍ତ୍ରିତ ବଜାର କମିଟି ସମ୍ପାଦକଙ୍କ ଯୋଗଦାନ

**ନିଶ୍ଚିନ୍ତକୋଇଲି,୨୦।୧୨(ସ୍ୱ.ପ୍ର.):** କେନ୍ଦୁପାଟଣା ନିୟନ୍ତ୍ରିତ ବଜାର କମିଟିର ନୂତନ ସମ୍ପାଦକଭାବେ ପ୍ରଦୀପ୍ତ କୁମାର ବେସନ ଶୁକ୍ରବାର ଯୋଗ ଦେଇଛନ୍ତି। ସମ୍ପାଦକ ପଦ ଖାଲି ପଡିଥିବାରୁ ଧାନ କିଣା ପାଇଁ ବିଳମ୍ବ ହେବା ସହ ଏଯାବତ୍ କୌଣସି ପ୍ରକ୍ରିୟା ଆରମ୍ଭ ହୋଇ ନ ଥିଲା। ସମ୍ପାଦକ ବେସନ ଯୋଗ ଦେବା ପରେ ଅଞ୍ଚଳର ଚାଷୀ କିପରି ଉଚିତ ମୂଲ୍ୟରେ ଧାନ ବିକିବେ ସେଥିପ୍ରତି ଧାନ ଦିଆଯିବ ବୋଲି ସେ ପ୍ରକାଶ କରିଥିଲେ। ଏହି ପଦ ଏକବର୍ଷରୁ ଉର୍ଦ୍ଧ୍ୱ ହେବ ଖାଲି ପଡିଥିଲା। ଏପରି କି ବଜାର କମିଟିର ବିଭିନ୍ନ କାର୍ଯ୍ୟ ଏକପ୍ରକାର ଠପ୍ ହୋଇଯାଇଥିବା ବେଳେ କର୍ମଚାରୀ ମଧ ବେତନ ପାଇବାରୁ ବଞ୍ଚିତ ହେଉଥିଲେ। ଏନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା।

### ଟିଗିରିଆ-ମାନପୁର-ହରିଠା ସମବାୟ ସମିତିରେ କାର୍ଯ୍ୟନିର୍ବାହୀ ଅଧିକାରୀ ନିଯୁକ୍ତି ଦାବି

# ବାଙ୍କୀ ସମବାୟ ସମିତି ସମ୍ମୁଖରେ ଚାଷୀଙ୍କ ଧାରଣା

**ବାଙ୍କୀ,୨୦।୧୨(ସ୍ୱ.ପ୍ର.)**



ବାଙ୍କୀ କେନ୍ଦ୍ର ସମବାୟ ସମିତି ସମ୍ମୁଖରେ ଚାଷୀ ଧାରଣା ଦେଇଛନ୍ତି।

**■ଅଧିକାରୀ ନ ଥିବାରୁ ବାଧାପ୍ରାପ୍ତ ହେଉଛି କାର୍ଯ୍ୟ**
**■ଶୀଘ୍ର ସମସ୍ୟାର ସମାଧାନ କରିବାକୁ ମିଳିଲା ପ୍ରତିଶ୍ରୁତି**

ଟିଗିରିଆ-ମାନପୁର-ହରିଠା ସେବା ସମବାୟ ସମିତିରେ କାର୍ଯ୍ୟନିର୍ବାହୀ ଅଧିକାରୀ ନିଯୁକ୍ତି ଦାବି ନେଇ ଶୁକ୍ରବାର ଶତାଧିକ ଚାଷୀ ବାଙ୍କୀ କେନ୍ଦ୍ର ସମବାୟ ସମିତି କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। ଏହି ସମବାୟ ସମିତି ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ଅଧୀନରେ ଯାଉଥିବାରୁ ଚାଷୀମାନେ ପୂର୍ବ ନିଷ୍ପତ୍ତି ଅନୁସାରେ ଧାରଣା ଦେଇଥିଲେ। ସେମାନଙ୍କ ଅଭିଯୋଗ ହେଲା, ଟିଗିରିଆ-ମାନପୁର-ହରିଠା ସମବାୟ ସମିତି କାର୍ଯ୍ୟନିର୍ବାହୀ ଅଧିକାରୀ ଶୂନ୍ୟାବସୀ ସ୍ୱାଇଁଙ୍କୁ ୨/୧୧/୧୯ରେ ନିଲମ୍ବିତ କରାଯାଇଛି। ହେଲେ ତାଙ୍କ ସ୍ଥାନରେ ଏପର୍ଯ୍ୟନ୍ତ ଅନ୍ୟ କାହାକୁ ଦାୟିତ୍ୱ ଦିଆଯାଇନାହିଁ। ଫଳରେ ସେ ଅଞ୍ଚଳର ଚାଷୀ ଓ ଜମାକାରୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରି କି ଅଞ୍ଚଳର ଚାଷୀ ବିଧାୟକ ଦେବୀ ପ୍ରସାଦ ମିଶ୍ର ଓ କଟକ ଡିଭିଜନର ଡିଆରସିଏସ୍‌ଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ। ପରେ କଟକ ଡିଆରସିଏସ୍‌ଙ୍କ ଚିଠି ନମ୍ବର ୨୧/୮୯ ଅନୁସାରେ ନିକଟସ୍ଥ ମାଣିଆବନ୍ଧ ଶାଖାର ଜଣେ କର୍ମଚାରୀ ଦାୟିତ୍ୱ ନେବା ପାଇଁ ଅବଗତ କରାଯାଇଥିଲା। ହେଲେ କୌଣସି କର୍ମଚାରୀ ଏ ପର୍ଯ୍ୟନ୍ତ ଯୋଗଦେଇ ନାହାନ୍ତି। ଫଳରେ ଏହି ମିନି ବ୍ୟାଙ୍କର ଋଣ ଦେଣନେଣ ଓ ଟଙ୍କା ଜମା କାର୍ଯ୍ୟ ବନ୍ଦ ହୋଇଯାଇଛି। ଯଦି ୧୮/୧୨/୧୯ ସୁଦ୍ଧା କୌଣସି କର୍ମଚାରୀ ଯୋଗ ନ ଦିଅନ୍ତି ତେବେ ୨୦ ତାରିଖରେ ସମସ୍ତ ଚାଷୀ ଓ ଜମାକାରୀ ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ମୁଖ୍ୟ ଶାଖା ସମ୍ମୁଖରେ ଧାରଣା ଦେବେ ବୋଲି ଚାଷୀ ବ୍ୟାଙ୍କ ସମ୍ପାଦକଙ୍କୁ ନୋଟିସ ଦେଇଥିଲେ। କିନ୍ତୁ ଚାଷୀଙ୍କ ଦାବିକୁ ବ୍ୟାଙ୍କ ସମ୍ପାଦକ କର୍ଣ୍ଣପାତ ନ କରିବାରୁ ୧ଶହରୁ ଉର୍ଦ୍ଧ୍ୱ ଚାଷୀ ଓ ଜମାକାରୀ ଧାରଣା ଦେଇ ପ୍ରତବାଦ କରିଥିଲେ। କେନ୍ଦ୍ର ସମବାୟ ବ୍ୟାଙ୍କର ୧୦୨ତମ ସାଧାରଣ ସଭା କରାଯାଉଥିବାରୁ ଚାଷୀଙ୍କ ଆନ୍ଦୋଳନ ଏକ ଅପ୍ରିତିକର ପରିସ୍ଥିତି ସୃଷ୍ଟି କରିଥିଲା। ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସୁବାସ ଚନ୍ଦ୍ର ପାଢୀ, କଟକ ଡିଭିଜନ ଡିଆରସିଏସ୍ ବାଙ୍କୀ ଓ ଆଠଗଡ଼ ଏଆରସିଏସ୍ ଘଟଣାସ୍ଥଳକୁ ଆସି ଚାଷୀଙ୍କ ସହିତ ସେମାନଙ୍କ ସମସ୍ୟ ସମ୍ପର୍କରେ ଆଲୋଚନା କରି ତୁରନ୍ତ ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଧାରଣାରେ ସେବା ସମବାୟ ସମିତି ସଭ୍ୟ ଓ ଜମାକାରୀ କୈଳାସ ଚନ୍ଦ୍ର ହୋତା, ଆନନ୍ଦ ବେହେରା, ବନମାଳି ବାରିକ, ବିଜୟ ରାଉତ, ଲକ୍ଷ୍ମୀଧର ରାଉତ, ରମେଶ ରଣା, ଶ୍ରୀଧର ସାହୁ, ସୁଧାକର ସାହୁ, ବିରଞ୍ଚି ଦଳଇ, ବିଭୂତି ଭୂଷଣ ସାହୁଙ୍କ ସମେତ ଶତାଧିକ ଚାଷୀ ଯୋଗ ଦେଇଥିଲେ।

## ପୂର୍ବ ଶତ୍ରୁତାରୁ ବୋମାମାଡ଼, ଜଣେ ଗୁରୁତର

**ଆଠଗଡ଼,୨୦।୧୨(ସ୍ୱ.ପ୍ର.)**

ପୂର୍ବ ଶତ୍ରୁତାରୁ ଆଠଗଡ଼ ଏନଏସି ୧୨ନଂ ୱାର୍ଡ ଅଧୀନ ବଉଳ ମଣ୍ଡପ ସାହିରେ ଗୁରୁବାର ରାତି ପ୍ରାୟ ୧୧ଟା୩୦ରେ ବୋମାମାଡ଼ ହୋଇଛି। ଏଥିରେ ବଉଳ ମଣ୍ଡପ ସାହିର ସ୍ୱର୍ଗତ ହୃଦାନନ୍ଦ ନାୟକଙ୍କ ପୁଅ ପ୍ରକାଶ (୫୦) ଗୁରୁତର ହୋଇଛନ୍ତି। ତାଙ୍କୁ ପ୍ରଥମେ ଆଠଗଡ଼ ଡାକ୍ତରଖାନା ଓ ପରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ପ୍ରକାଶଙ୍କ ପେଟ, ଜଙ୍ଘ, ଗୋଡ ସମେତ ଶରୀରର ଅନ୍ୟ ସ୍ଥାନରେ ଗଭୀର କ୍ଷତ ସୃଷ୍ଟି ହୋଇଛି।

ସୂଚନା ଅନୁସାରେ, ପ୍ରକାଶଙ୍କ ସହ ତାଙ୍କ ସମ୍ପର୍କୀୟ ଭାଇ ସଞ୍ଜୟ ନାୟକ ଓରଫ ଜିତୁଙ୍କ ମଧ୍ୟରେ ପୂର୍ବରୁ ଶତ୍ରୁତା ରହିଥିଲା। ଘଟଣା ଦିନ ଜିତୁ ପ୍ରକାଶଙ୍କ ଘର ଆଗରେ ଠିଆହୋଇ ଗାଳି ଗୁଲଜ କରିଥିଲେ। ପ୍ରକାଶ ଓ ପରିବାର ଲୋକେ କାହିଁକି ଗାଳି କରୁଛ ବୋଲି ପଚାରିବାରେ ଉତ୍କ୍ଷିପ୍ତ ହୋଇ ପ୍ରକାଶ ୩ଟି ହାତ ବୋମା ଫିଙ୍ଗିଥିଲେ। ସେହିପରି ସଞ୍ଜୟ ସେପ୍ଟେମ୍ବର ୨୫ତାରିଖ ବିଳମ୍ବିତ ରାତିରେ ନିଜ ସମ୍ପର୍କୀୟ ଭାଇ ଧ୍ରୁତିନାଥ ଓ ଦିନାନାଥଙ୍କୁ ଖଣ୍ଡାରେ ଆକ୍ରମଣ କରିଥିଲେ। ସେତେବେଳେ ଆଠଗଡ଼ ପୋଲିସ ଅଭିଯୋଗ ଅନୁସାରେ ମାମାଲା ନଂ-୨୩୭/୧୯ରୁଜୁ କରି ସଞ୍ଜୟଙ୍କୁ ଗିରଫ କରିଥିଲା। ପ୍ରାୟ ୨୦ଦିନ ଜେଲରେ ରହିବା ପରେ ସେ ଜାମିନରେ ମୁକୁଳି ଥିଲେ। ସଞ୍ଜୟ ସବୁବେଳେ ଗଣ୍ଡଗୋଳ ଓ ଆକ୍ରମଣ କରିଥାନ୍ତି ବୋଲି କନ୍ତୋଲ ଅଞ୍ଚଳର କେତେଜଣ ଲୋକ ଅଭିଯୋଗ କରିଛନ୍ତି। ବୋମାମାଡ଼ ସମ୍ପର୍କରେ ପ୍ରକାଶଙ୍କ ସାନ ଭାଇ ପ୍ରଭାସ ଆଠଗଡ଼ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ମାମଲା ନଂ-୩୨୪/୧୯ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସଞ୍ଜୟ ଫେରାର ଥିବାରୁ ପୋଲିସ ତାଙ୍କୁ ଧରିବା ପାଇଁ ଉଦ୍ୟମ ଜାରି ରଖିଥିବା ଆଇଆଇସି ଜ୍ଞାନରଞ୍ଜନ ମିଶ୍ର ସୂଚନା ଦେଇଛନ୍ତି।

### ଯୁବକଙ୍କ ଗାଡ଼ିକୁ ଗୁଳିମାଡ଼ ଘଟଣା

## ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଅନଶନ



ଥାନା ସମ୍ମୁଖରେ ଅଭିଯୋଗକାରୀଙ୍କ ପରିବାର ଅନଶନରେ ବସିଛନ୍ତି।

**ମାହାଙ୍ଗା,୨୦।୧୨(ସ୍ୱ.ପ୍ର.)**

ମାହାଙ୍ଗା ଥାନା ଭଦ୍ରେଶ୍ୱର ଫାଣ୍ଡି ଅଧୀନ ଝାଡ଼େଶ୍ୱରପୁର ଗ୍ରାମର ଜ୍ୟୋତି ସମ୍ରାଟ ପ୍ରହରାଜଙ୍କ ଗାଡ଼ିକୁ ନଭେମ୍ବର ୨୮ରେ ଗୁଳିମାଡ କରାଯାଇଥିଲା। ଏଥିରେ ଗାଡିରେ ଥିବା ଜ୍ୟୋତିସମ୍ରାଟ ଓ ତାଙ୍କର ଜଣେ ସାଙ୍ଗ ଅଳ୍ପକେ ବର୍ତ୍ତି ଯାଇଥିଲେ। ପରେ ଏନେଇ ଥାନାରେ ଅଭିଯୋଗ କରାଯାଇଥିଲା। ଥାନା ପକ୍ଷରୁ ମାମଲା ରୁଜୁ କରାଯାଇଥିବାବେଳେ ଏଥିରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ଆଜି ପର୍ଯ୍ୟନ୍ତ ଗିରଫ କରାଯାଇନାହିଁ। ଯଦ୍ୱାରା ଜ୍ୟୋତିସମ୍ରାଟଙ୍କ ପରିବାର ଭୟଭୀତ ଅବସ୍ଥାରେ ଅଛନ୍ତି। ସେମାନଙ୍କ ଜୀବନ ପ୍ରତି ବିପଦ ଥିବାରୁ ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଜ୍ୟୋତିସମ୍ରାଟଙ୍କ ମା'ଭାଗ୍ୟଲତା ପ୍ରହରାଜ ଓ ତାଙ୍କ ସ୍ତ୍ରୀ ଶୁକ୍ରବାର ମାହାଙ୍ଗା ଥାନା ସମ୍ମୁଖରେ ଅନଶନରେ ବସିଥିଲେ। ଖବର ପାଇ ସାଲେପୁର ଏସଡିପିଓ ନିମାଇଁ ଚରଣ ସେଠୀ ଓ ମାହାଙ୍ଗା ଥାନା ଆଇଆଇସି ରଞ୍ଜନ ପ୍ରଧାନ ପହଞ୍ଚି ଅନଶନକାରୀଙ୍କୁ ବୁଝାଶୁଝା କରିବା ସହ ତୁରନ୍ତ ଗୁଳିକାଣ୍ଡରେ ଜଡ଼ିତ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଅନଶନ ପ୍ରତ୍ୟାହୃତ ହୋଇଥିଲା।

### ଜିଲ୍ଲା ଶିକ୍ଷାଧିକାରୀଙ୍କ ବିଭିନ୍ନ ବିଦ୍ୟାଳୟ ପରିଦର୍ଶନ

## ୟୁନିଫର୍ମ ପିନ୍ଧି ନ ଥିବା ଶିକ୍ଷକଙ୍କ ଦରମା ବନ୍ଦ ନିର୍ଦ୍ଦେଶ



ଜିଲ୍ଲା ଶିକ୍ଷାଧିକାରୀ ଏକ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ସୁବିଧା ଅସୁବିଧା ସମ୍ପର୍କରେ ପଚାରି ବୁଝୁଛନ୍ତି।

**ନିଶ୍ଚିନ୍ତକୋଇଲି,୨୦।୧୨(ସ୍ୱ.ପ୍ର.)**

କଟକ ଜିଲ୍ଲା ଶିକ୍ଷାଧିକାରୀ ନିରଞ୍ଜନ ବେହେରା ଶୁକ୍ରବାର ନିଶ୍ଚିନ୍ତକୋଇଲି ଶିକ୍ଷାମଣ୍ଡଳର ବିଭିନ୍ନ ବିଦ୍ୟାଳୟ ପରିଦର୍ଶନରେ ଆସିଥିଲେ। ସେ ପୂର୍ବାହ୍ନରେ ନିଶ୍ଚିନ୍ତକୋଇଲି ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ପରେ ବ୍ଲକ ଶିକ୍ଷାଧିକାରୀ ମନୋରଞ୍ଜନ ବାରିକ ଓ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଲକ୍ଷ୍ମଣ ଲେଙ୍କାଙ୍କ ସହ ପ୍ରଥମେ ବାଲିଆପଦା ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟ ପରିଦର୍ଶନରେ ଯାଇଥିଲେ। ପରିଦର୍ଶନ ସମୟରେ ପ୍ରାଥମିକ ବିଦ୍ୟାଳୟ ଶ୍ରେଣୀ କକ୍ଷ ଓ ବିଦ୍ୟାଳୟ ପରିସର ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇଥିବା ଦେଖି ଅସନ୍ତୋଷ ବ୍ୟକ୍ତ କରିବା ସହ ଏ ଦିଗରେ ଧ୍ୟାନ ଦେବାକୁ ପ୍ରଧାନଶିକ୍ଷକଙ୍କୁ ତାଗିଦ୍ କରିଥିଲେ। ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିବା ସମୟରେ ଶିକ୍ଷକ ଅଜୟ ଜେନା ୟୁନିଫର୍ମ ପିନ୍ଧି ନ ଥିବାରୁ ତାଙ୍କ ଦରମା ବନ୍ଦ କରିବା ପାଇଁ ବ୍ଲକ ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଜିଲ୍ଲା ଶିକ୍ଷାଧିକାରୀ ଜିଗ୍ନିପୁର ପଞ୍ଚାୟତ ପାଟପାରି ବିଦ୍ୟାଳୟକୁ ଯାଇଥିଲେ। ସେଠାରେ ପିଲାଙ୍କ ସହ ମଧ୍ୟାହ୍ନଭୋଜନ ଖାଇ ଖାଦ୍ୟର ଗୁଣବତା ପରଖିଥିଲେ। ବିଦ୍ୟାଳୟ ପରିଦର୍ଶନ ସମୟରେ ବିଭିନ୍ନ ବିଦ୍ୟାଳୟର ଶିକ୍ଷାଦାନ ବ୍ୟବସ୍ଥା, ଶୈକ୍ଷିକ ବାତାବରଣ, ଛାତ୍ର, ଶିକ୍ଷକ ମଧ୍ୟରେ ସୁସମ୍ପର୍କ ସ୍ଥାପନ କରି ଭୟମୁକ୍ତଭାବେ ପିଲାଙ୍କୁ କିପରି ଉନ୍ନତମାନର ଶିକ୍ଷା ପ୍ରଦାନ କରାଯିବ ସେ ନେଇ ଆଲୋଚନା କରିଥିଲେ।

## କାର୍ ଦୁର୍ଘଟଣାରେ ଜଣେ ଗୁରୁତର

**ନରସିଂହପୁର,୨୦।୧୨(ଡି.ଏନ.ଏ.)**

କାନପୁର ଥାନା ଅନ୍ତର୍ଗତ ସାଗର ମୁଖ୍ୟ ରାସ୍ତାରେ ଶୁକ୍ରବାର ଏକ କାର ଦୁର୍ଘଟଣା ଘଟି ଜଣେ ଗୁରୁତର ହୋଇଛନ୍ତି। ଅନ୍ୟ ୩ଜଣ ଘଟଣାସ୍ଥଳରୁ ଫେରାର ହୋଇ ଯାଇଛନ୍ତି। କାର୍‌ଟି ଓଲବ ଗ୍ରାମର ବିପିନ ପ୍ରଧାନଙ୍କ ସହିତ ଅନ୍ୟ ୩ ଜଣଙ୍କୁ ନେଇ ଅନୁଗୋଳ ଯାଉଥିଲା। ତେବେ ହଠାତ୍ କାର୍ ସାଗର ରାସ୍ତାରୁ ମୁଖ୍ୟ ରାସ୍ତାକୁଯାଉଥିବା ବେଳେ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଫଳରେ କାର୍‌ରେ ଥିବା ବିପିନ ଗୁରୁତର ହୋଇଥିଲେ। ତାଙ୍କୁ କାନପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। କାନପୁର ପୋଲିସ ପହଞ୍ଚି ଘଟଣାର ତଦନ୍ତ ଚଳାଇଛନ୍ତି।

## ସାଲେପୁର ପୋଲିସ ଦ୍ୱାରା ୩ ନାବାଳିକା ଉଦ୍ଧାର

**ସାଲେପୁର,୨୦।୧୨(ଡି.ଏନ.ଏ.):** ସାଲେପୁର ଥାନା ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୩ଜଣ ନାବାଳିକାଙ୍କୁ ଉଦ୍ଧାର କରିଛି। ସେମାନେ ନିଖୋଜ ହୋଇ ଯାଇଥିବା ନେଇ ଅଭିଯୋଗ ହୋଇଥିଲା। ଗତ ୯ତାରିଖ ଦିନ ପିକୋଳ ପଞ୍ଚାୟତ ସାଇଁପଡ଼ା ଗ୍ରାମର ଜଣେ ନାବାଳିକା ନିଖୋଜ ହୋଇଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଥିଲା। ପୋଲିସ ମାମଲା ନଂ. ୩୫୬/୧୯ ରୁଜୁ କରି ତଦନ୍ତ ଚଳାଇଥିଲା। କୌଣସି ସୂତ୍ରରୁ ଖବର ପାଇ ପୋଲିସ୍ ନାବାଳିକାକୁ କଟକ ଷ୍ଟେସନ୍‌ରୁ ଉଦ୍ଧାର କରିଥିଲା। ସେହିପରି ପିକୋଳ ପଞ୍ଚାୟତ ଚମାରିଗୋଳ ଗ୍ରାମର ଜଣେ ନାବାଳିକା ଗତ ୧୬ତାରିଖ ଦିନ ନିଖୋଜ ହୋଇଥିବା ଅଭିଯୋଗ ହୋଇଥିଲା। ପୋଲିସ୍ ମାମଲା ନଂ. ୩୬୯/୧୯ ରୁଜୁକରି ତଦନ୍ତ ଚଳାଇଥିଲା। ସମ୍ପୃକ୍ତ ନାବାଳିକାଙ୍କୁ ତିର୍ତ୍ତୋଲ ଥାନା ଅଧୀନ ମୁନସିଂହରୁ ଉଦ୍ଧାର କରିବା ସହ ଘଟଣାର ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେହିପରି ଶିଶୁଆ ଗ୍ରାମର ଜଣେ ନାବାଳିକା ନିଖୋଜ ହୋଇଥିବା ଗୁରୁବାର ଅଭିଯୋଗ ହୋଇଥିଲା। ପୋଲିସ ମାମଲା ନଂ-୩୭୩/୧୯ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଉକ୍ତ ନାବାଳିକାଙ୍କୁ ପୋଲିସ ବାଲିଚନ୍ଦ୍ରପୁର ଥାନା ଅଧୀନ ଜନକ ବାଲିକୁଦା ଅଞ୍ଚଳରୁ ଉଦ୍ଧାର କରିଛି। ଉଦ୍ଧାର ନାବାଳିକାଙ୍କୁ ଶନିବାର ପୋଲିସ କୋର୍ଟରେ ହଜାର କରିବ ବୋଲି ସୂଚନା ମିଳିଛି।

# ନିଯୁକ୍ତିଭିତ୍ତିକ ପରାମର୍ଶ ଶିବିର

**ବଡ଼ମ୍ବା,୨୦।୧୨(ଡି.ଏନ.ଏ.)**

ବଡ଼ମ୍ବା ବ୍ଲକ କାର୍ଯ୍ୟାଳୟ ପରିସରରେ ବ୍ଲକସ୍ତରୀୟ ନିଯୁକ୍ତିଭିତ୍ତିକ ପରାମର୍ଶ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଛି। ବ୍ଲକ ଅଧକ୍ଷା ଅନୁସୟା ନାଏକ, ଉପାଧ୍ୟକ୍ଷ ସଦାନନ୍ଦ ସ୍ୱାଇଁ, ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ଭରତ ବେହେରା, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା କଟକରୁ ଆସିଥିବା ଓରମାସର ଅଧିକାରୀ ଉପସ୍ଥିତ ଥିଲେ। ୧୩ କର୍ମ ନିଯୁକ୍ତି ସଂସ୍ଥା ଜରିଆରେ ଉପସ୍ଥିତ ୬୧୨ ଯୁବତୀଯୁବକଙ୍କ ମଧ୍ୟରୁ ୫୦୭ ଜଣଙ୍କୁ ଚୟନ କରାଯାଇଥିଲା। ଶିବିରକୁ ଜୀବିକା ମିଶନ ବ୍ଲକ ପ୍ରକଳ୍ପ ପରିଚାଳିକା ମୋନାଲିସା ତ୍ରିପାଠୀଙ୍କ ସମେତ ଅନ୍ୟ କର୍ମଚାରୀ ପରିଚାଳନା କରିଥିଲେ। ବ୍ଲକର ସମସ୍ତ ଅଧିକାରୀ ଓ ଗ୍ରାମପଞ୍ଚାୟତ ମହାସଂଘ କର୍ମଚାରୀଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

### ବଣଭୋଜିରେ ଖାଦ୍ୟଖାଇ ଛାତ୍ରୀଛାତ୍ର ଅସୁସ୍ଥ ଘଟଣା

## ଚିକିତ୍ସା ପରେ ପୁଣି ୯୫ ଅସୁସ୍ଥ

**ଖୁଣ୍ଟୁଣୀ,୨୦।୧୨(ଡି.ଏନ୍.ଏ.)**

ବଣଭୋଜିରେ ଖାଦ୍ୟଖାଇ ଅସୁସ୍ଥ ହୋଇଥିବା ଖୁଣ୍ଟୁଣୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରେ ଲାଗିଛି। ଗୁରୁବାର ଖୁଣ୍ଟୁଣୀ ଡାକ୍ତରଖାନାରେ ଚିକିତ୍ସା ପରେ ଘରକୁ ଫେରିଥିବା ଶତାଧିକ ଛାତ୍ରୀଛାତ୍ର ପୁଣିଥରେ ଅସୁସ୍ଥ ହୋଇପଡ଼ିଛନ୍ତି। ସେମାନଙ୍କୁ ଶୁକ୍ରବାର ପୁନଃ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଅନ୍ୟପଟେ ସ୍ୱାସ୍ଥ୍ୟ ବିଭାଗ ଏହି ଘଟଣାକୁ ଗୁରୁତ୍ୱ ଦେଇଛି। ବିଭାଗର ତିନିଜଣିଆ ଟିମ୍ ଡାକ୍ତରଖାନାରେ ପହଞ୍ଚି ସ୍ଥିତି ପରଖିଛନ୍ତି। ବଣଭୋଜି ଭୁବନେଶ୍ୱରରେ ହୋଇଥିଲା। ଗୁରୁବାର ସକାଳେ ହଠାତ୍ ଶତାଧିକ ଛାତ୍ରୀଛାତ୍ର ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ପ୍ରଥମେ ଖୁଣ୍ଟୁଣୀ ପରେ ଆଠଗଡ଼ ଓ ମାଧପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଖୁଣ୍ଟୁଣୀରେ ଚିକିତ୍ସା ପରେ ଘରକୁ ଫେରିଥିବା ଶତାଧିକ ଛାତ୍ରୀଛାତ୍ର ପୁଣି ଥରେ ଅସୁସ୍ଥ ଅନୁଭବ କରିବାରୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଡା. ଦିଲୀପ ଦାସ, ଡା. ତୁଷାର ବାରିକଙ୍କ ସମେତ ୩୦ରୁ ଉର୍ଦ୍ଧ୍ୱ ସ୍ୱାସ୍ଥ୍ୟ କର୍ମୀ ଚିକିତ୍ସାରେ ନିୟୋଜିତ ହୋଇଛନ୍ତି। ୧୬ଜଣଙ୍କୁ ଖୁଣ୍ଟୁଣୀରେ ଚିକିତ୍ସା କରାଯାଉଛି। ସେମାନଙ୍କ ମଧ୍ୟରୁ ୬ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ଆଠଗଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟମାନଙ୍କୁ ପ୍ରାଥମିକ ଚିକିତ୍ସା ପରେ ଘରକୁ ଫେରାଇ ଦିଆଯାଇଛି। ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଆଠଗଡ଼ ଡାକ୍ତରଖାନାରେ ପହଞ୍ଚି ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ଭାଜପା ନେତା ବ୍ରଜେନ୍ଦ୍ର ରାୟ ଖୁଣ୍ଟୁଣୀ ଏବଂ ଆଠଗଡ଼ ଡାକ୍ତରଖାନାକୁ ଯାଇ ଛାତ୍ରୀଛାତ୍ର ଏବଂ ଅଭିଭାବକଙ୍କ ସହ କଥା ହୋଇଥିଲେ। ଛାତ୍ରୀଛାତ୍ରଙ୍କ ଚିକିତ୍ସା ପାଇଁ ୨୪ଘଣ୍ଟା ଡାକ୍ତରଖାନା ଖୋଲା ରଖିବାକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସତ୍ୟବ୍ରତ ଛୋଟରାୟ ନିର୍ଦ୍ଦେଶ ଦେଇଛନ୍ତି।

### ୨ୟ ଅକ୍ଷୟ ମଲ୍ଲିକ ସ୍ମାରକୀ ରାଜ୍ୟସ୍ତରୀୟ ଫୁଟବଲ

# ସେମିରେ ସ୍ୱସ୍ତିକ କ୍ଲବ ପାରାଦୀପ

**ଟିଗିରିଆ,୨୦।୧୨(ଡି.ଏନ.ଏ.)**



ଅତିଥିଙ୍କ ଗହଣରେ ଉପସ୍ଥିତ ଉଭୟ ଦଳର ଖେଳାଳି।

ଟିଗିରିଆ ବ୍ଲକ ଅଧୀନ ପାଞ୍ଚଗାଁ ମିନି ଷ୍ଟାଡିୟମଠାରେ ଦିବ୍ୟଜ୍ୟୋତି ଆସୋସିଏଶନ ଦ୍ୱାରା ଆୟୋଜିତ ୨ୟ ଅକ୍ଷୟ ମଲ୍ଲିକ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ମ୍ୟାଚରେ ସୋରେନ୍ ବ୍ରଦର୍ସ କ୍ଲବ ମୟୂରଭଞ୍ଜକୁ ୮-୦ ଗୋଲରେ ପରାସ୍ତ କରି ସ୍ୱସ୍ତିକ କ୍ଲବ ପାରାଦୀପ ୧ମ ଦଳ ଭାବେ ସେମି ଫାଇନାଲରେ ପ୍ରବେଶ କରିଛି। ମ୍ୟାଚ ପ୍ରାରମ୍ଭରୁ ସ୍ୱସ୍ତିକ କ୍ଲବ ଏକତରଫା ଭାବେ ନିଜର ପ୍ରାଧାନ୍ୟ ବିସ୍ତାର କରିଥିଲା। ଦଳ ପ୍ରଥମାର୍ଦ୍ଧରେ ୪ ଓ ଦ୍ୱିତୀୟାର୍ଦ୍ଧରେ ୪ଟି ଗୋଲ ଯଥା ପ୍ରଥମାର୍ଦ୍ଧର ୧୫ ଓ ୧୬ମିନିଟରେ ଦଳର ନଂ-୬ ଖେଳାଳି ବାଦଲ ଭୋଇ ୨ଟି ଗୋଲ ସ୍କୋର କରିଥିବା ବେଳେ ପ୍ରଥମାର୍ଦ୍ଧର ୨୧/୨୨ ଓ ଦ୍ୱିତୀୟାର୍ଦ୍ଧର ୧୭/୨୪ ଓ ୨୬ମିନିଟରେ ନଂ-୮ ଖେଳାଳି ସୁଶାନ୍ତ କୁମାର ପ୍ରଧାନ ୫ଟି ଗୋଲ ସ୍କୋର କରିଥିଲେ। ଦ୍ୱିତୀୟାର୍ଦ୍ଧର ୪ମିନିଟରେ ନଂ-୯ଖେଳାଳି ଜୟନ୍ତ ବେହେରା ଏକମାତ୍ର ଗୋଲ ସ୍କୋର କରି ଦଳକୁ ୮-୦ ବ୍ୟବଧାନରେ ବିଜୟୀ କରି ସେମିଫାଇନାଲରେ ପ୍ରବେଶ କରାଇଥିଲେ। ଖେଳକୁ ମୁଖ୍ୟ ଅତିଥିଭାବେ ଟିଗିରିଆ ତହସିଲଦାର ପରେଶ ନାୟକ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ରଘୁନାଥ ଦାଶ, ବ୍ଲକ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ କନିଷ୍ଠ ଯନ୍ତ୍ରୀ ତେଜମଣି ଭୋଇ, ଏସଇଓ ଗଙ୍ଗାଧର ବେହେରା ଓ ସାମାଜିକ କର୍ମୀ ସଞ୍ଜୟ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ। ଖେଳକୁ ରେଫରି ସଞ୍ଜିବ ଦାଶ ପରିଚାଳନା କରିଥିବା ବେଳେ ତାଙ୍କୁ ଲାଇନରେ ଅନିଲ ନନ୍ଦ ଓ ରଜାକ୍ ଖାଁ ସହଯୋଗ କରିଥିଲେ। ୪ର୍ଥ ରେଫରି ରୂପେ ପ୍ରତାପ ଚନ୍ଦ୍ର ଦାଶ ଦାୟିତ୍ୱ ନିର୍ବାହ କରିଥିଲେ। ଶନିବାର ୨ୟ କ୍ୱାର୍ଟର ଫାଇନାଲ ମ୍ୟାଚ ଜୟଦୁର୍ଗା କ୍ଲବ(ଖୋର୍ଦ୍ଧା) ସହିତ ବଳରାଜ କ୍ଲବ (ଭଞ୍ଜନଗର) ମଧ୍ୟରେ ଅନୁଷ୍ଠିତ ହେବ।



ଜ୍ଞାନଠାରୁ କଳ୍ପନା ଶକ୍ତିର ଗୁରୁତ୍ୱ ଅଧିକ ବୋଲି ସବୁବେଳେ ମନେ ରଖିବା ଉଚିତ୍।

- ଆଇନଷ୍ଟାଇନ୍



## ସଂକ୍ଷେପରେ

### ମଜୁରି ପାଇଁ ବିଧାୟକଙ୍କୁ ନିବେଦନ

**କଟକ ସଦର,୨୦।୧୨(ଡି.ଏନ୍.ଏ.):** ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ ରୋଜଗାର ଯୋଜନାରେ କାର୍ଯ୍ୟ କରିଥିବା ଶ୍ରମିକଙ୍କୁ ଠିକ୍ ସମୟରେ ମଜୁରି ମିଳି ନ ଥିବା ନେଇ କେତେଜଣ ଶ୍ରମିକ ଗୁରୁବାର କଟକ ସଦର ବିଧାୟକ ଚନ୍ଦ୍ରସାରଥି ବେହେରାଙ୍କ ନିକଟରେ ଅଭିଯୋଗ କରଛନ୍ତି। ଏହା ସହିତ ଅଙ୍ଗନୱାଡି ଗୃହ, ପ୍ରଧାନମନ୍ତ୍ରୀ ଆବାସ ସମେତ ଅନ୍ୟ ଯୋଜନାରେ ଚାଲିଥିବା କାର୍ଯ୍ୟର ବିଲ୍ ପୈଠ ଶୀଘ୍ର କରିବା ପାଇଁ ଦାବି କରିଥିଲେ। ବିଲ୍ ନ ଦେଲେ ମଜୁରି ଅର୍ଥ ପୈଠ ହୋଇପାରିବ ନାହିଁ। ୨୦୧୮ ଜୁନ ଠାରୁ ବ୍ଲକର ସମସ୍ତ କାମ ବିଭାଗୀୟ ତତ୍ତ୍ୱାବଧାନରେ କରାଯିବା ନିୟମ କରାଯାଇଛି। ଉକ୍ତ ମାସରୁ ବିଲ୍ ଠିକ୍ ସମୟରେ ପୈଠ ହେଉ ନ ଥିବା କୋରପଦାର କେତେଜଣ ବ୍ୟକ୍ତି ବିଧାୟକଙ୍କୁ କହିଥିଲେ। ମଜୁରି ନ ମିଳିବା ଫଳରେ ଶ୍ରମିକମାନେ ହତାଶ ହୋଇପଡିଛନ୍ତି। ବ୍ଲକର ବିଭିନ୍ନ ଯୋଜନାରେ ପ୍ରାୟ ସାଢେ ୪୦କୋଟି ଟଙ୍କାର କାର୍ଯ୍ୟ ଶେଷ ହୋଇଥିଲେ ମଧ ବିଲ୍ ପୈଠ କରାଯାଇ ନ ଥିବା ଜଣାପଡିଛି। ଏହା ଉପରେ ଗୁରୁତ୍ୱ ଦେବେ ବୋଲି ବିଧାୟକ ବେହେରା କହିଥିଲେ।

### ଆଇନଜୀବୀ ବିଶ୍ୱେଶ୍ୱର ମିଶ୍ରଙ୍କ ସ୍ମୃତିସଭା

**କଟକ ଅଫିସ, ୨୦।୧୨:** ହାଇକୋର୍ଟ ବାର୍ ଆସୋସିଏଶନ କନ୍ଭେନ୍ଶନ ହଲ୍‌ରେ ଆଇନଜୀବୀ ବିଶ୍ୱେଶ୍ୱର ମିଶ୍ରଙ୍କର ଅଷ୍ଟମ ଶ୍ରାଦ୍ଧବାର୍ଷିକୀ ଅବସରରେ ଗୁରୁବାର ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଆଇନଜୀବୀ ଏନ୍.ସି. ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ହାଇକୋର୍ଟ ବିଚାରପତି ଡ. ବି. ଆର୍. ଷଡଙ୍ଗୀ, ରେଭେନ୍ସା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଦେବଦାସ ଛୋଟରାୟ, ଆଡଭୋକେଟ ଜେନେରାଲ ଅଶୋକ କୁମାର ପରିଜା, ହାଇକୋର୍ଟ ବାର୍ ଆସୋସିଏଶନ ସଭାପତି ଗୋପାଳକୃଷ୍ଣ ମହାନ୍ତିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି, ହାଇକୋର୍ଟ ଓ ଓଡ଼ିଶାର ବିଭିନ୍ନ ଅଞ୍ଚଳର ପ୍ରମୁଖ ଆଇନଜୀବୀ, ସ୍ୱର୍ଗତ ମିଶ୍ରଙ୍କ ପରିବାରବର୍ଗ ଯୋଗଦେଇଥିଲେ। ଏହି ଅବସରରେ ବରିଷ୍ଠ ଆଇନଜୀବୀ ଜଗନ୍ନାଥ ପଟ୍ଟନାୟକ, ଜି.ଏ.ଆର୍. ଡୋରା ଏବଂ ରମାକାନ୍ତ ମହାନ୍ତିଙ୍କୁ ସମ୍ମାନିତ କରାଯାଇଥିଲା। ଏଥିସହ ୬ ଜଣ ଯୁବ ପ୍ରତିଭା ସମ୍ପନ୍ନ ଓକିଲଙ୍କୁ ଆଇନ ପୁସ୍ତକ ପ୍ରଦାନ କରାଯାଇଛି। ଆଇନଜୀବୀ ନିତ୍ୟାନନ୍ଦ ବେହୁରିଆ ସଭା ପରିଚାଳନା ଓ ହାଇକୋର୍ଟ ବାର୍ ଆସୋସିଏଶନ ସମ୍ପାଦକ ସଞ୍ଜୟ ଦାସ ଧନ୍ୟବାଦ ଦେଇଥିଲେ।

### କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ବିଡିଓଙ୍କୁ ସମ୍ବର୍ଦ୍ଧନା

**କଣ୍ଟାପଡ଼ା,୨୦।୧୨(ଡି.ଏନ୍.ଏ.):** ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ ରୋଜଗାର ଯୋଜନାର ସୁପରିଚାଳନା ସହ ଶ୍ରମିକଙ୍କୁ ନିର୍ଦ୍ଧାରିତ ସମୟରେ ପ୍ରାପ୍ୟ ପ୍ରଦାନ କରିବାରେ ଦକ୍ଷତା ଦେଖାଇଥିବା କଣ୍ଟାପଡା ବ୍ଲକ ବିଡିଓ କେ ଅଶୋକ କୁମାରଙ୍କୁ କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ପକ୍ଷରୁ ଗୁରୁବାର ନୂଆଦିଲ୍ଲୀଠାରେ ୨୦୧୮-୧୯ ବର୍ଷ ପାଇଁ ସମ୍ବର୍ଦ୍ଧିତ କରାଯାଇଛି। ଏହି ଅବସରରେ ନୂଆଦିଲ୍ଲୀସ୍ଥିତ ପୁସା ସୁବ୍ରମନ୍ୟମ ସ୍ୱାମୀ ହଲରେ ଆୟୋଜିତ କାର୍ଯ୍ୟକ୍ରମରେ କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର ଓ ବିଭାଗୀୟ କେନ୍ଦ୍ର ସଚିବ ଅମରଜିତ ସିହ୍ନା ଉପସ୍ଥିତ ରହି ବିଡିଓ କୁମାରଙ୍କୁ ମାନପତ୍ର ଓ ଟ୍ରଫି ଦେଇ ସମ୍ବର୍ଦ୍ଧିତ କରିଥିଲେ।

### ଅଭିଯୁକ୍ତଙ୍କ ଗିରଫ ଦାବିରେ ପରିବାରର ଅନଶନ

**ମାହାଙ୍ଗା,୨୦।୧୨(ସ୍ୱ.ପ୍ର.):** ମାହାଙ୍ଗା ଥାନା ଭଦ୍ରେଶ୍ୱର ଫାଣ୍ଡି ଅଧୀନ ଝାଡ଼େଶ୍ୱରପୁର ଗ୍ରାମର ଜ୍ୟୋତି ସମ୍ରାଟ ପ୍ରହରାଜଙ୍କ ଗାଡ଼ିକୁ ନଭେମ୍ବର ୨୮ରେ ଗୁଳିମାଡ କରାଯାଇଥିଲା। ଏଥିରେ ଗାଡିରେ ଥିବା ଜ୍ୟୋତିସମ୍ରାଟ ଓ ତାଙ୍କର ଜଣେ ସାଙ୍ଗ ଅଳ୍ପକେ ବର୍ତ୍ତି ଯାଇଥିଲେ। ପରେ ଏନେଇ ଥାନାରେ ମାମଲା ରୁଜୁ କରାଯାଇଥିଲେ ମଧ ଅଭିଯୁକ୍ତଙ୍କୁ ଗିରଫ କରାଯାଇନାହିଁ। ଅଭିଯୁକ୍ତଙ୍କ ଗିରଫ ଦାବିରେ ଜ୍ୟୋତିସମ୍ରାଟଙ୍କ ମା'ଭାଗ୍ୟଲତା ଓ ତାଙ୍କ ସ୍ତ୍ରୀ ଶୁକ୍ରବାର ମାହାଙ୍ଗା ଥାନା ସମ୍ମୁଖରେ ଅନଶନରେ ବସିଥିଲେ। ସାଲେପୁର ଏସଡିପିଓ ନିମାଇଁ ଚରଣ ସେଠୀ ଓ ଆଇଆଇସି ରଞ୍ଜନ ପ୍ରଧାନ ପହଞ୍ଚି ଅନଶନକାରୀଙ୍କୁ ବୁଝାଶୁଝା କରିବା ପରେ ଅନଶନ ପ୍ରତ୍ୟାହୃତ ହୋଇଥିଲା ।

# ବର୍ଜ୍ୟବସ୍ତୁ ପରିଚାଳନା ତଦାରଖ ପାଇଁ ହେବ କମିଟି

**କଟକ ଅଫିସ,୨୦।୧୨**

କଟକ ମହାନଗର ନିଗମ (ସିଏମ୍‌ସି)ର କାଉନ୍‌ସିଲ ବୈଠକ ଶୁକ୍ରବାର ବିଜୁ ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ (ଆରଡିସି) ତଥା ସିଏମସି ପ୍ରଶାସକ ଅନିଲ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସହରର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ବୈଠକରେ ବର୍ଜ୍ୟବସ୍ତୁ ପରିଚାଳନାର ତଦାରଖ ପାଇଁ ଏକ ଏନ୍‌ଫୋର୍ସମେଣ୍ଟ କମିଟି ଗଠନ ପାଇଁ ଆର୍‌ଡିସି ନିର୍ଦ୍ଦେଶ ଦେଇଛନ୍ତି। ସହରରୁ ପ୍ରତିଦିନ ବାହାରୁଥିବା ବର୍ଜ୍ୟବସ୍ତୁକୁ ମତଗଜପୁରଠାରେ ଥିବା ଡମ୍ପିଂୟାର୍ଡରେ ଫୋପାଡ଼ିବା ପାଇଁ ନିର୍ଦ୍ଦେଶ ରହିଥିଲେ ମଧ ଏହି କାର୍ଯ୍ୟରେ ନିୟୋଜିତ ସଂସ୍ଥା ଏଣେତେଣେ ଫୋପାଡୁଛନ୍ତି। ତେଣୁ ଏହି କମିଟି ଏହାର ତଦାରଖ କରିବ। ସେହିପରି ଖାନନଗର ଶ୍ମଶାନସ୍ଥିତ ଏଲପିଜି ଚୁଲାକୁ ତୁରନ୍ତ ମରାମତି କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବୈଠକରେ ସ୍ୱାସ୍ଥ୍ୟ, ସିଭିଲ୍ ଇଞ୍ଜିନିୟରିଂ ଏବଂ ବିଦ୍ୟୁତ୍ ସମ୍ପର୍କିତ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ସିଭିଲ୍ ଇଞ୍ଜିନିୟରିଂ ବିଭାଗର ୧୨୦ ଓ ଇଲେକ୍ଟ୍ରିକ ବିଭାଗର ୩୦ଟି ପ୍ରସ୍ତାବକୁ ବୈଠକରେ ମଞ୍ଜୁରୀ ଦିଆଯାଇଥିଲା। ପ୍ରକାଶ ଥାଉକି, ଫନୀରେ ଖାନନଗର ଏଲ୍‌ପିଜି ଚୁଲାର ଚିମିନି ନଷ୍ଟ ହୋଇଯାଇଥିଲେ ମଧ ଏପର୍ଯ୍ୟନ୍ତ

**ସିଏମ୍‌ସି କାଉନ୍‌ସିଲ୍ ବୈଠକ**




ଏହାର ମରାମତି ହୋଇନାହିଁ। ଜନ ଅସନ୍ତୋଷ ପରେ ୬ଲକ୍ଷ ଟଙ୍କା ଖର୍ଚ୍ଚରେ ଚିମିନିକୁ ମରାମତି କରାଯାଇଥିଲେ ମଧ ଚୁଲା ଏପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇନାହିଁ। ଚୁଲା ଗ୍ୟାସ୍ ପାଇପର ଏକ ଅଂଶ ଖରାପ ଥିବାରୁ ଏହା କାର୍ଯ୍ୟକ୍ଷମ ହୋଇପାରୁ ନ ଥିବା ବୈଠକରେ ସୂଚନା ଦିଆଯାଇଥିଲା। ଏହାର ମରାମତି ପାଇଁ ୯୫ ହଜାର ଟଙ୍କା ବ୍ୟୟବରାଦ ହୋଇଥିଲା। ସତୀଚୌରା ଶ୍ମଶାନର ପୁନରୁଦ୍ଧାର କାର୍ଯ୍ୟ ବିଳମ୍ବ ହେଉଥିବାରୁ ବୈଠକରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏଠାରେ ଏଲ୍‌ପିଜି ଗ୍ୟାସ୍‌ରେ ଶବଦାହ ପାଇଁ ପ୍ରସ୍ତାବ ଦିଆଯାଇଥିବା ବେଳେ ଏହାକୁ ମଞ୍ଜୁରି ଦିଆଯାଇଥିଲା। ସହରରେ ବିଭିନ୍ନ ସ୍ଥାନରେ ଖରାପ ହୋଇଥିବା ଏଲଇଡି ଲାଇଟ୍‌କୁ ତୁରନ୍ତ ମରାମତି କରିବାକୁ ଆରଡିସି ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ସିଏମ୍‌ସି କମିଶନର ଅନନ୍ୟା ଦାସ, ସଚିବ ଲତାଶ୍ରୀ ବାଗ୍‌ଙ୍କ ସମେତ ସମସ୍ତ ବିଭାଗର ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।




କଟକ ସିଡିଏ ସେକ୍ଟର-୮ ଅଞ୍ଚଳରେ ଗରିବ ଭୂମିହୀନ ପରିବାରକୁ ପ୍ରଦାନ କରାଯାଇଥିବା ଜମିର ଚିହ୍ନଟ ଦାବିରେ ବସ୍ତିବାସୀଙ୍କ ଏକତା ମଞ୍ଚ ପକ୍ଷରୁ ଶୁକ୍ରବାର ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ କରାଯାଉଛି।

# ଚିଠା ଆବାସ ତାଲିକାରେ ଅନିୟମିତତା

**କଟକ ସଦର,୨୦।୧୨(ଡି.ଏନ୍.ଏ.)**

**କଟକ ସଦର ବ୍ଲକ**

■ଅଭିଯୋଗ ସଂଖ୍ୟା ୧୦୦୦ ଟପିଲା

କଟକ ସଦର ବ୍ଲକ ଅଧୀନ ୨୩ଟି ପଞ୍ଚାୟତର ଚିଠା ଆବାସ ତାଲିକା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶ ପାଇଛି। ଏହି ତାଲିକାରେ ବ୍ୟାପକ ଅନିୟମିତତା ହୋଇଥିବା କଟକ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ମହମ୍ମଦ ଅବଦାଲ ଅଖତରଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଅଖତରଙ୍କ ନିର୍ଦ୍ଦେଶକ୍ରମେ ସମସ୍ତ ଅଭିଯୋଗର ତଦନ୍ତ ଆସନ୍ତା ୨୪ ତାରିଖ ମଧ୍ୟରେ ସାରିବା ପାଇଁ ବ୍ଲକ ପ୍ରଶାସନ ତତ୍ପରତା ଦେଖାଇଥିଲା। ଇତିମଧ୍ୟରେ ଅଭିଯୋଗ ସଂଖ୍ୟା ୧୦୦୦କୁ ଟପିଯାଇଛି। ସର୍ବାଧିକ ଅଭିଯୋଗ ପରମହଂସ ପଞ୍ଚାୟତରୁ ଆସିଥିବାବେଳେ ଦ୍ୱିତୀୟ ସ୍ଥାନରେ ଅରିଲୋ ଓ ତୃତୀୟ ସ୍ଥାନରେ ସୋମ ରହିଛି। ଫକୀରପଡା ପଞ୍ଚାୟତରୁ ଆଦୌ ଅଭିଯୋଗ ଆସି ନ ଥିବା ବ୍ଲକ ସୂତ୍ରରୁ ଜଣାପଡିଛି। ପରମହଂସ ପଞ୍ଚାୟତରେ ଅନିୟମିତତା ଅଭିଯୋଗ ଆସିବା ପରେ ଗ୍ରାମ ରୋଜଗାର ସେବକଙ୍କୁ କଣ୍ଟାପଡା ବ୍ଲକକୁ ବଦଳି କରାଯାଇଛି। ସେହିପରି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଅନ୍ୟ ପଞ୍ଚାୟତକୁ ବିଦା କରାଯାଇଛି। ଏହି ଅନିୟମିତତାରେ ବ୍ଲକ କର୍ମଚାରୀଙ୍କ ସମ୍ପୃକ୍ତି ରହିଥିବାରୁ ଏହା ତଦନ୍ତ ଅନ୍ୟ ବ୍ଲକର କର୍ମଚାରୀଙ୍କ ଦ୍ୱାରା କରାଇବା ପାଇଁ ଦାବି ହେଉଛି। ଏ ସମ୍ପର୍କରେ ଭାରପ୍ରାପ୍ତ ବିଡିଓ ଜ୍ଞାନରଞ୍ଜନ ପଣ୍ଡାଙ୍କୁ ପଚାରିବାରୁ ସେ ମତାମତ ଦେବା ପାଇଁ ମନା କରିଥିଲେ।

■ ଉଠିଯିବ ଜଳସମ୍ପଦ କାର୍ଯ୍ୟାଳୟ, କ୍ୱାର୍ଟର

# ୨୦ ଏକର ଜମି ଏସ୍‌ସିବିରେ ମିଶିବ

**କଟକ ଅଫିସ,୨୦।୧୨**

ଏସ୍‌ସିବିକୁ ଲାଗି ରହିଥିବା ଜଳ ସମ୍ପଦ ବିଭାଗର କାର୍ଯ୍ୟାଳୟ ଓ ଷ୍ଟାଫ କ୍ୱାର୍ଟରେ ସ୍ଥାନାନ୍ତର କରାଯିବ। ଏହି ଅଫିସ ଓ କ୍ୱାର୍ଟର ସ୍ଥାନାନ୍ତର ହେବା ପରେ ୨୦ ଏକର ଜମି ବାହାରିବ। ଉକ୍ତ ଜମିକୁ ଏସ୍‌ସିବି ମେଡିକାଲରେ ମିଶାଯିବ। ଶୁକ୍ରବାର ଜଳସମ୍ପଦ ବିଭାଗର ପ୍ରମୁଖ ସଚିବ ସୁରେନ୍ଦ୍ର କୁମାର କଟକ ଆସି ଏସସିବି ଓ ପ୍ରସ୍ତାବିତ ବର୍ଫି ପ୍ରକଳ୍ପ ପାଇଁ ଚିହ୍ନଟ ହାଡିଆ ପଠା ବୁଲି ଦେଖିଥିଲେ। ପାଖାପାଖି ୧୮୦ ଘର ଏସ୍‌ସିବି ସଂଲଗ୍ନ ଅଞ୍ଚଳରୁ ଉଠାଯିବାକୁ ସ୍ଥିର କରାଯାଇଛି। ଉଚ୍ଛେଦ ହେବାକୁ ଥିବା କାର୍ଯ୍ୟାଳୟ ଓ କ୍ୱାର୍ଟରରେ ରହୁଥିବା ଲୋକଙ୍କୁ ସାମୟିକ ଥଇଥାନ କରାଯିବ। ପରେ ହାଡିଆପଠାରେ କ୍ୱାର୍ଟର ନିର୍ମାଣ କରାଯାଇ ସେମାନଙ୍କୁ ସେଠାକୁ ପଠାଯିବ। ସେହିପରି ଜଳସମ୍ପଦ ବିଭାଗ ପକ୍ଷରୁ ସିଡିଏ ଓ ମାତା ମଠ ନିକଟରେ ଦୁଇଟି ବହୁତଳ ପ୍ରାସାଦ ନିର୍ମାଣ କରାଯିବାର ଯୋଜନା ରହିଛି। ସଚିବ ସୁରେନ୍ଦ୍ର କୁମାରଙ୍କ ସହିତ କେନ୍ଦ୍ରାଞ୍ଚଳ ଆରଡିସି ଅନିଲ କୁମାର ସାମଲ, ଜିଲାପାଳ ଭବାନୀ ଶଙ୍କର ଚୟନୀ ପ୍ରମୁଖ ସାମିଲ ଥିଲେ। ଏସ୍‌ସିବିକୁ ଏମ୍‌ସ ଢାଞ୍ଚାରେ କରିବା ପାଇଁ ପ୍ରଶାସନ କାର୍ଯ୍ୟ ଆରମ୍ଭ କରିଥିବା ଜିଲାପାଳ ଚୟନୀ କହିଛନ୍ତି । ସୂଚନାଥାଉକି, ଗତ ଗୁରୁବାର ଏସ୍‌ସିବି ମେଡିକାଲ ପରିସରରେ ଥିବା ଡାକ୍ତର କ୍ୱାର୍ଟର ଉଚ୍ଛେଦ ପାଇଁ ମଧ ଆରଡିସି ଓ ଜିଲାପାଳ ଏକ ସମୀକ୍ଷା ବୈଠକ କରିଥିଲେ। ବୈଠକରେ ହୋଇଥିବା ନିଷ୍ପତ୍ତି ଅନୁଯାୟୀ ଏସ୍‌ସିବି ପରିସରରୁ ପାଖାପାଖି ୧୩ଟି କ୍ୱାର୍ଟର ପ୍ରାଥମିକ ପର୍ଯ୍ୟାୟରେ ଉଚ୍ଛେଦ କରାଯିବ। ଏହା ପରେ ମେଡିକାଲ ପରିସରରେ ଥିବା ବାକି କ୍ୱାର୍ଟରଗୁଡ଼ିକୁ ଉଚ୍ଛେଦ କରାଯିବାର କାର୍ଯ୍ୟକ୍ରମ ରହିଥିବା ଏସ୍‌ସିବି ପ୍ରଶାସନିକ ଅଧିକାରୀ କଳ୍ପତରୁ ବେହେରା କହିଛନ୍ତି।

# ପୂର୍ବ ଶତ୍ରୁତାରୁ ବୋମାମାଡ଼, ଜଣେ ଗୁରୁତର

**ଆଠଗଡ଼,୨୦।୧୨(ସ୍ୱ.ପ୍ର.)**

ପୂର୍ବ ଶତ୍ରୁତାରୁ ଆଠଗଡ଼ ଏନଏସି ୧୨ନଂ ୱାର୍ଡ ଅଧୀନ ବଉଳ ମଣ୍ଡପ ସାହିରେ ଗୁରୁବାର ରାତି ପ୍ରାୟ ୧୧ଟା୩୦ରେ ବୋମାମାଡ଼ ହୋଇଛି। ଏଥିରେ ବଉଳ ମଣ୍ଡପ ସାହିର ସ୍ୱର୍ଗତ ହୃଦାନନ୍ଦ ନାୟକଙ୍କ ପୁଅ ପ୍ରକାଶ (୫୦) ଗୁରୁତର ହୋଇଛନ୍ତି। ତାଙ୍କୁ ପ୍ରଥମେ ଆଠଗଡ଼ ଡାକ୍ତରଖାନା ଓ ପରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ପ୍ରକାଶଙ୍କ ପେଟ, ଜଙ୍ଘ, ଗୋଡ ସମେତ ଶରୀରର ଅନ୍ୟ ସ୍ଥାନରେ ଗଭୀର କ୍ଷତ ସୃଷ୍ଟି ହୋଇଛି।

ସୂଚନା ଅନୁସାରେ, ପ୍ରକାଶଙ୍କ ସହ ତାଙ୍କ ସମ୍ପର୍କୀୟ ଭାଇ ସଞ୍ଜୟ ନାୟକ ଓରଫ ଜିତୁଙ୍କ ମଧ୍ୟରେ ପୂର୍ବରୁ ଶତ୍ରୁତା ରହିଥିଲା। ଘଟଣା ଦିନ ଜିତୁ ପ୍ରକାଶଙ୍କ ଘର ଆଗରେ ଠିଆହୋଇ ଗାଳି ଗୁଲଜ କରିଥିଲେ। ପ୍ରକାଶ ଓ ପରିବାର ଲୋକେ କାହିଁକି ଗାଳି କରୁଛ ବୋଲି ପଚାରିବାରେ ଉତ୍କ୍ଷିପ୍ତ ହୋଇ ପ୍ରକାଶ ୩ଟି ହାତ ବୋମା ଫିଙ୍ଗିଥିଲେ। ସେହିପରି ସଞ୍ଜୟ ସେପ୍ଟେମ୍ବର ୨୫ତାରିଖ ବିଳମ୍ବିତ ରାତିରେ ନିଜ ସମ୍ପର୍କୀୟ ଭାଇ ଧ୍ରୁତିନାଥ ଓ ଦିନାନାଥଙ୍କୁ ଖଣ୍ଡାରେ ଆକ୍ରମଣ କରିଥିଲେ। ସେତେବେଳେ ଆଠଗଡ଼ ପୋଲିସ ଅଭିଯୋଗ ଅନୁସାରେ ମାମାଲା ନଂ-୨୩୭/୧୯ରୁଜୁ କରି ସଞ୍ଜୟଙ୍କୁ ଗିରଫ କରିଥିଲା। ପ୍ରାୟ ୨୦ଦିନ ଜେଲରେ ରହିବା ପରେ ସେ ଜାମିନରେ ମୁକୁଳି ଥିଲେ। ସଞ୍ଜୟ ସବୁବେଳେ ଗଣ୍ଡଗୋଳ ଓ ଆକ୍ରମଣ କରିଥାନ୍ତି ବୋଲି କନ୍ତୋଲ ଅଞ୍ଚଳର କେତେଜଣ ଲୋକ ଅଭିଯୋଗ କରିଛନ୍ତି। ବୋମାମାଡ଼ ସମ୍ପର୍କରେ ପ୍ରକାଶଙ୍କ ସାନ ଭାଇ ପ୍ରଭାସ ଆଠଗଡ଼ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ମାମଲା ନଂ-୩୨୪/୧୯ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସଞ୍ଜୟ ଫେରାର ଥିବାରୁ ପୋଲିସ ତାଙ୍କୁ ଧରିବା ପାଇଁ ଉଦ୍ୟମ ଜାରି ରଖିଥିବା ଆଇଆଇସି ଜ୍ଞାନରଞ୍ଜନ ମିଶ୍ର ସୂଚନା ଦେଇଛନ୍ତି।

## ରଜତ କରଙ୍କୁ ସାହିତ୍ୟ ବିଦବତ୍ତା ସମ୍ମାନ

**କଟକ ଅଫିସ, ୨୦।୧୨**

କଟକ ସାରଳା ଭବନଠାରେ ବାସୁଦେବ କର ମେମୋରିଆଲ ଫାଉଣ୍ଡେଶନ ପକ୍ଷରୁ ଡ. ବାସୁଦେବ କରଙ୍କ ଶ୍ରାଦ୍ଧବାର୍ଷିକ ସମାରୋହ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଫାଉଣ୍ଡେଶନର ସଭାପତି ପ୍ରଫେସର ନିରଞ୍ଜନ ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ। ଡ. ବିଜୟ କୁମାର ନନ୍ଦ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ବାସୁଦେବ କରଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ବକ୍ତା ଭାବେ ଉତ୍କଳ ସାହିତ୍ୟ ସଂସଦର ପ୍ରତିଷ୍ଠାତା ତଥା ସଭାପତି ଡ. ପ୍ରଭାକର ସ୍ୱାଇଁ ଯୋଗଦେଇଥିଲେ। ଏହି ଅବସରରେ ସାହିତ୍ୟିକ ତଥା ଶିକ୍ଷାବିତ୍ ଡ. ରଜତ କୁମାର କରଙ୍କୁ ଡ. ବାସୁଦେବ କର ସାହିତ୍ୟ ବିଦବତ୍ତା ସମ୍ମାନ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମର ସମ୍ପାଦକ ମାୟାଧର କର, ନାଟ୍ୟକାର ସଞ୍ଜିତ ପଟ୍ଟନାୟକଙ୍କ ସମେତ ଅନୁଷ୍ଠାନର ବହୁ ସଦସ୍ୟ ଉପସ୍ଥିତ ଥିଲେ। ଡ. ଚିତ୍ତରଞ୍ଜନ ମିଶ୍ର ଧନ୍ୟବାଦ ଦେଇଥିଲେ।

# ସାଲେପୁର ପୋଲିସ ଦ୍ୱାରା ୩ ନାବାଳିକା ଉଦ୍ଧାର

**କଟକ ଅଫିସ, ୨୦।୧୨**

ସସାଲେପୁର ଥାନା ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୩ଜଣ ନାବାଳିକାଙ୍କୁ ଉଦ୍ଧାର କରିଛି। ସେମାନେ ନିଖୋଜ ହୋଇ ଯାଇଥିବା ନେଇ ଅଭିଯୋଗ ହୋଇଥିଲା। ଗତ ୯ତାରିଖ ଦିନ ପିକୋଳ ପଞ୍ଚାୟତ ସାଇଁପଡ଼ା ଗ୍ରାମର ଜଣେ ନାବାଳିକା ନିଖୋଜ ହୋଇଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଥିଲା। ପୋଲିସ ମାମଲା ନଂ. ୩୫୬/୧୯ ରୁଜୁ କରି ତଦନ୍ତ ଚଳାଇଥିଲା। କୌଣସି ସୂତ୍ରରୁ ଖବର ପାଇ ପୋଲିସ୍ ନାବାଳିକାକୁ କଟକ ଷ୍ଟେସନ୍‌ରୁ ଉଦ୍ଧାର କରିଥିଲା। ସେହିପରି ପିକୋଳ ପଞ୍ଚାୟତ ଚମାରିଗୋଳ ଗ୍ରାମର ଜଣେ ନାବାଳିକା ଗତ ୧୬ତାରିଖ ଦିନ ନିଖୋଜ ହୋଇଥିବା ଅଭିଯୋଗ ହୋଇଥିଲା। ପୋଲିସ୍ ମାମଲା ନଂ. ୩୬୯/୧୯ ରୁଜୁକରି ତଦନ୍ତ ଚଳାଇଥିଲା। ସମ୍ପୃକ୍ତ ନାବାଳିକାଙ୍କୁ ତିର୍ତ୍ତୋଲ ଥାନା ଅଧୀନ ମୁନସିଂହରୁ ଉଦ୍ଧାର କରିବା ସହ ଘଟଣାର ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେହିପରି ଶିଶୁଆ ଗ୍ରାମର ଜଣେ ନାବାଳିକା ନିଖୋଜ ହୋଇଥିବା ଗୁରୁବାର ଅଭିଯୋଗ ହୋଇଥିଲା। ପୋଲିସ ମାମଲା ନଂ-୩୭୩/୧୯ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଉକ୍ତ ନାବାଳିକାଙ୍କୁ ପୋଲିସ ବାଲିଚନ୍ଦ୍ରପୁର ଥାନା ଅଧୀନ ଜନକ ବାଲିକୁଦା ଅଞ୍ଚଳରୁ ଉଦ୍ଧାର କରିଛି। ଉଦ୍ଧାର ନାବାଳିକାଙ୍କୁ ଶନିବାର ପୋଲିସ କୋର୍ଟରେ ହଜାର କରିବ ବୋଲି ସୂଚନା ମିଳିଛି।

# ଅଖିଳ ଭାରତୀୟ ଛାତ୍ର କଂଗ୍ରେସ ପକ୍ଷରୁ ବିକ୍ଷୋଭ

**କଟକ ଅଫିସ, ୨୦।୧୨**

ନାଗରିକତ୍ୱ ସଂଶୋଧନ ଆଇନକୁ ବିରୋଧ କରି ଅଖିଳ ଭାରତୀୟ ଛାତ୍ର କଂଗ୍ରେସ ପକ୍ଷରୁ ସଙ୍ଗଠନର ପୂର୍ବତନ ସମ୍ପାଦକ ଡ. ବିପ୍ଳବ ଶିଳାଦିତ୍ୟଙ୍କ ନେତୃତ୍ୱରେ ଶୁକ୍ରବାର କଲେଜ ଛକଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କ କୁଶପୁତ୍ତଳିକା ଦାହ କରାଯିବା ସହ କେନ୍ଦ୍ର ସରକାରଙ୍କ ମନମୁଖି କାର୍ଯ୍ୟକଳାପକୁ ତୀବ୍ର ନିନ୍ଦା କରାଯାଇଥିଲା। ଏଥିରେ ଓଡ଼ିଶା ଛାତ୍ର କଂଗ୍ରେସ ସାଧାରଣ ସମ୍ପାଦକ ଶିବ ଅଗ୍ରୱାଲ, ସମ୍ପାଦକ ପ୍ରୀତମ ପରିଜା, କଟକ ଛାତ୍ର କଂଗ୍ରେସ ସଭାପତି ପ୍ରତୀକ ନାୟକ, ଆଶୁତୋଷ ରାଉତ ଓ ସୌମ୍ୟରଞ୍ଜନ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ।




ନାଗରିକତ୍ୱ ସଂଶୋଧନ ଆଇନକୁ ବିରୋଧ କରି ଅଖିଳ ଭାରତୀୟ ଛାତ୍ର କଂଗ୍ରେସ ପକ୍ଷରୁ କଟକ କଲେଜ ଛକଠାରେ ବିକ୍ଷୋଭ କରାଯାଉଛି।

## ଜିଲା ଶିକ୍ଷାଧିକାରୀଙ୍କ ବିଭିନ୍ନ ବିଦ୍ୟାଳୟ ପରିଦର୍ଶନ

# ୟୁନିଫର୍ମ ପିନ୍ଧି ନ ଥିବା ଶିକ୍ଷକଙ୍କ ଦରମା ବନ୍ଦ ନିର୍ଦ୍ଦେଶ

**ନିଶ୍ଚିନ୍ତକୋଇଲି,୨୦।୧୨(ସ୍ୱ.ପ୍ର.)**

କଟକ ଜିଲା ଶିକ୍ଷାଧିକାରୀ ନିରଞ୍ଜନ ବେହେରା ଶୁକ୍ରବାର ନିଶ୍ଚିନ୍ତକୋଇଲି ଶିକ୍ଷାମଣ୍ଡଳର ବିଭିନ୍ନ ବିଦ୍ୟାଳୟ ପରିଦର୍ଶନରେ ଆସିଥିଲେ। ସେ ପୂର୍ବାହ୍ନରେ ନିଶ୍ଚିନ୍ତକୋଇଲି ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ପରେ ବ୍ଲକ ଶିକ୍ଷାଧିକାରୀ ମନୋରଞ୍ଜନ ବାରିକ ଓ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଲକ୍ଷ୍ମଣ ଲେଙ୍କାଙ୍କ ସହ ପ୍ରଥମେ ବାଲିଆପଦା ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟ ପରିଦର୍ଶନରେ ଯାଇଥିଲେ। ପରିଦର୍ଶନ ସମୟରେ ପ୍ରାଥମିକ ବିଦ୍ୟାଳୟ ଶ୍ରେଣୀ କକ୍ଷ ଓ ବିଦ୍ୟାଳୟ ପରିସର ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇଥିବା ଦେଖି ଅସନ୍ତୋଷ ବ୍ୟକ୍ତ କରିବା ସହ ଏ ଦିଗରେ ଧ୍ୟାନ ଦେବାକୁ ପ୍ରଧାନଶିକ୍ଷକଙ୍କୁ ତାଗିଦ୍ କରିଥିଲେ। ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିବା ସମୟରେ ଶିକ୍ଷକ ଅଜୟ ଜେନା ୟୁନିଫର୍ମ ପିନ୍ଧି ନ ଥିବାରୁ ତାଙ୍କ ଦରମା ବନ୍ଦ କରିବା ପାଇଁ ବ୍ଲକ ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଜିଲା ଶିକ୍ଷାଧିକାରୀ ଜିଗ୍ନିପୁର ପଞ୍ଚାୟତ ପାଟପାରି ବିଦ୍ୟାଳୟକୁ ଯାଇଥିଲେ। ସେଠାରେ ପିଲାଙ୍କ ସହ ମଧ୍ୟାହ୍ନଭୋଜନ ଖାଇ ଖାଦ୍ୟର ଗୁଣବତ୍ତା ପରଖିଥିଲେ। ବିଦ୍ୟାଳୟ ପରିଦର୍ଶନ ସମୟରେ ବିଭିନ୍ନ ବିଦ୍ୟାଳୟର ଶିକ୍ଷାଦାନ ବ୍ୟବସ୍ଥା, ଶୈକ୍ଷିକ ବାତାବରଣ, ଛାତ୍ର, ଶିକ୍ଷକ ମଧ୍ୟରେ ସୁସମ୍ପର୍କ ସ୍ଥାପନ କରି ଭୟମୁକ୍ତଭାବେ ପିଲାଙ୍କୁ କିପରି ଉନ୍ନତମାନର ଶିକ୍ଷା ପ୍ରଦାନ କରାଯିବ ସେ ନେଇ ଆଲୋଚନା କରିଥିଲେ।

## ବଣଭୋଜିରେ ଖାଦ୍ୟଖାଇ ଛାତ୍ରୀଛାତ୍ର ଅସୁସ୍ଥ ଘଟଣା

# ଚିକିତ୍ସା ପରେ ପୁଣି ୯୫ ଅସୁସ୍ଥ

**ଖୁଣ୍ଟୁଣୀ,୨୦।୧୨(ଡି.ଏନ୍.ଏ.)**

■ସ୍ଥିତି ପରଖିଲେ ୩ଜଣିଆ ବିଭାଗୀୟ ଟିମ୍

■୨୪ ଘଣ୍ଟା ଡାକ୍ତରଖାନା ଖୋଲା ରଖିବାକୁ ନିର୍ଦ୍ଦେଶ

ବଣଭୋଜିରେ ଖାଦ୍ୟଖାଇ ଅସୁସ୍ଥ ହୋଇପଡ଼ିଥିବା ଖୁଣ୍ଟୁଣୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରେ ଲାଗିଛି। ଗୁରୁବାର ଖୁଣ୍ଟୁଣୀ ଡାକ୍ତରଖାନାରେ ଚିକିତ୍ସା ପରେ ଘରକୁ ଫେରିଥିବା ଶତାଧିକ ଛାତ୍ରୀଛାତ୍ର ପୁଣିଥରେ ଅସୁସ୍ଥ ହୋଇପଡ଼ିଛନ୍ତି। ଫଳରେ ସେମାନଙ୍କୁ ଶୁକ୍ରବାର ପୁନଃ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଅନ୍ୟପଟେ ସ୍ୱାସ୍ଥ୍ୟ ବିଭାଗ ଏହି ଘଟଣାକୁ ଗୁରୁତ୍ୱ ଦେଇଛି। ବିଭାଗର ତିନିଜଣିଆ ଟିମ୍ ଡାକ୍ତରଖାନାରେ ପହଞ୍ଚି ସ୍ଥିତି ପରଖିଛନ୍ତି।

ସୂଚନାଥାଉ କି, ସରସ୍ୱତୀ ବିଦ୍ୟାମନ୍ଦିରର ବଣଭୋଜି କାର୍ଯ୍ୟକ୍ରମ ଭୁବନେଶ୍ୱର ଠାରେ ହୋଇଥିଲା। ବିଭିନ୍ନ ସ୍ଥାନରେ ଛାତ୍ରୀଛାତ୍ରଙ୍କୁ ଖାଦ୍ୟ ଦିଆଯାଇଥିଲା। ଗୁରୁବାର ସକାଳେ ହଠାତ୍ ଶତାଧିକ ଛାତ୍ରୀଛାତ୍ର ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ପ୍ରଥମେ ଖୁଣ୍ଟୁଣୀ ପରେ ଆଠଗଡ଼ ଓ ମାଧପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଖୁଣ୍ଟୁଣୀରେ ଚିକିତ୍ସା ପରେ ଘରକୁ ଫେରିଥିବା ଶତାଧିକ ଛାତ୍ରୀଛାତ୍ର ପୁଣି ଥରେ ଅସୁସ୍ଥ ଅନୁଭବ କରିବାରୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଡା. ଦିଲୀପ



ଅସୁସ୍ଥ ପିଲାମାନେ।

ଦାସ, ଡା. ତୁଷାର ବାରିକଙ୍କ ସମେତ ୩୦ରୁ ଊର୍ଦ୍ଧ୍ୱ ସ୍ୱାସ୍ଥ୍ୟ କର୍ମୀ ଚିକିତ୍ସାରେ ନିୟୋଜିତ ହୋଇଛନ୍ତି। ୧୬ଜଣଙ୍କୁ ଖୁଣ୍ଟୁଣୀରେ ଚିକିତ୍ସା କରାଯାଉଛି। ସେମାନଙ୍କ ମଧ୍ୟରୁ ୬ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ଆଠଗଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟମାନଙ୍କୁ ପ୍ରାଥମିକ ଚିକିତ୍ସା ପରେ ଘରକୁ ଫେରାଇ ଦିଆଯାଇଛି। ରାଜ୍ୟ ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଆଠଗଡ଼ ଡାକ୍ତରଖାନାରେ ପହଞ୍ଚି ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ଭାଜପା ନେତା ବ୍ରଜେନ୍ଦ୍ର ରାୟ ଖୁଣ୍ଟୁଣୀ ଏବଂ ଆଠଗଡ଼ ଡାକ୍ତରଖାନାକୁ ଯାଇ ଛାତ୍ରୀଛାତ୍ର ଏବଂ ଅଭିଭାବକଙ୍କ ସହ କଥା ହୋଇଥିଲେ। ଚିକିତ୍ସାଳୟକୁ ୨୪ଘଣ୍ଟା ଖୋଲାରଖିବାକୁ ଜିଲାପାଳଙ୍କୁ ଫୋନ୍‌ରେ ଅନୁରୋଧ କରିଥିଲେ। ଛାତ୍ରୀଛାତ୍ରଙ୍କ ଚିକିତ୍ସା ପାଇଁ ୨୪ଘଣ୍ଟା ଡାକ୍ତରଖାନା ଖୋଲା ରଖିବାକୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସତ୍ୟବ୍ରତ ଛୋଟରାୟ ନିର୍ଦ୍ଦେଶ ଦେଇଛନ୍ତି। ଫୁଡ୍ ପଏଜନିଂ କାରଣରୁ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହୋଇଥାଇପାରେ ବୋଲି ଡା. ଦାସ କହିଛନ୍ତି।



ଜ୍ଞାନଠାରୁ କଳ୍ପନା ଶକ୍ତିର ଗୁରୁତ୍ୱ ଅଧିକ ବୋଲି ସବୁବେଳେ ମନେ ରଖିବା ଉଚିତ୍।

- ଆଇନ୍‌ଷ୍ଟାଇନ୍



## ସଂକ୍ଷେପରେ

### ଶ୍ରୀଲିଙ୍ଗରାଜ ମନ୍ଦିର ଟ୍ରଷ୍ଟବୋର୍ଡ଼ ଗଠନ ପ୍ରସଙ୍ଗ
### ସ୍ୱଚ୍ଛ, ନିରପେକ୍ଷ ସଦସ୍ୟ ଟ୍ରଷ୍ଟି ରହିବାକୁ ଦାବି

**ପୁରୁଣା ଭୁବନେଶ୍ୱର ,୨୦।୧୨** (ଡି.ଏନ.ଏ.): ଶ୍ରୀଲିଙ୍ଗରାଜ ମନ୍ଦିର ଅନ୍ତରିଣ ଟ୍ରଷ୍ଟବୋର୍ଡରେ ସ୍ଥାୟୀ ବୋର୍ଡ ଗଠନ ନେଇ ପ୍ରକ୍ରିୟା ଆରମ୍ଭ ହୋଇଛି। ବୋର୍ଡରେ ଦେବୋତ୍ତର ଆଇନର ଧାରା ୨୮ ଅନୁଯାୟୀ ପ୍ରତ୍ୟେକ ସଦସ୍ୟ ସ୍ୱଚ୍ଛ ଏବଂ ନିରପେକ୍ଷ ହେବା ଆବଶ୍ୟକ। ସଦସ୍ୟମାନେ ଧର୍ମାନୁଷ୍ଠାନର କୌଣସି କ୍ଷତି ପହଞ୍ଚାଇ ନ ଥିବେ। ଦେବୋତ୍ତର ଜମି ଉପରେ ବେଆଇନ ଭାବେ ଦଖଲ କିମ୍ବା ହେରଫେର କରି ନ ଥିବେ। ଏପରି କି ଶ୍ରୀଜୀଉଙ୍କ ରୀତିନୀତିରେ କୌଣସି ପ୍ରକାର ବିଭ୍ରାଟରେ ସମ୍ପୃକ୍ତ ନ ଥିବେ। ଦେବୋତ୍ତର ଜମି ବାଡି ମାମଲାର ପକ୍ଷଭୁକ୍ତ ନ ଥିବେ। ଏଣୁ ଏଭଳି ସ୍ୱଚ୍ଛ ସଦସ୍ୟମାନଙ୍କୁ ନୂତନ ଭାବେ ଗଠିତ ହେବାକୁ ଥିବା ଶ୍ରୀଲିଙ୍ଗରାଜ ମନ୍ଦିର ଟ୍ରଷ୍ଟବୋର୍ଡରେ ପ୍ରାଥମିକତା ଭିତ୍ତିରେ ସ୍ଥାନ ଦେବାକୁ ଶ୍ରଦ୍ଧାଳୁ ଏବଂ ବିଭିନ୍ନ ସେବାୟତ ମହଲରେ ଦାବି ହେଉଛି। ଏହି ଚୟନରେ ଦେବୋତ୍ତର ଆୟୁକ୍ତ ପ୍ରତ୍ୟେକ ନିଯୋଗ ଏବଂ ସେବାୟତଙ୍କୁ ନେଇ ଚୟନ ପ୍ରକ୍ରିୟା ସୂଚାରୁ ରୂପେ କରିବାକୁ ନିଷ୍ପତ୍ତି କରାଯିବା ଆବଶ୍ୟକ।

### ଖଜୁରି ତାଡ଼ି, ଦେଶୀମଦ ଜବତ

**ଖୋର୍ଦ୍ଧା ଅଫିସ, ୨୦।୧୨:** ଖୋର୍ଦ୍ଧା ଅବକାରୀ ସ୍କ୍ୱାଡ ବରପଦା ଓ ଗଡମାଣତୀର ଗାଁ ଉପରେ ଚଢ଼ାଉ କରି ୧୨୦ ଲିଟର ଦେଶୀମଦ ଓ ୨୦ ଲିଟର ଖଜୁରି ତାଡି ଗୁରୁବାର ଜବତ କରିଛି। ଏହି ଘଟଣାରେ ଖୋର୍ଦ୍ଧା ସଦର ଥାନା କୁଞ୍ଜୁରୀ ପଞ୍ଚାୟତ ବରପଦା ଗାଁର ବିଶ୍ୱନାଥ ପ୍ରଧାନ(୩୫) ଓ ଗଞ୍ଜାମ ଜିଲା କୋଦଳା ଥାନା ବେରୁଆଁବାରୀ ଗାଁର ତୋଫାନ ବେହେରା(୧୮)ଙ୍କୁ ଗିରଫ କରାଯାଇଛି। ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ଉଭୟଙ୍କୁ ଖୋର୍ଦ୍ଧା ଜେଲକୁ ପଠାଇ ଦିଆଯାଇଛି। ୧୨୦ ଲିଟର ଦେଶୀ ମଦ ବରପଦାର ବିଶ୍ୱନାଥଙ୍କ ଶୋଇବା ଘରୁ ଜବତ କରାଯାଇଥିଲା। ଗଡମାଣତୀରରୁ ତୋଫାନ ବେହେରାଙ୍କଠାରୁ ଖଜୁରି ତାଡି ଜବତ ହୋଇଥିବା ଇନ୍ସପେକ୍ଟର ରଞ୍ଜନ ନାୟକ ସୂଚନା ଦେଇଛନ୍ତି।

### ଭାଜପାର ଜିଲା ସଭାପତି ରଶ୍ମି ରଞ୍ଜନ
### ସକାଳେ ଦୁଃଖଦ, ଅପରାହ୍ନରେ ଶୁଭ ଖବର

**ଖୋର୍ଦ୍ଧା ଅଫିସ,୨୦।୧୨:** ଭାଜପାର ଖୋର୍ଦ୍ଧା ଜିଲା ସଭାପତି ଭାବେ ଖୋର୍ଦ୍ଧା ସହର ଜେମାଦେଇର ରଶ୍ମି ରଞ୍ଜନ ମହାପାତ୍ର ଶୁକ୍ରବାର ନିର୍ବାଚିତ ହୋଇଥିବା ଭାଜପାର ରାଜ୍ୟ ନିର୍ବାଚନ ଅଧିକାରୀ ଓ ମୁଖପାତ୍ର ଘୋଷଣା କରିଛନ୍ତି। ରଶ୍ମିଙ୍କ ପାଇଁ ଜିଲା ସଭାପତି ଶୁଭ ଖବର ପାଲଟିଛି। ଅନ୍ୟପକ୍ଷେ ରଶ୍ମିଙ୍କ ମା' ଶ୍ରୀମତୀ ମହାପାତ୍ର ଭୋରୁ ପ୍ରାଣ ହରାଇଛନ୍ତି। ଶ୍ରୀମତୀ ଅସୁସ୍ଥ ଥାଇ ଚିକିତ୍ସିତ ହେଉଥିଲେ। ପୁରୀର ସ୍ୱର୍ଗଦ୍ୱାରରେ ମୃତଦେହ ସଂସ୍କାର କରାଯାଇଥିଲା। ଯାହା କି ରଶ୍ମିଙ୍କ ପାଇଁ ଦୁଃଖଦ ଖବର ଥିଲା।

## ଗଛ ଲଗାଇଥିଲେ ଏବେ କାଟିଦେଲେ
# ୫୭ ନଂ. ଜାତୀୟ ରାଜପଥ କଡ଼ ବୃକ୍ଷଶୂନ୍ୟ

**ଖୋର୍ଦ୍ଧା ଅଫିସ/ବୋଲଗଡ, ୨୦।୧୨ (ଡି.ଏନ.ଏ.)**

- ସରକାରୀ ଅର୍ଥ ଅପବ୍ୟୟ
- ରାତିରେ କଟାଯାଉଛି ଗଛ
- ଦୂରଦୃଷ୍ଟିର ଅଭାବ ନୁହେଁ ଲୋଭର ମୋହ

ରାସ୍ତା ପ୍ରଶସ୍ତୀକରଣର ଆଳ ଦେଖାଇ ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥ(ଏନଏଚ୍) କଡରୁ କଟା ଚାଲିଛି ଗଛ। ତେବେ ରାସ୍ତା ପ୍ରଶସ୍ତୀକରଣକୁ ପରିବେଶବିତ ବିରୋଧ କରୁନାହାନ୍ତି। ବିରୋଧ କରୁଛନ୍ତି ବୃକ୍ଷରୋପଣ କରାଯାଉଥିଲା କାହିଁକି। ପୁଣି ମାତ୍ର ୫ରୁ ୭ ବର୍ଷର ବ୍ୟବଧାନ ପରେ ଗଛ କଟା ଯାଉଛି କ'ଣ ପାଇଁ। ବୃକ୍ଷରୋପଣ ଓ ଗଛ କଟା ପାଇଁ ଯେଉଁ ସରକାରୀ ଅର୍ଥ ଅପବ୍ୟୟ ହେଲା, ସେହି ଅର୍ଥ ଭରଣା ହେବ କେମିତି। ରାସ୍ତାକଡରେ ଛାଇ ମିଳିବ କିପରି। ପ୍ରଶାସନର ଗଛ ଲଗା ଓ କଟା ଅଭିଯାନର ରହସ୍ୟର ଗୁମର ଖୋଲିବା ଉଚିତ୍। ଏହାକୁ ଦୂରଦୃଷ୍ଟିର ଅଭାବ କହି ଖସାଇ ଦେବା ଠିକ୍ ନୁହେଁ। ପୂର୍ବରୁ କିଛି ରାସ୍ତାରେ ଗଛ ଲଗାଯାଇ କଟା ହୋଇଯାଇଛି। କିଛି କର୍ମଚାରୀ, ଅଧିକାରୀଙ୍କର ଲୋଭ ଯୋଗୁ ସରକାରୀ ଅର୍ଥ ଅପବ୍ୟୟ ହେବାରେ ଲାଗିଛି। ଅନ୍ୟପକ୍ଷେ ରାଜପଥ କଡରୁ ରାତିରେ ଗଛ କଟା ଚାଲୁ ରହିଛି। ସନ୍ଧ୍ୟା ହେଲେ ଲୋକେ ଗଛ କଟାରେ ସାମିଲ ହେଉଛନ୍ତି। ସାଧାରଣତଃ ଜଣେ ପଥିକ ଜାଣି ପାରିବନି ରାସ୍ତାକଡରେ ଗଛ ଥିଲା କି ନାହିଁ। କାରଣ ଦିନବେଳା ଗଛକଟା ଅଭିଯାନ ବନ୍ଦ ରହୁଛି। ଏବେ କପାସିଆରୁ ଟୁଡା ରାସ୍ତା କାର୍ଯ୍ୟ ଚାଲୁ ରହିଛି। ରାସ୍ତା ପ୍ରଶସ୍ତୀକରଣ ସହ ଗଛ କଟା ବି ଚାଲିଛି। ସମ୍ପୃକ୍ତ ରାସ୍ତାରେ ୫ରୁ ୭ବର୍ଷ ତଳେ ଗଛ ଲଗାଯାଇଥିଲା। ଉକ୍ତ ଗଛଗୁଡିକ ନ କାଟି ଅନ୍ୟତ୍ର ସ୍ଥାନାନ୍ତର ବି କରାଯାଉନି, ଯଦ୍ୱାରା ରାସ୍ତାକଡରୁ ଗଛ ବଳି ପଡୁଛି। ପରିବେଶବିତ୍ ବିଭୂତି ଭୂଷଣ ଦାଶ କୁହନ୍ତି, ସରକାରୀ ଟଙ୍କା କିଏ କେତେ ଅଧିକ ଖର୍ଚ୍ଚ କରି ପାରୁଛି ସେଥିପାଇଁ ଚାଲିଛି ପ୍ରତିଯୋଗିତା। ପ୍ରତିଯୋଗିତା ଦୁନିଆରେ ସରକାରୀ ଅର୍ଥ ଅପବ୍ୟୟକୁ କାହାରି ଧ୍ୟାନ ନାହିଁ। ଗଛ ଲଗାଇବା ଓ କାଟିବାର ପ୍ରସ୍ତାବକୁ ସରକାର ମନା କିପରି କରୁଛନ୍ତି ତାହା ୫୭ ରାସ୍ତାପାର୍ଶ୍ୱ ଗଛ କଟା ଓ ରୋପଣ ଅଭିଯାନରୁ ସ୍ପଷ୍ଟ ବାରି ହୋଇପଡୁଛି। ସରକାର ଓ ପ୍ରଶାସନ ଏହାକୁ ଗୁରୁତର ସହ ନେଇ ଆଗକୁ ଯେପରି ସରକାରୀ ଅର୍ଥ ଅପବ୍ୟୟ ହେବନି ସେଥିପ୍ରତି ଦୃଷ୍ଟି ଦିଅନ୍ତୁ। କେଉଁ ରାସ୍ତାରେ ନୂଆ ଚାରାରୋପଣ ହେବ, ପ୍ରଶସ୍ତୀକରଣକୁ ଦୃଷ୍ଟି ଦେଇ ଗଛ ଲଗାନ୍ତୁ। ନଚେତ ଗଛ ଲଗା ଓ କଟାରେ ଅର୍ଥ ଅପବ୍ୟୟକୁ ରୋକି ହେବନାହିଁ।



ରାସ୍ତା ପ୍ରଶସ୍ତୀକରଣ ପାଇଁ କଡରୁ ଗଛ କଟାଯାଉଛି ।

## ସାମୁଦ୍ରିକ କଇଁଛ ସୁରକ୍ଷା, ପ୍ରଶିକ୍ଷଣ ଶିବିର
# ମାଛବଂଶ ବୃଦ୍ଧିରେ ସହାୟକ ହୁଏ କଇଁଛ

**କୃଷ୍ଣପ୍ରସାଦ,୨୦।୧୨(ଡି.ଏନ.ଏ.)**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର ରମ୍ଭା ବନ୍ୟପ୍ରାଣୀ ବନାଞ୍ଚଳ ତରଫରୁ ନବା ସମୁଦ୍ର କୂଳରେ ଶୁକ୍ରବାର ସାମୁଦ୍ରିକ କଇଁଛ ସୁରକ୍ଷା ଓ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ସାମୁଦ୍ରିକ କଇଁଛ ବଂଶବିସ୍ତାର ଦ୍ୱାରା ମଣିଷ ଓ ପରିବେଶ ଉପରେ କିପରି ପ୍ରଭାବ ପଡିଥାଏ ସେ ନେଇ ଆଲୋଚନା ହୋଇଥିଲା । ମାଛ ଅଣ୍ଡାଗୁଡିକୁ କିଛି ଜେଲି ଓ ପ୍ରବାଳ ଜାତିର ଜୀବ ଖାଇଥାନ୍ତି। ତେବେ କଇଁଛମାନେ ଏହି ଜେଲି ଆଦି ଜୀବଗୁଡିକୁ ଖାଇଯିବାରୁ ମାଛ ବଂଶ ବୃଦ୍ଧି ଘଟିଥାଏ ବୋଲି ପ୍ରଶିକ୍ଷକ ମାନେ ବୁଝାଇଥିଲେ । କର୍ମଶାଳାରେ ରମ୍ଭା ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ ନଗେନ୍ କୁମାର ପଣ୍ଡା, ବ୍ଲକ ମୁଖ୍ୟ ପ୍ରାଣୀ ଚିକିତ୍ସକ ଦୟାନିଧି ବେହେରା, ଡେପୁଟି ରେଞ୍ଜର ରମେଶ ଚନ୍ଦ୍ର ଜାନି, ପିଟିଶାଳ ବନପାଳ ପୂର୍ଣ୍ଣଚନ୍ଦ୍ର ବେହେରା, ବନପାଳ ଜିତେନ୍ଦ୍ର କୁମାର ନାୟକ, ମାଲୁଦ ସରପଞ୍ଚ ରବୀନ୍ଦ୍ର ନାଥ ଦାସ, ସାମାଜିକ କର୍ମୀ ପ୍ରଦୀପ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ବନପାଳ ବିଶ୍ୱନାଥ ଟୁଡୁ, ବନରକ୍ଷୀ ଗୌରାଙ୍ଗ ପ୍ରଧାନ, ତ୍ରିଲୋଚନ ମହାରଣା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।



ସାମୁଦ୍ରିକ କଇଁଛ ସୁରକ୍ଷା ସଚେତନତା ଶିବିରରେ ଯୋଗ ଦେଇଥିବା ଲୋକମାନେ ।

# ଓଷ୍ଟା ପକ୍ଷରୁ ଖୋର୍ଦ୍ଧା ଜିଲାସ୍ତରୀୟ ଶିଶୁ ଉତ୍ସବ
## ୧୦ ପ୍ରତିଯୋଗୀ ରାଜ୍ୟସ୍ତରକୁ ମନୋନୀତ

**ବୋଲଗଡ଼,୨୦।୧୨(ଡି.ଏନ.ଏ.)**

ବୋଲଗଡ଼ ବ୍ଲକ ବାଙ୍କୋଇ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଶୁକ୍ରବାର ଓଷ୍ଟା ପକ୍ଷରୁ ଖୋର୍ଦ୍ଧା ଜିଲାସ୍ତରୀୟ ଶିଶୁ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଂଗଠନର ଜିଲା କାର୍ଯ୍ୟକାରୀ ସଭାପତି ଯୋଗେଶ ଚନ୍ଦ୍ର ସାମନ୍ତସିଂହାରଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ସଭାପତି ଅମ୍ବିକା ପ୍ରସାଦ ପଟ୍ଟନାୟକ ପୌରୋହିତ୍ୟ କରିଥିଲେ। ବୋଲଗଡ ବିଇଓ ବୈଦ୍ୟନାଥ ସାହୁ ମୁଖ୍ୟଅତିଥି, ବ୍ୟାଙ୍କର ବିବେକ ରଞ୍ଜନ ପଟ୍ଟନାୟକ ମୁଖ୍ୟବକ୍ତା ଓ ଓଷ୍ଟାର ରାଜ୍ୟ ସମ୍ପାଦକ ରଞ୍ଜନ କୁମାର ଦାଶ, ଜିଲା ସମ୍ପାଦକ ସୁଧାକର ମହାପାତ୍ର, ରାଜ୍ୟ ଯୁଗ୍ମ ସମ୍ପାଦକ ମଧୁସୂଦନ ଦେ, ଜିଲା ପରିଷଦ ସଭ୍ୟା ତିଲୋତ୍ତମା ସୁବୁଦ୍ଧି, ସରପଞ୍ଚ ଜ୍ୟୋତ୍ସ୍ନାମୟୀ ଫତେସିଂହ, ସମିତି ସଭ୍ୟା ପ୍ରଭାତୀ ରାଉତରାୟ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅଭ୍ୟର୍ଥନା କମିଟି ଅଧ୍ୟକ୍ଷା ତଥା ସ୍ଥାନୀୟ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ଦଳାଇ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଉତ୍ସବରେ ଜିଲାର ୧୦ ବ୍ଲକରୁ ମନୋନୀତ ହୋଇଥିବା ୧୦୦ ଛାତ୍ରୀଛାତ୍ର ୧୦ଟି ପ୍ରତିଯୋଗିତାରେ ଭାଗ ନେଇଥିଲେ। ପ୍ରତ୍ୟେକ ବିଭାଗରୁ ପ୍ରଥମ ସ୍ଥାନ ଅଧିକାର କରିଥିବା ୧୦ଜଣଙ୍କୁ କୃତୀ ପ୍ରତିଯୋଗୀ ଭାବେ ମନୋନୀତ କରାଯାଇଛି। ଏମାନେ ଆସନ୍ତା ୨୭ରୁ ୨୯ ତାରିଖ ପର୍ଯ୍ୟନ୍ତ କଟକଠାରେ ହେବାକୁ ଥିବା ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବରେ ଅଂଶଗ୍ରହଣ କରିବେ। ବେଗୁନିଆ ବିଧାୟକ ରାଜେନ୍ଦ୍ର କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ସଂଗଠନର ପୂର୍ବତନ ରାଜ୍ୟ ସଭାପତି ପଦ୍ମନାଭ ବିଶ୍ୱାଳ ମୁଖ୍ୟବକ୍ତା ଓ ଉପଦେଷ୍ଟା ସନ୍ତୋଷ କୁମାର କର, ଉପେନ୍ଦ୍ର କୁମାର ଦାଶ, କାର୍ଯ୍ୟକାରୀ କମିଟି ସଭ୍ୟ ଶିଶିର କୁମାର ଦାସ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଏହି ଅବସରରେ ଶିକ୍ଷକତା ଜୀବନରୁ ଅବସର ନେଇଥିବା ଓଷ୍ଟାର ୩ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲା ଯୁଗ୍ମ ସମ୍ପାଦକ ଘନଶ୍ୟାମ ସାହୁ ଧନ୍ୟବାଦ ଦେଇଥିଲେ।



ଉତ୍ସବରେ ମଞ୍ଚାସୀନ ଅତିଥି।

### ଆକ୍ରମଣ କରି ଲୁଟ୍: ଯୁବକ ଗିରଫ

**ପାତ୍ରପଡା,୨୦।୧୨(ଡି.ଏନ.ଏ.):**

ମାରଣାସ୍ତ୍ରରେ ଆକ୍ରମଣ କରି ବ୍ୟକ୍ତିଙ୍କୁ ଲୁଟ୍‌ପାଟ କରିବା ଅଭିଯୋଗରେ ଖଣ୍ଡଗିରି ଥାନା ପୋଲିସ ଜଣେ ଯୁବକଙ୍କୁ ଶୁକ୍ରବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ନୟାଗଡ ଜିଲା ଫତେଗଡ ଅଞ୍ଚଳର ଜଗନ୍ନାଥ ମହାନ୍ତି। ସେ ନୟାପଲ୍ଲୀ ଥାନା ଅଧୀନ ତାରିଣୀ ନଗରରେ ରୁହନ୍ତି। ସୂଚନା ଅନୁଯାୟୀ ଗତ ୧୬ ତାରିଖ ରାତି ପ୍ରାୟ ଏଗାରଟାରେ ସ୍ଥାନୀୟ ସତ୍ୟସାଇ ଏନକ୍ଲେଭ ଅଞ୍ଚଳରେ ରହୁଥିବା ବସନ୍ତ କୁମାର ଡାକୁଆ ଘରକୁ ଫେରୁଥିବା ସମୟରେ ଖଣ୍ଡଗିରି ଛକ ନିକଟରେ ଅଭିଯୁକ୍ତ ଓ ତାଙ୍କର ଅନ୍ୟ ୩ ଜଣ ସହଯୋଗୀ ୨ ଗୋଟି ବାଇକ୍‌ରେ ଆସି ତାଙ୍କୁ ଅଟକାଇଥିଲେ। ପରେ ତାଙ୍କୁ ଭୁଜାଲିରେ ହାଣି ତାଙ୍କଠାରୁ ମୋବାଇଲ ଫୋନ୍ ଲୁଟି ନେଇଥିଲେ। ପୋଲିସ ବସନ୍ତଙ୍କୁ ଚିକିତ୍ସା ଲାଗି ଏକ ହସ୍ପିଟାଲରେ ଭର୍ତ୍ତି କରିଥିଲା। ଅଭିଯୋଗ ପରେ ନଂ. ୭୩୨/ ୧୯ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

### ସ୍ମୃତିଚାରଣ ସଭା

**କୃଷ୍ଣପ୍ରସାଦ,୨୦।୧୨(ଡି.ଏନ.ଏ.)**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର ପୂର୍ବତନ ଅଧ୍ୟକ୍ଷ ତଥା ସାମାଜିକ କର୍ମୀ ସନାତନ ଜେନାଙ୍କ ଦ୍ୱାଦଶାହରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା, ଚିଲିକା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସାହୁ, ବରିଷ୍ଠ ନେତା ହେମନ୍ତ କୁମାର ଜେନା, ଜିଲା ପରିଷଦ ସଭ୍ୟା ପ୍ରଭାତୀ ପ୍ରଧାନ, ସରପଞ୍ଚ ରମେଶ ଚନ୍ଦ୍ର ମହାପାତ୍ର, ସମିତିସଭ୍ୟ ମନୋଜ କୁମାର ସାହୁ, ଯୁବ ସଂଗଠକ ଅଜୟ କୁମାର ପଲେଇ ପ୍ରମୁଖ ଯୋଗଦେଇ ତାଙ୍କ ସ୍ମୃତିଚାରଣ କରିଥିଲେ।

# ରାଜପଥରେ ଟ୍ରକ୍ ଡ୍ରାଇଭରଙ୍କଠାରୁ ଲୁଟ୍

**ଯାଁଳା,୨୦।୧୨(ଡି.ଏନ.ଏ.)**

ଯାଁଳା ଫାଣ୍ଡି ଅନ୍ତର୍ଗତ ୧୬ ନଂ. ଜାତୀୟ ରାଜପଥର ତଳଖେତା ଛକ ନିକଟରେ ଶୁକ୍ରବାର ଭୋର୍ ସମୟରେ ଏକ ଲୁଟ୍ ହୋଇଛି। ଦୁର୍ବୃତ୍ତମାନେ ମାରଣାସ୍ତ୍ର ଦେଖାଇ ଟ୍ରକ୍ ଡ୍ରାଇଭରଙ୍କଠାରୁ ୫ ହଜାର ଟଙ୍କା, ମୋବାଇଲ୍ ଫୋନ୍ ଲୁଟି ନେଇଛନ୍ତି। ଟ୍ରକ୍ ଡ୍ରାଇଭର ଲକ୍ଷ୍ମଣ ସିଂ ଦୁର୍ବୃତ୍ତଙ୍କ ଆକ୍ରମଣରେ ଆହତ ହୋଇଛନ୍ତି। ଉତ୍ତରପ୍ରଦେଶରୁ ଚୁଡ଼ି ନେଇ ଜଟଣୀ ଆସୁଥିବା ଟ୍ରକ୍(ନଂ.ଆର୍‌ଜେ-୧୧ଜିଏ୪୩୬୦)କୁ ୬ରୁ ୭ ଜଣ ଦୁର୍ବୃତ୍ତ ଛକ ନିକଟରେ ଭୋର୍ ସମୟରେ ଅଟକାଇଥିଲେ। ପରେ ମାରଣାସ୍ତ୍ର ଦେଖାଇ ଭୟଭୀତ କରି ଡ୍ରାଇଭର ଲକ୍ଷ୍ମଣଙ୍କଠାରୁ ଟଙ୍କା ଓ ମୋବାଇଲ ଲୁଟି ନେଇ ପଳାଇଥିଲେ। ଦୁଇଟି ଆକ୍ଟିଭାରେ ଦୁର୍ବୃତ୍ତମାନେ ଆସିଥିବା ଡ୍ରାଇଭର ସିଂ କହିଛନ୍ତି। ଏ ନେଇ ସେ ଥାନାରେ ଅଭିଯୋଗ କରିଛନ୍ତି। ବାହାର ରାଜ୍ୟରୁ ବିଭିନ୍ନ ସାମଗ୍ରୀ ନେଇ ଆସୁଥିବା ଟ୍ରକ୍ ଉପରେ ଦୁର୍ବୃତ୍ତମାନେ ବିଶେଷ ଭାବେ ଟାର୍ଗେଟ୍ କରୁଛନ୍ତି। ଫଳରେ ଜାତୀୟ ରାଜପଥ ଓ ରାଧାଚରଣପୁର ଶିଳ୍ପାଞ୍ଚଳରେ ପୂର୍ବରୁ ଅନେକ ଲୁଟ୍‌ପାଟ୍ ହୋଇଥିବା ନଜିର ରହିଛି। ତେବେ ବାହାର ରାଜ୍ୟର ଟ୍ରକ୍ ଓ ଡ୍ରାଇଭର ହୋଇଥିବାରୁ ଅନେକ ସମୟରେ ସେମାନେ ଭୟରେ ଥାନାରେ ଅଭିଯୋଗ କରୁନାହାନ୍ତି।

## ଜଟଣୀ ମ୍ୟୁନିସିପାଲିଟି କାର୍ଯ୍ୟାଳୟ
# ମୋ ସରକାର ନୂତନ କକ୍ଷ ଉଦ୍‌ଘାଟିତ

**ଜଟଣୀ,୨୦।୧୨(ଡି.ଏନ.ଏ.):** ଜଟଣୀ ମ୍ୟୁନିସିପାଲିଟି କାର୍ଯ୍ୟାଳୟରେ 'ମୋ ସରକାର' କାର୍ଯ୍ୟକ୍ରମର ନୂତନ କକ୍ଷ ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ନିର୍ବାହୀ ଅଧିକାରୀ ତପନ କୁମାର ମହାପାତ୍ର ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ବ୍ୟବସାୟିକ ସାର୍ଟିଫିକେଟ୍, ପ୍ରଧାନମନ୍ତ୍ରୀ ଆବାସ ଯୋଜନାର କାର୍ଯ୍ୟକାରିତା, ଗୃହ ଓ ଆଲୋକ ଟିକସ ଆଦି ବିଭିନ୍ନ ସହାୟତା ଯୋଗାଇ ଦିଆଯିବ। ଏହି ଉଦ୍‌ଘାଟନ କାର୍ଯ୍ୟକ୍ରମରେ ପରିଷଦର ସହକାରୀ ଯନ୍ତ୍ରୀ ଦୁଷ୍ମନ୍ତ କୁମାର ମହନ୍ତ, ସୁଧାକର ଦାସ ଓ ଅନେକ କର୍ମଚାରୀ ଉପସ୍ଥିତ ରହିଥିଲେ।



ନୂତନ କକ୍ଷକୁ ସହକାରୀ ଯନ୍ତ୍ରୀ ଦୁଷ୍ମନ୍ତ କୁମାର ମହନ୍ତ ଉଦଘାଟନ କରୁଛନ୍ତି ।

# ଦୁଇ ପରିବାର ମଧ୍ୟରେ ମାରପିଟ୍, ୫ ଗିରଫ

**ଖୋର୍ଦ୍ଧା ଅଫିସ,୨୦।୧୨**

ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଦୁଇ ପରିବାର ମଧ୍ୟରେ ମାର୍‌ପିଟ ହେବାରୁ ବାଣପୁର ଥାନା ପୋଲିସ ଉଭୟପକ୍ଷର ୫ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପ୍ରାପ୍ତ ସୂଚନା ଅନୁସାରେ, ମତପୋଖରିଆ ଗ୍ରାମର ଶୁକଦେବ ପାତ୍ର ଓ ରାଜୁ ପାତ୍ରଙ୍କ ପରିବାର ମଧ୍ୟରେ ଦୀର୍ଘଦିନ ହେବ ଜମିବାଡି ବିବାଦକୁ ନେଇ ଗଣ୍ଡଗୋଳ ଲାଗି ରହିଥିଲା। ତେବେ ଜଳନ୍ଧର ପାତ୍ର ଓ ତାଙ୍କର ଦୁଇ ପୁଅ ଶୁକଦେବଙ୍କ ଛେଳି ଚୋରାଇ ନେଇଥିବା ଅଭିଯୋଗ ହୋଇଥିଲା। ଗୁରୁବାର ଛେଳି ଚୋରିକୁ ନେଇ ଉଭୟ ପରିବାର ମଧ୍ୟରେ ବଚସାରୁ ମାର୍‌ପିଟ ହୋଇଥିଲା। ଉଭୟ ପକ୍ଷରୁ ଥାନାରେ ଅଭିଯୋଗ ପରେ ପୋଲିସ ନଂ. ୩୫୯/୧୯, ୩୬୦/୧୯ରେ ଦୁଇଟି ମାମଲା ରୁଜୁ କରି ତଦନ୍ତ କରିଥିଲା। ଶୁକଦେବଙ୍କ ଅଭିଯୋଗକ୍ରମେ ଜଳନ୍ଧର ପାତ୍ର, ମାର୍କଣ୍ଡ ପାତ୍ର, ବିଜୟ ପାତ୍ର, ସଞ୍ଜୟ ପାତ୍ର ଙ୍କୁ ଓ ରାଜୁ ପାତ୍ରଙ୍କର ଅଭିଯୋଗକ୍ରମେ ଶୁକଦେବଙ୍କୁ ଗିରଫ କରାଯାଇଛି।

## ବାତ୍ୟା ଫନୀକୁ ୭ ମାସ ପୂରିଲାଣି
# ରେଲୱେ କଲୋନୀରେ ଭାଙ୍ଗି ପଡ଼ିଥିବା ଗଛ ଉଠିଲାନି

**ଜଟଣୀ,୨୦।୧୨(ଡି.ଏନ.ଏ.):**

ବାତ୍ୟା ଫନୀରେ ଜଟଣୀସ୍ଥିତ ରେଲୱେ କଲୋନୀରେ ଅନେକ ବଡ ଗଛ ଭାଙ୍ଗି ଯାଇଥିଲା। ହେଲେ ବାତ୍ୟା ଫନୀକୁ ୭ ମାସ ପୂରିବା ପରେ ବି ଭାଙ୍ଗି ପଡ଼ିଥିବା ଅନେକ ଗଛ ବିପଦସଙ୍କୁଳ ଅବସ୍ଥାରେ ରହିଛି। କେଉଁଠି ରାସ୍ତା ଅବରୋଧ କରିଛି ତ ଆଉ କେଉଁଠି କ୍ୱାର୍ଟର୍ସ ଉପରେ ଝୁଲି ରହିଛି। ଏହାଦ୍ୱାରା ଯାତାୟାତରେ ଅସୁବିଧା ହେବା ସହ ଲୋକଙ୍କ ପାଇଁ ବିପଦ ସୃଷ୍ଟି କରୁଛି। ଏଠାରେ ଥିବା ଲୋକୋ କଲୋନୀ, ଟ୍ରାଫିକ୍ କଲୋନୀ, ଆକାଉଣ୍ଟସ୍ କଲୋନୀ ଆଦି ରେଲୱେ ଅଞ୍ଚଳରେ ଏପରି ଗଛମାନ ପଡ଼ିରହିଛି। ଏ ନେଇ ୧୭ ନଂ. ୱାର୍ଡ ତଥା ଟ୍ରାଫିକ କଲୋନୀ ଅଞ୍ଚଳର ପୂର୍ବତନ କାଉନସିଲର ଜଟାଧାରୀ ପ୍ରଧାନ କୁହନ୍ତି, ପଡି ରହିଥିବା ଗଛ ଯୋଗୁ ଲୋକଙ୍କୁ ବହୁ ଅସୁବିଧାରେ ସମ୍ମୁଖୀନ ହେବାକୁ ପଡୁଛି। ଏଣୁ ଏଥିପ୍ରତି ରେଲୱେ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସେ ଦାବି କରିଛନ୍ତି।



ବାତ୍ୟା ଫନୀ ସମୟରେ ରେଲୱେ କଲୋନୀରେ ଉପୁଡ଼ିଥିବା ଗଛ ରାସ୍ତା ଉପରେ ପଡିରହିଛି ।

## ବେଗୁନିଆରେ କୃଷି କ୍ଷେତ୍ର ଦିବସ
# ଧାଡ଼ି ରୁଆ ପାଇଁ ଚାଷୀଙ୍କୁ ଉତ୍ସାହିତ

**ବେଗୁନିଆ,୨୦।୧୨(ଡି.ଏନ.ଏ.):**

କୃଷି କ୍ଷେତ୍ରରେ ଉନ୍ନତ ପ୍ରଣାଳୀରେ ଚାଷ କରି କିଭଳି ଅଧିକ ଫସଲ ଅମଳ ହୋଇପାରିବ ସେ ନେଇ ମଧ୍ୟ ବହୁ ପଦ୍ଧତିକୁ ସରକାରଙ୍କ ପକ୍ଷରୁ କାର୍ଯ୍ୟକାରୀ କରାଯାଉଛି। ଖରିଫ ଋତୁରେ ଧାନ ବିହନ ଜମିରେ ବୁଣିବା ଅପେକ୍ଷା ଧାଡିରେ ତଳି ରୋଇବା ହେଉଛି। ଅନେକ ପଦ୍ଧତି ମଧ୍ୟରେ ଗୋଟିଏ ଭାରତ ସରକାରଙ୍କ ପୂର୍ବ ଭାରତରେ ସବୁଜ ବିପ୍ଳବ ଯୋଜନା(ବିଜିଆରଇଆଇ) ମାଧ୍ୟମରେ ଧାଡିରେ ଧାନ ରୋଇଲେ ୨୦ପ୍ରତିଶତ ଫସଲ ଅଧିକ ଅମଳ କ୍ଷମ ହୋଇଥାଏ। ଧାଡିରେ ଧାନ ତଳି ରୋଇବା ଦ୍ୱାରା ଗଛ ଆବଶ୍ୟକ ସୂର୍ଯ୍ୟା ଲୋକ ପାଇବା ସହ ବାୟୁ ସଞ୍ଚାଳନ ଠିକ୍ ହୋଇଥାଏ। ଏହାଦ୍ୱାରା ଫସଲରେ ରୋଗ ଏବଂ ପୋକ ପ୍ରାୟତଃ ଦେଖା ଯାଇ ନ ଥାଏ। ଏଥିସହ ଅତ୍ୟଧିକ ରାସାୟନିକ ସାର ପ୍ରୟୋଗ ନ କରି ଜୈବିକ ସାର ପ୍ରୟୋଗ ଦ୍ୱାରା ଫସଲ ଅଧିକ ଅମଳ ହେବା ସହ ସତେଜ ଦେଖାଯାଇଥାଏ। ତେବେ ଆସନ୍ତୁ ଚାଷୀଭାଇମାନେ ଆମେ ସଚେତନ ହୋଇ ଆମ କୃଷି ସମ୍ପଦକୁ ସଦ୍ ଉପଯୋଗ କରିବା। ଶୁକ୍ରବାର ଆୟୋଜିତ କୃଷି କ୍ଷେତ୍ର ଦିବସ ପାଳନ ଅବସରରେ ଏଭଳି ମହତ୍‌ବାର୍ତ୍ତା ଚାଷୀ ପରିବାରକୁ ବେଶ୍ ଉତ୍ସାହିତ କରିଥିଲା। ବେଗୁନିଆ ବ୍ଲକ ଅତିରିକ୍ତ କୃଷୀ ଅଧିକାରୀ ରତିକାନ୍ତ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ସାରୁଆ ଗାଁରେ କୃଷି କ୍ଷେତ୍ର ଦିବସ ପାଳିତ ହୋଇଥିଲା। ବେଗୁନିଆ ବିଧାୟକ ରାଜେନ୍ଦ୍ର କୁମାର ସାହୁ ମୁଖ୍ୟ ଅତିଥି ଏବଂ କୃଷି ଜିଲା ଅଧିକାରୀ ନାରାୟଣ ସେଠୀ ବକ୍ତାଭାବେ ଯୋଗ ଦେଇଥିଲେ। ସ୍ଥାନୀୟ ୨୫୦ଜଣ ମହିଳାପୁରୁଷ ଚାଷୀ ଉପସ୍ଥିତ ରହି ଧାଡି ରୁଆ କାର୍ଯ୍ୟକାରିତା ସମ୍ପର୍କରେ ଅବଗତ ହୋଇଥିଲେ। ଏଥିରେ ୫ ଜଣ ଅଗ୍ରଣୀ ଚାଷୀଙ୍କୁ ସମ୍ମାନିତ କରାଯାଇଥିଲା ବେଳେ ମୃତ୍ତିକା ସ୍ୱାସ୍ଥ୍ୟ ପ୍ରମାଣପତ୍ର ଅନ୍ୟ ୫ଜଣ ଚାଷୀଙ୍କୁ ବଣ୍ଟନ କରାଯାଇଥିଲା। ଆତ୍ମାର ଅଧ୍ୟକ୍ଷ ଶ୍ରୀନିବାସ ରାୟ, ଗଡ ମାଣତୀର ସେକ୍ଟର ସହକାରୀ କୃଷି ଅଧିକାରୀଣି ଶ୍ରାବଣୀ ମହାରଣା, କୃଷି କର୍ମଚାରୀ ପିଙ୍କି କୁମାରୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସୂଚନାଥାଉ କି ଚଳିତ ଖରିଫ ଋତୁରେ ଗଡ ମାଣତୀର ସେକ୍ଟର ଅଧୀନ ଶଗଡଭଙ୍ଗା, କୁଞ୍ଜୁରି, ଗୋବିନ୍ଦପୁର ଏବଂ ବେଗୁନିଆ ସେକ୍ଟର ପାଇଁ ସାରୁଅ ଓ ତୁଳସୀପୁର ୫ଟି କ୍ଷେତ୍ରାଞ୍ଚଳ ପାଇଁ ୫ ଶହ ହେକ୍ଟର ଧାଡିରୁଆ ଧାନ ଫସଲ ଏହି ଯୋଜନା କାର୍ଯ୍ୟକାରୀ କରାଯାଇଥିଲା। ଯଦି ଚାଷୀ ଧାନ ଫସଲ ଧାଡି ରୁଆ କରିବେ ତେବେ ସେମାନଙ୍କୁ ଏକର ପିଛା ୫ ଶହ ଟଙ୍କା ଲେଖାଏ ପ୍ରୋତ୍ସାହନ ରାଶି ଦିଆଯାଉଛି। ଏଥିସହ ବିହନ ଆବଶ୍ୟକ ଔଷଧ, କ୍ଲୋରିନ, ଅଣୁସାର,ଧନିଚା ମଞ୍ଜି ଓ ଘାସମରା ଆଦି କୃଷି ବିଭାଗ ପକ୍ଷରୁ ଯୋଗାଇ ଦିଆଯାଉଛି।



କୃଷି କ୍ଷେତ୍ର ଦିବସରେ ଯୋଗ ଦେଇଥିବା ଚାଷୀ ଓ ଅନ୍ୟମାନେ ।



ଜ୍ଞାନଠାରୁ କଳ୍ପନା ଶକ୍ତିର ଗୁରୁତ୍ୱ ଅଧିକ ବୋଲି ସବୁବେଳେ ମନେ ରଖିବା ଉଚିତ୍।
-ଆଇନ୍‌ଷ୍ଟାଇନ୍



## ସଂକ୍ଷେପରେ

### ଗୋପରେ ସିଏଏକୁ ବିରୋଧ

ଗୋପ,୨୦।୧୨(ଡି.ଏନ.ଏ.): ଗୋପର ମୁସ୍‌ଲିମ୍ ୟୁଥ୍ ଆସୋସିଏଶନ୍ ପକ୍ଷରୁ ଶୁକ୍ରବାର ନାଗରିକ ସଂଶୋଧନ ଆଇନ (ସିଏଏ) ଓ ଜାତୀୟ ନାଗରିକତା ପଞ୍ଜିକା (ଏନ୍‌ଆର୍‌ସି)କୁ ବିରୋଧ କରି ଏକ ଶୋଭାଯାତ୍ରା କରାଯାଇଥିଲା। ଏହି ଶୋଭାଯାତ୍ରା ଗୋପ ବଜାର ଶେଷ ଭାଗରୁ ବାହାରି ଗୋପ ତହସିଲ ପର୍ଯ୍ୟନ୍ତ ଯାଇଥିବାବେଳେ ସଙ୍ଗଠନ ପକ୍ଷରୁ ବିଡିଓ ଓ ତହସିଲଦାରଙ୍କୁ ଏକ ଦାବିପତ୍ର ମଧ ଦିଆଯାଇଥିଲା। ଏଥିରେ ଶତାଧିକ ସଂଖ୍ୟାଲଘୁ ସମ୍ପ୍ରଦାୟର ଯୁବକମାନେ ଯୋଗଦେଇ କେନ୍ଦ୍ର ସରକାରଙ୍କ ବିରୋଧରେ ବିଭିନ୍ନ ପ୍ରକାର ନାରାବାଜି ଦେଇଥିଲେ। ପରେ ଗୋପ ତହସିଲଠାରେ ଏକ ପ୍ରତିବାଦ ସଭା କରାଯାଇ ଭାରତରେ ନାଗରିକତା ପ୍ରଦାନକୁ ନେଇ ଉଠିଥିବା ଦ୍ୱନ୍ଦ୍ୱକୁ କେନ୍ଦ୍ର ସରକାର ଧାନ ଦେବାକୁ କର୍ମକର୍ତ୍ତାମାନେ କହିଥିଲେ। ଏହି କାର୍ଯ୍ୟକ୍ରମରେ ସୀତାମ ଆଲାମ୍ ସେକ୍, ଇଦ୍ରିସ୍ ଖାନ୍, ସରଫରାଜ୍ ଖାନ୍, ମୁସ୍ତାକ ଅଲ୍ଲୀ, କଲାମତୁଲ୍ଲା, ସଗିର୍ ଖାଁ ପ୍ରମୁଖ ଉପସ୍ଥିତ ଥିବାବେଳେ ଆଇନ୍ ଶୃଙ୍ଖଳା ନିୟନ୍ତ୍ରଣ ପାଇଁ ଗୋପ ପୋଲିସ ସହାୟତା ନିଆଯାଇଥିଲା।

### ଶିକ୍ଷା, ଶିକ୍ଷକ ବିଭାଗର ଜାତୀୟ କର୍ମଶାଳା

ପୁରୀ ଅଫିସ, ୨୦।୧୨: ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟ ଶିକ୍ଷା ଓ ଶିକ୍ଷକ ବିଭାଗର ପକ୍ଷରୁ ତିନି ଦିନ ଧରି ଚାଲିଥିବା ଜାତୀୟ କର୍ମଶାଳା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ହରିହର ହୋତା ଯୋଗ ଦେଇଥିଲେ। କଲେଜ ଅଧକ୍ଷା ପ୍ରଫେସର ସୁଜାତା ମିଶ୍ର ଉପସ୍ଥିତ ଥିଲେ। ବିଭାଗୀୟ ମୁଖ୍ୟ ତଥା କଲେଜ ଉପାଧକ୍ଷ ଡ.ଶଙ୍କର୍ଷଣ ଦାଶ ଏହି କର୍ମଶାଳାର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧରେ ପ୍ରଫେସର ମହେଶ୍ୱର ପଣ୍ଡା, ବାଲେଶ୍ୱର ବିଇଡି ତାଲିମ କେନ୍ଦ୍ରର ଅଧକ୍ଷ ପ୍ରଫେସର ହରେକୃଷ୍ଣ ସାହୁ, ଜି.ଏମ୍ ବିଶ୍ୱବିଦ୍ୟାଳର ପ୍ରଫେସର ହରିହର ଷଡ଼ଙ୍ଗୀ, ରେଭେନ୍ସା ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ଗୌରାଙ୍ଗ ଚରଣ ନନ୍ଦ, ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ଶାନ୍ତନୁ କୁମାର ସ୍ୱାଇଁ ପ୍ରମୁଖ ଅତିଥି ଭାବେ ଯୋଗଦାନ କରିଥିଲେ। ବିଭାଗର ସମସ୍ତ ଅଧାପିକା, ଅଧାପକ ସହଯୋଗ କରିଥିଲେ।

### ଅବସରପ୍ରାପ୍ତ ବାୟୁସେନା ଅଧିକାରୀ ସମ୍ମିଳନୀ

ପୁରୀ ଅଫିସ,୨୦।୧୨:ନବକଳେବର ରୋଡସ୍ଥିତ ଆଖଣ୍ଡଳମଣି ମନ୍ଦିର ପ୍ରାଙ୍ଗଣରେ ପୁରୀ ଜିଲା ଅବସରପ୍ରାପ୍ତ ବାୟୁସେନା ଅଧିକାରୀମାନଙ୍କର ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମନୋନୀତ ସଭାପତି ନରସିଂହ ମହାନ୍ତି ଏଥିରେ ଅଧକ୍ଷତା କରିଥିଲେ। ଆନୁଷ୍ଠାନିକ ଭାବେ ପୁରୀ ଏୟାରଫୋର୍ସ ଆସୋସିଏଶନ ଗଠନ କରାଯାଇଥିଲା। ସଭାକୁ ଭେଟେରାନ ଫ୍ଲାଇଟ ଲେଫ୍‌ଟନାଣ୍ଟ ବିଜୟ କୁମାର ମହାନ୍ତି ଉଦ୍‌ଘାଟନ କରିଥିଲେ। ମନୋନୀତ ସମ୍ପାଦକ ଇଂ. ବଳରାଜ ତ୍ରିପାଠୀ ଆସୋସିଏଶନର ଆବଶ୍ୟକତା ଓ କାର୍ଯ୍ୟକାରିତା ଉପରେ ଆଲୋକପାତ କରିଥିଲେ।

■ ସୁରକ୍ଷା ଜୋନ୍‌ରେ ଉଚ୍ଛେଦ ଜାରି

# ଭଙ୍ଗା ଗଲା ଭିତର ସେବାୟତ ନିଯୋଗ କୋଠା

■୨ ହାଇମାଷ୍ଟ ଲାଇଟ୍ ଖୋଲାଗଲା

■ସ୍ନାନବେଦିରୁ ହଟିଲା ଲୁହା ରେଲିଂ

ପୁରୀ ଅଫିସ, ୨୦।୧୨:

ଶ୍ରୀମନ୍ଦିର ସୁରକ୍ଷା ଜୋନ୍‌ରେ ଉଚ୍ଛେଦ ପ୍ରକ୍ରିୟା ଜାରି ରହିଛି। ଶୁକ୍ରବାର ଶ୍ରୀମନ୍ଦିର ପଶ୍ଚିମ ପାର୍ଶ୍ୱରେ ୧୮ ଡେସିମିଲ ଜମି ଉପରେ ଥିବା ଭିତର ସେବାୟତ ନିଯୋଗ କୋଠା ଭଙ୍ଗାଯାଇଛି। ଏଥିସହ ପଶ୍ଚିମ ଦ୍ୱାର ସମ୍ମୁଖରେ ଅଧା ଭଙ୍ଗା ରହିଥିବା ଘରୋଇ କୋଠା ବି ଉଚ୍ଛେଦ କରାଯାଇଥିଲା। କିନ୍ତୁ ଏହି ଘରୋଇ କୋଠା ନୂଆ ତିଆରି ଯୋଗୁ ଭାଙ୍ଗିବାରେ ଅଧିକ ସମୟ ଯାଉଛି। ଭିତର ସେବାୟତ କୋଠା ଏବଂ ଉକ୍ତ ଘରୋଇ କୋଠା ଅଧାଭଙ୍ଗା ରହିଛି। ଏହି ଉଚ୍ଛେଦ କାର୍ଯ୍ୟରେ ୫ଟି ବୁଲ୍‌ଡୋଜର ନିୟୋଜିତ ହୋଇଥିବାବେଳେ ୯ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ଥିଲେ। ଉପଜିଲାପାଳ ଭବତାରଣ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହା ଭଙ୍ଗା ଯାଇଥିଲା। ଉଚ୍ଛେଦ ସମୟରେ ଭକ୍ତଙ୍କ ଯା' ଆସରେ ଯେପରି କୌଣସି ଅସୁବିଧା ନ ହୁଏ ସେଥିପାଇଁ ବ୍ୟାରିକେଡିଂ ବ୍ୟବସ୍ଥା କରାଯାଇଥିଲା। ଶନିବାର ଅଧାଭଙ୍ଗା ଅବସ୍ଥାରେ ଥିବା ଏହି ଦୁଇଟି କୋଠା ପୁଣି ଉଚ୍ଛେଦ ହେବ ବୋଲି ଜଣାପଡିଛି।

ଆଗକୁ ବଡ଼ଦିନ ଏବଂ ନୂଆବର୍ଷ ଆସୁଥିବାରୁ ଏହି ସ୍ୱତନ୍ତ୍ର ଦିନମାନଙ୍କରେ ପୁରୀରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବ। ଏହାକୁ ଦୃଷ୍ଟିରେ ରଖି ସୁରକ୍ଷା ଜୋନ୍‌ରେ ସୌନ୍ଦର୍ଯ୍ୟକରଣ କାମ ଜାରି ରହିଛି। ମଙ୍ଗୁ ମଠ ଉଚ୍ଛେଦ ସ୍ଥଳକୁ ସମତଳ କରାଯାଇ ସେଠାରେ ଟାଇଲ ପକାଯାଉଛି। ସେହିପରି ସାନଛତା ମଠ ଉଚ୍ଛେଦସ୍ଥଳରେ ସ୍ଥାୟୀ ଜୋତାଷ୍ଟାଣ୍ଡ କାମ ଆରମ୍ଭ ହୋଇଯାଇଛି। ଏତଦ୍‌ବ୍ୟତୀତ ଦର୍ଶନାର୍ଥୀଙ୍କ ସୁବିଧା ପାଇଁ ପାନୀୟଜଳ, ଶୌଚାଳୟ ସାଙ୍ଗକୁ କିପରି ସୁରୁଖୁରୁରେ ବ୍ୟାରିକେଡରେ ମନ୍ଦିର ଭିତରକୁ ଯିବେ ସେଥିପାଇଁ ନୂଆ ବ୍ୟାରିକେଡ କାମ ଚାଲିଛି। ଏହିସବୁ କାମ ନୂଆବର୍ଷ ପୂର୍ବରୁ ସାରିବାକୁ ଲକ୍ଷ୍ୟ ରଖାଯାଇଛି। ସେହିପରି ସୌନ୍ଦର୍ଯ୍ୟକରଣ ପରିକଳ୍ପନାରେ ସିଂହଦ୍ୱାର ଅଞ୍ଚଳରେ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା କରାଯାଇଛି। ସିଂହଦ୍ୱାର ସମ୍ମୁଖ କୋଠା ଉପରେ ଏଲ୍‌ଇଡି ଲାଇଟ୍ ଦିଆଯାଇଛି। ଫଳରେ ସିଂହଦ୍ୱାର ସମ୍ମୁଖ, ଲଙ୍ଗୁଳି ଏବଂ ବଡ଼ଆଖଡା ମଠ ଉଚ୍ଛେଦସ୍ଥଳ ଝଲସୁଛି। ଅନ୍ୟପକ୍ଷରେ ଶ୍ରୀମନ୍ଦିର ଦର୍ଶନରେ ଯେପରି କୌଣସି ଅବରୋଧ ନ ରୁହେ ତାହା ଉପରେ ମଧ ଫୋକସ ରଖାଯାଇଛି। ଏଥିପାଇଁ ସିଂହଦ୍ୱାର ଉଭୟ ପାର୍ଶ୍ୱରେ ଥିବା ହାଇମାଷ୍ଟ ଲାଇଟ୍‌କୁ ଶୁକ୍ରବାର ସନ୍ଧ୍ୟାରେ ଖୋଲାଯାଇଛି। ସେହିପରି ସ୍ନାନବେଦିରେ ଲାଗିଥିବା ଲୁହା ରେଲିଂକୁ ଖୋଲି ଦିଆଯାଇଛି।



ଭିତର ସେବାୟତ ନିଯୋଗ କୋଠା ଭଙ୍ଗାଯାଉଛି।



ଶ୍ରୀମନ୍ଦିର ସ୍ନାନମଣ୍ଡପରେ ଲାଗିଥିବା ରେଲିଂକୁ ଶୁକ୍ରବାର ହଟାଯାଉଛି।

■ ବିଜୁ ପଟ୍ଟନାୟକ ହିମାଳୟ ଅଭିଯାନ

# ସତ୍ୟବାଦୀର ପର୍ବତାରୋହୀ ଅଭିଷେକ ସମ୍ମାନିତ

ସାକ୍ଷୀଗୋପାଳ,୨୦।୧୨(ଡି.ଏନ.ଏ.)



ରାଜ୍ୟ ସରକାର ଓ ଟାଟା ଷ୍ଟିଲର ମିଳିତ ଆନୁକୂଲ୍ୟରେ ଗତ ସେପ୍ଟେମ୍ବରରୁ ଆରମ୍ଭ ହୋଇଥିବା ଚତୁର୍ଥ ବିଜୁ ପଟ୍ଟନାୟକ ହିମାଳୟ ଅଭିଯାନ ସଫଳତାର ସହ ଶେଷ ହୋଇଛି। ଏଥିରେ ଭାଗ ନେଇଥିବା ୯ଜଣ ପର୍ବତାରୋହୀ ହିମାଳୟର ଷ୍ଟକ କାଙ୍ଗ୍ରିକୁ ସଫଳତାର ସହ ଆରୋହଣ କରିଥିବାରୁ ସମସ୍ତଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ଅଭିଯାନରେ ପୁରୀ ଜିଲାର ସତ୍ୟବାଦୀ ଅଞ୍ଚଳର ପର୍ବତାରୋହୀ ଅଭିଷେକ ବେହେରାଙ୍କୁ ମଧ ସମ୍ମାନିତ କରାଯାଇଛି। ଅଭିଷେକ ସ୍ଥାନୀୟ ସାକ୍ଷୀଗୋପାଳ କଲେଜର ଯୁକ୍ତ୩ ଦ୍ୱିତୀୟ ବର୍ଷର ବିଜ୍ଞାନ ଛାତ୍ର। ଗଞ୍ଜାମ ଜିଲା ଆସିକା ଆଥଲେଟିକ ଆସୋସିଏଶନ ପକ୍ଷରୁ ସ୍ଥାନୀୟ ଟାଉନ ହଲଠାରେ ଆୟୋଜିତ ମା' ଖମ୍ବେଶ୍ୱରୀ ରାଜ୍ୟସ୍ତରୀୟ ଭଲିବଲ ଟୁର୍ନାମେଣ୍ଟ-୨୦୧୯ରେ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ଆସିକାର ଏସ୍‌ଡିପିଓ ସୂର୍ଯ୍ୟମଣି ପ୍ରଧାନ ଯୋଗଦେଇ ଉତ୍ତରୀୟ ଓ ମାନପତ୍ର ପ୍ରଦାନକରି ଆରୋହଣକାରୀମାନଙ୍କୁ ସମ୍ମାନିତ କରିଥିଲେ। ଅନୁଷ୍ଠାନର ସଭାପତି ଦିଲୀପ ପାଣିଗ୍ରାହୀ ଓ ସମ୍ପାଦକ ଏମ୍.ତାରିଣୀ ସେନାପତିଙ୍କ ସମେତ ଉପସ୍ଥିତ ଅତିଥିମାନେ ପର୍ବତାରୋହୀମାନଙ୍କୁ ଭବିଷ୍ୟତରେ ଏଭରେଷ୍ଟ ଶୃଙ୍ଗ ଆରୋହଣ କରିବା ନିମନ୍ତେ ପରାମର୍ଶ ଦେଇଥିଲେ।

## ୟୁଥ୍ ଫର ସେବା ପକ୍ଷରୁ ସ୍କୁଲ କିଟ୍ ବଣ୍ଟନ

ପୁରୀ ଅଫିସ, ୨୦।୧୨ :

ୟୁଥ ଫର ସେବା ପୁରୀ ପକ୍ଷରୁ ୩ଟି ବିଦ୍ୟାଳୟରେ ପିଲାଙ୍କୁ ଶହେରୁ ଊର୍ଦ୍ଧ୍ୱ ସ୍କୁଲ କିଟ୍ ଶୁକ୍ରବାର ବଣ୍ଟନ କରାଯାଇଛି। ଏହି କିଟ୍‌ରେ ସ୍କୁଲ ବ୍ୟାଗ ସହ ଖାତା, ପାଣିବୋତଲ, କଲମ ଓ ପେନ୍‌ସିଲ୍ ରହିଛି। ସ୍ୱର୍ଗଦ୍ୱାର ସ୍ଥିତ ଶୁକଲତା ସ୍ମୃତି ବାଳିକା ବିଦ୍ୟାଳୟ, ମାର୍କଣ୍ଡେଶ୍ୱର ପ୍ରାଥମିକ ବିଦ୍ୟାଳୟ ଏବଂ ବିଦ୍ୟାଳୟର ୬ଷ୍ଠ ଶ୍ରେଣୀରେ ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ରଙ୍କୁ ଏହି କିଟ୍ ବଣ୍ଟନ କରାଯାଇଥିଲା। ଅନୁଷ୍ଠାନର ସଂଗ୍ରାମ ପାତ୍ର, ରାଜେଶ କୁମାର ଦେବତା, ଦୀପକ କୁମାର ସୁବୁଦ୍ଧିଙ୍କ ସମେତ ସୌମ୍ୟ ଓ ଭବାନୀ ପ୍ରମୁଖ ପରିଚାଳନା କରିଥିଲେ। ଗରିବ ମେଧାବୀ ଛାତ୍ରୀଛାତ୍ରଙ୍କୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ବୋଲି ଅନୁଷ୍ଠାନ ରାଜ୍ୟ ସଂଯୋଜକ ସୁବ୍ରତ କୁମାର ପଟ୍ଟନାୟକ କହିଛନ୍ତି। କୌଣସି ମେଧାବୀ ଛାତ୍ରୀଛାତ୍ର ଆବଶ୍ୟକ ଶିକ୍ଷା ଉପକରଣ ଅଭାବରୁ ଅଧାରୁ ପାଠପଢ଼ା ନ ଛାଡନ୍ତୁ ସେଥିଲାଗି ଅନୁଷ୍ଠାନ ପକ୍ଷରୁ ବିଭିନ୍ନ ବିଦ୍ୟାଳୟରେ ଏଭଳି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ବୋଲି ସେ କହିଥିଲେ।

## ସେତୁ ନିର୍ମାଣର ଶୁଭାରମ୍ଭ କଲେ ବିଧାୟକ

କଣାସ,୨୦।୧୨(ଡି.ଏନ.ଏ.)

ଟୁପୁରିଙ୍ଗି ପଞ୍ଚାୟତ ଅନ୍ତର୍ଗତ କାଳିଘଡି ଓ ପାହିଲୁଣ୍ଡି ଗ୍ରାମ ନିକଟ ଦୟାନଦୀରେ ଏକ ନୂତନ ସେତୁର ନିର୍ମାଣ କାର୍ଯ୍ୟ ଶୁଭାରମ୍ଭ ହୋଇଯାଇଛି। ବିଜୁ ସେତୁ ଯୋଜନାରେ ୫ କୋଟି ୭୦ ଲକ୍ଷ ବ୍ୟୟରେ ନିର୍ମାଣ ହେବାକୁ ଥିବା ଏହି ସେତୁର କାର୍ଯ୍ୟକୁ ବିଧାୟକ ଉମାକାନ୍ତ ସାମନ୍ତରାୟଙ୍କ ଉପସ୍ଥିତିରେ ଶୁଭାରମ୍ଭ କରାଯାଇଥିଲା। ଗତ ଫେବୃୟାରୀ ୨୦ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ସେତୁଟିର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ଉଭୟ ଗ୍ରାମର ଜନସାଧାରଣଙ୍କ ବହୁପ୍ରତୀକ୍ଷିତ ଦାବି ପୂରଣ ହେବାକୁ ଯାଉଥିବାରୁ ଗ୍ରାମର ଲୋକମାନେ ବିଧାୟକ ଶ୍ରୀ ସାମନ୍ତରାୟ ଓ ରାଜ୍ୟ ସରକାରଙ୍କ କୃତଜ୍ଞତା ଜଣାଇଥିଲେ। ପ୍ରତିଦିନ ପ୍ରତ୍ୟେକ ପରିବାରକୁ ୭୦ଲିଟର ପାନୀୟ ଜଳ କିଭଳି ମେଗା ପ୍ରୋଜେକ୍ଟ ମାଧ୍ୟମରେ ଯୋଗାଇ ଦିଆଯିବ ସେ ସମ୍ପର୍କରେ ଖୁବଶୀଘ୍ର ବ୍ୟବସ୍ଥା କରାଯିବ ବୋଲି ବିଧାୟକ କହିଥିଲେ। ଗ୍ରାମ୍ୟ ଉନ୍ନୟନ ଏସ୍‌ଡିଓ ସରୋଜ ପଣ୍ଡା, କନିଷ୍ଠଯନ୍ତ୍ରୀ ବିଶ୍ୱ ରଞ୍ଜନ ମଲ୍ଲିକ, ସମିତି ସଭ୍ୟ କେଦାର ବଳିୟାରସିଂହ, ବସନ୍ତ ଜେନା, ଯୁଧିଷ୍ଠିର ପ୍ରଧାନ, ଦିଲୀପ ରାଉତରାୟ, ଲିଙ୍ଗରାଜ ସ୍ୱାଇଁ, ସହଦେବ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ।



ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ ସେତୁ ନିର୍ମାଣର ଶୁଭାରମ୍ଭ କରୁଛନ୍ତି।

## କଇଁଛ ମାଛବଂଶ ବୃଦ୍ଧିରେ ସହାୟକ ହୋଇଥାଏ

କୃଷ୍ଣପ୍ରସାଦ,୨୦।୧୨(ଡି.ଏନ.ଏ.):

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର ରମ୍ଭା ବନ୍ୟପ୍ରାଣୀ ବନାଞ୍ଚଳ ତରଫରୁ ନବା ସମୁଦ୍ର କୂଳରେ ଶୁକ୍ରବାର ସାମୁଦ୍ରିକ କଇଁଛ ସୁରକ୍ଷା ଓ ପ୍ରଶିକ୍ଷଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସାମୁଦ୍ରିକ କଇଁଛ ବଂଶବିସ୍ତାର ଦ୍ୱାରା ମଣିଷ ଓ ପରିବେଶ ଉପରେ କିପରି ପ୍ରଭାବ ପଡିଥାଏ ସେ ନେଇ ଆଲୋଚନା ହୋଇଥିଲା। ମାଛ ଅଣ୍ଡାଗୁଡିକୁ କିଛି ଜେଲି ଓ ପ୍ରବାଳ ଜାତିର ଜୀବ ଖାଇଥାନ୍ତି। ତେବେ କଇଁଛମାନେ ଏହି ଜେଲି ଆଦି ଜୀବଗୁଡିକୁ ଖାଇଯିବାରୁ ମାଛ ବଂଶ ବୃଦ୍ଧି ଘଟିଥାଏ ବୋଲି ପ୍ରଶିକ୍ଷକ ମାନେ ବୁଝାଇଥିଲେ। କର୍ମଶାଳାରେ ରମ୍ଭା ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ ନଗେନ୍ କୁମାର ପଣ୍ଡା, ବ୍ଲକ ମୁଖ୍ୟ ପ୍ରାଣୀ ଚିକିତ୍ସକ ଦୟାନିଧି ବେହେରା, ଡେପୁଟି ରେଞ୍ଜର ରମେଶ ଚନ୍ଦ୍ର ଜାନି, ପିଟିଶାଳ ବନପାଳ ପୂର୍ଣ୍ଣଚନ୍ଦ୍ର ବେହେରା, ବନପାଳ ଜିତେନ୍ଦ୍ର କୁମାର ନାୟକ, ମାଲୁଦ ସରପଞ୍ଚ ରବୀନ୍ଦ୍ର ନାଥ ଦାସ, ସାମାଜିକ କର୍ମୀ ପ୍ରଦୀପ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ବନପାଳ ବିଶ୍ୱନାଥ ଗୁଡ୍ଡୁ, ବନରକ୍ଷୀ ଗୌରାଙ୍ଗ ପ୍ରଧାନ, ତ୍ରିଲୋଚନ ମହାରଣା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଜାନୁୟାରୀ ୧୬ରେ ନିଯୁକ୍ତି ମେଳା

ପୁରୀ ଅଫିସ, ୨୦।୧୨:

ଆସନ୍ତା ଜାନୁୟାରୀ ୧୬ ତାରିଖରେ ଜିଲାସ୍ତରୀୟ ନିଯୁକ୍ତି ମେଳା ଆୟୋଜିତ ହେବ। ତାଳବଣିଆସ୍ଥିତ ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ ପରିସରରେ ଏହି ମେଳା ଆୟୋଜିତ ହେବ। ଏଥିଲାଗି ଶୁକ୍ରବାର ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ପ୍ରାୟ ୨୫ଟି ନିଯୁକ୍ତି ସଂସ୍ଥା ଏବଂ ପ୍ରଶିକ୍ଷଣ ଅନୁଷ୍ଠାନ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ଜିଲାର ପ୍ରାୟ ୨ ହଜାର ଯୁବତୀ ଯୁବକ ମେଳାରେ ଯୋଗଦେବା ଆଶା ରଖିଛି ପ୍ରଶାସନ। ବ୍ୟାପକ ପ୍ରଚାର ପ୍ରସାର ନିମନ୍ତେ ପଞ୍ଚାୟତସ୍ତରରେ ମଧ ପଦକ୍ଷେପ ଗ୍ରହଣ କରାଯାଇଛି। ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ, ପଞ୍ଚାୟତ ପ୍ରତିନିଧିମାନଙ୍କ ମାଧମରେ ନିଯୁକ୍ତି ମେଳାରେ ଅଧିକ ସଂଖ୍ୟକ ବେକାର ଯୁବତୀ ଯୁବକ ଯୋଗଦେବା ନିମନ୍ତେ ସଚେତନ ସୃଷ୍ଟି କରାଯିବ। ଆଶୁ ଚିକିତ୍ସା କେନ୍ଦ୍ର, ଅଗ୍ନି ନିର୍ବାପକ, ସୁରକ୍ଷା, ପାନୀୟଜଳ ସୁବନ୍ଦୋବସ୍ତ କରାଯାଇଛି। ବୈଠକରେ ପୁରୀ ପୌରସଂସ୍ଥା ଅତିରିକ୍ତ ନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ, ଓର୍ମାସ ଉପ ନିର୍ବାହୀ ଅଧିକାରୀ ପ୍ରଶାନ୍ତ କୁମାର ଦାଶ, ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନର ବିଜୟ କୁମାର ମିଶ୍ର, ସମାଜ ମଙ୍ଗଳ ଅଧିକାରୀ ପୁଷ୍ପାଞ୍ଜଳି ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ସ୍ମୃତିଚାରଣ ସଭା

କୃଷ୍ଣପ୍ରସାଦ,୨୦।୧୨(ଡି.ଏନ.ଏ.):

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର ପୂର୍ବତନ ଅଧକ୍ଷ ତଥା ସାମାଜିକ କର୍ମୀ ସନାତନ ଜେନାଙ୍କ ଦ୍ୱାଦଶାହରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା, ଚିଲିକା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ, ପୂର୍ବତନ ବ୍ଲକ ଅଧକ୍ଷ ଲକ୍ଷ୍ମୀଧର ସାହୁ, ବରିଷ୍ଠ ନେତା ହେମନ୍ତ କୁମାର ଜେନା, ଜିଲା ପରିଷଦ ସଭ୍ୟା ପ୍ରଭାତୀ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ ।

## କୋଣାର୍କ ସାମ୍ବାଦିକ ସଂଘର ବନ୍ଧୁମିଳନ

କୋଣାର୍କ,୨୦।୧୨(ଡି.ଏନ.ଏ.)

କୋଣାର୍କସ୍ଥିତ ମା' ଭଗବତୀ ପୀଠରେ ଶୁକ୍ରବାର କୋଣାର୍କ ସାମ୍ବାଦିକ ସଂଘ ପକ୍ଷରୁ ବନ୍ଧୁମିଳନ ଓ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ଜ୍ୟୋତିରାଜ ମହାନ୍ତିଙ୍କ ଅଧକ୍ଷତାରେ ଏହି ବୈଠକରେ ଆଗାମୀ ଦିନରେ ସଂଘ ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ, ସଫେଇ, ସାଙ୍ଗଠନିକ ଦକ୍ଷତା ବୃଦ୍ଧି, ନିରାଶ୍ରୟ ଲୋକଙ୍କୁ ନ୍ୟାୟ ପ୍ରଦାନ ସହ ଜନସଚେତନତା ସୃଷ୍ଟି ଦିଗରେ ପଦକ୍ଷେପ ଗ୍ରହଣ କରିବା ପାଇଁ ଆଲୋଚନା ହୋଇଥିଲା। ଏଥିରେ ସଂଘ ସମ୍ପାଦକ ମନୋରଞ୍ଜନ ପଣ୍ଡା, ଖବରଦାତା ଭାଗୀରଥି ସ୍ୱାଇଁ, ସୁକାନ୍ତ ବିଶ୍ୱାଳ, ଉପଦେଷ୍ଟା ମହେଶ୍ୱର ସାମଲ, ଅକ୍ଷୟ ନାୟକ, ନିର୍ମଳ ପ୍ରଧାନ, ସନ୍ତୋଷ ରାୟ, ହରିଶଚନ୍ଦ୍ର ଦାଶ, କୋଷାଧକ୍ଷ ପ୍ରଦୀପ ଛାଟୋଇ, ଗଣେଶ ବେହେରା, ପ୍ରଦୀପ୍ତ ଚାନ୍ଦ, ପ୍ରମୋଦ ଗୋଚ୍ଛାୟତ ପ୍ରମୁଖ ଯୋଗଦେଇଥିଲେ।

■ନିର୍ମାଣକୁ ୧୩ ବର୍ଷ ବିତିଲା, ଖୋଲୁନି ପାଠାଗାର

# ମୂଲ୍ୟବାନ ପୁସ୍ତକ ଖତ ଖାଉଛି

ପୁରୀ ଅଫିସ, ୧୨।୧୨:

ପୁରୀ ଚନ୍ଦନପୁର ନିକଟ ଐତିହ୍ୟ ଗ୍ରାମ ରଘୁରାଜପୁରରେ ୨୦୦୭ ମସିହାରେ ଗ୍ରାମୀଣ ପର୍ଯ୍ୟଟନ ବିକାଶ ଯୋଜନାରେ ପାଠାଗାର ନିମନ୍ତେ ନୂଆଦିଲ୍ଲୀସ୍ଥିତ ଏକ ଫାଉଣ୍ଡେଶନ ପକ୍ଷରୁ ୪୬ଲକ୍ଷ ଟଙ୍କା ଅନୁଦାନରେ ଏକ ଠିକା ସଂସ୍ଥା ଦ୍ୱାରା ଦୁଇମହଲା କୋଠା ନିର୍ମାଣ କରାଯାଇଥିଲା। ଇତିମଧରେ ୧୩ବର୍ଷ ବିତିଗଲାଣି। ବର୍ତ୍ତମାନ ସୁଦ୍ଧା ଏହା କାର୍ଯ୍ୟକ୍ଷମ ହୋଇପାରି ନାହିଁ। ଏବେ ଏହି କୋଠା ଜଣେ ଖାଉଟି ଡିଲରଙ୍କ ଗୋଦାମ ଘର ପାଲଟିଛି। ହେରିଟେଜ ପାଠାଗାର ଲକ୍ଷ୍ୟରେ ନିର୍ମାଣ ହୋଇଥିବା ଏହି କୋଠା ଏବେ ସମ୍ପୃକ୍ତ ବ୍ୟକ୍ତିଙ୍କ ଜବରଦଖଲରେ ରହିଛି। ଏହାକୁ ନେଇ ବିବାଦ ମୁଣ୍ଡ ଟେକିଛି। ଅନ୍ୟପଟେ ଏହି ପାଠାଗାର ଲାଗି ରାଜା ରାମମୋହନ ରାୟ ଫାଉଣ୍ଡେଶନ ପକ୍ଷରୁ ଗତ ୩ବର୍ଷ ଧରି ଲକ୍ଷାଧିକ ଟଙ୍କାର ବହୁ ମୂଲ୍ୟବାନ ପୁସ୍ତକ ଆସୁଛି। ପାଠଗାର କାର୍ଯ୍ୟକ୍ଷମ ହୋଇ ନ ଥିବାରୁ ଏହି ପୁସ୍ତକଗୁଡ଼ିକ କୋଠ ଘରେ ପଡ଼ି ରହି ଖତଖାଉଛି। କେତେକ ବହିରେ ଉଇ ଲାଗିଲାଣି ତ ଆଉ କେତେକ ବହି ଚିରିଯାଇ ନଷ୍ଟ ହୋଇଗଲାଣି। ଏ ନେଇ ଗ୍ରାମ କମିଟି ସଭାପତି ବିଶ୍ୱନାଥ ସ୍ୱାଇଁଙ୍କୁ ପଚାରିବାରେ ସେ ଘଟଣାକୁ ଏଡ଼ାଇ ଯାଇଥିଲେ। ତେବେ ଏ ସମ୍ପର୍କରେ ପର୍ଯ୍ୟଟନ ବିଭାଗ ସହନିର୍ଦ୍ଦେଶକ ବିଜୟ ଜେନାଙ୍କୁ ପଚାରିବାରେ କହିଛନ୍ତି, ଏହି କୋଠା କିଏ ନିର୍ମାଣ କରିଥିଲେ ତାହାର ଠିକ୍ ତଥ୍ୟ ନାହିଁ। ରୁରାଲ ଟୁରିଜମ୍ ଯୋଜନାରେ ଏଥିଲାଗି ଅନୁଦାନ ଆସିଥିଲା। କୋଠା ଅବ୍ୟବହୃତ ରହିଥିବା ଜଣାପଡ଼ିବା ପରେ ତତ୍କାଳୀନ ଜିଲାପାଳଙ୍କ ଉପସ୍ଥିତିରେ ତାହାକୁ ଗ୍ରାମ କମିଟିକୁ ହସ୍ତାନ୍ତର କରାଯାଇଥିଲା। ଯଦି କୌଣସି ବ୍ୟକ୍ତି ସେହି କୋଠାକୁ ଜବରଦସ୍ତି ନିଜ ଅଧୀନରେ ରଖିଛନ୍ତି, ଗ୍ରାମବାସୀଙ୍କ ପକ୍ଷରୁ ଅଭିଯୋଗ ଆସିଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।



ବନ୍ଦ ହୋଇପଡିଥିବା ଲାଇବ୍ରେରି।

# ଶ୍ରୀକ୍ଷେତ୍ରକୁ ଜଗିଛି ଅଚଳ ସିସିଟିଭି କ୍ୟାମେରା

ଦୁଘପୁରୀ ଅଫିସ, ୧୪।୧୨:

ଅନ୍ତର୍ଜାତୀୟ ପର୍ଯ୍ୟଟନ ସହର ଶ୍ରୀକ୍ଷେତ୍ର। ଦୈନିକ ଏଠାକୁ ଦେଶ ବିଦେଶର ଲକ୍ଷାଧିକ ଭକ୍ତ ଆସିଥାନ୍ତି। ସେମାନେ ମହାପ୍ରଭୁଙ୍କ ଦର୍ଶନ କରିବା ସହିତ ବେଳାଭୂମିର ମଜା ନେଇଥାନ୍ତି। ଶ୍ରୀମନ୍ଦିର ସୁରକ୍ଷା ଏବଂ ଅପରାଧିକ ଗତିବିଧି ଉପରେ ନଜର ରଖିବା ଲାଗି ପୁରୀ ସହରର ବିଭିନ୍ନ ସ୍ଥାନରେ ସିସିଟିଭି କ୍ୟାମେରା ଲଗାଯାଇଛି। ଶ୍ରୀମନ୍ଦିର ଭିତର, ବାହାର ସମେତ ବଡଦାଣ୍ଡ, ମେଡିକାଲ ଛକ, କୋର୍ଟ, ସମୁଦ୍ରକୂଳ ରାସ୍ତା, ସିଟି ରୋଡ, ସ୍ୱର୍ଗଦ୍ୱାର, ଜାତୀୟ ରାଜପଥ ପ୍ରବେଶ ପଥ ପ୍ରଭୃତି ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ୧୫୦ରୁ ଊର୍ଦ୍ଧ୍ୱ ସିସିଟିଭି କ୍ୟାମେରା ଲାଗିଛି। ତେବେ ଫନୀ ବାତ୍ୟାରେ ସମସ୍ତ ସିସିଟିଭି କ୍ୟାମେରା ନଷ୍ଟ ହୋଇଯାଇଥିଲା। ରଥଯାତ୍ରା ସମୟରେ କେତୋଟିକୁ ମରାମତି କରାଯାଇଥିଲେ ମଧ କେବଳ ଶ୍ରୀମନ୍ଦିର ପରିସର ବ୍ୟତୀତ ଅନ୍ୟଗୁଡ଼ିକ ଅଚଳ ରହିଛି। ଫଳରେ ଅପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଇଛି। ଗତ ଏକ ମାସ ମଧରେ ଘଟିଥିବା ୩ଟି ବଡ ଲୁଟ ଘଟଣାରେ ବର୍ତ୍ତମାନ ସୁଦ୍ଧା କୌଣସି ସୁରାକ ପାଇପାରିନି ପୋଲିସ। କଲେଜ ରୋଡ଼ରେ ଜଣେ ମହିଳାଙ୍କଠାରୁ ସୁନାଗହଣା ଲୁଟ, ବଡଶଙ୍ଖଠାରେ ଜଣେ ବରିଷ୍ଠ ନାଗରିକଙ୍କୁ ବନ୍ଧୁକ ଦେଖାଇ ୧୦ଲକ୍ଷ ଟଙ୍କା ଲୁଟ୍, ବଡଦାଣ୍ଡରେ ଦଶଟଙ୍କିଆ ନୋଟ ପକାଇ କାର୍ ଓ ବାଇକ ଡିକିରୁ ଲକ୍ଷାଧିକ ଟଙ୍କା ଲୁଟ୍ ଘଟଣାକୁ ଉଦାହରଣ ଭାବେ ନିଆଯାଇପାରେ।

ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବା ଲାଗି ଜାତୀୟ ସୁରକ୍ଷା ସଂସ୍ଥା (ଏନ୍‌ଏସ୍‌ଏ) ବାରମ୍ବାର ରାଜ୍ୟ ସରକାରଙ୍କୁ ତାଗିଦ୍ କରିଛନ୍ତି। ୱାଚ୍ ଟାୱାର ଓ ସିସିଟିଭି କ୍ୟାମେରା ବ୍ୟବସ୍ଥାକୁ ଅଧିକ ସୁଦୃଢ କରିବା ଲାଗି ପରାମର୍ଶ ଦେଇଛନ୍ତି। ଏହାସତ୍ତ୍ୱେ ପ୍ରଶାସନ ଖାମଖିଆଲି ମନୋଭାବ ପ୍ରଦର୍ଶନ କରୁଛି ବୋଲି ଯୁବ ସାମାଜିକ କର୍ମୀ ପ୍ରତାପ ଶତପଥୀ ଅଭିଯୋଗ କରିଛନ୍ତି। ତୁରନ୍ତ ସମସ୍ତ ସିସିଟିଭି କ୍ୟାମେରା ମରାମତି କରାଯିବାକୁ ସେ ଦାବି କରିଛନ୍ତି। ଏ ନେଇ ଏସ୍‌ପି ଉମାଶଙ୍କର ଦାଶ କହିଛନ୍ତି, ଫନୀ ପରଠାରୁ ସିସିଟିଭି କ୍ୟାମେରାଗୁଡ଼ିକ ଅଚଳ ହୋଇପଡ଼ିଥିଲା। ରଥଯାତ୍ରା ସମୟରେ ମୁଖ୍ୟ ସ୍ଥାନରେ ଲାଗିଥିବା ସିସିଟିଭି କ୍ୟାମେରାଗୁଡ଼ିକୁ ମରାମତି କରାଯାଇଥିଲା। ଶ୍ରୀମନ୍ଦିର, ବଡଦାଣ୍ଡ ସିସିଟିଭି କ୍ୟାମେରା ସକ୍ରୀୟ ରହିଛି। ଅନ୍ୟ ସ୍ଥାନରେ ଖୁବ୍‌ଶୀଘ୍ର ସିସିଟିଭି କ୍ୟାମେରା କାର୍ଯ୍ୟକ୍ଷମ କରାଯିବ। ଶ୍ରୀମନ୍ଦିର, ଭକ୍ତ ଓ ପର୍ଯ୍ୟଟକଙ୍କ ସୁରକ୍ଷା ପ୍ରତି ପୋଲିସ ସଜାଗ ରହିଛି। ଅପରାଧ କ୍ଲିନ ଡ୍ରାଇଭ ଚାଲିଛି। କୌଣସି ପ୍ରକାର ଅପରାଧିକ କାର୍ଯ୍ୟକୁ ପ୍ରଶ୍ରୟ ଦିଆଯିବ ନାହିଁ।



ପୁରୀ ସହରର ଏକ ଜନଗହଳିପୂର୍ଣ୍ଣ ସ୍ଥାନରେ ଅଚଳ ହୋଇପଡିଥିବା ସିସିଟିଭି ।